# ଠାକୁର ପ୍ରସଙ୍ଗ



Vol. XXII No. 6 UTKAL PRASANGA Regd. No. O 5/87
Licence No. C. R. N. P. 5 / Licensed to post without Pre-Payment




ଓଡ଼ିଶା ରାଜ୍ୟ ବାର୍ କାଉନ୍‌ସିଲ୍‌ର ରୌପ୍ୟ ଜୟନ୍ତୀ ଉଦ୍‌ଘାଟନ ଉତ୍ସ
ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀ . . .



ନୂଆଦିଲ୍ଲୀରେ







ଓଡ଼ିଶା ଦିବସ

# ଉତ୍କଳ ପ୍ରସଙ୍ଗ

ମାଘ ୧୯୦୮ ଶକାବ୍ଦ ୪୩ ଭାଗ ୭ ସଂଖ୍ୟା ଫେବୃଆରି ୧୯୮୭

● ସମ୍ପାଦନା ମଣ୍ଡଳୀ

ନିର୍ଦ୍ଦେଶକ : ଶ୍ରୀ ଫଣୀ ଭୂଷଣ ଦାସ

ସମ୍ପାଦକ : ଶ୍ରୀ ମଦନ ମୋହନ ମିଶ୍ର

ସହ ସମ୍ପାଦକ : ପ୍ରହରାଜ ସତ୍ୟନାରାୟଣ ନନ୍ଦ

ସହଯୋଗୀ ସମ୍ପାଦକ : ଶ୍ରୀ ସୁରେନ୍ଦ୍ର କୁମାର ପଟ୍ଟନାୟକ

●

ମୁଖ୍ୟ ସମ୍ପାଦକ

ଶ୍ରୀ ସତ୍ୟାନନ୍ଦ ଚମ୍ପତିରାୟ

● ପ୍ରଚ୍ଛଦପଟ

ଶ୍ରୀ ପ୍ରଦ୍ୟୁମ୍ନ କୁମାର ଦାଶ

ପ୍ରକାଶନ : ସୂଚନା ଓ ଲୋକ ସମ୍ପର୍କ ବିଭାଗ,
ଓଡ଼ିଶା ସରକାର, ଭୁବନେଶ୍ୱର

ମୁଦ୍ରଣ :
ଓଡ଼ିଶା ସରକାରୀ ମୁଦ୍ରଣାଳୟ, କଟକ

ବାର୍ଷିକ ଦେୟ : ୨୦.୦୦

ପ୍ରତି ଖଣ୍ଡ : ୨.୦୦

ଓଡ଼ିଶା ସରକାରଙ୍କ ବିଭିନ୍ନ କାର୍ଯ୍ୟ, ସରକାରୀ ଘୋଷଣା ଓ ଅନ୍ୟାନ୍ୟ ଦରକାରୀ ତଥ୍ୟର ସଂକ୍ଷିପ୍ତ ବିବରଣ "ଉତ୍କଳ ପ୍ରସଙ୍ଗ"ରେ ପ୍ରକାଶିତ ହୋଇଥାଏ । ଏହା ବ୍ୟତୀତ ଅନେକ ବିଷୟ ସଂକ୍ଷିପ୍ତ ଆକାରରେ ମଧ୍ୟ ଏହି ପତ୍ରିକାରେ ପ୍ରକାଶ କରାଯାଇଥାଏ । ସେଭଳି ବିଷୟକୁ ସମ୍ପୂର୍ଣ୍ଣ ଓ ଅନୁମୋଦିତ ମୂଳ ପାଠବୋଲି ଭାବିବା ଉଚିତ ନୁହେଁ ।

**'ଉତ୍କଳ ପ୍ରସଙ୍ଗ'** ଓଡ଼ିଶା ସରକାରଙ୍କ ସୂଚନା ଓ ଲୋକ ସମ୍ପର୍କ ବିଭାଗ ତରଫରୁ ପ୍ରକାଶ ପାଉଥିଲେ ମଧ୍ୟ ଏହି ପତ୍ରିକାରେ ପ୍ରକାଶିତ ମତାମତ ଓ ଚିନ୍ତାଧାରା ସମ୍ପୂର୍ଣ୍ଣଭାବରେ ଓଡ଼ିଶା ସରକାରଙ୍କର ବୋଲି ବୁଝିବାକୁ ହେବ ନାହିଁ ।

# ସୂଚୀପତ୍ର


| | | |
|---|---|---|
| ବିଧାନ ସଭାରେ ରାଜ୍ୟପାଳଙ୍କ ଅଭିଭାଷଣ .. | ଶ୍ରୀ ବିଶ୍ୱମ୍ଭର ନାଥ ପାଣ୍ଡେ | .. .. |
| ଜାତୀୟ ଚେତନାର କର୍ଣ୍ଣଧାର: ଶ୍ରୀ ରାମକୃଷ୍ଣ ଓ ବିବେକାନନ୍ଦ । | ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ | .. ୧ |
| ଓଡ଼ିଶାରେ କପାଚାଷ .. | ଶ୍ରୀ ରାସବିହାରୀ ବେହେରା | .. ୩ |
| ଯୁଗଜ୍ୟୋତି ବିବେକାନନ୍ଦ .. | ଶ୍ରୀ କାର୍ତ୍ତିକେଶ୍ୱର ପାତ୍ର | .. ୫ |
| ଆଦିବାସୀ ସମାଜ ଓ ସ୍ୱାମୀ ବିବେକାନନ୍ଦ .. | ସ୍ୱାମୀ ବୈରାଗ୍ୟାନନ୍ଦ | .. ୭ |
| ନବ ଯୁଗର ଅରୁଣୋଦୟ .. | ଡକ୍ଟର ଜାନକୀ ବଲ୍ଲଭ ମହାନ୍ତି | .. ୧୦ |
| ବିଶ୍ୱଧର୍ମ ସଭା .. | ଶ୍ରୀ ହୃଦାନନ୍ଦ ରାୟ | .. ୧୫ |
| ଯୁଗପୁରୁଷ ସ୍ୱାମୀ ବିବେକାନନ୍ଦ .. | ଡକ୍ଟର ଚକ୍ରପାଣି ମିଶ୍ର | .. ୨୧ |
| ଯୁବସମାଜ ପ୍ରତି ଆହ୍ୱାନ .. | ଶ୍ରୀ ପ୍ରଶାନ୍ତ କୁମାର ମିଶ୍ର | .. ୨୫ |
| ସଫଳ କାହାଣୀ .. | .. | .. ୨୯ |
| ଓ. ଟି. ଏମ୍. ବିଶ୍ୱ ଦରବାରରେ ସମ୍ମାନିତ .. | .. | .. ୩୪ |
| ପ୍ରଗତି ପ୍ରସଙ୍ଗ .. | .. | .. ୩୬ |
| ପ୍ରଜାର ଭଗବାନ .. | ଶ୍ରୀ କିଶୋରୀ ଚରଣ ଦାସ | .. ୪୫ |
| ସ୍ୱାମୀ ବିବେକାନନ୍ଦ ଓ ଯୁବସମାଜ .. | ଶ୍ରୀ ସୌରୀବନ୍ଧୁ କର | .. ୪୭ |
| ସନ୍ନ୍ୟାସୀ ସ୍ୱାମୀମାନଙ୍କର ଅବଦାନ .. | ଅଧ୍ୟାପକ ପ୍ରଫୁଲ୍ଲ କୁମାର ମହାନ୍ତି | .. ୫୦ |
| ଓଡ଼ିଶାର ବନ୍ୟପ୍ରାଣୀ .. | ଶ୍ରୀ ଶରତ କୁମାର ମିଶ୍ର | .. ୫୨ |
| ସ୍ୱାମୀଜୀଙ୍କ ସମ୍ପର୍କରେ ସେମାନେ .. | | .. ୫୫ |

# ବିଧାନ ସଭା ଅଧିବେଶନରେ ରାଜ୍ୟପାଳଙ୍କ ଅଭିଭାଷଣ



1. ବିଧାନ ସଭାର ଏହି ପଞ୍ଚମ ଅଧିବେଶନକୁ ମାନ୍ୟବର ସଭ୍ୟମାନଙ୍କୁ ମୁଁ ଆନନ୍ଦର ସହିତ ସ୍ୱାଗତ କରୁଛି । ଆପଣମାନଙ୍କୁ ମୋର ଶୁଭେଚ୍ଛା ଜଣାଇବା ସଙ୍ଗେ ସଙ୍ଗେ ଆପଣମାନଙ୍କ ଜରିଆରେ ଓଡ଼ିଶାର ଜନସାଧାରଣଙ୍କୁ ମୋର ଶୁଭେଚ୍ଛା ଜ୍ଞାପନ କରୁଛି ।

2. ଆଜି ଆମେ ଏପରି ସମୟରେ ଏଠି ସମବେତ ହୋଇଛୁ ଯେତେବେଳେ ଡ଼କ୍ଟର ହରେକୃଷ୍ଣ ମହତାବଙ୍କ ଦାରୁଣ ବିୟୋଗ ଆମ ସମସ୍ତଙ୍କୁ ମର୍ମାହତ କରିଛି । ଡ଼କ୍ଟର ମହତାବ ଥିଲେ ଏକ ବହୁମୁଖୀ ପ୍ରତିଭାସଂପନ୍ନ ବ୍ୟକ୍ତିତ୍ୱ ଏବଂ କେବଳ ଶାସନ କ୍ଷେତ୍ରରେ ନୁହେଁ, ସାହିତ୍ୟ, ସାମ୍ବାଦିକତା, ସଂସ୍କୃତି ଓ ଗବେଷଣା କ୍ଷେତ୍ରରେ ମଧ୍ୟ ସେ ତାଙ୍କର ଅମ୍ଳାନ କୃତି ଛାଡ଼ିଯାଇଛନ୍ତି । ସେ ଯେ କେବଳ ଇତିହାସ ଲେଖିଥିଲେ ତା' ନୁହେଁ, ସେ ନିଜେ ଇତିହାସ ସୃଷ୍ଟି କରିଥିଲେ । ଏହା ଆମ ପାଇଁ ଏକ ଅପୂରଣୀୟ କ୍ଷତି । ଶ୍ରୀମତୀ ସରଳା ଦେବୀ, ଶ୍ରୀ ଗୋପାଳ ପ୍ରଧାନ, ଶ୍ରୀ କପିଳ ପ୍ରସାଦ ନନ୍ଦ ଓ ଶ୍ରୀ ଗଦାଧର ଗିରି ଏହି ଗୃହର ବିଶିଷ୍ଟ ସଭ୍ୟ ଥିଲେ ଏବଂ ଏହି ଗୃହକୁ ଅଳଙ୍କୃତ କରିଥିଲେ । ଆଜି ସେମାନେ ଆଉ ନାହାନ୍ତି । ମୋ' ସହିତ ଆପଣମାନେ ଗଭୀର ଶୋକ ପ୍ରକାଶ କରିବା ସଙ୍ଗେ ସଙ୍ଗେ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇବାପାଇଁ ମୁଁ ଅନୁରୋଧ କରୁଛି ।

3. ବିଭିନ୍ନ କ୍ଷେତ୍ରରେ ମୋ' ସରକାରଙ୍କର ସଫଳତା ଓ କାର୍ଯ୍ୟକ୍ରମ ଉପସ୍ଥାପନା କରିବା ପୂର୍ବରୁ ୧୯୮୬ରେ ଆମ ରାଜ୍ୟ ଯେଉଁ ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା, ସେ ସଂପର୍କରେ ମୁଁ ସଂକ୍ଷିପ୍ତ ସୂଚନା ଦେବାକୁ ଚାହେଁ । ଆପଣମାନେ ଜାଣନ୍ତି ଯେ ଏଗାରଟି ଜିଲ୍ଲାରେ ବନ୍ୟାର ପ୍ରକୋପ ଫଳରେ ବହୁ ଲୋକ ଓ ଗୋରୁଗାଈ ମୃତ୍ୟୁବରଣ କରିଥିଲେ ତଥା ସରକାରୀ ଓ ବେସରକାରୀ ସଂପତ୍ତିର କ୍ଷୟକ୍ଷତି ଘଟିଥିଲା । ସରକାର ଯଥାସମ୍ଭବ ସମ୍ବଳ ବିନିଯୋଗକରି ରିଲିଫ୍ ଓ ପୁନର୍ବସତି କାର୍ଯ୍ୟକୁ ନିଷ୍ଠାର ସହିତ କାର୍ଯ୍ୟକାରୀ କରିଥିଲେ । ଅଗଷ୍ଟ ଓ ସେପ୍ଟେମ୍ବର ମାସରେ ଆମ ରାଜ୍ୟରେ ବର୍ଷାର ଅଭାବ ଯୋଗୁଁ ପଶ୍ଚିମାଞ୍ଚଳର ଜିଲ୍ଲାମାନଂକରେ ଶସ୍ୟ ଉତ୍ପାଦନ ବିଶେଷଭାବେ ବ୍ୟାହତ ହୋଇଥିଲା । ଯଥାସମ୍ଭବ ସମ୍ବଳ ବିନିଯୋଗ କରାଯାଇ ଶସ୍ୟରକ୍ଷା ପାଇଁ ଆପ୍ରାଣ ଉଦ୍ୟମ କରାଯାଇଥିଲା ଏବଂ ରିଲିଫ୍ କାର୍ଯ୍ୟରେ ରାଜ୍ୟ ସରକାର ନିଜର ସମ୍ବଳ ଓ କେନ୍ଦ୍ର ସରକାରଙ୍କଠାରୁ ମିଳିଥିବା ସାହାଯ୍ୟ ବିନିଯୋଗ କରିଥିଲେ ।

## ରାଜ୍ୟପାଳଙ୍କ ଅଭିଭାଷଣ

4. ସପ୍ତମ ପଞ୍ଚବାର୍ଷିକ ଯୋଜନାର ଦ୍ୱିତୀୟ ବର୍ଷ ଆଉ ଅଳ୍ପ ଦିନ ପରେ ସମାପ୍ତ ହେବ। ଏହି ଯୋଜନାର ତୃତୀୟ ବର୍ଷ ଅର୍ଥାତ୍ 1987-88 ପାଇଁ ଆମ ରାଜ୍ୟ 750 କୋଟି ଟଙ୍କା ପାଇଛି । ଚଳିତ ବର୍ଷପାଇଁ ଉଦ୍ଦିଷ୍ଟ ଥିବା ଅର୍ଥଠାରୁ ଏହା ପ୍ରାୟ ଶତକଡ଼ା ୨୪ ଭାଗ ଅଧିକ କର୍ମ-ସଂସ୍ଥାନ ସୃଷ୍ଟି, ଦାରିଦ୍ର୍ୟ ଦୂରୀକରଣ ତଥା ସାମାଜିକ ନ୍ୟାୟ ଓ ସାମ୍ୟର ମୂଳ ଲକ୍ଷ୍ୟ ଆସନ୍ତା ବାର୍ଷିକ ଯୋଜନାରେ ପ୍ରତିଫଳିତ ହୋଇଛି । ଅସଂପୂର୍ଣ୍ଣ ଯୋଜନାଗୁଡ଼ିକୁ ସୀମିତ ସମୟ ଭିତରେ ସଂପୂର୍ଣ୍ଣ କରିବା ପାଇଁ ଅଗ୍ରାଧିକାର ଦିଆଯିବା ସଙ୍ଗେ ସଙ୍ଗେ ଅଧିକ ଖାଦ୍ୟଶସ୍ୟ ଉତ୍ପାଦନ ତଥା ଜଳସେଚନ ଓ ବିଦ୍ୟୁତ୍ ବ୍ୟବସ୍ଥାର ଦୃଢ଼ୀକରଣ ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଛି । ଉତ୍ପାଦନ-ଭିତ୍ତିକ କର୍ମସଂସ୍ଥାନ ସୃଷ୍ଟି କରି ସମାଜର ଦୁର୍ବଳଶ୍ରେଣୀ ଲୋକମାନଙ୍କର ସାମାଜିକ ଓ ଅର୍ଥନୈତିକ ଅବସ୍ଥାର ଉନ୍ନତି ଦିଗରେ ମଧ୍ୟ ବିଶେଷ ଧ୍ୟାନ ଦିଆଯାଉଛି । ଗ୍ରାମ୍ୟ ଅର୍ଥନୀତିକୁ ସୁଦୃଢ଼ କରିବାପାଇଁ ଉଦ୍ଦିଷ୍ଟ ବିଂଶସୂତ୍ରୀ କାର୍ଯ୍ୟକ୍ରମ ଉପରେ ଆସନ୍ତା ବାର୍ଷିକ ଯୋଜନାରେ ବିଶେଷ ଗୁରୁତ୍ୱ ଦିଆଯାଇଛି ।

5. ଯୋଜନାର କାର୍ଯ୍ୟକ୍ରମଗୁଡ଼ିକୁ ସୁଷ୍ଠୁରୂପେ ସଂପାଦନ କରିବାପାଇଁ ରାଜ୍ୟ ଯୋଜନା ବୋର୍ଡର ପରାମର୍ଶକୁ ଭିତ୍ତି କରି ଏକ ସୁସଂହତ ଯାଞ୍ଚ ବ୍ୟବସ୍ଥା ପ୍ରଚଳନ କରାଯାଉଛି । ଯୋଜନା ପ୍ରଣାଳୀର ବିକେନ୍ଦ୍ରୀକରଣ ଉଦ୍ଦେଶ୍ୟରେ ନୂତନଭାବରେ ଗଠିତ ଜିଲ୍ଲା ଯୋଜନା କମିଟି ଓ ଜିଲ୍ଲା ଯୋଜନା କେନ୍ଦ୍ର ସହିତ ଏହି ବ୍ୟବସ୍ଥାକୁ ସଂଯୁକ୍ତ କରାଯାଇଛି ।

6. ରାଜ୍ୟର ସବୁଠାରୁ ଅବହେଳିତ ଲୋକଙ୍କର ଆବଶ୍ୟକତା ଓ ଆକାଂକ୍ଷା ପୂରଣ କରିବାର ପ୍ରତିଶ୍ରୁତି ମୋ' ସରକାରଙ୍କ ସମସ୍ତ ଉଦ୍ୟମକୁ ଅନୁପ୍ରାଣିତ କରି ଆସିଛି । ଗ୍ରାମାଞ୍ଚଳରୁ ଦାରିଦ୍ର୍ୟ ଦୂର କରିବା ପାଇଁ କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରବର୍ତ୍ତିତ କାର୍ଯ୍ୟକ୍ରମ ଏବଂ ଗ୍ରାମାଞ୍ଚଳର ଦରିଦ୍ରତମ ଲୋକଙ୍କ ପାଇଁ ଆମ ରାଜ୍ୟ ତରଫରୁ କାର୍ଯ୍ୟକାରୀ ହେଉଥିବା ଅର୍ଥନୈତିକ ଥଇଥାନ କାର୍ଯ୍ୟକ୍ରମରେ ଏହି ପ୍ରତିଶ୍ରୁତିର ପ୍ରତିଫଳନ ଲକ୍ଷ୍ୟ କରିହେବ । ଆପଣମାନେ ଜାଣନ୍ତି ଯେ କେତେକ ଐତିହାସିକ କାରଣରୁ ଆମ ରାଜ୍ୟର ବହୁ ଆଦିବାସୀ ଓ ହରିଜନ ଦାରିଦ୍ର୍ୟ ସୀମାରେଖା ତଳେ ରହିଛନ୍ତି ଏବଂ ଆମର ସମସ୍ତ ସାହାଯ୍ୟ - କାର୍ଯ୍ୟକ୍ରମରେ ସେମାନଙ୍କୁ ଅଗ୍ରାଧିକାର ଦେବା ଆମର ଲକ୍ଷ୍ୟ । କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶ ଅନୁସାରେ ଉପକୃତ ଦରିଦ୍ର ଲୋକଙ୍କ ଭିତରୁ ଅନ୍ୟୁନ ଶତକଡ଼ା 30 ଭାଗ ହରିଜନ ଓ ଆଦିବାସୀ ପରିସରଭୁକ୍ତ ହେବା କଥା । ମୁଁ ଆନନ୍ଦର ସହିତ ଉଲ୍ଲେଖ କରୁଛି ଯେ 1985-86 ବର୍ଷରେ ଆମ ରାଜ୍ୟରେ ଉପକୃତ ଲୋକଙ୍କ ଭିତରୁ ଶତକଡ଼ା 50 ଭାଗ ହେଉଛନ୍ତି ଆଦିବାସୀ ଓ ହରିଜନ । ଭାରତ ସରକାରଙ୍କ ଦ୍ୱାରା କରାଯାଇଥିବା ମୂଲ୍ୟାୟନ ଅନୁସାରେ ଅନ୍ୟାନ୍ୟ ବହୁ ରାଜ୍ୟ ତୁଳନାରେ ଓଡ଼ିଶାରେ ଅସହାୟ ପରିବାର-ମାନଙ୍କ ମଙ୍ଗଳ ପାଇଁ ଉଚ୍ଚ ଅଗ୍ରାଧିକାର ଦିଆଯାଉଛି । କେନ୍ଦ୍ର ସରକାରଙ୍କର ଏହି ମୂଲ୍ୟାୟନ ଅନୁଯାୟୀ ଆମ ରାଜ୍ୟରେ ଉପକୃତ ଲୋକଙ୍କ ମଧ୍ୟରୁ ଶତକଡ଼ା 70 ଭାଗ ହେଉଛନ୍ତି ବାର୍ଷିକ ଏକ ହଜାର ଟଙ୍କାରୁ କମ୍ ଆୟ କରୁଥିବା ଲୋକ । ଜାତୀୟ ସ୍ତରରେ ଏହି ଶ୍ରେଣୀର ଲୋକ ହେଉଛନ୍ତି ଶତକଡ଼ା 10ରୁ 12 । ପୁଣି 2,265 ଟଙ୍କା ପର୍ଯ୍ୟନ୍ତ ଆୟ କରୁଥିବା ଉପକୃତ ଲୋକଙ୍କ ସଂଖ୍ୟା ଆମ ରାଜ୍ୟରେ ଶତକଡ଼ା ୮୨ ହୋଇଥିବା ସ୍ଥଳେ ଜାତୀୟ ସ୍ତରରେ ଏହା ଥିଲା ଶତକଡ଼ା ଏକଷଠୀ । ଆୟକାରୀ ସଂପଦ ସୃଷ୍ଟି କରିବା ସଙ୍ଗେସଙ୍ଗେ ଜାତୀୟ ଗ୍ରାମାଞ୍ଚଳ କର୍ମସଂସ୍ଥାନ କାର୍ଯ୍ୟକ୍ରମ (ଏନ୍. ଆର. ଇ. ପି.) ଓ ଗ୍ରାମ୍ୟ ଭୂମିହୀନ ଲୋକଙ୍କ କର୍ମସଂସ୍ଥାନ ସୁରକ୍ଷା କାର୍ଯ୍ୟକ୍ରମ (ଆର. ଏଲ୍. ଇ. ଜି. ପି.) ଜରିଆରେ ଦୀର୍ଘମିଆଦୀ ମଜୁରୀ-ଭିତ୍ତିକ କର୍ମସଂସ୍ଥାନ ବ୍ୟବସ୍ଥା ଦାରିଦ୍ର୍ୟ ଦୂରୀକରଣ କାର୍ଯ୍ୟକ୍ରମର ପରିସରଭୁକ୍ତ । ଏହିସବୁ କାର୍ଯ୍ୟକ୍ରମ ଦ୍ୱାରା ମଜୁରୀ-

## ରାଜ୍ୟପାଳଙ୍କ ଅଭିଭାଷଣ

ଭିତ୍ତିକ କର୍ମ ଯୋଗାଣ ସହିତ ରାସ୍ତା ଓ ପ୍ରାଥମିକ ବିଦ୍ୟାଳୟ ଭଳି ସାମୂହିକ ସଂପଦ ସୃଷ୍ଟି ହୋଇ ଗ୍ରାମ୍ୟ ଜୀବନର ମାନ ବୃଦ୍ଧି ହୋଇପାରୁଛି । ଆସନ୍ତା ବର୍ଷ ୪୦୩ଟି ପ୍ରାଥମିକ ବିଦ୍ୟାଳୟ ଗୃହ ନିର୍ମାଣ କରିବା ପାଇଁ କେନ୍ଦ୍ର ସରକାରଙ୍କ ଅନୁମୋଦନ ମିଳିଛି । ଏହା ବ୍ୟତୀତ କ୍ଷୁଦ୍ର ଜଳସେଚନ ବ୍ୟବସ୍ଥା ତଥା ନଦୀ ଓ କେନାଲ ବନ୍ଧର ଉନ୍ନତିବିଧାନ ଏବଂ ସାମାଜିକ ବନୀକରଣ ଇତ୍ୟାଦି କାର୍ଯ୍ୟକ୍ରମ ମଧ୍ୟ କାର୍ଯ୍ୟକାରୀ କରାଯିବ ।

7. ସମାଜ କଲ୍ୟାଣ କ୍ଷେତ୍ରରେ ଗତ ଦୁଇ ବର୍ଷ ଭିତରେ ଆମେ ଯେଉଁ ଦ୍ରୁତ ଅଗ୍ରଗତି କରିଛୁ, ଆସନ୍ତା ବର୍ଷ ତାହା ଆହୁରି ବେଶୀ ସଫଳତା ହାସଲ କରିବା ଦିଗରେ ଆମକୁ ସାହାଯ୍ୟ କରିବ । ସମନ୍ୱିତ ଶିଶୁବିକାଶ ଯୋଜନା ସଂଖ୍ୟା ୬୦ରୁ ଚଳିତ ବର୍ଷ ୫୪କୁ ବୃଦ୍ଧି ପାଇଛି । ସପ୍ତମ ଯୋଜନା କାଳ ମଧ୍ୟରେ ଏହା ଆହୁରି ବଢ଼ାଇବା ପାଇଁ ସରକାର ଉଦ୍ୟମ କରୁଛନ୍ତି । ପୁଷ୍ଟିକର ଖାଦ୍ୟ ଯୋଗାଣ କାର୍ଯ୍ୟକ୍ରମରେ ଉପକୃତ ଶିଶୁଙ୍କ ସଂଖ୍ୟା 17·92 ଲକ୍ଷରୁ 22·16 ଲକ୍ଷକୁ ବୃଦ୍ଧି ପାଇଛି । ଶାରୀରିକ ଅକ୍ଷମ ବ୍ୟକ୍ତିଙ୍କ ପାଇଁ ଶିକ୍ଷା, ଚିକିତ୍ସା ଓ ଆତ୍ମନିଯୁକ୍ତି ଦିଗରେ ବ୍ୟାପକ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ଆସନ୍ତା ବର୍ଷ ଶେଷ ସୁଦ୍ଧା ରାଜ୍ୟର ପ୍ରତ୍ୟେକ ଜିଲ୍ଲାରେ ମୂକ ବଧିର ସ୍କୁଲ ସ୍ଥାପିତ ହୋଇ ପାରିବ ବୋଲି ସରକାର ଆଶା କରନ୍ତି ଏବଂ ଏହି ଉଦ୍ଦେଶ୍ୟରେ ଭାରତ ସରକାର ତଥା ଆଲିଜବର ଜଙ୍ଗ୍ ଜାତୀୟ ମୂକ ବଧିର ପ୍ରତିଷ୍ଠାନର ମିଳିତ ସହଯୋଗରେ ଏକ ଶିକ୍ଷକ ତାଲିମ ଯୋଜନା କାର୍ଯ୍ୟକାରୀ କରାଯାଇଛି । ଶାରୀରିକ ଅକ୍ଷମଙ୍କୁ ବିନା ମୂଲ୍ୟରେ ବିଶେଷ ସାହାଯ୍ୟ ଯୋଗାଇବା ସଙ୍ଗେ ସଙ୍ଗେ କୃତ୍ରିମ ଅଙ୍ଗ ପ୍ରତ୍ୟଙ୍ଗ ପାଇଁ ଆବଶ୍ୟକ ହେଉଥିବା ଉପକରଣ ଉତ୍ପାଦନ ପାଇଁ ଜିଲ୍ଲା ସଦର ମହକୁମା-ମାନଙ୍କରେ ୯ଟି କେନ୍ଦ୍ର ପ୍ରତିଷ୍ଠା କରାଯାଇଛି । ଚଳିତ ଆର୍ଥିକ ବର୍ଷ ମଧ୍ୟରେ ଆହୁରି ୨ଟି ଏଭଳି କେନ୍ଦ୍ର ଆରମ୍ଭ କରାଯିବାର ଆଶା କରାଯାଏ । 1987-88 ଶେଷ ସୁଦ୍ଧା ସବୁ ଜିଲ୍ଲାରେ ଏଭଳି ଗୋଟିଏ ଗୋଟିଏ କେନ୍ଦ୍ର ସ୍ଥାପନ କରାଯିବାର ପ୍ରସ୍ତାବ ରହିଛି । ଶାରୀରିକ ଅକ୍ଷମ ବ୍ୟକ୍ତିମାନେ ବାଣିଜ୍ୟିକ ବ୍ୟାଙ୍କରୁ ଛୋଟ ଧରଣର ବ୍ୟବସାୟ ପାଇଁ ଋଣ ପାଇବାର ସୁବିଧା ଉଦ୍ଦେଶ୍ୟରେ ରିହାତିର ବ୍ୟବସ୍ଥା କରାଯାଉଛି । ଏହା ଫଳରେ ଶାରୀରିକ ଅକ୍ଷମ ବ୍ୟକ୍ତିମାନେ ଜୀବିକା ନିର୍ବାହ ପାଇଁ ଅନ୍ୟମାନଙ୍କ ଦୟା ଉପରେ ଆଉ ନିର୍ଭର କରିବେ ନାହିଁ ଏବଂ ସେମାନଙ୍କର ମନସ୍ତାତ୍ତ୍ୱିକ ପରିବର୍ତ୍ତନ ଘଟିବ ।

୮. ଗ୍ରାମ ପଞ୍ଚାୟତ ଜରିଆରେ କାର୍ଯ୍ୟକାରୀ ହେଉଥିବା ଗ୍ରାମ୍ୟ ବିକାଶ କାର୍ଯ୍ୟକ୍ରମ-ଗୁଡ଼ିକୁ ମଧ୍ୟ ପୂର୍ବପରି ଅନୁରୂପ ଗୁରୁତ୍ୱ ଦିଆଯିବ । ଆସନ୍ତା ବର୍ଷ ପାଇଁ ଏହି ପ୍ରକାର କାର୍ଯ୍ୟକ୍ରମରେ 112ଟି ଗ୍ରାମ ପଞ୍ଚାୟତ ଗୃହ ନିର୍ମାଣ ପାଇଁ ସାହାଯ୍ୟ, ମାଛଚାଷ, ଚକାପ ଗୃହ ଓ ଗୁହାଳ ଘର ନିର୍ମାଣ ପାଇଁ ଋଣ ପ୍ରଦାନ, ଗ୍ରାମ ପଞ୍ଚାୟତ କର୍ମଚାରୀମାନଙ୍କ ପାଇଁ ବାସଗୃହ ନିର୍ମାଣ ଏବଂ ପାନୀୟ ଜଳ ପାଇଁ କୂପ ଖନନ କ୍ଷେତ୍ରରେ ସାହାଯ୍ୟ ଇତ୍ୟାଦି ଅନ୍ତର୍ଭୁକ୍ତ ।

୯. ମରୁଡ଼ି ଓ ବନ୍ୟାଗ୍ରସ୍ତ କେତୋଟି ଅଞ୍ଚଳକୁ ଛାଡ଼ିଦେଲେ ରାଜ୍ୟରେ ଚଳିତ ବର୍ଷର ଶସ୍ୟ ଉତ୍ପାଦନ ମୋଟାମୋଟି ଭାବରେ ସନ୍ତୋଷଜନକ । ମୋଟ୍ 73·99 ଲକ୍ଷ ଟନ୍ ଖାଦ୍ୟ ଶସ୍ୟ ଉତ୍ପାଦନ ହେବ ବୋଲି ଅଟକଳ କରାଯାଉଛି । ଆସନ୍ତା ବର୍ଷ 78·50 ଲକ୍ଷ ଟନ୍ ଖାଦ୍ୟ ଶସ୍ୟ ଉତ୍ପାଦନ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଉଛି । ତୈଳବୀଜ ଉତ୍ପାଦନ ମଧ୍ୟ ବଢ଼ିବବୋଲି ଆଶା କରାଯାଉଛି । ଏହି କ୍ଷେତ୍ରରେ ଚଳିତ ବର୍ଷ 9·14 ଲକ୍ଷ ଟନ୍ ଉତ୍ପାଦନ ହେବବୋଲି ଅଟକଳ କରାଯାଉଥିବା ସ୍ଥଳେ ଆସନ୍ତା ବର୍ଷ ଏହା 9·38 ଲକ୍ଷ ଟନକୁ ବୃଦ୍ଧି ପାଇବ ବୋଲି ଆଶା କରାଯାଏ । ...

ରାଜ୍ୟପାଳଙ୍କ ଅଭିଭାଷଣ

ଏହି କାର୍ଯ୍ୟକ୍ରମ ପରିସରଭୁକ୍ତ ଅଞ୍ଚଳମାନଙ୍କରେ ଉତ୍ପାଦନ ଶତକଡ଼ା 14·20ରୁ ବୃଦ୍ଧି ପାଇଛି । ସାତଟି ତୈଳବୀଜ ଉତ୍ପାଦନ ବହୁଳ ଜିଲ୍ଲାରେ ୨୨ ଲକ୍ଷ ଟଙ୍କା ବ୍ୟୟରେ ଜାତୀୟ ତୈଳବୀଜ ବିକାଶ ଯୋଜନା କାର୍ଯ୍ୟକାରୀ କରାଯାଉଛି । ଚିନାବାଦାମ ଓ ଅନ୍ୟାନ୍ୟ ତୈଳବୀଜ ଉତ୍ପାଦନ ଉପରେ ବିଶେଷ ଜୋର ଦିଆଯାଇଛି । ଡାଲି ଜାତୀୟ ଶସ୍ୟ ଉତ୍ପାଦନ ସଂକ୍ରାନ୍ତ ଜାତୀୟ ବିକାଶ ଯୋଜନା ଚଳିତ ବର୍ଷ ପ୍ରଚଳନ କରାଯାଇଛି ଏବଂ ଆସନ୍ତା ବର୍ଷ ମଧ୍ୟ ଏହା ଚାଲୁ ରଖାଯିବ ।

10. ବିଂଶସୂତ୍ରୀ କାର୍ଯ୍ୟକ୍ରମର ଅନ୍ୟ ଏକ ସଫଳତା ହେଉଛି ଢ଼ିପ ଜମିରେ ଧାନ ଓ ବାଜରା ଚାଷବଦଳରେ କୃଷକମାନଙ୍କୁ ଡାଲି, ତୈଳବୀଜ ଓ ମିଶ୍ରିତ ଫସଲ ଭଳି ମରୁଡ଼ି ସହନଶୀଳ ଶସ୍ୟ ଉତ୍ପାଦନ ପ୍ରତି ଆକୃଷ୍ଟ କରିବା । କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କୁ ରିଆତି ଦରରେ ଉନ୍ନତ ଧରଣର କୃଷି ଯନ୍ତ୍ରପାତି ବିତରଣ କରାଯାଉଛି ଏବଂ କରାଯିବ ।

11. ଏହି ଯୋଜନାକାଳ ମଧ୍ୟରେ ଉଦ୍ୟାନ କୃଷି କ୍ଷେତ୍ରରେ ୨20 ହେକ୍ଟର ଜମିରେ କଦଳୀ, 1,400 ହେକ୍ଟର ଜମିରେ ଆମ୍ବ, 1,100 ହେକ୍ଟର ଜମିରେ ଲେମ୍ବୁ ଜାତୀୟ ଫଳ ଓ 650 ହେକ୍ଟର ଜମିରେ ଅମୃତଭଣ୍ଡା ଚାଷ କରାଯାଇଛି ଏବଂ 4,219 ଜଣ ଲୋକଙ୍କୁ ଫଳ ସଂରକ୍ଷଣରେ ତାଲିମ ଦିଆଯାଇଛି । ଏହିସବୁ ଯୋଜନା ଆସନ୍ତା ବର୍ଷ ଚାଲୁ ରଖାଯିବ ।

12. ବୃକ୍ଷରୋପଣ, ଆଡ଼ିବନ୍ଧ ଓ ଜଳମଣ୍ଡ ନିର୍ମାଣ, କ୍ଷେତମଧ୍ୟରେ ତୁଠ ଖନନ ଓ ଝରଣାକୂଳ ମୃତ୍ତିକାକ୍ଷୟ ନିୟନ୍ତ୍ରଣଭଳି ମୃତ୍ତିକା ସଂରକ୍ଷଣ କାର୍ଯ୍ୟକ୍ରମ ଚଳିତବର୍ଷ ହାତକୁ ନିଆଯାଇଛି । 10,179 ହେକ୍ଟର ଜମିରେ ବୃକ୍ଷରୋପଣ, 4,3୪4 ହେକ୍ଟର ଜମିର ଉନ୍ନୟନ, 144ଟି ଆଡ଼ିବନ୍ଧ ନିର୍ମାଣ, ୪3 କିଲୋମିଟର ଝରଣାକୂଳ ମୃତ୍ତିକାକ୍ଷୟ ନିୟନ୍ତ୍ରଣ ଓ 375 ହେକ୍ଟର ଗୋଚର ଭୂମିର ବିକାଶ ସାଧନ କରାଯାଇଛି । 31୪ଟି ସ୍ଥାନରେ ଜଳମଣ୍ଡ ନିର୍ମାଣ ଫଳରେ ଅଧିକ 6,360 ହେକ୍ଟର ଜମିରେ ଜଳସେଚନ ସୁବିଧା କରାଯାଇ ପାରିଛି । ଆସନ୍ତା ବର୍ଷ କେନ୍ଦ୍ର ପ୍ରବର୍ତ୍ତିତ ଜାତୀୟ ଜଳମଣ୍ଡ ବିକାଶ ଯୋଜନା କାର୍ଯ୍ୟକାରୀ ହେବା ସହିତ 17,000 ହେକ୍ଟର ଜମିରେ ମୃତ୍ତିକା ସଂରକ୍ଷଣ ବ୍ୟବସ୍ଥା ଗ୍ରହଣ କରିବା ପାଇଁ ଯୋଜନା ରହିଛି ।

13. ବିଗତ ବର୍ଷମାନଂକ ପରି ଏ ବର୍ଷ ମଧ୍ୟ ସମବାୟ ସମିତି ମାଧ୍ୟମରେ ଚାଷୀ-ମାନଙ୍କ ପାଖରେ କୃଷି ସାମଗ୍ରୀ ପହଞ୍ଚାଇ ଦିଆଯିବା ଦିଗରେ ବିଶେଷ ଧ୍ୟାନ ଦିଆଯାଉଛି । ରାଜ୍ୟର 36.72 ଲକ୍ଷ କୃଷକ ପରିବାର ମଧ୍ୟରୁ 31.49 ଲକ୍ଷ ପରିବାରଙ୍କୁ ସମବାୟ ପରିସରଭୁକ୍ତ କରାଯାଇ ପାରିଛି । ଏଥିରୁ ଶତକଡ଼ା 70 ଭାଗରୁ ଅଧିକ ଅର୍ଥାତ୍ 22.21 ଲକ୍ଷ ପରିବାର ହେଉଛନ୍ତି ତଫସିଲଭୁକ୍ତ ଜାତି ଓ ତଫସିଲଭୁକ୍ତ ସଂପ୍ରଦାୟର ଲୋକ । ସମସ୍ତ କୃଷକ ପରିବାରଙ୍କୁ ସମବାୟ ପରିସରଭୁକ୍ତ କରିବାପାଇଁ ସପ୍ତମ ଯୋଜନାରେ ଲକ୍ଷ୍ୟ ରଖାଯାଇଅଛି । ବିଭିନ୍ନ ଋତୁରେ ହେଉଥିବା ଫସଲ ପାଇଁ ଚଳିତ ବର୍ଷ ସ୍ୱଳ୍ପମିଆଦୀ ଋଣ ସୂତ୍ରରେ ପ୍ରାୟ ୪0 କୋଟି ଟଂକା ବ୍ୟୟ କରାଯାଉଛି । 1985-୪6ରେ 4୪.66 କୋଟି ଟଂକା ବ୍ୟୟ ତୁଳନାରେ ଏହା ଏକ ଉଲ୍ଲେଖନୀୟ ଅଗ୍ରଗତି । ମଧ୍ୟମ ଓ ଦୀର୍ଘମିଆଦୀ ଋଣ ସୂତ୍ରରେ ଗତବର୍ଷ ଚାଷୀମାନଂକୁ 12·42 କୋଟି ଟଂକା ଦିଆଯାଇଥିବା ବେଳେ ଆସନ୍ତା ବର୍ଷ ଏହା 22 କୋଟି ଟଂକାକୁ ବୃଦ୍ଧି ପାଇବ ବୋଲି ଆଶା କରାଯାଏ ।

14. ସାଧାରଣ ବଣ୍ଟନ ବ୍ୟବସ୍ଥା କ୍ଷେତ୍ରରେ ପ୍ରାଥମିକ ସମବାୟ ସମିତି ଗୁଡ଼ିକ ରାସାୟନିକ ସାର ବଣ୍ଟନ ସହିତ ଏକ ବିଶିଷ୍ଟ ଭୂମିକା ଗ୍ରହଣ କରିବେ । ସବୁ ଗ୍ରାମ ପଞ୍ଚାୟତକୁ ଖାଉଟି ସମବାୟ ସଂସ୍ଥା ପରିସରକୁ ଅଣାଯାଇଛି । ସମବାୟ ସମିତି ଗୁଡ଼ିକ ଜରିଆରେ ଚଳିତ ବର୍ଷ

୨୪ କୋଟି ଟଂକାର କାରବାର ହୋଇଥିବା ସ୍ଥଳେ ଆସନ୍ତା ବର୍ଷ ଏହା 75 କୋଟି ଟଂକାକୁ ବୃଦ୍ଧି ପାଇବ ବୋଲି ଆଶା କରାଯାଏ ।

15. ଆପଣମାନେ ଜାଣନ୍ତି ଯେ ଦୈନିକ 1,250 ମେଟ୍ରିକ୍ ଟନ୍ ଆଖୁ ପେଡ଼ିବା ଶକ୍ତି ବିଶିଷ୍ଟ ଦୁଇଟି ସମବାୟଭିତ୍ତିକ ଚିନି କଳ ନୟାଗଡ଼ ଓ ବଡ଼ମ୍ବାରେ ନିର୍ମାଣାଧୀନ ଅଛି । 1987 ଶେଷ ସୁଦ୍ଧା ଉଭୟ କଳରୁ ବ୍ୟବସାୟିକ ଭିତ୍ତିରେ ଉତ୍ପାଦନ ଆରମ୍ଭ ହେବ । ଏହାଛଡ଼ା ଜାତୀୟ ସମବାୟ ବିକାଶ ନିଗମଙ୍କ ସହାୟତାରେ ବରଗଡ଼ଠାରେ ଏକ ତେଲକଳ ନିର୍ମାଣ କରାଯାଉଛି ।

16. ରାଜ୍ୟରେ ବର୍ତ୍ତମାନ ବୈଜ୍ଞାନିକ ପଦ୍ଧତିରେ 3,3୪,754 ମେଟ୍ରିକ୍ ଟନ୍ କୃଷିଜାତ ଦ୍ରବ୍ୟ ସଂରକ୍ଷଣଲାଗି ବ୍ୟବସ୍ଥା ରହିଛି । କିନ୍ତୁ ପ୍ରକୃତ ଆବଶ୍ୟକତା ହେଉଛି 645 ଲକ୍ଷ ମେଟ୍ରିକ୍‌ଟନ୍ କୃଷିଜାତ ଦ୍ରବ୍ୟର ସଂରକ୍ଷଣଲାଗି ବ୍ୟବସ୍ଥା କରିବା । ଜାତୀୟ ସମବାୟ ବିକାଶ ନିଗମ–3 ସଂରକ୍ଷଣ ଯୋଜନା ଅଧୀନରେ 23.47 କୋଟି ଟଂକା ବ୍ୟୟରେ 2,62,6୪୪ ଟନ୍ ଖାଦ୍ୟଶସ୍ୟ ସଂରକ୍ଷଣ ପାଇଁ ବ୍ୟବସ୍ଥା କରାଯାଉଛି । ଏହି କାର୍ଯ୍ୟକ୍ରମ ବିଶ୍ୱ ବ୍ୟାଙ୍କର ସହାୟତାରେ କାର୍ଯ୍ୟକାରୀ ହେଉଛି ।

17. ରାଜ୍ୟ ଯୋଜନା ବ୍ୟୟରୁ ୩୭୫ ଲକ୍ଷ ଟଙ୍କା ଆସନ୍ତା ବର୍ଷ ଅୟାକଟ୍ ଉନ୍ନୟନ କାର୍ଯ୍ୟକ୍ରମ ପାଇଁ ବ୍ୟୟ କରାଯାଇ ଏହା ଚାଲୁ ରଖାଯିବ । କେନ୍ଦ୍ର ଆନୁକୂଲ୍ୟରେ କାର୍ଯ୍ୟକାରୀ ହେଉଥିବା ପରିକଳ୍ପନାରୁ ଏଥିପାଇଁ ସମ ପରିମାଣର ଅର୍ଥ ଭାରତ ସରକାରଙ୍କଠାରୁ ମିଳିପାରିବ । 60,000 ହେକ୍ଟର ଜମିରେ କେନାଲ ନିର୍ମାଣ, 20,000 ହେକ୍ଟର ଜମିରେ ଜଳ ନିଷ୍କାସନ, 5,000 ହେକ୍ଟର ଜମି ସମତଳ କରାଯିବା ଓ 40,000 ହେକ୍ଟର ଜମିରେ ଓ୍ୱାରାବନ୍ଦୀ ବା ପର୍ଯ୍ୟାୟକ୍ରମେ ଜଳ ଯୋଗାଣ ଇତ୍ୟାଦି ବ୍ୟବସ୍ଥା ଏହି କାର୍ଯ୍ୟକ୍ରମର ଅନ୍ତର୍ଭୁକ୍ତ । ଏହା ବ୍ୟତୀତ ଅନେକଗୁଡ଼ିଏ ବହୁ ଫସଲି କ୍ଷେତ୍ର ପ୍ରଦର୍ଶନ ବ୍ୟବସ୍ଥା କାର୍ଯ୍ୟକାରୀ କରାଯିବା ସଙ୍ଗେ ସଙ୍ଗେ ଏହି ଯୋଜନା ଅନ୍ତର୍ଭୁକ୍ତ ଚାଷୀମାନଙ୍କୁ ନୂତନ ଚାଷ ପ୍ରଣାଳୀ ଗ୍ରହଣ କରିବା ଦିଗରେ ତାଲିମ ଦେବାର ବ୍ୟବସ୍ଥା କରାଯିବ ।

18. କୃଷି ଉନ୍ନୟନ ସହିତ ଭୂ-ସଂସ୍କାର କାର୍ଯ୍ୟକ୍ରମ ଅଙ୍ଗାଙ୍ଗୀ ଭାବେ ଜଡ଼ିତ ଥିବା ସଂପର୍କରେ ମୋ ସରକାର ଅବହିତ ଅଛନ୍ତି । ସିଲିଂ ବହିର୍ଭୂତ ଜମି ବଣ୍ଟନ କ୍ଷେତ୍ରରେ ଯେଉଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା, ଗତ ତିନିବର୍ଷ ଧରି ସରକାର ତା'ଅପେକ୍ଷା ଅଧିକ ହାସଲ କରିଛନ୍ତି । 19୪6 ଅକ୍ଟୋବର ଶେଷ ସୁଦ୍ଧା 1,40,367 ଏକର ଜମି 1,16,639 ଭୂମିହୀନ ଶ୍ରମିକଙ୍କ ମଧ୍ୟରେ ବଣ୍ଟା ଯାଇଥିଲା । ଏଥି ମଧ୍ୟରୁ ଆଦିବାସୀ ଓ ହରିଜନଙ୍କ ସଂଖ୍ୟା ହେଉଛି ୪3,612 । ସପ୍ତମ ଯୋଜନାର ଅବଶିଷ୍ଟ ସମୟ ମଧ୍ୟରେ 36,000 ଏକର ସିଲିଂ ବହିର୍ଭୂତ ଜମି ଭୂମିହୀନ ଲୋକଙ୍କ ମଧ୍ୟରେ ବଣ୍ଟନ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି । ଭୂମିହୀନଙ୍କ ମଧ୍ୟରେ କେବଳ ସିଲିଂ ବହିର୍ଭୂତ ଜମି ବଣ୍ଟନ କରାଯିବାରେ ଏହି କାର୍ଯ୍ୟକ୍ରମକୁ ସୀମିତ ରଖାଯାଇ ନାହିଁ । ଉପଯୁକ୍ତ ବ୍ୟକ୍ତିଙ୍କୁ ଘର ତିଆରି ସ୍ଥାୟୀ ସ୍ୱତ୍ୱ ପ୍ରଦାନ, ପ୍ରିମିୟମ୍ ଛାଡ଼, ବିଭିନ୍ନ ଦାରିଦ୍ର୍ୟ ଦୂରୀକରଣ ଯୋଜନାରେ ଉପଯୁକ୍ତ ବ୍ୟକ୍ତିଙ୍କୁ କୃଷି ଉପକରଣ କିଣିବା ପାଇଁ ରିହାତି ପ୍ରଦାନ ମଧ୍ୟ ଏଥିର ଅନ୍ତର୍ଭୁକ୍ତ ।

19. ଏହା ବ୍ୟତୀତ କୃଷି କାର୍ଯ୍ୟ ପାଇଁ ଭୂମିହୀନ ଲୋକଙ୍କ ମଧ୍ୟରେ ଜମି ବଣ୍ଟନ କାର୍ଯ୍ୟ ସଫଳତା ସହକାରେ କାର୍ଯ୍ୟକାରୀ ହୋଇଛି । କାର୍ଯ୍ୟକ୍ରମ ଆରମ୍ଭ ହେବାଠାରୁ 19୪6 ନଭେମ୍ବର ଶେଷ ପର୍ଯ୍ୟନ୍ତ 3,94,0୪2 ଭୂମିହୀନ ଲୋକଙ୍କ ମଧ୍ୟରେ 6,4୪,997 ଏକର ଜମି ବଣ୍ଟନ କରାଯାଇଛି । ଆସନ୍ତା ବର୍ଷ ଏହି କାର୍ଯ୍ୟକ୍ରମ ମଧ୍ୟ ଅନୁରୂପ ଉଦ୍ଦୀପନା

ସହ କାର୍ଯ୍ୟକାରୀ କରାଯିବ । ବାସହୀନ ପରିବାରମାନଙ୍କୁ ଘରଡ଼ିହ ଯୋଗାଇବା କ୍ଷେତ୍ରରେ ଅନୁରୂପ ଧ୍ୟାନ ଦିଆଯାଉଛି । ଚଳିତ ବର୍ଷ 20,000 ବାସହୀନ ପରିବାରଙ୍କୁ ଘରଡ଼ିହ ଯୋଗାଇବା ପାଇଁ ଲକ୍ଷ୍ୟ ରଖାଯାଇଥିଲା । ମୁଁ ଅତ୍ୟନ୍ତ ଆନନ୍ଦିତ ଯେ 1986 ନଭେମ୍ବର ଶେଷ ସୁଦ୍ଧା 17,135 ପରିବାର ଏହି ଯୋଜନା ଦ୍ୱାରା ଉପକୃତ ହୋଇଛନ୍ତି ।

20. ଜମିର ଉତ୍ପାଦିକା ଶକ୍ତି ବୃଦ୍ଧି କରିବା ଦିଗରେ ଚକବନ୍ଦୀ କାର୍ଯ୍ୟକ୍ରମ ଏକ ଗୁରୁତ୍ୱପୂର୍ଣ୍ଣ ବ୍ୟବସ୍ଥା । ସପ୍ତମ ଯୋଜନା କାଳରେ 5 ଲକ୍ଷ ହେକ୍ଟର ଜମିରେ ଚକବନ୍ଦୀ ପାଇଁ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିବା ବେଳେ 4,82,076 ହେକ୍ଟର ଜମିରେ ଚକବନ୍ଦୀ କାର୍ଯ୍ୟ ସଂପୂର୍ଣ୍ଣ ହୋଇଛି ।



21. ସମସ୍ତ ଉନ୍ନୟନ କାର୍ଯ୍ୟକ୍ରମରେ ଆଦିବାସୀ ଓ ହରିଜନ କଲ୍ୟାଣ କାର୍ଯ୍ୟକ୍ରମ ପ୍ରତି ସର୍ବାଧିକ ଧ୍ୟାନ ଦିଆଯାଉଛି । ଆଦିବାସୀ ଓ ହରିଜନଙ୍କ ସଂଖ୍ୟା ରାଜ୍ୟର ମୋଟ୍ ଲୋକସଂଖ୍ୟାର ଯେତିକି ଭାଗ, ଆଦିବାସୀ ଉପଯୋଜନା ଓ ସ୍ୱତନ୍ତ୍ର କଂପୋନେଣ୍ଟ ଯୋଜନା ବାବଦରେ ରାଜ୍ୟ ସମ୍ବଳରୁ ବିନିଯୋଗ କରାଯାଉଥିବା ଅର୍ଥର ପରିମାଣ ତା'ଠାରୁ ଯେପରି ଊଣା ନ ହୁଏ, ସେଥିପ୍ରତି ରାଜ୍ୟ ସରକାର ସତର୍କ ଦୃଷ୍ଟି ଦେଇଛନ୍ତି । ଆଦିବାସୀ ଉପଯୋଜନା ଓ ସ୍ୱତନ୍ତ୍ର କଂପୋନେଣ୍ଟ ଯୋଜନା କାର୍ଯ୍ୟକାରୀ ହେବା ସଙ୍ଗେ ସଙ୍ଗେ କେତେକ ନିର୍ଦ୍ଦିଷ୍ଟ ଆଦିବାସୀ ସଂପ୍ରଦାୟଙ୍କ ପାଇଁ 10ଟି ଅଣୁ ଯୋଜନା (Micro Project) କାର୍ଯ୍ୟକାରୀ ହୋଉଛି ଏବଂ ଚଳିତ ବର୍ଷ କୋରାପୁଟ, କଳାହାଣ୍ଡି ଓ ମୟୂରଭଞ୍ଜ ଜିଲାରେ ସେପରି 3ଟି ପ୍ରକଳ୍ପ ହାତକୁ ନିଆଯାଇଛି । 47ଟି ବ୍ଲକରେ ସଂଶୋଧିତ ଅଞ୍ଚଳ ଉନ୍ନୟନ କାର୍ଯ୍ୟକ୍ରମ (MADA) ପାଇଁ ସ୍ଥାନ ନିରୂପଣ କରାଯାଇଛି । ଏହା ବ୍ୟତୀତ ମୋ ସରକାର ସ୍ୱତନ୍ତ୍ର କେନ୍ଦ୍ରୀୟ ସହାୟତାରେ ଆଉ ଏକ ଯୋଜନା ହାତକୁ ନେବାକୁ ଯାଉଛନ୍ତି । 5,000 ଲୋକସଂଖ୍ୟା ବିଶିଷ୍ଟ ପ୍ରତ୍ୟେକ ଅଞ୍ଚଳରେ ଆଦିବାସୀଙ୍କ ସଂଖ୍ୟା ଶତକଡ଼ା 50 ଭାଗ ହୋଇଥିଲେ, ସେସବୁ ଅଞ୍ଚଳକୁ ଚିହ୍ନଟ କରାଯାଇ ସେଠାରେ ଆଦିବାସୀମାନଙ୍କ ପାଇଁ ବିଭିନ୍ନ ଉନ୍ନୟନ ଯୋଜନା କାର୍ଯ୍ୟକାରୀ କରିବା ଉପରେ ବିଶେଷ ଗୁରୁତ୍ୱ ଦିଆଯିବ । ଏ ପର୍ଯ୍ୟନ୍ତ 10,000 ଜନସଂଖ୍ୟା ବିଶିଷ୍ଟ ଅଞ୍ଚଳ ଗୋଟିଏ ୟୁନିଟ ବୋଲି ବିବେଚିତ ହେଉଥିଲା । ଇତି ମଧ୍ୟରେ ସେପରି 12ଟି ଅଞ୍ଚଳକୁ ଚିହ୍ନଟ କରାଯାଇ ସାରିଲାଣି ଏବଂ ତନ୍ମଧ୍ୟରୁ 8ଟି ଅଞ୍ଚଳର ଉନ୍ନୟନ ଲାଗି କେନ୍ଦ୍ରୀୟ ଅନୁମୋଦନ ଓ ଅର୍ଥ ମିଳି ସାରିଲାଣି । ରାଜ୍ୟ ଓ କେନ୍ଦ୍ରୀୟ ଯୋଜନା ଅନ୍ତର୍ଗତ ଆଦିବାସୀ ଉନ୍ନୟନ କାର୍ଯ୍ୟକ୍ରମଗୁଡ଼ିକୁ କାର୍ଯ୍ୟକାରୀ କରିବା ବାବଦରେ ଚଳିତ ବର୍ଷ ସର୍ବମୋଟ 34 କୋଟି 54ଲକ୍ଷ 9ହଜାର ଟଙ୍କା ବ୍ୟୟ ବ୍ୟବସ୍ଥା କରାଯାଉଛି । ଆଦିବାସୀ ଉପଯୋଜନା ଓ ସ୍ୱତନ୍ତ୍ର କଂପୋନେଣ୍ଟ ଯୋଜନା କାର୍ଯ୍ୟକାରୀ କରିବା ବାବଦରେ ବିଭିନ୍ନ ସୂତ୍ର ଓ ବିଭାଗମାନଙ୍କରୁ 2940·12ଲକ୍ଷ ଟଙ୍କା ଯୋଗାଇ ଦିଆଯାଉଛି । ଯେ କୌଣସି ଦୃଷ୍ଟିରୁ ବିଚାର କଲେ ବିନିଯୋଗ ହେଉଥିବା ଏହି ଅର୍ଥର ପରିମାଣ ଯେ ବିପୁଳ, ତାହା ମାନ୍ୟବର ସଦସ୍ୟମାନେ ହୃଦୟଙ୍ଗମ କରିପାରିବେ । ଆସନ୍ତା ବର୍ଷ ମଧ୍ୟ ବିନିଯୋଗ ହେବାକୁ ଯାଉଥିବା ଅର୍ଥର ପରିମାଣ ଅଧିକ ବୃଦ୍ଧି ପାଇବାର ସମ୍ଭାବନା ଅଛି । କେନ୍ଦ୍ରୀୟ ସହାୟତା ଓ ରାଜ୍ୟ ସମ୍ବଳକୁ ମିଶାଇଲେ ଏହା 1986-87ରେ ବ୍ୟୟ ବରାଦ କରାଯାଉଥିବା ଅର୍ଥର ପରିମାଣଠାରୁ ଶତକଡ଼ା ପ୍ରାୟ 17 ଭାଗ ଅଧିକ । ବର୍ତ୍ତମାନ କାର୍ଯ୍ୟକାରୀ ହେଉଥିବା କାର୍ଯ୍ୟକ୍ରମ ସବୁ ଅବଶ୍ୟ ଜାରି ରଖାଯିବ । ଏହା ବ୍ୟତୀତ ସରକାର 2ଟି ନୂତନ କାର୍ଯ୍ୟକ୍ରମ ହାତକୁ ନେବାକୁ ଯାଉଛନ୍ତି । ଗୋଟିଏ ହେଲା, କୋରାପୁଟ ଜିଲ୍ଲାର କେତେକ ଅଞ୍ଚଳରେ କୃଷି ବିକାଶ ପାଇଁ ଆନ୍ତର୍ଜାତିକ ପାଣ୍ଠିର ସହାୟତାରେ ଏକ ବ୍ୟାପକ

ଆଦିବାସୀ ଉନ୍ନୟନ କାର୍ଯ୍ୟକ୍ରମ । ଅନ୍ୟଟି ହେଲା, କେତେକ ସୀମିତ ଅଞ୍ଚଳରେ ଋଣ ପରିଶୋଧ କରିପାରି ନଥିବା ଦରିଦ୍ର ଆଦିବାସୀଙ୍କ ପାଇଁ ପରୀକ୍ଷାମୂଳକ ସାହାଯ୍ୟ ପ୍ରଦାନ ଯୋଜନା; ଯଦ୍ଦ୍ୱାରା କି ସେମାନେ ପୁଣି ଆନୁଷ୍ଠାନିକ ଋଣ ପାଇବା ଲାଗି ସମର୍ଥ ହୋଇପାରିବେ । ଆଦିବାସୀଙ୍କ ପାଇଁ ଉଦ୍ଦିଷ୍ଟ ପ୍ରକଳ୍ପ ଅଞ୍ଚଳ ବାହାରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଉନ୍ନୟନ ଯୋଜନାରେ ଅଧିକ ସଂଖ୍ୟକ ଆଦିବାସୀଙ୍କୁ ଯେପରି ଉପକୃତ କରାଯାଇ ପାରିବ, ସେ ବିଷୟରେ ମଧ୍ୟ ସରକାରଙ୍କର ପ୍ରସ୍ତାବ ରହିଛି । ଆଦିବାସୀ ଓ ହରିଜନ କଲ୍ୟାଣ ଲାଗି ଯେଉଁସବୁ କାର୍ଯ୍ୟପନ୍ଥା ଅନୁସୃତ ହେଉଛି, ତାହାକୁ ବାରମ୍ବାର ସମୀକ୍ଷା କରାଯାଉଛି । ଏହି କାର୍ଯ୍ୟଲାଗି କୌଣସି ଚିରାଚରିତ ପନ୍ଥା ନାହିଁ ବରଂ ସେମାନଙ୍କର କଲ୍ୟାଣ ଉଦ୍ଦେଶ୍ୟରେ ମୋ ସରକାର ଯେ କୌଣସି ଗଠନ ମୂଳକ ଚିନ୍ତାଧାରା ଓ ନୂତନ ପଦ୍ଧତିକୁ କାର୍ଯ୍ୟରେ ପରିଣତ କରିବା ପାଇଁ ପ୍ରସ୍ତୁତ ରହିଛନ୍ତି ।

22. 2000 ଖ୍ରୀ: ଅ: ସୁଦ୍ଧା ସମସ୍ତଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇଦେବା ବିଷୟ ଯାହା ଜାତୀୟ ସ୍ୱାସ୍ଥ୍ୟନୀତିର ଆଭିମୁଖ୍ୟ ତାହାକୁ ଆଖି ଆଗରେ ରଖି ଷଷ୍ଠ ଯୋଜନାକାଳ ମଧ୍ୟରେ ପ୍ରାଥମିକ ସ୍ୱାସ୍ଥ୍ୟସେବା କାର୍ଯ୍ୟକ୍ରମକୁ ଦୃଢ଼ୀଭୂତ କରାଯାଇଛି । ସପ୍ତମ ଯୋଜନାରେ ମଧ୍ୟ ଏହି ନୀତି ଅନୁସୃତ ହେଉଛି । ଚଳିତବର୍ଷ 147ଟି ଅତିରିକ୍ତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ 11ଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଖୋଲାଯାଉଛି । ଆସନ୍ତାବର୍ଷ ଅଣ-ଆଦିବାସୀ ଅଞ୍ଚଳଗୁଡ଼ିକରେ 60ଟି, ଆଦିବାସୀ ଅଞ୍ଚଳମାନଙ୍କରେ 40ଟି ଅତିରିକ୍ତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ 13ଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଖୋଲାଯିବ । ପ୍ରତ୍ୟେକ ଜିଲାରେ ଶାରୀରିକ ଅକ୍ଷମ ଲୋକଙ୍କ ପାଇଁ ଥଇଥାନ କେନ୍ଦ୍ର ସ୍ଥାପନଲାଗି ମଂଜୁରୀ ଦିଆଯାଇଛି । ଏହିସବୁ କେନ୍ଦ୍ର ସଂଖ୍ୟା ଆହୁରି ବୃଦ୍ଧି ପାଇବ । ଅନୁଗୁଳ ଓ ଉଦୁଖଣ୍ଡଠାରେ ଆକସ୍ମିକ ଦୁର୍ଘଟଣା ସେବା କେନ୍ଦ୍ର ସ୍ଥାପିତ ହୋଇଛି । ଆସନ୍ତା ବର୍ଷ ଏପରି ଅଧିକ 3ଟି କେନ୍ଦ୍ର ଖୋଲାଯିବ । 3ଟି ମେଡ଼ିକାଲ କଲେଜ, ଜିଲା ସଦର ମହକୁମା ହାସପାତାଳ ଏବଂ ରାଜଧାନୀ ଡାକ୍ତରଖାନାରେ ଦୃଷ୍ଟିହୀନତା ଓ ପରଳରୋଗ ନିୟନ୍ତ୍ରଣ ପାଇଁ ଚିକିତ୍ସା କାର୍ଯ୍ୟକ୍ରମ କାର୍ଯ୍ୟକାରୀ ହେଉଛି । ମେଡ଼ିକାଲ କଲେଜଗୁଡ଼ିକରେ ଥିବା 3ଟି ଭ୍ରାମ୍ୟମାଣ ଚିକିତ୍ସାକେନ୍ଦ୍ର ବ୍ୟତୀତ ବାଲେଶ୍ୱର ଓ କଳାହାଣ୍ଡିରେ 2ଟି ଭ୍ରାମ୍ୟମାଣ କେନ୍ଦ୍ର କାର୍ଯ୍ୟ କରୁଛି ଏବଂ ଫୁଲବାଣୀଠାରେ ଅନ୍ୟ ଏକ କେନ୍ଦ୍ର ପାଇଁ ପ୍ରସ୍ତାବ ରହିଛି । ଦୃଷ୍ଟିହୀନତା ନିୟନ୍ତ୍ରଣ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରିବା ପାଇଁ ଏପର୍ଯ୍ୟନ୍ତ 125ଟି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିହ୍ନଟ କରାଯାଇଛି ଏବଂ ଏହି କାର୍ଯ୍ୟକ୍ରମ 103ଟି ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରକୃତରେ କାର୍ଯ୍ୟକାରୀ ହୋଇଛି । ଆସନ୍ତାବର୍ଷ ଏହି କାର୍ଯ୍ୟକ୍ରମକୁ ଆଉ ଅଧିକ 50ଟି ସ୍ୱାସ୍ଥ୍ୟକେନ୍ଦ୍ରକୁ ସଂପ୍ରସାରିତ କରାଯିବ ଏବଂ ରାୟଗଡ଼ା ଓ ବାଲେଶ୍ୱରଠାରେ ପୂର୍ଣ୍ଣାଙ୍ଗ ଚକ୍ଷୁ ଚିକିତ୍ସାଳୟ ଖୋଲିବା ପାଇଁ ପ୍ରସ୍ତାବ ରହିଛି । କୁଷ୍ଠରୋଗ ଚିକିତ୍ସା କ୍ଷେତ୍ରରେ ଗଂଜାମ ଜିଲାରେ ମଲ୍ଟିଡ୍ରଗ ପଦ୍ଧତି ଚିକିତ୍ସା କାର୍ଯ୍ୟକ୍ରମ ପ୍ରୟୋଗ ଫଳରେ ରୋଗ ସଂକ୍ରମଣ ପ୍ରତି 1,000 ଜଣରେ ଶତକଡ଼ା 13.57ରୁ 3.53କୁ ହ୍ରାସ ପାଇଥିବାର ଜଣାପଡ଼ିଛି । ପୁରୀ ଜିଲାରେ ଏହି ଯୋଜନା କାର୍ଯ୍ୟକାରୀ କରାଯାଇଛି ଏବଂ କଟକ ଓ ମୟୁରଭଂଜ ଜିଲାରେ ମଧ୍ୟ ଆରମ୍ଭ ହେବାକୁ ଯାଉଛି । କାଳକ୍ରମେ କୁଷ୍ଠରୋଗ ସଂକ୍ରମଣ ଆଶଙ୍କାଥିବା ଅନ୍ୟାନ୍ୟ ଜିଲାରେ ମଧ୍ୟ ଏହି ମଲ୍ଟିଡ୍ରଗ ପଦ୍ଧତି ଚିକିତ୍ସା ପ୍ରବର୍ତ୍ତନ କରାଯିବ । କୁଷ୍ଠରୋଗର ଚିକିତ୍ସା କରିବାରେ ସରକାର ଯେ ତାଙ୍କର ଉଦ୍ୟମ ସୀମାବଦ୍ଧକରି ରଖିଛନ୍ତି, ତା'ନୁହେଁ, ଆଇନ ପ୍ରଣୟନ ଓ ସାମାଜିକ ସଂସ୍କାର କ୍ଷେତ୍ରରେ ମଧ୍ୟ ଏକ ପ୍ରଗତିଶୀଳ ପଦକ୍ଷେପ ଗ୍ରହଣକରି 1898 ମସିହା କୁଷ୍ଠରୋଗୀ ଆଇନକୁ ଉଚ୍ଛେଦ କରାଯାଉଛି । ଏ ସଂକ୍ରାନ୍ତୀୟ ବିଲ୍ 1987 ଫେବୃୟାରୀ 9 ତାରିଖ ଦିନ ରାଷ୍ଟ୍ରପତିଙ୍କ ଅନୁମୋଦନ ଲାଭ କରିଛି ।

23. ବ୍ରହ୍ମପୁର ଓ ବୁର୍ଲା ମେଡ଼ିକାଲ କଲେଜରେ ଚର୍ମ, ଯୌନବ୍ୟାଧି ଏବଂ ହୃଦ୍‌ରୋଗ ଚିକିତ୍ସା ବିଷୟରେ ସ୍ନାତକୋତ୍ତର ବିଭାଗ ଖୋଲାଯାଇଛି ଏବଂ କଟକ ମେଡ଼ିକାଲ କଲେଜରେ ଛାତିରୋଗ ଚିକିତ୍ସା ପାଇଁ ଏକ କେନ୍ଦ୍ର ଖୋଲିବାକୁ ଯାଉଛି ।

24. ପରିବାର କଲ୍ୟାଣ କାର୍ଯ୍ୟକ୍ରମ ଅନୁଯାୟୀ 314ଟି ଗ୍ରାମ୍ୟ ପରିବାର କଲ୍ୟାଣ କେନ୍ଦ୍ର ଓ 22ଟି ସହରାଂଚଳ କେନ୍ଦ୍ରକୁ ସୁଦୃଢ଼ କରାଯାଇଛି ଏବଂ ସେଗୁଡ଼ିକରେ ପ୍ରସୂତି ଓ ଶିଶୁଙ୍କ ପାଇଁ ସ୍ୱାସ୍ଥ୍ୟସେବା ସୁବିଧା ଯୋଗାଇ ଦିଆଯାଇଛି । ଏହା ବ୍ୟତୀତ ଜିଲ୍ଲା ଓ ସବ୍‌ଡ଼ିଭିଜନ ସ୍ତରରେ 49ଟି ପ୍ରସବୋତ୍ତର କେନ୍ଦ୍ର ଖୋଲାଯାଇଛି । କଟକ, ପୁରୀ, ଗଂଜାମ ଓ ଫୁଲବାଣୀ ଜିଲ୍ଲାମାନଙ୍କରେ ସାର୍ବଜନୀନ ଟିକାଦାନ କାର୍ଯ୍ୟକ୍ରମ ପ୍ରବର୍ତ୍ତନ କରାଯାଇଛି । ଏବଂ ଆସନ୍ତା ବର୍ଷ ସମ୍ବଲପୁର, କେନ୍ଦୁଝର, କଳାହାଣ୍ଡି ଓ ବାଲେଶ୍ୱର ଜିଲ୍ଲାକୁ ଏହି କାର୍ଯ୍ୟକ୍ରମର ଅନ୍ତର୍ଭୁକ୍ତ କରିବା ପାଇଁ ପ୍ରସ୍ତାବ ରହିଛି । ଜନ୍ମନିୟନ୍ତ୍ରଣ ଅସ୍ତ୍ରୋପଚାର ପାଇଁ ନିର୍ଦ୍ଧାରିତ ପ୍ରୋତ୍ସାହନ ପରିମାଣ ବୃଦ୍ଧି କରିବାକୁ ସରକାର ସ୍ଥିର କରିଛନ୍ତି ।

25, ଦେଶୀୟ ଓ ହୋମିଓପାଥି ଚିକିତ୍ସା ପଦ୍ଧତି ଉପରେ ମଧ୍ୟ ଯଥୋଚିତ ଗୁରୁତ୍ୱ ଦିଆଯାଇଛି । ଏ ପ୍ରକାର ଚିକିତ୍ସା ସ୍ୱଳ୍ପ ବ୍ୟୟ ସାପେକ୍ଷ ଏବଂ ଗ୍ରାମାଞ୍ଚଳରେ ଏହାର ଜନପ୍ରିୟତା କ୍ରମଶଃ ବୃଦ୍ଧି ପାଇବାରେ ଲାଗିଛି । ବର୍ତ୍ତମାନ ରାଜ୍ୟରେ ଥିବା ଆୟୁର୍ବେଦ ଓ ହୋମିଓପାଥି ଚିକିତ୍ସାଳୟ ବାଦ୍ ସରକାର ଆସନ୍ତା ବର୍ଷ ଅଧିକ 25ଟି ଆୟୁର୍ବେଦ ଚିକିତ୍ସାଳୟ ଓ ଅଧିକ 25ଟି ହୋମିଓପାଥି ଚିକିତ୍ସାଳୟ ଖୋଲିବାକୁ ଯାଉଛନ୍ତି ।

26. ଜାତୀୟ ଶିକ୍ଷାନୀତିକୁ ଦୃଷ୍ଟିରେ ରଖି 6 ବର୍ଷରୁ 11 ବର୍ଷ ବୟସ ପିଲାଙ୍କ ପାଇଁ ସାର୍ବଜନୀନ ପ୍ରାଥମିକ ଶିକ୍ଷା ପ୍ରବର୍ତ୍ତନ ଉପରେ ମୋ ସରକାର ବିଶେଷ ଗୁରୁତ୍ୱ ଆରୋପ କରୁଛନ୍ତି । ମୁଁ ଆନନ୍ଦର ସହ ସୂଚାଇବାକୁ ଚାହେଁ ଯେ ଚଳିତ ବର୍ଷ ଏହିସବୁ ବିଦ୍ୟାଳୟରେ 33·65 ଲକ୍ଷ ପିଲାଙ୍କ ନାମ ଲେଖାଇବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିବା ସ୍ଥଳେ 33·60 ଲକ୍ଷ ପିଲା ନାମ ଲେଖାଇଛନ୍ତି । ଆସନ୍ତା ବର୍ଷ ବିଦ୍ୟାଳୟଗୁଡ଼ିକରେ ଏହି ବୟସର 34·32 ଲକ୍ଷ ପିଲାଙ୍କ ନାମ ଲେଖାଇବା ପାଇଁ ଲକ୍ଷ୍ୟ ରଖାଯାଇଛି । 11—14 ବର୍ଷ ବୟସ ପିଲାଙ୍କ ନାମ ଲେଖା କ୍ଷେତ୍ରରେ ମୋ ସରକାରଙ୍କର ସାଫଲ୍ୟ ଉଲ୍ଲେଖନୀୟ । ଚଳିତ ବର୍ଷ 7·95 ଲକ୍ଷ ପିଲାଙ୍କ ନାମ ଲେଖାଇବାକୁ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିବା ସ୍ଥଳେ 8·06 ଲକ୍ଷ ପିଲା ନାମ ଲେଖାଇଛନ୍ତି । ଏହାକୁ ମାନ୍ୟବର ସଦସ୍ୟମାନେ ସ୍ୱାଗତ କରିବେ । ଆସନ୍ତା ବର୍ଷ 8·22 ଲକ୍ଷ ପିଲାଙ୍କ ନାମ ଲେଖାଇବା ପାଇଁ ସରକାର ପ୍ରସ୍ତାବ ରଖିଛନ୍ତି । ଏହି କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା ଲାଗି 1,253 ପ୍ରାଥମିକ ବିଦ୍ୟାଳୟ ଖୋଲା ଯାଇଛି, ଚଳିତ ବର୍ଷ 200 ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ଉନ୍ନୀତ କରାଯାଇଛି ଏବଂ 8ମ ଅର୍ଥ କମିଶନଙ୍କ ସୁପାରିଶ କ୍ରମେ 2,127ଟି ପ୍ରାଥମିକ ବିଦ୍ୟାଳୟ ଗୃହ ନିର୍ମିତ ହେଉଛି । ଆସନ୍ତା ବର୍ଷ ଗ୍ରାମାଞ୍ଚଳ ଭୂମିହୀନଙ୍କ କର୍ମସଂସ୍ଥାନ ସୁରକ୍ଷା କାର୍ଯ୍ୟକ୍ରମ (ଆର. ଏଲ୍. ଇ. ଜି. ପି.) ଅନୁଯାୟୀ 2,659ଟି ପ୍ରାଥମିକ ସ୍କୁଲ ଗୃହ ନିର୍ମାଣ କରିବାକୁ ପ୍ରସ୍ତାବ ରହିଛି । ଆବଶ୍ୟକ ସଂଖ୍ୟକ ଶିକ୍ଷକ ନିଯୁକ୍ତ କରିବା ପାଇଁ ମଧ୍ୟ ପଦକ୍ଷେପ ନିଆଯାଉଛି । ଆସନ୍ତା ବର୍ଷ 500 ନୂତନ ପ୍ରାଥମିକ ବିଦ୍ୟାଳୟ ଖୋଲିବାପାଇଁ ଓ 200 ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ 500 ନିମ୍ନ ପ୍ରାଥମିକ ବିଦ୍ୟାଳୟକୁ ଉନ୍ନୀତ କରିବା ପାଇଁ କାର୍ଯ୍ୟକ୍ରମ ରହିଛି । ତଦନୁସାରେ, ଆବଶ୍ୟକ ହେଉଥିବା ଅତିରିକ୍ତ ଶିକ୍ଷକ ନିଯୁକ୍ତ କରିବାକୁ ପଡ଼ିବ । ମାଧ୍ୟମିକ ଶିକ୍ଷା କ୍ଷେତ୍ରରେ ସରକାର ଗୋଟିଏ ଉଚ୍ଚ ବିଦ୍ୟାଳୟ ହାତକୁ ନେଇଛନ୍ତି ଏବଂ କଟକ ସହରରେ ଅନ୍ୟ ଏକ ଉଚ୍ଚ ବିଦ୍ୟାଳୟ ମଧ୍ୟ ଆରମ୍ଭ କରାଯାଇଛି । ଚଳିତ ବର୍ଷ ସରକାରୀ ଉଚ୍ଚ ବିଦ୍ୟାଳୟଗୁଡ଼ିକରେ ଅଧିକ 100ଟି ସେକ୍ସନ୍ ଖୋଲାଯାଇଛି ଏବଂ ଆସନ୍ତା ବର୍ଷ ବିଦ୍ୟାଳୟଗୁଡ଼ିକରେ ଆଉ 100ଟି ଅତିରିକ୍ତ ସେକ୍ସନ୍ ଖୋଲିବାର ପ୍ରସ୍ତାବ ରହିଛି । ଶିକ୍ଷା ଦୃଷ୍ଟିରୁ ଅନଗ୍ରସର ଅଞ୍ଚଳଗୁଡ଼ିକରେ ସରକାର 5ଟି ନୂଆ ସରକାରୀ ଉଚ୍ଚ ବିଦ୍ୟାଳୟ ଖୋଲିବାକୁ ମଧ୍ୟ ପ୍ରସ୍ତାବ ରଖିଛନ୍ତି । ସର୍ବୋପରି, ସରକାରୀ ଓ ବେସରକାରୀ ଉଚ୍ଚ

ବିଦ୍ୟାଳୟଗୁଡ଼ିକରେ ଥିବା ଭିତ୍ତିଭୂମିକ ଅଭାବ ଅସୁବିଧା ଦୂର କରିବା ପାଇଁ ଯୋଜନା ପ୍ରସ୍ତୁତ କରାଯାଉଛି ।

27. ଉଚ୍ଚତର ଶିକ୍ଷା କ୍ଷେତ୍ରରେ ବର୍ତ୍ତମାନର ସୁବିଧା ସୁଯୋଗକୁ ଅଧିକ ଉନ୍ନତ ତଥା ସଂଗଠିତ କରିବା ଦିଗରେ ଦେଖାଦେଉଥିବା କେତେକ ପ୍ରତିବନ୍ଧକ ପର୍ଯ୍ୟାୟକ୍ରମେ ଦୂରକରିବା ସରକାରଙ୍କ ପ୍ରଧାନ ଲକ୍ଷ୍ୟ । ଚଳିତବର୍ଷ ପ୍ରଥମ ପର୍ଯ୍ୟାୟରେ 2ଟି ସରକାରୀ ମହାବିଦ୍ୟାଳୟରେ +2 ପାଠ୍ୟକ୍ରମ ସ୍ତରରେ ବିଜ୍ଞାନ ଶିକ୍ଷା ପାଇଁ ସୁବିଧା ଯୋଗାଇ ଦିଆଯାଇଛି ଏବଂ ଖଲିକୋଟ କଲେଜ, ଗଙ୍ଗାଧର ମେହେର କଲେଜ ଓ ରେଭେନ୍‌ସା କଲେଜରେ ଏମ୍. ଫିଲ୍ ପାଠ୍ୟକ୍ରମ ପ୍ରବର୍ତ୍ତିତ ହୋଇଛି । ସ୍ନାତକ ସ୍ତରରେ ଅନର୍ସ ଶିକ୍ଷାଦେବା ପାଇଁ କେତେକ ସରକାରୀ ମହାବିଦ୍ୟାଳୟରେ ସ୍ଥାନ ସଂଖ୍ୟା ମଧ୍ୟ ବୃଦ୍ଧି କରାଯାଇଛି ।

28. ପୌଢ଼ଶିକ୍ଷା କାର୍ଯ୍ୟକ୍ରମ ଅନୁଯାୟୀ ଚଳିତବର୍ଷ 800ଟି କେନ୍ଦ୍ର ଖୋଲାଯାଇଛି । ଆସନ୍ତା ବର୍ଷ ଦୁର୍ବଳଶ୍ରେଣୀ ତଥା ମହିଳାଙ୍କ ମଧ୍ୟରୁ ଅନ୍ୟୁନ ଶତକଡ଼ା 60 ଭାଗ ଲୋକଙ୍କର ନାମ ଲେଖାଯିବା ଓ ଆଦିବାସୀ ହରିଜନ ଅଧ୍ୟୁଷିତ ଅଞ୍ଚଳମାନଙ୍କରେ ଅଧିକ ପ୍ରୌଢଶିକ୍ଷା କେନ୍ଦ୍ର ଖୋଲିବା ପାଇଁ ଯୋଜନା ରହିଛି । ଅଣ-ଆନୁଷ୍ଠାନିକ ଶିକ୍ଷା କେନ୍ଦ୍ରଗୁଡ଼ିକରେ 1.78 ଲକ୍ଷ ପିଲାଙ୍କୁ ଶିକ୍ଷା ଦିଆଯାଇଛି । ଆସନ୍ତା ବର୍ଷ ମଧ୍ୟ ଏହି ଯୋଜନା ଜାରି ରଖାଯିବ ।

29. ଜାତୀୟ ଶିକ୍ଷାନୀତି କାର୍ଯ୍ୟକାରୀ କରିବାକୁ ମୋ ସରକାର ପଦକ୍ଷେପ ନେଇଛନ୍ତି । ଏଥିପାଇଁ କି ପ୍ରକାର ଆଭିମୁଖ୍ୟ ଗ୍ରହଣ କରାଯିବ ତାହା ନିର୍ଦ୍ଧାରଣ କରିବା ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଏକ କ୍ୟାବିନେଟ ସବ୍‌କମିଟି ଗଠିତ ହୋଇଛି । ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ସରକାରୀ କର୍ମକର୍ତ୍ତାଙ୍କୁ ନେଇ ଅନ୍ୟ ଏକ କମିଟି ମଧ୍ୟ ଗଠନ କରାଯାଇଛି । ଏହି କମିଟି ପ୍ରଚଳିତ ଶିକ୍ଷା ଆଇନ ଓ ନିୟମାବଳୀ ସମୀକ୍ଷାକରି ତାହା ଯେପରି ଜାତୀୟ ଶିକ୍ଷାନୀତି ସହ ଖାପ ଖାଇପାରିବ ସେ ସମ୍ପର୍କରେ ସୁପାରିଶ କରିବେ । ଜାତୀୟ ଶିକ୍ଷାନୀତି ଅନୁଯାୟୀ କଟକର ମୁଣ୍ଡଳି, କେନ୍ଦୁଝରର ହଦଗଡ଼, ଢେଙ୍କାନାଳର ରେଙ୍ଗାଲି, ଫୁଲବାଣୀର ପିଲସାଲୁକି ଏବଂ କୋରାପୁଟର ସାଇକିଗଡ଼ା ପରି ଗ୍ରାମାଞ୍ଚଳରେ 5ଟି ନବୋଦୟ ବିଦ୍ୟାଳୟ ଆରମ୍ଭ କରାଯାଇଛି ।

30. ଇଂରାଜୀ ଭାଷା ଶିକ୍ଷା ଦେଉଥିବା ଶିକ୍ଷକମାନଙ୍କୁ ଉତ୍ସାହିତ କରିବା ପାଇଁ ସରକାର ଭୁବନେଶ୍ୱରଠାରେ ଗୋଟିଏ ଇଂରାଜୀ ଭାଷା ତାଲିମ ପ୍ରତିଷ୍ଠାନ ସ୍ଥାପନ କରିଛନ୍ତି । ଇନ୍ଦିରା ଗାନ୍ଧୀ ଜାତୀୟ ମୁକ୍ତ ବିଶ୍ୱବିଦ୍ୟାଳୟ ଭୁବନେଶ୍ୱରଠାରେ ଏହାର ଏକ ଆଞ୍ଚଳିକ କେନ୍ଦ୍ର ଖୋଲିଛନ୍ତି ।

31. 1980ର ଶିଳ୍ପନୀତି ଫଳରେ ରାଜ୍ୟରେ ଶିଳ୍ପ ସ୍ଥାପନ କ୍ଷେତ୍ରରେ ଏକ ଅଭିନବ ଜାଗରଣ ସୃଷ୍ଟି ହୋଇଛି ଏବଂ ଭବିଷ୍ୟତରେ ବ୍ୟାପକ ଶିଳ୍ପାୟନ ପାଇଁ ମୌଳିକ ଭିତ୍ତିଭୂମି ସୃଷ୍ଟି କରାଯାଇ ପାରିଛି । ଏସବୁକୁ ଭିତ୍ତିକରି 1986 ର ଶିଳ୍ପନୀତି ଆକର୍ଷଣୀୟ ପ୍ରୋତ୍ସାହନ ଯୋଗାଇଦେବା ଲକ୍ଷ୍ୟ ନେଇ ପ୍ରଣୀତ ହୋଇଛି । 1986 ଶିଳ୍ପନୀତିର ଉଲ୍ଲେଖନୀୟ ବିଷୟ ହେଲା ପ୍ରଦୂଷଣ ବିରୋଧି ବ୍ୟବସ୍ଥା ଗ୍ରହଣ କରିବା ପାଇଁ ରିହାତି, ଡିଜେଲ ଜେନେରେଟର ଉତ୍ପାଦନ ପାଇଁ ରିହାତି, ନିଜସ୍ୱ ବିଦ୍ୟୁତ୍ ଉତ୍ପାଦନ କେନ୍ଦ୍ର ସ୍ଥାପନ କରିବାକୁ ବିଦ୍ୟୁତ୍ ଶୁଳ୍କ ଛାଡ଼, ବିଦେଶରୁ କାରିଗରୀ କୌଶଳ ଆହରଣ ନିମନ୍ତେ ରିହାତି, ଆଦିବାସୀ, ହରିଜନ ଓ ମହିଳା ଶିଳ୍ପୋଦ୍ୟୋଗୀଙ୍କୁ ଅଧିକ ପ୍ରୋତ୍ସାହନ ଦେବା ଇତ୍ୟାଦି । ଇଲେକ୍ଟ୍ରୋନିକ୍ ଶିଳ୍ପର ବିକାଶ ପାଇଁ ବିକ୍ରିକର ରିହାତି, ଅନଗ୍ରସର ଜିଲାମାନଙ୍କରେ ଶିଳ୍ପ-ସ୍ଥାପନ ପାଇଁ ଅଧିକ ପ୍ରୋତ୍ସାହନ ପ୍ରଦାନ ଇତ୍ୟାଦି ନୂତନ ଶିଳ୍ପନୀତିର କେତେକ ବିଶିଷ୍ଟ ବ୍ୟବସ୍ଥା । ରାସାୟନିକ, ଇଂଜିନିୟରିଂ ଏବଂ ଇଲେକ୍‌ଟ୍ରୋନିକ୍ ଶିଳ୍ପ ସ୍ଥାପନ ଉପରେ ଗୁରୁତ୍ୱ ଆରୋପ କରାଯାଇ ସ୍ୱତନ୍ତ୍ର ଶିଳ୍ପାଞ୍ଚଳ ସ୍ଥାପନ କରାଯାଉଛି । ବହୁ ସଂଖ୍ୟକ ବୃହତ୍ ଓ ମଧ୍ୟମ ଶିଳ୍ପ ପ୍ରକଳ୍ପ ଚିହ୍ନଟ କରାଯାଇଛି । ଅଟୋ-ମୋବାଇଲ ଟାୟାର ଓ ଟିଉବ୍, ଟିଟାନିୟମ ଡାଇଅକ୍‌ସାଇଡ୍, ଆଲୁମିନିୟମ ରୋଲିଂ ଓ କାଷ୍ଟିଂ, ନିଜସ୍ୱ କଂପୁଟର, ତାର-ବିହୀନ ଟେଲିଫୋନ୍, ବୋତାମ ଟିପା ଟେଲିଫୋନ୍, ସୁସଂସ୍କୃତ ଇଲେକ୍‌ଟ୍ରୋନିକ୍

ରାଜ୍ୟପାଳଙ୍କ ଅଭିଭାଷଣ

ଏକ୍ସଟେଂକ, ପଲିଷ୍ଟର ଫିଲାମେଣ୍ଟ ୟାର୍ଣ୍ଣ ଏବଂ ପ୍ଲାଇଉଡ଼ ପରି ବହୁ ଶିଳ୍ପ ତନ୍ମଧ୍ୟରେ ଅନ୍ତର୍ଭୁକ୍ତ । ଏକ୍ସଟେଂକ, ପଲିଷ୍ଟର ଫିଲାମେଣ୍ଟ ୟାର୍ଣ୍ଣ ଏବଂ ପ୍ଲାଇଉଡ଼ ... ସ୍ଥାପନ କରିବାକୁ ଯୋଜନା କରିଛନ୍ତି । ଓପିକଲ ସଂସ୍ଥା 105ଟି ବୃହତ୍ ଓ ମଧ୍ୟମ ଶିଳ୍ପ ସ୍ଥାପନ କରିବାକୁ ଯୋଜନା କରିଛନ୍ତି । ଚଳିତବର୍ଷ ଓପିକଲ ପକ୍ଷରୁ 1623 ଲକ୍ଷ ଟଙ୍କା ବିନିଯୋଗ କରାଯାଇ ୪୨ଟି ବୃହତ୍ ଓ ମଧ୍ୟମ ଶିଳ୍ପ ପ୍ରକଳ୍ପକୁ ସାହାଯ୍ୟ କରିବାର ଯୋଜନା ରହିଛି । ଆସନ୍ତା ବର୍ଷ 1710 ଲକ୍ଷ ଟଙ୍କା ବିନିଯୋଗରେ 45ଟି ଶିଳ୍ପସଂସ୍ଥାକୁ ସାହାଯ୍ୟ କରିବାର ଯୋଜନା ରହିଛି । ସାହାଯ୍ୟପ୍ରାପ୍ତ ଶିଳ୍ପ କାରଖାନା ମଧ୍ୟରୁ 11ଟିରେ ଉତ୍ପାଦନ ଆରମ୍ଭ ହେଲଣି ଏବଂ ନିକଟ ଭବିଷ୍ୟତରେ 49ଟିରେ ବ୍ୟବସାୟିକ ଭିତ୍ତିରେ ଉତ୍ପାଦନ ଆରମ୍ଭ ହେବାର ଆଶା କରାଯାଏ । ଚଳିତବର୍ଷ ଇଲେକ୍ଟ୍ରୋନିକ୍ ଉନ୍ନୟନ ନିଗମ ଗୋଟିଏ ନୂଆ କାରଖାନା ସମେତ 5ଟି ପ୍ରକଳ୍ପ ପାଇଁ 190·60ଲକ୍ଷ ଟଙ୍କା ବିନିଯୋଗ କରିଛନ୍ତି । ଆସନ୍ତାବର୍ଷ 5ଟି ନୂଆ ପ୍ରକଳ୍ପ ସମେତ 7ଟି ପ୍ରକଳ୍ପକୁ 169ଲକ୍ଷ ଟଙ୍କା ସାହାଯ୍ୟ ଦିଆଯିବାର ପ୍ରସ୍ତାବ ରହିଛି । ଶିଳ୍ପ ଉନ୍ନୟନ ନିଗମ ଦ୍ୱାରା ଆସିକାଠାରେ ସୂତାକଳର ନିର୍ମାଣ କାର୍ଯ୍ୟ ସଂପୂର୍ଣ୍ଣ ହୋଇଗଲଣି । ଯାଜପୁରଠାରେ ଏକ ଫେରୋନିକେଲ କାରଖାନା ସ୍ଥାପନ ଏବଂ ବରଗଡ଼ ହୀରା ସିମେଣ୍ଟ କାରଖାନାର ସଂପ୍ରସାରଣ ଏହି ନିଗମର କାର୍ଯ୍ୟକ୍ରମ ମଧ୍ୟରେ ଅନ୍ତର୍ଭୁକ୍ତ । ଚମଡ଼ା ନିଗମ ତରଫରୁ ବାଲେଶ୍ୱରଠାରେ 100 % ରପ୍ତାନୀ ଭିତ୍ତିକ ଏକ ପ୍ରକଳ୍ପ ସ୍ଥାପିତ ହେବାକୁ ଯାଉଛି ।

32. କ୍ଷୁଦ୍ରଶିଳ୍ପ ଯୋଜନା ଅନୁଯାୟୀ ଆସନ୍ତା ବର୍ଷ 56·10 କୋଟି ଟଙ୍କା ବିନିଯୋଗରେ 3,300ଟି ୟୁନିଟ୍ ସ୍ଥାପନ କରିବାର କାର୍ଯ୍ୟକ୍ରମ ରହିଛି । କ୍ଷୁଦ୍ରଶିଳ୍ପ ସ୍ଥାପନ କ୍ଷେତ୍ରରେ ଆନୁଷଙ୍ଗିକ ଶିଳ୍ପ ଏବଂ ନାଲ୍‌କୋ ପରି ବୃହତ ଶିଳ୍ପ ସହିତ ସଂପୃକ୍ତ ଥିବା ସହଯୋଗୀ ଶିଳ୍ପମାନ ସ୍ଥାପନ କରିବା ଉପରେ ଗୁରୁତ୍ୱ ଆରୋପ କରାଯାଉଛି ।

33. ହସ୍ତତନ୍ତ କ୍ଷେତ୍ରରେ, ସିନ୍ଥେଟିକ୍ ସୂତା ପ୍ରସ୍ତୁତ କରିବା ଲାଗି ଢେଙ୍କାନାଳର ସୂତାକଳକୁ ଯନ୍ତ୍ରପାତି ଇତ୍ୟାଦି ଯୋଗାଣ ଏବଂ ଫୁଲବାଣୀ ଓ ବଲାଙ୍ଗୀରରେ ସିନ୍ଥେଟିକ୍ ସୂତାକଳ ସ୍ଥାପନ କରିବା ବ୍ୟତୀତ ବାଲେଶ୍ୱରଠାରେ ଏକ ସମବାୟ ସୂତାକଳ ମଧ୍ୟ ସ୍ଥାପିତ ହେଉଛି । ଆସନ୍ତା ବର୍ଷ 37·50 କୋଟି ଟଙ୍କା ବିନିଯୋଗରେ 75,000 କାରିଗରୀ ଶିଳ୍ପ ସଂସ୍ଥାକୁ ଉନ୍ନତ କରାଯିବ । ଚଳିତ ବର୍ଷ ଓ ଆସନ୍ତା ବର୍ଷ ଖଦୀ ଓ ଗ୍ରାମୋଦ୍ୟୋଗର ବିକାଶ ପାଇଁ 424·65 ଲକ୍ଷ ଟଙ୍କା ବିନିଯୋଗ କରାଯିବାର ଯୋଜନା ରହିଛି ।

34. ଭାରତୀୟ ଶିଳ୍ପ ଉନ୍ନୟନ ବ୍ୟାଙ୍କ୍, ବ୍ୟବସାୟିକ ବ୍ୟାଙ୍କ୍ ଏବଂ ଅନ୍ୟାନ୍ୟ ଅର୍ଥ ଲଗାଣକାରୀ ସଂସ୍ଥାଗୁଡ଼ିକ ସହାୟତାରେ ରୁଗ୍ଣ ଶିଳ୍ପ କାରଖାନାଗୁଡ଼ିକର ପୁନରୁଦ୍ଧାର ପାଇଁ ସମନ୍ୱିତ ଉଦ୍ୟମ କରାଯାଉଛି ।

35. ବୈଷୟିକ ଜ୍ଞାନର କ୍ରମ ବିକାଶ ଓ ନୂତନ ଶିଳ୍ପର ଅଭ୍ୟୁଦୟ ସହିତ ସମତାଳ ରଖିବା ପାଇଁ ବୈଷୟିକ ଶିକ୍ଷାର ପୁନର୍ବିନ୍ୟାସ କରିବା ଦିଗରେ ବହୁ ପଦକ୍ଷେପ ନିଆଯାଉଛି । ସରକାରୀ ଇଞ୍ଜିନିୟରିଂ କଲେଜ, ଇଞ୍ଜିନିୟରିଂ ସ୍କୁଲ ଓ ଆଇ. ଟି. ଆଇ. ଗୁଡ଼ିକରେ ଇଲେକ୍ଟ୍ରୋନିକ୍ ଓ କମ୍ପୁଟର ବ୍ୟବହାର ସଂପର୍କୀୟ ପାଠ୍ୟକ୍ରମ ପ୍ରଚଳନ କରିବାକୁ ଯାଉଛନ୍ତି, ଏବଂ ଏଥି ସଙ୍ଗେ ସଙ୍ଗେ ନୂତନ ଅନୁଷ୍ଠାନ ସବୁ ମଧ୍ୟ ସ୍ଥାପିତ ହୋଉଛି । ସେସବୁ ହେଲା— ଭୁବନେଶ୍ୱରରେ ମହିଳାଙ୍କ ପାଇଁ ଆଇ. ଟି. ଆଇ. ଏବଂ ଢେଙ୍କାନାଳରେ ମହିଳା ପଲିଟେକ୍‌ନିକ୍ । ସରକାର ବ୍ୟବସାୟ ପ୍ରଶାସନ (ବିଜିନେସ୍ ଅଡ୍‌ମିନିଷ୍ଟ୍ରେସନ୍) ସଂପର୍କରେ ଶିକ୍ଷା ଦେବା ପାଇଁ ଗୋଟିଏ ଅନୁଷ୍ଠାନ ଏବଂ ଶିଳ୍ପୋଦ୍ୟୋଗୀଙ୍କ ଉନ୍ନତି ପାଇଁ ଗୋଟିଏ କେନ୍ଦ୍ର ଖୋଲିବାକୁ ଯାଉଛନ୍ତି । ଭୁବନେଶ୍ୱରଠାରେ କେନ୍ଦ୍ରୀୟ ପ୍ଲାଷ୍ଟିକ୍ ଇଞ୍ଜିନିୟରିଂ ପ୍ରତିଷ୍ଠାନର ଏକ ଆଞ୍ଚଳିକ କେନ୍ଦ୍ର ସ୍ଥାପିତ ହୋଉଛି । ଏହା ଫଳରେ ରାଜ୍ୟରେ ପଲିମର ଓ ପ୍ଲାଷ୍ଟିକ୍ ଶିଳ୍ପ ସ୍ଥାପନ କ୍ଷେତ୍ରରେ ଯେଉଁସବୁ ବୈଷୟିକ ଆବଶ୍ୟକତା ତଥା ଅଭାବ ପରିଲକ୍ଷିତ ହେଉଛି, ତାହା

ପୂରଣ ହୋଇପାରିବ । ରାଜ୍ୟରେ ଶିଳ୍ପ ପ୍ରସାର ପାଇଁ ଯେ ଉଜ୍ଜ୍ୱଳ ସମ୍ଭାବନା ରହିଛି ଓ ଭବିଷ୍ୟତରେ ଏହି ସମ୍ଭାବନା ଅଧିକ ବୃଦ୍ଧି ପାଇବ, ତାହା ସହଜରେ ଅନୁମେୟ ।

୩୬. ବିଦ୍ୟୁତ୍ ଶକ୍ତି ଉତ୍ପାଦନ କ୍ଷେତ୍ରରେ ଷଷ୍ଠ ଯୋଜନା ଶେଷ ସୁଦ୍ଧା ଉତ୍ପାଦିତ ହୋଇଥିବା ବିଦ୍ୟୁତ୍ ଶକ୍ତି ତୁଳନାରେ ସରକାର ଇତି ମଧ୍ୟରେ ଅଧିକ ବିଦ୍ୟୁତ୍ ଉତ୍ପାଦନ କରିଛନ୍ତି । ରେଙ୍ଗାଲି ପ୍ରକଳ୍ପରୁ ଉତ୍ପାଦିତ 100 ମେଗାଓ୍ୱାଟ୍ ବିଦ୍ୟୁତ୍ ମିଶିବା ଫଳରେ ରାଜ୍ୟର ପ୍ରତିଷ୍ଠିତ ସାମର୍ଥ୍ୟ 1,234 ମେଗାଓ୍ୱାଟକୁ ବୃଦ୍ଧି ପାଇଛି । ରାଜ୍ୟରେ 5୪4 ମେଗାଓ୍ୱାଟ୍ ବିଦ୍ୟୁତ୍ ଶକ୍ତି ଉତ୍ପାଦିତ ହେଉଥିବା ସ୍ଥଳେ ବସ୍ତୁତଃ, ବିଦ୍ୟୁତ୍ ଚାହିଦା ଏହାଠାରୁ ଯଥେଷ୍ଟ ବେଶୀ ; ପ୍ରାୟ ୪୦୦ ମେଗାଓ୍ୱାଟ୍ ହେବ । ବିଦ୍ୟୁତ୍ ଶକ୍ତିର ଚାହିଦା ଓ ଯୋଗାଣ ମଧ୍ୟରେ ଥିବା ବ୍ୟବଧାନକୁ ଦୂର କରିବା ପାଇଁ ସରକାର ଆନ୍ତରିକ ଉଦ୍ୟମ କରୁଛନ୍ତି । ତଦନୁଯାୟୀ, ନିର୍ମାଣାଧୀନ ଥିବା ଅପର କୋଲବ୍, ଅପର କୋଲବ୍ ଦ୍ୱିତୀୟ ପର୍ଯ୍ୟାୟ, ଅପର ଇନ୍ଦ୍ରାବତୀ, ରେଙ୍ଗାଲି ଦ୍ୱିତୀୟ ପର୍ଯ୍ୟାୟ ଏବଂ ହୀରାକୁଦ ସପ୍ତମ ୟୁନିଟ୍‌ର କାର୍ଯ୍ୟ ସଂପୂର୍ଣ୍ଣ କରିବା ପାଇଁ କାର୍ଯ୍ୟକ୍ରମ ରହିଛି । ତାଳଚେରଠାରେ ସୁପର ଥର୍ମାଲ୍ ବିଦ୍ୟୁତ କେନ୍ଦ୍ର ସ୍ଥାପନ କରିବାପାଇଁ ରାଜ୍ୟ ସରକାର ସବୁ ପ୍ରକାର ସାହାଯ୍ୟ ଦେଉଛନ୍ତି । ଏହି କାରଖାନାକୁ ବିଶ୍ୱବ୍ୟାଙ୍କ ଆର୍ଥିକ ସହାୟତା ଯୋଗାଇବେ ଓ ଜାତୀୟ ତାପଜ ବିଦ୍ୟୁତ୍ ନିଗମ ଆନୁକୂଲ୍ୟରେ ଏହା କାର୍ଯ୍ୟକାରୀ ହେବ । ଇବ୍ ଉପତ୍ୟକାରେ ଓଡ଼ିଶା ବିଦ୍ୟୁତ୍ ଉତ୍ପାଦନ ନିଗମ ଜରିଆରେ ୪୪୦ ମେଗାଓ୍ୱାଟ୍ ଶକ୍ତି ସଂପନ୍ନ ଏକ ନୂତନ ତାପଜ ବିଦ୍ୟୁତ୍ କେନ୍ଦ୍ର ଯଥାଶୀଘ୍ର ନିର୍ମିତ ହେବାକୁ ଯାଉଛି ।

37. ଜଳସେଚନ କ୍ଷେତ୍ରରେ, ଷଷ୍ଠଯୋଜନା ଶେଷ ସୁଦ୍ଧା ଯେତେ ଜମି ଜଳସେଚିତ ହେଉଥିଲା, ସପ୍ତମ ଯୋଜନାର କେବଳ ପ୍ରଥମ ବର୍ଷରେ ଖରିଫ୍ ଋତୁରେ ଅଧିକ 12·65 ହଜାର ହେକ୍ଟର ଏବଂ ରବି ଋତୁରେ 7·3୪ ହଜାର ହେକ୍ଟର ଜମିରେ ଜଳସେଚନ କରାଯାଇ ପାରିଛି । ଆସନ୍ତା ବର୍ଷ ଖରିଫରେ ଅଧିକ 44·54 ହଜାର ହେକ୍ଟର ଏବଂ ରବିରେ 30·55 ହଜାର ହେକ୍ଟର ଜମିରେ ଜଳସେଚନ ସୁବିଧା ସୃଷ୍ଟି କରିବାକୁ କାର୍ଯ୍ୟକ୍ରମ ରହିଛି । ଏହିସବୁ ସୁବିଧା ମଧ୍ୟମ ଓ ବୃହତ୍ ସେଚ ପ୍ରକଳ୍ପଗୁଡ଼ିକରୁ ମିଳୁଛି । କ୍ଷୁଦ୍ର ଜଳସେଚନ ପ୍ରକଳ୍ପଗୁଡ଼ିକ ସାହାଯ୍ୟରେ ଖରିଫ୍‌ରେ ଅଧିକ 1,511 ହେକ୍ଟର ଓ ରବିରେ 742 ହେକ୍ଟର ଜମିରେ ଜଳସେଚନ ପାଇଁ ସୁବିଧା ସୃଷ୍ଟି କରାଯାଇଛି । ଚଳିତ ବର୍ଷ ଖରିଫ୍‌ରେ ଅଧିକ 3,004 ହେକ୍ଟର ଓ ରବି ଋତୁରେ ୬୬୦ ହେକଟର ଜମି ଏବଂ ଆସନ୍ତାବର୍ଷ ଖରିଫ୍‌ରେ 3,652 ହେକ୍ଟର ଓ ରବିରେ 63୪ ହେକ୍ଟର ଜମିରେ ଜଳସେଚନ କରିବା ପାଇଁ ଯୋଜନା ରହିଛି । ଷଷ୍ଠ ଯୋଜନା ଶେଷ ସୁଦ୍ଧା ଜଳସେଚିତ 3·66 ଲକ୍ଷ ହେକ୍ଟର ଜମିକୁ ଛାଡ଼ି ଏହି ଅଧିକ ଜମି ଜଳସେଚିତ ହେଉଛି । ଆସନ୍ତା ବର୍ଷ 1,000ଟି ଉଠା ଜଳସେଚନ ପଏଣ୍ଟ ସ୍ଥାପନ କରି ପ୍ରାୟ 24,000 ହେକ୍ଟର ଜମିକୁ ଜଳ ଯୋଗାଇ ଦେବା ପାଇଁ କାର୍ଯ୍ୟକ୍ରମ ରହିଛି ।

୩୮. ବନ୍ୟା ନିୟନ୍ତ୍ରଣ କ୍ଷେତ୍ରରେ ପ୍ରାୟ 500 ବର୍ଗ କିଲୋମିଟର ଜମିକୁ ବନ୍ୟା ବିପର୍ଯ୍ୟୟରୁ ରକ୍ଷା କରିବା ପାଇଁ ଆବଶ୍ୟକୀୟ ଭିତ୍ତିଭୂମି ସୃଷ୍ଟି କରିବାକୁ ସପ୍ତମ ଯୋଜନାରେ ବ୍ୟୟ ବ୍ୟବସ୍ଥା କରାଯାଇଛି । ଚଳିତ ବର୍ଷ 1୨ ଟି ବନ୍ୟା ନିୟନ୍ତ୍ରଣ ଯୋଜନା କାର୍ଯ୍ୟକାରୀ କରି 300 ବର୍ଗ କିଲୋମିଟର ଜମିକୁ ବନ୍ୟା ଦାଉରୁ ରକ୍ଷା କରାଯାଇଛି । ଆସନ୍ତା ବର୍ଷ ଏପରି 1୨ଟି ନୂଆ ଯୋଜନା ହାତକୁ ନିଆଯିବ ଏବଂ ଅସଂପୂର୍ଣ୍ଣ ଥିବା ଯୋଜନାଗୁଡ଼ିକୁ ସଂପୂର୍ଣ୍ଣ କରାଯିବ ।

୩୯. ଜନସାଧାରଣଙ୍କୁ ଶକ୍ତିର ବିକଳ୍ପ ବ୍ୟବସ୍ଥା ଯୋଗାଇ ଦେବା କ୍ଷେତ୍ରରେ ରାଜ୍ୟ ସରକାର ଦ୍ରୁତ ଅଗ୍ରଗତି କରିଛନ୍ତି । ଯଥେଷ୍ଟ ସଂଖ୍ୟକ ବାୟୋଗ୍ୟାସ୍ ପ୍ଲାଣ୍ଟ, ଚୁଲି, ପବନ ଚାଳିତ କଳ, ସୌର ଚୁଲି, ସୂର୍ଯ୍ୟ ରଶ୍ମିକୁ ଉପଯୋଗ କରି ପାଣି ଉତ୍ତପ୍ତ କରିବା ପ୍ଲାଣ୍ଟ, ସୋଲର ଡି ସାଲିନେସନ୍ ସିଷ୍ଟମ୍ ବ୍ୟତୀତ ଓଡ଼ିଶା ଅକ୍ଷୟ ଶକ୍ତି ବିକାଶ ସଂସ୍ଥା (ଓଡ଼ିଡ଼ା) ତରଫରୁ ପୁରୀଠାରେ ୫୦୦ କିଲୋୱାଟ୍ ବିଶିଷ୍ଟ ପବନ ଚାଳିତ କଳ,

ରାଜ୍ୟପାଳଙ୍କ ଅଭିଭାଷଣ

କୋଣାର୍କ ଓ ଗୋପାଳପୁର ଠାରେ ଏରୋ-ଜେନେରେଟର, କଟକ ଓ ପୁରୀଠାରେ 11ଟି ଫଟୋ ଭୋଲଟାଇକ୍ ପମ୍ପସେଟ୍ ଓ ଢେଙ୍କାନାଳ ଜିଲ୍ଲାରେ ଫଟୋ ଭୋଲଟାଇକ୍ ଷ୍ଟ୍ରିଟ୍ ଲାଇଟ୍ ସ୍ଥାପନ କରାଯାଇଛି । ସର୍ବୋପରି ଏହି ସଂସ୍ଥା ଦ୍ୱାରା କେନ୍ଦୁଝର ଠାରେ ଆରମ୍ଭ ହୋଇଥିବା ଏକ ମାଇକ୍ରୋ ହାଇଡ୍ରଲ ପ୍ରୋଜେକ୍ଟର କାର୍ଯ୍ୟ ଖୁବ୍ ଶୀଘ୍ର ଶେଷ ହେବ ଏବଂ ଅନ୍ୟ ଦୁଇଟି ପ୍ରୋଜେକ୍ଟର ନିର୍ମାଣ କାର୍ଯ୍ୟ ଚାଲିଛି 'ଇଣ୍ଟିଗ୍ରେଟେଡ୍ ରୁରାଲ ଏନର୍ଜି ପ୍ରୋଗ୍ରାମ' ନାମରେ ଏକ ଯୋଜନା ଆରମ୍ଭ କରାଯାଇଛି । ଏହି ସଂସ୍ଥା ଉଲ୍ଲେଖନୀୟ ସଫଳତା ହାସଲ କରିଛି ଏବଂ ଏହାର ଉଜ୍ଜ୍ୱଳ ଭବିଷ୍ୟତର ସୂଚନା ମିଳେ ।

୪୦. ବିଜ୍ଞାନ ଓ ବୈଷୟିକ ଜ୍ଞାନର ବିକାଶ କ୍ଷେତ୍ରରେ ଭୁବନେଶ୍ୱର ଠାରେ ନିର୍ମାଣାଧୀନ ପଠାଣି ସାମନ୍ତ ପ୍ଲାନେଟାରିୟମ୍ ଏକ ଉଲ୍ଲେଖନୀୟ ପଦକ୍ଷେପ । ଜାତୀୟ ବିଜ୍ଞାନ ସଂଗ୍ରହାଳୟ ପରିଷଦ ସହଯୋଗିତାରେ ନିର୍ମିତ ହେଉଥିବା ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର ସଂପୂର୍ଣ୍ଣ ହେବାକୁ ଯାଉଛି । ଓଡ଼ିଶା ରିମୋଟ୍ ସେନ୍ସିଂ ଆପ୍ଲିକେସନ୍ ସେଣ୍ଟର (ORSAC) ଆନୁକୂଲ୍ୟରେ ଜମି ଓ ଜଳ ସଂପର୍କୀୟ ଯୋଜନା ସର୍ଭେ କାର୍ଯ୍ୟ ଆଗେଇ ଚାଲିଛି । ସଂପ୍ରତି ପ୍ରତିଷ୍ଠିତ ହୋଇଥିବା ଓଡ଼ିଶା କଂପ୍ୟୁଟର ଆପ୍ଲିକେସନ୍ ସେଣ୍ଟରରେ ବହୁ ସଂଖ୍ୟକବ୍ୟକ୍ତି ତାଲିମ ପାଉଲେଣି ଏବଂ ଏହି ତାଲିମ କାର୍ଯ୍ୟକ୍ରମ ଚାଲୁ ରହିବ । ଭାରତ ସରକାରଙ୍କ ଦ୍ୱାରା ଭୁବନେଶ୍ୱରଠାରେ ଏକ ସୁପର କଂପ୍ୟୁଟର ଖୁବ୍ ଶୀଘ୍ର ସ୍ଥାପିତ ହେବାକୁ ଯାଉଛି ।

୪୧. ପାରିପାର୍ଶ୍ୱିକ ଭାରସାମ୍ୟ ଓ ପରିବେଶ ସୁରକ୍ଷା କ୍ଷେତ୍ରରେ ରାଜ୍ୟ ପ୍ରଦୂଷଣ ନିରୋଧ ଓ ନିୟନ୍ତ୍ରଣ ବୋର୍ଡଙ୍କ ଦ୍ୱାରା ପ୍ରଦୂଷଣ ନିରୋଧ ଆବଶ୍ୟକତା ରହିଥିବା ରାଜ୍ୟର ୩୪୬ ଟି ଶିଳ୍ପ କାରଖାନାକୁ ଚିହ୍ନଟ କରାଯାଇଛି । ଏହିସବୁ ଶିଳ୍ପକୁ ପ୍ରଦୂଷଣ ମୁକ୍ତ କରିବା ପାଇଁ ଯୋଜନା ହେଉଛି ।

42. ଭୁବନେଶ୍ୱର ସମୀପବର୍ତ୍ତୀ ୪୮୫ ଏକର ଜମିରେ ଆଞ୍ଚଳିକ ଉଦ୍ଭିଦ ଗବେଷଣା କେନ୍ଦ୍ରର ନିର୍ମାଣ କାର୍ଯ୍ୟ ଦ୍ରୁତ ଆଗେଇ ଚାଲିଛି । ଚନ୍ଦକା ନିକଟବର୍ତ୍ତୀ 2୬0 ବର୍ଗ କିଲୋମିଟର ଅଞ୍ଚଳରେ ହାତୀମାନଙ୍କର ସୁରକ୍ଷା ପାଇଁ ଏକ ବନ୍ୟପ୍ରାଣୀ ସଂରକ୍ଷଣ ଡିଭିଜନ ସୃଷ୍ଟି କରାଯାଇଛି । ପରିବେଶ ସୁରକ୍ଷା ସଂପର୍କରେ ଜନଜାଗରଣ ସୃଷ୍ଟି କରିବା ଲାଗି ସରକାର ଆଲୋଚନାଚକ୍ର, କର୍ମଶାଳା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରିବା ସଙ୍ଗେ ସଙ୍ଗେ ଏ ସଂପର୍କରେ ଚଳଚ୍ଚିତ୍ର ମଧ୍ୟ ପ୍ରଦର୍ଶିତ ହେଉଛି । ପରିବେଶକୁ ନିର୍ମଳ ରଖିବାକୁ ଉତ୍ସାହିତ କରିବା ପାଇଁ ସ୍ୱେଚ୍ଛାସେବୀ ଅନୁଷ୍ଠାନମାନଙ୍କ ନିମନ୍ତେ ସରକାର ପ୍ରକୃତିମିତ୍ର ନାମକ ଏକ ପୁରସ୍କାର ପ୍ରଦାନର ବ୍ୟବସ୍ଥା କରିଥିବା ବିଷୟ ଆପଣମାନେ ଜାଣନ୍ତି ।

୪୩. ବନ୍ୟପ୍ରାଣୀ ସଂରକ୍ଷଣ କରିବା ଲକ୍ଷ୍ୟରେ କୁମ୍ଭୀର ପ୍ରଜନନ ଓ ଆବଦ୍ଧ ପରିବେଷ୍ଟନୀ ମଧ୍ୟରେ ଘଡ଼ିଆଳ, ଧଳାବାଘ ଓ ଏସୀୟ ସିଂହମାନଙ୍କର ପ୍ରଜନନ ସଂପର୍କରେ ଗବେଷଣା କରିବା ପାଇଁ ୪ଟି ଗବେଷଣା କେନ୍ଦ୍ର ସ୍ଥାପନ କରାଯାଇଛି । ଏଗୁଡ଼ିକ ବ୍ୟତୀତ ସିଂହ ସଫାରୀ, ବିଭିନ୍ନ ମୃଗ ବିହାର ଓ ବନ୍ୟ ଜନ୍ତୁଙ୍କ ଅଭୟାରଣ୍ୟ ମଧ୍ୟ ନିର୍ମିତ ହୋଇଛି ।

୪୪. ଅଧିକ ଖାଦ୍ୟ ଓ ଜାଳେଣି ସଂଗ୍ରହ, ପାରିପାର୍ଶ୍ୱିକ ଭାରସାମ୍ୟ ରକ୍ଷା ଏବଂ ଗ୍ରାମାଞ୍ଚଳରେ କର୍ମ ନିଯୁକ୍ତି ସୁବିଧା ସୃଷ୍ଟି ସଂପର୍କରେ ଯେଉଁ ବହୁବିଧ ଉଦ୍ୟମ କରାଯାଇଛି ତାହା ସରକାରଙ୍କ ଜଙ୍ଗଲ ସଂରକ୍ଷଣ ଓ ଉନ୍ନୟନ କାର୍ଯ୍ୟକ୍ରମରେ ପ୍ରତିଫଳିତ । ଭାରତ ସରକାରଙ୍କର ଲକ୍ଷ୍ୟ ଅବଲମ୍ବନରେ ପ୍ରଣୀତ ରାଜ୍ୟ ସରକାରଙ୍କ ନୀତି ଅନୁଯାୟୀ

ସପ୍ତମ ଯୋଜନା କାଳରେ ପ୍ରତ୍ୟେକ ବର୍ଷ 5 ନିୟୁତ ହେକଟର ଜମିରେ ଜଙ୍ଗଲ ସୃଷ୍ଟି କରାଯିବ । ଚଳିତ ବର୍ଷ ଅଦ୍ୟାବଧି ପ୍ରାୟ 65,000 ହେକ୍ଟର ଜମିରେ ବୃକ୍ଷ ରୋପଣ, 21,000 ହେକ୍ଟର ଜମିରେ ପୁନଃରୋପଣ, 1,024.5 କିଲୋମିଟର ଅଞ୍ଚଳରେ ପଥପାର୍ଶ୍ୱ ବୃକ୍ଷ ରୋପଣ କରାଯିବା ସଙ୍ଗେ ସଙ୍ଗେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଯାୟୀ ୧୪୨ ଲକ୍ଷ ଚାରା ବଣ୍ଟନ କରାଯାଇଛି । ବେସରକାରୀ ଉଦ୍ୟମରେ ନର୍ସରୀ ପ୍ରସ୍ତୁତ କରାଯାଇ ସଂପୃକ୍ତ ଲୋକଙ୍କଠାରୁ ଚାରା କ୍ରୟ କରିବାର ବ୍ୟବସ୍ଥା କରାଯାଇଛି ଏବଂ ଏତଦ୍ୱାରା ସେମାନଙ୍କୁ ଏହି କାର୍ଯ୍ୟକ୍ରମରେ ସଂଶ୍ଳିଷ୍ଟ କରାଯାଇଛି । ଆସନ୍ତା ବର୍ଷ ୩୪,୨୪୬ ହେକ୍ଟର ଜମିରେ ବୃକ୍ଷ ରୋପଣ, 5,000 ହେକ୍ଟର ଜମିରେ ପୁନଃରୋପଣ ଏବଂ 210 ଲକ୍ଷ ଚାରା ବଣ୍ଟନ କରିବାର କାର୍ଯ୍ୟକ୍ରମ ରହିଛି । ଏନ୍. ଆର୍. ଇ. ପି. ଏବଂ ଆର୍. ଏଲ୍. ଇ. ଜି. ପି. ପରି କର୍ମ ନିଯୁକ୍ତି ସୃଷ୍ଟି କରୁଥିବା କାର୍ଯ୍ୟକ୍ରମ ଅନୁଯାୟୀ ବୃକ୍ଷ ରୋପଣ ଉପରେ ଗୁରୁତ୍ୱ ଦିଆଯାଉଥିବାରୁ ଏ କ୍ଷେତ୍ରରେ ବାସ୍ତବିକ ଅଧିକ ସାଫଲ୍ୟ ହାସଲ ହୋଇପାରିବ ବୋଲି ଆଶା । ଆନୁଷ୍ଠାନିକ ଋଣ ବିନିଯୋଗ କରି ମିଳିତ ଉଦ୍ୟୋଗରେ ନିଜସ୍ୱ ଚାରା ଉଦ୍ୟାନ ପ୍ରସ୍ତୁତ କରିବାର ଚିନ୍ତାଧାରାକୁ ବୃକ୍ଷ ରୋପଣ ଉନ୍ନୟନ ନିଗମ ଜରିଆରେ ରୂପାୟିତ କରାଯାଇଛି । ଏହି କାର୍ଯ୍ୟକ୍ରମର ପରିଚାଳନା କରିବା ପାଇଁ ରାଜ୍ୟ ସରକାର କେନ୍ଦ୍ର ସରକାରଙ୍କ ଢାଞ୍ଚାରେ ରାଜ୍ୟ ଜମି ଉପଯୋଗ ତଥା ପତିତ ଜମି ଉନ୍ନୟନ ପରିଷଦ, ରାଜ୍ୟ ଜମି ଉପଯୋଗ ତଥା ସଂରକ୍ଷଣ ବୋର୍ଡ ଏବଂ ଓଡ଼ିଶା ରାଜ୍ୟ ପତିତ ଜମି ଉନ୍ନୟନ ବୋର୍ଡ ଗଠନ କରିଛନ୍ତି । ସ୍ୱିଡେନ ଆନ୍ତର୍ଜାତିକ ଉନ୍ନୟନ ସଂସ୍ଥା (SIDA) ର ସହଯୋଗୀତାରେ ୨ଟି ଜିଲାରେ ଓଡ଼ିଶା ସାମାଜିକ ବନୀକରଣ ପ୍ରକଳ୍ପ କାର୍ଯ୍ୟକାରୀ ହୋଇଛି ଏବଂ ପ୍ରଥମ ପର୍ଯ୍ୟାୟରେ ଏହା ୫ବର୍ଷ ପାଇଁ କାର୍ଯ୍ୟକାରୀ ହେଉଛି । ଏହି ଯୋଜନାନୁଯାୟୀ ପ୍ରଥମ ଚାରିବର୍ଷ ମଧ୍ୟରେ 19,094 ହେକ୍ଟର ଜମିରେ ବୃକ୍ଷ ରୋପଣ ଓ ୨,୪୯୫ ହେକ୍ଟର ଜମିରେ ପୁନଃରୋପଣ କରାଯିବା ସଙ୍ଗେ ସଙ୍ଗେ ଗ୍ରାମାଞ୍ଚଳ ଦରିଦ୍ର ଲୋକଙ୍କ ପାଇଁ ବନୀକରଣ କାର୍ଯ୍ୟକ୍ରମ ଅନୁଯାୟୀ ୧୪୬ ଲକ୍ଷ ଚାରା ବଣ୍ଟନ କରାଯାଇଛି । ଏତଦ୍ୱାରା ମୁଖ୍ୟତଃ ତଫସିଲଭୁକ୍ତ ଜାତି ଓ ତଫସିଲଭୁକ୍ତ ସମ୍ପ୍ରଦାୟ ପରିବାରମାନେ ଉପକୃତ ହୋଇଛନ୍ତି । ଆସନ୍ତା ବର୍ଷ ୨୪,୫୦୦ ହେକ୍ଟର ଜମିରେ ବୃକ୍ଷ ରୋପଣ ଓ ପୁନଃରୋପଣ କରିବା ଏବଂ ୧୫୦ ଲକ୍ଷ ଚାରା ବଣ୍ଟନ କରିବାର କାର୍ଯ୍ୟକ୍ରମ ରହିଛି ।

୪୫. ବନ୍ୟ ସଂରକ୍ଷଣ କାର୍ଯ୍ୟକ୍ରମ ପ୍ରତି ମଧ୍ୟ ଧ୍ୟାନ ଦିଆଯାଉଛି । ବେଆଇନ ଭାବରେ ଗଛ କାଟିବା ଓ ଚୋରା କାଠ ଚାଲାଣ ବନ୍ଦ କରିବା ପାଇଁ ବନ୍ୟରକ୍ଷୀ ବାହିନୀ, ଭ୍ରାମ୍ୟମାଣ ଦଳ ଓ ଶକ୍ତିଶାଳୀ ବେତାର ଯନ୍ତ୍ରସବୁ ଯୋଗାଇ ଦେଇ ବନ୍ୟ ସୁରକ୍ଷା ବ୍ୟବସ୍ଥାକୁ ଦୃଢ଼ ଓ ସଙ୍ଗଠିତ କରାଯାଇଛି । ଜଙ୍ଗଲ ନଷ୍ଟ ଯେପରି ନ ହେବ, ସେଥିପାଇଁ ଓଡ଼ିଶା ଜଙ୍ଗଲ ଆଇନ ଓ ଓଡ଼ିଶା କରତକଳ ନିୟମାବଳୀକୁ ସଂଶୋଧନ କରି ସେ ସବୁକୁ ଅଧିକ କଡ଼ାକଡ଼ି କରିବା ପାଇଁ ସରକାରଙ୍କ ପ୍ରସ୍ତାବ ରହିଛି । ନିଲାମ ସୂତ୍ରରେ ଚାନ୍ଦେଣି କାଠ ବିକ୍ରୟ ବନ୍ଦ କରିବା ଏବଂ କାଠର ଆନ୍ତଃରାଜ୍ୟ ଚାଲାଣ ରୋକିବା ପାଇଁ ସରକାର ନେଇଥିବା ନିଷ୍ପତ୍ତି ଜଙ୍ଗଲ ନଷ୍ଟ ବିରୁଦ୍ଧରେ ଅନ୍ୟ ଏକ ପଦକ୍ଷେପ ।

୪୬. ଗୋପାଳନ ଓ ଦୁଗ୍ଧ ଉତ୍ପାଦନ କ୍ଷେତ୍ରରେ ବହୁ ଅଗ୍ରଗତି ହୋଇଛି । ଉନ୍ନତ ଗୋ-ପ୍ରଜନନ ପାଇଁ ଆସନ୍ତା ବର୍ଷ ୧୪୧ଟି ପ୍ରଜନନ କେନ୍ଦ୍ରକୁ ଘନିଭୂତ ଗୁଚ୍ଛ କେନ୍ଦ୍ରରେ ପରିଣତ କରିବା ପାଇଁ ଯୋଜନା କରାଯାଇଛି । ବର୍ତ୍ତମାନ ରାଜ୍ୟରେ ଥିବା ୬୬୨ଟି ଘନିଭୂତ ଏବଂ 701ଟି ହିମାବୃତ ଗୁଚ୍ଛ କେନ୍ଦ୍ରକୁ ବାଦ ଦେଲେ ଏଗୁଡ଼ିକ ହେବ ଅଧିକ କେନ୍ଦ୍ର । ଉଭୟ ବିଭାଗୀୟ ତଥା ବେସରକାରୀ କ୍ଷେତ୍ରରେ 13ଟି ଫାର୍ମରେ

## ରାଜ୍ୟପାଳଙ୍କ ଅଭିଭାଷଣ

ଛେଳି ପାଳନ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ଏହିସବୁ ଫାର୍ମରୁ ବର୍ଷକୁ ଅନ୍ୟୁନ 2,000 ଦୁଧିଆଳୀ ଗାଈ ଓ ମଇଁଷି ମିଳିପାରିବ । ଏହା ଫଳରେ ଜନସାଧାରଣଙ୍କ ଦୀର୍ଘଦିନର ଚାହିଦା ପୂରଣ ହୋଇ ପାରିବ ଏବଂ ଉନ୍ନତ ଧରଣର ଏହିସବୁ ପଶୁ ଆଉ ଆମଦାନୀ କରିବାକୁ ପଡ଼ିବନାହିଁ । ଡେନମାର୍କ ସରକାରଙ୍କ ସହାୟତାରେ କୋରାପୁଟ ଓ ବଲାଙ୍ଗୀର ଜିଲ୍ଲାରେ ସମନ୍ୱିତ ଗୋ-ଉନ୍ନୟନ କାର୍ଯ୍ୟକ୍ରମ କାର୍ଯ୍ୟକାରୀ ହେବାକୁ ଯାଉଛି । ଆସନ୍ତା ବର୍ଷ ମଧ୍ୟରେ ଏହାର ସୁଫଳ ମିଳିପାରିବ । ଦୁଗ୍ଧ ଉତ୍ପାଦନକାରୀମାନଙ୍କୁ ସାହାଯ୍ୟ କରିବା ପାଇଁ ୬୨୩ଟି ସମବାୟ ସମିତି ଏବଂ 13ଟି ଜିଲ୍ଲା ମହାସଂଘ ଗଠନ କରାଯାଇଛି । ଦୁଗ୍ଧ ଉତ୍ପାଦନ କାର୍ଯ୍ୟକ୍ରମକୁ ସକ୍ରୀୟ କରିବା ପାଇଁ 14ଟି ଦୁଗ୍ଧ ଶୀତଳୀକରଣ କାରଖାନା ସ୍ଥାପିତ ହୋଇଛି । ଏହା ବ୍ୟତୀତ ରାଉରକେଲା ଓ ଭବାନୀପାଟଣାଠାରେ ମଧ୍ୟ ଏହି କାରଖାନା ସ୍ଥାପନ କରାଯାଉଛି । କଳାହାଣ୍ଡି, ଗଞ୍ଜାମ ଓ ଢ଼େଙ୍କାନାଳରେ ଦୁଗ୍ଧ ଉତ୍ପାଦନ କେନ୍ଦ୍ର ସ୍ଥାପନ କରିବା ପାଇଁ ମୋ ସରକାର ପ୍ରସ୍ତାବ ରଖିଛନ୍ତି ।

47. କୁକୁଡ଼ା ପାଳନ କ୍ଷେତ୍ରରେ ଆଦିବାସୀ ଓ ହରିଜନ ଲୋକେ ଉପକୃତ ହୋଇପାରିବା ପାଇଁ 14ଟି କେନ୍ଦ୍ର ପ୍ରତିଷ୍ଠା କରିବାକୁ ଯୋଜନା କରାଯାଇଛି । ଏହି ପ୍ରକାର ଏକ କେନ୍ଦ୍ର କଟକଠାରେ ପ୍ରତିଷ୍ଠା କରାଯାଇ ସାରିଛି ଏବଂ ତଫସିଲ ଭୁକ୍ତ ଜାତି ଓ ତଫସିଲ ଭୁକ୍ତ ସଂପ୍ରଦାୟ ସମବାୟ ଅର୍ଥ ନିଗମ ଏହି କେନ୍ଦ୍ରଗୁଡ଼ିକର ଭିତ୍ତିଭୂମି ପ୍ରତିଷ୍ଠା ଦିଗରେ ଆର୍ଥିକ ସହାୟତା ଯୋଗାଇବେ । ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାଗୁଡ଼ିକ ମଧ୍ୟ ଏଥିରେ ସହଯୋଗ କରିବେ ଏବଂ କୁକୁଡ଼ା ପାଳନ କେନ୍ଦ୍ରର ଉତ୍ପାଦନର ବିକ୍ରୀବଟା ଓଡ଼ିଶା ପୋଲଟ୍ରୀ ଫେଡ଼େରେସନ ଜରିଆରେ ବୃଦ୍ଧି କରିବାର ବ୍ୟବସ୍ଥା କରାଯାଉଛି ।

୪୮. ଅନାବାଦୀ ଜମି ଓ ଘର ପଛପଟେ କୁକୁଡ଼ା ଓ ଗୋ-ଖାଦ୍ୟ ଉତ୍ପାଦନ ପାଇଁ ଚାଷୀମାନଙ୍କୁ ଉତ୍ସାହିତ କରାଯାଇଛି । ସମ୍ବଲପୁର ଓ କଳାହାଣ୍ଡି, ଏ ଦୁଇଟି ଜିଲ୍ଲାରେ ଅଦ୍ୟାବଧି 175.40 ଏକର ଜମିକୁ ଏହି କାର୍ଯ୍ୟକ୍ରମ ପାଇଁ ବ୍ୟବହାର କରାଯାଇଛି । ଏହା କେବଳ ଆରମ୍ଭ ମାତ୍ର । ଏହି ଉଦ୍ୟମ ଫଳରେ ଭବିଷ୍ୟତରେ ଏହାର ଉତ୍ପାଦନ ବୃଦ୍ଧି ପାଇବ । ସମ୍ପୃକ୍ତ ବିଭାଗ 5ଟି ଗୋଖାଦ୍ୟ ଉତ୍ପାଦନ କେନ୍ଦ୍ର ସ୍ଥାପନ କରିଛନ୍ତି ଏବଂ ଓଡ଼ିଶା କୃଷିଶିଳ୍ପ ନିଗମ, ଉତ୍କଳ ଗୋ ମଙ୍ଗଳ ସମିତି, ଓଡ଼ିଶା ରାଜ୍ୟ ଦୁଗ୍ଧ ଉତ୍ପାଦନକାରୀ ସମବାୟ ମହାସଂଘ ମୋଟରେ ଆଉ 5ଟି କେନ୍ଦ୍ର ପ୍ରତିଷ୍ଠା କରିଛନ୍ତି । ଏଗୁଡ଼ିକର ଉଦ୍ଦେଶ୍ୟ ହେଉଛି ଦୁଗ୍ଧ ଉତ୍ପାଦନକାରୀମାନଙ୍କୁ ରିହାତି ଦରରେ ପ୍ରି-ମିକ୍ସଡ୍ ଫିଡ୍ ଯୋଗାଇଦେବା ।

୪୯. ମତ୍ସ୍ୟଚାଷ ଉନ୍ନୟନପାଇଁ ସପ୍ତମ ଯୋଜନାରେ ନିହିତ ଦୁଇଟି ଉଦ୍ଦେଶ୍ୟକୁ ସମନ୍ୱିତ କରାଯାଇଛି, ଯଥା– ମୁଣ୍ଡପିଛା ମାଛ ବ୍ୟବହାର ପରିମାଣର ବାର୍ଷିକ ହାରକୁ ବର୍ତ୍ତମାନର 5.4 କିଲୋଗ୍ରାମରୁ ୭.୬ କିଲୋଗ୍ରାମକୁ ବୃଦ୍ଧି କରିବା ଏବଂ ମତ୍ସ୍ୟଚାଷ ଜରିଆରେ ଅଧିକ ଆୟ କରିବା । ଏହି ଉଦ୍ଦେଶ୍ୟ ସାଧନ ପାଇଁ ଭିତ୍ତିଭୂମିକ ବ୍ୟବସ୍ଥା ଯୋଗାଇଦେବା ଏବଂ ମତ୍ସ୍ୟଚାଷୀମାନଙ୍କୁ ବୈଷୟିକ ସାହାଯ୍ୟ ଓ ଜାତିଆ ମାଛ ଯୋଗାଇଦେବା ଦିଗରେ ଧ୍ୟାନ ଦିଆଯାଉଛି । ଏ ପର୍ଯ୍ୟନ୍ତ 18,408 ହେକ୍ଟର ଜଳାଶୟର ଉନ୍ନତି କରାଯାଇଛି ଏବଂ 11,377 ଚାଷୀଙ୍କୁ ତାଲିମ ଦିଆଯାଇଛି । ଆସନ୍ତାବର୍ଷ ଆହୁରି 2,400 ହେକ୍ଟର ଜଳାଶୟର ଉନ୍ନତି କରାଯିବ ଏବଂ 2,400 ମତ୍ସ୍ୟ ଚାଷୀଙ୍କୁ ତାଲିମ ଦିଆଯିବ । ବିଭାଗୀୟ ମାଛ ଯାଆଁଳ ଉତ୍ପାଦନ କେନ୍ଦ୍ର ଓ ମତ୍ସ୍ୟ ଯାଆଁଳ ଉନ୍ନୟନ ନିଗମ ତଥା ଘରୋଇ ସଂସ୍ଥାମାନଙ୍କ ମିଳିତ ଉଦ୍ୟମରେ ପ୍ରାୟ 125 ନିୟୁତ ମାଛ ଯାଆଁଳ ଯୋଗାଇ ଦିଆଯାଉଛି । ଆସନ୍ତା ବର୍ଷ ଏହି ପରିମାଣ 15 କୋଟିକୁ ବୃଦ୍ଧି କରାଯିବାର କାର୍ଯ୍ୟକ୍ରମ ରହିଛି । ଉପକୂଳ ଜଳ ମତ୍ସ୍ୟ ଚାଷ ଯୋଜନା ଅଧୀନରେ

462 ହେକ୍ଟର ଜମିରେ ଚିଙ୍ଗୁଡ଼ି ଚାଷ କରାଯାଉଛି । ଏହି କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା ପାଇଁ ଗୋପାଳପୁରଠାରେ ସାମୁଦ୍ରିକ ଦ୍ରବ୍ୟ ରପ୍ତାନି ଉନ୍ନୟନ ସଂସ୍ଥା ଆନୁକୂଲ୍ୟରେ ଗୋଟିଏ ଚିଙ୍ଗୁଡ଼ି ଯାଆଁଳ ଉତ୍ପାଦନ କେନ୍ଦ୍ର ଆରମ୍ଭ କରାଯାଉଛି । ନରୱେ ସରକାରଙ୍କ ସହାୟତାରେ ବାଲେଶ୍ୱର ଜିଲ୍ଲାର କଣ୍ଠାଫଳଠାରେ ମାଛଘାଟର ବିକାଶ ଓ ମତ୍ସ୍ୟଜୀବୀମାନଙ୍କ ସାମାଜିକ ଓ ଅର୍ଥନୈତିକ ଅବସ୍ଥାର ଉନ୍ନତି ପାଇଁ ଏକ ସମନ୍ୱିତ ଯୋଜନା ଆରମ୍ଭ କରାଯାଇଛି । ଏହି ସମନ୍ୱିତ କାର୍ଯ୍ୟକ୍ରମରେ ଗମନାଗମନ, ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ ଯୋଗାଣ ଇତ୍ୟାଦି ମୌଳିକ ଆବଶ୍ୟକତା ମଧ୍ୟ ଅନ୍ତର୍ଭୁକ୍ତ । ଚଳିତ ବର୍ଷ ଓ ଆସନ୍ତା ବର୍ଷ ପାଇଁ ଏହି କାର୍ଯ୍ୟକ୍ରମରେ 265.54 ଲକ୍ଷ ଟଙ୍କା ବିନିଯୋଗ ବ୍ୟବସ୍ଥା କରାଯାଇଛି । ସାମୁଦ୍ରିକ ମତ୍ସ୍ୟ ଉନ୍ନୟନ ପାଇଁ ଗୋପାଳପୁର ଓ ପାରାଦ୍ୱୀପଠାରେ ମାଛଧରା ବନ୍ଦରର ସୁବିଧା କରିବାକୁ ସରକାର ଆନ୍ତରିକ ଉଦ୍ୟମ କରୁଛନ୍ତି । ସାମୟିକ ବେ-ରୋଜଗାରୀ ସମୟରେ ମତ୍ସ୍ୟ ଚାଷୀମାନଙ୍କୁ ସାହାଯ୍ୟ କରିବା ଏବଂ ମୃତ୍ୟୁ ବା ଅକର୍ମଣ୍ୟ କାରଣରୁ ଅସହାୟ ମତ୍ସ୍ୟଜୀବୀ ପରିବାରକୁ ଆର୍ଥିକ ସୁରକ୍ଷା ଯୋଗାଇଦେବା ପାଇଁ 1983-84 ମସିହାଠାରୁ ଏକ ବୀମା ଯୋଜନା କାର୍ଯ୍ୟକାରୀ କରାଯାଇଛି । ଏପର୍ଯ୍ୟନ୍ତ 10,573 ମତ୍ସ୍ୟଜୀବୀ ବୀମାଭୁକ୍ତ ହୋଇଛନ୍ତି ଏବଂ ଆସନ୍ତା କେତେମାସ ଭିତରେ ଆହୁରି 10,000 ମତ୍ସ୍ୟଜୀବୀଙ୍କୁ ବୀମାଭୁକ୍ତ କରିବାପାଇଁ ପ୍ରସ୍ତାବ ରହିଛି ।

## ରାଜ୍ୟପାଳଙ୍କ ଅଭିଭାଷଣ

50. ପାନୀୟଜଳ ଯୋଗାଣ କ୍ଷେତ୍ରରେ ଆମେ 42,221ଟି ଜଳାଭାବଗ୍ରସ୍ତ ଗ୍ରାମକୁ ଚିହ୍ନଟ କରିଛୁ । ପ୍ରତ୍ୟେକ ଗାଁ ପାଇଁ ଅନ୍ୟୁନ ଗୋଟିଏକରି ପାନୀୟ ଜଳଯୋଗାଣ ବ୍ୟବସ୍ଥା କରିବାପାଇଁ ସପ୍ତମ ଯୋଜନାରେ ଲକ୍ଷ୍ୟ ରଖାଯାଇଛି । ଷଷ୍ଠ ଯୋଜନା ଶେଷସୁଦ୍ଧା 25,814ଟି ଗ୍ରାମରେ ଏହି ଲକ୍ଷ୍ୟ ହାସଲ କରାଯାଇପାରିଛି । ସପ୍ତମ ଯୋଜନାର ପ୍ରଥମ ବର୍ଷ 3,573ଟି ଗ୍ରାମରେ ଏହା କାର୍ଯ୍ୟକାରୀ ହୋଇଛି ଏବଂ ଚଳିତ ବର୍ଷ 2,924ଟି ଗ୍ରାମରେ ଏହା କାର୍ଯ୍ୟକାରୀ କରାଯିବାର ପ୍ରସ୍ତାବ ରହିଛି । ଆସନ୍ତା ବର୍ଷ ଆହୁରି 3,000 ଗ୍ରାମରେ ଏହା କାର୍ଯ୍ୟକାରୀ ହେବ । 'ଡ଼ାନିଡ଼ା' ସହାୟତାରେ କଟକ, ପୁରୀ ଓ ବାଲେଶ୍ୱର ଜିଲ୍ଲାର ବିଭିନ୍ନ ବ୍ଲକରେ ଜଳ ଯୋଗାଣ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି ।

51. ସହରତଳି ଅଞ୍ଚଳର ପାରିପାର୍ଶ୍ୱିକ ଉନ୍ନତି କ୍ଷେତ୍ରରେ ଚଳିତ ବର୍ଷ 11,520 ବସ୍ତି ବାସିନ୍ଦାଙ୍କୁ ମୌଳିକ ସୁବିଧା ଯୋଗାଇ ଦିଆଯିବାର ଲକ୍ଷ୍ୟ ରଖାଯାଇଛି । ଆସନ୍ତା ବର୍ଷ ଆହୁରି ଏଭଳି 10,000 ଲୋକଙ୍କ ସୁବିଧା ପାଇଁ ପଦକ୍ଷେପ ନିଆଯିବ । ଗୃହ ଯୋଗାଣ କ୍ଷେତ୍ରରେ ଦୁର୍ବଳ ଶ୍ରେଣୀର ଲୋକଙ୍କୁ ବିଶେଷ ଗୁରୁତ୍ୱ ଦିଆଯାଉଛି । ଚଳିତ ବର୍ଷ 4,010ଟି ଗୃହ ନିର୍ମାଣ କରିବାର ଯୋଜନା ଅଛି ଏବଂ ଏ ଦିଗରେ ରାଜ୍ୟ ଗୃହ ନିର୍ମାଣ ସଂସ୍ଥା ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ । ଆସନ୍ତା ବର୍ଷ ଆହୁରି 4,010ଟି ବିଭିନ୍ନ ଶ୍ରେଣୀର ଗୃହ ନିର୍ମାଣ କରିବାର ଲକ୍ଷ୍ୟ ରଖାଯାଇଛି ।

52. ଭାରତ ସରକାରଙ୍କ ଦ୍ୱାରା ପ୍ରବର୍ତ୍ତିତ ମାର୍ଗଦର୍ଶିକା ଅନୁସାରେ ଧାନ ସଂଗ୍ରହ ଏବଂ ବଣ୍ଟନ ଏହି ଉଭୟ ସମସ୍ୟାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଖାଦ୍ୟନୀତି ପ୍ରଣୟନ କରିଛନ୍ତି । ଭାରତୀୟ ଖାଦ୍ୟ ନିଗମ ହେଉଛି ରାଜ୍ୟ ସରକାରଙ୍କ ଏକ ମୁଖ୍ୟ ସଂଗ୍ରହକାରୀ ଏଜେଣ୍ଟ । ଚଳିତ ଖରିଫ ଋତୁରେ 2 ଲକ୍ଷ ମେଟ୍ରିକ୍ ଟନ୍ ଚାଉଳ ସଂଗ୍ରହର ଲକ୍ଷ୍ୟ ଧାର୍ଯ୍ୟ ହୋଇଥିବା ସ୍ଥଳେ ଭାରତୀୟ ଖାଦ୍ୟ ନିଗମ ତଥା ରାଜ୍ୟ ସମବାୟ ବିକ୍ରୀକେନ୍ଦ୍ର ମହାସଂଘ ଓ ଚାଉଳ ମାଲିକ ମିଳିତ ଭାବରେ 1984 ଡିସେମ୍ବର ଶେଷ ସୁଦ୍ଧା 21,665 ମେଟ୍ରିକ ଟନ ଚାଉଳ ସଂଗ୍ରହ କରିଛନ୍ତି । ସଂଗ୍ରହ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଉଛି ଏବଂ ଆମେ ଏହି ଲକ୍ଷ୍ୟ ହାସଲ କରିପାରିବୁ ବୋଲି ଆଶା କରୁଛୁ । ଚଳିତ ଖରିଫ ଋତୁରେ ମୋଟା,

ସରୁ ଓ ଅତି ସରୁ ଧାନର ସଂଗ୍ରହ ଦର ଯଥାକ୍ରମେ 146 ଟଙ୍କା, 150 ଟଙ୍କା ଓ 154 ଟଙ୍କାକୁ ବୃଦ୍ଧି କରାଯାଇଛି ।

53. ସୁଲଭ ମୂଲ୍ୟ ଦୋକାନ କରିଆରେ ସାଧାରଣ ବଣ୍ଟନ ବ୍ୟବସ୍ଥାର ସମ୍ପ୍ରସାରଣ ବିଂଶସୂତ୍ରୀ କାର୍ଯ୍ୟକ୍ରମର ଏକ ଅଂଶବିଶେଷ । ଦୂର ଦୂରାନ୍ତ ଓ ଅଗମ୍ୟ ଅଞ୍ଚଳରେ ସମବାୟ ସଂସ୍ଥା କରିଆରେ ସୁଲଭ ମୂଲ୍ୟ ଦୋକାନ ଖୋଲିବାପାଇଁ ବିଶେଷ ଗୁରୁତ୍ୱ ଦିଆଯାଇଛି । ଏହି କାର୍ଯ୍ୟକ୍ରମରେ ଆହୁରି ବେଶୀ ସମବାୟ ଅନୁଷ୍ଠାନକୁ ପରିସରଭୁକ୍ତ କରିବା ପାଇଁ ପ୍ରସ୍ତାବ ରହିଛି ।

54. ମୋ ସରକାର ରାଜ୍ୟରେ ଖାଉଟି ଆନ୍ଦୋଳନ ସମ୍ବନ୍ଧରେ ଏକ ନୂତନ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି । ଖାଉଟିମାନଙ୍କ ସ୍ୱାର୍ଥ ସଂରକ୍ଷଣ ସମ୍ପର୍କରେ ପରାମର୍ଶ ଦେବା ନିମନ୍ତେ ଓଡ଼ିଶା ରାଜ୍ୟ ଖାଉଟି ସୁରକ୍ଷା ପରାମର୍ଶଦାତା ପରିଷଦ ନାମକ ଏକ ରାଜ୍ୟସ୍ତରୀୟ କମିଟି ଗଠନ କରାଯାଇଛି । ମୋ ସରକାର ସ୍ୱେଚ୍ଛାସେବୀ ଖାଉଟି ସଂସ୍ଥାମାନଙ୍କୁ ମଧ୍ୟ ଏ ଦିଗରେ ଉତ୍ସାହିତ କରିବେ । ଏହିସବୁ ପଦକ୍ଷେପ ଖାଉଟି ସୁରକ୍ଷା ଆନ୍ଦୋଳନକୁ ସକ୍ରିୟ କରିପାରିବ । ସରକାର ସାପ୍ତାହିକ ହାଟରେ ସୁଲଭ ମୂଲ୍ୟର ଉଠା ଦୋକାନଗୁଡ଼ିକୁ ସଂଗଠିତ କରିବାଲାଗି ବ୍ୟବସ୍ଥା କରିଛନ୍ତି ଏବଂ ତତ୍ ସଙ୍ଗେ ସଙ୍ଗେ ସମନ୍ୱିତ ଆଦିବାସୀ ଉନ୍ନୟନ ଯୋଜନା ପରିସରଭୁକ୍ତ ଦୂରାନ୍ତ ଅଞ୍ଚଳମାନଙ୍କୁ ଅତ୍ୟାବଶ୍ୟକୀୟ ଦ୍ରବ୍ୟ ପହଞ୍ଚାଇ ଦେବା ଲାଗି ସରକାର ରାସ୍ତାମାନଙ୍କରେ ସୁଲଭ ମୂଲ୍ୟର ଭ୍ରାମ୍ୟମାଣ ଦୋକାନ ବସାଇବାର ପରିକଳ୍ପନାକୁ ମଧ୍ୟ କାର୍ଯ୍ୟକାରୀ କରୁଛନ୍ତି ।

55. ଗମନାଗମନ କ୍ଷେତ୍ରରେ ସପ୍ତମ ଯୋଜନାକୁ ପ୍ରାୟ ଏକ ସେତୁଭିତ୍ତିକ କାର୍ଯ୍ୟକ୍ରମ ହିସାବରେ ପ୍ରସ୍ତୁତ କରାଯାଇଛି । ରାଜ୍ୟରେ ଥିବା ସମସ୍ତ ବ୍ଲକ୍ ସଦର ମହକୁମା ଓ ସବଡ଼ିଭିଜନ ସଦର ମହକୁମାକୁ ସବୁଦିନିଆ ରାସ୍ତା ଦ୍ୱାରା ସଂଯୋଗ କରିବା ଓ ବିଶେଷକରି ଅସଂପୂର୍ଣ୍ଣ ପ୍ରକଳ୍ପଗୁଡ଼ିକୁ ସଂପୂର୍ଣ୍ଣ କରିବା ହେଉଛି ସରକାରଙ୍କର ଲକ୍ଷ୍ୟ । ରାଜ୍ୟରେ ଏ ପର୍ଯ୍ୟନ୍ତ 22ଟି ସେତୁ ଓ 45·72 କିଲୋମିଟର ରାସ୍ତା ନିର୍ମାଣ ହୋଇସାରିଛି ଓ ବହୁସଂଖ୍ୟକ ପୋଲ ଓ ରାସ୍ତା ନିର୍ମାଣାଧୀନ ଅଛି । ଆସନ୍ତା ବର୍ଷ ପାଇଁ ବାର୍ଷିକ ଯୋଜନା ବ୍ୟୟ ଅଟକଳ ପ୍ରାୟ 2500 ଲକ୍ଷ ଟଙ୍କା ରଖାଯାଇଛି । 40ଟି ସେତୁ ଓ 115 କିଲୋମିଟର ରାସ୍ତା ନିର୍ମାଣ ତଥା 110ଟି ଗ୍ରାମକୁ ସବୁଦିନିଆ ରାସ୍ତା ଦ୍ୱାରା ସଂଯୋଗ ସ୍ଥାପନ ଏହି କାର୍ଯ୍ୟକ୍ରମର ଅନ୍ତର୍ଭୁକ୍ତ ।

56. ରେଳ ପରିବହନ କ୍ଷେତ୍ରରେ ତାଳଚେର-ସମ୍ବଲପୁର ରେଳପଥ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି । ପ୍ରଥମ ପର୍ଯ୍ୟାୟରେ କୋରାପୁଟ–ରାୟଗଡ଼ା ରେଳପଥର 20 କି. ମି. ନିର୍ମାଣକାର୍ଯ୍ୟ ସଂପୂର୍ଣ୍ଣ କରାଯାଇଛି ଓ ଏହାର ୨ୟ ପର୍ଯ୍ୟାୟ ନିର୍ମାଣ କାର୍ଯ୍ୟ ଚାଲିଛି । ଖୋର୍ଦ୍ଧା-ରୋଡଠାରୁ ବଲାଙ୍ଗୀର ପର୍ଯ୍ୟନ୍ତ ପ୍ରସ୍ତାବିତ ରେଳପଥ ନିର୍ମାଣ ପାଇଁ ଆବଶ୍ୟକୀୟ ସର୍ଭେ କରାଯାଇଛି ।

57. ଚିଲିକା ଓ ରାଜନଗର–ଆଉଡ଼ି–ଖରବାଲି ଅଞ୍ଚଳରେ ଆଭ୍ୟନ୍ତରୀଣ ଜଳପଥ ପରିବହନ ଯୋଗାଇ ଦିଆଯାଇଛି । ନିକଟ ଭବିଷ୍ୟତରେ ଗୋପାଳପୁର ବନ୍ଦରର କାର୍ଯ୍ୟ ଆରମ୍ଭ ହୋଇଗଲେ ବିଶେଷତଃ ଖଣିଜ ବାଲୁକା ଓ ଚିକଣ ମୃତ୍ତିକା କ୍ଷେତ୍ରରେ ଆମଦାନୀ ଓ ରପ୍ତାନୀ ବାଣିଜ୍ୟ ବୃଦ୍ଧି ପାଇବ । ପାରାଦୀପ ବନ୍ଦରର ଅଧିକ ଉନ୍ନତି ପାଇଁ ମଧ୍ୟ ସରକାର ସମସ୍ତ ଉଦ୍ୟମ ଜାରି ରଖିଛନ୍ତି । ପାରାଦୀପ ବନ୍ଦରକୁ ଯେପରି 1,70,000 ଟନ୍ ବିଶିଷ୍ଟ ଜାହାଜ ଆସିପାରିବ ଏବଂ ସେଠାରୁ ବାର୍ଷିକ ୬୦ ଲକ୍ଷ ଟନ୍ ଲୁହାପଥର ରପ୍ତାନୀ

କରଯାଇ ପାରିବ ସେହି ଉଦ୍ଦେଶ୍ୟରେ ପାରାଦୀପ ବନ୍ଦରକୁ ଅଧିକ ଗଭୀର କରିବା ପାଇଁ ଏକ ପ୍ରସ୍ତାବ ଭାରତ ସରକାରଙ୍କ ବିଚାରାଧୀନ ଅଛି ।

୫୮. ଖଣିଜ ସଂପଦର ଅନୁସନ୍ଧାନ ଓ ଉତ୍ତୋଳନ ଉପରେ ବରାବର ଗୁରୁତ୍ୱ ଦିଆଯାଉଛି । ଖଣିଜ ପଦାର୍ଥର ଅନୁସନ୍ଧାନ ଫଳରେ ତାଳଚେର ଓ ଇବ୍ ଉପତ୍ୟକାରେ ବିପୁଳ କୋଇଲାର ସନ୍ଧାନ ମିଳିଛି । ରାଜ୍ୟର ବିଭିନ୍ନ ଅଞ୍ଚଳରେ ଗ୍ରାଫାଇଟ୍, ଚୂନପଥର, କ୍ୟାନାଇଟ୍, ସୁନା, ମୂଲ୍ୟବାନ ପଥର ଓ କ୍ରୋମାଇଟ୍ ରହିଥିବାର ସୂଚନା ମିଳିଛି । ଆହୁରି ଅଧିକ ଖଣିଜ ସଂପଦ ଠାବ କରିବା ପାଇଁ ସରକାରଙ୍କ ଉଦ୍ୟମ ଚାଲୁ ରହିବ ଏବଂ ଏ ଦିଗରେ ସର୍ବାଧୁନିକ କାରିଗରୀ କୌଶଳର ସାହାଯ୍ୟ ନିଆଯିବ ।

୫୯. ଚଳିତ ବର୍ଷ ଓଡ଼ିଶା ଖଣି ନିଗମ ୩୫୩ ଲକ୍ଷ ଟଙ୍କାର ବୈଦେଶିକ ମୁଦ୍ରା ଅର୍ଜନ କରିବାକୁ ସକ୍ଷମ ହୋଇଛି ଏବଂ ଏହି ଆୟ ଆସନ୍ତା ବର୍ଷ ମଧ୍ୟ କାଏମ୍ ରହିବ ବୋଲି ଆଶା କରାଯାଏ । ସୁକିନ୍ଦାରେ ଏକ କ୍ରୋମାଇଟ୍ ବେନିଫିକେସନ୍ କାରଖାନା ଆରମ୍ଭ କରିବା ପାଇଁ ଖଣି ନିଗମ ଚିନ୍ତା କରୁଛନ୍ତି ଏବଂ ବଲାଙ୍ଗୀର ଓ କଳାହାଣ୍ଡି ଜିଲ୍ଲାରେ କେଉଁ ଧରଣର ମୂଲ୍ୟବାନ ପଥର କେତେ ପରିମାଣରେ ଗଚ୍ଛିତ ଅଛି ସେ ସମ୍ପର୍କରେ ବୈଜ୍ଞାନିକ ପଦ୍ଧତିରେ ଅନୁସନ୍ଧାନ କରାଯାଉଛି । ଓ. ଏମ୍. ସି. ଆଲଏକ୍ ଲିମିଟେଡ଼ର ସଂପୂର୍ଣ୍ଣ ରପ୍ତାନୀଭିତ୍ତିକ ଚାର୍ଜକ୍ରୋମ୍ କାରଖାନାରୁ ଚଳିତ ବର୍ଷ ପରୀକ୍ଷାମୂଳକ ଭାବେ ଉତ୍ପାଦନ ଆରମ୍ଭ କରଯାଇଛି ଏବଂ ନିକଟ ଭବିଷ୍ୟତରେ ଏହି କାରଖାନାରୁ ଚାର୍ଜକ୍ରୋମ୍ ବିଦେଶକୁ ରପ୍ତାନୀ କରଯିବାର ଆଶା କରାଯାଏ ।

**ରାଜ୍ୟପାଳଙ୍କ ଅଭିଭାଷଣ**

୬୦. ଆମ ରାଜ୍ୟରେ କ୍ରୀଡ଼ା ଓ ଖେଳ କସରତର ସୁସଂଗଠିତ ଅଭିବୃଦ୍ଧି ନିମନ୍ତେ ରାଜ୍ୟ ସରକାର ଏକ କ୍ରୀଡ଼ା ନୀତି ପ୍ରଣୟନ କରିଛନ୍ତି । ଏହି କାର୍ଯ୍ୟକ୍ରମ ଅନୁଯାୟୀ କଟକରେ ଜବାହାରଲାଲ ନେହରୁ ଇନ୍‌ଡୋର ଷ୍ଟାଡ଼ିୟମର ନିର୍ମାଣ କାର୍ଯ୍ୟ ସଂପୂର୍ଣ୍ଣ ହୋଇଛି ଓ ଏହା ଖୁବ୍‌ଶୀଘ୍ର କାର୍ଯ୍ୟକାରୀ ହେବ । ଭୁବନେଶ୍ୱରଠାରେ ବହୁବିଧ ଖେଳ କସରତ ପାଇଁ ଉଦ୍ଦିଷ୍ଟ କଳିଙ୍ଗ ଷ୍ଟାଡ଼ିୟମର ନିର୍ମାଣ କାର୍ଯ୍ୟ ଚାଲିଛି । କଟକ ବାରବାଟି ଷ୍ଟାଡ଼ିୟମର ସଂପ୍ରସାରଣ ଓ ଆଧୁନିକୀକରଣ କାର୍ଯ୍ୟ ମଧ୍ୟ ଦ୍ରୁତ ଆଗେଇ ଚାଲିଛି । ପ୍ରତିଭାବାନ୍ ଖେଳାଳୀମାନଙ୍କୁ ଚିହ୍ନଟ କରି ସେମାନଙ୍କୁ ତାଲିମ ଦେବା ପାଇଁ ସରକାର କ୍ରୀଡ଼ା ହଷ୍ଟେଲ ପରିକଳ୍ପନା ଆରମ୍ଭ କରିଛନ୍ତି । ଉକ୍ତ ପରିକଳ୍ପନା ଅନୁଯାୟୀ କଟକ, ରାଉରକେଲା, ସମ୍ବଲପୁର ଓ ଭୁବନେଶ୍ୱରଠାରେ କ୍ରୀଡ଼ା ହଷ୍ଟେଲ ଖୋଲା ଯାଇଛି । ଗ୍ରାମାଞ୍ଚଳରେ କ୍ରୀଡ଼ାକୁ ଜନପ୍ରିୟ କରାଇବା ପାଇଁ ଉପଯୋଗୀ ଷ୍ଟାଡ଼ିୟମ ଖୋଲିବା ପାଇଁ ପ୍ରସ୍ତାବ ଅଛି । ଏଥି ନିମନ୍ତେ ୩୭୦ଟି ଗ୍ରାମ୍ୟ କ୍ରୀଡ଼ା କେନ୍ଦ୍ର ସ୍ଥାପନ କରିବାକୁ ମଞ୍ଜୁରୀ ମିଳିଛି । ବ୍ଲକ୍‌ସ୍ତରରୁ ଜାତୀୟ ସ୍ତର ପର୍ଯ୍ୟନ୍ତ ସଂଯୋଗ ସ୍ଥାପନ ଏହାର ଲକ୍ଷ୍ୟ ।

୬୧. ଜାତୀୟ ପାଠାଗାର ଢାଞ୍ଚାରେ ରାଜ୍ୟ ପାଠାଗାର ପୁନର୍ଗଠିତ କରାଯାଇଛି । ପୂର୍ବାଞ୍ଚଳରେ ଏହାକୁ ଅନ୍ୟତମ ବୃହତ ପାଠାଗାରରେ ପରିଣତ କରିବା ହେଉଛି ଏହାର ମୂଳ ଲକ୍ଷ୍ୟ । ପାରମ୍ପରିକ ନୃତ୍ୟ କ୍ଷେତ୍ରରେ ଅଧିକ ଗବେଷଣା ପାଇଁ ମୋ ସରକାର 1982 ମସିହାରେ ଓଡ଼ିଶୀ ନୃତ୍ୟ ଗବେଷଣା ଅନୁଷ୍ଠାନ ସ୍ଥାପନ କରିଛନ୍ତି । ବର୍ତ୍ତମାନ ଏହା ଏକ ସ୍ୱୟଂଚାଳିତ ସଂସ୍ଥାରେ ପରିଣତ ହୋଇଛି । ଓଡ଼ିଶୀ ନୃତ୍ୟକଳାର ପ୍ରଖ୍ୟାତ ଗୁରୁଙ୍କୁ ଏହି ଅନୁଷ୍ଠାନରେ ଶିକ୍ଷକ ରୂପେ ନିଯୁକ୍ତି ଦିଆଯାଇଛି ।

୬୨. ଚଳିତ ବର୍ଷ ମୋ ସରକାର ରାଜ୍ୟରେ ୫ଟି ସବ୍-ଟ୍ରେଜେରୀ ଖୋଲିଛନ୍ତି । ଆସନ୍ତା ବର୍ଷ ୧୫ଟି ଅଧିକ ସବ୍-ଟ୍ରେଜେରୀ ଖୋଲିବାକୁ କାର୍ଯ୍ୟକ୍ରମ ରହିଛି ।

୬୩. ରାଜ୍ୟରେ ଆଇନ ଶୃଙ୍ଖଳା ପରିସ୍ଥିତି ମୋଟାମୋଟି ଭାବେ ନିୟନ୍ତ୍ରଣାଧୀନ ଥିବା ବିଷୟ ସମୀକ୍ଷାରୁ ଜଣାଯାଏ । ଅଳ୍ପ କେତୋଟି କାଁ ଭାଁ ଘଟଣାକୁ ବାଦ୍ ଦେଲେ କୌଣସି ବଡ଼ ଧରଣର ବିଶୃଙ୍ଖଳା ଘଟିନାହିଁ ।

୬୪. ଚଳିତ ବର୍ଷ ମୋ ସରକାର କଟକ ଜିଲ୍ଲାର ଯାଜପୁର, ସମ୍ବଲପୁର ଜିଲ୍ଲାର ବରଗଡ଼, ଗଞ୍ଜାମ ଜିଲ୍ଲାର ପାରଳାଖେମୁଣ୍ଡି ଓ ବାଲେଶ୍ୱର ଜିଲ୍ଲାର ଭଦ୍ରଖଠାରେ 4ଟି ଅତିରିକ୍ତ ଜିଲ୍ଲା ଓ ଦୌରା ଅଦାଲତ ସ୍ଥାପନ କରିବାକୁ ସ୍ଥିର କରିଛନ୍ତି । ଏହା ବ୍ୟତୀତ 7ଟି ନିମ୍ନବର୍ଗ ଅଦାଲତ ସ୍ଥାପନ କରିବା ପାଇଁ ନିଷ୍ପତ୍ତି ହୋଇଛି । ସେଗୁଡ଼ିକ ହେଲା, ରାଉରକେଲାରେ ଅତିରିକ୍ତ ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ଅଦାଲତ, ମୟୁରଭଞ୍ଜର ଉଦଳା ଓ କଳାହାଣ୍ଡି ଜିଲ୍ଲାର ନୂଆପଡାଠାରେ ସହକାରୀ ଦୌରା ଜଜ୍ ଅଦାଲତ ଏବଂ କୋରାପୁଟ ଜିଲାର ମୁଠୁ ଓ କାଶିପୁର, କଳାହାଣ୍ଡି ଜିଲ୍ଲାର ଖଡ଼ିଆଳ ଓ ବାଲେଶ୍ୱର ଜିଲ୍ଲାର ସୋରଠାରେ 4ଟି ପ୍ରଥମଶ୍ରେଣୀ ମାଜିଷ୍ଟ୍ରେଟ୍ ଅଦାଲତ ।

୧୯୮୭-୮୮ରେ ବଲାଙ୍ଗୀର ଜିଲ୍ଲାର ଟିଟିଲାଗଡଠାରେ ଅତିରିକ୍ତ ଜିଲା ଓ ଦୌରା ଅଦାଲତ ଏବଂ ସୁନ୍ଦରଗଡ ଜିଲାର ବଣାଇ ଓ ଢେଙ୍କାନାଳ ଜିଲ୍ଲାର କାମାକ୍ଷାନଗରଠାରେ ଦୁଇଟି ସହକାରୀ ଦୌରା ଅଦାଲତ ସ୍ଥାପନ କରିବା ପାଇଁ କାର୍ଯ୍ୟକ୍ରମ ରହିଛି ।

୬୫. ସରକାରୀ ଚାକିରୀ କ୍ଷେତ୍ରରେ ଦୁର୍ନୀତି ରୋକିବା ପାଇଁ ମୋ ସରକାରଙ୍କ ଉଦ୍ୟମ ଅବ୍ୟାହତ ରହିବ ଏବଂ ଏହା ଦୃଢ଼ଭାବରେ ଚଳୁ ରଖାଯିବ । ୧୯୮୬ ମସିହାରେ ଦୁର୍ନୀତି ନିବାରଣ ସଂସ୍ଥା ତରଫରୁ ସରକାରୀ କର୍ମଚାରୀ ଓ କେତେକ ବେସରକାରୀ ବ୍ୟକ୍ତିଙ୍କ ବିରୁଦ୍ଧରେ ୧୭୧ଟି ଫୌଜଦାରୀ ମାମଲା ରୁଜୁ କରାଯାଇଛି । 7 ଜଣ ସରକାରୀ କର୍ମଚାରୀ ଓ ୨ ଜଣ ବେସରକାରୀ ବ୍ୟକ୍ତି ଅଦାଲତରେ ଦଣ୍ଡିତ ହୋଇଛନ୍ତି । 20ଟି ଘଟଣାରେ ସରକାରୀ ପଦାଧିକାରୀଙ୍କ ବିରୁଦ୍ଧରେ ଅଭିଯୋଗମାନ ଡିସିପ୍ଲିନାରୀ ପ୍ରୋସିଡ଼ିଙ୍ଗ ଟ୍ରାଇବ୍ୟୁନାଲକୁ ପଠାଯାଇଛି । ଏହା ବ୍ୟତୀତ ୧୫୪ଟି ମାମଲାକୁ ତଦନ୍ତ କରାଯାଇ ସେ ସଂକ୍ରାନ୍ତରେ ମିଳିଥିବା ଅଭିଯୋଗମାନ ସରକାରଙ୍କ ସଂପୃକ୍ତ ବିଭାଗକୁ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପାଇଁ ପଠାଯାଇଛି । ଦୁର୍ନୀତି ନିବାରଣ ସଂସ୍ଥା ଅତ୍ୟାବଶ୍ୟକୀୟ ଦ୍ରବ୍ୟ ସଂକ୍ରାନ୍ତ ଅପରାଧ ଧରିବା ଲାଗି 24ଟି ବ୍ୟବସାୟିକ ସଂସ୍ଥା ଖାନତଲାସ କରିଛନ୍ତି । ଦୁର୍ନୀତି ନିବାରଣ ସଂସ୍ଥା 1,332ଟି ଟିକସ ଫାଙ୍କି ମାମଲା ଧରିଛନ୍ତି । ଏହି ସଂସ୍ଥା ମିଳିତ ଭାବରେ ଜଙ୍ଗଲ ସଂକ୍ରାନ୍ତ ଅପରାଧ ଧରିବା ଲାଗି 76ଟି ଘଟଣା ଅନୁସନ୍ଧାନ କରିଛନ୍ତି । ଭ୍ରାମ୍ୟମାଣ ଅଦାଲତ ଜରିଆରେ 751ଟି ବିଭିନ୍ନ ଧରଣର ଅପରାଧ ଧରାଯାଇଛି । କେବଳ ଅପରାଧ ଧରିବାରେ ଦୁର୍ନୀତି ବିରୁଦ୍ଧରେ ଅଭିଯାନ ଶେଷ ହେଉନାହିଁ । ସରକାରଙ୍କ ବିଭିନ୍ନ ବିଭାଗ ସହାୟତାରେ ପ୍ରତିରୋଧମୂଳକ ସତର୍କତା ଗ୍ରହଣ କରାଯାଇଛି ।

୬୬. ଆପଣମାନେ ଜାଣି ଖୁସି ହେବେ ଯେ ରାଜ୍ୟରେ ଆଇନଗତ ସହାୟତା ପରିକଳ୍ପନା ଯଥେଷ୍ଟ ଅଗ୍ରଗତି କରିଛି । ଚଳିତ ବର୍ଷ ଆଇନଗତ ସହାୟତା ପାଇବା ଲାଗି ଆବେଦନପତ୍ର ସଂଖ୍ୟା ବୃଦ୍ଧି ପାଇଛି । ଅନେକଗୁଡ଼ିଏ ଆଇନଗତ ସହାୟତା ଶିବିର ସଂଗଠିତ କରାଯାଇଛି । ଚଳିତବର୍ଷ 500ରୁ ଅଧିକ ଘଟଣା ଆପୋଷ ମିଳାମିଶା ସୂତ୍ରରେ ସମାଧାନ କରାଯାଇଛି । ଉକ୍ତ ପରିକଳ୍ପନା ଅନୁଯାୟୀ କୋରାପୁଟ, କଟକ, ଗଞ୍ଜାମ ଓ ମୟୂରଭଞ୍ଜ ଜିଲ୍ଲାରେ ଅନୁ-ଆଇନ ତାଲିମ ଶିବିରମାନ ଖୋଲାଯାଇ ମହିଳାଙ୍କ ସମେତ 217 ଜଣ ବ୍ୟକ୍ତିଙ୍କୁ ଆଇନର ବିଭିନ୍ନ ମୌଳିକ ଦିଗ ସଂପର୍କରେ ତାଲିମ ଦିଆଯାଇଥିଲା । ଲୋକ ଅଦାଲତଙ୍କ ଦ୍ୱାରା ବହୁସଂଖ୍ୟକ ମୋଟର ଦୁର୍ଘଟଣା ଜନିତ କ୍ଷତିପୂରଣ ଦାବୀ ମାମଲାର ଫଏସଲା

କରାଯିବା ସଙ୍ଗେ ସଙ୍ଗେ ଫୌଜଦାରୀ ମାମଲା, ଦେଓ୍ବାନୀ ମାମଲା, ପାରିବାରିକ ଓ ଦାମ୍ପତ୍ୟ କଳହ ମାମଲାଗୁଡ଼ିକର ଫଇସଲା କରାଯାଉଛି ।

67. ଚଳିତ ଅଧିବେଶନରେ ନିମ୍ନଲିଖିତ ଗୁରୁତ୍ୱପୂର୍ଣ୍ଣ ବୈଧାନିକ ବ୍ୟବସ୍ଥାଗୁଡ଼ିକ ଆଲୋଚନା ପାଇଁ ଆଗତ କରାଯିବ:—

(1) ଓଡ଼ିଶା ନଗରପାଳିକା (ପ୍ରଥମ ସଂଶୋଧନ) ନିୟମାବଳୀ, 1986 ।

(2) ଓଡ଼ିଶା ନଗରପାଳିକା (କାଉନ୍‌ସିଲର) ନିର୍ବାଚନ (ସଂଶୋଧନ) ନିୟମାବଳୀ, 1986 ।

(3) ଓଡ଼ିଶା ଚାକିରୀ ସଂରକ୍ଷଣ (ତଫସିଲଭୁକ୍ତ ଜାତି ଓ ତଫସିଲଭୁକ୍ତ ସଂପ୍ରଦାୟ ପାଇଁ) ସଂଶୋଧନ ଅଧିନିୟମ ।

(4) ଓଡ଼ିଶା ନଗରପାଳିକା (ନିର୍ବାଚନ ସ୍ଥଗିତକରଣ) ଅଧିନିୟମ, 1987

୬୮. ଆପଣମାନଙ୍କୁ ଆଲୋଚନାରେ ଅଂଶ ଗ୍ରହଣ କରିବାକୁ ସୁଯୋଗ ଦେଇ ମୁଁ ବର୍ତ୍ତମାନ ଅବ୍ୟାହତି ନେଉଛି । ଏ ଗୃହର ଆଲୋଚନା ପୂର୍ବପରି ଉପାଦେୟ ହେବ ଏବଂ ରାଜ୍ୟର ପ୍ରଗତି ତଥା ସମୃଦ୍ଧିରେ ସହାୟକ ହେବ ବୋଲି ମୋର ଆଶା ।

ଜୟହିନ୍ଦ୍

୨୩- ୨-୧୯୮୭

## ରାଜ୍ୟପାଳଙ୍କ ଅଭିଭାଷଣ

ତ୍ୟାଗ ଏବଂ ସେବା ଭାରତର ଜାତୀୟ ଆଦର୍ଶ । ଏହି ଧାରାରେ ତାହାର ଗତିକୁ ତୀବ୍ରତର କରାଯାଉ ଏବଂ ଅନ୍ୟ ସବୁକିଛି ଆପେ ଆପେ ଠିକ୍ ହୋଇଯିବ ।

ବିବେକାନନ୍ଦ

## ମୋ ଦୃଷ୍ଟିରେ ....


ଧରଣୀ ବକ୍ଷରେ ବସନ୍ତର ପ୍ରଚ୍ଛନ୍ନ ପଦଧ୍ୱନିର ଆଗମନୀ ବାର୍ତ୍ତା ଜଣାଇ 'ବସନ୍ତ ପଞ୍ଚମୀ' ଆଗତ । 'ଉତ୍କଳ ପ୍ରସଙ୍ଗ' ସେହି ଅବସରରେ ଦେବୀ ବୀଣାପାଣିଙ୍କ ଅଭିନନ୍ଦନ କରି ରାଜ୍ୟବାସୀଙ୍କୁ ବସନ୍ତ ପଞ୍ଚମୀର ସମ୍ବର୍ଦ୍ଧନା ଜଣାଉଅଛି ।

ଭାରତର ଜଣେ ମହାସାଧକ ଶ୍ରୀଶ୍ରୀ ରାମକୃଷ୍ଣଙ୍କ ୧୫୦ ତମ ଜନ୍ମ ବାର୍ଷିକୀ ସମ୍ପ୍ରତି ଦେଶ ବିଦେଶରେ ପାଳନ କରାଯାଉଛି । ଯୋଗଜନ୍ମା ଯୁଗପୁରୁଷ ଶ୍ରୀ ରାମକୃଷ୍ଣ ଓ ଜାତୀୟତାର ଅଗ୍ନିଦୂତ ସ୍ୱାମୀ ବିବେକାନନ୍ଦଙ୍କୁ ସ୍ମରଣ କରି 'ଉତ୍କଳ ପ୍ରସଙ୍ଗ' ଓଡ଼ିଶାବାସୀଙ୍କ ପ୍ରତି ସେହି ପରମ ପୁରୁଷମାନଙ୍କ ଆଶୀର୍ବାଦ ଯାଚନା କରୁଛି ।

ଏ ସଂଖ୍ୟାରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ତାଙ୍କର ''ଜାତୀୟ ଚେତନାର କର୍ଣ୍ଣଧାର: ଶ୍ରୀ ରାମକୃଷ୍ଣ ଓ ବିବେକାନନ୍ଦ'' ପ୍ରବନ୍ଧରେ ଓଡ଼ିଶାବାସୀଙ୍କୁ ନିଷ୍ଠାପର ଦେଶବ୍ରତୀ ହେବା ପାଇଁ ଆହ୍ୱାନ ଜଣାଇଛନ୍ତି ।

ଏହି ପରିପ୍ରେକ୍ଷୀରେ ସ୍ୱାମୀ ବୈରାଗ୍ୟାନନ୍ଦ, ଶ୍ରୀ କିଶୋରୀ ଚରଣ ଦାସ ଓ ଶ୍ରୀ ହୃଦାନନ୍ଦ ରାୟ ପ୍ରଭୃତିଙ୍କ ଲିଖିତ ପ୍ରବନ୍ଧଗୁଡ଼ିକରେ ଭାରତ ଗଠନରେ ଯୁବ ସମ୍ପ୍ରଦାୟର ଦାୟିତ୍ୱ ଓ ଆଦିବାସୀଙ୍କ ପ୍ରତି ସମାଜର ଦୃଷ୍ଟିଭଙ୍ଗୀ ଆଲୋଚିତ ହୋଇଅଛି ।

ମନ୍ତ୍ରୀ ଶ୍ରୀ ରାସବିହାରୀ ବେହେରା ଓଡ଼ିଶାରେ କପାଚାଷ ବିଷୟରେ ଯେଉଁ ତଥ୍ୟମୂଳକ ଆଲୋଚନା କରିଛନ୍ତି ତାହା ଆମ ଚାଷୀଭାଇଙ୍କ ପାଇଁ ଉପାଦେୟ ଓ ସମୟୋପଯୋଗୀ ହୋଇଛି । ଓଡ଼ିଶାର ଶିଳ୍ପାୟନରେ ସୂତା ଓ ଲୁଗା କଳ ବିଶିଷ୍ଟ ସ୍ଥାନ ଗ୍ରହଣ କରିଥିବାରୁ କପାଚାଷ ରାଜ୍ୟର ଆର୍ଥିକ ମେରୁଦଣ୍ଡକୁ ଦୃଢ଼ କରିବ ଏବଂ ଶିଳ୍ପ ଓ କୃଷିର ମିଳିତ ବିକାଶରେ ରାଜ୍ୟର ପ୍ରଗତି ଦ୍ରୁତତର ହେବ ।



## ଜାତୀୟ ଚେତନାର କର୍ଣ୍ଣଧାର :

# ଶ୍ରୀରାମକୃଷ୍ଣ ଓ ବିବେକାନନ୍ଦ

ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ

ଆଧୁନିକ ଭାରତବର୍ଷର ପରିକଳ୍ପନାରେ ରାମକୃଷ୍ଣ ବିବେକାନନ୍ଦଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ସେମାନଙ୍କୁ ଛାଡ଼ି ଆଧୁନିକ ଭାରତବର୍ଷର ପରିକଳ୍ପନା କରି ହେବ ନାହିଁ । ଊନବିଂଶ ଶତାବ୍ଦୀର ଯେଉଁ ସମୟରେ ଭାରତରେ ସମାଜର ସଂସ୍କାର, ଧର୍ମର ସଂସ୍କାର ହୋଇଛି ଏବଂ ରାଜନୈତିକ କ୍ଷେତ୍ରରେ ବିଦ୍ରୋହ ଓ ବିପ୍ଳବମାନ ଘଟି ଯାଇଛି, ସେଇ ସମୟକୁ ଆଧୁନିକ ଭାରତବର୍ଷ ବୋଲି କୁହାଯାଇ ପାରେ । ୧୮୫୭ ମସିହାରେ ଇଂରେଜ ଶାସନ ବିରୁଦ୍ଧରେ ପ୍ରଥମ ସ୍ୱାଧୀନତା ସମର ହେଲା ଓ ସେଥିରେ ସଂଗ୍ରାମୀମାନେ ବିଫଳ ହେଲେ । ସେତେବେଳର ସେହି ବିଫଳତା ଓ ନୈରାଶ୍ୟ ଭିତରେ ଭାରତବର୍ଷକୁ ଯଦି କେହି ଆଶାର ବାଣୀ ଶୁଣାଇଥାଏ, ତା' ହେଲେ ସେ ହେଉଛନ୍ତି ସ୍ୱାମୀ ବିବେକାନନ୍ଦ । ୧୮୬୦ ମସିହାର ପରବର୍ତ୍ତୀ କାଳରେ ଧର୍ମ କ୍ଷେତ୍ରରେ, ସାହିତ୍ୟ କ୍ଷେତ୍ରରେ ଓ ରାଜ୍ୟନୈତିକ କ୍ଷେତ୍ରରେ ଭାରତବର୍ଷରେ ବହୁ ଅଦ୍ଭୁତକର୍ମୀ ପୁରୁଷଙ୍କର ଆବିର୍ଭାବ ହୋଇଥିଲା । ସେମାନଙ୍କୁ ନିଶ୍ଚିତ ଭାବରେ ଯୁଗ ପୁରୁଷ, ଯୁଗ ପ୍ରବର୍ତ୍ତକ ବା ଯୁଗ ସ୍ରଷ୍ଟା ବୋଲି କୁହାଯାଇ ପାରେ । ସେହିପରି ଧର୍ମର କ୍ଷେତ୍ରରେ ସ୍ୱାମୀ ବିବେକାନନ୍ଦ, ସାହିତ୍ୟ କ୍ଷେତ୍ରରେ ବିଶ୍ୱକବି ରବୀନ୍ଦ୍ରନାଥ ଓ ରାଜନୈତିକ କ୍ଷେତ୍ରରେ ମହାତ୍ମା ଗାନ୍ଧୀ । ଆଧୁନିକ ଭାରତବର୍ଷର ଚିତ୍ର ଓ ପରିକଳ୍ପନା ଏହି ସମୟରୁ ହିଁ ଆରମ୍ଭ ହେଲା । ଏହାକୁ ମହାତ୍ମା ଗାନ୍ଧୀ ସ୍ୱୀକାର କରିଛନ୍ତି ଓ ରବୀନ୍ଦ୍ରନାଥ ମଧ୍ୟ ସ୍ୱୀକାର କରିଛନ୍ତି ।

ରାମକୃଷ୍ଣ, ବିବେକାନନ୍ଦ କେବଳ ଏକ ନୂତନ ଧର୍ମର ଆବାହକ ନଥିଲେ, ଥିଲେ ମହାନ୍ ଭାରତୀୟ ଜାତୀୟତାର ପୃଷ୍ଠପୋଷକ । ୧୯୬୦ ମସିହାରେ ତାଙ୍କର ଏକ ପ୍ରସିଦ୍ଧ ଭାଷଣରେ ପଣ୍ଡିତ ଜବାହରଲାଲ ନେହେରୁ କହିଥିଲେ, ଆଧୁନିକ ଭାରତର ଜାତୀୟତା ବୁଝିବାକୁ ହେଲେ ସ୍ୱାମୀ ବିବେକାନନ୍ଦଙ୍କ ବାଣୀ ଓ ଭାଷଣକୁ ଅଧ୍ୟୟନ କରିବାକୁ ହେବ । ସେ ଓ ତାଙ୍କ ଭଳି ଅନ୍ୟ ଯେଉଁମାନେ ସ୍ୱାଧୀନତା ସଂଗ୍ରାମରେ ଝାସ ଦେଇଥିଲେ ସମସ୍ତେ ସ୍ୱାମୀ ବିବେକାନନ୍ଦଙ୍କ ଦ୍ୱାରା ଅତିଶୟ ଉଦ୍‌ବୁଦ୍ଧ ହୋଇଥିଲେ । ଶ୍ରୀ ରାମକୃଷ୍ଣ ଓ ସ୍ୱାମୀ ବିବେକାନନ୍ଦଙ୍କ ବାଣୀ ଅଧ୍ୟୟନ କଲେ ଜଣେ ଲୋକର ଦେଶ ପ୍ରେମ ଦ୍ୱିଗୁଣିତ ହୋଇ ପାରିବ ବୋଲି ମହାତ୍ମା ଗାନ୍ଧୀ କହିଛନ୍ତି । ଶ୍ରୀ ରାମକୃଷ୍ଣ ଓ ସ୍ୱାମୀ ବିବେକାନନ୍ଦ ଭାରତବର୍ଷରେ ଚେତନାର ବିପ୍ଳବ ସୃଷ୍ଟି କରିଥିଲେ ।

ଏହି ଚେତନାକୁ କେବଳ ଧର୍ମର ଗଣ୍ଡି ଭିତରେ ସୀମାବଦ୍ଧ କରାଯିବା ଉଚିତ ନୁହେଁ । ଭାରତରେ ଏପରି କୌଣସି କ୍ଷେତ୍ର ନଥିଲା ଯେଉଁଥିରେ କି ସେମାନଙ୍କର ଆବାହନର ମୂଲ୍ୟ ନଥିଲା । ସ୍ୱାମୀ ବିବେକାନନ୍ଦ ଜାତୀୟତାର ଆବାହକ ଥିଲେ । ସମାଜ ସଂସ୍କାରର ଆବାହକ ଥିଲେ । ସେ ଯୁବକମାନଙ୍କୁ ଏକ ନୂତନ ଯୁଗର କର୍ଣ୍ଣଧାର ହେବା ପାଇଁ ଆହ୍ୱାନ ଦେଇଥିଲେ । ଭାରତବର୍ଷରେ ଅର୍ଥନୈତିକ କ୍ଷେତ୍ରରେ ଦେଖା ଦେଇଥିବା ଶ୍ରେଣୀ ବିଭାଗକୁ ବର୍ଜନ କରିବା ପାଇଁ ସ୍ୱାମୀ ବିବେକାନନ୍ଦ ଆପ୍ରାଣ ଚେଷ୍ଟା କରିଥିଲେ । ଏଭଳି ଯୁଗଦ୍ରଷ୍ଟା, ଯୁଗ ସ୍ରଷ୍ଟା ପୁରୁଷ ପୃଥିବୀ ଇତିହାସରେ ବିରଳ ।

ସେ କହିଥିଲେ ଯେ ଭାରତବର୍ଷର ଅନ୍ଧକାର ରାତ୍ରିର ଅବସାନ ହେବାକୁ ଯାଉଛି । ଜାଗରଣର ସମୟ ଆସିଛି । ଅଳ୍ପକାଳ ମଧ୍ୟରେ ଏହି ଅମାରାତ୍ରିର ଅବସାନ ଘଟିବ, ସେଥିପାଇଁ ମୁଁ ଆଜି ଜାଗ୍ରତ ଭାରତବାସୀଙ୍କୁ ଆହ୍ୱାନ କରୁଛି । ଭାରତବାସୀ ଅତ୍ୟନ୍ତ ଶକ୍ତିଶାଳୀ । ଏମାନେ ଥରେ ଜାଗ୍ରତ ହେଲେ ପୃଥିବୀର ଏପରି କୌଣସି ଶକ୍ତି ନାହିଁ, ଯେ କି ତାଙ୍କୁ ଅଟକାଇ ପାରିବ, ତାଙ୍କର ପଥରୋଧ କରିପାରିବ । ଏମାନେ ଚିରଜାଗ୍ରତ । ସ୍ୱାମୀ ବିବେକାନନ୍ଦ ଭାରତବର୍ଷର ବିଭିନ୍ନ ରାଜ୍ୟ ଭ୍ରମଣରେ ଯାଇଛନ୍ତି ଓ ସବୁ ସ୍ଥାନରେ ଏହି ବାଣୀ ହିଁ ପ୍ରଚାର କରି ଯାଇଛନ୍ତି । ତାହାକୁ "ବାସ୍ତବ ବେଦାନ୍ତ" କୁହାଯାଇପାରେ । "ଆଧ୍ୟାତ୍ମିକ ବାଦ" ନାମରେ ମଧ୍ୟ ଅଭିହିତ କରାଯାଇପାରେ । ତାଙ୍କର ସମସ୍ତ ବାଣୀ ସମସ୍ତ ଉଦ୍‌ବୋଧନ ମୁଖ୍ୟତଃ ଯୁବକମାନଙ୍କ ପାଇଁ ଅଭିପ୍ରେତ । ଭାରତର ଯେତେସବୁ ଅନ୍ଧବିଶ୍ୱାସ, କୁସଂସ୍କାର, ଶ୍ରେଣୀ ସଂଘର୍ଷ ବିରୁଦ୍ଧରେ ସ୍ୱାମୀଜୀ ସ୍ୱର ଉତ୍ତୋଳନ କରୁଥିଲେ । ଯୁବ ସଂପ୍ରଦାୟକୁ ସେଇ ଆହ୍ୱାନ ଜଣାଉଥିଲେ । ଯେଉଁମାନେ ଶାରୀରିକ ଯନ୍ତ୍ରଣା, ମାନସିକ ଯନ୍ତ୍ରଣା ଦେଇ ଯୁଗ ଯୁଗ ଧରି ଜର୍ଜରିତ ହୋଇ ଆସିଛନ୍ତି, ଅନୁନ୍ନତ, ଅବହେଳିତ ଅବସ୍ଥାରେ ପଡ଼ି ରହିଛନ୍ତି, ସେମାନଙ୍କ ପାଇଁ ଉପର ଶ୍ରେଣୀର (upper classes) ଲୋକମାନେ କିଛି କରିବାର ଅଛି । ସେମାନଙ୍କୁ ଉଚ୍ଚ ସ୍ତରକୁ ଉଠାଇବାର ଅଛି । ବର୍ତ୍ତମାନ ସେଇ ଉତ୍‌ଥାନର ସମୟ ଆସିଛି । ସେମାନେ ନିଜେ ନିଶ୍ଚିହ୍ନ ହୋଇଯିବେ କି ପଡ଼ିରହିଥିବା ଶ୍ରେଣୀଟିକୁ ହାତଧରି ଉପରକୁ ଉଠାଇ ନେବେ । ସେମାନଙ୍କ ପାଇଁ ଏହା ବିସ୍ମରର ସମୟ । ସ୍ୱାମୀ ବିବେକାନନ୍ଦ ଜାତି ପ୍ରଥାର ବିରୁଦ୍ଧାଚରଣ କରୁଥିଲେ ।



ଅସ୍ପୃଶ୍ୟତା ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିଥିଲେ । ତାଙ୍କର ବାଣୀ ଥିଲା, ସବୁ ମଣିଷ ସମାନ ଏବଂ ସମଗ୍ର ମାନବ ସମାଜ ଗୋଟିଏ ଜାତି । ଛୁଆଁ ଅଛୁଆଁ, ଉଚ୍ଚ ନୀଚ ମଣିଷର କେବଳ ମନଗଢ଼ା କଥା । ଜାତିଭେଦ ଏକ କୁସଂସ୍କାର । ତାହା ଭାରତବର୍ଷରେ ଦେଖା ଦେଇଛି । ତେଣୁ ସେ ଭାରତକୁ ଯେପରି ଏହି ଜାତିଭେଦର ମୂଳୋତ୍ପାଟନ କରିବାକୁ ଚେଷ୍ଟା ଚଳାଇଥିଲେ । ଆମେରିକାର ନୂତନ ସଭ୍ୟଶିକ୍ଷିତ ସମାଜ ତାଙ୍କୁ ଉଦ୍‌ବୁଦ୍ଧ କରୁଥିଲା । ସମାଜରେ ଯେଉଁମାନଙ୍କୁ ଅସ୍ପୃଶ୍ୟ, ପଶୁ, ଅଧମ ଭାବରେ ଗ୍ରହଣ କରାଯାଉଥିଲା, ରାମକୃଷ୍ଣ ସେମାନଙ୍କ ଘରକୁ ନିଜେ ଯାଇ ସେମାନଙ୍କ ସେବା କରୁଥିଲେ ଓ ନାନା ଭାବରେ ସାହାଯ୍ୟ କରୁଥିଲେ । ତାଙ୍କର ସମସ୍ତ ପ୍ରବଚନରେ ଅସ୍ପୃଶ୍ୟତା ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିଥିଲେ । ଗୁରୁ ଶ୍ରୀରାମକୃଷ୍ଣ ଓ ଶିଷ୍ୟ ସ୍ୱାମୀ ବିବେକାନନ୍ଦ ଧର୍ମ ନାମରେ ପ୍ରଚଳିତ ସମସ୍ତ କୁସଂସ୍କାରବାଦ ଓ ପୁରୋହିତବାଦ ବିରୁଦ୍ଧରେ ବିଶେଷ ଭାବରେ ସଂଗ୍ରାମ କରିଥିଲେ । ସେମାନେ ଅନୁଭବ କରିଥିଲେ, ଭାରତୀୟ ଲୋକଙ୍କୁ ଧର୍ମ ନାମରେ ଅତିଶୟ ଅନ୍ଧ ଭାବରେ ରଖାଯାଇଛି । ପ୍ରକୃତ ଧର୍ମର କଥା ସେମାନେ ବୁଝି ପାରୁନାହାନ୍ତି । ବିଭିନ୍ନ କୁସଂସ୍କାର ବିରୁଦ୍ଧରେ ଉଦାହରଣ ଦେଇ ଭାଷଣରେ ଜନସାଧାରଣଙ୍କୁ ଉପଦେଶ ଦେଉଥିଲେ । ସେ କହୁଥିଲେ, ଯେଉଁମାନଙ୍କୁ ମୂର୍ଖ, ଅଜ୍ଞ, ଅଜ୍ଞାନ ବୋଲି କୁହାଯାଏ, ସେମାନଙ୍କ ହୃଦୟ ଭିତରେ ଈଶ୍ୱର ବିଦ୍ୟମାନ । ପ୍ରକୃତରେ ଭଗବାନ ଆଶୀର୍ବାଦ ସେମାନେ ହିଁ ପାଇ ପାରନ୍ତି । କାରଣ ସେମାନେ ଖୁବ୍ ସରଳ ଭାବରେ ଈଶ୍ୱରଙ୍କୁ ବିଶ୍ୱାସ କରନ୍ତି । ଯେଉଁମାନେ ନିଜକୁ ବିଦ୍ୱାନ ଓ ପଣ୍ଡିତ ମନେ କରନ୍ତି ଓ ନିଜର ପାଣ୍ଡିତ୍ୟ ପ୍ରଚାର କରନ୍ତି, ସେମାନେ ଈଶ୍ୱରଙ୍କ ସାନିଧ୍ୟ ପାଇ ପାରନ୍ତି ନାହିଁ । ସରଳ, ନିଷ୍କପଟ, ନିରହଙ୍କାରୀ ଲୋକମାନଙ୍କ ହୃଦୟରେ ହିଁ ଭଗବାନ ସଦା ବିରାଜମାନ । ସରଳ ବିଶ୍ୱାସରେ ହିଁ ଭଗବତ୍ ପ୍ରାପ୍ତି ସମ୍ଭବ । ସ୍ୱାମୀ ବିବେକାନନ୍ଦ ମଧ୍ୟ ସେଇ କଥା, ସେଇ ବାଣୀ ପ୍ରଚାର କରି ଯାଇଛନ୍ତି । ସେ ସମଗ୍ର ମାନବ ସମାଜକୁ ଗୋଟିଏ ଭାଷାରେ କହୁଥିଲେ, "ଶୃଣ୍ୱନ୍ତୁ ସର୍ବେ ଅମୃତସ୍ୟ ପୁତ୍ରାଃ" ।

ସେ କହୁଥିଲେ, ଭାରତବାସୀ ସିଂହ ଶାବକ । ସେମାନଙ୍କୁ ମେଣ୍ଢା ଭାବରେ ରଖାଯାଇଛି । ଏହି ଅନ୍ୟାୟ ବିରୁଦ୍ଧରେ ଯୁବଗୋଷ୍ଠୀ ଜାଗ୍ରତ ହେବା ଦରକାର । ଏକ ସୁନ୍ଦର ଉଦାହରଣ ଦେଇ ସେ କହିଥିଲେ, ଥରେ କୌଣସି ଏକ ସିଂହୀ ମେଣ୍ଢାପଲ ମଧ୍ୟରେ ଶିଶୁଟିଏ ପ୍ରସବ କରି ମରିଗଲା ଏବଂ ସେହି ସିଂହ ଶିଶୁଟି ମେଣ୍ଢା ପଲରେ ପାଳିତ ହୋଇ ବଡ ହେବାକୁ ଲାଗିଲା । ଦିନେ ତାଙ୍କୁ ଦୂରରୁ ଗୋଟିଏ ସିଂହ ଦେଖି ଖୁବ୍ ଆଶ୍ଚର୍ଯ୍ୟ ହେଲା । ମେଣ୍ଢାପଲ ଭିତରେ କିପରି ସିଂହ ଛୁଆଟିଏ ରହିଗଲା ? ତେଣୁ ସେ ମେଣ୍ଢାପଲ ମଧ୍ୟକୁ ଲମ୍ଫ ପ୍ରଦାନ କରି ସେହି ଛୁଆ ସିଂହଟିକୁ ଗୋଟିଏ ହ୍ରଦ ପାଖକୁ ନେଇ ଆସିଲା । ତାଙ୍କୁ ପଚାରିଲା, ତୁ ନିଜେ କିଏ ତାହା ଜାଣି ପାରୁଛୁ ନା ନାହିଁ ! ସେ କହିଲା, ମୁଁ ଗୋଟିଏ ମେଣ୍ଢା । ସିଂହ ଯେତେ ପ୍ରବର୍ତ୍ତାଇଲେ ମଧ୍ୟ ସିଂହ ଛୁଆ ମାନିବାକୁ ନାରାଜ । ଶେଷରେ ହ୍ରଦ ମଧ୍ୟରେ ପଡ଼ିଥିବା ସିଂହ ଛୁଆର ପ୍ରତିଛବିକୁ ଦେଖାଇ କହିଲା, "କ'ଣ ଦେଖୁଛୁ" ? ଉତ୍ତରରେ ସେ କହିଲା, ମୁଁ ଦେଖୁଛି ଏକ ସିଂହ" । ପୁନର୍ବାର ନିଜକୁ ଦେଖାଇ ପଚାରିଲା, 'କ'ଣ ଦେଖୁଛୁ' । ଛୁଆ ସିଂହ କହିଲା, "ତୁମେ ହେଉଛ ସିଂହ" । ତା' ପରେ ସିଂହ କହିଲା, ତୁ ମଧ୍ୟ ସିଂହ । ତେଣୁ ତୁ ସିଂହ ପରି ଗର୍ଜନ କର । ଏଭଳି ଗଳ୍ପ ମାଧ୍ୟମରେ ସେ ଭାରତବାସୀଙ୍କୁ ମହାନ୍ ହେବା ପାଇଁ ଆହ୍ୱାନ ଜଣାଇଥିଲେ । ରାଜା ମହାରାଜାଙ୍କଠାରୁ ଆରମ୍ଭ କରି ସେ ଦୀନ ଦରିଦ୍ରଙ୍କ କୁଟୀରରେ ଅତିଥି ହୋଇଛନ୍ତି ଏବଂ ନିଜର ବାଣୀ ପ୍ରଚାର କରିଛନ୍ତି ।

ଆଜି ସ୍ୱାମୀ ବିବେକାନନ୍ଦଙ୍କ ବାଣୀ ଓ ଉପଦେଶ ଆମମାନଙ୍କ ପାଇଁ ଅଫୁରନ୍ତ ଶକ୍ତିର ଉତ୍ସ । ପଣ୍ଡିତ ଜବାହରଲାଲ ନେହେରୁ କହିଥିଲେ, ସ୍ୱାମୀ ବିବେକାନନ୍ଦଙ୍କ ବାଣୀ ସବୁଦିନ ପାଇଁ ପ୍ରେରଣା ଦାୟକ ହୋଇ ରହିବ । ଭାରତବର୍ଷର ଧର୍ମ ନୀତି, ସମାଜନୀତି ଓ ରାଜନୀତିର ଆଦର୍ଶ, ସ୍ୱାମୀ ବିବେକାନନ୍ଦଙ୍କ ସମସ୍ତ ଲେଖା ଓ ବାଣୀରେ ପରିପୂର୍ଣ୍ଣ ଓ ପରିଷ୍କାର ଭାବେ ରୂପାୟିତ ହୋଇଛି । ସେ କିଭଳି ଭାରତବର୍ଷ ସୃଷ୍ଟି କରିଥିଲେ ତାହା ବେଶ ସ୍ପଷ୍ଟ ଭାବରେ କହିଯାଇଛନ୍ତି । ସେ ମହାନ୍ ଜାତୀୟବାଦର ପ୍ରବର୍ତ୍ତକ ଥିଲେ । ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଏକ ଅଭିନବ ଭାରତ ଗଠନ କରିବାକୁ ସେ ସ୍ୱପ୍ନ ଦେଖୁଥିଲେ । ଏକ ଗଣତାନ୍ତ୍ରିକ ରାଷ୍ଟ୍ର ଭାବରେ ଶ୍ରୀରାମକୃଷ୍ଣ, ସ୍ୱାମୀ ବିବେକାନନ୍ଦ ଯେ ଆଧୁନିକ ଭାରତବର୍ଷର ଯୁଗସ୍ରଷ୍ଟା, ପଥ ନିର୍ଦ୍ଦେଶକ ଏଥିରେ କୌଣସି ସନ୍ଦେହ ନାହିଁ ।

(ଭୁବନେଶ୍ୱର ରାମକୃଷ୍ଣ ମଠରେ ପ୍ରଦତ୍ତ ଭାଷଣରୁ ଉଦ୍ଧୃତ)



# ଓଡିଶାରେ କପାଗ୍ଚାଷ

ଶ୍ରୀ ରାସବିହାରୀ ବେହେରା

ଆମ ରାଜ୍ୟରେ କପା ଫସଲର ପ୍ରସାର ଓ ଉତ୍ପାଦନ ବଢାଇବା ପାଇଁ କପାଚାଷ ସମ୍ପର୍କୀୟ ଆଲୋଚନାଚକ୍ରମାନ ଅନୁଷ୍ଠିତ ହେଉଛି । ତା ୨୮.୧୨.୮୬ ରିଖରେ କୋରାପୁଟ ଜିଲ୍ଲା ରାୟଗଡାଠାରେ ଏହା ଅନୁଷ୍ଠିତ ହେବା ବିଶେଷ ତାତ୍ପର୍ଯ୍ୟପୂର୍ଣ୍ଣ ଓ ସମୟ ଉପଯୋଗୀ ।

ଆମ ରାଜ୍ୟ ଓଡ଼ିଶା ବହୁ ପୁରାତନ କାଳରୁ ହସ୍ତତନ୍ତ ଦ୍ୱାରା ପ୍ରସ୍ତୁତ ପାଟ, ମଠା ଓ ସୂତା ତିଆରି ଲୁଗାପଟା ପାଇଁ ପୃଥିବୀରେ ଖ୍ୟାତି ଲାଭ କରିଥିବା କଥା ଇତିହାସରୁ ଜଣାପଡେ । ଏବେ ମଧ୍ୟ ଦେଶ ଭିତରେ ଓ ବାହାରେ ବିଭିନ୍ନ ପ୍ରକାର ହାତ ତିଆରି ଲୁଗାପଟା ବିଶେଷତଃ ସମ୍ବଲପୁରୀ ମାଣିଆବନ୍ଧୀ ଶାଢୀ, ବରହମ୍ପୁରୀ ପାଟ ପାଇଁ ଆମ ରାଜ୍ୟର ସୁଖ୍ୟାତି ରହିଅଛି । ଏବେ ମଧ୍ୟ ଓଡ଼ିଶାର କଳାହାଣ୍ଡି, ବଲାଙ୍ଗୀର, ସୁନ୍ଦରଗଡ ଜିଲ୍ଲାମାନଙ୍କରେ ଖାଇଦ୍ୱାରା ତନ୍ତୁବାୟ ସଂପ୍ରଦାୟର ଲୋକମାନେ କପାରୁ ତୁଳା ଅଲଗା କରି ଅରଟରେ ସୂତାକାଟି, ହାତତନ୍ତରେ ବିଭିନ୍ନ ପ୍ରକାର ଲୁଗାପଟା ତିଆରି କରି ବ୍ୟବହାର କରୁଅଛନ୍ତି ।


ଅତୀତରେ ଆମରାଜ୍ୟର କାର୍ପାସ ଶିଳ୍ପ ଓ କପାଚାଷର ବହୁ ଦୃଷ୍ଟାନ୍ତ ରହିଥିଲେ ବି ବ୍ରିଟିଶ ରାଜତ୍ୱ ସମୟରେ ବିଲାତରୁ ଆମଦାନୀ ଲୁଗାପଟା ଓ ତତ୍କାଳୀନ ସରକାରୀ ନୀତି ନିୟମ କାର୍ପାସ ଶିଳ୍ପର ଅବନତି ଘଟାଇଲା । ତତ୍ପରବର୍ତ୍ତୀ କାଳରେ ମିଲ୍ ଦ୍ୱାରା ସୁବିଧାରେ ତିଆରି ଲୁଗାପଟା ପ୍ରସାର ଓ ରାଜ୍ୟ ଭିତରେ ଉତ୍ପାଦିତ କପାର ବିକ୍ରୀ ଖର୍ଦ୍ଦି ଜନିତ ଅସୁବିଧା ପାଇଁ କପାଚାଷ ଆମରାଜ୍ୟରୁ କ୍ରମଶଃ ଲୋପ ପାଇଲା । ୧୯୭୩-୭୪ ମସିହାରୁ ପୁନର୍ବାର କପାଚାଷର ପ୍ରସାର ପାଇଁ ରାଜ୍ୟ ସରକାର ସଚେଷ୍ଟ ।

ସଂପ୍ରତି ଆମରାଜ୍ୟରେ ୧୨ଗୋଟି ସୂତାକଳ କାର୍ଯ୍ୟକ୍ଷମ ଓ ସପ୍ତମ ଯୋଜନା କାଳମଧ୍ୟରେ ଆଉ ୩ଟି ସୂତାକଳ ସ୍ଥାପିତହେବା ପରେ ଆମରାଜ୍ୟର ୧୫ଟି ସୂତାକଳ ପାଇଁ ଅନ୍ୟୁନ ୩.୫ (ସାଢେ ତିନି) ଲକ୍ଷ ଗାଣ୍ଠି ତୁଳା ଦରକାର ପଡ଼ିବ । ବର୍ତ୍ତମାନ ସୂତାକଳଗୁଡ଼ିକର ଚାହିଦା ମେଣ୍ଟାଇବା ପାଇଁ ପ୍ରାୟ ଦୁଇ ଲକ୍ଷ ଗାଣ୍ଠି ତୁଳା ବାହାରି ରାଜ୍ୟମାନଙ୍କରୁ ଆମଦାନୀ କରାଯାଇଅଛି । ଏହି ଦୃଷ୍ଟିରୁ ବିଚାର କଲେ ଆମ ରାଜ୍ୟରେ କପାଚାଷର ଯଥେଷ୍ଟ ଗୁରୁତ୍ୱ ରହିଅଛି ଓ କପାଚାଷର ପ୍ରସାର ପାଇଁ ରାଜ୍ୟ ସରକାର ଯଥେଷ୍ଟ ଗୁରୁତ୍ୱ ଦେଉଅଛନ୍ତି । ରାଜ୍ୟ ଉତ୍ପାଦିତ କପାକୁ ବିଭିନ୍ନ ସୂତାକଳମାନଙ୍କ ଜରିଆରେ ଚାଷୀମାନଙ୍କଠାରୁ ସରକାରୀ ନିର୍ଦ୍ଧାରିତ ଦରରେ ଖରିଦ୍ କରିବା ବ୍ୟବସ୍ଥା ସ୍ଥିରୁ ରହିଅଛି । କପାଚାଷର ଉନ୍ନତି ନିମନ୍ତେ କପାଚାଷକୁ ରାଜ୍ୟରେ ନିର୍ଦ୍ଦିଷ୍ଟ କେତେକ ଅଞ୍ଚଳରେ ସୀମିତ କରାଯାଇ କୋରାପୁଟ ଜିଲ୍ଲାର ରାୟଗଡା, ଉମରକୋଟ, କଳାହାଣ୍ଡି ଜିଲ୍ଲାର ଭବାନୀପାଟଣା ଓ ବଲାଙ୍ଗୀର ଜିଲ୍ଲାର ବଲାଙ୍ଗୀରଠାରେ ସଘନ କପାଚାଷ କାର୍ଯ୍ୟକ୍ରମକୁ ୧୯୮୬-୮୭ ମସିହାରୁ କାର୍ଯ୍ୟକାରୀ କରାଯାଇ ଗୋଟିଏ ଲେଖା ଫିଲଡ୍ ଇଉନିଟ୍ ପ୍ରତିଷ୍ଠା କରାଯାଇଅଛି । ଏହା ବ୍ୟତୀତ ଆସ୍କା, ଖୋର୍ଦ୍ଧା, ନୂଆପାଟଣା, ଢେଙ୍କାନାଳ, ଦରଗଡ, ସୋନପୁର, ସୁନ୍ଦରଗଡ, ବାରିପଦାଠାରେ ଥିବା ୮ଟି ସୂତାକଳମାନଙ୍କୁ କେନ୍ଦ୍ରକରି କପାଚାଷର ପ୍ରସାର ହେବାରଲକ୍ଷ୍ୟରଖାଯାଇଅଛି ।

ଚଳିତବର୍ଷ ୭୦୦୦ (ସାତ ହଜାର) ହେକ୍ଟର ଜମିର କପାଚାଷ ହେବାର ଲକ୍ଷ୍ୟରଖାଯାଇ ଥିବା ସ୍ଥଳେ ପ୍ରାୟ ୨୮୦୦ ହେକ୍ଟର ଜମିରେ କପାଚାଷ ହୋଇଅଛି । ବିଗତ ୧୦ ବର୍ଷରୁ ହିସାବକୁ ନେଲେ ଜଣାପଡ଼ିବ ଯେ ଆମ ରାଜ୍ୟରେ ୧୯୭୮-୭୯ ମସିହାରେ ସର୍ବୋଚ୍ଚ ୬୫୮୦ ହେକ୍ଟର ଜମିରେ କପାଚାଷ ହୋଇଥିଲା । ପ୍ରତିବର୍ଷ କପା ନିୟମିତ ଭାବରେ ଚାଷ ହେଉ ନାହିଁ ଓ କପାଚାଷ ଜମିର ପରିମାଣ କମ୍ ବେଶୀ ହେଉଅଛି ।

ଆମ ଦେଶ ତଥା ରାଜ୍ୟରେ କପାର ହେକ୍ଟର ପ୍ରତି ଆମଦାନୀ ହାରାହାରି ଏକରାଶି ତୁଳା (୧୭୦ କିଲୋଗ୍ରାମ) ରୁ ୫ କ୍ୱିଣ୍ଟାଲ ପର୍ଯ୍ୟନ୍ତ କପା ଉତ୍ପାଦନ ହେଉଥିବା ବେଳେ ଉନ୍ନତ ପ୍ରଣାଳୀରେ ଚାଷ ହେଉଥିବା କପା ହେକ୍ଟର ପ୍ରତି ୧୨ ରୁ ୧୫ କ୍ୱିଣ୍ଟାଲ ଓ ବିଶେଷତଃ ରାୟଗଡା ଅଞ୍ଚଳରେ ଏହା ୧୫ ରୁ ୨୦ କ୍ୱିଣ୍ଟାଲ ଆଦାୟ ହେଉଅଛି । ସେହିପରି ବର୍ଷା ଉପରେ ନିର୍ଭର କରି ଚାଷ ହେଉଥିବା କପାଠାରୁ ଜଳସେଚିତ କପାର ଆଦାୟ ମଧ୍ୟ ଅଧିକ । ଏହି ଦୃଷ୍ଟିରୁ ବିଚାର କଲେ ଜଣା ପଡ଼ିବ ଯେ ଆମ ରାଜ୍ୟରେ ହେକ୍ଟର ପ୍ରତି ହାରାହାରି କପାର ଆଦାୟ ଉନ୍ନତ ପ୍ରଣାଳୀରେ ଚାଷ କରାଯାଉଥିବା କପାର ଆଦାୟରେ ଯଥେଷ୍ଟ ତାରତମ୍ୟ ରହିଛି । ଏହି ପରିପ୍ରେକ୍ଷୀରେ ତାରତମ୍ୟକୁ ଦୂର କରିବାକୁ ପଡ଼ିବ । ଉନ୍ନତ କିସମର ବିହନ ବ୍ୟବହାର, ଆବଶ୍ୟକୀୟ ଖତସାର ପ୍ରୟୋଗ, ଉପଯୁକ୍ତ ରୋଗ ପୋକ ଦମନ ବ୍ୟବସ୍ଥା ଗ୍ରହଣ କରିବା ସହିତ ଉନ୍ନତ ପ୍ରଣାଳୀରେ କପାଚାଷ ପ୍ରବର୍ତ୍ତନ କରାଯାଇ ରାଜ୍ୟରେ କପାର ଉତ୍ପାଦନ ବୃଦ୍ଧିକରି ଆମକୁ ରାଜ୍ୟର ଆବଶ୍ୟକ ହେଉଥିବା କପା ପାଇଁ ଆତ୍ମନିର୍ଭରଶୀଳ ହେବାକୁ ପଡ଼ିବ । ରାଜ୍ୟର ସମସ୍ତ କପାଚାଷୀ ଭାଇମାନଙ୍କୁ ମୋର ଏକାନ୍ତ ଅନୁରୋଧ, ସେମାନେ କୃଷି ବିଭାଗ କର୍ମଚାରୀମାନଙ୍କ ବୈଷୟିକ ପରାମର୍ଶକୁ ଗ୍ରହଣକରି ବାସ୍ତବ କ୍ଷେତ୍ରରେ ଏହାକୁ ପ୍ରୟୋଗ କରି ଓଡ଼ିଶା ରାଜ୍ୟରେ କପା ଉତ୍ପାଦନ କ୍ଷେତ୍ରରେ ସମୃଦ୍ଧିଶାଳୀ ହେବା ସଙ୍ଗେ ସଙ୍ଗେ ଆର୍ଥିକ ପରିସ୍ଥିତିର ବିକାଶ ଘଟାଇବେ ।

କୃଷି ଓ ସମବାୟ ମନ୍ତ୍ରୀ



ସ୍ୱ ଭବନରେ ବ୍ରିଟିଶ୍ କୂଟନୀତିଜ୍ଞ ...



ଭୂତପୂର୍ବ ଆଲେକ୍‌ଜାଣ୍ଡରଙ୍କ
ଉଦ୍‌ଘାଟନ ଉତ୍ସବ ...



ଭୁବନେଶ୍ୱରରେ ଶୁଭ ଶିଳାନ୍ୟାସ ବେଳେ ।

# ଯୁଗଜ୍ୟୋତି ବିବେକାନନ୍ଦ

ଶ୍ରୀ କାର୍ତ୍ତିକେଶ୍ୱର ପାତ୍ର

ନିକଟ ଅତୀତରେ ଏ ଭାରତବର୍ଷରେ ଯେତେ ଶିକ୍ଷାବିତ୍, ସାହିତ୍ୟିକ, ବୈଜ୍ଞାନିକ ଓ ସାଧକ ଜନ୍ମ ଗ୍ରହଣ କରିଛନ୍ତି ନିଃସନ୍ଦେହରେ କୁହାଯାଇପାରେ ଯେ ସ୍ୱାମୀ ବିବେକାନନ୍ଦ ସେମାନଙ୍କ ମଧ୍ୟରେ ଉଜ୍ଜ୍ୱଳତମ ଜ୍ୟୋତିଷ୍କ । ସେ ଥିଲେ ଅତୀତ ଓ ବର୍ତ୍ତମାନ , ପ୍ରାଚ୍ୟ ଓ ପାଶ୍ଚାତ୍ୟ ମଧ୍ୟରେ ସ୍ୱର୍ଣ୍ଣ ସେତୁ, ଭାରତବର୍ଷର ଆତ୍ମା ଓ ବିବେକର ପ୍ରତିନିଧି, ଜଡବାଦୀ ସଭ୍ୟତାରେ ଦିବ୍ୟଜ୍ଞାନର ମୂର୍ତ୍ତିମନ୍ତ ବିଗ୍ରହ ।

୧୮୬୩ ଜାନୁୟାରୀ ୧୨ ତାରିଖରେ କଲିକତାର ସିମଳାରେ ବିଖ୍ୟାତ ଦତ୍ତ ପରିବାର ଏହି ଅସାଧାରଣ ପୁରୁଷଙ୍କୁ ଜନ୍ମଦେଇ ଧନ୍ୟ ହୋଇଥିଲା । ପିତା ବିଶ୍ୱନାଥ ଦତ୍ତ କଲିକତା ହାଇକୋର୍ଟରେ ଏଟର୍ଣ୍ଣି ଥିଲେ । ସେ ଥିଲେ ଏକ ପ୍ରତିଭା ସମ୍ପନ୍ନ ବ୍ୟକ୍ତି । ଚିକାଗୋ ଧର୍ମ ମହାସଭାର ଅଦ୍ୱିତୀୟ ବକ୍ତା ଯୁବସନ୍ନ୍ୟାସୀ ବିବେକାନନ୍ଦଙ୍କର ପିତା ହିସାବରେ ସେ ଗୌରବାନ୍ୱିତ । ମାତା ଭୁବନେଶ୍ୱରୀ ଦେବୀ ଏଭଳି ଏକ ନିଃସ୍ୱାର୍ଥପର ସାଧକ, ସାହସୀ ଦେଶପ୍ରେମୀ, ସନାତନ ହିନ୍ଦୁ ଧର୍ମର ସାରଥୀଙ୍କୁ ଜନ୍ମ ଦେଇ ଜୀବନ ସାର୍ଥକ କରିଛନ୍ତି । ଶିବଙ୍କୁ ଆରାଧନା କରି ମା ତାଙ୍କୁ ପାଇଥିଲେ । ଯେତେବେଳେ କୌଣସି କାରଣରୁ ପିଲା ଦିନେ ସେ ଉତ୍ତେଜିତ ହେଉଥିଲେ ସେତେବେଳେ ଓଁ ନମଃ ଶିବାୟ, ଓଁ ନମଃ ଶିବାୟ କହି ତାଙ୍କ ମୁଣ୍ଡରେ ପାଣି ଢାଳି ଦେଲେ ସେ ଶାନ୍ତ ହୋଇ ଯାଉଥିଲେ ।

ସେହି ଭାରତବର୍ଷର ଆଧ୍ୟାତ୍ମିକ ଅସ୍ମିତା ଓ ସାଧନାର ପ୍ରତୀକ ବିବେକାନନ୍ଦଙ୍କର ପିଲାଦିନର ଡାକ ନାମ ଥିଲା ବିଲେ । ପରବର୍ତ୍ତୀ କାଳରେ ତାଙ୍କର ପ୍ରକୃତ ନାମ ହେଲା ନରେନ୍ଦ୍ରନାଥ । ଯଥାର୍ଥରେ ସେ ତାଙ୍କ ନାମର ସାର୍ଥକତା ପ୍ରତିପାଦନ କରି ଯାଇଛନ୍ତି ଏକ ଶ୍ରେଷ୍ଠ ମଣିଷ ହିସାବରେ । ସେ ଆସିଥିଲେ ପ୍ରଚଣ୍ଡ ଝଟିକା ବେଗରେ । ଏକ ଦୁର୍ଦ୍ଦମନୀୟ ଅଶାନ୍ତ ପ୍ରବାହ, ଆମ ଚେତନାର ଅନ୍ତର୍ନିହିତ ସତ୍ୟକୁ ଅନୁସନ୍ଧାନ କରିବା ପାଇଁ ଏକ ଅନୁସନ୍ଧାନୀ ବର୍ତ୍ତିକା । ଗୁରୁ ରାମକୃଷ୍ଣଙ୍କର ସାନିଧ୍ୟରେ ପରଶମଣିର ସ୍ପର୍ଶରେ ଏକ ଉଜ୍ଜ୍ୱଳ ଦୀପିମାନ ପ୍ରତିଭା । ଧ୍ୟାନସ୍ଥ ଯାର ନେତ୍ର, ଆତ୍ମସ୍ଥ ଯାର ଚୈତନ୍ୟ ଏବଂ ବିଶ୍ୱ ବିଦିତ ଯାହାର ତ୍ୟାଗ ଓ ବେଦନା ।

ବିଶ୍ୱ ବିଖ୍ୟାତ ସାଧକ ରାମକୃଷ୍ଣ ପରମ ହଂସ ଦେବ ଯେତେ ଯେମିତି ବହୁବର୍ଷ ଧରି ପ୍ରତୀକ୍ଷା କରି ରହିଥିଲେ ଏହି ମଣିଷଟି ପାଇଁ ଯାହା ଭିତରେ ଲୁଚି ରହିଥିଲା ଅପ୍ରତିହତ ଜ୍ଞାନର ଆଲୋକ ଶିଖା । ଯେଉଁ ଶିଖା ଦ୍ୱାରା ଦେଶ ବିଦେଶର ବହୁ ଶିକ୍ଷିତ ତ୍ୟାଗୀ, ଯୁବକମାନଙ୍କ ଅନ୍ତରରେ ସେ ନିରନ୍ତର ପ୍ରଜ୍ୱଳିତ ।

ସ୍ୱାର୍ଥ ତ୍ୟାଗ ଓ ସେବା ଭାରତବର୍ଷର ଆଦର୍ଶ । ନିଃସ୍ୱାର୍ଥ ଭାବରେ ମଣିଷକୁ ନାରାୟଣ ଭାବରେ ସେବା କରିବା ଦ୍ୱାରା ଚିତ୍ତର ମଳିନତା ଦୂର ହୁଏ । କ୍ରମେ ଐକାନ୍ତିକ ମୁକ୍ତି କରାୟତ୍ତ ହୁଏ, ଏହି ପରମ ସତ୍ୟକୁ ସେ ନିର୍ଭିକ ଭାବରେ ବୟାନ୍ କରିଥିଲେ ।

"ତୁଳସୀ ଦୁଇପତ୍ରରୁ ବାସେ" । ଅନ୍ତ-ଦୃଷ୍ଟି ନେଇ ଜଗତର ରହସ୍ୟ ଓ ବୈଚିତ୍ର୍ୟକୁ ଭେଦ କରିବା ପାଇଁ ଅତି ପିଲାକାଳରୁ ତାଙ୍କ ଭିତରେ ପ୍ରେରଣା ଜାଗ୍ରତ ହୋଇଥିଲା । ଅନ୍ୟ ପିଲାମାନଙ୍କ ପରି ବ୍ରହ୍ମଦୈତ୍ୟର ଭୟ ତାଙ୍କୁ ଆଚ୍ଛନ୍ନ କରି ପାରିଲା ନାହିଁ । ଏକଦା ଅନ୍ୟ ପିଲାମାନେ ବ୍ରହ୍ମଦୈତ୍ୟ ଭୟରେ ଗୋଟିଏ ଗଛରୁ ଧାଇଁ ପଳାଇବା ବେଳେ ସେ ବୃକ୍ଷରେ ବ୍ରହ୍ମ ଦୈତ୍ୟକୁ ଖୋଜି ବୁଲିଲେ ।

ବାପାଙ୍କ ଦରବାରରେ ଗୁଡାଖୁ ସେବନ ପାଇଁ ବିଭିନ୍ନ ପ୍ରକାର ହୁକା, ବିଭିନ୍ନ ଜାତିର ଲୋକଙ୍କ ପାଇଁ ରହିଥିଲା । ନିଜେ ଜଣେ ହରିଜନ ପାଖରୁ ହୁକା ନେଇ ପରୀକ୍ଷା କରିବା ପାଇଁ ଟାଣି ଦେଖିଥିଲେ । ଦେଖିଲେ ସେଥିରେ କିଛି ପ୍ରଭେଦ ନାହିଁ-ଅନ୍ୟ ହୁକା ସହିତ; ଅଛି କେବଳ ଜାତିଭେଦ ଯାହା ମନୁଷ୍ୟର ସୃଷ୍ଟି । କେବଳ ଦୃଷ୍ଟିର ପାର୍ଥକ୍ୟ ।

ଜୀବନ ବୋଇଲେ ସଂଗ୍ରାମ । ଏଥିପାଇଁ ସେ ସାରା ଜୀବନ ସଂଗ୍ରାମ କରିଯାଇଛନ୍ତି ।

ଆବାଲ୍ୟରୁ ବାହ୍ୟିକ ଜଗତ ଉପରୁ ଦୃଷ୍ଟି ଫେରାଇ ଅନ୍ତର୍ଦୃଷ୍ଟି ନେଇ ଚିର ସତ୍ୟକୁ ଖୋଜି ବୁଲୁଥିବା ଅଶାନ୍ତ ହୃଦୟ ନରେନ୍ଦ୍ର ସନ୍ନ୍ୟାସୀ ରାମକୃଷ୍ଣଙ୍କ ପାଖରେ ନିଜକୁ ସମର୍ପଣ କରନ୍ତି । ଘଣ୍ଟା ଘଣ୍ଟାଧରି ନିର୍ଜନରେ ନିଜକୁ ଧ୍ୟାନସ୍ଥ ଭାବରେ ହଜାଇ ଦେବା ଯାହାର ଅଭ୍ୟାସ, ଥରେ ମାତ୍ର ସ୍ୱାସ୍ଥ୍ୟ ମସ୍ତକରେ ଗୁରୁ ରାମକୃଷ୍ଣଙ୍କର ହସ୍ତର ପରଶ ପାଇ ଯେଉଁ ଦିବ୍ୟ ଜ୍ୟୋତି ଏବଂ ମାତୃ ଦର୍ଶନ ଲାଭ କରିଥିଲେ ସେଥିରେ ସେ ବିହ୍ୱଳ ହୋଇ ପଡ଼ିଥିଲେ । ଆନନ୍ଦ-ବେଗରେ ଗୁରୁଙ୍କର ପଦଯୁଗଳକୁ ଜାବୁଡ଼ି ଧରି ସେ ସବୁଦିନ ପାଇଁ ସେଇ ଚରଣରେ ନିଜକୁ ନିବେଦନ କରିଥିଲେ ।

ଗୁରୁଙ୍କର ନିର୍ଦ୍ଦେଶ କ୍ରମେ ଦୀର୍ଘ ଦଶ ବର୍ଷ ଧରି ଭାରତବର୍ଷର ବିଭିନ୍ନ ସ୍ଥାନ ଭିକ୍ଷୁକ ସନ୍ନ୍ୟାସୀ ହିସାବରେ ପରିଭ୍ରମଣ କରିଥିଲେ । ଭକ୍ତମାନେ ଏଭଳି ପ୍ରତିଭାବାନ ଯୌବନର ଔଜ୍ଜ୍ୱଲ୍ୟରେ ଉଦ୍ଦୀପ୍ତ ସନ୍ନ୍ୟାସୀଙ୍କ ପାଇଁ ଅକାତରରେ ସମସ୍ତ କିଛି ଅର୍ଘ୍ୟ ବାଢ଼ିବାକୁ ଆଗେଇ ଆସୁଥିଲେ । ସ୍ଥାନାନ୍ତର ପରିଭ୍ରମଣ ପାଇଁ ରେଳଭଡ଼ା, ବସଭଡ଼ା ଓ ପାଥେୟ ମଧ୍ୟ ବ୍ୟବସ୍ଥା କରି ଦେଉଥିଲେ ।

ଆକୁମାରୀ ହିମାଳୟ ପର୍ଯ୍ୟନ୍ତ ସମଗ୍ର ଭାରତବର୍ଷର ଅଧିବାସୀଙ୍କୁ ସବୁରି ହୃଦୟରେ ତୋଳି ଧରିବା ପାଇଁ ବିଭିନ୍ନ ସ୍ଥଳ କଲେଜର ଧର୍ମ ସଭାରେ ଅନର୍ଗଳ ଓ ଓଜସ୍ୱିନୀ ଭାଷାରେ ବେଦାନ୍ତର ସାରମର୍ମ ସମସ୍ତଙ୍କୁ ଶୁଣାଉ ଥିଲେ । ସେ ଥିଲେ ବେଦବେଦାନ୍ତର ଜୀବନ୍ତ ଅଭିଧାନ ।

ଛୋଟ, ବଡ, ଉଚ୍ଚ, ନୀଚ, ଧନୀ, ଦରିଦ୍ର ଯେ କୌଣସି ଶ୍ରେଣୀର ମନୁଷ୍ୟ ପ୍ରତି ହୃଦୟରେ ତାଙ୍କର ଅଫୁରନ୍ତ ସ୍ନେହ, ଶ୍ରଦ୍ଧା, ଭକ୍ତିରେ ତାଙ୍କର ଭ୍ରଷ୍ଟ ପଥିକଙ୍କୁ ଦିଗ୍‌ଦର୍ଶନର ସୂଚନା ଏବଂ କର୍ମରେ ଆଶ୍ରୟହୀନ ଆର୍ତ୍ତବ୍ୟଥିତ ପାଇଁ ବାହୁ ପ୍ରସାର କରି କୋଳେଇ ନେବା ପ୍ରଚେଷ୍ଟା ଏବଂ ସମଗ୍ର ମାନବ ସମାଜକୁ ତାଙ୍କର ସୁଗମ୍ଭୀର ଆହ୍ୱାନ ।

''ଉତ୍ତିଷ୍ଠତ, ଜାଗ୍ରତ, ପ୍ରାପ୍ୟବରାନ୍ ନିବୋଧତ''

ଆଜି ମଧ୍ୟ ଏହି ଜଡବାଦ ଯୁଗରେ ସମସ୍ତଙ୍କୁ ହତଚକିତ କରିଛି ।

୧୮୯୩ ମେ ୩୧ ତାରିଖରେ ସେ ଚିକାଗୋ ସହରର ଧର୍ମ ମହାସଭାରେ ଯୋଗ ଦେବା ପାଇଁ ଆମେରିକା ଯାତ୍ରା କରିଥିଲେ । ଜାହାଜର ଡେକ୍ ଉପରେ ଛିଡା ହୋଇ ଭାରତବର୍ଷକୁ ବିଦାୟ ନେଲାବେଳେ ସେ ଚକ୍ଷୁ ଭିଜାଇ ଅତି ମର୍ମିକ କଣ୍ଠରେ କହିଥିଲେ ''ହେ ଜନନୀ ଜନ୍ମଭୂମି, ତୁମେ ମୋର ଶୈଶବର ଶିଶୁଶଯ୍ୟା, ଯୌବନର ମଧୁବନ, ବାର୍ଦ୍ଧକ୍ୟର ବାରଣସୀ'' ମା ତୁମକୁ ମୁଁ ପ୍ରଣାମ ଜଣାଇ ବିଦାୟ ନେଉଛି ।

ଦେଶ ବତ୍ସଳ, ମାତୃ ବତ୍ସଳ ବିବେକାନନ୍ଦ ଭାରତବର୍ଷର ତ୍ୟାଗଦୀପ୍ତ ଗୈରିକ ସନ୍ନ୍ୟାସୀ, କେତେ ମାତୃ ବତ୍ସଳ, ଦେଶ ବତ୍ସଳ ତାହା ସହଜରେ ଅନୁମେୟ । ଚିକାଗୋ ସହରରେ ସେ ଭାରତବର୍ଷର ଧର୍ମଧ୍ୱଜୀ ହିସାବରେ, ଗୈରିକ ବେଶ ଭୂଷାରେ ନିଜକୁ ପ୍ରକାଶ କରୁଥିଲେ ମଧ୍ୟ ସନାତନ ହିନ୍ଦୁ ଧର୍ମ କିପରି ବିଶ୍ୱ ମାନବ ପ୍ରେମରେ ଉଦ୍ଭାସିତ, ତ୍ୟାଗ ଓ ମହିମାରେ ରଞ୍ଜିତ, ତାହା ଅଧିବେଶନର ପ୍ରଥମ ଦିବସରେ ତାଙ୍କର ସଂକ୍ଷିପ୍ତ ଭାଷଣ ଦ୍ୱାରା ସେ ପ୍ରମାଣିତ କରିଥିଲେ ।

ତାଙ୍କର ପ୍ରଥମ ସମ୍ବୋଧନ ଭଗିନୀ ଓ ଭ୍ରାତା । ବିଶ୍ୱ ମାନବ ସମାଜକୁ ଏକ ପରମ ପିତାଙ୍କର ସୃଷ୍ଟି ବୋଲି ପ୍ରମାଣ କରି ହିନ୍ଦୁଧର୍ମ ଗୋଟିଏ ବିଶ୍ୱଜନୀନ ଧର୍ମ ଓ ଆମେ ସମସ୍ତେ ଅମୃତର ସନ୍ତାନ, କେହି ପାପୀ ଓ ଅଧାର୍ମିକ ହୋଇ ଜନ୍ମ ଗ୍ରହଣ କରି ନାହାନ୍ତି ବୋଲି ସୁଦୃଢ଼ ଗମ୍ଭୀର କଣ୍ଠରେ ତାଙ୍କର ଏହି ନିର୍ଘୋଷ ବାଣୀ ସମଗ୍ର ପୃଥିବୀକୁ ଚମତ୍କୃତ କରିଥିଲା ।

ସେ ହେଉଛନ୍ତି ପ୍ରଥମ ସନାତନ ହିନ୍ଦୁ ଧର୍ମର ପ୍ରଚାରକ, ଯାହାଙ୍କର ଆଦର୍ଶ ପାଶ୍ଚାତ୍ୟ ଭାବାପନ୍ନ ନୁହେଁ । ବିଶ୍ୱ ଜନୀନ ଧର୍ମ, ବେଦ ବେଦାନ୍ତ ଦର୍ଶନର ମୂଳ ଭିତ୍ତି ଉପରେ ପ୍ରତିଷ୍ଠିତ । ଯାହାର ଆଦର୍ଶ ପ୍ରାଚୀନ ଋଷି ଓ ବ୍ରହ୍ମ ପୁରୁଷମାନଙ୍କ କର୍ତ୍ତୃକ ଆବିଷ୍କୃତ ବୈଦିକ ସତ୍ୟର ବାର୍ତ୍ତାବହ ।

ଏଇ ସେହି ସନ୍ନ୍ୟାସୀ, ଆମେରିକା ଓ ଇଂଲଣ୍ଡର ବହୁ ଦେଶ ବୁଲି ୧୮୯୭ ରେ ସେ ଭାରତକୁ ପ୍ରତ୍ୟାବର୍ତ୍ତନ କରନ୍ତି । ତାଙ୍କର କର୍ମ ଯଜ୍ଞରେ ନିଜକୁ ଉତ୍ସର୍ଗ କରିବା ପାଇଁ ଇଂଲଣ୍ଡର ସେଭିୟାର ଦମ୍ପତି ଓ ମିସ୍ ମାର୍ଗେରେଟ ନୋବେଲ ଯେକି ପରବର୍ତ୍ତୀ କାଳରେ ଭଗିନୀ ନିବେଦିତା ନାମରେ ପରିଚିତା ତାଙ୍କ ସଙ୍ଗରେ ଭାରତକୁ ଆସିଥିଲେ ।

୧୮୯୭ ମେ ମାସରେ ରାମକୃଷ୍ଣ ମିଶନ୍ ସେ ପ୍ରତିଷ୍ଠା କରନ୍ତି । ଗୁରୁ ରାମକୃଷ୍ଣଙ୍କର କୃପାରୁ ସେ ଦିବ୍ୟଜ୍ଞାନର ଅଧିକାରୀ ଏବଂ ବିଶିଷ୍ଟ କର୍ମ ଯୋଗୀର ହୋଇଥିବାରୁ ତାଙ୍କର ସମସ୍ତ କାର୍ଯ୍ୟ ଗୁରୁ ରାମକୃଷ୍ଣଙ୍କ ନାମରେ ଉତ୍ସର୍ଗ କରି ଥିଲେ ।

୧୮୯୮ ଡିସେମ୍ବରରେ ସେ ଗଙ୍ଗା ତୀରରେ ବେଲୁଡ ମଠ ପ୍ରତିଷ୍ଠା କରିଥିଲେ । ସ୍ୱାର୍ଥ ତ୍ୟାଗ ଓ ସେବା ଭାରତବର୍ଷର ଆଦର୍ଶ । ମଣିଷଙ୍କୁ ନାରାୟଣ ଜ୍ଞାନ କରି ନିଃସ୍ୱାର୍ଥ ପର ଭାବରେ ସେବା କରିବା ଦ୍ୱାରା ଚିତ୍ତର ସମସ୍ତ କାଳିମା, ମଳିନତା ଦୂର ହୁଏ । ଏହି ସତ୍ୟ ନିଜ ଜୀବନର କାର୍ଯ୍ୟକାରୀ କରିବା ସଙ୍ଗେ ସଙ୍ଗେ ଏହାରି ପ୍ରଚାରରେ ପୁଣି ଥରେ ୧୮୯୯ ଜୁନ୍ ୨୦ ତାରିଖରେ ଇଂଲଣ୍ଡ ଯାତ୍ରା କରି ଥିଲେ ।

ପୁଣି ୧୯୦୦ ଖ୍ରୀଷ୍ଟାବ୍ଦ ଡିସେମ୍ବର ୯ ତାରିଖରେ ୟୁରୋପ ଓ ଆମେରିକାରୁ ପ୍ରତ୍ୟାବର୍ତ୍ତନ କରି କିଭଳି ଭାବରେ ଭାରତବର୍ଷକୁ ଭଲ ଭାବରେ ସଂଗଠିତ କରି ପାରିବେ ଏଇ ଚିନ୍ତାରେ ନିମଗ୍ନ ହୋଇଥିଲେ ।

୧୯୦୧ ଜୁଲାଇ ୪ ତାରିଖରେ ତାଙ୍କର ତିରୋଧାନ ହୋଇଥିଲା । ୩୯ ବର୍ଷ ବୟସରେ ସେ ନିଜେ ଇଚ୍ଛା ମୃତ୍ୟୁ ବରଣ କରିଥିଲେ ।

ସେ ପତ୍ରିକା ଦେଖି ବିଶ୍ୱ ରଂଗମଞ୍ଚରୁ ବିଦାୟ ନେବାକୁ ସ୍ଥିର କରି ଥିଲେ । ଯେତେବେଳେ ସମସ୍ତଙ୍କର ମନ ତାଙ୍କର ପ୍ରୀତି ଓ ଭଲ ପାଇବାରେ ରଙ୍ଗୀନ୍, ସେତେବେଳେ ସ୍ୱାମୀଜିଙ୍କର ମୃତ୍ୟୁ ବେଳର ଗୋଧୂଳି ଉପସ୍ଥିତ ହେଲା ।

ସେ ଆଜି ନାହାନ୍ତି ମାତ୍ର ତାଙ୍କର ଅମର ବାଣୀ :-

''ସମସ୍ତଙ୍କ ମଧ୍ୟରେ ଅଛନ୍ତି ବ୍ରହ୍ମଶକ୍ତି, ଦରିଦ୍ର ମଧ୍ୟରେ ଦେବତା ତୁମର ସେବା ଚାହାନ୍ତି''

ଆମକୁ ଉଦ୍‌ବୁଦ୍ଧ କରୁଛି ।

ଯେତେବେଳେ ପୁଣ୍ୟାତ୍ମା ରାମକୃଷ୍ଣ ଜଗନ୍ମାତାର ଚରଣତଳେ ନିଜକୁ ଉତ୍ସର୍ଗ କରିଥିଲେ ଜଗତ୍‌ଜନନୀ ମା କାଳୀଙ୍କୁ ଉତ୍କଟ ଭାବରେ ଭଲ ପାଉଥିଲେ, ସେତେବେଳେ ବିବେକାନନ୍ଦ ଏହି ଜଗତ୍ ଜନନୀଙ୍କ ମଧ୍ୟ ଦେଇ ସମଗ୍ର ବିଶ୍ୱକୁ ପ୍ରେମାଲିଙ୍ଗନ କରିବା ପାଇଁ ଚାହିଁଥିଲେ । ବିଶ୍ୱାନନ୍ଦର ଏହି ପ୍ରଶାନ୍ତ ପୂର୍ଣ୍ଣତା ମଧ୍ୟରେ ତାଙ୍କର ଶେଷ ଜୀବନ ଅତି ବାହିତ ହୋଇଥିଲା ।

କ୍ଷଣିକର ଜୀବନ ବର୍ତ୍ତିକା ଏଭଳି ଭାବରେ ସେ ପ୍ରଜ୍ୱଳନ କରିଥିଲେ ଯାହା ଆଜି ପର୍ଯ୍ୟନ୍ତ ବିଶ୍ୱ ଯୁବ ହୃଦୟରେ ଆଲୋକ ପ୍ରଦର୍ଶନ କରୁଛି । ଆଜି ସେହି ସୌମ୍ୟ ଦର୍ଶନ ଦୀପ୍ତିମନ୍ତ ଗୈରିକ ବସନ ଓ ଶିରରେ ନିରଞ୍ଜଣି ପରିଧାନ କରିଥିବା ଯୁବ ସନ୍ନ୍ୟାସୀ ବିବେକାନନ୍ଦ ସତେ ଯେମିତି ଦମ୍ଭର ସହିତ ଅଦୂରରେ ଦଣ୍ଡାୟମାନ ହୋଇ ଏଜାତି ଓ ଜଗତକୁ ଅଭୟବାଣୀ ଓ ଅମୃତମୟ ବେଦର ବାଣୀ ଶୁଣାଇ ପଥ ପ୍ରଦର୍ଶନ କରି କହୁଛନ୍ତି:

''ଅସତୋ ମା ସଦ୍‌ଗମୟ
ତମସୋ ମା ଜ୍ୟୋତିର୍ଗମୟ
ମୃତ୍ୟୋର୍ମା ଅମୃତଂ ଗମୟ
ଓଁ ଶାନ୍ତିଃ, ଶାନ୍ତିଃ, ଶାନ୍ତିଃ ।

ଚେୟାରମ୍ୟାନ,
ଓଡ଼ିଶା କୃଷି ଶିଳ୍ପ ନିଗମ, ଭୁବନେଶ୍ୱର ।

# ଆଦିବାସୀ ସମାଜ ଓ ସ୍ୱାମୀ ବିବେକାନନ୍ଦ

ସ୍ୱାମୀ ବୈରାଗ୍ୟାନନ୍ଦ

୧୮୮୬ ଖ୍ରୀଷ୍ଟାବ୍ଦ ମଧ୍ୟଭାଗରେ ଭଗବାନ ରାମକୃଷ୍ଣ ପରମହଂସ ତାଙ୍କର କୃପା ବିତରଣ କରିବା ପାଇଁ କାଶୀପୁରରେ ଅବସ୍ଥାନ କରିଥିଲେ । ସେ ସମୟରେ ଠାକୁର ନରେନଙ୍କୁ ପଚାରିଲେ—

"ନରେନ୍, ତୁ କ'ଣ ଚାହୁଁ ?" ନରେନ୍ଦ୍ରନାଥ ଉତ୍ତର ଦେଲେ"— "ଶୁକଦେବଙ୍କ ପରି ସର୍ବଦା ନିର୍ବିକଳ୍ପ ସମାଧିଯୋଗରେ ସଚ୍ଚିଦାନନ୍ଦ ସାଗର ମଧ୍ୟରେ ବୁଡ଼ି ରହିବାକୁ ଚାହେଁ ।"

ଶ୍ରୀ ଶ୍ରୀରାମକୃଷ୍ଣଙ୍କ ଆଖିକୋଣରେ ଈଷତ ଅସନ୍ତୋଷ ପ୍ରକାଶ ପାଇଲା । ସେ କହିଲେ "ବାରମ୍ବାର ଏକଥା କହିବାକୁ ଲାଜ ମାଡ଼ୁ ନାହିଁ ? ତୁ ବରଗଛ ପରି ବଢ଼ିଯାଇ ଶତଶତ ଲୋକଙ୍କୁ ଶାନ୍ତିଛାୟା ଦେବୁ, ତାହା ନା' ତୁ ନିଜ ମୁକ୍ତି ପାଇଁ ବ୍ୟସ୍ତ ହୋଇ ପଡ଼ିଛୁ, ଏତେ କ୍ଷୁଦ୍ର ଆଦର୍ଶ ତୋର !" ତା ପରେପରେ ସ୍ୱାମୀଜୀଙ୍କର ମନ ମଧ୍ୟରେ ବିରାଟ ପରିବର୍ତ୍ତନ । ଠାକୁରଙ୍କ ଆଦର୍ଶକୁ ନିଜର ଜୀବନରେ ଅନୁଭବ କରି ତାହା ତାଙ୍କର ପରବର୍ତ୍ତୀ ଜୀବନରେ ପ୍ରଚାର କରିବାକୁ ଲାଗିଲେ । ସେ କେବଳ ବକ୍ତୃତା ଦେଇ ନଥିଲେ, ନିଜର ଜୀବନ ଦେଖାଇ ଦେଇଛନ୍ତି—୧୮୮୬ ଖ୍ରୀଷ୍ଟାବ୍ଦରୁ ୧୮୯୩ ପର୍ଯ୍ୟନ୍ତ ଦୀର୍ଘ ସାତ ବର୍ଷ ଭାରତର ପୂର୍ବରୁ ପଶ୍ଚିମ, ହିମାଳୟରୁ କୁମାରିକା ପର୍ଯ୍ୟନ୍ତ ଭ୍ରମଣ କରି ଭାରତର ଆତ୍ମାକୁ ସେ ନିବିଡ଼ ଭାବରେ ଅନୁଭବ କରିଥିଲେ । ଭାରତୀୟ ଆତ୍ମାର ମହନୀୟତା ଓ ଦୀନହୀନତା କେତେ ଗଭୀର ସ୍ୱାମୀ ବିବେକାନନ୍ଦଙ୍କ ଅନ୍ତର୍ଦୃଷ୍ଟିରେ ଦେଖିପାରିଥିଲା । ଗୋଟିଏ ଦିନର ଘଟଣା—ସ୍ୱାମୀଜୀଙ୍କର ମୁଖମଣ୍ଡଳରେ ବିଷାଦର ଛାୟା ଦେଖି ଶିଷ୍ୟ ବିଷାଦର କାରଣ ପଚାରିବାରୁ—ସ୍ୱାମୀଜୀ ଉତ୍ତର ଦେଲେ "ବତ୍ସ ! ଜୀବିତ ମହତ କାର୍ଯ୍ୟ [illegible] ଆମ ଦେଶରେ ପତିତ ହୋଇଛି, କିନ୍ତୁ ମୁଁ [illegible] ଶକ୍ତି... ହାୟ, ଧର୍ମ ଓ ନୈତିକତାର ଅଧଃପତନ । ତାର [illegible] ଭାରତବାସୀଙ୍କର କି ମର୍ମଭେଦୀ ଦୁର୍ଦ୍ଦଶା ! ତାହାକୁ ସ୍ୱାମୀଜୀ ଏକ ବୈପ୍ଳବିକ ଶକ୍ତି ସାହାଯ୍ୟରେ ପରିଣତ କରିବାକୁ ହେବ ।

ସମଗ୍ର ଭାରତ ଭ୍ରମଣ କରିବା ପରେ ସେ [illegible]

[illegible]

ଆଶା ନାହିଁ, ବିଶ୍ୱାସ ନାହିଁ, ନୈତିକ ବଳ ନାହିଁ । ଆଶା, ଉଦ୍ୟମ, ଆନନ୍ଦ ଓ ଉତ୍ସାହର ଜଗତ ପରିପୂର୍ଣ୍ଣ ମହାଶ୍ମଶାନରେ ପରିଣତ ହୋଇଛି । ସ୍ୱାମୀଜୀଙ୍କ ଜୀବନ ତାଙ୍କୁ ସମାଧି ଲିପ୍ସୁ ସନ୍ନ୍ୟାସୀ ବଜ୍ର କଠୋର ବିଶାଳ ହୃଦୟ କରୁଣାରେ ବିଗଳିତ ହେଲା । ଠାକୁର ଶ୍ରୀ ରାମକୃଷ୍ଣ କହୁଥିଲେ ଖାଲି ପେଟରେ ଧର୍ମ ହୁଏ ନାହିଁ । ମୋଟା ଭାତ, ମୋଟା ଲୁଗାର ବନ୍ଦୋବସ୍ତ [illegible] । କ୍ଷୁଧାର୍ତ୍ତ ବ୍ୟକ୍ତିକୁ ଧର୍ମୋପଦେଶ ଦେବାକୁ ଅଗ୍ରସର ହେବା ମୂର୍ଖତା ମାତ୍ର । ସ୍ୱାମୀଜୀ ଏହି ଦରିଦ୍ର, ନିପୀଡ଼ିତ ପରିବାରମାନଙ୍କୁ କିପରି ଭଲ କରିବେ, ସେମାନଙ୍କୁ କିପରି ଶିକ୍ଷା ଦେବେ, କିପରି ପେଟ ପୁରାଇ ଖାଇବାକୁ ଦେବେ ସେହି ଚିନ୍ତାରେ ରହିଲେ । ଏହି ଚିନ୍ତାରେ ସ୍ୱାମୀଜୀ ସମଗ୍ର ଭାରତବର୍ଷ ଭ୍ରମଣ କରିଥିଲେ । ଧନୀ ରାଜା ମହାରାଜା ସମୀପରେ ଦ୍ୱାରସ୍ଥ ହୋଇଥିଲେ । ଦରିଦ୍ରଙ୍କ ପାଇଁ ହାତ ପତେଇ ସାହାଯ୍ୟ ପ୍ରାର୍ଥନା କରିଥିଲେ କିନ୍ତୁ ପଇସା ନ ଥାଇ ଦୁଃଖ ବଢ଼ାଇବା ପାଇଥିଲେ ମୌଖିକ ସହାନୁଭୂତି [illegible] । ତାଙ୍କର ଭ୍ରମଣ କରିବାର ସମୟରେ ସେ ରାଜା-ମହାରାଜା ମାନଙ୍କର ନିମନ୍ତ୍ରଣ ବେଳେବେଳେ ଅଗ୍ରାହ୍ୟ କରି ମୋଚି, ମେହେନ୍ତର, [illegible] ଗୃହରେ ଆଶ୍ରୟ ନେଉଥିଲେ । ସେମାନଙ୍କର ନିକଟରେ ଭ୍ରମଣ କରିଥିଲେ । ସେମାନଙ୍କ ପାଇଁ ତାଙ୍କର ହୃଦୟ କେତେଦୂର କାନ୍ଦିଥିଲା, [illegible] ଉକ୍ତିରୁ ସ୍ପଷ୍ଟ ଜଣାପଡ଼େ । ମହାନ୍ ନଗରୀ ଶିକାଗୋରୁ ୧୮୯୪ ରେ ବିଶେଷ ବନ୍ଧୁଙ୍କ ନିକଟକୁ ସ୍ୱାମୀଜୀ ଲେଖିଥିଲେ—

"ଦରିଦ୍ର [illegible], ମୋର ଦେଶକୁ, ମୋର ଧର୍ମକୁ— ସର୍ବୋପରି [illegible] ଭିକ୍ଷୁକ ଯେଉଁମାନେ, ତାଙ୍କୁ ମୁଁ [illegible] । ନିର୍ଯ୍ୟାତିତ, ପତିତ ଓ [illegible] ମୁଁ [illegible] ।"

[illegible]

ଭାରତର ଏ ଦୁର୍ଦ୍ଦିନ ଅବସ୍ଥା ଦେଖି ସେ ଠିକ୍ କଲେ ଯେ ସଂଘ ବ୍ୟତୀତ ମହତ କାମ କରିବା କଠିନ । ସେଥିପାଇଁ ସ୍ୱାମୀ ବିବେକାନନ୍ଦ ୧୮୯୭ ଖ୍ରୀଷ୍ଟାବ୍ଦରେ ପ୍ରଥମରେ ରାମକୃଷ୍ଣ ମଠ ପ୍ରତିଷ୍ଠା କଲେ । ଏହା ପ୍ରଥମରେ ପ୍ରତିଷ୍ଠା କଲେ କଲିକତାର ବେଲୁର ମଠରେ । ସେଠାରୁ ପ୍ରଧାନ କେନ୍ଦ୍ର କରି ତାର ଶାଖାମାନ ସମଗ୍ର ପୃଥିବୀରେ ଖୋଲି ଭାରତର ରୂପ ଗୋଟିଦେବାକୁ ସେଠାରେ ଆସିବା ପାଇଁ ରାମକୃଷ୍ଣଙ୍କ ତ୍ୟାଗୀ ଯୁବକ ଭକ୍ତମାନେ ଏକତ୍ରିତ ହୋଇ ପ୍ରତିଜ୍ଞାବଦ୍ଧ ହେଲେ । ରାମକୃଷ୍ଣ ମଠ ଏବଂ ରାମକୃଷ୍ଣ ମିଶନ୍ ପ୍ରତିଷ୍ଠା କରି ମାନବ ସେବାବ୍ରତ ପ୍ରଚାର କରିବାରେ ଲାଗିଗଲେ । ବିଭିନ୍ନ ସ୍ଥାନରେ ବିଦ୍ୟାଳୟ, ଚିକିତ୍ସାଳୟମାନ ଖୋଲି ସମସ୍ତ ଜାତି ମଧ୍ୟରେ ଶିକ୍ଷା ବିସ୍ତାର କଲେ ।

ଆଦିବାସୀ ହରିଜନମାନଙ୍କୁ ଯାହାକୁ ସମାଜ ଛୁଇଁବା ଛୁଆଁନା ବୋଲି ଭୁଲ କରୁଥିଲା, ସେମାନଙ୍କୁ ଏ ମିଶନରେ ସମସ୍ତ ପ୍ରକାର ଶିକ୍ଷା ଏବଂ ସୁବିଧା ଦିଆଗଲା । ଦୁର୍ଭିକ୍ଷ, ମହାମାରୀ ପଡ଼ିଲେ ସର୍ବତ୍ୟାଗୀ ସନ୍ନ୍ୟାସୀମାନେ ଅନେକ ଆପଦ ସମାଜର ଦଳିତ, ପତିତ, ନିପେଷିତ ଜାତିର ମଙ୍ଗଳ କରିବା ପାଇଁ । ଶିବ ଜ୍ଞାନରେ ଜୀବସେବାହିଁ ରାମକୃଷ୍ଣ ମଠ ଓ ମିଶନର ପ୍ରଧାନ ଉଦ୍ଦେଶ୍ୟ । ମାନବ ସେବାହିଁ ମାଧବ ସେବା, ରାମକୃଷ୍ଣ ମିଶନ୍‌ର ଲକ୍ଷ୍ୟ । "ମଣିଷର ଦୁଃଖରେ ଯେଉଁମାନେ ସହାନୁଭୂତି ଦେଖାଇ ପାରନ୍ତି ନାହିଁ ସେମାନଙ୍କୁ କିପରି ମଣିଷ କୁହାଯିବ । ସ୍ୱାମୀଜୀ କହିଛନ୍ତି "ଶୋକର ବିଦ୍ୟାଳୟ ଯେତେ ଆବଶ୍ୟକ ଗ୍ରନ୍ଥାଗାର ସେତେ ଆବଶ୍ୟକ ନାହିଁ । ଯଦି ଦୁଃଖୀ ବାଳକର ପକ୍ଷେ ଶିକ୍ଷକ ଆବଶ୍ୟକ, ତାଙ୍କ ବାଳକର ଦେଶରେ ଆବଶ୍ୟକ ଜୀବନ ଯାହାକୁ ପ୍ରକୃତି ସ୍ୱାଭାବିକ ପ୍ରଦାନ କରିନାହିଁ, ତାହାକୁ ଅଧିକ ସାହାଯ୍ୟ କରିବାକୁ ହେବ । ଏମାନଙ୍କୁ ଜାଗ୍ରତ କରିବାକୁ ହେବ । ଅଜ୍ଞାନତାଣି ଶୁଣାଇବାକୁ ହେବ । କହିବାକୁ ହେବ ।

ସ୍ୱାମୀଜୀଙ୍କର ପ୍ରତିଷ୍ଠିତ ଆଶ୍ରମ ଓଡ଼ିଶାରେ ପୁରୀ ଏବଂ ଭୁବନେଶ୍ୱରରେ ଅଛି । ରାମକୃଷ୍ଣ ମିଶନରେ ବହୁ ଆଦିବାସୀ ଏବଂ ହରିଜନ ଛାତ୍ର ପଢ଼ୁଛନ୍ତି– ସେମାନଙ୍କୁ ମୁକ୍ତ ଶିକ୍ଷାର ଅଧିକାର ଦିଆ ଯାଉଛି । ସ୍ୱାମୀ ବିବେକାନନ୍ଦଙ୍କ ଅନେକ ଶିଷ୍ୟମାନେ ଏବଂ ଶିଷ୍ୟ ଓଡ଼ିଶାକୁ ଆସି ଓଡ଼ିଶାର ଆଦିବାସୀ, ହରିଜନ ଭାଇମାନଙ୍କର କଲ୍ୟାଣ ପାଇଁ ବିଭିନ୍ନ ଉଦ୍ୟମ କରିଛନ୍ତି । ସେମାନଙ୍କର ଆନ୍ତରିକ ସ୍ୱୀକାର କରିଛନ୍ତି ।

ଠିକ୍ ୧୯୦୨ ଖ୍ରୀ. ଜାନୁଆରୀ ପ୍ରଥମ ସପ୍ତାହର କଥା । ସେତି ସମୟରେ ବେଲୁର ମଠର ଜମି ନୂତନ କିଣା ହୋଇଥାଏ । ସେଠାରେ ଅନେକ ଆଦିବାସୀ ସାଉଁତାଳ କାମ କରୁଥିଲେ । ସ୍ୱାମୀଜୀଙ୍କର ସେମାନଙ୍କୁ ଦେଖି ଦୟା ହେଲା । ସେହି ସେମାନଙ୍କର ଲୋକଙ୍କ ସହିତ ସ୍ୱାମୀଜୀ କଥା ହେଲେ । ସେଦିନର ଘଟଣାଟି ଅତୀବ ମର୍ମସ୍ପର୍ଶୀ ।

ଦରିଦ୍ର ନାରାୟଣଙ୍କ ସେବା କରିବା ପାଇଁ ସ୍ୱାମୀଜୀ ବ୍ୟାକୁଳ । ସମୟେ ସମୟେ ସେମାନଙ୍କ ସହିତ ସ୍ୱାମୀଜୀ ଦୁଃଖ ସୁଖ ହେଉଥିଲେ, କଥା କହୁଥିଲେ । ସେମାନଙ୍କ ମଧ୍ୟରୁ କେଶବ ନାଁ ଥିବା ଜଣେ, [illegible] ଏବଂ ସ୍ୱାମୀଜୀଙ୍କର ପ୍ରିୟ ପାତ୍ର । କାମ ସମୟରେ ସ୍ୱାମୀଜୀଙ୍କୁ କହୁଥିଲେ, "ଆରେ ସ୍ୱାମୀ ବାପା, ତୁ ଆମର କାମ ସମୟରେ [illegible]

ରାଜି ହେଲା । ତାପରେ ସ୍ୱାମୀଜୀଙ୍କର ଆଦେଶରେ ସାଁଓତାଳମାନଙ୍କର ପାଇଁ ଲୁଚି, ତରକାରୀ, ମିଠାଇ, ମଣ୍ଡା, ଦହି, ପାୟସ ଇତ୍ୟାଦି ଯୋଗାଡ଼ ହେଲା ଏବଂ ସେ ନିଜେ ସ୍ୱାମୀ ବିବେକାନନ୍ଦଙ୍କ ସାମନାରେ ବସି ସେମାନଙ୍କୁ ଭୁରିଭୋଜନ କରାଇଲେ । ଖାଇ ଖାଇ କେଷ୍ଟା କହିଲା, "ଆରେ ସ୍ୱାମୀ ବାପ ତୁ ଏପରି ଗୋଟିଏ ଜିନିଷ କେଉଁଠି ଆଉ ପାଇଲୁ ? ଆମେ ଏପରି ଜିନିଷ କେବେହେଲେ ଖାଇନୁ " । ସ୍ୱାମୀଜୀ ସେମାନଙ୍କୁ ସନ୍ତୋଷରେ ଖାଇବାକୁ ଦେଇ କହିଲେ, "ତୁମେମାନେ ନାରାୟଣ ! ଆଜି ଆମେ ନାରାୟଣଙ୍କୁ ଭୋଗ ଦେଲୁ ।" ସ୍ୱାମୀ ଯେ ଦରିଦ୍ର ନାରାୟଣ କଥା ପ୍ରଚାର କରିଥିଲେ ତାହା ସେ ନିଜ ଜୀବନରେ ଦେଖାଇଦେଇ ଗଲେ ।

ଖାଇବା ପରେ ସାଁଓତାଳମାନେ ଚାଲିଯିବା ପରେ ସ୍ୱାମୀଜୀ ଶିଷ୍ୟ ଶରତବାବୁଙ୍କୁ କହିଲେ, "ଏମାନଙ୍କୁ ଦେଖିଲି ଯେପରି ସାକ୍ଷାତ ନାରାୟଣ । ଏପରି ସରଳଚିତ୍ତ, ଏପରି ଅକପଟ ଅକୃତ୍ରିମ ସ୍ନେହ ଆଉ ଦେଖି ନାହିଁ ।" ଅନନ୍ତର ମଠର ସନ୍ନ୍ୟାସୀମାନଙ୍କୁ ଲକ୍ଷ୍ୟ କରି କହିଲେ "ଦେଖ ଏମାନେ କିପରି ସରଳ । ଏମାନଙ୍କର କିଛି ଦୁଃଖ ଦୂର କରି ପାରିବ ? ନଚେତ୍ ଗେରୁଆ ପିନ୍ଧି ଆଉ କଣ ହେଲା ? ପରହିତାର୍ଥେ ସର୍ବସ୍ୱ ସମର୍ପଣ ହିଁ ପ୍ରକୃତ ସନ୍ନ୍ୟାସ । ଏମାନେ ଭଲ ଜିନିଷ କେବେ କିଛି କରି ନାହାନ୍ତି । ଇଚ୍ଛା ହୁଏ ମଠ ଫଠ ସବୁ ବିକି କରିଦେଇ ଏଇ ସବୁ ଗରିବ ଦୁଃଖୀ ଦରିଦ୍ର ନାରାୟଣମାନଙ୍କୁ ଦେଇଦିଏ । ଆମେ ତ ଗଛ ମୂଳର ସନ୍ନ୍ୟାସୀ ।

ଆମର ଦେଶର ଲୋକେ ଦୁଇଓଳା ଦି'ମୁଠା ଖାଇବାକୁ ପାଆନ୍ତି ନାହିଁ । ତେଣୁ ମନେହୁଏ ନିଷ୍ପ୍ରୟୋଜନ ଏ ଶଙ୍ଖ ଫୁଙ୍କା, ଅନାବଶ୍ୟକ ଏ ଘଣ୍ଟାବାଦନ ଏବଂ ଅକାରଣ ସବୁ ପତାପତି ଓ ମୂର୍ତ୍ତି ପାଇଁ ଚେଷ୍ଟା । ସମସ୍ତେ ମିଳିମିଶି ଗାଁଗଣ୍ଡାରେ ବୁଲି ଚରିତ୍ର ନିର୍ମାଣ ଦ୍ୱାରା ସମସ୍ତଙ୍କୁ ବୁଝାଇ ଅର୍ଥ ସଂଗ୍ରହ କରି ତାହାକୁ ଦରିଦ୍ର ନାରାୟଣମାନଙ୍କର ସେବାରେ ବିନିଯୋଗ କରିବାକୁ ହେବ ।

ଦେଶର ଦୁଃଖୀ ଗରିବଙ୍କ ପାଇଁ କେହି ଭାବନ୍ତି ନାହିଁ ! ସେମାନେ ହିଁ ଜାତିର ମେରୁଦଣ୍ଡ ।

ସେମାନଙ୍କର ପରିଶ୍ରମରେ ଜମିରେ ଫସଲ ଫଳୁଛି । ମୁର୍ଦ୍ଦାର କହାଲି, ମେହେନ୍ତର କାମ ବନ୍ଦ କରି ଦେଲେ ସହରରେ ହା ହୁତି ପଡ଼ିଯିବ ଅଥଚ ସେମାନଙ୍କୁ ସହାନୁଭୂତି ଦେଖାଇ ପଦେ କଥା କହିବାକୁ, ତାଙ୍କର ସୁଖ ଦୁଃଖରେ ସାନ୍ତ୍ୱନା ଦେବାକୁ ଦେଶରେ କେହି ନାହିଁ ! ଦେଖୁନାହୁଁ ହିନ୍ଦୁମାନଙ୍କର ସହାନୁଭୂତି ନ ପାଇ–ମାନ୍ଦ୍ରାଜ ଅଞ୍ଚଳରେ ହଜାର ହଜାର ଅସ୍ପୃଶ୍ୟ ଜାତିର ଲୋକେ ଖ୍ରୀଷ୍ଟିୟାନ ହୋଇ ଯାଉଛନ୍ତି । ମନେ କରିବା ଉଚିତ୍ ନୁହେଁ ଯେ ସେମାନେ କେବଳ ପେଟ ବିକଳରେ ଖ୍ରୀଷ୍ଟିୟାନ ହୋଇ ଯାଉଛନ୍ତି । ଆମର ସହାନୁଭୂତି ପାଆନ୍ତି ନାହିଁ ବୋଲି ଆମେ ଦିନରାତି କେବଳ ସେମାନଙ୍କୁ କହୁଥିଲୁ– 'ଛୁଇଁ ନା' 'ଛୁଇଁ ନା' । ଦେଶରେ ଦୟାଧର୍ମ ବୋଲି ଆଉ କିଛି ନାହିଁ ।

ଶେଷରେ ସେହି ବେଦାନ୍ତ କେଶରୀ ସ୍ୱାମୀ ବିବେକାନନ୍ଦ ଗୋଟିଏ କଥା ଆମର ଯୁବକମାନଙ୍କୁ ଲକ୍ଷ୍ୟ କରି କହିଛନ୍ତି–

ହେ ଯୁବକଗଣ, ମୁଁ ତୁମମାନଙ୍କ ନିକଟରେ ଏହି ଗରିବ, ଅଜ୍ଞ, ଅତ୍ୟାଚାର ପୀଡ଼ିତମାନଙ୍କର ପାଇଁ ସମସ୍ତ ପ୍ରକାର ସହାନୁଭୂତି ଓ ପ୍ରାଣପଣ ଚେଷ୍ଟା ଦାୟ ସ୍ୱରୂପ ଅର୍ପଣ କରୁଛି । ଯାଅ, ଏହି ମୁହୂର୍ତ୍ତରେ ସେହି ପାର୍ଥସାରଥି ମନ୍ଦିରକୁ, ଯେ ଗୋକୁଳର ଦୀନ ଦରିଦ୍ର ଗୋପଗଣଙ୍କ ସଖା ଥିଲେ, ଯେ ଗୁହକ ଚଣ୍ଡାଳକୁ ଆଲିଙ୍ଗନ କରିବାକୁ କୁଣ୍ଠିତ ହୋଇ ନ ଥିଲେ, ଯେ ବୁଦ୍ଧ ଅବତାରରେ ରାଜପୁରୁଷମାନଙ୍କ ଆମନ୍ତ୍ରଣ ଅଗ୍ରାହ୍ୟ କରି ଏକ ବେଶ୍ୟାର ନିମନ୍ତ୍ରଣ ଗ୍ରହଣ ଦ୍ୱାରା ତାକୁ ଉଦ୍ଧାର କରିଥିଲେ । ଯାଅ ତାଙ୍କ ନିକଟରେ ସାଷ୍ଟାଙ୍ଗ ହୋଇ ପଡ଼ିଯାଅ ଏବଂ ତାଙ୍କଠାରେ ଏକ ମହାବଳି ପ୍ରଦାନ କର । ତାହା–ଜୀବନ ବଳି, ସେହିମାନଙ୍କର ପାଇଁ ଯେଉଁମାନଙ୍କର ପାଇଁ ସେ ଯୁଗେ ଯୁଗେ ଅବତୀର୍ଣ୍ଣ ହୋଇଥାନ୍ତି । ଯେଉଁମାନଙ୍କୁ ସେ

ସ୍ୱର୍ଗପେକ୍ଷା ଭଲ ପଦାର୍ଥ, ସେହି ଦାନ ଦରିଦ୍ର ପତିତ ଉତ୍ପୀଡ଼ିତମାନଙ୍କ ପାଇଁ । ତୁମେମାନେ ସାରା ଜୀବନ ଏହି ତିରିଶ କୋଟି ଭାରତବାସୀଙ୍କ ଉଦ୍ଧାର ପାଇଁ ବ୍ରତ ଗ୍ରହଣ କର ଯେଉଁମାନେ ଦିନୁଦିନ ଅଧୋଗାମୀ ହୋଇଯାଉଛନ୍ତି । ତାଙ୍କ ନାମରେ ତାଙ୍କ ପ୍ରତି ଅନନ୍ତ ବିଶ୍ୱାସ ରଖି ଭାରତର ଶତ ଶତ ଯୁଗ ସଞ୍ଚିତ ପର୍ବତ ପ୍ରମାଣ ଦୁଃଖରାଶିରେ ଅଗ୍ନି ସଂଯୋଗ କର ।


ଯୁଗଦ୍ରଷ୍ଟା ସ୍ୱାମୀ ବିବେକାନନ୍ଦଙ୍କର ହୃଦୟର ବାଣୀକୁ ଉପଲବ୍ଧି କରି ଆମ ସମାଜର ସଂସ୍କାର ସାଧନ କରିବାକୁ ହେବ । ସମାଜର ନିମ୍ନସ୍ତରରେ ଅଧମବିନ ଅବସାରେ ରହିଥିବା ବଳିଷ୍ଠ ଓ କର୍ମଠ ଯୁବଶକ୍ତିକୁ ସେମାନଙ୍କର ନ୍ୟାଯ୍ୟ ସ୍ଥାନ ଦେଇ ଆମ ସମାଜକୁ ସମୃଦ୍ଧ କରିବାକୁ ହେବ ।

ଆମେ ସ୍ନେହଦୃଷ୍ଟି ଓ ପ୍ରୀତିପୂର୍ଣ୍ଣ ବ୍ୟବହାରରେ ଆମର କର୍ମଠ ଭାଇମାନଙ୍କର ହୃଦୟ ଜୟ କରି ଆମ ସମାଜରୁ ଭେଦଭାବ ଦୂର କରି ଭାରତ ଗଠନ କରିବାକୁ ହେବ ।

ଓଁ ନମଃ ଶ୍ରୀପତିରାଜାୟ ବିବେକାନନ୍ଦ ସୂରୟେ
ସଚ୍ଚିତ୍ ସୁଖ ସ୍ୱରୂପାୟ ସ୍ୱାମୀନେ ତାପ ହାରିଣେ

ରାମକୃଷ୍ଣ ମଠ, ଭୁବନେଶ୍ୱର-୨



# ନବ ଯୁଗର ଅରୁଣାଭାସ

ଡକ୍ଟର ଜାନକୀ ବଲ୍ଲଭ ମହାନ୍ତି (ଭରଦ୍ୱାଜ)

ମାରାତ୍ମକ ବ୍ୟାଧିର କରାଳ କବଳରୁ ମୁକ୍ତି ଲାଭକରି ନିରାପଦ ହେଲାପରେ ସାଧାରଣତଃ ଜୀବନ ଶକ୍ତିରନବ ଉନ୍ମେଷ ହୋଇଥାଏ । ତାହା ରୋଗମୁକ୍ତ ବ୍ୟକ୍ତିର ପ୍ରତି ଅଙ୍ଗରେ ଓ ପ୍ରତି ଆଚରଣରେ ସ୍ଫୁଟି ଉଠେ । ସମାଜର ଆଧ୍ୟାତ୍ମିକ ଜୀବନରେ ମଧ୍ୟ ତାହାହିଁ ଘଟିଥାଏ । ଦୀର୍ଘକାଳ ଆଧ୍ୟାତ୍ମିକ ଅବସାଦ ତ୍ୟାଗ କରି ସମାଜ ଯେତେବେଳେ ପୁନର୍ଜୀବନ ପଥରେ ଆସେ ସେତେବେଳେ ଜୀବନ୍ତ ଦେହପରି ତା'ରପ୍ରତି ଅଙ୍ଗ ଓ ପ୍ରତି ଆଚରଣରେ ମଧ୍ୟ ନବୀନତା ଓ ସରଳତାରେ ପୁନରୁଦ୍ଦୀପ୍ତପ୍ରାଣ ସଞ୍ଚିତହୋଇଉଠେ । ସମାଜରେ ଆଧ୍ୟାତ୍ମିକ ଜାଗରଣ ହେବା ସଂଗେ ସଂଗେ ସବୁକ୍ଷେତ୍ରରେ କଳା, ସାହିତ୍ୟ, ବିଜ୍ଞାନ, ଦର୍ଶନ ପ୍ରଭୃତିର ପୁନରୁଜ୍ଜୀବନ ପରିଲକ୍ଷିତ ହୁଏ । ବସ୍ତୁତଃ ସମାଜ ଜୀବନରସବୁ କ୍ଷେତ୍ରରେ ଏକ ଅଦମ୍ୟଶକ୍ତିର ବିକାଶ ଘଟେ । ଭାରତର ଇତିହାସରୁ ତାର ନିସଂଶୟ ପ୍ରମାଣ ମିଳୁଅଛି । ଭାରତର ଆଧ୍ୟାତ୍ମିକ ଜୀବନ ଉପରେ ବହୁବାର ଜୁଆର ଭଟ୍ଟା ଖେଳିଯାଇଛି । ପ୍ରତ୍ୟେକ ଧର୍ମୋଚ୍ଛ୍ୱାସର ସ୍ମରଣୀୟ ଐତିହାସିକ ସମୟରେ ଏହି ଉଚ୍ଛ୍ୱାସ ସହିତ ସାଂସ୍କୃତିକ ଜୀବନରେ ସର୍ବବ୍ୟାପୀ ପୁନର୍ଜାଗରଣ ବିନା ବ୍ୟତିକ୍ରମରେ ସଂଘଟିତ ହେବା ଦେଖାଯାଇଛି ।

ଅଶାର କଣ୍ଠୀ, ଶ୍ରୀ ରାମକୃଷ୍ଣଙ୍କର ଆବିର୍ଭାବରେ ହିନ୍ଦୁଧର୍ମର ସମସ୍ତ ଶାଖାରେ ଆସିଛି ନବ ଜାଗରଣ । ଏହି ସମୟରେ ହିନ୍ଦୁ ସଂସ୍କୃତି ମଧ୍ୟ ସର୍ବ ବିଷୟରେ ପୁନର୍ଜାଗ୍ରତ ହୋଇ ଉଠିଛି । ୧୮୮୬ ଖ୍ରୀଷ୍ଟାବ୍ଦରେ ଶ୍ରୀ ରାମକୃଷ୍ଣ ଏବଂ ୧୯୦୨ ଖ୍ରୀଷ୍ଟାବ୍ଦରେ ସ୍ୱାମୀ ବିବେକାନନ୍ଦ ଦେହତ୍ୟାଗ କରେ । ଏହାପରେ ବିଂଶ ଶତାବ୍ଦୀର ଭାରତରୁ ହିନ୍ଦୁଜାତି ତାହାର ସାଂସ୍କୃତିକ ଆତ୍ମ ସଚେତନତା ସଂପୂର୍ଣ୍ଣ ଭାବେ ପାଇବାର ଅଦ୍ଭୁତ ଲକ୍ଷଣ ସବୁ ଦେଖାଦେଲା । ଏହା ସମାଜ ଜୀବନର ବିଭିନ୍ନ କର୍ମଧାରାରେ ପ୍ରକାଶିତ, ପାଶ୍ଚାତ୍ୟ ଦେଶମାନଙ୍କରେ ସ୍ୱାମୀ ବିବେକାନନ୍ଦଙ୍କର ବେଦାନ୍ତର ସାର୍ବଜନୀନ ବାଣୀ ପ୍ରଚାର ଫଳରେ ଯୁକ୍ତ ଓ କୁସଂସ୍କାରାଚ୍ଛନ୍ନ ଧର୍ମମତ ବୋଲି ପ୍ରାଚୀନ ହିନ୍ଦୁଧର୍ମର ଉପରେ ଅପବାଦ ରଟିଥିଲା, ତାହା ଦୂରେଇଗଲା ଏବଂ ତାହାର ପ୍ରଚାର କାର୍ଯ୍ୟ ସ୍ୱଚ୍ଛତଃ ଆରମ୍ଭ ହୋଇଗଲା । ଏହି ପ୍ରଚାର କାର୍ଯ୍ୟକୁ ଭଗିନୀ ନିବେଦିତା 'ଆକ୍ରମଣାତ୍ମକ ହିନ୍ଦୁତ୍ୱ' ବୋଲି ଆଖ୍ୟାତ କରିଛନ୍ତି । ହିନ୍ଦୁଧର୍ମ ଭିତରେ ପ୍ରଚାର ଲାଗି ଯେ ସଦ୍ୟ ଆଗ୍ରହ ଜନ୍ମିଲା । ଏହି ଆକ୍ରମଣାତ୍ମକ ହିନ୍ଦୁତ୍ୱ ଶବ୍ଦଟି ସେହି ଆଗ୍ରହର ପ୍ରକାଶକ । ଯଦିଓ ହିନ୍ଦୁଧର୍ମର ଉଦାର ସାର୍ବଜନୀନ ଭାବର ଏହା ଯଥାର୍ଥ ପ୍ରକାଶକ ନୁହେଁ । ହିନ୍ଦୁମାନଙ୍କର ଆକ୍ରମଣାତ୍ମକ ମନୋଭାବ ମାନେ ଏହା ନୁହେଁ ଯେ ସବୁସ୍ତରରେ ସେମାନେ ଲୋକମାନଙ୍କୁ ହିନ୍ଦୁଧର୍ମରେ ଦୀକ୍ଷିତ କରିବାକୁ ଚାହୁଁଥିଲେ । ଏହାର ଅର୍ଥ ସବୁଧର୍ମର ଅନ୍ତର୍ନିହିତ ମୂଳଗତ ଯୁକ୍ତିଗୁଡ଼ିକୁ ପ୍ରଚାର କରି ସମସ୍ତଙ୍କୁ ନିଜନିଜ ଧର୍ମଗତ ପ୍ରତି ଆହୁରି ବିଶ୍ୱାସୀ କରି ଗଢ଼ିବା । ଏହା ଫଳରେ ନିଜର ଧର୍ମବିଶ୍ୱାସ ଓ ଜୀବନ ଦର୍ଶନର କୌଣସି ପର୍ଯ୍ୟାୟ ଲାଗି ହିନ୍ଦୁମାନେ ଆଉ ଲଜ୍ଜାବୋଧ କଲେ ନାହିଁ । ପରନ୍ତୁ ୟୁରୋପ ଓ ଆମେରିକାର ବହୁ ବିଶ୍ୱବିଦ୍ୟାଳୟର ପଣ୍ଡିତମାନଙ୍କୁ ହିନ୍ଦୁ ଜୀବନ ଦର୍ଶନର ବ୍ୟାଖ୍ୟାକାର ରୂପେ ଦେଖିବାକୁ ମିଳିଲା । ପାଶ୍ଚାତ୍ୟ ଶ୍ରୋତାମାନଙ୍କ ମଧ୍ୟରୁ ଅନେକେ ହିନ୍ଦୁମାନଙ୍କ ପ୍ରାଚୀନ ସଂସ୍କୃତି ପ୍ରତି ଆକୃଷ୍ଟ ହେଲେ । ପାଶ୍ଚାତ୍ୟର ବହୁ ପଣ୍ଡିତାଗ୍ରଣୀ ହିନ୍ଦୁଭାବ ଓ ଆଦର୍ଶ ପ୍ରଚାର ଲାଗି ଉତ୍ସାହୀ ହୋଇ ପଡ଼ିଲେ ।

ପୂର୍ବପୁରୁଷମାନଙ୍କର ମହାନ କୀର୍ତ୍ତି ସ୍ମରଣ କରି ହିନ୍ଦୁମାନଙ୍କ ମଧ୍ୟରେ ଯଥାର୍ଥତଃ ଗର୍ବର ଭାବ ଜାଗ୍ରତ ହୋଇଅଛି କେବଳ ଯେ ଧର୍ମ ଓ ଦର୍ଶନ କ୍ଷେତ୍ରରେ ଏହି ବୋଧ ଜାଗିଥିଲା ଏହା ନୁହେଁ, ସମାଜ ଜୀବନର ବିବିଧ ଜାଗତିକ ବିଷୟରେ ମଧ୍ୟ ତାହା ଜାଗି ଉଠିଥିଲା । ଏହା ଫଳରେ ସେମାନେ ବିଶେଷ ପ୍ରେରଣାରେ ଉଦ୍‌ବୁଦ୍ଧ ହୋଇ ମୃତ-ସମାହିତ ଅତୀତକୁ ଖୋଳି ବାହାର କରିବାକୁ ଚାହିଁଥିଲେ । ପ୍ରାଚୀନ ଓ ମଧ୍ୟ ଯୁଗର ଭାରତ ଇତିହାସର ନିର୍ଭୁଲ ତଥ୍ୟର ଲକ୍ଷ୍ୟ ସ୍ଥଳରେ ସେମାନେ ପହଞ୍ଚିବାକୁ ଚାହିଁଥିଲେ । ଭାରତୀୟ ବିଶ୍ୱବିଦ୍ୟାଳୟମାନଙ୍କରେ ଦଳେ ମେଧାବୀ ଐତିହାସିକ ଓ ପ୍ରତ୍ନତତ୍ତ୍ୱବିତ ଜାତି ସଙ୍ଗଠନର ଏହି ଅବଶ୍ୟ ପ୍ରୟୋଜନୀୟ ଭିତ୍ତି ନିର୍ମାଣ କାର୍ଯ୍ୟରେ ମନପ୍ରାଣ ଢାଳି ଲାଗି ପଡ଼ିଥିଲେ । ଊନବିଂଶ ଶତାବ୍ଦୀର ଶେଷ ଦଶକର ପ୍ରାରମ୍ଭରେ ସ୍ୱାମୀ ବିବେକାନନ୍ଦ

ଏକ ଭାରତୀୟ ଐତିହାସିକ ଗବେଷଣା ସଂସ୍ଥାର ପ୍ରୟୋଜନୀୟତା ବିଷୟ ଅତି ତୀବ୍ର ଭାବେ ଅନୁଭବ କରିଥିଲେ ।

ଯଦିଓ ଆଇନ ସଙ୍ଗତ ଭାବେ ଦେଶର ରାଜନୀତିର ଅଗ୍ରଗତି ଲାଗି ଭାରତର ଜାତୀୟ କଂଗ୍ରେସ ୧୮୮୫ ଖ୍ରୀଷ୍ଟାବ୍ଦରେ ପ୍ରତିଷ୍ଠିତ ହୋଇଥିଲା ଏବଂ ଭାରତର ଜାତୀୟତା ବୋଧ ସେହି ସମୟରୁ ଜାଗିବାକୁ ଆରମ୍ଭ କରିଥିଲା, ତଥାପି ଏହା ନିଃସଂଶୟରେ କୁହାଯାଇ ପାରେ ଯେ ବର୍ତ୍ତମାନ ଶତାବ୍ଦୀର ପ୍ରାରମ୍ଭରେ ହିଁ ସ୍ୱଦେଶପ୍ରେମ ଭାବାବେଗର ଅଭୂତପୂର୍ବ ପ୍ଲାବନ ସାରା ଦେଶରେ ବ୍ୟାପି ଯାଇଥିଲା । ଚଳିତ ଶତାବ୍ଦୀର ଆରମ୍ଭରୁ ପ୍ରବଳ ଭାବେ ଜାତିର ଅନ୍ତର ଅଧିକାର କରିଥିଲା ଭାରତୀୟ ସମାଜ, ରାଜନୀତି ଓ ଅର୍ଥନୀତିର ତୀବ୍ର ଓ ଅବିମିଶ୍ର କଲ୍ୟାଣ କାମନା । ଜନସାଧାରଣଙ୍କ ଉନ୍ନତି କଳ୍ପେ ଦେଶର ବିଭିନ୍ନ ଅଞ୍ଚଳରେ କେବଳ ରାମକୃଷ୍ଣ ମିଶନ ନୁହେଁ ଆଉରି ଅନେକ ଭାରତୀୟ ସମାଜସେବା ସଂଘ, ସମାଜ ସେବା ପ୍ରତିଷ୍ଠାନ ଗଢି ଉଠିଥିଲା । ସାମୟିକ ଦୈବଦୁର୍ବିପାକ ସମୟରେ ରାମକୃଷ୍ଣ ମିଶନ ଛଡା ଆହୁରି ବହୁ ସାମାଜିକ ପ୍ରତିଷ୍ଠାନ ବିପଦଗ୍ରସ୍ତ ଜନସାଧାରଣଙ୍କ ସାହାଯ୍ୟ ଲାଗି ଆଗେଇ ଆସିଥିଲେ । କେତୋଟି ସମିତିର ଆନୁକୂଲ୍ୟରେ ଏବଂ ରବୀନ୍ଦ୍ରନାଥ ଠାକୁର, ପଣ୍ଡିତ ମଦନ ମୋହନ ମାଲବୀୟ ପ୍ରମୁଖ ମହାନ ସ୍ୱଦେଶ ପ୍ରେମିକମାନଙ୍କ ପ୍ରେରଣାରେ ଓ ପରିଚାଳନାଧୀନରେ ବୈଦିକ ଆଦର୍ଶ ସହିତ ଆଧୁନିକ ଶିକ୍ଷାର ପ୍ରୟୋଜନର ଦିଗଗୁଡିକ ସାମଞ୍ଜସ୍ୟ ବିଧାୟକ, ବହୁ ଶିକ୍ଷା ପ୍ରତିଷ୍ଠାନ ଗଢି ଉଠିଲା । ସଂକୀର୍ଣ୍ଣ, ସାମୟିକ ପଥକୁ ଅନୁସରଣ ନକରି ଭାରତୀୟ ଦେଶପ୍ରେମ ଅକପଟ ବିଶ୍ୱଭ୍ରାତୃତ୍ୱର ପ୍ରଶସ୍ତ ଭିତ୍ତି ଉପରେ ପ୍ରତିଷ୍ଠିତ ହେବାକୁ ଯାଉଛି ବୋଲି ମନେ ହେଲା । ମହାତ୍ମାଗାନ୍ଧୀଙ୍କ ଅହିଂସା ନୀତିରେ, ରବୀନ୍ଦ୍ରନାଥଙ୍କ ବିଶ୍ୱଜନୀନତାରେ ଏବଂ ରାମକୃଷ୍ଣ—ବିବେକାନନ୍ଦଙ୍କ ଭାବ-ଧାରାର ଅନୁଗାମୀମାନଙ୍କ ସର୍ବଧର୍ମ ସମନ୍ୱୟରେ ଏବଂ ସର୍ବଜାତିମିଳନ ବାଣୀ ଭିତରେ ସୁସ୍ପଷ୍ଟ ମାନବିକ ଓ ଆଧ୍ୟାତ୍ମିକ ଦୃଷ୍ଟିଭଙ୍ଗୀ ସମନ୍ୱିତ ଭାରତୀୟ ସ୍ୱଦେଶ ପ୍ରେମର ବୈଶିଷ୍ଟ୍ୟ ଫୁଟି ଉଠିଲା । ମଝିରେ ମଝିରେ ଅବିବେଚକ ଉତ୍ସାହୀଗଣ ପାଶ୍ଚାତ୍ୟରୁ ଯେଉଁସବୁ ରାଜନୈତିକ ଚିନ୍ତା ପ୍ରଣାଳୀ ଓ କାର୍ଯ୍ୟ ସାଧନର ଉପାୟଗୁଡିକ ହଠାତ୍ ଏ ଦେଶକୁ ନେଇ ଆସିଲେ ଭାରତବାସୀ ଗ୍ରହଣ କଲାବେଳେ ସେ ଗୁଡିକୁ ଆଧ୍ୟାତ୍ମିକ ଚେତନାର ଛଲୁଣରେ ଛାଣିନେଲେ । କିଏ ଜାଣେ ଏହି ପ୍ରକାରେ ଯାଉ ଯାଉ ହୁଏତ କେଉଁଦିନ ଏପରି ଏକ ପନ୍ଥାର ଉଦ୍ଭବ ହେବ, ଯାହା ଜାତିର ରାଜନୈତିକ ଓ ଅର୍ଥନୈତିକ ଅଗ୍ରଗତି ଲାଗି ହେବ ଯଥେଷ୍ଟ ପ୍ରଶସ୍ତ ଅଥଚ ସର୍ବଜାଗତିକ ଜାତିମାନଙ୍କୁ ଭ୍ରାତୃତ୍ୱ ବନ୍ଧନରେ ବାନ୍ଧିବ । ଲାଗି ତାହା ଆମ୍ଭମାନଙ୍କ ଜାତୀୟ ଆଧ୍ୟାତ୍ମିକ ସଂସ୍କାରର ମଧ୍ୟ ଅନୁଗାମୀ ହେବ । ଦେଶର ବିଭିନ୍ନ ଧର୍ମ ସଂପ୍ରଦାୟ ଓ ଦଳଗୁଡିକୁ ଏକତ୍ର ମିଳିତ କରିବା ଲାଗି ସାମାଜିକ ଓ ଧର୍ମ ବିଷୟକ ଦୃଷ୍ଟିଭଙ୍ଗୀକୁ ପ୍ରଶସ୍ତତର କରିବାର ପ୍ରୟୋଜନହିଁ ବିଭିନ୍ନଜାତି ମାନଙ୍କ ପ୍ରତି ଆମର ଜାତୀୟ ଦୃଷ୍ଟିଭଙ୍ଗୀକୁ ଉଦାର କରି ପାରିବ ବୋଲି ନିଶ୍ଚୟ ଆଶା କରାଯାଏ ।

ପ୍ରାଚ୍ୟ ଶିଳ୍ପକଳାର ଶିକ୍ଷା ପ୍ରତିଷ୍ଠାନ ମଧ୍ୟ ଏହି ସମୟର ଅବଦାନ ଭାରତୀୟ ସାଂସ୍କୃତିକ ଜୀବନର ଏହି ଦିଗଟିର ପୁନରୁଦ୍ଭବ ସହିତ ହାଭେଲ ଓ ଅବନୀନ୍ଦ୍ର ଠାକୁରଙ୍କ ବ୍ୟତୀତ ଭଗିନୀ ନିବେଦିତା ମଧ୍ୟ ବିଜଡିତ । ଇଉରୋପର ଶିଳ୍ପକଳାର ଅବଦାନମାନଙ୍କୁ କେବଳ ଅନୁକରଣ ନକରି, ଏବଂ ପାଶ୍ଚାତ୍ୟ ଭାବ ଓ ପ୍ରକାଶଭଙ୍ଗୀ ଉପରେ ସଂପୂର୍ଣ୍ଣଭାବେ ନିର୍ଭର ନକରି ଭାରତ ତାହାର ଶିଳ୍ପକଳା ବିଷୟକ ନିଜସ୍ୱ ପ୍ରାଚୀନ ପ୍ରତିଭା ଓ ଐତିହ୍ୟ ଆବିଷ୍କାର କରିଅଛି ଏବଂ ସ୍ଥିର ପ୍ରତିଜ୍ଞ ହୋଇ ଠିଆ ହୋଇଛି ପାଶ୍ଚାତ୍ୟ କଳା ଶୈଳୀର ଶ୍ରେଷ୍ଠ ଓ ଗ୍ରହଣ ଯୋଗ୍ୟ ଉପାଦାନଗୁଡିକୁ ତା ସଙ୍ଗେ ମିଶାଇ ଦେଇ ପ୍ରାଚୀନ ଭାରତୀୟ ଧାରାର ପୁନଃ ପ୍ରଚଳନ, ଉନ୍ନତି ଓ ବିସ୍ତାର ସାଧନ କରିବାକୁ । ରବୀନ୍ଦ୍ରନାଥଙ୍କ ଅତି ମୂଲ୍ୟବାନ ଆଦର୍ଶବାଦୀ ଅବଦାନ ମାଧ୍ୟମରେ ଚଳିତ ଶତାବ୍ଦୀର ବିଶ୍ୱ ସାହିତ୍ୟ କ୍ଷେତ୍ରରେ ଭାରତ ଇତିମଧ୍ୟରେ ଗଭୀର ରେଖାପାତ କରିଛି । ଏହାଛଡା ବଙ୍ଗଳାକୁ ପୁରୋଭାଗରେ ରଖି ଏ ଦେଶର ସମସ୍ତ ଭାଷା ଏହି ସମୟରେ ଉନ୍ନତି ପଥରେ ଅଗ୍ରସର ହୋଇ ଚାଲିଛି । ଶତ ଶତ ସୁଯୋଗ୍ୟ ଲେଖକ ଏହି ସମୟରେ ଆବିର୍ଭୂତ ହୋଇଛନ୍ତି ଭାରତର ଭାଷାମାନଙ୍କୁ ସମୃଦ୍ଧ ଓ ଉନ୍ନତକରି ସମଗ୍ର ଦେଶବ୍ୟାପୀ ସାହିତ୍ୟର ପୁନରୁଜ୍ଜୀବନର ଏକ ନବଯୁଗର ସୂତ୍ରପାତ କରିଛନ୍ତି ।

ବିଶେଷତଃ ଏହି ସମୟ ମଧ୍ୟରେ ବୈଜ୍ଞାନିକ ଗବେଷଣାର ପ୍ରେରଣା ବିଭିନ୍ନ ବିଶ୍ୱବିଦ୍ୟାଳୟ ମାଧ୍ୟମରେ ସାରା ଭାରତରେ ବ୍ୟାପି ଯାଇଛି । ଇତିମଧ୍ୟରେ ଆଚାର୍ଯ୍ୟ ଜଗଦୀଶଚନ୍ଦ୍ର ବସୁ, ଆଚାର୍ଯ୍ୟ ପ୍ରଫୁଲ୍ଲଚନ୍ଦ୍ର ରାୟ, ଅଧ୍ୟାପକ ମେଘନାଦ ସାହା ଓ ଅଧ୍ୟାପକ ଚନ୍ଦ୍ରଶେଖର ରମଣ ପ୍ରମୁଖ କେତେଜଣ ବୈଜ୍ଞାନିକ ବୈଦେଶିକ ବିଜ୍ଞାନ ସଂସ୍ଥାରୁ ବିଶେଷ ସମ୍ମାନ ଅର୍ଜନ କରିଛନ୍ତି । ଆଚାର୍ଯ୍ୟ ଜଗଦୀଶ ଚନ୍ଦ୍ରଙ୍କ ଗବେଷଣାରୁ ପ୍ରାଚୀନ ହିନ୍ଦୁ ଚିନ୍ତା ନିଦର୍ଶନର ବୈଶିଷ୍ଟ୍ୟ ଦେଖିବାକୁ ମିଳେ । ପାଶ୍ଚାତ୍ୟ ଶ୍ରୋତାମାନଙ୍କ ନିକଟରେ ସେ ନିଜେ ସ୍ୱୀକାର କରିଥିଲେ ଯେ, ଆଧୁନିକ ଯନ୍ତ୍ର ସହାୟତାରେ ଉଦ୍ଭିଦ ଜୀବନର ଯେ ସଂବେଦନଶୀଳତା ସେ ପ୍ରମାଣ କରି ଦେଖାଇଛନ୍ତି, ଆଧୁନିକ ବିଜ୍ଞାନର ଭାଷାରେ ଯେଉଁ ତଥ୍ୟଟିକୁ ସେ ପ୍ରକାଶ କରୁଛନ୍ତି, ଅତି ପ୍ରାଚୀନ କାଳରେ ହିନ୍ଦୁ ଋଷିମାନେହିଁ ତାହା ଆବିଷ୍କାର କରିଥିଲେ । ପ୍ରାଚୀନ ଭାରତର ଚିନ୍ତା ଓ ଅବଦାନ ଗୁଡିକୁ ଅତୀତର ଗହ୍ୱରରୁ ଉଦ୍ଧାରକରି ଜଗତ ସମ୍ମୁଖରେ ତୋଳିଧରିବା ମାଧ୍ୟମରେ ବିଜ୍ଞାନ କ୍ଷେତ୍ରରେ ହିନ୍ଦୁ ମନର ଆତ୍ମସଚେତନତା ଆତ୍ମପ୍ରକାଶ କରିଛି । ଏହାର ଅଭ୍ରାନ୍ତ ପ୍ରମାଣ ଆଚାର୍ଯ୍ୟ ପ୍ରଫୁଲ୍ଲ ଚନ୍ଦ୍ର ରାୟଙ୍କ 'ହିଷ୍ଟ୍ରି ଅଫ ହିନ୍ଦୁ କେମେଷ୍ଟ୍ରି' ଏବଂ 'ଆଚାର୍ଯ୍ୟ ବ୍ରଜେନ୍ଦ୍ର ନାଥ ଶୀଲଙ୍କ 'ପଜିଟିଭ ସାଇନସ୍ ଅଫ୍ ଦି ହିନ୍ଦୁଜ୍' । ଏହି ଗ୍ରନ୍ଥ ଦୁଇଟି କେବଳ ବିଶୁଦ୍ଧ ବିଜ୍ଞାନ କ୍ଷେତ୍ରରେ ନୁହେଁ ଆୟୁର୍ବେଦ ଶାସ୍ତ୍ର ପ୍ରଭୃତି ବ୍ୟବହାରିକ ପ୍ରୟୋଗାତ୍ମକ ଶାଖାମାନଙ୍କରେ ମଧ୍ୟ ଅତୀତ ଅବଦାନ ସହିତ ବର୍ତ୍ତମାନ ଅବଦାନମାନଙ୍କୁ ଯୋଗ-ସୂତ୍ରରେ ବାନ୍ଧି ଭାରତ ସର୍ବଜନ ସମକ୍ଷରେ ବୈଜ୍ଞାନିକ ସତ୍ୟ ସନ୍ଧାନ ସଙ୍ଗେ ସଂଶ୍ଳିଷ୍ଟ ହିନ୍ଦୁ ସଂସ୍କୃତି ବିବର୍ତ୍ତନର ପ୍ରଣାଳୀବଦ୍ଧ ଓ ଧାରାବାହିକ ଇତିହାସ ତୋଳି ଧରିଛି ।

ଏହି ଭାବରେ ଭାରତୀୟ ଜୀବନର ଚିନ୍ତା ଓ କର୍ମର ପ୍ରତିଟି ଶାଖାରେ ବେଶ୍ କିଛି ନବୋନ୍ମେଷ ପରିଲକ୍ଷିତ ହୋଇଛି

ଏହି ଶତାବ୍ଦୀର ପ୍ରାରମ୍ଭରେ ଏବଂ ଏହାର ପ୍ରତ୍ୟେକଟି ଭିତରେ ଭାରତବାସୀଙ୍କ ସାଂସ୍କୃତିକ ସଚେତନତା ସୁପରିସ୍ଫୁଟ। କିନ୍ତୁ ଦୁର୍ଭାଗ୍ୟର ବିଷୟ ଏହି ସମୟରେ ଆମ ପାଶ୍ଚାତ୍ୟ ଭାଇ ଭଉଣୀମାନେ ଏକ ଅଗ୍ନି ପରୀକ୍ଷା ଭିତରେ ଗତି କରୁଛନ୍ତି । ସେମାନଙ୍କର ଉଗ୍ର ଅସହିଷ୍ଣୁ ସ୍ୱାଦେଶିକତା, ନୀତି ଜ୍ଞାନ ଶୂନ୍ୟ ସାମ୍ରାଜ୍ୟବାଦ ଓ ଧନତନ୍ତ୍ର ସମ୍ବନ୍ଧରେ ଖୁବ୍ ପୁରୁଣାକାଳିଆ ଧାରଣା ଶ୍ରେଣୀ ସଚେତନତା ପ୍ରତି ସେମାନଙ୍କ ଅତି ଗୁରୁତ୍ୱାରୋପ ଏବଂ ଉଚ୍ଚ ଜାତି-ବୋଧ ପ୍ରତି ସେମାନଙ୍କ ନବାବୀ ମେଜାଜ ଏବଂ ଧର୍ମ ଆଦର୍ଶକୁ ନେଇ ସେମାନଙ୍କ ସାଂପ୍ରତିକ ବିଭ୍ରାନ୍ତି ଏଇ ସବୁ ମିଶି ପାଶ୍ଚାତ୍ୟ ସମାଜରେ ନିଆଁ ଲଗି ଯାଇଛି । ଜୀବନର ପ୍ରୟୋଜନୀୟ ବିଷୟ ମାନଙ୍କରେ ସବୁ ମଣିଷକୁ ସମାନ ଅଧିକାର ଦେବାଲାଗି ଏବଂ ସାମାଜିକ ଓ ଜାତୀୟ କ୍ଷେତ୍ରରେ ସାମ୍ୟ ସ୍ଥାପନ ଲାଗି କୋଟି କୋଟି ନିପୀଡ଼ିତ ଅବମାନିତ ମନୁଷ୍ୟ ଅନ୍ତରରୁ ଅମିତ ଶକ୍ତି ବାହାରି ଆସିଛି ଏବଂ କାଏମୀ ସ୍ୱାର୍ଥ ଏତେ ଦିନର ଅବାଧିତ ଭୋଗ ଏବଂ ଅବିସଂବାଦିତ ପ୍ରାଧାନ୍ୟର ପ୍ରତିଭୂ ଶକ୍ତି ସହିତ ତାର ତୀବ୍ର ସଂଘାତ ସୃଷ୍ଟି କରିଛି । ଫଳରେ ଜାତିମାନଙ୍କ ଭିତରେ ଓ ବାହାରେ ଭାରସାମ୍ୟ ଅଭିମାତ୍ରାରେ ବ୍ୟାହତ ହୋଇଯାଇଛି । ପୁଣି ଲାଗି ଯାଇଛି ପରସ୍ପର ବିଧ୍ୱଂସୀ ବିପ୍ଳବ ଓ ଭ୍ରାତୃଘାତୀ ସଂଗ୍ରାମ । ଦୁର୍ବଳ ଲାଗି ସବଳର ଆତ୍ମତ୍ୟାଗ ଅଶିକ୍ଷିତ, ଅସହାୟ ଜନଗଣଙ୍କ ପାଇଁ ଶହୀଦ ଜୀବନ ଓ ଆତ୍ମ ନିଗ୍ରହ ବରଣ, ଛୋଟ ଶିଶୁର ଜୀବନ ରକ୍ଷା ଲାଗି ମଧ୍ୟ ବୃଦ୍ଧଙ୍କ ଭଳି ଆତ୍ମ ଜୀବନ ନିବେଦନର ଆଗ୍ରହ ଅଥବା ପାଶୁଶ୍ରୀଙ୍କ ଭଳି କ୍ଷତବିକ୍ଷତ ହୋଇ ମଧ୍ୟ ଜ୍ଞାନ ହୀନ ବିକୃତ ବୁଦ୍ଧିଅତ୍ୟାଚାରୀମାନଙ୍କ ଶିରରେ ଆଶୀଷ-ବର୍ଷଣ ପ୍ରଭୃତି ଆଦର୍ଶ ସମୂହକୁ ମର୍ଯ୍ୟାଦା ଦେବାର ଦୈବ ଅଧିକାର ଯୋଗୁଁ ସେ ମଣିଷ ମହୀୟାନ ସେହି ମଣିଷ ସମାଜର ଭଲତି କ୍ଷେତ୍ରରେ ଅବିବେକ ଭଳି ପ୍ରବୃତ୍ତ ହୋଇଛି ପଶୁ ଜଗତର ଜୈବିକ ପଦ୍ଧତିର ନୀତି- "ଯୋଗ୍ୟତମମାନେ ହିଁ ବଂଚି ରହିବେ ।" ବିଭ୍ରାନ୍ତି ଯୋଗୁଁ ମନୁଷ୍ୟ ବୁଝିପାରୁ ନାହିଁ ଯେ ଯୋଗ୍ୟତମ କହିଲେ ମଣିଷମାନଙ୍କ ଭିତରେ 'ଆଧ୍ୟାତ୍ମିକତାରେ ଯୋଗ୍ୟତମ' ବ୍ୟକ୍ତିମାନଙ୍କୁହିଁ ବୁଝାଏ । ସେହିମାନେହିଁ ବଂଚି ରହନ୍ତି ଯେପରି ବୁଦ୍ଧ ଓ ଖ୍ରୀଷ୍ଟ ବଂଚି ରହିବେ ଶତାବ୍ଦୀ ଶତାବ୍ଦୀ ଧରି ଧ୍ୱଂସ ଶକ୍ତିର ନିର୍ଦ୍ଦୟ ନିଯନ୍ତ୍ରା-ଧୀନରୁ ମୁକ୍ତ । ଦୁର୍ଭାଗ୍ୟ ବଶତଃ ପାଶ୍ଚାତ୍ୟ ଦେଶଗୁଡ଼ିକର ଜନସାଧାରଣଙ୍କ 'ଯୋଗ୍ୟତମମାନେ ବଂଚିବେ' ଏହି ଭ୍ରମର ଅର୍ଥକୁ ଏବେ ସାବ୍ୟସ୍ତ କରି ଧରିଛନ୍ତି । ଅବଶ୍ୟ ଯୋଗ୍ୟତା ଶାରୀରିକ ଶକ୍ତି ଓ ବୁଦ୍ଧିର ନିପୁଣ ସହଯୋଗ ଯୋଗ୍ୟତାକୁ ଯୋଗାଇ ବୁଝନ୍ତି । ଏହା ଫଳରେ ଦେଶ ଭିତରେ ଥିବା ସୁଖ ସଂସ୍କୃତି ସମସ୍ୟାମାନଙ୍କର ସମାଧାନ ଲାଗି ପାରିବା ଭଳି ଅନେକ ସାମାଜିକ ଓ ପ୍ରାଣପଣ ପ୍ରୟୋଗ ସେଠାରେ ... ଅନୁରୂପ ପଦ୍ଧତିର ପଥରେ ଗୁରି ଦେଶ ଭିତରର ... ଜାତିର ପୁନର୍ଗଠନ ଲାଗି ପାଶ୍ଚାତ୍ୟ ଜାତିମାନେ ... ହୋଇ ଉଠି ଅଛନ୍ତି । ସତ ମହାଯୁଦ୍ଧର ... ପରବର୍ତ୍ତୀକାଳରେ ବିଶ୍ୱର କେଉଁଠାରେ ଗୋଟାଏ ପରେ ଗୋଟାଏ ଯୁଦ୍ଧ ଲାଗିଯାଉଛି, ଅଥ ତା'ପରେହିଁ ଆସିଛି ... ଅସ୍ତ୍ରୀସଜ ରାଜନୈତିକ ଆୟୋଜନ । ... ରୁଦ୍ଧଶ୍ୱାସମୂଳ ପରସ୍ପର ଓ ଜନସୋଳ ଫେନାୟିତ ହୋଇ ଜାତିମାନେ ପରସ୍ପର ମଧ୍ୟରେ ଆଉ ଗୋଟାଏ ବୀଭତ୍ସ ମହାସମରକୁ ବୋଧହୁଏ ଆସନ୍ନ କରିଦେଉଛନ୍ତି । ପରିଭୋଗର ଓ ତାହା ସହିତ ସାରା ଜଗତର ଭବିଷ୍ୟତ ଯେ କଅଣ ହେବ ତାହା କିଏ ଜାଣେ ? ଆଦର୍ଶ ବିଷୟକ ନିଜର ବିଭ୍ରାନ୍ତି ଓ ତ୍ରୁଟିକୁ ସଂଶୋଧନ କରି ସମାଜକୁ ଏକ ପ୍ରଶସ୍ତତର, ସୁନ୍ଦରତର, ମହତ୍ତର ଭିତ୍ତି ଉପରେ ଠିଆ କରାଇ ପୁନର୍ଗଠିତ କରିବା ଲାଗି ପ୍ରୟୋଜନୀୟ ଏକ ବିଷାଦମୟ ଅନ୍ତର୍ବର୍ତ୍ତୀ ଅବସ୍ଥା ଭିତର ଦେଇ ପାଶ୍ଚାତ୍ୟ ଯେ ସଂପ୍ରତି ଚଳୁ ନାହିଁ, ସେ କଥା ବା କହିବ କିଏ ? କିଏ ନିଶ୍ଚୟ କରି କହି ପାରିବ ଯେ ପାଶ୍ଚାତ୍ୟର ତିମିରାଚ୍ଛନ୍ନ ଅଶୁଭ ବର୍ତ୍ତମାନ ତାର ଉଜ୍ଜ୍ୱଳତର ଭବିଷ୍ୟତର ପୂର୍ବ ସୂଚନା ନୁହେଁ ?

ଏଚ୍. ଜି. ଓ୍ୱେଲସ୍ ତାଙ୍କର 'ଆଉଟ ଲାଇନ ଅଫ ହିଷ୍ଟ୍ରି' ଗ୍ରନ୍ଥର ଶେଷ ଆଡ଼କୁ ନିମ୍ନୋକ୍ତ ମନ୍ତବ୍ୟ କରି ଆମ୍ଭମାନଙ୍କ ମନରେ ଆଶାର ସଂଚାର କରିଅଛନ୍ତି କିନ୍ତୁ "ବର୍ତ୍ତମାନ ସମୟର ଦୁର୍ଯୋଗ ଓ ଦୁର୍ଘଟଣା ଏବଂ ଆମ୍ଭମାନଙ୍କ ସମୂହ ବିଭ୍ରାନ୍ତି ଭିତରୁ ଏକ ବୌଦ୍ଧିକ ଓ ନୈତିକ ପୁନର୍ଜାଗରଣ, ଏକ ଧର୍ମଜାଗରଣ ଆସିପାରେ । ଏହା ସହିତ ଆସିବ ସରଳତା, ଆସିବ ବିଭିନ୍ନ ଜାତିର ଲୋକମାନଙ୍କୁ, ଐତିହ୍ୟ ଦିଗରୁ ଆପାତ-ବିଚ୍ଛିନ୍ନ ବୋଲି ପ୍ରତୀତ ଲୋକମାନଙ୍କୁ ଜଗତ୍ହିତାୟ ନିବେଦିତ ଏକ ସାଧାରଣ ଓ ସୁରକ୍ଷିତ ଜୀବନ ଧାରାରେ ମିଳିତ କରାଇବା ଲାଗି ସୁଯୋଗ ......ଦୁର୍ନୀତି ବର୍ଜିତ ଓ ପୌରହିତ୍ୟ ସହିତ ବିଜଡ଼ିତ ଅବସ୍ଥାର ବନ୍ଧନରୁ ବିନିର୍ମୁକ୍ତ ଧର୍ମବିଷୟକୁ ହୃଦୟାବେଗ ପୁଣି ପ୍ରଚଣ୍ଡ ଝଡ଼ ଭଳି ଆମ୍ଭମାନଙ୍କ ଜୀବନ ଉପର ଦେଇ ଅବିଳମ୍ବେ ବହି ଯାଇପାରେ, ତାହାର ବେଗ ବ୍ୟକ୍ତିଗତ ଜୀବନର ସବୁ ଦରଜା ସବୁ ଗବାକ୍ଷ ଉନ୍ମୁକ୍ତ କରିଦେବ । ବର୍ତ୍ତମାନ ଅବସାଦ ଗ୍ରସ୍ତ ଯୁଗରେ ଯାହା କଳ୍ପନା କରିବା କଷ୍ଟସାଧ୍ୟ ମନେ ହେଉଛି, ସେପରି ଅନେକ କିଛିକୁ ସମ୍ଭବ ଓ ସହଜ କରି ତୋଳିବ ।" ସୁଧୀ ଲେଖକ ତୀକ୍ଷ୍ଣ ମେଧାବଳରେ ବୋଧହୁଏ ସୁଖମୟ ଭବିଷ୍ୟତର ସଠିକ ଚିତ୍ର କଳ୍ପନା ନେତ୍ରରେ ଦେଖିଅଛନ୍ତି । ତାଙ୍କର ମହାନ୍ ଆଶାର୍ବାଦ ପାଶ୍ଚାତ୍ୟ ସମାଜର ଉଦ୍ଭ୍ରାନ୍ତ ହୃଦୟରେ ନିଶ୍ଚୟ ଆଶା ଓ ଉତ୍ସାହ ସଞ୍ଚାର କରିବ । କିନ୍ତୁ ଓ୍ୱେଲସ ଆମ୍ଭମାନଙ୍କୁ ନିଶ୍ଚିତ-ଆଶ୍ୱାସ ଦେଇ ପାରିନାହାଁନ୍ତି, କେବେ ଏବଂ କେଉଁଠି ଏଇ ନୈତିକ, ମାନସିକ ଓ ଆଧ୍ୟାତ୍ମିକ ପୁନର୍ଜାଗରଣ କଲ୍ୟାଣକାମୀ ଶୁଭଯାତ୍ରା ଆରମ୍ଭ ହେବ । ଯାହା ହେଉ ସେ କହିଛନ୍ତି ଯେ ଏପରି ଏକ ଐତିହାସିକ ପୁନର୍ଜୀବନ ଆରମ୍ଭ ହେବ ଅତିନିଃଶବ୍ଦରେ, ଜଗତରେ ଢୋଲ ନ ବଜେଇ । ଓ୍ୱେଲସ୍ କହିଛନ୍ତି-ଏହି ଧରଣର ଆରମ୍ଭ କଦାପି ଆଡ଼ମ୍ବରରେ ହୁଏ ନା । ଜାତି ହୃଦୟର ସୁମହତ ଆନ୍ଦୋଳନ ଗୁଡ଼ିକ ପ୍ରଥମେ ଆସେ ରାତିର ଚୋରଭଳି ନିଃଶବ୍ଦରେ, ଆଉ ତାପରେ ହଠାତ୍ ଦିନେ ଦେଖାଯାଏ, ସେ ହୋଇ ଉଠିଛି ମହା ଶକ୍ତିମାନ ଓ ଜଗତବ୍ୟାପୀ ।"

ଧର୍ମ-ମହା ସମ୍ମେଳନ, ସାମାଜିକ ସ୍ୱାଧୀନତା ଓ ଅନ୍ତର୍ଜାତିକ ମୈତ୍ରୀର ହୋତା ଶ୍ରୀ ରାମକୃଷ୍ଣ ଦେବଙ୍କ ପ୍ରଥମ ଶତବର୍ଷ ଜୟନ୍ତୀ ଉପଲକ୍ଷେ ଜଗତବ୍ୟାପୀ ଉତ୍ସବ-ଅନୁଷ୍ଠାନ ଗୁଡ଼ିକୁ ବିଶ୍ୱର ଦୃଷ୍ଟିରୁ ଦେଖିଲେ ବୁଝାଯାଏ ଯେ ଯଥାର୍ଥ

ମାନବିକ ପୁନରୁଜ୍ଜୀବନର କଲ୍ୟାଣରେ ଶକ୍ତି ଇତିମଧ୍ୟରେ ସକ୍ରୀୟ ହୋଇ ଉଠିଛି । ଏକଥା ଅନସ୍ୱୀକାର୍ଯ୍ୟ ଯେ, ଆଧୁନିକ ଇଉରୋପର କେତେକ ମହା ପଣ୍ଡିତ, ଏବଂ ପୃଥିବୀର ପ୍ରାୟ ସବୁ ମହାଦେଶର ଶତ ଶତ ସତ୍ୟାନ୍ବେଷୀ ଓ ଶାନ୍ତିକାମୀ ବ୍ୟକ୍ତି ଆଜି ଉତ୍ସାହର ସହିତ ସମବେତ ହୋଇଛନ୍ତି ଊନବିଂଶ ଶତାବ୍ଦୀର ଜଣେ ନାମକୁ ମାତ୍ର ଶିକ୍ଷିତ, ବଙ୍ଗଳାର ଅଜ୍ଞାତ ଏକ ପଲ୍ଲୀବାସୀ ପୁରୋହିତ ବ୍ରାହ୍ମଣର ଶତବର୍ଷ ଜୟନ୍ତୀକୁ କେନ୍ଦ୍ରକରି । ଏମାନଙ୍କ ପ୍ରକୃତ ସଂଖ୍ୟା ପୃଥିବୀର ବିପୁଳ ଲୋକସଂଖ୍ୟା ଅନୁପାତରେ ଅତି ସାମାନ୍ୟ ହୋଇପାରେ ; ତଥାପି 'ଯେଉଁ ଯୁଗରେ ଜୀବନର ଜଡ଼ବାଦୀ ଦୃଷ୍ଟିଭଙ୍ଗୀ ମନୁଷ୍ୟକୁ ସମଷ୍ଟି ଜୀବନର ଆଭ୍ୟନ୍ତର ସୁସଙ୍ଗତି ଓ ସୌନ୍ଦର୍ଯ୍ୟ ସମ୍ବନ୍ଧରେ ଅନ୍ଧ କରି ଦେଇଛି, ଜଗତମୟ ପାରସ୍ପରିକ ଅବିଶ୍ୱାସ, ଘୃଣା ଓ ବିରୋଧ ସୃଷ୍ଟି କରୁଛି,' ସେ ଯୁଗରେ ଅନ୍ତତଃ କେତେ ଜଣ ଲୋକ ଯେ ଅନ୍ତରର ପ୍ରେରଣାରେ ସ୍ୱତଃ-ଉଦ୍‌ବୁଦ୍ଧ ହୋଇ ଜାତି-ବର୍ଣ୍ଣର କୁସଂସ୍କାର ଊର୍ଦ୍ଧ୍ବରେ ବୀର ଗର୍ବରେ ମୁଣ୍ଡ ଉଠାଇ ଶ୍ରୀରାମକୃଷ୍ଣଙ୍କ ପବିତ୍ର ଜୀବନରେ ରୂପାୟିତ ଉଚ୍ଚ ଆଦର୍ଶଗୁଡ଼ିକ ପ୍ରତି ସମବେତ ଭାବେ ଶ୍ରଦ୍ଧା ନିବେଦନ କରିବାକୁ ଠିଆ ହୋଇଛନ୍ତି ଏହି, ଘଟଣାର ଗୂଢ଼ାର୍ଥ ଅନେକ । ଯେଉଁ ସବୁ ବିଭିନ୍ନ ଦଳର ଲୋକମାନଙ୍କ ଭିତରେ ସାଧାରଣ ବିଷୟ କହିଲେ ପ୍ରାୟ କିଛି ନଥିଲା, ଅବଶ୍ୟ ଅନ୍ତର୍ନିହିତ ମାନବତା ଛଡ଼ା ଏକତାର ଏଇ ସ୍ୱର୍ଣ୍ଣ ସୂତ୍ର ଦେଇ ସେମାନଙ୍କୁ ଏକ ସଙ୍ଗେ ଗୁଂଥି ଦେବାର ପ୍ରଚେଷ୍ଟାର ସାର୍ଥକତାର ଦାମ କିଛି କମ ନୁହେଁ ! ଐକ୍ୟ ଏବଂ ସର୍ବଧର୍ମ ଓ ସବ-ମାନବର ସାମଞ୍ଜସ୍ୟର ମୂର୍ତ୍ତ ପ୍ରତୀକ ଶ୍ରୀ ରାମକୃଷ୍ଣଙ୍କ ଜୀବନରୁ ହିଁ ସମସ୍ତଙ୍କୁ ଏକତ୍ରିତ କରି ରଖିବାର ଶକ୍ତି ବିଚ୍ଛୁରିତ ହେଉଛି ।

ଶ୍ରୀ ରାମକୃଷ୍ଣଙ୍କ ପ୍ରଥମ ଶତବର୍ଷ ଜୟନ୍ତୀ ଅନୁଷ୍ଠାନଟି ଆହୁରି ବହୁତ ମହାଗୌରବମୟ ସାଫଲ୍ୟର ଆଶା ଭରା ପୂର୍ବାଭାସ ଭଳି ମନେ ହେଉଛି ଏବଂ ମାନବ ଜାତିର କଲ୍ୟାଣକାମୀ ଉନ୍ନତ ଚେତା ବ୍ୟକ୍ତିଗଣ ଉଦ୍‌ଗ୍ରୀବ ହୋଇ ମିଳିତ ହୋଇ ଆସୁଛନ୍ତି ସ୍ୱାମୀ ବିବେକାନନ୍ଦଙ୍କ ଆଶା ଓ ବିଶ୍ୱାସର ବାଣୀ ଶୁଣିବାକୁ— "ଦୁଆର ପୁଣି ଖୋଲି ଯାଇଛି । ଆଲୋକ ରାଜ୍ୟରେ ତୁମ୍ଭେମାନେ ସମସ୍ତେ ଆସି ପ୍ରବେଶ କର । "

(୧) ଏହାର ଅଳ୍ପକାଳ ପରେ ୨ୟ ବିଶ୍ୱଯୁଦ୍ଧ ଲାଗି ଯାଇଥିଲା । ତୃତୀୟ ବିଶ୍ୱଯୁଦ୍ଧ ଆଶଙ୍କାରେ ବର୍ତ୍ତମାନ ଜଗତ ଆତଙ୍କିତ (ଅନୁବାଦକ)

୧୯୪୭ ଖ୍ରୀଷ୍ଟାବ୍ଦରେ ଭାରତ ରାଜନୈତିକ ସ୍ୱାଧୀନତା ଲାଭ କରିଛି । ମାତ୍ର ୧୮୯୭ ଖ୍ରୀଷ୍ଟାବ୍ଦରେ ସ୍ୱାମୀଜୀ କହିଥିଲେ'ଆଗାମୀ ପଚାଶ ବର୍ଷ ଲାଗି ସ୍ୱଦେଶ ହିଁ ହେଉ ତୁମର ଏକମାତ୍ର ଦେବତା' । ଏହାର ଠିକ୍ ପଚାଶ ବର୍ଷପରେ ଭାରତ ସ୍ୱାଧୀନତା ଲାଭ କରିଥିଲା—ଅନୁବାଦକ ।

'ଗୀତିକା'
ଜୟଦେବ ନଗର ଭୁବନେଶ୍ୱର





— ନୋବେଲ୍ ବିଜେତା ।
ଗୋଲ୍ଡିଙ୍ଗ୍‌ଙ୍କୁ
ଗୋରବାସି ମର୍ଦ୍ଦିତ ରଥ ଉପହାର..



ସାଧାରଣତନ୍ତ୍ର ଦିବସରେ
ପଙ୍ଗୁ ମହିଳାଙ୍କୁ ସାହାଯ୍ୟ ...



# ବିଶ୍ୱଧର୍ମ ସଭା

ଶ୍ରୀ ହୃଦାନନ୍ଦ ରାୟ

ସେପ୍ଟେମ୍ବର ମାସ ୧୧ ତାରିଖ, ସୋମବାର, ଦିନ ୧୦ଟା ବେଳେ ଡକ୍ଟର ବାରୋଜ (*Dr. Barrows*) ଙ୍କ ଦ୍ୱାରା ବିଶ୍ୱ ଧର୍ମ ସଭା ଉଦ୍‌ଘାଟିତ ହେଲା । ଅପୂର୍ବ ସାଜସଜ୍ଜା ଶୋଭିତ "କଳାଭବନ"ର ଦର୍ଶକ ମଞ୍ଚରେ ପ୍ରାୟ ଆଠ ଦଶ ହଜାର ନରନାରୀ ଉତ୍କଣ୍ଠିତ ଶ୍ରୋତା ହୋଇ ବସିଥାନ୍ତି । ଯେଉଁଆଡେ ଦୃଷ୍ଟିକି ଲୋକାରଣ୍ୟ । ପୃଥିବୀର ସକଳ ସୁପ୍ରତିଷ୍ଠିତ ଧର୍ମମତମାନଙ୍କର ପ୍ରତିନିଧିମାନେ ଭାଷଣ ଦେବେ । ତାହା ଶୁଣିବା ପାଇଁ ଯାବତୀୟ ଦେଶରୁ ବହୁ ସୁବିଖ୍ୟାତ ଦାର୍ଶନିକ, ବୈଜ୍ଞାନିକ ଆଦି ସମ୍ମିଳିତ ହୋଇଥାନ୍ତି । ଭାଷଣ ମଣ୍ଡପରେ ସର୍ବଧର୍ମର ପ୍ରତିନିଧିମାନେ ଆସନ ଗ୍ରହଣ କରିଥାନ୍ତି । ଭାରତୀୟମାନଙ୍କ ମଧ୍ୟରେ ସ୍ୱାମୀଜୀଙ୍କୁ ଛାଡ଼ି ବ୍ରାହ୍ମ ସମାଜର ପ୍ରତିନିଧି ଶ୍ରୀ ମଜୁମଦାର ଓ ଶ୍ରୀ ନଗରକର, ଜୈନ ଧର୍ମର ପ୍ରତିନିଧି ଶ୍ରୀ ଗାନ୍ଧୀ, ଥିଓସଫିକାଲ ସୋସାଇଟିର ପ୍ରତିନିଧି ଶ୍ରୀ ଚକ୍ରବର୍ତ୍ତୀ ଓ ଶ୍ରୀମତୀ ଆନିବେସାନ୍ତ ମଧ୍ୟ ଯୋଗ ଦେଇଥାନ୍ତି । ସିଂହଳରୁ ଶ୍ରୀ ଧର୍ମପାଳ ବୌଦ୍ଧ ଧର୍ମର ପ୍ରତିନିଧି ହୋଇ ଆସିଥାନ୍ତି । ଏହି ମହାମିଳନ ପୀଠରେ ହିନ୍ଦୁ ଧର୍ମ, ଜୈନ ଧର୍ମ, ବୌଦ୍ଧ ଧର୍ମ, ଖ୍ରୀଷ୍ଟ ଧର୍ମ, ମୁସଲମାନ ଧର୍ମ ଆଦି ଆଠଗୋଟି ଧର୍ମମତର ପ୍ରତିନିଧିମାନେ ଉପସ୍ଥିତ ଥିଲେ । ପ୍ରତିନିଧିମାନଙ୍କ ମଧ୍ୟରେ ସ୍ୱାମୀଜୀଙ୍କ ଲାଲ ପୋଷାକ ଓ ହଳଦିଆ ରଙ୍ଗର ପଗଡ଼ି ତାଙ୍କ ଲାବଣ୍ୟ ମଣ୍ଡିତ ସୁଚଳିତ ତନୁକୁ ବେଶ୍ ସୁନ୍ଦର ଦିଶୁଥାଏ ।

ଜଣକ ପରେ ଜଣେ ବକ୍ତା ତାଙ୍କ ଭାଷଣ ଶେଷ କରୁଥାନ୍ତି । ଶ୍ରୀଯୁକ୍ତ ମଜୁମଦାର ଓ ଶ୍ରୀଯୁକ୍ତ ଚକ୍ରବର୍ତ୍ତୀଙ୍କର ଭାଷଣ ମଧ୍ୟ ଶେଷ ହେଲା । ସ୍ୱାମୀଜୀ ନୀରବ ଓ ନିଶ୍ଚଳ ଭାବରେ ସମସ୍ତ ଭାଷଣ ଶୁଣୁଥାନ୍ତି । କେତେବେଳେ ପ୍ରଭୂତ ଉତ୍ସାହରେ ତାଙ୍କ ମୁଖମଣ୍ଡଳ ରକ୍ତିମ ହୋଇ ଉଠୁଥାଏ । ସ୍ୱାମୀଜୀଙ୍କୁ ଭାଷଣ ଦେବାକୁ ବହୁବାର ଡାକରା ଆସିଲେ ହେଁ ସ୍ୱାମୀଜୀ ଥରକୁ ଥର କହୁଥାନ୍ତି "ଏବେ ନୁହେଁ, ଆଉ ଟିକିଏ ଯାଉ" । ସଭାପତିଙ୍କର ବିସ୍ମୟର ସୀମା ରହିଲା ନାହିଁ । ତାଙ୍କର ଧାରଣା ହେଲା, ଏ ତରୁଣ ସନ୍ନ୍ୟାସୀ ବୋଧହୁଏ ଭାଷଣ ଦେବାକୁ ଆସିବେ ନାହିଁ । ସକାଳ ବେଳା ଅଧିବେଶନ ଶେଷ ହୋଇ ଅପରାହ୍ନ ଅଧିବେଶନ ଆରମ୍ଭ ହେଲା । ସଭାପତି ସ୍ୱାମୀଜୀଙ୍କୁ ଭାଷଣ ଦେବା ପାଇଁ ପୁଣି ପୁଣି ଆରମ୍ଭ କଲେ । ·

ଭଗବତୀ ସରସ୍ୱତୀ ଓ ଗୁରୁ ପରମହଂସ ଦେବଙ୍କ ଚରଣ ତଳେ ବିନମ୍ର ଭକ୍ତି ଅର୍ଘ୍ୟ ଅର୍ପଣ କରି ସ୍ୱାମୀଜୀ ମଞ୍ଚ ଉପରେ ଦଣ୍ଡାୟମାନ ହେଲେ । ଭାବ ସମୁଦ୍ରରେ ଜୁଆର ପରେ ଜୁଆର ଉଠିବାକୁ ଲାଗିଲା । ପ୍ରଶାନ୍ତ ଗମ୍ଭୀର ସ୍ୱାମୀଜୀ ଶ୍ରୋତା ମଣ୍ଡଳୀକୁ ସମ୍ବୋଧନ କରି କହିଲେ "ଆମେରିକାବାସୀ ଭାଇ ଓ ଭଉଣୀମାନେ" ! ଏ ଅଭିନବ ସମ୍ବୋଧନ ଶୁଣି ଶ୍ରୋତୃମଣ୍ଡଳୀଙ୍କ ଆନନ୍ଦ ଓ ବିସ୍ମୟର ସୀମା ରହିଲା ନାହିଁ । ବିପୁଳ ହର୍ଷ କୋଳାହଳ, କରତାଳି ଓ ଆନନ୍ଦ ଧ୍ୱନିରେ ସଭାସ୍ଥଳ କମ୍ପିତ ହେବାକୁ ଲାଗିଲା । ବହୁକ୍ଷଣ ପର୍ଯ୍ୟନ୍ତ ଘନଘନ କରତାଳି ବୃଷ୍ଟି ହେଉଥାଏ । ସତେ କଅଣ ଏ ବିରାଟ ମହାସଭା ପାଗଳ ହୋଇଗଲା ।

କୋଳାହଳ ଅବସାନ ହେଲାକ୍ଷଣି ସ୍ୱାମୀଜୀ କହିବାକୁ ଲାଗିଲେ, "ଆପଣମାନେ ଆମମାନଙ୍କୁ ଅଭିନନ୍ଦିତ କରିଥିବାରୁ ମୁଁ ପୃଥିବୀର ପ୍ରାଚୀନତମ ମୁନିମଣ୍ଡଳୀଙ୍କ ପରମ୍ପରା ନାମରେ ଆପଣମାନଙ୍କୁ ଧନ୍ୟବାଦ ଅର୍ପଣ କରୁଅଛି; ମୁଁ ଆପଣମାନଙ୍କୁ ନିଖିଳ ଧର୍ମ ସଂଘର ଆଦି ମାତୃକାଙ୍କ ନାମରେ ଧନ୍ୟବାଦ ଅର୍ପଣ କରୁଛି; ସକଳ ଶ୍ରେଣୀ ଓ ଗୋଷ୍ଠୀର କୋଟି କୋଟି ହିନ୍ଦୁ-ଜନତାଙ୍କ ନାମରେ ମୁଁ ଆପଣମାନଙ୍କୁ ଧନ୍ୟବାଦ ଅର୍ପଣ କରୁଛି ।

ବିଶ୍ୱକୁ ସହନଶୀଳତା ଓ ସର୍ବମତ ପୋଷକତାର ଅମୃତବାଣୀ ବହନ କରି ଆସୁଥିବା ଧର୍ମ ସଂଘର ଅନ୍ତର୍ଭୁକ୍ତ ହୋଇ ମୁଁ ନିଜକୁ ଗୌରବାନ୍ୱିତ ମନେକରୁଛି । । ଆମେମାନେ ଅନ୍ୟମତ ସହନଶୀଳତାରେ କେବଳ ବିଶ୍ୱାସ କରୁ ନାହିଁ, ଆମେମାନେ ସବୁ ଧର୍ମର ସଂଜ୍ଞାକୁ ସତ୍ୟ ବୋଲି ଗ୍ରହଣ କରୁ । ପୃଥିବୀର ଯାବତୀୟ ନିର୍ଯ୍ୟାତିତ ଓ ଦଳିତ ଧର୍ମମତମାନଙ୍କୁ ଆଶ୍ରୟ ଦେଉଥିବା ଜାତିର ଲୋକ ହୋଇ ମୁଁ ଗର୍ବ ଅନୁଭବ କରୁଛି । ଯେଉଁଦିନ ରୋମାନ୍‌ମାନଙ୍କ ନିଷ୍ଠୁର ଅତ୍ୟାଚାରରେ ଇହୁଦୀମାନଙ୍କର ଧର୍ମପୀଠ ଚୂର୍ଣ୍ଣ ବିଚୂର୍ଣ୍ଣ ହୋଇଗଲା, ସେମାନେ ପଳାଇ ଆସି ଭାରତର ଦକ୍ଷିଣାଞ୍ଚଳରେ ଆଶ୍ରୟ ଗ୍ରହଣ କରି ଆଜି ପର୍ଯ୍ୟନ୍ତ ନିରୁପଦ୍ରବରେ ସେମାନଙ୍କ ଶୁଦ୍ଧତା ରକ୍ଷା କରି ପାରିଅଛନ୍ତି । ଜେରୋଷ୍ଟ୍ରିଆନ୍ ଧର୍ମ ମତକୁ ଆଶ୍ରୟ ଦେଇଥିବା ଓ ଏବେ ମଧ୍ୟ ପରିପୋଷକତା କରୁଥିବା ଧର୍ମ ସଂଘର ଅନ୍ତର୍ଭୁକ୍ତ ହୋଇ ଗୌରବରେ ମୋର ଛାତି ଫୁଲି ଉଠୁଛି । ନିତି ନିତି କୋଟି କୋଟି ଜନତାଙ୍କ କଣ୍ଠରେ ଗୀତ ହେଉଥିବା ଗୋଟିଏ ଶ୍ଳୋକ ଏବେ ଆପଣମାନଙ୍କ ଆଗରେ ଉଦ୍ଧାର କରିବି । 'ଯେପରି ଉତ୍ପତ୍ତି ସ୍ଥଳ ଭିନ୍ନ ହେଲେ ହେଁ ନଦୀ ପ୍ରବାହମାନ ଏକ ଅଭିନ୍ନ ସମୁଦ୍ରରେ ପ୍ରବେଶକରି ଲୀନ ହୋଇ ଯାଉଛନ୍ତି ଠିକ୍ ସେହିପରି ବିଭିନ୍ନ ଧର୍ମମତମାନ ନିଜ ନିଜର ସରଳ ଓ ବକ୍ର ଗତିରେ ହେ ପରମାତ୍ମା ! ତୁମରିଠାରେ ପରିସମାପ୍ତି ଲାଭ କରୁଅଛନ୍ତି' ।

ଏହି ଧର୍ମ ମହାସଭାର ଉଦ୍ଦେଶ୍ୟ ଗୀତା ନିର୍ଦ୍ଦେଶିତ ପନ୍ଥାର ଅନୁମୋଦନ କରୁଅଛି । ଗୀତାରେ ଉଲ୍ଲେଖ ଅଛି, "ଯେ ମୋତେ ଯେଉଁ ମାର୍ଗରେ ଭଜନ କରେ, ମୁଁ ତାକୁ ସେହି ମାର୍ଗରେ ମିଳେ । ଏ ସକଳ

ଲୋକେ ମୋ ପାଖକୁ ପଠିଥିବା ପତ୍ରମାନ ଅନୁସରଣ କରୁଛନ୍ତି । ଧର୍ମାନ୍ଧତା, ଏକ ଦେଶ ଦର୍ଶୀତା ଓ ଗୋଷ୍ଠୀ-ବିସ୍ମରର ବିଶେଷ ପ୍ରଭାବରେ ଏ ସୁନ୍ଦର ଧରଣୀ ବହୁକାଳ ପରିପ୍ଲାବିତ ହେଲାଣି, ଏହା ଫଳରେ ଘୋର ହିଂସା ପୃଥିବୀକୁ କବଳିତ କରିଅଛି । ନର ଶୋଣିତରେ କେତେବାର ଯେ ଧରଣୀ ଧୂଆ ହେଉଛି ତାହା କିଏ କହିବ ? ଏଥିପାଇଁ ସଭ୍ୟତାର ବିଲୋପ ଘଟୁଛି । ହତାସ ଓ ନୈରାଶ୍ୟର କରାଳ ଛାୟା ଘୋଟି ଆସୁଛି । କିନ୍ତୁ ଏ କାଳ ରାତ୍ରିର ପ୍ରଭାତ ହେବାବେଳ ଆସିଲାଣି । ଆଜି ସକାଳେ ଏ ମହାସଭା ଅଧିବେଶନରେ ଶୁଭାରମ୍ଭବେଳେ ଯେଉଁ ଘଣ୍ଟାଧ୍ୱନି ହୋଇଥିଲା, ତାହା ଅସହନଶୀଳତାର ନିର୍ମୂଳ ପରିସମାପ୍ତିର ସୂଚନା ଦେଉଅଛି । ମୋର ଦୃଢ଼ ବିଶ୍ୱାସ ଏଣିକି ଅସିରେ ହେଉ ଅଥବା ମସୀରେ ହେଉ ଅତ୍ୟାଚାର ଓ ନିର୍ଯ୍ୟାତନାର ଅବକାଶ ରହିବ ନାହିଁ । ସମ ଲକ୍ଷ୍ୟ ପଥର ଯାତ୍ରୀମାନଙ୍କ ମଧ୍ୟରେ ବିଦ୍ୱେଷ ଓ ଅନୁଦାର ଭାବର ନିଶ୍ଚିତ ଅବସାନ ଘଟିବ । ସହନଶୀଳତାର ଉଦାର ବାଣୀ ପ୍ରସ୍ତୁତ କରି ସ୍ୱାମୀଜୀ ଆସନ ଗ୍ରହଣ କଲେ । ଚାରିଆଡୁ ବିପୁଳ ହର୍ଷଧ୍ୱନି ବର୍ଷିତ ହେବାକୁ ଲାଗିଲା ।

ପୁଣି ଥରେ ୧୫ ତାରିଖ ଦିନ ଭାଷଣ ଦେବାକୁ ସ୍ୱାମୀଜୀଙ୍କ ପାଳି ପଡ଼ିଲା । ସ୍ୱାମୀଜୀ ଆରମ୍ଭ କଲେ, "ଆପଣମାନଙ୍କୁ ମୁଁ ଆଜି ଗୋଟିଏ ଗପ କହିବି" । "ଥରେ ଗୋଟିଏ କୂଅରେ ଗୋଟିଏ ବେଙ୍ଗ ରହୁଥିଲା । ସେହିଠାରେ ଜନ୍ମ ହୋଇ, ସେହିଠାରେ ପୋକ ଜୋକ ଖାଇ, ସେହି କ୍ଷୁଦ୍ର ପରିବେଷ୍ଟନୀରେ ସେ ବଢ଼ୁଥାଏ । ଦିନେ ଗୋଟିଏ ସମୁଦ୍ର ବେଙ୍ଗ ସେ କୂଅ ଭିତରେ ପଡ଼ିଗଲା । କୂଅ ବେଙ୍ଗ ସମୁଦ୍ର ବେଙ୍ଗକୁ ପଚାରୁଛି, କେଉଁଠୁ ଆସିଲୁ ? ଉତ୍ତର ମିଳିଲା "ସମୁଦ୍ରରୁ" । କୂଅ ବେଙ୍ଗ ଉତ୍ସୁକ ହୋଇ ପଚାରିଲା, "ସମୁଦ୍ର କେତେ ବଡ଼" ? ତାହା କଅଣ ମୋ କୂଅଠାରୁ ବଡ଼ । ସେ ଏକା ଡିଆଁକେ କୂଅର ଏକ ପାଖରୁ ଆର ପାଖରେ ଯାଇ ପଡ଼ିଲା । ସମୁଦ୍ର ବେଙ୍ଗ କହିଲା, "ବନ୍ଧୁ ! ସମୁଦ୍ର ସଙ୍ଗରେ କୂଅର କି ତୁଳନା ହୋଇପାରେ" ? କୂଅ ବେଙ୍ଗ ଆଉରି ଡିଆଁଟିଏ ମାରି ପଚାରିଲା, "ତୋର ସମୁଦ୍ର କଅଣ ଏହାଠାରୁ ବଡ଼" ? ସମୁଦ୍ର ବେଙ୍ଗ କହିଲା, "ତୋର ମୂର୍ଖତା ! କାହିଁ ସମୁଦ୍ର ! କାହିଁ ତୋ କୂଅ" !! ଏହା ଶୁଣି କୂଅ ବେଙ୍ଗ କହିଲା, "ମୋ କୂଅଠାରୁ ଆଉ କଅଣ ବଡ଼ ଥାଇ ପାରେ ? ଏହାଠାରୁ ବଡ଼ଥିବା ସମ୍ଭବ ନୁହେଁ । ଏ ମିଥ୍ୟାବାଦୀକୁ ଏଠାରୁ ବାହାର କର" ।

ମୁଁ ଜଣେ ହିନ୍ଦୁ । ମୁଁ ମୋ ଛୋଟ କୂଅ ମଧ୍ୟରେ ବସି ତାହାକୁ ବିଶ୍ୱ ବ୍ରହ୍ମାଣ୍ଡ ବୋଲି ଭାବୁଛି । ଖ୍ରୀଷ୍ଟିୟାନ ତାଂ କୂଅରେ ବସି ତାଂ ବିଶ୍ୱବ୍ରହ୍ମାଣ୍ଡ ଦେଖୁଛି । ମୁସଲମାନ ତାଂ କୂଅରେ ତାଂ ବିଶ୍ୱ ବ୍ରହ୍ମାଣ୍ଡ ଦେଖୁଛି । ଆଜି ଆମେରିକା ଆମମାନଙ୍କର ଏହି ସବୁ ସଂକୀର୍ଣ୍ଣ ଭିତରର ସୀମାକୁ ନାଶ କରିବା ପାଇଁ ଯେଉଁ ମହାନ୍ ଉଦ୍ୟମ କରିଅଛି ସେଥି ପାଇଁ ମୁଁ ଧନ୍ୟବାଦ ଅର୍ପଣ କରୁଛି । ଆଶା କରୁଛି, ତୁମର ଏହି ସତ୍ ଉଦ୍ଦେଶ୍ୟ ପୂରଣ ଲାଗି ଭଗବାନ ନିଶ୍ଚୟ ସହାୟକ ହେବେ ।

ସ୍ୱାମୀଜୀଙ୍କର ଏହି କ୍ଷୁଦ୍ର ଭାଷଣ ଶ୍ରୋତାମାନଙ୍କ ମନରେ ରେଖାପାତ କରୁଥାଏ । ସ୍ୱାମୀଜୀଙ୍କୁ ଦେଖିବା ପାଇଁ ତାଙ୍କ ଭାଷଣ ଶୁଣିବା ପାଇଁ ଆଗ୍ରହ ଓ ଉତ୍ସାହ ଦିନକୁ ଦିନ ବଢ଼ୁଥାଏ । ୧୯ ତାରିଖ ଦିନ ସ୍ୱାମୀଜୀ ହିନ୍ଦୁ ଧର୍ମର ମର୍ମ ଉଦ୍ଘାଟନ କରି ପ୍ରବନ୍ଧ ପାଠ କରୁଛନ୍ତି ଶୁଣି, ଅନେକ ଶ୍ରୋତା ମହାସଭା ଅଧିବେଶନରେ ଯୋଗ ଦେଇଥାନ୍ତି । ସେ ଦିନ ବହୁଜନ ସମାଗମ ହୋଇଥିଲେ ବି ପୂର୍ଣ୍ଣ ନୀରବତା ରାଜୁଥାଏ । ସମସ୍ତେ ସ୍ୱାମୀଜୀଙ୍କ ପ୍ରବନ୍ଧ ଶୁଣିବା ଲାଗି ଅନାଇ ବସିଥାନ୍ତି ।

ନିର୍ଦ୍ଦିଷ୍ଟ ସମୟରେ ସ୍ୱାମୀଜୀ ପ୍ରବନ୍ଧ ପଢ଼ିବାକୁ ଲାଗିଲେ— ପ୍ରାକ୍ ଐତିହାସିକ କାଳରୁ ବୈଦିକ ହିନ୍ଦୁ ଧର୍ମ ନିକଟରୁ ଆଜ ପରିକ୍ଷା କରିଛି । [illegible] ଆଘାତ ଓ [illegible] ଘାତ ପ୍ରତିଘାତରେ ସମ୍ମୁଖୀନ ହୋଇ ମଧ୍ୟ [illegible] ହୋଇ ନାହିଁ । ବରଂ ସମସ୍ତ ଘାତ ପ୍ରତିଘାତକୁ [illegible] ଶକ୍ତି ଲାଭ କରିଛି ।

ବେଦାନ୍ତ ଦର୍ଶନର ଆଧ୍ୟାତ୍ମିକ ଭୂୟୋଦର୍ଶନଠାରୁ ଆରମ୍ଭ କରି ପ୍ରତିମାପୂଜା ଭଳି ଅନୁନ୍ନତ ଆଦିମ ବିଶ୍ୱାସ ପର୍ଯ୍ୟନ୍ତ ସକଳ ପ୍ରକାର ଦୃଷ୍ଟି ହିନ୍ଦୁ ଧର୍ମର ଅଙ୍ଗ ପୁଷ୍ଟି କରୁଅଛି । ବୌଦ୍ଧମାନଙ୍କର ସନ୍ଦେହବାଦ (agnosticism) ଓ ଜୈନମାନଙ୍କର ନିରୀଶ୍ୱରବାଦ ମଧ୍ୟ ହିନ୍ଦୁ ଧର୍ମରେ ଯଥାଯୋଗ୍ୟ ସ୍ଥାନ ଲାଭ କରିଛି । କେଉଁ କେନ୍ଦ୍ର ବିନ୍ଦୁରେ ଏ ସମସ୍ତ ପରସ୍ପର ବିରୋଧୀ ଚିନ୍ତାଧାରା ମିଳିତ ହୋଇ ପରସ୍ପରର ପରିପୂରକତା କରୁଛନ୍ତି, ତାହାର ଉତ୍ତର ଦେବାକୁ ମୁଁ ଚେଷ୍ଟା କରିବି ।

ହିନ୍ଦୁମାନେ ବେଦ ବଚନରୁ ତାଙ୍କ ଧର୍ମ ମାର୍ଗ ସ୍ଥିର କରିଅଛନ୍ତି । ହିନ୍ଦୁମାନଙ୍କ ଦୃଷ୍ଟିରେ ବେଦର ଆଦି କାହିଁକି ଅନ୍ତ ନାହିଁ । ବେଦ ଅନାଦି ଓ ଅନନ୍ତ । ହୁଏତ ଏ କଥା ଆଜି ଏ ଶ୍ରୋତୃମଣ୍ଡଳୀଙ୍କୁ କିମ୍ଭୁତକିମାକାର ବୋଧ ହେବ । ବେଦ ପରି ଗ୍ରନ୍ଥ ଅନାଦି ଅନନ୍ତ ହେଲା କିପରି ? କିନ୍ତୁ ବେଦ ବୋଲି କହିଲେ କୌଣସି ଏକ ଗ୍ରନ୍ଥ ବିଶେଷକୁ ଲକ୍ଷ୍ୟ କରାଯାଏ ନାହିଁ । ଯୁଗ ଯୁଗ ଧରି ବିଭିନ୍ନ ବ୍ୟକ୍ତିମାନଙ୍କ ଦ୍ୱାରା ଆବିଷ୍କୃତ ଚିରନ୍ତନ ସତ୍ୟର ସଞ୍ଚିତ ଭଣ୍ଡାର ହେଉଛି ବେଦ । ଯାହା ଚିରନ୍ତନ ସତ୍ୟ, ତାହା ଆମମାନଙ୍କ ଜାଣିବା ପୂର୍ବରୁ ଓ ଭୁଲିଯିବା ପରେ ମଧ୍ୟ ଅବିକୃତ ଅବସ୍ଥାରେ ରହିଥିଲା ଓ ରହିବ । ଏହି ଚିରନ୍ତନ ସତ୍ୟରାଶିର ଦ୍ରଷ୍ଟା ହେଉଛନ୍ତି ଋଷିମାନେ । ଆମେମାନେ ତାଙ୍କୁ ସିଦ୍ଧ ପୁରୁଷ ବୋଲି ମାନ୍ୟ କରୁ । ଏହି ମନ୍ତ୍ର ଦ୍ରଷ୍ଟାମାନଙ୍କ ମଧ୍ୟରୁ ଅନେକ ମହୀୟସୀ ରମଣୀଙ୍କ ନାମୋଲ୍ଲେଖ ମିଳେ ।

ବେଦ କହୁଛି, ଏ ସୃଷ୍ଟି ଅନାଦି ଓ ଅନନ୍ତ । ବୈଜ୍ଞାନିକମାନେ ସ୍ୱୀକାର କରୁଛନ୍ତି, ଯେ ଜଗତରେ ମୂଳ ଶକ୍ତିର କ୍ଷୟ ବୃଦ୍ଧି ଘଟେ ନାହିଁ । ଯଦି ସୃଷ୍ଟି ଆରମ୍ଭରେ କିଛି ନଥିଲା, ତେବେ ଏ ଶକ୍ତି-ସମାର ଥିଲା କେଉଁଠି ? କେହି କେହି କହନ୍ତି, ଈଶ୍ୱରଙ୍କଠାରେ ଅବିବର୍ତ୍ତିତ ଭାବରେ ଏ ଶକ୍ତି ସମାର ଥିଲା । ତା ହେଲେ ଈଶ୍ୱରଙ୍କ ସତ୍ତାରେ ଅବିବର୍ତ୍ତିତ ଓ ବିବର୍ତ୍ତିତ ଦୁଇ ପର୍ଯ୍ୟାୟର ଅବସ୍ଥା ଭେଦ ସ୍ୱୀକାର କରିବାକୁ ହେବ । ଈଶ୍ୱର ବିବର୍ତ୍ତନ ପ୍ରବାହର ଅଧୀନ ହୋଇ ଜନ୍ମ-ମରଣ ଚକ୍ରର ଅଧୀନ ହୋଇ ପଡ଼ିବେ । ଯାହାର ବିବର୍ତ୍ତନ ଅଛି, ତାହାର ଉଦୟ ଅସ୍ତ ଅଛି । ତାହାର ମୃତ୍ୟୁ ଅନିର୍ବାର୍ଯ୍ୟ । ଈଶ୍ୱରଙ୍କର ମୃତ୍ୟୁ ଅଛି ବୋଲି କହିବା ହାସ୍ୟାସ୍ପଦ କଥା । ତେଣୁ ବିଶ୍ୱ-ସୃଷ୍ଟିର ଆରମ୍ଭ ବୋଲି କିଛି ନାହିଁ । ତାହା ଅନାଦି । ଦୁଇଟି ସମାନ୍ତରାଳ ସରଳ ରେଖା ପରି ସ୍ରଷ୍ଟା ଓ ସୃଷ୍ଟି ଉଭୟ ଅନାଦି ଓ ଅନନ୍ତ ହୋଇ ରହିଛନ୍ତି । ସ୍ରଷ୍ଟାଙ୍କ ପ୍ରଭାବରେ ଯୁଗରୁ ଯୁଗ, କଳ୍ପରୁ କଳ୍ପ ସୃଷ୍ଟି ପ୍ରକ୍ରିୟାରେ ବିବର୍ତ୍ତନ ଚକ୍ର ଘୂରୁଅଛି । ପୂର୍ବ କଳ୍ପର ଚନ୍ଦ୍ର ଓ ସୂର୍ଯ୍ୟଙ୍କ ପରି ପରକଳ୍ପରେ ଚନ୍ଦ୍ର-ସୂର୍ଯ୍ୟଙ୍କର ଉଦୟ ଅସ୍ତ ହେଉଅଛି ।

ବେଦ ଘୋଷଣା କରେ ଯେ ଆତ୍ମା ଶରୀର ନୁହେଁ । ଆତ୍ମାକୁ କେହି ସୃଷ୍ଟି କରି ନାହାନ୍ତି । ଆତ୍ମାକୁ ଯଦି ଭଗବାନ୍ ସୃଷ୍ଟି କରିଥାନ୍ତେ, ତେବେ ଆତ୍ମାର ସୁଖ ଦୁଃଖ, ପାପ ପୁଣ୍ୟରେ ସେ ଭାଗୀ ନହେବେ କିପରି ? ସର୍ବଶକ୍ତିମାନ, କରୁଣାମୟ ଭଗବାନଙ୍କ କରଣିରେ ଅପୂର୍ଣ୍ଣତା, ପାପ ଓ କ୍ଲେଶର ସ୍ପର୍ଶ ରହନ୍ତା କିପରି ? ଆତ୍ମା ଅଜର ଓ ଅମର ।

ହିନ୍ଦୁ ବିଶ୍ୱାସ କରେ ଯେ ମାନବର ଆତ୍ମାର ପ୍ରଳୟ ନାହିଁ । ଆତ୍ମାକୁ ଅସ୍ତ୍ର ଭେଦ କରି ପାରିବ ନାହିଁ— ଅଗ୍ନି ଦଗ୍ଧ କରି ପାରିବ ନାହିଁ— ଜଳ ପ୍ଲାବନରେ ଆତ୍ମା ବିଲୟ ହେବ ନାହିଁ — ବାୟୁ ତାକୁ ଶୁଷ୍କ କରି ପାରିବ ନାହିଁ । ହିନ୍ଦୁର ଏହା ଦୃଢ଼ ବିଶ୍ୱାସ ଯେ ଆତ୍ମଚକ୍ରର କେନ୍ଦ୍ର ମାନବର ଶରୀର ହେଲେ ହେଁ ତାହାର ପରିଧି ପରିସର ଅନନ୍ତ ଓ ଅପରିସୀମ । ଆତ୍ମା ସ୍ୱଭାବତଃ ମୁକ୍ତ, ଶୁଦ୍ଧ, ନିର୍ବିକାର ଓ ପୂର୍ଣ୍ଣ । ତାହା ନିର୍ଲିପ୍ତ, ନିରଞ୍ଜନ । କିନ୍ତୁ କେଜାଣି କିପରି ନିଜକୁ ସେ ଜଡ଼ ସହିତ ସମ୍ପୃକ୍ତ ବୋଲି ମନେ କରିଛି । ନିଜକୁ ଜଡ଼ ବୋଲି ଗ୍ରହଣ କରିଛି । ତେବେ ଜଡ଼ତାର ସ୍ପର୍ଶ କାହିଁକି ଓ କିପରି ଯେ ନିତ୍ୟମୁକ୍ତ, ନିତ୍ୟ ଶୁଦ୍ଧ, ନିତ୍ୟପୂର୍ଣ୍ଣ ଆତ୍ମା ନିଜକୁ ଜଡ଼ତା ପାଶରେ ଆବଦ୍ଧ କରି ଆତ୍ମ-ବିସ୍ମୃତ ହୋଇଛି ? ଏହା ଏକ କଠିନ ପ୍ରଶ୍ନ । ପୂର୍ଣ୍ଣତାରେ ଅପୂର୍ଣ୍ଣତାର ଛାୟା ଆସିଲା କେଉଁଠୁ ? ଜ୍ଞାନାଲୋକ ଚନ୍ଦ୍ରରେ ଅଜ୍ଞାନ ଅନ୍ଧକାରର ଅନୁପ୍ରବେଶ ହେଲା କିପରି ? ଯେତେ ଉଦ୍ୟମ

କଲେ ମଧ୍ୟ ଏ ପ୍ରଶ୍ନର ଉତ୍ତର ପାଇବା ସମ୍ଭବ ନୁହେଁ । ହିନ୍ଦୁ ନିଜର ଦୁର୍ବଳତାକୁ ପ୍ରଶ୍ରୟ ନ ଦେଇ ଦମ୍ଭର ସହିତ ଉତ୍ତର ଦିଏ "ମୁଁ ଜାଣି ନାହିଁ ।" ଈଶ୍ୱରଙ୍କ ଇଚ୍ଛାରୁ ଏପରି ହୋଇଛି କହିବା ଯାହା, "ମୁଁ ଜାଣି ନାହିଁ ବୋଲି କହିବା ତାହା । ଏହା ନିରାଟସତ୍ୟ ଯେ ଆତ୍ମା ନିଜକୁ ଶରୀର ବୋଲି ଗ୍ରହଣ କରିଛି । ଆମେମାନେ ପ୍ରତ୍ୟେକ ନିଜକୁ ନିଜ ଶରୀରଠାରୁ ଅଭିନ୍ନ ବୋଲି ଭାବୁଛୁ । ଆତ୍ମା ଓ ଜଡର ଅଭିନ୍ନତ୍ୱ ଅସମ୍ଭବ ହେଲେ ହେଁ ଆମ ନିଜଠାରେ କିପରି ନା କିପରି ସମ୍ଭବ ହୋଇଛି । ଏହାକୁ ମନା କରି ହେବ କି ?

ଆତ୍ମା ଅବିନାଶୀ ଓ ଅନନ୍ତ । ମୃତ୍ୟୁରେ ତାହାର ଘଟନ୍ତର ହୁଏ ସିନା ନାଶ ହୁଏ ନାହିଁ । ଏକ ଶରୀରରୁ ଅନ୍ୟ ଶରୀରକୁ ଆତ୍ମା ଯାଏ ସିନା, କିନ୍ତୁ ଆତ୍ମାରେ କିଛି ପରିବର୍ତ୍ତନ ଘଟେ ନାହିଁ । ଅତୀତ ଦ୍ୱାରା ବର୍ତ୍ତମାନର ଏବଂ ବର୍ତ୍ତମାନ ଦ୍ୱାରା ଭବିଷ୍ୟତର ରୂପ ନିର୍ଦ୍ଧାରିତ ହୁଏ । ଜନ୍ମରୁ ଜନ୍ମାନ୍ତର, ଦେହରୁ ଦେହାନ୍ତର ଗତି କରି ଆତ୍ମାରେ ସଂସ୍କାରର ବିବର୍ତ୍ତନ ଘଟେ । ତେବେ କଅଣ ଏହି ଦୁର୍ନିବାର କାର୍ଯ୍ୟ-କାରଣ ଚକ୍ରର ଘୂର୍ଣ୍ଣନରୁ ଅସହାୟ ଜୀବର ନିସ୍ତାର ନାହିଁ ? ବାତ୍ୟା-ବିକ୍ଷୋଭିତ ଫେନରୁଦ୍ଧ ତରଙ୍ଗ ଦୋଳାରେ ଇତସ୍ତତ ବିକ୍ଷିପ୍ତ ନୌକା ଖଣ୍ଡ ପରି ଏହି କରାଳ କାର୍ଯ୍ୟ-କାରଣ ଚକ୍ରର ଆବର୍ତ୍ତନରେ କଅଣ ଜୀବ ଭାସି ବୁଡ଼ି ବୁଲିଥିବ । ଏଥିରୁ ଉଦ୍ଧାରର, ପରିତ୍ରାଣର, ଆତ୍ମରକ୍ଷାର ଉପାୟ ନାହିଁ ? ଆକୁଳ ଆତ୍ମାର ଅନ୍ତରତମ ପ୍ରଦେଶରୁ ଏହି ଆବେଦନ ଉତ୍‌ଥିତ ହୋଇ ପରମ କାରୁଣିକ ପରମାତ୍ମାଙ୍କ ରତ୍ନ ସିଂହାସନ ତଳେ ଅଜାଡ଼ି ହୋଇ ପଡ଼ିଲା । ବୈଦିକ ଋଷିର ଭାବ-ତନ୍ମୟ କଣ୍ଠରେ ଉଦାତ୍ତ ସ୍ୱରରେ ଝରିଲା ଆଶାର ବାଣୀ, ଆଲୋକର ବାଣୀ, ବରାଭୟର ବାଣୀ— "ଶୁଣ ! ଅମୃତ ସନ୍ତାନମାନେ ଶୁଣ ! ଦେବ ଲୋକର ଅଧିବାସୀମାନେ ମଧ୍ୟ ଶୁଣ ! ମୁଁ ମହାନ୍ ଆଦି ପୁରୁଷଙ୍କ ସନ୍ଧାନ ପାଇଛି । ସକଳ ଅନ୍ଧକାର, ସକଳ ଅଜ୍ଞାନର ଅତୀତ ସେ । ତାଙ୍କୁ ହିଁ ଜାଣିଲେ ମୃତ୍ୟୁକୁ ଭୟ ନାହିଁ ।" ଅମୃତ-ଆନନ୍ଦର ସନ୍ତାନ" । କି ଚମତ୍କାର, କି ମଧୁର, କି ଆଶା-ଉଦ୍ଦୀପନା ବ୍ୟଞ୍ଜକ ଏ ସମ୍ବୋଧନ ! ଆପଣମାନଙ୍କୁ "ଅମୃତ ପୁତ୍ରଗଣ" ବୋଲି ସମ୍ବୋଧନ କରିବାକୁ ମୋତେ ଅନୁମତି ଦିଅନ୍ତୁ । ହିନ୍ଦୁ ଆପଣମାନଙ୍କୁ ପାପୀ, ପତିତ ବୋଲି ଡାକିବା ପାଇଁ ପ୍ରସ୍ତୁତ ନୁହେଁ । ମଣିଷକୁ ସେପରି କହିବା ଅପରାଧ । ଉଠ, ଜାଗ୍ରତ ହୁଅ । ତୁମେ ଜଡ ନୁହଁ; ତୁମେ ଶରୀର ନୁହଁ, ଜଡ ତୁମର ଦାସ । ତୁମେ ଜଡର ଦାସ ହୋଇ ନପାର ।

ବେଦ ଘୋଷଣା କରେ ଯେ, ଏ କାର୍ଯ୍ୟ କାରଣ ବନ୍ଧନର ପୃଷ୍ଠ ଭୂମିକାରେ ପରମ ପୁରୁଷ ଦଣ୍ଡାୟମାନ । "ତାଙ୍କରି ଆଦେଶରେ ପବନ ବହୁଛି, ନିଆଁ ଜଳୁଛି, ମେଘ ବର୍ଷୁଛି, ମୃତ୍ୟୁ ପୃଥିବୀ ପୃଷ୍ଠରେ ପ୍ରଭାବ ବିସ୍ତାର କରୁଛି ।"

ତାଙ୍କର ସ୍ୱରୂପ କଅଣ ? ସେ ସର୍ବଜ୍ଞ, ସର୍ବଶକ୍ତିମାନ, ସେ କରୁଣାର ଆଧାର । ତାଙ୍କୁ ଲକ୍ଷ୍ୟ କରି ଋଷି ଗଣ ଗାଇ ଉଠିଛି— "ତୁମେ ଆମ ପିତା, ମାତା, ପ୍ରିୟଜନ ବନ୍ଧୁ । ହେ ସକଳ ଶକ୍ତିର ଆଧାର, ଶକ୍ତି ପ୍ରଦାନ କର । ହେ ବିଶ୍ୱ ମୂଳାଧାର ! ଜୀବନର ଏ ଲଘୁଭାର ବହନ କରିବାକୁ ମୋତେ ସହାୟ ହୁଅ ।" "ଏ ଜୀବନ ଓ ପରଜୀବନର ଯାବତୀୟ ବସ୍ତୁଠାରୁ ପ୍ରିୟତର ବୋଲି ସେ ପ୍ରିୟତମଙ୍କୁ ମହାପ୍ରେମରେ ପୂଜା କରିବାକୁ ହେବ ।" ବେଦର ଏହି ମହାପ୍ରେମର ବାଣୀ ଭଗବାନ ଶ୍ରୀକୃଷ୍ଣଙ୍କ କଣ୍ଠରେ ମଧ୍ୟ ନିନାଦିତ ହୋଇଅଛି । ଶ୍ରୀକୃଷ୍ଣ କହିଛନ୍ତି ଯେ ପଦ୍ମପତ୍ରର ଜଳବିନ୍ଦୁ ପରି ମନୁଷ୍ୟ ଏ ସଂସାରରେ ଦିନ ଯାପନ କରିବା ବିଧେୟ । ଜଳରେ ବୁଡ଼ି ମଧ୍ୟ ପଦ୍ମପତ୍ରରେ ଜଳ ଲାଗେ ନାହିଁ । ହୃଦୟକୁ ଭଗବାନଙ୍କ ପାଦତଳେ ସମର୍ପଣ କରି ଦିଅ ଓ ହାତକୁ କର୍ମ ପ୍ରବାହରେ ଅର୍ପିତ କରିବାକୁ ହେବ । ଇହକାଳ ଓ ପରକାଳର ସୁଖ ପାଇଁ ଭକ୍ତିକୁ ସ୍ତୁତି କରିବା [illegible] । କିନ୍ତୁ ପ୍ରଭୁଙ୍କୁ ଭଲ ପାଇବା ଲାଗି ଭଲ ପାଇବା [illegible] । [illegible] ପ୍ରାର୍ଥନା କରୁଛି— "ହେ ଭଗବାନ ! ମୁଁ ଧନ, ଜନ, ବିଦ୍ୟା, କିଛି କାମନା କରୁ ନାହିଁ । ତୁମେ ଯଦି ସୃଷ୍ଟି, ତା ହେଲେ ମୁଁ ଜନ୍ମ ଜନ୍ମାନ୍ତରେ ତୁମର ଉପରେ ପଥରେ ଲୁଟିବାକୁ ପ୍ରସ୍ତୁତ ଅଛି । କିନ୍ତୁ ମୋତେ ଏହି ବର ଦିଅ ଯେ ଲାଭର ଆଶା ନରଖି ମୁଁ ନିସ୍ୱାର୍ଥପର ଭାବରେ ଆପଣଙ୍କୁ ଭଲ ପାଇ ପାରିବି" । ଶ୍ରୀକୃଷ୍ଣଙ୍କ ବନ୍ଧୁ ମହାରାଜ ଯୁଧିଷ୍ଠିର ବନବାସ ଭୋଗୁଥିବାବେଳେ ଥରେ କହିଥିଲେ, "ହିମାଳୟର ସୌନ୍ଦର୍ଯ୍ୟ ସମାରୋହ ଦେଖି ମନ ଯେପରି ବଳେ ବଳେ, ବିନା ଲାଭ ଆଶାରେ, ରସାପ୍ଲୁତ ହୋଇ ଯାଉଅଛି, ଭଗବାନଙ୍କ ଅପରିସୀମ ଗୌରବ କଥା ସ୍ମରଣ କରି ମନ ସେହିପରି ବଳେବଳେ, ବିନା ଲାଭ ଆଶାରେ ମହାଭାବ ତନ୍ମୟତାରେ ବୁଡ଼ି ଯାଉଛି । ଭଗବାନ ଯେପରି ଚାହାନ୍ତି ମୋତେ ସେ ପରି ରଖନ୍ତୁ ପଛକେ ମୁଁ ତାଙ୍କୁ ନିଶ୍ଚୟ ଭଲ ପାଇବି । ପ୍ରେମ ନେଣ ଦେଣ ହାଟ ପରସାର କଥା ନୁହେଁ ।"

ବେଦ କହେ, ଆତ୍ମା ସ୍ୱରୂପତଃ ଚିନ୍ମୟ । ଜଡତାବନ୍ଧନ ଭାଙ୍ଗି ଆତ୍ମାର ଚିନ୍ମୟ ରୂପ ଅନୁଭବ କଲେ ମୁକ୍ତି ମିଳିବ— ଜରା, ମରଣ କ୍ଳେଶରୁ ମୁକ୍ତି ମିଳିବ-ଅପୂର୍ଣ୍ଣତା, ଅଜ୍ଞାନରୁ ମୁକ୍ତି ମିଳିବ ।

ହିନ୍ଦୁ ଲାଗି ଏ ମୁକ୍ତି, କଥାର କଥା ନୁହେଁ — କେବଳ ବିଶ୍ୱାସର ନିଷ୍ଫଳ ତଥ୍ୟ ନୁହେଁ । ଯଦି ଏହି ଇନ୍ଦ୍ରିୟ ଗ୍ରାହ୍ୟ ଜଗତର ପୃଷ୍ଠ ଭୂମିକା ରୂପେ ଭଗବାନଙ୍କ ଦିବ୍ୟୈଶ୍ୱର୍ଯ୍ୟ ପୂର୍ଣ୍ଣ ପରମ ବିଭୂତି ବିଦ୍ୟମାନ ତେବେ ହିନ୍ଦୁ ଋଷିମାନେ ତାହାକୁ ସାକ୍ଷ୍ୟ ଲକ୍ଷ୍ୟ ପ୍ରତ୍ୟକ୍ଷ କରି ଅନୁଭବ ନ କଲା ପର୍ଯ୍ୟନ୍ତ ଗ୍ରହଣ କରନ୍ତି ନାହିଁ । ଭଗବାନଙ୍କ ଅସ୍ତିତ୍ୱ ସମ୍ବନ୍ଧରେ ଗୋଟିଏ ମାତ୍ର ପ୍ରମାଣ ସେମାନେ ସ୍ୱୀକାର କରନ୍ତି । "ମୁଁ ଆତ୍ମାକୁ ଦେଖିଛି । ମୁଁ ଈଶ୍ୱରଙ୍କୁ ଦେଖିଛି ।" ଏହାହିଁ ପ୍ରମାଣ । ଏହାହିଁ ପୂର୍ଣ୍ଣତମ ସିଦ୍ଧି । ଆତ୍ମା ସାକ୍ଷାତକାର ହିଁ ଏକମାତ୍ର ପ୍ରମାଣ ।

କଠୋର ସାଧନା ବଳରେ ହିନ୍ଦୁ ଏହି ପୂର୍ଣ୍ଣତା ଅର୍ଜନ କରିବାକୁ ତପସ୍ୟା ନିରତ ହୁଏ । ଈଶ୍ୱରଙ୍କୁ ଲାଭ କରି, ସାକ୍ଷାତ କରି, ତାଙ୍କରି ବିପୁଳ ବିଭୂତିରେ ପରିଲକ୍ଷିତ ହୁଏ । ଏହାହିଁ ହିନ୍ଦୁ ଧର୍ମର ସାରକଥା ।

ପରମ ସତ୍ୟ ଏକ ଏବଂ ଅଦ୍ୱିତୀୟ । ତାହା ନିର୍ଗୁଣ ଓ ନିର୍ବିଶେଷ । ଜୀବ ମୁକ୍ତିଲାଭ କଲେ ଏହି ପରମ ସତ୍ତା ସହିତ ନିଜକୁ ଏକ ଓ ଅଭିନ୍ନ ବୋଲି ବୋଧକରେ । ଏହା ଦ୍ୱାରା ଜୀବର ବ୍ୟକ୍ତିତ୍ୱ ବିସର୍ଜନ ହେଉଛି ଭାବି କେହି କେହି ଆତଙ୍କିତ ହୁଅନ୍ତି, କିନ୍ତୁ ପ୍ରକୃତ ପକ୍ଷରେ ଦେଖିବାକୁ ଗଲେ, ସଂକୀର୍ଣ୍ଣ, ସୀମାବଦ୍ଧ ବ୍ୟକ୍ତିତ୍ୱରେ ଆନନ୍ଦର ଆଭାସ ନଥାଏ । ଅସୀମ ଓ ଅନନ୍ତ ସହିତ ମିଳିତ ନ ହେଲେ ଆନନ୍ଦ କାହିଁ ? ପରିପୂର୍ଣ୍ଣତା କାହିଁ ? ଏହି ପରିପୂର୍ଣ୍ଣ ବ୍ୟକ୍ତିତ୍ୱ ଲାଭ ଲାଗି ଜୀବର ଖଣ୍ଡିତ, ବିକଳ ବ୍ୟକ୍ତିତ୍ୱକୁ ପରିତ୍ୟାଗ କରିବାକୁ ହୁଏ । ଜୀବନ ସହିତ ଅଭିନ୍ନ ନ ହେଲେ ମୃତ୍ୟୁରୁ ନିସ୍ତାର ନାହିଁ । ଆନନ୍ଦ ସହିତ ଅଭିନ୍ନ ନହେଲେ ସନ୍ତାପରୁ ମୁକ୍ତି କାହିଁ ? ଜ୍ଞାନ ସହିତ ଅଭିନ୍ନ ନ ହେଲେ ଭ୍ରମ ହାତରୁ ଉଦ୍ଧାର ହେବ କିପରି ? ବୈଜ୍ଞାନିକମାନଙ୍କ ବିଶ୍ୱାସରେ ଏ ଶରୀର ଏକ ସ୍ୱତନ୍ତ୍ର ସତ୍ତା ନୁହେଁ । ତାହା ବିଶ୍ୱ ବ୍ରହ୍ମାଣ୍ଡର ଜଡ ସତ୍ତା ସହିତ ଅବିଚ୍ଛିନ୍ନ ଭାବରେ ସଂପୃକ୍ତ । ଅଦ୍ୱୈତବାଦ ଅନୁସାରେ ଜୀବର ସସୀମ ଆତ୍ମା, ବିଶ୍ୱ-ଆତ୍ମାଠାରୁ ସ୍ୱତନ୍ତ୍ର ବା ବିଚ୍ଛିନ୍ନ ନୁହେଁ । ସକଳ ବିଜ୍ଞାନ ଓ ଧର୍ମ ଅନେକ ମଧ୍ୟରେ ଏକର ସନ୍ଧାନ ଦେଉଛନ୍ତି । ଏ ଜଗତ କାହାରି ସୃଷ୍ଟି ନୁହେଁ ଏହା ଏକ ପରମ ସତ୍ତାର ବିକାଶ ଓ ବିବର୍ତ୍ତନ । ହିନ୍ଦୁ ଏହି ବିଶ୍ୱାସରେ ବିଶ୍ୱାସୀ । ଅଧୁନାତନ ବିଜ୍ଞାନ ଏ ବିଶ୍ୱାସକୁ ଅନୁମୋଦନ କରୁଛି ।

ଭାରତରେ କେହି ବହୁ ଦେବତା ବାଦରେ ବିଶ୍ୱାସୀ ନୁହନ୍ତି । ଯେଉଁ ଦେବାଳୟରେ ଠିଆ ହୋଇ ଶୁଣିବ, ସେଠାରେ ପ୍ରତିମାଠାରେ ପରମେଶ୍ୱରଙ୍କ ସକଳଗୁଣରେ ଆରୋପ କରାଯାଇ ଅଛି । ତାଙ୍କୁ ସର୍ବଜ୍ଞତ ଅଧିଷ୍ଠାତ୍ରୀ ବୋଲି ସ୍ତବ କରାଯାଉଛି । ମୋ ପିଲାଦିନେ ଜଣେ ଖ୍ରୀଷ୍ଟିୟାନ ପାଦ୍ରୀ ଭାରତୀୟ ଜନତାଙ୍କ ଧର୍ମ ପ୍ରଚାର କରୁ କରୁ କହିଲେ, "ଯଦି ମୁଁ ତୁମ ଦେବ ପ୍ରତିମାକୁ ଏ ବାଡ଼ିରେ ପିଟେ ତେବେ ସେ ମୋର କଅଣ କରିବେ ?" ତାଙ୍କ ଶ୍ରୋତା ମଧ୍ୟରୁ ଜଣେ ପ୍ରଶ୍ନ କଲା, "ଆଜ୍ଞା, ମୁଁ ଯଦି ତୁମ ପରମେଶ୍ୱରଙ୍କୁ ଗାଳିଦିଏ ତେବେ ସେ ମୋର କଅଣ କରିବେ ?" "ତୁମେ ମୃତ୍ୟୁ ପରେ ଦଣ୍ଡିତ ହେବ"— ପ୍ରତ୍ୟୁତ୍ତର ଉତ୍ତର

ଦେଲେ । ହିନ୍ଦୁଠାରୁ ତୁରନ୍ତ ଉତ୍ତର ମିଳିବ, "ମୋ ଦେବ– ପ୍ରତିମା ତୁମକୁ ତୁମ ମୃତ୍ୟୁ ପରେ ଦଣ୍ଡିତ କରିବେ ।"

ବୃକ୍ଷର ଫଳରୁ ବୃକ୍ଷ ଜଣାପଡେ । ପ୍ରତିମା ପୂଜକମାନଙ୍କ ମଧ୍ୟରେ ମୁଁ ଉଚ୍ଚ ଆଧ୍ୟାତ୍ମିକ, ନୈତିକ ସ୍ତରର ଯେଉଁ ବ୍ୟକ୍ତିମାନଙ୍କୁ ଦେଖୁଛି, ସେମାନଙ୍କ ତୁଳନା ଅନ୍ୟତ୍ର ଦୁର୍ଲଭ । ମୁଁ ନିଜକୁ ପଚାରେ, ତେବେ କଅଣ ପାପ ଅନ୍ଧକାରରୁ ପୁଣ୍ୟାଲୋକର ଜନ୍ମ ହୋଇପାରେ ?

ଅନ୍ଧବିଶ୍ୱାସ ମାନବ ସମାଜର ଘୋର ଶତ୍ରୁ । କିନ୍ତୁ ଧର୍ମାନ୍ଧତା ତାଠାରୁ ଅଧିକ ମାରାତ୍ମକ । ଖ୍ରୀଷ୍ଟିୟାନ ଗିର୍ଜା ଗିର୍ଜାକୁ ଯାଏ କାହିଁକି ? କ୍ରଶକୁ ପବିତ୍ର ବୋଲି ଗ୍ରହଣ କରାଯାଏ କାହିଁକି ? ପ୍ରାର୍ଥନା କଲାବେଳେ ଉର୍ଦ୍ଧ୍ୱମୁଖ ହୋଇ ପ୍ରାର୍ଥନା କରାଯାଏ କାହିଁକି ? କ୍ୟାଥଲିକ୍ ଗିର୍ଜାରେ ଏତେ ଛବି ରହିଛି କାହିଁକି ? ପ୍ରୋଟେଷ୍ଟାଣ୍ଟମାନେ ପ୍ରାର୍ଥନା କଲାବେଳେ ସେମାନଙ୍କ ମନରେ ଏତେ ଛବି ଉଭି ରହୁଛି କାହିଁକି ? ଯେ କୌଣସି ବିଷୟରେ ଚିନ୍ତାକଲେ ତାହାର ଛବି ମାନସ ରାଜ୍ୟରେ ପରିସ୍ଫୁଟ ହେବା ସ୍ୱାଭାବିକ । ହିନ୍ଦୁ ନିଶ୍ଚିତ ରୂପେ ଜାଣେ ଯେ କୌଣସି ଭୌତିକ ପ୍ରତିମା ସର୍ବବ୍ୟାପକ ପରମେଶ୍ୱର ହୋଇ ନପାରେ । କିନ୍ତୁ ସର୍ବବ୍ୟାପକ ପରମେଶ୍ୱରଙ୍କୁ ଚିନ୍ତା କରିବାକୁ ହେଲେ କୌଣସି ନା କୌଣସି ପ୍ରତୀକ ବା ପ୍ରତିମାର ଆଶ୍ରୟ ନେବାକୁ ହେବ । ମୁକ୍ତ ଆକାଶର ଅନନ୍ତ ପରିସରକୁ ସର୍ବବ୍ୟାପକତାର ପ୍ରତୀକ ରୂପେ ମନ ଗ୍ରହଣ କରେ । ଅନନ୍ତ ନୀଳାକାଶ ଅଥବା ଅନନ୍ତ ନୀଳାବର୍ଣ୍ଣିତକୁ ଅନନ୍ତର ପ୍ରତୀକ ବୋଲି ସ୍ୱାଭାବିକ ଧାରଣା କରନ୍ତୁ । ଗିର୍ଜା, ମସଜିଦ୍ ଅଥବା କ୍ରଶକୁ ପରମ ପବିତ୍ର ବୋଲି ଆମେ ଧାରଣା କରୁଛୁ । ହିନ୍ଦୁ ସେହିପରି ତାହାର ଦେବ ପ୍ରତିମାମାନଙ୍କୁ ପବିତ୍ର, ଶୁଦ୍ଧ, ସତ୍ୟ ଓ ସର୍ବବ୍ୟାପକ ଆଦି ମହାନ୍ ଭାବନାରେ ଭୂଷିତ କରିଥାଏ । କେତେକ ଲୋକ ଏହି ପ୍ରତିମା, ଏହି ଗିର୍ଜାକୁ ସର୍ବସ୍ୱ କରି ଜୀବନ ବିତାଇ ଦେଉଛନ୍ତି । ଏହାର ଉର୍ଦ୍ଧ୍ୱକୁ ଉଠିବା ସେମାନଙ୍କ ଭାଗ୍ୟରେ ଘଟି ନାହିଁ । କିନ୍ତୁ ଭଗବତ୍ ସାକ୍ଷାତ୍କାର କରି ମନୁଷ୍ୟକୁ ଭାଗବତ ସ୍ଥିତି ଅର୍ଜ୍ଜନ କରିବାକୁ ହେବ । ପ୍ରତିମା, ଦେବାଳୟ, ଗିର୍ଜା ଓ ଗ୍ରନ୍ଥ ଏ ସମସ୍ତ କେବଳ ଅବଲମ୍ବନ ମାତ୍ର । ମନୁଷ୍ୟର ଆଧ୍ୟାତ୍ମିକ ଶୈଶବକାଳରେ ଏହା ସହାୟକ । କିନ୍ତୁ ଏ ସବୁକୁ ଛାଡ଼ି ଉର୍ଦ୍ଧ୍ୱପଥକୁ କ୍ରମଶଃ ଗତି କରିବାକୁ ହେବ ।

ତେବେ ଜାଣେ, ବହିରଙ୍ଗ ପୂଜା ବା ଜଡ଼ ପୂଜା ନିମ୍ନତମ ସ୍ତରର କଥା । ମାନସିକ ପୂଜା ତାହାଠାରୁ ଉଚ୍ଚତର ସ୍ତରର ବିଷୟ । ପରମେଶ୍ୱରଙ୍କ ସାକ୍ଷାତ ଅପରୋକ୍ଷ ଅନୁଭବ ହିଁ ସର୍ବୋଚ୍ଚ ସ୍ତର । ଦେବ ପ୍ରତିମା ଆଗରେ ବସିଥିବା ଭକ୍ତ କଥାକୁ ଲକ୍ଷ୍ୟ କର । ସେ କହୁଛି, "ତାଙ୍କୁ ସୂର୍ଯ୍ୟ, ଚନ୍ଦ୍ର, ବିଜୁଳି, ଅଗ୍ନି କେହି ପ୍ରକାଶ କରି ପାରିବେ ନାହିଁ । ଏମାନେ ସମସ୍ତେ ତାଙ୍କରି ମହାନ୍ ତେଜରେ ପ୍ରକାଶିତ ହେଉଅଛନ୍ତି ।" ହିନ୍ଦୁ କାହାରି ଧର୍ମରେ ପ୍ରତିମା ବା ପ୍ରତୀକ ପୂଜା ଦେଖିଲେ ପାପ ବୋଲି ଗ୍ରହଣ କରେ ନାହିଁ । ପ୍ରତିମା ପୂଜାକୁ ଆଧ୍ୟାତ୍ମିକ ଜୀବନର ଏକ ପ୍ରୟୋଜନୀୟ ସୋପାନ ବିଶେଷ ବୋଲି ସେ ସ୍ୱୀକାର କରେ । ଶିଶୁମାନେ ପୂର୍ଣ୍ଣ ଜୀବନର [illegible] ବ୍ୟକ୍ତି [illegible] ଶୈଶବ ଓ ଯୌବନକୁ ପାପ ବୋଲି ଘୃଣା କରିବା ସମୀଚୀନ କି ?

[illegible]

ହିନ୍ଦୁର ଏହା ସୁଚିନ୍ତିତ ଧାରଣା ଯେ ସ୍ୱୟଂ ସଂପୂର୍ଣ୍ଣ ନିରପେକ୍ଷ ତତ୍ତ୍ୱକୁ ଅନୁଭବ କରିବାକୁ ହେଲେ, ଚିନ୍ତା କରିବାକୁ ହେଲେ, ପ୍ରକାଶ କରିବାକୁ ହେଲେ ଆପେକ୍ଷିକ ତତ୍ତ୍ୱ ମାଧ୍ୟମରେ କରାଯାଇ ପାରିବ । ପ୍ରତିମା, କ୍ରଶ, ଚନ୍ଦ୍ରରେଖା ଆଦି ପ୍ରତୀକକୁ ଆଶ୍ରୟ କରି ଆଧ୍ୟାତ୍ମିକ ଭାବନା ବିକଶିତ ହେବ । ସମସ୍ତ ପାଇଁ ଏପରି ପନ୍ଥାର ପ୍ରୟୋଜନ ନାହିଁ । କିନ୍ତୁ ଯେଉଁମାନଙ୍କର ଏ ପନ୍ଥା ପ୍ରୟୋଜନ ନାହିଁ ସେମାନେ ଏ ପନ୍ଥାକୁ ଭ୍ରମ ପ୍ରମାଦପୂର୍ଣ୍ଣ କହିବା ଅଧିକାର ପାଇଲେ କେଉଁଠୁ ? ହିନ୍ଦୁ ଧର୍ମରେ ମଧ୍ୟ ଏ ପନ୍ଥାକୁ ଅନୁସରଣ କରିବା ବାଧ୍ୟତାମୂଳକ ନୁହେଁ ।

ହିନ୍ଦୁ ମତରେ ଧର୍ମ ସଂଘ ଓ ପନ୍ଥାମାନଙ୍କର ଭେଦ ଓ ବିରୋଧ ମୌଳିକ ଭେଦ ଓ ବିରୋଧ ନୁହେଁ । ତାହା ଆଭାସ ମାତ୍ର । ପ୍ରକୃତ ପକ୍ଷରେ, ଏକ ପରମ ସତ୍ତାକୁ ଅନୁଭବ କରିବା ଲାଗି ବିଭିନ୍ନ ଧର୍ମ-ଧାରଣା ରୂପକ ପନ୍ଥା ନାନା ଦିଗରୁ ନାନା ପ୍ରକାର ଯାତ୍ରୀମାନଙ୍କ ପାଇଁ ନିର୍ଦ୍ଦିଷ୍ଟ ହୋଇଅଛି । ମନୁଷ୍ୟର ଜଡ଼ ସତ୍ତାରୁ ଭଗବତ୍ ସତ୍ତାର ବିବର୍ତ୍ତନ ଓ ବିକାଶ ହିଁ ଏ ଧର୍ମମତମାନଙ୍କର ଏକମାତ୍ର ଲକ୍ଷ୍ୟ । ଏକ, ଅଭିନ୍ନ ଭଗବତ୍ ସତ୍ତା ଏ ସର୍ବ ମତମାନଙ୍କର ପ୍ରେରକ ଶକ୍ତି । ବିଭିନ୍ନ ପରିସ୍ଥିତି ଓ ପ୍ରୟୋଜନାନୁରୂପ ଅବସ୍ଥା ରୂପକ ବିଭିନ୍ନ ରଙ୍ଗ କାଚ ମାଧ୍ୟମରେ ଏକ ଶୁଭ୍ର-ରଶ୍ମି ପ୍ରକଟିତ ହୋଇ ବିଭିନ୍ନ ଭଳି ଦିଶୁଅଛି । କିନ୍ତୁ ସମସ୍ତ ଧର୍ମମତମାନଙ୍କ ଅନ୍ତରାଳରେ ଏକ ଅଭିନ୍ନ ସତ୍ୟ ପୂର୍ଣ୍ଣ ମହିମାରେ ନିତ୍ୟ ଅଧିଷ୍ଠିତ । ଭଗବାନ କୃଷ୍ଣ ଗୀତାରେ କହିଛନ୍ତି, "ମଣିମାଳାର ଅନ୍ତର୍ନିହିତ ସୂତ୍ର ଖଣ୍ଡ ପରି ମୁଁ ପ୍ରତ୍ୟେକ ଧର୍ମମତ ମଧ୍ୟରେ ବିଦ୍ୟମାନ ରହିଛି । ଯେଉଁଠାରେ ଦିବ୍ୟ ବିଭୂତି, ଦିବ୍ୟ ଐଶ୍ୱର୍ଯ୍ୟର ପ୍ରକାଶ ଦେଖିବ, ସେଠାରେ ମୁଁ ଅଛି ବୋଲି ନିଶ୍ଚିତ ରୂପେ ଜାଣିବ ।" ଏହା ପରନ୍ତେ ସଂସ୍କୃତ ଦାର୍ଶନିକ ଶାସ୍ତ୍ରମାନଙ୍କରେ କେଉଁଠି ଉକ୍ତି ନାହିଁ ଯେ ହିନ୍ଦୁ କେବଳ ମୁକ୍ତି ବା ନିର୍ବାଣ ପାଇବ, ଅନ୍ୟ କେହି ପାଇବେ ନାହିଁ । ବ୍ୟାସଦେବ କହନ୍ତି, "ଆମେମାନେ ଆମ ଜାତି-ବର୍ଣ୍ଣର ପରିସର ବାହାରେ ମଧ୍ୟ ସିଦ୍ଧ ମହାତ୍ମାଙ୍କ ସନ୍ଧାନ ପାଉଥାଉ ।"

ବୌଦ୍ଧ ଓ ଜୈନମାନେ ଈଶ୍ୱର ବିଶ୍ୱାସ କରନ୍ତି ନାହିଁ । କିନ୍ତୁ ସେମାନେ ବିଶ୍ୱାସ କରନ୍ତି ଯେ ନର ମଣିଷ ସ୍ତରରୁ ପୂର୍ଣ୍ଣ ଆଧ୍ୟାତ୍ମିକ ସ୍ଥିତିର ଅଭ୍ୟୁଦୟ ହୋଇପାରେ । ଏହି ବିଶ୍ୱାସ ସବୁ ଧର୍ମମତମାନଙ୍କର ମୌଳିକ ବିଶ୍ୱାସ । ଈଶ୍ୱର ବିଶ୍ୱାସୀ ହିନ୍ଦୁ ଏହି ଦୃଷ୍ଟିରୁ ସଂଶୟବାଦୀ ବୌଦ୍ଧ ଓ ନାସ୍ତିକ ଜୈନମତକୁ ମଧ୍ୟ ଆଦର କରେ ।

ଯଦି ଭବିଷ୍ୟତ ଦୁନିଆରେ କେବେ ବିଶ୍ୱଧର୍ମ ପ୍ରତିଷ୍ଠିତ ହେବ ତେବେ ତାହା କୌଣସି ଦେଶ, କାଳ, ପାତ୍ରର କ୍ଷୁଦ୍ରଦେଶିକତା ଦ୍ୱାରା ନିର୍ଦ୍ଦିଷ୍ଟ ହେବ ନାହିଁ । ତାହା ହିନ୍ଦୁ, ବୌଦ୍ଧ, ଜୈନ, ମୁସଲମାନ, ଖ୍ରୀଷ୍ଟାନ ସକଳ ଧର୍ମମତର ମଧୁର ସମନ୍ୱୟ ଘଟାଇ ଅନୁରୂପ ଅଧିକ ବ୍ୟାପକତା ଅର୍ଜ୍ଜନ କରିବା ଲାଗି କ୍ଷେତ୍ର ରଚୁଥିବ । ପତନଶୀଳତାର ସହିତ [illegible] ବିଭାଜନ କରି ତାହା ନିଜ [illegible] ବ୍ୟକ୍ତିଠାରୁ ମହାମାନବ ମହାତ୍ମା ପର୍ଯ୍ୟନ୍ତ ସମସ୍ତଙ୍କୁ ସମାନ ଉଦାରତାରେ ଗ୍ରହଣ କରିବ । ସେହି ଧର୍ମମତରେ କୌଣସି ପ୍ରକାର ଅସହିଷ୍ଣୁତା ବା ଧର୍ମାନ୍ଧତାର ସ୍ପର୍ଶ ରହିବ ନାହିଁ । [illegible] ଭଗବତ୍ ସତ୍ତା [illegible] ଦେବ [illegible] ହେବ ।

[illegible]

ଆଖ୍ୟା ଦେଇଅଛନ୍ତି, ଜିଉମାନଙ୍କର ଯେ ଯୋହାବା, ଖ୍ରୀଷ୍ଟାୟାନମାନଙ୍କର ଯେ ପରମ ପିତା, ସେ ତୁମ୍ଭମାନଙ୍କୁ ଏହି ଦିବ୍ୟ ଆଦର୍ଶ ପ୍ରଚାର ଓ ପ୍ରସାର ଲାଗି ଶକ୍ତି ପ୍ରଦାନ କରନ୍ତୁ । ପ୍ରାଚ୍ୟ ଭୂଖଣ୍ଡରେ ଯେଉଁ ତାରକା ଉଦୟ ହେଲା, ତାହା କେବେ ବା ନିଷ୍ପ୍ରଭ, କେବେ ବା ଉଜ୍ଜ୍ୱଳ ହୋଇ ପାଶ୍ଚାତ୍ୟ ଭୂଖଣ୍ଡ ଆଡକୁ ନିୟତ ଅଗ୍ରସର ହେଲା । ଆଜି ତାହା ପୃଥିବୀ ପରିକ୍ରମା କରି ସହସ୍ରଗୁଣ ଉଜ୍ଜ୍ୱଳତାରେ ପୁଣି ଥରେ ପ୍ରାଚ୍ୟ ଦେଶ ଦିଗ୍‌ବଳୟରେ ଉଦୟ ହେଉଅଛି ।

ଧନ୍ୟା, ସ୍ୱତନ୍ତ୍ରତାର ଜନ୍ମଭୂମି କଲମ୍ବିଆ । ପ୍ରତିବେଶୀ ରକ୍ତରେ ତୋର ହାତ କେବେ କଳଙ୍କିତ ହୋଇ ନାହିଁ, ପ୍ରତିବେଶୀକୁ ଲୁଣ୍ଠନ କରି ସହଜ ଓ ଶୀଘ୍ର ପନ୍ଥାରେ ନିଜେ ଧନୀ ହେବ । କଳଙ୍କ ତୋତେ ସ୍ପର୍ଶ କରି ନାହିଁ । ଆଜି ସେଥିପାଇଁ ସଭ୍ୟତାର ଅଗ୍ରଦୂତ ରୂପେ ସମନ୍ୱୟର ବିଜୟ ବୈଜୟନ୍ତୀ ଧରି ଅଗ୍ରସର ହେବା ସୁଯୋଗ ତୋ ଲାଗି ଉଦ୍ଦିଷ୍ଟ ହୋଇ ରହିଛି ।

ସ୍ୱାମୀଜୀ ପ୍ରବନ୍ଧ ପାଠ ଶେଷ କରି ଆସନ ଗ୍ରହଣ କଲେ । ମନ୍ତ୍ରମୁଗ୍ଧ ଶ୍ରୋତୃମଣ୍ଡଳୀଙ୍କ ହର୍ଷୋତ୍‌ଫୁଲ୍ଲ କଳନାଦରେ ସଭାଗୃହ ମୁଖର ହୋଇ ଉଠିଲା ।

ସେପ୍ଟେମ୍ବର କୋଡ଼ିଏ ତାରିଖରେ ଏକ ସଂକ୍ଷିପ୍ତ ଭାଷଣ ଦେଇ ସ୍ୱାମୀଜୀ କହିଲେ, ଆଜି ମୁଁ ଆପଣମାନଙ୍କୁ କହିବାକୁ ଚାହେଁ ଯେ ବୁଭୁକ୍ଷୁ ନିରନ୍ନ ଭାରତକୁ ଆପଣମାନେ ଧର୍ମ ପ୍ରଚାର ଲାଗି ପ୍ରଚାରକ ପଠାଇ କିଛି ଲାଭ ନାହିଁ । ପ୍ରାଚ୍ୟ ଭୂଖଣ୍ଡରେ ଧର୍ମ ପ୍ରଚାରର ଆବଶ୍ୟକତା ନାହିଁ । କୋଟି ଜନତାଙ୍କୁ ଅନ୍ନଜଳ ଦିଅ । କ୍ଷୁଧାର୍ତ୍ତ ଜନତାକୁ ଦର୍ଶନଶାସ୍ତ୍ର ଶୁଣାଇ କି ଫଳ ହେବ ? ମୋ ଦୀନ ଦରିଦ୍ର ଦେଶବାସୀଙ୍କ ପାଇଁ ମୁଁ ଆପଣଙ୍କ ପାଖକୁ ମାଗିବାକୁ ଆସିଛି । ମୁଁ ଜାଣୁଛି ଯେ ଖ୍ରୀଷ୍ଟାୟାନ ଭୂମିରେ ଖ୍ରୀଷ୍ଟାୟାନମାନଙ୍କଠାରୁ ପତିତମାନଙ୍କ ପାଇଁ ସାହାଯ୍ୟ ପାଇବା କେତେ କଠିନ ।

ଛବିଶ ତାରିଖ ଦିନ ବିଶ୍ୱ ଧର୍ମସଭାର ଏକ ଅଧିବେଶନରେ ବୈଦିକ ବୌଦ୍ଧଧର୍ମ ଓ ଧର୍ମର ସଂପର୍କ ନିର୍ଦ୍ଧାରଣ କରି ସ୍ୱାମୀଜୀ କହିଲେ, ଚୀନ, ଜାପାନ, ସିଲୋନ୍ ଯେଉଁ ମହାପୁରୁଷଙ୍କ ନିର୍ଦ୍ଦେଶିତ ପନ୍ଥା ଅନୁସରଣ କରୁଛନ୍ତି, ସେହି ଶାକ୍ୟମୁନିଙ୍କୁ ଭାରତବର୍ଷ ଭଗବାନଙ୍କ ଅବତାର ପୂଜା କରେ । ମୁଁ ବୌଦ୍ଧ ଧର୍ମର କଟୁ ସମାଲୋଚନା କରି ପାରିବି କି ? ଇହୁଦୀ ଧର୍ମ ( Judaism )ଓ ଖ୍ରୀଷ୍ଟିୟାନ ଧର୍ମର ଯେଉଁ ସଂପର୍କ, ହିନ୍ଦୁଧର୍ମ ଓ ବୌଦ୍ଧ ଧର୍ମର ସେହି ସଂପର୍କ । ଖ୍ରୀଷ୍ଟ ଜଣେ ଇହୁଦୀ ଥିଲେ । ଶାକ୍ୟମୁନି ହିନ୍ଦୁ ଥିଲେ । ଇହୁଦୀମାନେ ଖ୍ରୀଷ୍ଟଙ୍କୁ କ୍ରୁଶ୍ ବିଦ୍ଧ କଲେ । ହିନ୍ଦୁମାନେ ବୁଦ୍ଧଙ୍କୁ ଦେବତା ରୂପରେ ପୂଜା କରି ଆସୁ ଅଛନ୍ତି । ଖ୍ରୀଷ୍ଟ ଓ ବୁଦ୍ଧ ଉଭୟ କୌଣସି ପରମ୍ପରାର ବିନାଶ କରିବାକୁ ଆସି ନଥିଲେ । ଖ୍ରୀଷ୍ଟଙ୍କ ଦ୍ୱାରା ପ୍ରାଚୀନ ଟେଷ୍ଟା ମେଣ୍ଟର ପୂର୍ତ୍ତି ହେଲାପରି, ବୁଦ୍ଧଙ୍କ ଦ୍ୱାରା ବୈଦିକ ଧର୍ମର ପୂର୍ତ୍ତି ହୋଇଅଛି । ଶାକ୍ୟମୁନି ହିନ୍ଦୁ ଧର୍ମର ନ୍ୟାୟୋଚିତ ପୂର୍ତ୍ତି ଘଟାଇ ଅଛନ୍ତି । ବୁଦ୍ଧଙ୍କ ବାଣୀ, ବେଦ ବାଣୀର ମର୍ମ ଉଦ୍‌ଘାଟନ କରିଛି ।

କର୍ମକାଣ୍ଡ ଓ ଜ୍ଞାନକାଣ୍ଡ ଭେଦରେ ବେଦ ମତ ଦ୍ୱିବିଧ । ବେଦରେ ଜ୍ଞାନମାର୍ଗୀ ସନ୍ନ୍ୟାସୀମାନଙ୍କ ଲାଗି ଜାତିଭେଦଗତ ବିଧି ନିଷେଧର ବ୍ୟବସ୍ଥା ନାହିଁ । ଜାତି ବିଭାଗ ଆଧ୍ୟାତ୍ମିକ ବିଷୟ ନୁହେଁ, ତାହା ଏକ ସାମାଜିକ ପ୍ରଥା । ସନ୍ନ୍ୟାସୀ ଶାକ୍ୟମୁନିଙ୍କ ଉଦାର ଦୃଷ୍ଟି ବେଦର ଏହି ଅନ୍ତର୍ନିହିତ ଗୁପ୍ତ ସତ୍ୟକୁ ଲୋକ ବ୍ୟବହାରରେ ପରିଣତ କରାଇ ଅଛି । ପୃଥିବୀରେ ଶାକ୍ୟମୁନି ହେଉଛନ୍ତି ସର୍ବ ପ୍ରଥମ ଧର୍ମ ପ୍ରଚାରକ । ଧର୍ମାନ୍ତର-ଦୀକ୍ଷାଦାନର ସେ ଆଦ୍ୟ ପ୍ରବର୍ତ୍ତକ ।

ଶାକ୍ୟମୁନିଙ୍କ ମହା କରୁଣା ସକଳ ଜୀବଜଗତ ପ୍ରତି ଅବାରିତ ପ୍ରବାହିତ ହେଉଥିଲା । ବିଶେଷତଃ ଦୀନହୀନ ଅଜ୍ଞାନମାନଙ୍କ ଲାଗି ସେ କରୁଣା ଭଣ୍ଡାର ନିତ୍ୟ ଉନ୍ମୁକ୍ତ ରଖୁଥିଲେ. ଶାକ୍ୟମୁନିଙ୍କ ବ୍ରାହ୍ମଣ ଶିଷ୍ୟମାନେ ସଂସ୍କୃତ ଭାଷାରେ ତାଙ୍କ ବାଣୀକୁ ଅନୁବାଦ କରିବାକୁ ଇଚ୍ଛା ପ୍ରକାଶ କରିବାରୁ ବୁଦ୍ଧ କହିଥିଲେ, "ମୁଁ ଦୀନ ଅଜ୍ଞାନର, ମୁଁ ଜନସାଧାରଣଙ୍କର । ମୁଁ ଜନସାଧାରଣଙ୍କ ଭାଷାରେ କହିବି" । ସେଥିଲାଗି ଶାକ୍ୟମୁନିଙ୍କ ଉପଦେଶର ବହୁଳାଂଶ ତଦାନିନ୍ତନ ଭାରତୀୟ କଥିତ ଭାଷାରେ ସଂଗୃହୀତ ହୋଇ ରହିଛି ।

ଦାର୍ଶନିକ ଯୁକ୍ତି ଯାହା କହୁ ପଛେ, ଯେତେ ଦିନ ପର୍ଯ୍ୟନ୍ତ ଏ ସଂସାରରେ ମୃତ୍ୟୁର ଆଧିପତ୍ୟ ଅଛି, ଯେତେଦିନ ପର୍ଯ୍ୟନ୍ତ ମନୁଷ୍ୟର ହୃଦୟ ଦୁର୍ବଳ ହୋଇ ରହିଛି, ଯେତେଦିନ ପର୍ଯ୍ୟନ୍ତ ମନୁଷ୍ୟର ଦୁର୍ବଳ ହୃଦୟରୁ କାତର ପ୍ରାର୍ଥନା ଉଠୁଛି, ସେତେଦିନ ଯାଏ ଈଶ୍ୱର-ବିଶ୍ୱାସ ସଂସାରରେ ତିଷ୍ଠି ରହିଥିବ ।

ବୌଦ୍ଧ ଦାର୍ଶନିକମାନେ ସେମାନଙ୍କ ତର୍କ କଶାଘାତରେ ବେଦରୂପକ ଚିରନ୍ତନ ମହାମେରୁକୁ ଆକ୍ରମଣ କରି ଚୂର୍ଣ୍ଣ କରି ପାରିଲେ ନାହିଁ । ଭାରତୀୟ ନରନାରୀଙ୍କ ପ୍ରାଣର ଧନ ଯୁଗ ଯୁଗ ପ୍ରତିଷ୍ଠିତ ଈଶ୍ୱର ବିଶ୍ୱାସକୁ ସେମାନେ ଅପହରଣ କରିନେଲେ । ଫଳତଃ ବୌଦ୍ଧଧର୍ମ ତାହାର ଜନ୍ମ ଭୂମିରେ ସ୍ୱାଭାବିକ ମୃତ୍ୟୁ ବରଣ କଲା । ଆଜି ନିଜକୁ ବୌଦ୍ଧ ବୋଲି ପରିଚୟ ଦେବାକୁ ଭାରତବର୍ଷରେ ଜଣେ କେହି ବାହାରିବେ ନାହିଁ ।

କିନ୍ତୁ ଏହା ଫଳରେ ବ୍ରାହ୍ମଣ୍ୟ ଧର୍ମକୁ ମଧ୍ୟ କେତେକ କଥା ହରାଇବାକୁ ପଡ଼ିଲା । ବୌଦ୍ଧମାନଙ୍କ ପ୍ରଯତ୍ନରେ ସଂସ୍କାର ପ୍ରବଣତା, ସର୍ବଜୀବେ ଦୟା ଓ କରୁଣା, ଆଜି କ୍ରୀୟାଶୀଳ ଗୁଣ ଭାରତୀୟ ସମାଜକୁ ଏକ ମହାନ୍ ସ୍ତରକୁ ଘେନି ଯାଇଥିଲା । ସେ କାଳରେ କୌଣସି ପୁରୁଷ ମିଥ୍ୟା କହିବା କିମ୍ବା କୌଣସି ସ୍ତ୍ରୀ ବ୍ୟଭିଚାର କରିବା ଜଣା ନଥିଲା ବୋଲି ଜଣେ ଗ୍ରୀସ୍‌ଦେଶୀୟ ଐତିହାସିକ ଉଲ୍ଲେଖ କରିଛନ୍ତି । ବୌଦ୍ଧଧର୍ମର ତିରୋଭାବ ପରେ ଏହି ଦିବ୍ୟ ଗୁଣମାନଙ୍କର ମଧ୍ୟ ତିରୋଭାବ ଘଟିଲା ।

ହିନ୍ଦୁଧର୍ମ ବିନା ବୌଦ୍ଧଧର୍ମ କିମ୍ବା ବୌଦ୍ଧଧର୍ମ ବିନା ହିନ୍ଦୁଧର୍ମ ବଞ୍ଚି ରହି ପାରିବ ନାହିଁ । ବ୍ରାହ୍ମଣମାନଙ୍କ ମସ୍ତିଷ୍କ ବିନା ବୌଦ୍ଧମାନେ ଓ ବୌଦ୍ଧମାନଙ୍କ ହୃଦୟ ବିନା ବ୍ରାହ୍ମଣମାନେ ବଞ୍ଚି ପାରିବା ଅସମ୍ଭବ । ବୌଦ୍ଧ ଓ ବ୍ରାହ୍ମଣମାନଙ୍କ ପାରସ୍ପରିକ ବିଦ୍ୱେଷହିଁ ଭାରତର ପତନର ମୂଳକାରଣ । ଆଜି ସେଥିପାଇଁ ୩୦ କୋଟି ନିରନ୍ନ କାଙ୍ଗାଳ ହେଉଛନ୍ତି ଭାରତର ଅଧିବାସୀ । ସେଥିପାଇଁ ହଜାର ବର୍ଷ ଧରି ଭାରତ ପରାଜିତ ଓ ପରାଧୀନ ହୋଇ ରହିଛି । ଆଜି ବ୍ରାହ୍ମଣର ବୁଦ୍ଧି ସହିତ ଶାକ୍ୟମୁନି ପରମ୍ପରାର ହୃଦୟର ପୁନର୍ମିଳନ ଆମମାନଙ୍କ ଦ୍ୱାରା ସମାହିତ ହେଉ ।

ସେପ୍ଟେମ୍ବର ୨୭ ତାରିଖରେ ବିଶ୍ୱ ଧର୍ମସଭାର ଉଦ୍‌ଯାପନ ଉତ୍ସବ ଅନୁଷ୍ଠିତ ହେଲା । ସ୍ୱାମୀଜୀ ଉଦ୍ୟୋକ୍ତାମାନଙ୍କର ନିସ୍ୱାର୍ଥପର ନିରଳସ ଉଦ୍ୟମର ଭୂୟସୀ ପ୍ରଶଂସା କରିଥିଲେ । ଏକ ସଂକ୍ଷିପ୍ତ ଭାଷଣରେ ସ୍ୱାମୀଜୀ କହିଲେ, ଏ ମହାସଭାରେ ବିଭିନ୍ନ ଧର୍ମମତମାନଙ୍କର ମୌଳିକ ଏକତା ବିଷୟରେ ବହୁତ କଥା କୁହାଯାଇଛି । ଏହାର ଅର୍ଥ ନୁହେଁ ଯେ କୌଣସି ଗୋଟିଏ ମାତ୍ର ଧର୍ମର ବିଜୟ ହେବ ଓ ଅନ୍ୟ ଧର୍ମମାନଙ୍କର ସମୂଳ ଉଚ୍ଛେଦ ଘଟିବ । ତାହା ଯଦି କେହି କଳ୍ପନା କରୁଥାନ୍ତି, ତାଙ୍କୁ ମୁଁ ସ୍ପଷ୍ଟତର କରି କହି ଦେବାକୁ ଚାହେଁ ଯେ ଏହା ଗୋଟିଏ ଅତି ଅସମ୍ଭବ କଳ୍ପନା । ହିନ୍ଦୁମାନଙ୍କୁ ଖ୍ରୀଷ୍ଟିୟାନ କିମ୍ବା ଖ୍ରୀଷ୍ଟିୟାନ ଓ ବୌଦ୍ଧମାନଙ୍କୁ ହିନ୍ଦୁ କରିବା ଉଦ୍ୟମକୁ ମୁଁ ଆଦୌ ସମର୍ଥନ କରି ପାରିବି ନାହିଁ ।

ମଞ୍ଜିକୁ ମାଟିରେ ପୋତି, ପାଣି ପବନ ଯୋଗାଇ ଦେଲେ ମଞ୍ଜି ଯେପରି ମାଟି, କି ପାଣି କି ପବନ ନ ହୋଇ ବୃକ୍ଷରେ ପରିଣତ ହୁଏ, ନିଜ ମୌଳିକତା, ନିଜ ଧର୍ମ ଓ ନିଜ ଗୁଣରେ ତାହା ବୃକ୍ଷ ରୂପରେ ବର୍ଦ୍ଧିତ ହୁଏ, ଠିକ୍ ସେହିପରି ଖ୍ରୀଷ୍ଟିୟାନ ନିଜେ ବୌଦ୍ଧ କି ହନ୍ଦୁ ନହୋଇ କିମ୍ବା ହିନ୍ଦୁ ବା ବୌଦ୍ଧ ଖ୍ରୀଷ୍ଟିୟାନ ନହୋଇ ଅନ୍ୟମାନଙ୍କଠାରୁ ସାର ଆହରଣ କରି ନିଜ ବ୍ୟକ୍ତିତ୍ୱ ମହିମାରେ ନିଜେ ବିକଶିତ ହୋଇ ଉଠିବ ।

ବିଶ୍ୱ ଧର୍ମସଭା ଆଜି ଏହି ବାର୍ତ୍ତା ପ୍ରଚାର କରିଛି । ତାହା ବିଶ୍ୱକୁ ପ୍ରମାଣ କରି ଦେଇଛି ଯେ ପବିତ୍ରତା, ଶୁଦ୍ଧତା ଦାନଶୀଳତା କୌଣସି ଏକ ଧର୍ମ ସଂପ୍ରଦାୟର ଏକଚାଟିଆ ଅଧିକାରର ବିଷୟ ନୁହେଁ । ପ୍ରତି ସଂପ୍ରଦାୟ ମହାତ୍ମା ଓ ମହାପୁରୁଷମାନଙ୍କୁ ଜନ୍ମ ଦେଇଛି । ଏସବୁ ଜାଣି ମଧ୍ୟ ଯଦି କେହି ସଂପ୍ରଦାୟବାଦୀ ଏକ ଧର୍ମର ବିଜୟ ଓ ଅନ୍ୟମାନଙ୍କର ବିନାଶ

କାମନା କରୁଥାଅନ୍ତି, ତାଙ୍କୁ ମୁଁ ଦୟାର ପାତ୍ର ବୋଲି ବିବେଚନା କରୁଛି । ମୁଁ ଏଠା ସେମାନଙ୍କୁ ଜଣାଇ ଦେଉଛି ଯେ ଯାବତୀୟ ବିରୋଧ ଥିଲେ ସୁଦ୍ଧା ଅଚିର ଭବିଷ୍ୟତରେ ଦିନେ ସବୁ ଧର୍ମର ଧ୍ୱଜମାନଙ୍କରେ ଲିପିବଦ୍ଧ ହେବ ଯେ "ସଂଗ୍ରାମ ନୁହେଁ ସହଯୋଗ", "ସଂହାର ନୁହେଁ ଆହରଣ" "ବିଭେଦ ନୁହେଁ ଐକ୍ୟଭାବ ଓ ଶାନ୍ତି" ।


ବିଶ୍ୱ ଧର୍ମସଭା ସମାପ୍ତ ହେଲା । ସ୍ୱାମୀଜୀଙ୍କ ସିଂହ-ଦୃପ୍ତ ଠାଣି, ଶୋକଦୃଷ୍ଟି, ସୁଠାମ ଅଙ୍ଗରେଖା, ସ୍ପଷ୍ଟ-ମଧୁରବାଣୀ, ଲଳିତ କଣ୍ଠସ୍ୱର, ବୈରାଗ୍ୟ-ବଳିଷ୍ଠ-ନିର୍ଭୀକତା, ସତ୍ୟ-ଶାଣିତ ଉକ୍ତି ଶ୍ରୋତା ମଣ୍ଡଳୀଙ୍କୁ ବିଶେଷ ଭାବରେ ପ୍ରଭାବିତ କଲା । ସତେ କଉଣ ଭାରତରେ ବୈଦିକ ଋଷି ରୂପ ଗ୍ରହଣ କରି ବିଶ୍ୱ ଧର୍ମ ସଭାରେ ଭାଗ ନେଇଥିଲା କି ? ଆମେରିକାର ସମାଚାରପତ୍ରମାନେ ଶତମୁଖ ହୋଇ ସ୍ୱାମୀଜୀଙ୍କ ଉଚ୍ଛ୍ୱସିତ ପ୍ରଶଂସା ଗାନ କରିବାକୁ ଲାଗିଲେ । ବହୁ ବିଦ୍ୱାନ ଓ ଧନାଢ୍ୟ ବ୍ୟକ୍ତିମାନେ ଏଥର ସ୍ୱାମୀଜୀଙ୍କ ଦର୍ଶନ ଲାଭ କରିବା ନିମିତ୍ତ ଦୂର ଦୂରାନ୍ତରୁ ଧାଇଁ ଆସିଲେ । ଧନ୍ୟ ଧନ୍ୟ ସାରା ଆମେରିକା ମହାଦେଶରେ ଚହଳ ପଡ଼ିଗଲା । କୋଟି କୋଟି ନରନାରୀଙ୍କ ଭକ୍ତିପୂତ ପୁଷ୍ପାଞ୍ଜଳି ସ୍ୱାମୀଜୀଙ୍କ ପଦତଳରେ ବୃଷ୍ଟି ହେବାକୁ ଲାଗିଲା ।

ସ୍ୱାମୀଜୀଙ୍କ ପ୍ରଶଂସା କେତେକ ଭାରତୀୟ ଓ ବୈଦେଶିକ ଧର୍ମ-ନାୟକମାନଙ୍କର ଇର୍ଷାର କାରଣ ହୋଇ ପଡ଼ିଲା । ଅତ୍ୟନ୍ତ ଅଭଦ୍ର ଓ ଅମର୍ଯ୍ୟାଦାଜନକ ରୀତିରେ ସ୍ୱାମୀଜୀଙ୍କ ନିନ୍ଦା ରଟନା କରିବାକୁ ସେମାନେ ପଶ୍ଚାତ୍ପଦ ହେଲେ ନାହିଁ । କିନ୍ତୁ ସୂର୍ଯ୍ୟଙ୍କୁ ପଛ କରି ଠିଆ ହେଲେ ନିଜ ମୁହଁ ଅନ୍ଧାରରେ ବୁଡ଼ି ରହେ ସିନା, ସୂର୍ଯ୍ୟଙ୍କର କ୍ଷତି ହୁଏ କି ?

ସ୍ୱାମୀଜୀ ସ୍ୱଭାବ-ସିଦ୍ଧ ସ୍ଥିତ-ପ୍ରଜ୍ଞ ଭାବରେ ସମସ୍ତ ଉଚ୍ଛୁଳ ନିନ୍ଦା ପ୍ରଶଂସାକୁ ଭ୍ରୂକ୍ଷେପ କରୁ ନଥିଲେ । ତାଙ୍କର ଶାନ୍ତ, ଏକାନ୍ତ ପରିବ୍ରାଜକ ଜୀବନ ସଙ୍ଗେ ଏ ଜୀବନର ନିନ୍ଦା ପ୍ରଶଂସା ମୁଖର ବହୁଜନ ସଂପର୍କିତ ଜୀବନର ବିଲକ୍ଷଣ ଭେଦ ଲକ୍ଷ୍ୟ କରି ସେ ବିସ୍ମିତ ହେଉଥିଲେ । ଜୀବନରେ ଏହି ଆକସ୍ମିକ ପରିବର୍ତ୍ତନକୁ ସେ ଜଗନ୍ମାତାଙ୍କର ଇଚ୍ଛା ବୋଲି ଗ୍ରହଣ କରି ନେଲେ । ସ୍ୱାମୀଜୀଙ୍କ ଜୀବନଧାରାକୁ ଆଲୋଡ଼ିତ କରି ପରମହଂସ ଦେବଙ୍କ ଆଧ୍ୟାତ୍ମ ଚେତନା ବିଶ୍ୱ ପ୍ଲାବନ କରିବାକୁ ଲାଗିଲା ।

ସଭାପତି,
ବିବେକାନନ୍ଦ ସ୍ମୃତି ସଂସଦ, ଝାଞ୍ଜିସାହି, କଟକ



# ଯୁଗ ପୁରୁଷ ସ୍ୱାମୀ ବିବେକାନନ୍ଦ

ଡକ୍ଟର ଚକ୍ରପାଣି ମିଶ୍ର

କେଉଁ ଅନାଦି କାଳରୁ ଭାରତୀୟ ଋଷି ମୁନିଙ୍କର ଅତୀନ୍ଦ୍ରିୟ ପ୍ରଜ୍ଞା ରୂପୀ ଅନିର୍ବାଣ ପ୍ରଦୀପ ଶିଖା ଯେଉଁ କେତେ ଜଣ ଯୁଗ-ପୁରୁଷଙ୍କ ମାଧ୍ୟମରେ ଉଦ୍ଦିପ୍ତ ହୋଇ ଦେଶ ଓ କାଳାନ୍ତରକୁ ପରିବାହିତ ହୋଇ ଆସିଅଛି, ସେମାନଙ୍କ ମଧ୍ୟରେ ସ୍ୱାମୀ ବିବେକାନନ୍ଦ ଅନ୍ୟତମ । ଏହି ମହାନ୍ ବେଦାନ୍ତ ପ୍ରବକ୍ତା କେବଳ ଭାରତୀୟ ଜନତା ପାଇଁ ନୁହେଁ, ସାରା ବିଶ୍ୱର ଜନତା ପାଇଁ ପ୍ରେରଣା, ଆନନ୍ଦ ଓ ଶାନ୍ତିର ଶାଶ୍ୱତ ଉତ୍ସ ସ୍ୱରୂପ ହୋଇ ଋଷି ଯୁଗର ସେହି ଦିବ୍ୟ ସନ୍ଦେଶକୁ ବିଜ୍ଞାନ ଦୃଷ୍ଟ ବିଶ୍ୱବାସୀଙ୍କୁ ଯେପରି ଅଲୌକିକ ଦକ୍ଷତାର ସହ ପରିବେଷଣ କରି ଯାଇ-ଅଛନ୍ତି, ତାହା ପ୍ରାୟ ଅଭୂତପୂର୍ବ ।

ଯୁଗ ସନ୍ଧିରେ ଧର୍ମ, ସାମାଜିକ ଅଥବା ରାଜନୈତିକ ବିପ୍ଳବ ଉପସ୍ଥିତ ହେଲେ କେବଳ ଭାରତବର୍ଷରେ କାହିଁକି ପୃଥିବୀର ସର୍ବତ୍ର ସଂସ୍କାରକ, ମନୀଷୀ ଏବଂ ଯୁଗନାୟକ-ମାନଙ୍କର ଆବିର୍ଭାବ ଘଟିଥାଏ । ସୃଷ୍ଟିରକ୍ଷା ଏବଂ ମାନବ କଲ୍ୟାଣ ଲାଗି ଈଶ୍ୱରଙ୍କର ଏହା ଏକ ଚିରନ୍ତନ ବିଧାନ । ଭାରତବର୍ଷର ଗତ ପ୍ରାୟ ତିନି ହଜାର ବର୍ଷର ଇତିହାସ ପର୍ଯ୍ୟା-ଲୋଚନା କଲେ ଜଣାଯିବ ଯେ ଏହିପରି ଧର୍ମ ଧାରଣା ଗତ ଓ ସାମାଜିକ ମୂଲ୍ୟବୋଧଜନିତ ସଂସ୍କାର ବାରମ୍ବାର ସଂଘଟିତ ହୋଇ ଆସିଅଛି । ଦେବାବତାର ଶ୍ରୀ ରାମ ଓ ଶ୍ରୀ କୃଷ୍ଣଙ୍କ ଠାରୁ ଆରମ୍ଭକରି ଯୁଗପୁରୁଷ ଗଣ, ଯଥା—ମହାବୀର, ବୁଦ୍ଧଦେବ, ଶଙ୍କରାଚାର୍ଯ୍ୟ, ଚୈତନ୍ୟ, ରାମକୃଷ୍ଣ ପରମହଂସ, ସ୍ୱାମୀ ବିବେକାନନ୍ଦ ଆଦିଙ୍କର ଅଲୌକିକ ପ୍ରତିଭା, ତପସ୍ୟା, ତ୍ୟାଗ ଓ ପ୍ରରୋଚନା ଏହି ଦେଶକୁ ଏବଂ ସାରା ବିଶ୍ୱକୁ ମହା ଅନିଷ୍ଟରୁ ରକ୍ଷା କରି ଶାନ୍ତି ତଥା ସମୃଦ୍ଧି ମାର୍ଗରେ ଅଗ୍ରସର ହେବା ପାଇଁ ପ୍ରେରଣା ଯୋଗାଇ ଆସିଅଛି । ପ୍ରାଚୀନ ସ୍ମୃତିକାର ମନୁ ଯଥାର୍ଥରେ ନିର୍ଦ୍ଦେଶ କରି କହିଅଛନ୍ତି ।

"ଏତଦ୍ଦେଶ ପ୍ରସୂତାନାଂ ସକାଶାଦଗ୍ରଜନ୍ମନଃ
ସ୍ୱଂ ସ୍ୱଂ ଚରିତ୍ରଂ ଶିକ୍ଷେରନ୍ ପୃଥିବ୍ୟାଂ ସର୍ବମାନବାଃ"

"ସଭ୍ୟତାର ଉନ୍ମେଷ କାଳରୁ ଭାରତବର୍ଷରେ ଜନ୍ମଲାଭ କରିଥିବା ବିଦ୍ୟା ଓ ଗୁଣ ବରିଷ୍ଠ ମନୀଷୀ ଗଣଙ୍କଠାରୁ ଅଖିଳ ବିଶ୍ୱବାସୀ ଆପଣା ଚରିତ୍ର ଗଠନ କରିବା ପାଇଁ ପ୍ରେରଣା ଓ ଶିକ୍ଷା ଲାଭ କରନ୍ତି ।"

ଊନବିଂଶ ଶତାବ୍ଦୀ ଏପରିକି ବିଂଶ ଶତାବ୍ଦୀର ପ୍ରଥମାର୍ଦ୍ଧ ଯାବତ୍ ଭାରତବର୍ଷରେ ଧର୍ମର ଗ୍ଳାନି, କୁଶିକ୍ଷା, କୁସଂସ୍କାର ତଥା ବିଭ୍ରାନ୍ତି । ମନୁଷ୍ୟ ସମାଜକୁ ଗ୍ରାସ କରି ଆସିଥିଲା । ପାଶ୍ଚାତ୍ୟର ଐଶ୍ୱର୍ଯ୍ୟମୟ ବସ୍ତୁବାଦୀ ସଭ୍ୟତାର ଯାଦୁକରୀ ସ୍ପର୍ଶରେ ଏଦେଶର ଶିକ୍ଷିତ ସମାଜ ଆପାତ ସୁଖର ମୋହରେ ପଡ଼ି ଋଷି ପରଂପରା ଆନୀତ ଶ୍ରେୟ ଲାଭର ମାର୍ଗ ବିସ୍ମୃତ ହେବା ଉପରେ ବସିଥିଲେ । ଏହି ଯୁଗ ସନ୍ଧିରେ ଭାରତ ଭୂମିରେ ଶ୍ରୀ ଶ୍ରୀ ରାମକୃଷ୍ଣ ପରମହଂସଙ୍କର ଶୁଭ ଆବିର୍ଭାବ ଘଟିଲା । ମତାନ୍ଧତା, ପାଣ୍ଡିତ୍ୟାଭିମାନ ଓ ଧର୍ମବ୍ୟବସାୟଗତ କୁସଂସ୍କାର ଦୂର କରିବା ପାଇଁ ପଥଭ୍ରଷ୍ଟ ସମାଜରେ ସେ ଥିଲେ ଯେପରି ଏକ ଦେବଦୂତ । ସଂସାର ଦୁଃଖକ୍ଲିଷ୍ଟ ଅଜ୍ଞାନ ମୋହଗ୍ରସ୍ତ ତତ୍କାଳୀନ ଜନସାଧାରଣଙ୍କର ଦୁର୍ଦ୍ଦଶାରେ ସେ କାତର ଓ ଦୟାଦ୍ର ହୋଇ ଯାଉଥିଲେ । ସର୍ବଭୂତରେ ଈଶ୍ୱର ଦର୍ଶନ, ପରମାଣୁ ମଧ୍ୟରେ ପରମାତ୍ମାଙ୍କର ପରି-ପ୍ରକାଶର ଅନୁଭୂତି ତାଙ୍କ ପାଇଁ ଖାଲି ପୋଥିକଥା ବା ଶାସ୍ତ୍ରବାଣୀ ହୋଇ ନଥିଲା, ବରଂ ଥିଲା ତାଙ୍କର ଅଲୋକ ସମାଜର ଚରିତ୍ରର ଏକ ସ୍ୱତଃ ସ୍ଫୂର୍ତ୍ତ ସ୍ୱୀକୃତି ଓ ପ୍ରତୀତି । ଧ୍ୟାନ ଯୋଗ ଓ ସହଜ ଭାବ ସମାଧି ମାଧ୍ୟମରେ ମହାଜ୍ଞାନୀ ସୁଲଭ ସରଳତା ଅବଲମ୍ବନ କରି ଦିବ୍ୟଭାବରେ ଆବିଷ୍ଟ ହୋଇ ରହିବା ଯୁବଦଶାରୁ ଏହି ମହାପୁରୁଷଙ୍କର ଥିଲା ଏକ ସ୍ୱଭାବ ସୁଲଭ ବୈଶିଷ୍ଟ୍ୟ । ଆନୁଷ୍ଠାନିକ ଶିକ୍ଷାଦୀକ୍ଷା ଲାଭ କରି ନଥିଲେ ହେଁ, ତତ୍କାଳୀନ ଶିକ୍ଷିତ ସମାଜର ପ୍ରତିଭାଶାଳୀ ଗୁଣୀ ତଥା କୃତବିଦ୍ୟା ପଣ୍ଡିତ ମଣ୍ଡଳୀ ତାଙ୍କ ପଦପ୍ରାନ୍ତରେ ମିଳିତ ହୋଇ ତାଙ୍କର ଉପଦେଶାମୃତ ପାନ କରୁଥିଲେ । ଔପଚାରିକ ବା ଆନୁଷ୍ଠାନିକ ଶିକ୍ଷାର ଦମ୍ଭ, ବୈଜ୍ଞାନିକତାର

ଅଭିମାନ ଏହି ଆପ୍ତକାମ ମହାପୁରୁଷଙ୍କର ସାନ୍ନିଧ୍ୟରେ ଅଚିରେ ବିଚ୍ୟୁତ ହୋଇଯାଉଥିଲା ।

୧୮୮୦ ମସିହାର ଏକ ଶୁଭ କ୍ଷଣରେ ଏହି ମହାପୁରୁଷଙ୍କ ସଂସ୍ପର୍ଶରେ ଆସିଥିଲେ ଯେଉଁ ଅସାମାନ୍ୟ ଶକ୍ତିଧର ଯୁବକ, ତାଙ୍କର ନାମ ଥିଲା ଶ୍ରୀ ନରେନ୍ଦ୍ରନାଥ ଦତ୍ତ । ଏହି ଯୁବକଙ୍କର ମଧ୍ୟରେ ରହିଥିଲା ଅସୀମ ସଂଭାବନା, ଯାହାକୁ ଜନନୀ ଜାଣିପାରି ଶ୍ରୀ ରାମକୃଷ୍ଣ ପରମହଂସ ଦେବ ନିଜେ ଏହି ଯୁବକଙ୍କର ସାନ୍ନିଧ୍ୟ ପାଇଁ ବ୍ୟାକୁଳ ହୋଇ ଉଠୁଥିଲେ । ଯଥା ସମୟରେ ଏହି ସୁଦର୍ଶନ ଶିକ୍ଷିତ, ସୁବିବେକୀ ଯୁବକଙ୍କର ଆଧାରରେ, ମହାପୁରୁଷ ପ୍ରବରଙ୍କର କୃପାଶକ୍ତି ସଂଚରିତ ହୋଇ ତାଙ୍କର ଅନ୍ତର୍ନିହିତ ସୁସଂସ୍କାରପୁଞ୍ଜ ଏବଂ ଆଧ୍ୟାତ୍ମ ଅନୁଭୂତିକୁ ଉଦ୍ଦୀପ୍ତ କରିଦେଇଥିଲା । ଏହି ସମୟରେ ଏକାଧିକ ବୈରାଗ୍ୟବାନ୍ ଯୁବକ ଶ୍ରୀ ଶ୍ରୀ ରାମକୃଷ୍ଣଙ୍କ ପଦପ୍ରାନ୍ତରେ ଉପସ୍ଥିତ ହେଉଥିଲେହେଁ ଯୁବକ ନରେନ୍ଦ୍ରନାଥଙ୍କ ପାଖରେହିଁ ରହିଥିଲା ଏକ ସ୍ୱତନ୍ତ୍ର ପ୍ରତିଶ୍ରୁତି । ଗୁରୁ କୃପାପୁତ ହୋଇ ଏହାହିଁ ତଦୀୟ ପ୍ରଜ୍ଞାକୁ ସୁକୌଶଳରେ ବିକଶିତ କରାଇ ତାଙ୍କୁ ଯୋଗ ଓ ଜ୍ଞାନ ସାଧନାର ଉଚ୍ଚତମ ସୋପାନରେ ଅଧିରୂଢ଼ କରାଇପାରିଥିଲା । ଏହି ଯୁବକହିଁ ପରବର୍ତ୍ତୀ କାଳରେ ସ୍ୱାମୀ ବିବେକାନନ୍ଦ ନାମରେ ବିଶ୍ୱବିଶ୍ରୁତ ହୋଇ ମାନବ ଜାତିର ଅଶେଷ ଆଧ୍ୟାତ୍ମିକ କଲ୍ୟାଣ ସାଧନ କରିପାରିଥିଲେ ।

ଅନେକ ଗୁରୁଶିଷ୍ୟଙ୍କର ଚିରନ୍ତନ ନିବିଡ଼ ସଂଯୋଗର ବିଶେଷତ୍ୱ ଅନୁଭବ କରିବାର ସୁଯୋଗ ହୁଏତ ପାଇନଥିବେ । ଚରମ ବା ପରମ ଜ୍ଞାନ ଲାଭ ମାଧ୍ୟମରେ ଆତ୍ମ ସଂପୂର୍ତ୍ତି ତଥା ଜଗଦ୍ହିତକର କର୍ମ ପ୍ରେରଣା ଲାଭ କରିପାରିବା ସ୍ୱୟଂସିଦ୍ଧ ଗୁରୁଦେବଙ୍କର କୃପାଶୀର୍ବାଦ ବ୍ୟତୀତ ଅସମ୍ଭବ କହିଲେ ଚଳିବ । ଉଭୟକାଳରେ ପ୍ରତ୍ୟେକ ଘଟଣା ବା ଭାଷଣ ସଂକ୍ରାନ୍ତରେ ସ୍ୱାମୀ ବିବେକାନନ୍ଦ ଆପଣା ଗୁରୁଦେବଙ୍କର ଏହି ଅଯାଚିତ ଆଶୀର୍ବାଦ କଥାର ଉଲ୍ଲେଖ କରିବାପାଇଁ ଭୁଲି ନାହାନ୍ତି ।

ଯମରାଜ ନଚିକେତାଙ୍କୁ ଉପଦେଶ ପ୍ରସଙ୍ଗରେ କହିଥିଲେ ବ୍ରହ୍ମଜ୍ଞାନ ବା ପରମଜ୍ଞାନ ଏପରି ସୂକ୍ଷ୍ମ ତଥା ଅଲୌକିକ ବ୍ୟାପାର ଯେ ସାଧାରଣ ମନୁଷ୍ୟଙ୍କଠାରୁ ଏହା ଶ୍ରବଣକରି ଜାଣିବା ବା ଅନୁଭବ କରିବା ଅସଂଭବ ପ୍ରାୟ ।

"ନ ନରେଣାବରେଣ ପ୍ରୋକ୍ତ ଏଷ ସୁବିଜ୍ଞେୟୋ ବହୁଧା ଚିନ୍ତ୍ୟମାନଃ
ଅନନ୍ୟ ପ୍ରୋକ୍ତେ ଗତିରତ୍ର ନାସ୍ତି ଅଣୀୟାନ୍ ହ୍ୟତର୍କ୍ୟ
ଅଣୁ ପ୍ରମାଣାତ

—କଠୋପନିଷଦ୍—

ଏହି ଜ୍ଞାନ କେବଳ ଅଣୁଠାରୁ ମଧ୍ୟ ଅଣୀୟାନ୍ ବ୍ୟାପାର ନୁହେଁ (ଯେପରି ହୋଇଥିଲେ ଆଧୁନିକ ବିଜ୍ଞାନ ଏହାର ସନ୍ଧାନ ପାଇ ସାରିଥାଆନ୍ତା) । ଏହା ଅଚିନ୍ତ୍ୟମାନ ମନବୁଦ୍ଧିର ଅଗୋଚର ବ୍ୟାପାର । ତେଣୁ ଗୋପନ, ଭଗବାନ ସେହି ଅନାଦିକାଳରୁ ଗୁରୁ ପରଂପରା ମାଧ୍ୟମରେ ଏହି ଜ୍ଞାନକୁ ଆମ ପର୍ଯ୍ୟନ୍ତ ବା ଅଧୁନାତନ କାଳ ପର୍ଯ୍ୟନ୍ତ ଏପରିକି କାଳକାଳକୁ ପ୍ରବାହିତ କରାଇବା ବ୍ୟବସ୍ଥା କରି ଦେଇଛନ୍ତି । ଏହାହିଁ ଭାରତୀୟ ପରଂପରାରେ "ଗୁରୁବାଦ" ନାମରେ ବିଖ୍ୟାତ ଏବଂ ସ୍ୱାମୀ ବିବେକାନନ୍ଦଙ୍କ ଜୀବନରେ ଉଦାନୀନ୍ତନ କାଳରେ ଏହି ଗୁରୁ ବ୍ୟକ୍ତିର ପ୍ରକ୍ରିୟା ଓ ଲୀଳା ଏକ ନାଟକୀୟ ଭଙ୍ଗୀରେ ସଂଘଟିତ ହୋଇଥିଲା । ସୁଦୂର ଇଉରୋପ ଓ ଆମେରିକାରେ ସ୍ୱାମୀଜୀ ଆପଣା ଗୁରୁଦେବଙ୍କର ଅସାମାନ୍ୟ ପ୍ରତିଭା, ସମନ୍ୱୟତା ବାଣୀ ଏବଂ ସ୍ୱଭାବସୁଲଭ ଜୀବ ପ୍ରୀତିର ଭୂୟସୀ ଉଲ୍ଲେଖ କରୁଥିଲେ । ଯଦ୍ୟପି କାଗଜିକ ଦୃଷ୍ଟିରେ ଶ୍ରୀ ଶ୍ରୀ ରାମକୃଷ୍ଣ ଥିଲେ ନିଃସ୍ୱ, ଆନୁଷ୍ଠାନିକ ଶିକ୍ଷା ଦୀକ୍ଷାହୀନ ନଥିଲା ତାଙ୍କର ପିତୃକୁଳର କୌଣସି ସମ୍ପର୍କ, ତେଣୁ ତାଙ୍କର ସାମାଜିକ ଗୌରବ କଥାର ଉଲ୍ଲେଖ ନିଷ୍ପ୍ରୟୋଜନ । ସେ ଥିଲେ ଯଥାର୍ଥ ସାଧୁ, ଭାରତୀୟ ଋଷି ଯୁଗର ପ୍ରଜ୍ଞାର ବାହକ, ଧାରକ ଏବଂ ଯୁଗୋପଯୋଗୀ ଭାଷ୍ୟକାର ।

ଏକଦା ତନ୍ମୟ ଗୁରୁଦେବଙ୍କ ସମକ୍ଷରେ ସ୍ୱାମୀ ବିବେକାନନ୍ଦ ଯୋଗସାଧନା ମାଧ୍ୟମରେ କଠୋର ତପସ୍ୟାରତ ହେବାପାଇଁ ଅନୁମତି ଲୋଡ଼ିବାରୁ, ଶ୍ରୀ ଶ୍ରୀ ରାମକୃଷ୍ଣ ତାଙ୍କୁ ଅନୁଯୋଗ କରି କହିଥିଲେ ଯେ ବ୍ୟକ୍ତିଗତ ମୋକ୍ଷାକାଂକ୍ଷା ଅପେକ୍ଷା ଜୀବସେବା ବ୍ରତରେ ଉଦ୍‌ବୁଦ୍ଧ ହୋଇ ଜୀବନକୁ ତହିଁରେ ଉତ୍ସର୍ଗ କରିପାରିବା ଆହୁରି ଶ୍ରେୟସ୍କର । ଅତଏବ ବ୍ୟକ୍ତିଗତ ତପସ୍ୟାରେ ସିଦ୍ଧିଲାଭର ପରବର୍ତ୍ତୀ ଭୂମିକା ଯେ ଲୋକସେବା ବ୍ରତ ଏହି ମହତ୍ ଶିକ୍ଷା ସ୍ୱାମୀଜୀ ଆପଣା ଗୁରୁଙ୍କଠାରୁ ସର୍ବାଦୌ ଲାଭ କରିଥିଲେ । ଏହି କାରଣରୁ ଯୋଗ ସାଧନାରେ ପ୍ରାଥମିକ ସିଦ୍ଧିଲାଭ ହେବାପରେ ନିର୍ବିକଳ୍ପ ବ୍ରହ୍ମାନନ୍ଦ ଆସ୍ୱାଦନରେ ନିମଜ୍ଜିତ ନରହି ସ୍ୱାମୀଜୀ ଆଗେଇ ଆସିଥିଲେ ଲୋକ ଚରିତ୍ର ନିର୍ମାଣ, ଦୀନ ଦରିଦ୍ରର ସେବା, ସତ୍‌ଶିକ୍ଷା ବିସ୍ତାର ଆଦି ବହୁ ଜନହିତାୟ ବହୁଜନ ସୁଖାୟ ବ୍ରତ ପାଳନ କରିବା ପାଇଁ । ସାରା ଭାରତବର୍ଷରେ ପରିବ୍ରାଜକ ଭାବେ ପ୍ରାନ୍ତେ ପ୍ରାନ୍ତେ ବୁଲି ବୁଲିଥିଲେ ଏବଂ ସମାଜର ତତ୍‌କାଳୀନ ଦୁର୍ଦ୍ଦଶା ଲକ୍ଷ୍ୟ କରି ସେ ଘୋର ମର୍ମବେଦନା ଅନୁଭବ କରିଥିଲେ । ଅନନ୍ତର ତାଙ୍କ ପାଖରେ ଆମେରିକାଯାତ୍ରାର ସୁଯୋଗ ଆସି ଉପସ୍ଥିତ ହୋଇଥିଲା । ବିଶ୍ୱଧର୍ମ ମହାସଭାରେ ବେଦାନ୍ତର ଗୁରୁଗଂଭୀର ବାଣୀ ଓ ଭାରତୀୟ ସନାତନ ସାର୍ବଜନୀନ ଧର୍ମ ପରଂପରାର ଅଭିନବ ବାର୍ତ୍ତା ସେ ସେଠାରେ ଏବଂ ପରବର୍ତ୍ତୀ କାଳରେ ଅନ୍ୟାନ୍ୟ ଅନେକ ପାଶ୍ଚାତ୍ୟ ଦେଶରେ ପ୍ରଚାର କରିଥିଲେ । ତାଙ୍କର ବାଗ୍ମିତା ଥିଲା ଅପୂର୍ବ, ପାଣ୍ଡିତ୍ୟ ଅସାମାନ୍ୟ, ଶକ୍ତି ଅପୂରନ୍ତ ଏବଂ ବ୍ୟକ୍ତିତ୍ୱ ଅତି ପ୍ରଭାବଶାଳୀ, ଅନେକ ମୌଳିକ ଭାଷଣ ଗ୍ରନ୍ଥର ସେ ପ୍ରଣେତା । ତାଙ୍କର ପ୍ରତିଟି ଭାଷଣ ପୁସ୍ତିକାକାରରେ ଲିପିବଦ୍ଧ ହୋଇ ଅଜ୍ଞାନହତ ଚେତନ ମନୁଷ୍ୟ ସମାଜର ଅଶେଷ କଲ୍ୟାଣ ସାଧନ କରିପାରିଥିଲା । ସେ ଥିଲେ ଭାରତୀୟ ପରଂପରାର ଯୋଗ୍ୟତମ ଦାୟାଦ । ଜ୍ଞାନ, ଭକ୍ତି, ଯୋଗ ଓ କର୍ମ ଏହି ଚତୁର୍ବିଧ ମାନବୀୟ ମୂଲ୍ୟବୋଧ ବା ଜିଜ୍ଞାସା ଚରିତାର୍ଥ କରିବା ପାଇଁ ସେ ଜ୍ଞାନଯୋଗ, ଭକ୍ତିଯୋଗ, ରାଜଯୋଗ ଏବଂ କର୍ମଯୋଗ ନାମକ ଅଭିନବ ଗ୍ରନ୍ଥାବଳୀ ମାଧ୍ୟମରେ ସାରସ୍ୱତ ଦାର୍ଶନିକ ତଥା ଆଧ୍ୟାତ୍ମିକ ଭାବଧାରାର ଅପୂର୍ବ ସମନ୍ୱୟ ସାଧନ କରିପାରିଥିଲେ । ଏହି ଗ୍ରନ୍ଥ

ମାନଙ୍କର ପ୍ରତି ପୃଷ୍ଠାରେ ସନାତନ ଶାସ୍ତ୍ରଭିତ୍ତିକ ତଥା ଆପଣା ଅନୁଭବ ସମୃଦ୍ଧ ତଥ୍ୟାବଳୀ ପରିବେଷିତ ହୋଇଅଛି । ଚଳିତ ଶତକର ପ୍ରଥମ ଦଶକରେ ତାଙ୍କର ଦେହାବସାନ ଘଟି ସାରିଥିଲେ ହେଁ, ତାଙ୍କର ଏହି ଗ୍ରନ୍ଥାବଳୀ ଏବଂ ଶତାଧିକ ପ୍ରବଚନ ବାଣୀ ତଥା ସନ୍ଦେଶ ଏବେ ମଧ୍ୟ ସ୍ୱକୀୟ ମହିମାରେ ଜାଜ୍ୱଲ୍ୟମାନ ରହିଛି । ଆଜିର ନବଯୁବକ ତହିଁରୁ ପ୍ରେରଣା ଲାଭ କରିପାରିବା ପାଇଁ ସୁବ୍ୟବସ୍ଥା ହେବା ଦରକାର । ଇଦାନିନ୍ତନ କାଳରେ ଜୀବନର ମୂଲ୍ୟବୋଧ ନେଇ ନାନା ସଂଶୟର ସୂତ୍ରପାତ ହୋଇଥିବା ଭଳି ମନେ ହେଉଛି । ବିଜ୍ଞାନ ଦୃପ୍ତ ମନୁଷ୍ୟ ଏବେ ମଧ୍ୟ ତାର ଦମ୍ଭ ଅଭିମାନ ପୁରାପୁରି ପରିହାର କରି ପାରି ନାହିଁ । ସ୍କୁଲ କଲେଜର ଛାତ୍ର, ଶିକ୍ଷକ, ସାଧାରଣ ଗୃହି, ନେତା ଓ ଜନତା ଅନେକ କ୍ଷେତ୍ରରେ ଆଦର୍ଶହୀନ, ଦିଗଭ୍ରାନ୍ତ ଭଳି ପ୍ରତୀୟମାନ ହେଉଛନ୍ତି, ବସ୍ତୁତଃ ଏହିପରି ସଂଶୟ ଏବଂ ବିଭ୍ରାନ୍ତି ସାଂପ୍ରତିକ କାଳରେ ନାନା-ରକମ ହିଂସା, ଉପଦ୍ରବ ଓ ଅଶାନ୍ତି ସୃଷ୍ଟି କରୁଛି । ପରିବର୍ତ୍ତିତ ଶିକ୍ଷା ନୀତି ଓ ପ୍ରସ୍ତାବିତ ପାଠ୍ୟକ୍ରମ ମାଧ୍ୟମରେ ଭାରତୀୟ ପରଂପରା ନୀତ ମୂଲ୍ୟବୋଧ, (ଯାହା ସ୍ୱାମୀଜୀଙ୍କ ଲେଖା ଓ ବାଣୀରେ ଉଜ୍ଜ୍ୱଳତର ଏବଂ କଲ୍ୟାଣକାରୀ ରୂପେ ପ୍ରକାଶ ପାଇ ଥିବା କଥା ଆମର ନେତୃବର୍ଗ ଅନୁଭବ କରି ସାରିଲେଣି) ଆମର ଯୁବକ, ଯୁବତୀ ଓ ଛାତ୍ର ଛାତ୍ରୀଙ୍କୁ ନିକଟରେ ଉପସ୍ଥାପନା କରାଯାଇ ପାରିଲେ: ସ୍ୱାମୀଜୀଙ୍କର ସ୍ୱପ୍ନର ଭାରତବର୍ଷ ପୁନରୁଜ୍ଜୀବୀତ ଓ ସର୍ବତୋଭାବେ ସମୃଦ୍ଧ ହୋଇ ଉଠ ପାରନ୍ତା । କିନ୍ତୁ କେବଳ ଶିକ୍ଷାନୀତିରେ ନୁହେଁ, କର୍ମ ମାଧ୍ୟମରେ, ତପସ୍ୟା ମାଧ୍ୟମରେ ଏବଂ ଅନୁଶୀଳନ ଓ ତ୍ୟାଗ ମାଧ୍ୟମରେ ଶିକ୍ଷାବର୍ଗ ପ୍ରଥମେ ଏହି ସନ୍ଦେଶକୁ ଆତ୍ମସାତ୍ କରିବା ଦରକାର—ତ୍ୟାଗ ଅର୍ଥାତ୍ ସ୍ୱାର୍ଥ ତ୍ୟାଗ, ବ୍ୟତୀତ ଆଉ ମହତ୍ କିଛି ନାହିଁ—ସକଳ ଭୋଗରେ ମୂଳରେ ତ୍ୟାଗର ହିଁ ମହନୀୟ ଅବଦାନ ବିଦ୍ୟମାନ । ଯଥାର୍ଥରେ କୁହାଯାଇଛି—

ଈଶାବାସ୍ୟ ମିଦଂ ସର୍ବଂ ଯତ୍ କିଂଚ୍ ଜଗତ୍ୟାଂ ଜଗତ୍
ତେନ ତ୍ୟକ୍ତେନ ଭୁଞ୍ଜୀଥାଃ ମାଗୃଧଃ କସ୍ୟସ୍ୱିଦ୍ଧନଂ

(ଈଶାବାସ୍ୟୋପନିଷଦ୍)

ବିବେକାନନ୍ଦ ସ୍ମୃତି ସଂସଦ
ପ୍ରଫେସର, ସଏଲ ଫିଜିକ୍ସ୍,
ଓ. ୟୁ. ଏ. ଟି. ଭୁବନେଶ୍ୱର ।



# ସମୃଦ୍ଧିର ନୂତନ ଦିଗନ୍ତ

* ୧୯୮୦-୮୫ ରେ ଓଡ଼ିଶାର ଅର୍ଥନୈତିକ ଅଭିବୃଦ୍ଧି ହାର ସର୍ବଭାରତୀୟ ହାରଠାରୁ ଅଧିକ ।
* ଷଷ୍ଠ ଯୋଜନା କାଳରେ ଓଡ଼ିଶାର ଅଭିବୃଦ୍ଧିର ହାର ଶତକଡ଼ା ଛଅ ଦଶମିକ ଏକ ହୋଇଥିବା ସ୍ଥଳେ ସର୍ବଭାରତୀୟ ହାର ଥିଲା ପାଞ୍ଚ ଦଶମିକ ତିନି ।
* ସପ୍ତମ ପଞ୍ଚବାର୍ଷିକ ଯୋଜନାର ବ୍ୟୟ ଅଟକଳ ଦୁଇ ହଜାର ସାତ ଶହ କୋଟି ଟଙ୍କା । ୧୯୮୦-୮୧ ମୂଲ୍ୟ ପରିପ୍ରେକ୍ଷୀରେ ଷଷ୍ଠ ଯୋଜନା ତୁଳନାରେ ଏହା ଶତକଡ଼ା ଅଠେଇଶ ଦଶମିକ ସାତ ଭାଗ ଅଧିକ ।
* ଷଷ୍ଠ ଯୋଜନାରେ ବିଭିନ୍ନ ଦାରିଦ୍ର୍ୟ ଦୂରୀକରଣ କାର୍ଯ୍ୟକ୍ରମରେ ଉପକୃତ ହୋଇଥିବା ବ୍ୟକ୍ତିଙ୍କ ମଧ୍ୟରୁ ଶତକଡ଼ା ପଇଁଚାଳିଶ ଭାଗ ହରିଜନ ଓ ଆଦିବାସୀ ।
* କୃଷିଭିତ୍ତିକ ଶିଳ୍ପର ବିକାଶ, ଉନ୍ନତ ବିହନ ଓ ସାର ଯୋଗାଣ, ପ୍ରୌଢ଼ଶିକ୍ଷା ଓ ଅଣ-ଆନୁଷ୍ଠାନିକ ଶିକ୍ଷାର ପ୍ରସାର, ବିଜ୍ଞାନ ଓ କାରିଗରୀ କ୍ଷେତ୍ରରେ ନୂତନ କୌଶଳର ପ୍ରବର୍ତ୍ତନ, ଖେଳ କସରତ, ମହିଳାମାନଙ୍କ ପାଇଁ ସ୍ୱତନ୍ତ୍ର କର୍ମଯୋଗାଣ ଓ ସର୍ବୋପରି ଆର୍ଥିକ କ୍ଷେତ୍ରରେ ଦୁର୍ବଳଶ୍ରେଣୀ ଲୋକମାନଙ୍କ ଅର୍ଥନୈତିକ ଅଭ୍ୟୁତ୍ଥାନ ଦିଗରେ ଓଡ଼ିଶାର ଉନ୍ନତି ଉଲ୍ଲେଖନୀୟ ।
* ୧୯୮୬ରେ ନୂତନ ଶିଳ୍ପନୀତି ଫଳରେ ଓଡ଼ିଶାରେ ବୃହତ୍, ମଧ୍ୟମ ଓ କ୍ଷୁଦ୍ର ଶିଳ୍ପର ଦ୍ରୁତ ପ୍ରସାର ସଙ୍ଗେ ସଙ୍ଗେ ନୂତନ କାରିଗରୀ କୌଶଳର ପ୍ରୟୋଗ ତଥା ଅନୁନ୍ନତ ଅଞ୍ଚଳମାନଙ୍କରେ ଶିଳ୍ପ ପ୍ରତିଷ୍ଠା ପ୍ରତି ଅଧିକ ଗୁରୁତ୍ୱ ଦିଆଯାଇଛି ।

ସୂଚନା ଓ ଲୋକ ସଂପର୍କ ବିଭାଗ
ଓଡ଼ିଶା ସରକାର

# ଯୁବ ସମାଜ ପ୍ରତି ଆହ୍ୱାନ

ଶ୍ରୀ ପ୍ରଶାନ୍ତ କୁମାର ମିଶ୍ର

କଲ୍ୟାଣ କଳ୍ପତରୁ ଠାକୁର ଶ୍ରୀ ରାମକୃଷ୍ଣ ପରମହଂସଙ୍କ ଆଧ୍ୟାତ୍ମିକ ଦାୟାଦ ଓ ଦ୍ୱିତୀୟ ଆତ୍ମା ବେଦାନ୍ତ କେଶରୀ ସ୍ୱାମୀ ବିବେକାନନ୍ଦ । ଯାହାଙ୍କୁ ସ୍ମରଣ କଲେ, ଯାହାଙ୍କ ଜୀବ କିର୍ତ୍ତନ କଲେ, ଯାହାଙ୍କ ଦିବ୍ୟ ବିଗ୍ରହକୁ ଧ୍ୟାନ ଚକ୍ଷୁରେ ଦର୍ଶନ କଲେ ତଥା ଯାହାଙ୍କ ବାଣୀର ମନ୍ଦ୍ର ଝଙ୍କାର ଶ୍ରବଣ କଲେ ମୃୟମାଣ ସଞ୍ଜୀବିତ ହୁଏ, ପ୍ରେରଣାର ଅସରନ୍ତି ଉତ୍ସ ଅଦ୍ଭୁତ ଚରିତ୍ର ସେହି ସ୍ୱାମୀ ବିବେକାନନ୍ଦ ଆଜି ନିଦଳ ଯୁବଜନ ଓ ଯୁବ ଶକ୍ତିର ପ୍ରତିଭୂ ରୂପେ, ପ୍ରତିମା ରୂପେ ଓ ପ୍ରତିନିଧି ରୂପେ ବିଶ୍ୱବନ୍ଦ୍ୟ ଆସନର ଅଧିକାରୀ । ଯଦି ଆଜି ପ୍ରଶ୍ନ କରାଯାଏ, ଯେ ବିଶ୍ୱର କେଉଁ ମହିମାନ ବ୍ୟକ୍ତିଙ୍କୁ ତାଙ୍କ ଚାହାଣୀ, ଚେହେରା, ଚମକ, ଆକୃତି ଓ ପ୍ରକୃତି ଲାଗି ଯୁବ ଜୀବନର ପ୍ରତୀକ ରୂପେ ଗ୍ରହଣ କରାଯିବ ତାହାହେଲେ ତାହାର ଉତ୍ତରରେ ଯାହାଙ୍କ ପ୍ରତି କୃତାଞ୍ଜଳିବଦ୍ଧ ପୁଷ୍ପାଞ୍ଜଳି ବିଶ୍ୱର ପ୍ରତି କୋଣରୁ ଝରି ପଡୁଛି, ସେ ହେଉଛନ୍ତି ବୀର ସନ୍ନ୍ୟାସୀ ବେଦାନ୍ତ କେଶରୀ ସ୍ୱାମୀ ବିବେକାନନ୍ଦ । ସ୍ୱାମୀଜୀଙ୍କ ସିଂହଦୃପ୍ତ ଠାଣୀରେ ଠିଆ ହେବା ଛବି ଯେ ଦେଖିଛନ୍ତି ସେ ଅନୁଭବ କରିଛନ୍ତି ଯେ କେଉଁ ଧନରେ ଧନୀ କେଉଁ ଗୁଣରେ ଗୁଣୀ ଓ କେଉଁ ଶକ୍ତିରେ ଶକ୍ତିବନ୍ତ ହେଲେ ମନୁଷ୍ୟ ଏପରି ଉର୍ଦ୍ଧ୍ୱଶିର ହୋଇ ଠିଆ ହୋଇ ପାରେ, ସ୍ୱାମୀଜୀଙ୍କର ସ୍ୱରରେ ସନ୍ତସିନ୍ଧୁର ଗର୍ଭ ଆଦର୍ଶରୁ ନିଃସାରିତ ଶଙ୍ଖଧ୍ୱନି ପ୍ରସାରିତ ହେଉଥିଲା । ଥରେ ଜଣେ ଆମେରିକୀୟ ବ୍ୟକ୍ତି କହିଥିଲେ—ସ୍ୱାମୀଜୀଙ୍କ ପ୍ରତି ବକ୍ତୃପାତରେ ଏକ ସୁସମର୍ଥ ସେନାଧ୍ୟକ୍ଷ ଓ ସମ୍ରାଟଙ୍କ ଅଲଙ୍ଘନୀୟ ଆଦେଶନାମା ଜାରି ହୋଇ ଯାଉଥିଲା ପରି ବୋଧ ହେଉଥିଲା । ସ୍ୱାମୀ ବିବେକାନନ୍ଦ ହେଉଛନ୍ତି ଚିର ପରମ୍ପରାର ପ୍ରତୀକ । ସନ୍ନ୍ୟାସୀ ହୋଇ ମଧ୍ୟ ସେ ଜଗତଠାରୁ ଦୂରେଇ ଯାଇ ନଥିଲେ କିମ୍ବା ଈଶ୍ୱରଙ୍କର ସନ୍ଧାନରେ ସେ ପାହାଡ଼ ପର୍ବତ, ବଣ ଜଙ୍ଗଲରେ ଘୁରି ବୁଲି ନ ଥିଲେ । ମଣିଷ ମଧ୍ୟରେ ହିଁ ସେ ଈଶ୍ୱରଙ୍କର ସତ୍ତା ଉପଲବ୍ଧି କରିଥିଲେ । ତାଙ୍କର ଗୁରୁଦେବ କଲ୍ୟାଣ କଳ୍ପତରୁ ଶ୍ରୀରାମକୃଷ୍ଣ ପରମହଂସ ଦେବ କହିଛନ୍ତି—ମୁଁ ଏହି ପୃଥିବୀରେ ଯେ କୌଣସି ମନୁଷ୍ୟକୁ ଦେଖିଲେ ମନୁଷ୍ୟ ଶରୀରରେ ଈଶ୍ୱରଙ୍କୁ ଦେଖିଥାଏ । ଠାକୁର ଶ୍ରୀରାମକୃଷ୍ଣ କଳ୍ପତରୁ ହେଲେ ସ୍ୱାମୀ ବିବେକାନନ୍ଦ ଧନ୍ୱନ୍ତରୀ ଅଟନ୍ତି । ସ୍ୱାମୀଜୀ କହିଛନ୍ତି—ଏତେ ଆତ୍ମ ନିଗ୍ରହ ପରେ ମୁଁ ଏହି ନିଶ୍ଚିତ ସତ୍ୟରେ ଉପନୀତ ହୋଇଛି ଯେ—ପ୍ରତ୍ୟେକ ଜୀବ ମଧ୍ୟରେ ଈଶ୍ୱର ଅଛନ୍ତି; ଏହା ବ୍ୟତୀତ ଅନ୍ୟ କୌଣସି ଈଶ୍ୱର ନାହାନ୍ତି । ଯେ ଜୀବକୁ ସେବାକରେ, ସେହିହିଁ କେବଳ ଭଗବାନଙ୍କୁ ସେବା କରେ । ଦୁଃଖୀ, ଦରିଦ୍ର ଓ ବେଦନାକ୍ଲିଷ୍ଟ ମନୁଷ୍ୟ ତାଙ୍କ ନିକଟରେ ଈଶ୍ୱର ରୂପରେ ପ୍ରତିଭାତ ହେଉଥିଲେ । ଦୁର୍ବଳ, ଅକ୍ଷମ, ନିପୀଡ଼ିତ ମନୁଷ୍ୟମାନଙ୍କ କଥା ଚିନ୍ତାକରି ସେ ବେଦନାରେ ଅଧୀର ହୋଇ ପଡୁଥିଲେ । ଥରେ ଆମେରିକାର ଏକ ହୋଟେଲରେ ତାଙ୍କୁ ନିଗ୍ରୋମନେକରି ପ୍ରବେଶ କରିବାପାଇଁ ଅନୁମତି ଦିଆଯାଇନଥିଲା । କିନ୍ତୁ ସେଥିପାଇଁ ସେ ନିଗ୍ରୋ ନୁହନ୍ତି ବୋଲି କହି ନଥିଲେ । କାରଣ ଯେଉଁମାନେ ନିପୀଡ଼ିତ, ସେ ନିଜକୁ ସେମାନଙ୍କର ସମଗୋତ୍ରୀ ବୋଲି ଭାବୁଥିଲେ । ତେଣୁ ଆମେରିକାର ନିଗ୍ରୋ ତାଙ୍କର ଭାଇ, ମିଶରର ପତିତା ତାଙ୍କର ଭଉଣୀ । ମନୁଷ୍ୟର ଅବମାନନା ସେ ସହିପାରୁ ନ ଥିଲେ ।

ସ୍ୱାମୀଜୀଙ୍କର ଭାରତପ୍ରତି ପ୍ରଗାଢ଼ ପ୍ରେମ ଥିଲା । ତେଣୁ ସେ ଆହ୍ୱାନ କରିଛନ୍ତି—"ହେ ଭାରତ, ଭୁଲିଯାଅ ନାହିଁ—ତୁମର ନାରୀ ଜାତିର ଆଦର୍ଶର ସୀତା, ସାବିତ୍ରୀ, ଦମୟନ୍ତି, ଭୁଲନାହିଁ ତୁମର ଉପାସ୍ୟ ଉମାନାଥ ସର୍ବତ୍ୟାଗୀ ଶଙ୍କର, ଭୁଲନାହିଁ—ତୁମର ବିବାହ, ତୁମର ଧନ, ତୁମର ଜୀବନ, ଇନ୍ଦ୍ରିୟ ସୁଖ—ନିଜର ବ୍ୟକ୍ତିଗତ ସୁଖପାଇଁ ନୁହେଁ । ଭୁଲନାହିଁ—ତୁମେ ଜନ୍ମଠାରୁ ମାଙ୍କ ପାଇଁ ବଳି ପ୍ରଦତ୍ତ; ଭୁଲନାହିଁ—ତୁମର ସମାଜ ସେ ବିରାଟ ମହାମାୟାର ଛାୟା ମାତ୍ର; ଭୁଲନାହିଁ । ନୀଚଜାତି, ମୂର୍ଖ, ଦରିଦ୍ର, ଅଜ୍ଞ, ମୋଚି, ମେହେନ୍ତର ତୁମର ରକ୍ତ, ତୁମର ଭାଇ ! ହେ ବୀର ! ସାହସ ଅବଲମ୍ବନ କର; ସଦର୍ପରେ କହ—ମୁଁ ଭାରତବାସୀ, ଭାରତବାସୀ ମୋର ଭାଇ; କହ—ମୂର୍ଖ ଭାରତବାସୀ, ଦରିଦ୍ର ଭାରତବାସୀ, ବ୍ରାହ୍ମଣ ଭାରତବାସୀ, ଚଣ୍ଡାଳ ଭାରତବାସୀ ମୋର ଭାଇ, ତୁମେ ମଧ୍ୟ କିଛିମାତ୍ର—ବସ୍ତ୍ରାବୃତ ହୋଇ ସଦର୍ପରେ ଡାକି କହ—ଭାରତବାସୀ ମୋର ଭାଇ, ଭାରତବାସୀ ମୋର ପ୍ରାଣ,

ଭାରତର ଦେବାଦେବୀ ମୋର ଈଶ୍ୱର, ଭାରତର ସମାଜ ମୋର ଶିଶୁଶଯ୍ୟା, ମୋର ଯୌବନର ଉପବନ, ବାର୍ଦ୍ଧକ୍ୟର ବାରାଣସୀ; କହ ଭାଇ–ଭାରତର ମୃତ୍ତିକା ମୋର ସ୍ୱର୍ଗ, ଭାରତର କଲ୍ୟାଣରେ ମୋର କଲ୍ୟାଣ; ଆଉ ଦିନରାତି କହ, "ହେ ଗୌରୀନାଥ, ହେ ଜଗଦମ୍ବେ, ମତେ ମନୁଷ୍ୟତ୍ୱ ଦିଅ; ମା, ମୋର ଦୁର୍ବଳତା, କାପୁରୁଷତା ଦୂରକର, ମତେ ମନୁଷ୍ୟ କର" । ସେ ଉପଲବ୍ଧି କରିଥିଲେ ଯେ ଦାରିଦ୍ର୍ୟର ତାଡ଼ନାରେ ମନୁଷ୍ୟ ପଶୁସ୍ତରକୁ ଖସି ଯାଉଛି । ଅନ୍ନ ନାହିଁ, ବସ୍ତ୍ର ନାହିଁ, ଆତ୍ମ ମର୍ଯ୍ୟାଦା ନାହିଁ, ଏପରିକି ନିଜପ୍ରତି ବିଶ୍ୱାସ ମଧ୍ୟ ନାହିଁ । ଅଶିକ୍ଷା, କୁଶିକ୍ଷା, ରୋଗ, ମହାମାରୀ ଦ୍ୱାରା ଦେଶ ଜର୍ଜରିତ ହୋଇ ପଡ଼ିଛି । ସ୍ୱାମୀ ବିବେକାନନ୍ଦ କହୁଥିଲେ, ଜନସାଧାରଣଙ୍କୁ ଅବହେଳା କରିବା ହେଉଛି ଭାରତର ଜାତୀୟ ପାପ । ଏହା ଫଳରେ ଦେଶ ଦୁର୍ବଳ ହୋଇଛି; ବାରମ୍ବାର ବିଦେଶୀ ଶକ୍ତିମାନଙ୍କ ଦ୍ୱାରା ପଦାନତ ହୋଇଛି । ଜନସାଧାରଣଙ୍କ ମଧ୍ୟରେ ବୃହତ୍ତର ଅଂଶ ହେଲେ ଶୂଦ୍ର ଅର୍ଥାତ ଖଟିଖିଆ ମଣିଷ । ସେମାନେ ଜମିରେ ଚାଷ କରି, କଳ କାରଖାନାରେ କାମକରି ପ୍ରକୃତରେ ଧନ ଉପାର୍ଜନ କରନ୍ତି ସତ କିନ୍ତୁ ସେ ଧନରୁ ସେମାନେ ବଞ୍ଚିତ । ଜାତିଭେଦର ପ୍ରାଚୀର ସୃଷ୍ଟି କରାଇ, ଅସ୍ପୃଶ୍ୟ ଜ୍ଞାନରେ ଘୃଣା କରି ସେମାନଙ୍କୁ ଦୂରେଇ ଦିଆଯାଉଛି । ସ୍ୱାମୀଜୀ ଏହାକୁ ସମର୍ଥନ କରି ନଥିଲେ । ଦରିଦ୍ରମାନଙ୍କ ରକ୍ତ ଶୋଷଣ, ସେମାନଙ୍କ ପ୍ରତି ଅବହେଳା ଚିରଦିନ ଚାଲିପାରେ ନାହିଁ । ସେ କହୁଥିଲେ ଏହାର ପରିବର୍ତ୍ତନ ନିଶ୍ଚୟ ଘଟିବ । ଏହି ପାପ ଅପସାରିତ ହେଲେ ଭାରତରେ ଜାଗରଣ ସୃଷ୍ଟିହେବ ଏବଂ ଭାରତ ବଞ୍ଚିବ । ତେଣୁ ସ୍ୱାମୀଜୀ ଅତ୍ୟନ୍ତ ବ୍ୟାକୁଳ ହୋଇ କହିଥିଲେ–"ଯେତେଦିନ ଭାରତର କୋଟି କୋଟି ଲୋକ ଦାରିଦ୍ର୍ୟ ଓ ଅଜ୍ଞାନ ଅନ୍ଧକାରରେ ବୁଡ଼ି ରହିଛନ୍ତି, ସେତେଦିନ ପର୍ଯ୍ୟନ୍ତ ତାଙ୍କରି ପଇସାରେ ଶିକ୍ଷିତ ଅଥଚ ସେମାନଙ୍କ ଆଡ଼କୁ ଚାହିଁଏ ହେଲେ ଚାହୁଁ ନାହାନ୍ତି ଏପରି ପ୍ରତ୍ୟେକ ବ୍ୟକ୍ତିଙ୍କୁ ମୁଁ ଦେଶଦ୍ରୋହୀ ବୋଲି ମନେକରେ ।"

ବିବେକାନନ୍ଦ ମଣିଷ ମଧ୍ୟରେ ଦେବତାର ସନ୍ଧାନ କରିଥିଲେ । ଯେଉଁମାନେ ପତିତ ଓ ପୀଡ଼ିତ, ଶୋଷିତ ଓ ଅବହେଳିତ, ଅତ୍ୟାଚାରିତ ଓ ଲାଞ୍ଛିତ, ସେମାନେ ଯଦି ନୂତନ ଉତ୍ସାହ ଓ ପ୍ରେରଣାରେ ଜୀବନକୁ ନିୟନ୍ତ୍ରିତ ଓ ସାଧନା ମଣ୍ଡିତ କରିପାରିବେ ତେବେ ଏ ଜାତିର ଭବିଷ୍ୟତ ଅନ୍ଧକାରମୟ । ତେଣୁ ସେ ଆହ୍ୱାନ ଦେଇଥିଲେ –"ନୂତନ ଭାରତ ଜାଗିଉଠୁ । ଜାଗିଉଠୁ ଲଙ୍ଗଳ ଧରି, ଚଷାର କୁଟୀର ଭେଦକରି, କେଉଟ, ମାଳି, ମୋଚି, ମେହେନ୍ତରର କୁଡ଼ିଆ ମଧ୍ୟରୁ । ଜାଗିଉଠୁ ଦେଶୀ ଦୋକାନରୁ, ଦଜାଙ୍କୁର ପାଖରେ ବୁଲି ପାଖରୁ । ଜାଗିଉଠୁ କାରଖାନାରୁ, ହାଟରୁ, ବଜାରରୁ । ଜାଗିଉଠୁ ଶାଳ-ଜଙ୍ଗଲ ପାହାଡ଼ ପର୍ବତରୁ । ଏମାନେ ସହସ୍ର ସହସ୍ର ବର୍ଷ ଅତ୍ୟାଚାର ସହିଛନ୍ତି–ନୀରବରେ ସହିଛନ୍ତି,–ସେଥିରୁ ପାଇଛନ୍ତି ଅପୂର୍ବ ସହିଷ୍ଣୁତା । ଚିର ଦିନ ଦୁଃଖଭୋଗ କରିଛନ୍ତି–ସେଥିରୁ ପାଇଛନ୍ତି ଅଟଳ ଜୀବନୀ ଶକ୍ତି । ଏମାନେ ମୁଠାଏ ଛତୁ ଖାଇ ଦୁନିଆ ଓଲଟାଇ ଦେଇ ପାରନ୍ତି ; ଅଧେ ରୁଟି ପାଇଲେ ତ୍ରୈଲୋକ୍ୟରେ ଏମାନଙ୍କର ତେଜ ଧରିବ ନାହିଁ; ଏମାନେ ରକ୍ତବୀଜ–ପ୍ରାଣ ସଂପନ୍ନ । ପୁଣି ପାଇଛନ୍ତି ଅଦ୍ଭୁତ ସଦାଚାର ବଳ, ଯାହା ତ୍ରୈଲୋକ୍ୟରେ ନାହିଁ । ଏତେ ଶାନ୍ତି, ଏତେ ପ୍ରୀତି, ଏତେ ସୁଖ ପାଇବା, ଏତେ ମୁହଁ ବନ୍ଦକରି ଦିନରାତି ଖଟିବା ଏବଂ କାର୍ଯ୍ୟ ବେଳରେ ସିଂହର ବିକ୍ରମ ! ଅତୀତର କଙ୍କାଳଚୟ, ଏହାରି ସମ୍ମୁଖରେ ତୁମର ଉତ୍ତରାଧିକାରୀ ଭବିଷ୍ୟତ ଭାରତ । ସେହି ତୁମର ରତ୍ନ-ପେଟିକା, ତୁମର ମାଣିକ୍ୟର ମୁଦି–ଫକାଇ ଦିଅ ଏମାନଙ୍କ ମଧ୍ୟରେ ଯେତେ ଶୀଘ୍ର ପାର ଫକାଇଦିଅ ; ଆଉ ତୁମେ ଶୂନ୍ୟରେ, ମହାଶୂନ୍ୟରେ ବିଲୀନ ହୋଇ ଅଦୃଶ୍ୟ ହୋଇଯାଅ ; କେବଳ କାନଡ଼େରି ରଖ, ତୁମେ ବିଲୀନ ହେବା ସଙ୍ଗେ ସଙ୍ଗେ ଶୁଣିବ–କୋଟିଜୀମୂତସ୍ୟନ୍ଦୀ ତ୍ରୈଲୋକ୍ୟ-କଂପନକାରୀ ଭବିଷ୍ୟତ ଭାରତର ଉଦ୍‌ବୋଧନ ଧ୍ୱନି–

"ଓୟାହ୍–ଗୁରୁ ଜୀ ଫତେ । "

ସ୍ୱାମୀଜୀ ଯୁବକ । ତରୁଣ ସନ୍ନ୍ୟାସୀ । ତରୁଣମାନଙ୍କ ନିକଟରୁ ଓ ଯୁବ ସମାଜ ନିକଟରୁ ତାଙ୍କର ପ୍ରତ୍ୟାଶା ରହିଥିଛି । ଶ୍ରୀରାମକୃଷ୍ଣ ମଧ୍ୟ ତରୁଣମାନଙ୍କୁ ପସନ୍ଦ କରୁଥିଲେ । ସ୍ୱାମୀଜୀ ମଧ୍ୟ ସେଇଆ । ଯୁବକମାନଙ୍କୁ କୌଣସି ମଳିନତା ସ୍ପର୍ଶ କରିନାହିଁ । ସେମାନେ ଅନାଘ୍ରାତ ପୁଷ୍ପ ଭଳି ନିଷ୍ପାପ । ଯେ କୌଣସି ଉଚ୍ଚ ଆଦର୍ଶ ପାଇଁ ସେମାନେ ପ୍ରାଣ ଦେବାକୁ ପ୍ରସ୍ତୁତ । ତେଣୁ ସ୍ୱାମୀଜୀ ସେମାନଙ୍କୁ ଆହ୍ୱାନ କରି କହିଛନ୍ତି–"ହେ ବୀର ହୃଦୟ ଯୁବକ ଗଣ, ତୁମେ ବିଶ୍ୱାସ କର ଯେ ତୁମେ ମହାନ କାର୍ଯ୍ୟ କରିବା ପାଇଁ ଜନ୍ମ ହୋଇଛ । "

"ଶ୍ରଦ୍ଧାବାନ୍ ହୁଅ, ବୀର୍ଯ୍ୟବାନ୍ ହୁଅ, ଆତ୍ମଜ୍ଞାନ ଲାଭକର, ଆଉ ପର ହିତରେ ଜୀବନପାତ କର–ଏହା ମୋର ଇଚ୍ଛା ଓ ଆଶୀର୍ବାଦ ।"

"ଉଦୀୟମାନ ଯୁବ ସଂପ୍ରଦାୟ ଉପରେ ମୋର ବିଶ୍ୱାସ । ସେମାନଙ୍କ ମଧ୍ୟରୁ ହିଁ ମୁଁ କର୍ମୀ ପାଇବି । ସେହିମାନେ ହିଁ ସିଂହ ବିକ୍ରମରେ ଦେଶର ଯଥାର୍ଥ ଉନ୍ନତି କଳ୍ପେ ସମୁଦାୟ ସମସ୍ୟାର ସମାଧାନ କରିବେ ।"

"ହେ ମୋର ପିଲାଏ, ଯେତେବେଳେ ମୃତ୍ୟୁ ଅନିବାର୍ଯ୍ୟ ସେତେବେଳେ କାଠ ପଥର ପରି ନଷ୍ଟ ହେବାଠାରୁ ଜଣେ ବୀରପରି ମରିବା ଉତ୍ତମ ନୁହେଁ ? ଏହି ଅନିତ୍ୟ ପୃଥିବୀରେ ଦିନେ କି ଦୁଇଦିନ ଅଧିକା ବଞ୍ଚି କି ଲାଭ ? କଳଙ୍କି ଧରିଯିବା ଅପେକ୍ଷା ଯୋଡ଼ି ହୋଇଯିବା ଶ୍ରେୟସ୍କର–ବିଶେଷତଃ ଅନ୍ୟର କାଣିଚାଏ କଲ୍ୟାଣ କରିବା ବାଞ୍ଛନୀୟ ।"

"ହେ ଯୁବକ ବୃନ୍ଦ ! ଯାଅ, ଏହି ମୁହୂର୍ତ୍ତରେ ସେହି ପାର୍ଥ-ସାରଥୀ ମନ୍ଦିରକୁ, ତାଙ୍କ ନିକଟରେ ଏକ ମହାବଳି ପ୍ରଦାନ କର । ନିଜ ଜୀବନର ବଳି, ତାଙ୍କରି ପାଇଁ ଯାହାଙ୍କ ପାଇଁ ସେ ଯୁଗେ ଯୁଗେ ଅବତୀର୍ଣ୍ଣ ହୋଇଥାଆନ୍ତି । ଯେଉଁମାନଙ୍କୁ ସେ ଅଧିକ ପ୍ରେମ କରନ୍ତି, ସେହି ଦୀନ, ଦରିଦ୍ର, ପତିତ, ଉତ୍ପୀଡ଼ିତ ମାନଙ୍କ ପାଇଁ ।"

"ଭାରତମାତା ଅନ୍ତତଃ ସହସ୍ର ଯୁବକ ବଳି ଚାହାଁନ୍ତି । ମନେରଖ, ମନୁଷ୍ୟ ଦରକାର–ପଶୁ ନୁହେଁ ।" ଯୁବକମାନଙ୍କ

ଏହାହିଁ ହେଉଛି ସଶକ୍ତ ଓ ସତେଜ ଆହ୍ୱାନ ବେଦାନ୍ତ କେଶରୀ ସ୍ୱାମୀ ବିବେକାନନ୍ଦଙ୍କର ।

ସ୍ୱାମୀ ବିବେକାନନ୍ଦ ଯେତେବେଳେ ଆମେରିକାରୁ ଭାରତବର୍ଷକୁ ଫେରି ଆସିଲେ ସେତେବେଳେ ଅନେକ ଯୁବକ ତାଙ୍କୁ ଅନୁରୋଧ କରିଥିଲେ, 'ସ୍ୱାମୀଜୀ, ଆପଣ ରାଜନୀତିରେ ଯୋଗଦେଇ ଭାରତକୁ ସ୍ୱାଧୀନ କରନ୍ତୁ' । ଏହାର ଉତ୍ତର ଦେଇ ସ୍ୱାମୀଜୀ କହିଥିଲେ, ଯଦି ମୁଁ କାଲି ଭାରତବର୍ଷକୁ ସ୍ୱାଧୀନ କରିଦିଏ, ତୁମେ କଣ ସେହି ସ୍ୱାଧୀନତାକୁ ରକ୍ଷାକରି ପାରିବ ? ତୁମ ଭିତରେ ମଣିଷ କାହାନ୍ତି ? ମଣିଷର ଅଭାବ ହେଲେ କିଛି ହୋଇପାରେ ନାହିଁ । ଆମେ ଆଜି ଏ କଥାର ମୂଲ୍ୟ ଖୁବ୍ ଭଲ ଭାବରେ ଉପଲବ୍ଧି କରୁଛୁ । ଭାରତରେ ଆଜି ନାନା ସମସ୍ୟା କାହିଁକି ଦେଖାଦେଉଛି ? ଏହି ମଣିଷ ଅଭାବରୁ । ଦେଶରେ ଯଦି ଠିକ୍ ଠିକ୍ ମଣିଷ ଥାଆନ୍ତେ, ତେବେ କିଛି ଅସୁବିଧା ହୁଅନ୍ତା ନାହିଁ । ଏହି ମଣିଷର ଅଭାବରୁ ଆମମାନଙ୍କର କିଛି ହେଉନାହିଁ । ମଣିଷ କିପରି ତିଆରି ହୁଏ ? ପାର୍ଲାମେଣ୍ଟରେ ଆଇନ କରି କଣ ମଣିଷ ତିଆରି ହୁଏ ? ନା, ତା ହୁଏ ନାହିଁ । ମଣିଷ ତିଆରି ହୁଏ ଧର୍ମ ଭିତ୍ତିକ ଜୀବନ ଦ୍ୱାରା । ଧର୍ମ ହିଁ ଭାରତବର୍ଷର ଜୀବନୀ ଶକ୍ତି । ଏହି ଜୀବନୀ ଶକ୍ତି ଯଦି ଠିକ୍ ରହେ ତେବେ ସବୁକିଛି ଠିକ୍ ରହିବ । ଭାରତର ଜାଗରଣ ସେହିଦିନଠାରୁ ଆରମ୍ଭ ହେଲା, ଯେଉଁଦିନ ସ୍ୱାମୀଜୀ ଆମେରିକାର ଧର୍ମ ମହାସଭାରେ ବକ୍ତୃତା ଦେଲେ । ତାହା ଶୁଣି ସମଗ୍ର ଆମେରିକା ଉନ୍ମତ୍ତ ହୋଇ ଉଠିଲା । ସମଗ୍ର ଜଗତ ଦେଖିଲା ଯେ ଭାରତବର୍ଷ ମରିନାହିଁ, ଜୀବିତ । ଶାନ୍ତି ଓ ଶୁଭେଚ୍ଛାର ବାଣୀ ନେଇ ସେ ଦିଗ୍ୱିଜୟ କରିବ । ସମସ୍ତ ଭେଦ ଦୂର କରି ଐକ୍ୟବଦ୍ଧ ଜଗତସୃଷ୍ଟି କରିବ । ସ୍ୱାମୀଜୀଙ୍କ ଚେଷ୍ଟାରୁ ଧର୍ମରେ ଆମ୍ଭମାନଙ୍କର ପ୍ରଥମ ଜାଗରଣ ହେବାପରେ ଦେଖାଗଲା, ସବୁ ଦିଗରେ ଭାରତର ଜାଗରଣ ହେଲା । ସେଥିପାଇଁ ଆମ୍ଭମାନଙ୍କର ପ୍ରଥମ କର୍ତ୍ତବ୍ୟ ମଣିଷ ହେବା, ଧାର୍ମିକ ହେବା । ପ୍ରତ୍ୟେକ ଯୁବକ ନିଜ ଅଭୀପ୍ସା ମଧ୍ୟରେ ସ୍ୱାମୀଜୀଙ୍କୁ ଦର୍ଶନ କରିବେ ଓ ନିଜ ଚରିତ୍ରରେ ତଥା ଚାଲିଚଳନ ଓ ଆଚାର ବ୍ୟବହାରରେ ସ୍ୱାମୀଜୀ ମୂର୍ତ୍ତି ପରିଗ୍ରହ କରୁଥିବ । ଅନୁଭବ କରିବେ ଓ ଜୀବନର ଜୟ ପରାଜୟରେ ଅବିଚଳିତ ଓ ଅବିକମ୍ପିତ ରହି ସ୍ୱାମୀଜୀଙ୍କ ଜୀବନାଦର୍ଶକୁ ଧ୍ରୁବତାରା କରି ଆଗେଇ ଚାଲିବେ– ଏହାହିଁ ନବ ଭାରତ ନିର୍ମାଣର ମୂଳମନ୍ତ୍ର ହେଉ । ସ୍ୱାମୀଜୀ ଯୁବକମାନଙ୍କୁ କାହିଁକି ଭଲପାଉଥିଲେ ତାହା ନିମ୍ନୋକ୍ତ ଘଟଣାରୁ ଜଣାପଡ଼େ । ସ୍ୱାମୀ ବିବେକାନନ୍ଦ ଭାରତର ବିଭିନ୍ନ ସ୍ଥାନ ଭ୍ରମଣ କରିସାରିବା ପରେ ଆଲୋୟାରଠାରେ ଉପସ୍ଥିତ ହେଲେ । ସେଠାରେ ସେ ଆବାଳବୃଦ୍ଧବନିତାଙ୍କ ସହିତ ଧର୍ମଚର୍ଚ୍ଚା କରୁଥିଲା ବେଳେ ଜଣେ ବୃଦ୍ଧ ସ୍ୱାମୀଜୀଙ୍କଠାରୁ ସାଧନ ଭଜନ ଶିଖିବା ପାଇଁ ଆଗ୍ରହ ପ୍ରକାଶ କଲେ । ସ୍ୱାମୀଜୀ ତାଙ୍କୁ କିଛି ସାଧନ ପ୍ରଣାଳୀ ଶିଖାଇଦେଲେ କିନ୍ତୁ ବୃଦ୍ଧ ତାହା ଅଭ୍ୟାସ କରୁ ନଥିଲେ । ସ୍ୱାମୀଜୀ ତାହା ଜାଣିପାରି ଦିନେ ସେହି ବ୍ୟକ୍ତିଙ୍କଠାରୁ ନିଷ୍କୃତି ପାଇବା ପାଇଁ ତାଙ୍କୁ ଦୂରରୁ ଦେଖି ମୌନ ଅବଲମ୍ବନ କଲେ । ବୃଦ୍ଧଙ୍କର କୌଣସି ପ୍ରଶ୍ନର ଉତ୍ତର ନଦେବାରୁ ସେ ସ୍ୱାମୀଜୀଙ୍କ ଉପରେ ରାଗିଯାଇ ଗାଳିଗୁଲଜ କରି ଚାଲିଗଲେ । ସେ ଚାଲିଯିବାପରେ ସ୍ୱାମୀଜୀ ବାଳକଙ୍କ ପରି ଖୁବ୍ ହସିଲେ । ଜଣେ ଯୁବକ ଏହାର ରହସ୍ୟ ଜାଣିବା ଉଦ୍ଦେଶ୍ୟରେ ପ୍ରଶ୍ନ କଲେ। "ସ୍ୱାମୀଜୀ, ଆପଣ ସେହି ବୃଦ୍ଧଙ୍କ ସହିତ କାହିଁକି କଥାବାର୍ତ୍ତା କଲେ ନାହିଁ ?" ସ୍ୱାମୀଜୀ ସରଳ ଭାବରେ କହିଲେ, ଦେଖ ବାବା, ମୁଁ ତୁମମାନଙ୍କ ପାଇଁ ଜୀବନ ବିସର୍ଜନ କରିବାକୁ ରାଜି ଅଛି, କାରଣ ତୁମ୍ଭେମାନେ ସବୁ ମୋର ଉପଦେଶ ପାଳନ କରିବାକୁ ଚାହଁ । ଏଥିପାଇଁ ତୁମମାନଙ୍କର ସାମର୍ଥ୍ୟ ଅଛି । କିନ୍ତୁ ଏହି ବୁଢ଼ାଟି ଜୀବନର ଦଶଭାଗରୁ ନଅଭାଗ ଭୋଗବିଳାସରେ କଟାଇ ବର୍ତ୍ତମାନ ଐହିକ ଓ ପାରମାର୍ଥିକ ଉଭୟଥିରୁ ପଥଭ୍ରଷ୍ଟ ହୋଇ ଭାବୁଛି, ଚାହିଁବା ମାତ୍ରେ ଭଗବାନଙ୍କୁ ପାଇଯିବ । ସତ୍ୟଲାଭ କରିବାକୁ ହେଲେ ପୁରୁଷକାର ଦରକାର । ପୁରୁଷକାର ନଥିଲେ ତାହାକୁ ଭଗବାନ ଦୟା କରିବେ କିପରି ? ଯାହାର ପୁରୁଷକାର ନାହିଁ ତାହାର ଭବିଷ୍ୟତ ଅନ୍ଧକାର । କାପୁରୁଷ ଓ ନିର୍ବୋଧମାନେ କେବଳ କହନ୍ତି ଯେ, "ଏହା ମୋର ଭାଗ୍ୟ" ବୋଲିବେଳ ଦେୟମିତି କାପୁରୁଷା ବଦନ୍ତି। କିନ୍ତୁ ବଳିଷ୍ଠ ପୁରୁଷ ଉଠିପଡି କହେ " ମୁଁ ମୋ ଭାଗ୍ୟ ନିର୍ମାଣ କରିବି ।" ବୃଦ୍ଧଲୋକମାନେ କେବଳ ଭାଗ୍ୟ ବିଷୟକ କଥାବାର୍ତ୍ତା କରନ୍ତି । ଯୁବକ ଲୋକମାନେ ସାଧାରଣତଃ ଜ୍ୟୋତିଷ ଶାସ୍ତ୍ର ପାଖ ମାଡନ୍ତି ନାହିଁ । ମା, ବାପ, ଭାଇ, ବନ୍ଧୁ, ସ୍ତ୍ରୀ, ପୁତ୍ର ରହନ୍ତୁ ବା ନ ରହନ୍ତୁ, ଏହି ଦେହ ରହୁ ଅବା ଯାଉ, କେବେହେଲେ ପଛକୁ ଚାହିଁବି ନାହିଁ । କଦାପି ସତ୍ୟ ସଂକଳ୍ପରୁ ଟଳିବି ନାହିଁ–ଏହିପରି ସମସ୍ତ ବସ୍ତୁକୁ ଉପେକ୍ଷା କରି ଏହି ଦୃଢ଼ ସଂକଳ୍ପ ଘେନି ଏକାଗ୍ର ମନରେ ଅଗ୍ରସର ହୁଅ । ଏହାର ନାମ ପୁରୁଷକାର । ଏହିପରି ପୁରୁଷକାର ସମ୍ପନ୍ନ ବ୍ୟକ୍ତିହିଁ ସତ୍ୟବସ୍ତୁ ଲାଭ କରିଥାନ୍ତି ।

ସ୍ୱଦେଶ ପ୍ରେମିକ ସ୍ୱାମୀ ବିବେକାନନ୍ଦ ଭାରତବର୍ଷକୁ ଅତି ଭଲ ପାଉଥିଲେ । ଦୀର୍ଘ ଦିନ ପାଶ୍ଚାତ୍ୟ ଦେଶରେ ଅବିରାମ କର୍ମ କରିବା ପରେ ଯେତେବେଳେ ଭାରତବର୍ଷକୁ ଫେରି ଆସିବା ପାଇଁ ପ୍ରସ୍ତୁତ ହେଉଥିଲେ, ସେତେବେଳେ ତାଙ୍କର ଜଣେ ଇଂରେଜ ବନ୍ଧୁ ତାଙ୍କୁ ପଚାରିଥିଲେ, "ସ୍ୱାମୀଜୀ, ଚାରିବର୍ଷ ବିଳାସର ଲୀଳାଭୂମି, ଗୌରବ ମୁକୁଟଧାରୀ ମହା ଶକ୍ତିଶାଳୀ ପାଶ୍ଚାତ୍ୟ ଭୂମିରେ ଭ୍ରମଣ କରିବା ପରେ ଆପଣଙ୍କୁ ମାତୃଭୂମି କିପରି ଲାଗିବ ?" ସ୍ୱାମୀଜୀ କ୍ଷଣେମାତ୍ର ବିଳମ୍ବ ନକରି ଉତ୍ତର ଦେଇଥିଲେ, "ପାଶ୍ଚାତ୍ୟ ଦେଶକୁ ଆସିବା ପୂର୍ବରୁ ଭାରତକୁ ମୁଁ ଭଲ ପାଉଥିଲି । ଏବେ ଭାରତର ଧୂଳିକଣା ପର୍ଯ୍ୟନ୍ତ ମୋ ପାଖରେ ପବିତ୍ର । ଭାରତ ଏବେ ମୋର ତୀର୍ଥଭୂମି ।" ସ୍ୱାମୀଜୀ ଯୁବକମାନଙ୍କ ଉଦ୍ଦେଶ୍ୟରେ କହିଛନ୍ତି–'ଜନ୍ମଠାରୁ ତୁମେମାନେ ମାଆଙ୍କ ପାଇଁ ବଳି ପ୍ରଦତ୍ତ । ଅଗଣିତ ଆର୍ତ୍ତ ନରନାରୀ ହେଲେ ସେଇ ମା । ଏହା ଖୁବ୍ କଠିନ କାର୍ଯ୍ୟ । କଠିନ ଆଦର୍ଶ । ଯୁବକମାନେ ଏହି ଆଦର୍ଶ ମାନିନେଇ ପାରିବେ ବୋଲି ସେ ଯୁବକମାନଙ୍କୁ ଆହ୍ୱାନ ଦେଇଥିଲେ । ଯୁବକମାନଙ୍କ ଉପରେ ସ୍ୱାମୀଜୀଙ୍କର ଏତେ ବିଶ୍ୱାସ ଥିଲା ଯେ ସେ କେତେକ ଶୁଦ୍ଧ ଓ ନିଃସ୍ୱାର୍ଥପର ଯୁବକ ପାଇଲେ ପୃଥିବୀକୁ ଦୋହଲାଇ ଦେବେ ବୋଲି କହୁଥିଲେ । ସ୍ୱାମୀଜୀ ଚାହିଁଥିଲେ ଯୁବକମାନେ ମଣିଷ ହୁଅନ୍ତୁ । ସେ ମଣିଷ ଚାହିଁଥିଲେ । ପଶୁ ନୁହେଁ । ବୀର୍ଯ୍ୟବାନ୍, ସଂପୂର୍ଣ୍ଣ ଅକପଟ, ତେଜସ୍ୱୀ ଓ ବିଶ୍ୱାସୀ ଯୁବକ । ସେମାନଙ୍କର ପେଶୀ ହେବ ଲୁହାପରି ଦୃଢ଼, ସ୍ନାୟୁ ହେବ ଇସ୍ପାତ ନିର୍ମିତ, ଆଉ ତା' ଭିତରେ ଥିବ ଗୋଟିଏ ମନ, ଯାହା ବଜ୍ରର ଉପାଦାନରେ ଗଠିତ ।

ସେମାନେ ହେବେ ହୃଦୟବାନ୍, ଚରିତ୍ରବାନ୍, ଶ୍ରଦ୍ଧାବାନ୍ ଓ ବିବେକବାନ୍ । ନିଃସ୍ୱାର୍ଥ ସେବାର ମନୋଭାବ ନେଇ ଦୁର୍ବାର ଗତିରେ ସେମାନେ ଦେଶସେବା ପାଇଁ ଆଗେଇ ଆସିବେ । ପ୍ରତିଟି କୁଟୀରକୁ ଯାଇ ସେମାନେ ମଣିଷକୁ ଉଜ୍ଜୀବିତ କରିବେ । ସେବା, ସ୍ୱାସ୍ଥ୍ୟ, ଶିକ୍ଷା ଓ ଦାନଦ୍ୱାରା ସେମାନଙ୍କୁ ଜାଗତ କରିବାକୁ ପଡ଼ିବ, ସେମାନଙ୍କର ଲୁପ୍ତ ବ୍ୟକ୍ତିତ୍ୱକୁ ଫେରାଇ ଆଣିବାକୁ ପଡ଼ିବ । ସବୁକିଛି ସେବାର ମନୋଭାବ ନେଇ କରିବାକୁ ପଡ଼ିବ । ସେମାନେ ସେବା ଚାହାନ୍ତି, ଦୟା ନୁହେଁ । 'ଶିବଜ୍ଞାନେ ଜୀବସେବା ।' 'ଦରିଦ୍ର ଦେବୋ ଭବ, ମୂର୍ଖ ଦେବୋ ଭବ ।' ଦରିଦ୍ର ନାରାୟଣ ମଣିଷ ମଧ୍ୟରେ ଭଗବାନ ଅଛନ୍ତି । " See only God on every man, woman and child" ମନୁଷ୍ୟ ହେଉଛି ଏ ସଂସାରର ମହାନ୍ ମହାକାବ୍ୟ । ସ୍ୱାମୀଜୀଙ୍କ ଭାଷାରେ— "Read man, he is the living poem". ତେଣୁ ମଣିଷକୁ ଈଶ୍ୱରଜ୍ଞାନ କରି ଶ୍ରଦ୍ଧା ଓ ପ୍ରୀତିର ସହିତ ସେବା କରିବାକୁ ହେବ ।

ଶ୍ରୀ ରାମକୃଷ୍ଣ କହୁଥିଲେ—'ଖାଲି ପେଟରେ ଧର୍ମ ହୁଏ ନାହିଁ ।' ସ୍ୱାମୀ ବିବେକାନନ୍ଦ କହିଥିଲେ—'ଆଗେ ଅନ୍ନ ପରେ ଧର୍ମ ।' ପାଶ୍ଚାତ୍ୟ ଦେଶର ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାର ସାହାଯ୍ୟରେ ସ୍ୱାମୀଜୀ ଦେଶର ବୈଷୟିକ ଉନ୍ନତି ଘଟାଇବାକୁ ଚାହିଁଥିଲେ । ତାଙ୍କର ଇଚ୍ଛା ଥିଲା ଯୁବକମାନେ କାରିଗରୀ ବିଦ୍ୟା ଶିଖି ଦେଶରେ କଳ କାରଖାନା ଗଢ଼ି ତୋଳନ୍ତୁ । ତାଦ୍ୱାରା କର୍ମ ସଂସ୍ଥାନ ହେବ । ସୁଖ ସ୍ୱଚ୍ଛନ୍ଦ୍ୟରେ ସମସ୍ତଙ୍କର ଜୀବନ କଟିଯିବ । କେବଳ ବାହାରର ସଂପଦ ଯଥେଷ୍ଟ ନୁହେଁ, ଅନ୍ତରର ସଂପଦ ମଧ୍ୟ ଦରକାର । ସତ୍ୟ ନିଷ୍ଠା, ଦେଶପ୍ରୀତି, ଉଦାରତା, ନିଃସ୍ୱାର୍ଥପରତା ପ୍ରଭୃତି ହେଉଛି ଅନ୍ତରର ସଂପଦ । ଏହାହିଁ ହେଉଛି ଧର୍ମ । ଧର୍ମ ମନୁଷ୍ୟକୁ ନିଃସ୍ୱାର୍ଥ, ସାହସୀ ଓ ଚରିତ୍ରବାନ୍ କରେ । ତେଣୁ ସ୍ୱାମୀ ବିବେକାନନ୍ଦ ବିଜ୍ଞାନ ସହିତ ଧର୍ମର ପ୍ରାଚୀନ ଭାରତୀୟ ଜୀବନ ଦର୍ଶନ ସହିତ ଆଧୁନିକତାର ସମନ୍ୱୟ ଚାହିଁଥିଲେ ।

ଯୁବକମାନେ ହିଁ ସବୁ ଯୁଗରେ ସବୁ ଦେଶରେ ନୂଆ ଇତିହାସ ରଚନା କରନ୍ତି । ତେଣୁ ସ୍ୱାମୀଜୀ ଯୁବକମାନଙ୍କୁ ଆହ୍ୱାନ ଦେଇଥିଲେ । ତାଙ୍କରି ଆହ୍ୱାନରେ ସେତେବେଳେ ଅସଂଖ୍ୟ ତରୁଣ ଦେଶ ସେବାପାଇଁ ଆଗେଇ ଆସିଥିଲେ । ସେମାନଙ୍କୁ ଅନେକ ପ୍ରାଣ ମଧ୍ୟ ବିସର୍ଜନ କରିଥିଲେ । ଆଜିର ହତାଶା ଓ ନୀତିହୀନତାର ସମୟରେ ସ୍ୱାମୀ ବିବେକାନନ୍ଦଙ୍କ ବାଣୀ ଆମମାନଙ୍କର ଭରସା । ଉଜ୍ଜୀବିତ ଜାଗ୍ରତ ପ୍ରାଣ୍ୟ ବରାନ୍ନିବୋଧତ । ଦୈନନ୍ଦିନ କର୍ମ ପ୍ରବାହରେ ସ୍ୱାମୀଜୀଙ୍କ ଅମୃତମୟୀ ବାଣୀ ଆମମାନଙ୍କ ଜୀବନର ଧ୍ରୁବତାରା, ପଥପ୍ରଦର୍ଶକ, ସଂସାର ସାଗରର ଝଞ୍ଜା-ବିକ୍ଷୁବ୍ଧ ଉତ୍ତାଳ ତରଙ୍ଗରେ ଆଲୋକବର୍ତ୍ତୀକା ଦୀପ୍ତ ଶିଖା ।

ସ୍ୱାମୀଜୀ ଆଜି ଆଉ ସ୍ଥୂଳ ଦେହରେ ନାହାନ୍ତି ସତ, କିନ୍ତୁ ତାଙ୍କର 'ଅଶରୀରୀ-ବାଣୀ' ( I am voice without from ଆଜି ମଧ୍ୟ ଆମମାନଙ୍କୁ ପ୍ରେରଣା ଦେଇ ଚାଲିଛି । ଦେହତ୍ୟାଗର କିଛି କାଳ ପୂର୍ବରୁ ସେ କହିଥିଲେ—ହୁଏତ ମୁଁ ଆଉ ଏହି ଦେହରେ ରହିବି ନାହିଁ—ଜୀର୍ଣ୍ଣବସ୍ତ୍ର ପରି ଦେହଟିକୁ ଛାଡ଼ିଯିବି କିନ୍ତୁ ସାରା ବିଶ୍ୱରେ ମନୁଷ୍ୟକୁ ମୁଁ ପ୍ରେରଣା ଯୋଗାଇ ଯିବି—ଯେତେଦିନ ପର୍ଯ୍ୟନ୍ତ ସେମାନେ ଈଶ୍ୱରଙ୍କ ସହିତ ଅଭିନ୍ନ—ଏଇକଥା ସଠିକ୍ ଭାବେ ଉପଲବ୍ଧି ନକରି ପାରିବେ ।

ସ୍ୱାମୀ ବିବେକାନନ୍ଦଙ୍କ ବାଣୀର ଶକ୍ତି ଅପରିସୀମ । ସ୍ୱାମୀଜୀଙ୍କ ବାଣୀ ପ୍ରସଙ୍ଗରେ ରୋମାଁ ରୋଲାଁ କହିଛନ୍ତି— I cannot touch this saying of his without reiving a thrill through my body like an electric shock". (ସାରା ଦେହରେ ବିଜୁଳି ଚମକ ଭଳି ଗୋଟାଏ ରୋମାଞ୍ଚ ଅନୁଭବ ନକରି ସ୍ୱାମୀଜୀଙ୍କ ବାଣୀ ଛୁଇଁବାର ସାଧ୍ୟ ନାହିଁ ।

ବିଶ୍ୱକବି ରବିନ୍ଦ୍ରନାଥ ଠାକୁର କହିଛନ୍ତି—ଯୁବକମାନଙ୍କ ଭିତରେ ସେଇଁ ସବୁ ଦୁଃସାହସିକ ଅଧ୍ୟବସାୟର ପରିଚୟ ମିଳେ, ତାହାର ମୂଳରେ ବିଦ୍ୟମାନ ବିବେକାନନ୍ଦଙ୍କ ସେହି ବାଣୀ ଯାହା ମନୁଷ୍ୟର ଆତ୍ମାକୁ ଡାକ ଦେଇଛି, ଅଙ୍ଗୁଳିକୁ ନୁହେଁ ।

ଭାରତର ମୁକ୍ତିସଙ୍ଗୀ, ବିଶ୍ୱମାନବ ଆତ୍ମାର ମୁକ୍ତିଦୂତ, ନିଷ୍ପେଷିତ, ଦଳିତ, ଅବହେଳିତ ନରନାରାୟଣମାନଙ୍କ ମୁକ୍ତିଦୂତ ସ୍ୱାମୀଜୀଙ୍କ ବାଣୀ ଅଗ୍ନି ବର୍ଷଣ କରିଅଛି । ସେହି ଆଗ୍ନେୟ ସଂଯୋଗରେ କେତେ ଯେ ବିପ୍ଳବ ବହ୍ନି ବିଶ୍ୱ ଇତିହାସର ଯଜ୍ଞ ବେଦିରେ ପ୍ରଜ୍ୱଳିତ ହୋଇଅଛି, ତାହା ଅକଳନ କରିବା ସହଜ ନୁହେଁ । ମୁକ୍ତ ହୁଅ, ମୁକ୍ତ ହୁଅ । ବନ୍ଧନ ଅର୍ଗଳ ଓ ଶିକୁଳିକୁ ଛିନ୍ନ କର । ନିଜର ଅନ୍ତରାତ୍ମା ମଧ୍ୟରେ ନିତ୍ୟ ମୁକ୍ତ, ନିତ୍ୟ ଶୁଦ୍ଧ ସଦାଶିବଙ୍କୁ ଦର୍ଶନ କର, ତାଙ୍କର ସାନ୍ନିଧ୍ୟ ଲାଭ କର ଓ ତହିଁରେ ପ୍ରବେଶ କର ଓ ଏକୀଭୂତ ହୋଇଯାଅ—ଏହି ମହୋଦାର ବାଣୀ ସ୍ୱାମୀଜୀଙ୍କ କଣ୍ଠରୁ ଅହରହ ନିନାଦିତ ହେଉଥିଲା ।

ଓଁ ନମଃ ଶ୍ରୀ ଯତିରାଜାୟ ବିବେକାନନ୍ଦ ସୂରୟେ, ସଚ୍ଚିତ୍ ସୁଖ ସ୍ୱରୂପାୟ ସ୍ୱାମୀନେ ତାପହାରିଣେ ।

ବିବେକାନନ୍ଦ ସ୍ମୃତି ସଂସଦ ଉଦ୍ୟାନ ମାର୍ଗ,
ଭୁବନେଶ୍ୱର—୭୫୧୦୦୯ ।



ଆଦିବାସୀ କମିଶନ ଅଧିବେଶନ।



ପରିବେଶ ସୁରକ୍ଷା ବୈଠକ ..







ବିଦେଶୀ ଯୁବ ପ୍ରତିନିଧି ଦଳଙ୍କ ବିଦାୟ . . . .





LAW COMMISSION GOVERNMENT OF INDIA
&
SOCIOLEGAL AID RESEARCH & TRAINING CENTRE



ORITCO


SEMINAR
ORGANISED by THE
INDIAN NATIONAL INTEGRATION BOARD
AT SOOCHNA BHAVAN, BHUVANESWAR



ପତାକାଅବତରଣ ଉତ୍ସବରେ ...







# ୧୯୮୬ର
# ସାଧାରଣତନ୍ତ୍ର ଦିବସ





ଆଦିବାସୀ ସଂସ୍କୃତି ପ୍ରଦର୍ଶନୀରେ ଶ୍ରୀ ପଟ୍ଟନାୟକ ...








ଆଦିବାସୀ ପଡ଼ିଆରେ — ସାଂସ୍କୃତିକ ସମାରୋହ








ପତାକା ଅବତରଣ •••



ରାଜଧାନୀ ପରେଡ୍ ପଡ଼ିଆରେ





# ସଫଳ କାହାଣୀ

## ଶ୍ରୀ ଲାଲଙ୍କ ପରିବାର

ଗଞ୍ଜାମ ଜିଲା ବ୍ରହ୍ମପୁର ସବ୍‌ଡ଼ିଭିଜନ୍ ପାଟଣାଖେମୁଣ୍ଡି ଅନ୍ତର୍ଗତ ସିଂହିପୁର ଗାଁରେ ଶ୍ରୀ ଲାଲ ବିଶୋଇଙ୍କର ଘର । ସ୍ୱନ୍ତ ଜମି ବାଡ଼ି ଗୋଟେରେ ବି ଗୋଟେ ନାହିଁ । ଅଧ ଡେସିମିଲ ମାତ୍ର ଘରଡ଼ିହ । ମୂଳ ଲାଗି ଜଙ୍ଗଲରୁ ଜାଳେଣି କାଠ ସଂଗ୍ରହ କରି ତାକୁ ବିକି ଚଳନ୍ତି । ଘରେ ଚଳିବାକୁ ୮ ପ୍ରାଣୀ କୁଟୁମ୍ବ, ନିଜେ,ସ୍ତ୍ରୀ ଓ ୬ ଝିଅ ।

ଗ୍ରାମସଭାରେ ଗ୍ରାମ୍ୟ ଦରିଦ୍ର ପରିବାରଙ୍କ ପୁନର୍ବସତି ଯୋଜନାରେ ନିର୍ବାଚିତ ହୋଇ ପୁଦାମାରିଆନ୍ଧ୍ର ବ୍ୟାଙ୍କରୁ ସେ ୨,୪୦୦ ଟଙ୍କା ଋଣଆଣି ୨୬-୭-୮୩ ତାରିଖରେ ସଙ୍କର ମଇଁଷିଟିଏ ଆଣିଲେ । କିଣିଲା ବେଳେ ମାଈ ବାଛୁରୀଟିଏ ଥିଲା ଏବଂ ଏହି ମଇଁଷିଠାରୁ ୫ ଲିଟର କ୍ଷୀର ମିଳୁଥିଲା । ଗାଁ ସୋସାଇଟିରେ ୨ ଟଙ୍କା ଦରରେ କ୍ଷୀର ବିକ୍ରୀ କରୁଥିଲେ । ଏ ମଇଁଷିଟି ୫ ମାସ ପଡ଼ିଆ ରହି ପୁଣି ୨-୧୦-୮୩ ତାରିଖରେ ଆଉ ଗୋଟିଏ ମାଈ ବାଛୁରୀ ଜନ୍ମ କଲା ଓ ଦୈନିକ ୫ ଲିଟର କ୍ଷୀର ମିଳିଲା । ଗାଁର ଆଉ ଦୁଇଟି ମଇଁଷି ମାଡ ହେଉଥିଲା ବେଳେ ଶ୍ରୀ ବିଶୋଇ ତାଙ୍କ ମଇଁଷିକେ ପଡ଼ିଯାଇ ୪-୧୧-୮୪ ତାରିଖରେ ମୃତ୍ୟୁବରଣ କଲେ । ଏ ମଇଁଷିଟି ମାସେ ଖଣ୍ଡେ ପଡ଼ିଆ ରହି ମାଅ ଥର ୧୨-୧୧-୮୪ ତାରିଖରେ ପୁଣି ମାଈ ବାଛୁରୀଟିଏ ଜନ୍ମ କରି ଏଥର ଦୈନିକ ୪ ଲିଟର କ୍ଷୀର ଦେଲା । ଏଥର ଦେଢବର୍ଷ କ୍ଷୀର ଦେଇ ୪ ମାସହେଲା ପଡ଼ିଆ ହୋଇଯାଇଛି ଓ ୬ ମାସ ଗର୍ଭ ଅଛି । ଏ ମଇଁଷିଟିର ପ୍ରଥମ ମାଈ ଛୁଆଟି ଅଣିରା ବାଛୁରୀଟିଏ ଜନ୍ମ କରି ଏବେ ୮ ମାସ ପରେ ବି ୨ ଲିଟର ଲେଖାଏଁ କ୍ଷୀର ଦେଉଛି । ୨ୟ ମାଈ ଛୁଆଟି ୫ ମାସ ଗର୍ଭ ଅଛି । ଏବେ ଦୈନିକ ୫/୬ ଲିଟର କ୍ଷୀରକୁ ଦୋକାନରେ ବିକି ୧୬ରୁ ୧୭ ଟଙ୍କା ତାଙ୍କ ପରିବାର ପାଉଛନ୍ତି । ଏ ପ୍ରଥମ ମଇଁଷିଟିର ଋଣ ଅଂଶ ସୁଧ ସହ ଶୁଝା ସରିଗଲାଣି ।

ଶ୍ରୀ ଲାଲ ବିଶୋଇଙ୍କ ସ୍ତ୍ରୀ ୨୪-୧-୮୫ ତାରିଖରେ ପେଣ୍ଠ ପୁଦାମାରି ଆନ୍ଧ୍ର ବ୍ୟାଙ୍କରୁ ନେଇ ୨,୪୦୦ ଟଙ୍କା ଋଣ ଆଣି ମଇଁଷିଟିଏ କିଣିଲେ । ଏ ମଇଁଷିଟି ସହ ଗୋଟିଏ ଅଣିରା ବାଛୁରୀ ଥିଲା ଓ ଦୈନିକ ୪ ଲିଟର କ୍ଷୀର ମିଳୁଥିଲା । ଏ ମଇଁଷିଟି ବର୍ତ୍ତମାନ ୫ ମାସ ଗର୍ଭଅଛି ଓ ମାସ ହେଲା ପଡ଼ିଆ ହୋଇଯାଇଛି । ଦୁଇଟିଯାକ ମଇଁଷି ଓ ମଇଁଷି ଛୁଆର କ୍ଷୀର ବିକ୍ରିରୁ ଶ୍ରୀ ବିଶୋଇଙ୍କ ସ୍ତ୍ରୀ ପ୍ରାୟ ୩୬ ଟଙ୍କା ପାଉଛନ୍ତି ଏବଂ କୁଣ୍ଡା ଏ ପାଲଙ୍କୁଚା ବାବଦ ୨୫ ଟଙ୍କା ଖର୍ଚ୍ଚ କରନ୍ତି । କୁଣ୍ଡା ବେଳେ ମୂଲ ଲାଗି ପାରୁ ନାହାନ୍ତି । ନିଜେ ଏବେ ଗୋଟିଏ ହଣିଆ ରଖି ମଇଁଷିମାନଙ୍କ ଚରୁ ନେଉଛନ୍ତି । ବର୍ତ୍ତମାନ ଘରେ ୩ ଟି ମଇଁଷି ଛୁଆ ଓ ଗୋଟିଏ ପଣ୍ଡା ଅଛନ୍ତି । ଏମାନଙ୍କର ବଜାର ମୂଲ୍ୟ ପ୍ରାୟ ୧୦ ହଜାର ଟଙ୍କା ହେବ ।

ପ୍ରକୃତରେ କହିବାକୁ ଗଲେ ଇ.ଆର.ଆର.ପି: ଯୋଜନାରେ ଶ୍ରୀ ବିଶୋଇଙ୍କ ପରିବାର ଉପକୃତ ହୋଇଛନ୍ତି । ସେମାନଙ୍କର ଅଭାବ କ୍ରମେ ଦୂର ହୋଇ ଯାଇଛି । ଏପରିକି ଶ୍ରୀ ବିଶୋଇଙ୍କ ବିୟୋଗ ପରେ ମଧ୍ୟ ତାଙ୍କ ପରିବାରଙ୍କର ଚଳିବା ପାଇଁ କୌଣସି ଅସୁବିଧା ହୋଇନାହିଁ । ଇ:ଆର:ଆର:ପି: ଯୋଜନା ତାଙ୍କ ଭାଗ୍ୟର ପରିବର୍ତ୍ତନ କରିପାରିଛି ।

## ଜୋରନ୍ଦା ଗାଆଁର ଶଙ୍କର୍ଷଣ

ଆଠଗଡ଼ ସବ୍‌ଡିଭିଜନ୍ ତୋରଣ୍ଡା ଗ୍ରାମର ଅଧିବାସୀ ଶ୍ରୀ ଶଙ୍କର୍ଷଣ ବେହେରା । ପିତାଙ୍କ ନାମ ସାନନ୍ଦ ବେହେରା । ବାପା ମାଆଙ୍କୁ ମିଶାଇ ଘରେ ତାଙ୍କର ପାଞ୍ଚ ପ୍ରାଣୀ କୁଟୁମ୍ବ । ଦିନ ମଜୁରୀ ଛଡ଼ା ତାଙ୍କର ଅନ୍ୟ ଉପାୟ କିଛି ନାହିଁ । ମୂଲ ଯେତେ ଲାଗିଲେ ମଧ୍ୟ ସଂସାର ଚଳାଇବା ତାଙ୍କ ପକ୍ଷରେ କଷ୍ଟ ହୁଏ । ଭବିଷ୍ୟତରେ କିପରି ପ୍ରତିପୋଷଣ ହେବେ ସେ ଚିନ୍ତାରେ ସେ ଭାଙ୍ଗି ପଡ଼ନ୍ତି । ସରକାରଙ୍କ ଯୋଜନା, ଗ୍ରାମାଞ୍ଚଳ ଦରିଦ୍ରତମ ପରିବାରଙ୍କ ଆର୍ଥିକ ଉନ୍ନୟନ କାର୍ଯ୍ୟକ୍ରମରେ ସେ ଚିହ୍ନଟ ହେଲେ । ଯାହା ଦ୍ୱାରା ତାଙ୍କୁ ସରକାରଙ୍କଠାରୁ ୪ ହଜାର ଟଙ୍କା ଋଣ ମିଳିଲା । ତନ୍ମଧ୍ୟରୁ ୩ ହଜାର ଟଙ୍କା ଛାଡ଼ । ସେ ଏହି ଟଙ୍କାରେ ଗୋଟିଏ କେବିନ ଏବଂ ଷ୍ଟେସନାରୀ ଦୋକାନ ପଞ୍ଚାୟତ ଛକରେ ଦକାଇ ବ୍ୟବସାୟ ଆରମ୍ଭ କଲେ । ଦୋକାନ ଲାଭାଂଶରୁ ସେ ପ୍ରଥମ କିସ୍ତିରେ ୬୨୦ ଟଙ୍କା ପରିଶୋଧ କରିଛନ୍ତି । ଦୋକାନରେ ଦୈନିକ ୨୫୦ ଟଙ୍କା ବିକ୍ରୟ ହୁଏ । ଯେଉଁଥିରୁ ଦିନକୁ ହାରାହାରି ୪୦ ଟଙ୍କା ଲାଭ ମିଳେ । ଏହା ଫଳରେ ପୂର୍ବ ଅବସ୍ଥା ସମ୍ପୂର୍ଣ୍ଣ ଭାବେ ବଦଳି ଯାଇଛି । ସେ ବର୍ତ୍ତମାନ ୨୦ ହଜାର ଟଙ୍କାର ଜିନିଷ ମହଜୁଦ ରଖୁଛନ୍ତି । ପୁଅକୁ ପଞ୍ଚମ ଶ୍ରେଣୀରେ ପଢାଉଛନ୍ତି । ଦୁଇ ହଜାର ଟଙ୍କାରେ ହଳେ ବଳଦ କିଣିଛନ୍ତି । ଶଙ୍କର୍ଷଣ କହନ୍ତି— ସରକାରଙ୍କ ମହତ ଯୋଜନା ଗାଁଗହଳର ଗରିବ ଲୋକଙ୍କ ପାଇଁ ଏକ ସୁବର୍ଣ୍ଣ ସୁଯୋଗ ହୋଇଛି ।

## ନୁହେଁ କାଠୁରିଆ କି ମଜୁରିଆ

ବଲାଙ୍ଗିର ଜିଲ୍ଲା ବଙ୍ଗୋମୁଣ୍ଡା ବ୍ଲକ୍ ଅନ୍ତର୍ଗତ କୁରେସୁଡ଼ ଗ୍ରାମର ଶ୍ରୀ ବିଶ୍ୱନାଥ ଭୋଇ ଜଣେ ଭୂମିହୀନ ଅଦିବାସୀ । ଘରେ ସ୍ତ୍ରୀ ଓ ପିଲାପିଲିଙ୍କୁ ନେଇ ପାଂଚ ପ୍ରାଣୀ କୁଟୁମ୍ବ । ସମସ୍ତଙ୍କ ଭରଣପୋଷଣ ବିଶ୍ୱନାଥଙ୍କ ଉପରେ ନିର୍ଭର କରେ । ଗାଁରେ ମଜୁରୀ ଲାଗି କୌଣସି ମତେ ଚଳ

ତାଙ୍କର କୁଟୁମ୍ବ ପରିପୋଷଣ କରନ୍ତି । ମଜୁରୀ ନମିଳିଲା ଦିନ ଜଙ୍ଗଲରୁ କାଠେଣି କାଠ ସଂଗ୍ରହ କରି ତାକୁ ଗାଁ ରେ ବିକି ଦିଅନ୍ତି । ଜଙ୍ଗଲ ରକ୍ଷା ଅତି କଠୋର ହେବାରୁ କାଠେଣି କାଠ ସଂଗ୍ରହ ମଧ୍ୟ ତାଙ୍କ ପକ୍ଷରେ କଷ୍ଟକର ହେଲା । ଅନେକ ସମୟରେ ତାଙ୍କୁ ଭୋକ ଉପାସରେ ପଡ଼ିବାକୁ ହେଉଥାଏ ।

ଗ୍ରାମ୍ୟ ଦରିଦ୍ରଲୋକଙ୍କ ଅର୍ଥନୈତିକ ପୁନର୍ବସତି ଯୋଜନାରେ ତାଙ୍କୁ ଅନ୍ତର୍ଭୁକ୍ତ କରାଗଲା । ଏଥିପାଇଁ ସିଡିଏଚଡିଓ ପଶୁଚିକିତ୍ସକ ତାଙ୍କୁ ସହାୟତା ପ୍ରଦାନ କରିଥିଲେ । ଏହି ଯୋଜନାରେ ୧୯୮୧ ଅପ୍ରେଲ ମାସରେ ବ୍ୟାଙ୍କ୍ ଋଣ ସାହାଯ୍ୟରେ ଗୋଟିଏ ମାତ୍ର ବାଛୁରୀ ଥିବା ଦୁଧିଆଳି ଗାଈଟିଏ ପାଇଲେ । ଗାଈଟି ଦେଉଥିବା ୭ ଲିଟର କ୍ଷୀରରୁ ଗୋଟିଏ ଲିଟର ସାନ ପିଲାଙ୍କ ପାଇଁ ଖର୍ଚ୍ଚକରି ୬ ଲିଟର କ୍ଷୀର ବିକ୍ରୟ କରି ଦୈନିକ ୧୨ ଟଙ୍କା ପାଆନ୍ତି । ଗାଈଟିର ଖାଇବା ଖର୍ଚ୍ଚ ବାବଦକୁ ଦୈନିକ ୫ଟଙ୍କା ଖର୍ଚ୍ଚକରି ବଳକା ୭ଟଙ୍କାରେ ଘର ଖର୍ଚ୍ଚ ଚଳାଇ ସେଥିରୁ ମଧ୍ୟ ଅଳ୍ପ କିଛି ସଂଚୟ କରନ୍ତି ।

ଦ୍ୱିତୀୟ ବର୍ଷରେ ସେହି ଗାଈଟି ମାଈ ବାଛୁରୀଟିଏ ଜନ୍ମକରି ପୁଣି ୭/୮ ଲିଟର ଲେଖାଏଁ କ୍ଷୀର ଦେଲା ଏବଂ ସାୟ ପର୍ଯ୍ୟନ୍ତ ୧୯୮୪ ମସିହାରେ ଅଣ୍ଡିରା ବାଛୁରୀଟିଏ ଜନ୍ମକରି ଦିନକୁ ୫ ଲିଟର କ୍ଷୀର ଦେଲା ।

ଇତିମଧ୍ୟରେ ଶ୍ରୀ ଭୋଇ ତାଙ୍କ ବ୍ୟାଙ୍କ ଋଣ ପରିଶୋଧ କରିଛନ୍ତି ଓ ଦୁଧ ବିକ୍ରି ଟଙ୍କାରୁ କିଛି ଛେଳି ଓ ମେଣ୍ଢା କିଣିଛନ୍ତି ଏବଂ ଘାସ ଚାଷ ପାଇଁ ଛୋଟିଆ ଜମି ଖଣ୍ଡିଏ ମଧ୍ୟ କିଣି ପାରିଛନ୍ତି । ବର୍ତ୍ତମାନ ଶ୍ରୀ ଭୋଇ ଆଉ ଜଙ୍ଗଲରେ ମୂଳ ଖୋଳୁ ନାହାନ୍ତି କିମ୍ବା ଜଙ୍ଗଲ ସମ୍ପଦ ଧ୍ୱଂସ କରି ପେଟ ପୋଷିବାକୁ ଯାଉ ନାହାନ୍ତି । ପ୍ରକୃତରେ କହିବାକୁ ଗଲେ ଇ:ଆର:ଆର:ପି: ଯୋଜନା ଶ୍ରୀ ବିଶ୍ୱନାଥ ଭୋଇଙ୍କର ଭାଗ୍ୟରେ ଅଭୂତପୂର୍ବ ପରିବର୍ତ୍ତନ କରି ପାରିଛି ।

## ହସର ଲହରୀ ଖେଳିଯାଏ

ରାତି ହେଲି ହେଲି କାଳରେ ବିଶ୍ରି ଉଠିପଡ଼ିଲାଣି । ଠାକୁର ମନ୍ଦିରଠୁ ଆରମ୍ଭ କରି କେତୋଟି ପରିବାରକୁ ପାଣି ବୋହି ଦେବା ତାଙ୍କର ନିତିଦିନିଆ କାମ । ରାତି ପାହିଲେ ସମସ୍ତଙ୍କ ପାଇଁ ପାଣି ଦରକାର । ମୁହଁ ଧୋଇବାଠୁ ଆରମ୍ଭ କରି ରୋଷେଇବାସ ସବୁଥି ପାଇଁ ପାଣି । ପରିବାରଗୁଡ଼ିକୁ ଭଲି ଦେଇ ପାରିବ – ଆଜି ଗୋଟିଏ କିଛି ହେଇପାରିବ । କିନ୍ତୁ ଠାକୁର ମୁହଁକୁ ? ଠାକୁରଙ୍କୁ ତ ଆଉ ଭକ୍ତଙ୍କ ପରିବ ନାହିଁ ବାଲାଜି । ଠିକ୍ ସମୟରେ ପାଣି ନ ପହଞ୍ଚାଇଲେ ଠାକୁରଙ୍କ ନୀତି ଓଲଟ ପାଲଟ ହୋଇଯିବ । ପାଣିର ମୂଲ୍ୟ ତ ପାଉନାହିଁ । ଯାହା ବା ମାସିକ ମାମୁଲି ମାତ୍ର ବେଳିଲା ମୂଲ । ସକାଳ ପହଳୁଆରମ୍ଭହୋଇ ବେଳ ବିପରି ଯାଏ ଦୁଲିଯାଏ ପାଣିବୁହା । ଆଉ ଭାଗିବାକୁ ବେଳ ନଥାଏ ବାଲାଜିର । ସମୟେ ସମୟେ ଖାଲି ଭାବିବାକୁ ପୋଡ଼େଦେଇ ଧର୍ଯ୍ୟ ନିଶ୍ୱାସଟିଏ ମାରେ । ବିଚିଏ ଅଳ୍ପବୁଦ୍ଧି ଦେଇ ସୁଖଦୁଃଖ ଦେଇ ଭଗାଇ ଦିଏ, ତାର ଦଲକରା କଷ୍ଟ – ଠାକୁରଙ୍କ ଭଲରେଖାରେ । ଦିନେ ଦିନେ ଧରି ଆସେ ଠାକୁରଙ୍କ ପାଖ ଆଉଁସି ସମ୍ପଦରେ । [illegible] ନୁହିଁ ମାରି ମନେ ମନେ କହି ଉଠେ ବିଷ୍ଣୁ [illegible] । [illegible] ପ୍ରଭୁ, ଆଉ [illegible] ବାକି [illegible] । [illegible] ସମୟରେ ଭୁଲେ ଥିଲା ରହିଥିଲ ? [illegible] ? ମୁଁ [illegible] ପ୍ରଭୁ [illegible] । [illegible]

[illegible] ଶୁଭିଲେ ଧଳେଇ ପରିବାର ଦେଖି । ଗ୍ରାମରେ [illegible]

ମନ୍ଦିର, ସ୍କୁଲ, ବ୍ୟାଙ୍କ ପ୍ରଭୃତି । ଗ୍ରାମପଞ୍ଚାୟତ ମହକୁମା । ଗ୍ରାମଟିରେ ଗରିବରୁ ଗରିବ ବାଲାଜି ଗଉଡ । କୋଡ଼ୋଟି ସଂମ୍ଭ୍ରାନ୍ତ ପରିବାରରେ ଓ ଠାକୁର ଘରେ ପାଣି ଯୋଗାଇବା ବାଲାଜୀର ଦୈନନ୍ଦିନ କାମ । ଏତକ ନହେଲେ ତାର ସଂସାର ନଚଳେ । ଦୁଇପୁଅ ଗୋଟିଏ ମାତ୍ର ଝିଅ । ସ୍ତ୍ରୀ ଗତ ସାତବର୍ଷ ତଳୁ ଚାଲିଯାଇଛି ଆରପାରିକୁ । ସେଥିରେ ବାଲାଜୀ ଗଉଡ ଭାଙ୍ଗି ପଡ଼ିଛି । ପୁଅମାନଙ୍କର ଅଳିଝୁଳି ସବୁ ତୁଲାଇବାକୁ ପଡ଼ିବ ତାକୁ । ସବୁ ସହି ମୁଣ୍ଡର ଝାଳ ତୁଣ୍ଡରେ ମାରି ପିଠିକୁ ପଥର କରି ଆଗେଇ ଚାଲିଛି ବାଲାଜୀ ।

ଠାକୁର ତାର ଗୁହାରି ଶୁଣିଲେ । ବାଲାଜୀର ଭାଗ୍ୟରବି ଉଦୟ ହେଲା ଉଣେଇଶହ ତେୟାଅଶୀ ମସିହାରେ । ସରକାରଙ୍କ ଇ:ଆର:ଆର:ପି: ଯୋଜନାରେ ବାଲାଜୀ ଦୁଇଟି ଦୁଧିଆଳି ମଇଁଷି ପାଇଲା । ଦୈନିକ ଆଠରୁ ଦଶଲିଟର ଦୁଧ । ରୋଜଗାର ତିରିଶିରୁ ଚାଳିଶି ଟଙ୍କା । ଗ୍ରାମର ଚାହା ଦୋକାନ ଏବଂ ଅନ୍ୟମାନଙ୍କୁ ବୁଲାଇ ଦିଏ ଦୁଧତକ । ଅଧିକା ସମୟରେ ଦୁଧକୁ ଦହି, ଲହୁଣୀ, ଘିଅ ଇତ୍ୟାଦି ତିଆରି କରେ । ଗ୍ରାମରେ ଏଗୁଡ଼ିକ ଅଦରକାରି ନୁହେଁ । ସ୍ୱଳ୍ପ ପଇସା ଦହି, ଘିଅରୁ ବି ପାଇଯାଏ । ଅତି ଆଦର ଯତ୍ନରେ ସେବା କରି ଚାଲିଛି ମଇଁଷି ଦୁଇଟିକୁ । ଏଇ କେତୋଟି ବର୍ଷରେ ଛୁଆ ଦୁଇଟି ପୁଣି ଦୁଧିଆଳି ହୋଇଯିବେ । ହସି ଉଠିବ ତାର ଦୁଆର– ତାର ସଂସାର । ଗ୍ରାମର ପାଶ୍ୱବର୍ତ୍ତୀ ଗ୍ରାମ୍ୟ ବ୍ୟାଙ୍କ ଋଣ ପରିଶୋଧ କରି ଚାଲିଛି । ନିଜ ପାଖରେ ମଧ୍ୟ କିଛି ପାଣ୍ଠି ରଖୁଛି ଝିଅ ବାହାଘର ପାଇଁ । ପଚାରିଲେ କହେ– ଆଜ୍ଞା ! ଗରିବ ଲୋକ । ସାହାଯ୍ୟ ପାଇଲି ସରକାରଙ୍କଠୁ । ଦୁଧର ବଜାର ନ ହେଲେ ମୁଁ କଣ ଜାଣେ ନାହିଁ ଦହି କିମ୍ବା ଘିଅ ବନାଇ ଦେଲେ ପଇସା ଆସିଯାଏ । ଆମେ ପରା ଜାଣୁ ଦୁଧରୁ ଲହୁଣୀ ବାହାର କରିବା କାଟି । ହସର ଲହରୀ ଖେଳିଯାଏ ଏତକ କହିଲା ବେଳେ ।

## ଦୁଃଖୁ ମାଝିର ଦୁଃଖ ଗଲା

ଦୁଃଖୁ ମାଝିର ଦୁଃଖ କହିଲେ ନ ସରେ । ପିଲାଦିନରୁ ମୂଲିକାମ କରି ସେ ବୁଢ଼ିଆ ହେଲାଣି । ହେଲେ ତା ପେଟ ପୁରେନା । ଘର ସୁନ୍ଦରଗଡ଼ ଜିଲ୍ଲା ସବଡେଗା ବ୍ଲକ୍ର କରମଡ଼ିହି ଗାଁରେ । ଜାତିରେ ଆଦିବାସୀ । ଜମିବାଡ଼ି କିଛି ନାହିଁ । ବହୁ ଦୁଃଖ କଷ୍ଟରେ, ମୂଲି ମଜୁରୀ କରି ବଞ୍ଚୁଥିଲା । ଗାଁରେ ଚଳିବା କଷ୍ଟ ହେବାରୁ, ଗାଁ ଛାଡ଼ି ପାଖରେ ଥିବା ସୁନ୍ଦରଗଡ଼ ସହରକୁ ଚାଲିଗଲା । ସେଠାରେ ଏପଟେ ସେପଟେ କିଛିଦିନ ବୁଲାବୁଲି କରି, ବସ ଷ୍ଟାଣ୍ଡରେ କୁଲିଗିରି କରି, ହୋଟେଲରେ କାମକରି, କିଛି ମୁଠାଏ ଖାଇ, ଯା ଦୁଆରେ ତା ପିଣ୍ଡାରେ ରହେ । କିଛିଦିନ ପରେ ସୁନ୍ଦରଗଡ଼ରେ ଗୋଟିଏ ପାଉଁରୁଟି କାରଖାନାରେ କାମ କଲା । ଦୁଃଖୁ ବଡ ପରିଶ୍ରମୀ । ତା' ନିଷ୍ଠାରେ ମାଲିକ ଖୁସି ହେଲେ । ଆସ୍ତେ ଆସ୍ତେ ସେ ପାଉଁରୁଟି, ବିସ୍କୁଟ କେକ୍ ଇତ୍ୟାଦି ତିଆରି କରିବା କାରୀଗରମାନଙ୍କ ପାଖରୁ ଶିଖିଗଲା ।

ମଝିରେ ମଝିରେ ସେ ଗାଁକୁ ଆସେ । ଶୁଣିଲା, ସରକାର ଗରିବ ଲୋକମାନଙ୍କୁ କ'ଣ ସବୁ ସାହାଯ୍ୟ ଦେଉଛନ୍ତି । ଗ୍ରାମ ସେବକ, ସରପଞ୍ଚଙ୍କୁ ତା କଥା କହିଲା । ଗ୍ରାମ୍ୟ ଉନ୍ନତି [illegible] ସୁପାରିଶ କରି ବ୍ଲକକୁ ପଠାଇଲେ । ସବଡେଗା ବ୍ଲକ୍ ଅଫିସରୁ ଡି.ଆର.ଡି.ଏ. [illegible] ସୁପାରିଶ ହେଲେ । ବ୍ଲକ୍ ଅଫିସରୁ [illegible] ଦେଲେ– [illegible] ଯୋଜନାରେ ବ୍ୟାଙ୍କ ଅଫିସରୁ [illegible] ଟଙ୍କା ମଞ୍ଜୁର କରିବା ପାଇଁ । [illegible] ଟଙ୍କା । ତା ମଧ୍ୟରୁ [illegible] ସବସିଡ଼ି ଏ ହେଲା [illegible] ବର୍ଷ [illegible] କଥା । ଦୁଃଖୁ ଟଙ୍କା ଆଣି ଆରମ୍ଭ କରିଦେଲା ପାଉଁରୁଟି ଓ ବିସ୍କୁଟ ତିଆରି କରିବା କାମ । [illegible] ଗୋଟିଏ ବଡ ଗାଁ । [illegible] ପାଖରେ ବହୁ [illegible] ହାଟ ହୁଏ । [illegible] ପାଉଁରୁଟି [illegible] ଅସୁବିଧା ହେଉନାହିଁ । [illegible] ଗାଁ ଗାଁ ବୁଲି, ହାଟରୁ [illegible]

ଦୋକାନୀମାନଙ୍କୁ ବିସ୍କୁଟ୍ ଓ ପାଉଁରୁଟି ଯୋଗାଇଲା । ସଙ୍ଗେ ସଙ୍ଗେ ହାତକୁ ଦି ପଇସା ମଧ୍ୟ ଆସିଲା ।

ଏ ଭିତରେ ସେ ପନ୍ଦର ଶହ ଟଙ୍କା ଋଣ ପୁରାପୁରି ସୁଝି ଦେଇଛି । ନିଜ ଘରଟି ଛୋଟ । ସେଠି ପାଉଁରୁଟି ତିଆରି କରିବା ସୁବିଧା ନ ହେବାରୁ । ଭଲ ଘରଟିଏ ଭଡା ନେଇଛି । ଦୁଃଖୁର ସ୍ତ୍ରୀ ପାଉଁରୁଟି ତିଆରି କାମରେ ସାହାଯ୍ୟ କରେ । ଏବେ କାମର ଭିଡଯୋଗୁଁ, ଦୁଃଖୁ ଜଣେ ଦି ଜଣ ଲୋକ ବି ରଖିଲାଣି ।

ସେ ଭାବେ, ଦିନେ ସେ ଅନ୍ୟପାଖରେ କୁଲି କରି ପେଟ ପୋଷୁଥିଲା । ଆଜି ସେ ଅନ୍ୟକୁ କାମ ଯୋଗାଇ, ସାହାଯ୍ୟ କରି ପାରୁଛି । ହଁ ତା ନିଜକଥା । ସ୍ତ୍ରୀ, ୮ ବର୍ଷ ଓ ୫ ବର୍ଷର ଦୁଇଟି ପୁଅ ସହ ଦୁଃଖୁ ବର୍ତ୍ତମାନ ଦିନକୁ ଖର୍ଚ୍ଚ ବାର୍ଚ୍ଚ ଯାଇ ଦିନକୁ ୨୦ ରୁ ୨୫ ଟଙ୍କା ରୋଜଗାର କରି, ମହା ଆନନ୍ଦରେ ଚଳି ପାରୁଛି । ସମସ୍ତେ କହନ୍ତି ଦୁଃଖର ଦୁଃଖ ଗଲା ।

## ମନ ଲାଖି ଧନ୍ଦା

କୋରାପୁଟ ଜିଲ୍ଲାର ୪୨ ଗୋଟି ପଞ୍ଚାୟତ ସମିତି ମଧ୍ୟରୁ 'କୁନ୍ଦୁରା' ପଞ୍ଚାୟତ ସମିତି ଅନ୍ୟତମ । ଉକ୍ତ ସମିତିଟି ଅନ୍ତର୍ଭୁକ୍ତ ଜୟପୁର ଉପଖଣ୍ଡ ମଧ୍ୟରେ । ସେହି କୁନ୍ଦୁରା ସମିତି ସଦର ମହକୁମାର ଗରିବ ଆଦିବାସୀ ପୁଅ ତିଳ ପେଣ୍ଡିଆ । ମଜୁରୀ ଖଟି ନିଜ କୁଟୁମ୍ବ ପରିପୋଷଣ କରିବା ତା' ପକ୍ଷରେ ସମ୍ଭବ ହେଉ ନଥିଲା । ୧୯୮୧ ସାଲରେ ତା'ର ଦାରିଦ୍ର୍ୟ ଅବସ୍ଥା ଦୃଷ୍ଟି ଆକର୍ଷଣ କଲା ଗ୍ରାମ୍ୟ କମିଟିର । ତିଳ ପେଣ୍ଡିଆକୁ ଅନ୍ତର୍ଭୁକ୍ତ କରାଗଲା 'ସମନ୍ୱିତ ଗ୍ରାମ୍ୟ ଉନ୍ନୟନ ଯୋଜନା'ରେ । ପେଣ୍ଡିଆ ମନଲାଖି ଧନ୍ଦା ନିମନ୍ତେ ୧୯୮୧-୮୨ ଆର୍ଥିକ ବର୍ଷରେ ୨,୦୦୦ ଟଙ୍କା ମୂଲ୍ୟର ୧୦ଟି ମାଈଛେଳି ସହ ଏକ ପୁରୁଷ ଛେଳି, ଏହିପରି ୧୧ଟି ପାଇଲେ । ତିଳ ପେଣ୍ଡିଆ ଋଣ ବାବଦକୁ ଅଧା ରିହାତି ପାଇ ଆଉ ମାତ୍ର ୧,୦୦୦ ଟଙ୍କା ପରିଶୋଧ କରିବା ବିଷୟ ଭଲ ଭାବେ ବୁଝିଲା ।

ଯତ୍ନର ସହ ପରିପାଳନ କରିବାରେ ଲାଗିଲେ ସେ ତାଙ୍କର ଛେଳିଗୁଡ଼ିକୁ । ବର୍ଷ ପରେ ବର୍ଷ ଗଡ଼ିଚାଲିଲା ସଙ୍ଗେ ସଙ୍ଗେ ତାଙ୍କର ଛେଳି ବଂଶ ମଧ୍ୟ ବୃଦ୍ଧି ହେବାକୁ ଲାଗିଲା । ସେଥିରୁ ସେ ଛେଳି ବିକ୍ରି କରି ଋଣ ପରିଶୋଧ କରିବା ସଙ୍ଗେ ସଙ୍ଗେ ବର୍ତ୍ତମାନ କିଛି ଜମି, ଏକ ହଳ ବଳଦ, ନିଜ ପାଇଁ ଖଣ୍ଡେ ଘର କରି ପୂର୍ବାପେକ୍ଷା ଅତି ସ୍ୱଚ୍ଛଳରେ ସେ ଜୀବନ ଅତିବାହିତ କରୁଛି । ବର୍ତ୍ତମାନ ୧୫ଟି ଛେଳି ନିଜ ଘରେ ଅଛନ୍ତି । ସେ ଆଶା ରଖିଛନ୍ତି, ଏହାକୁ ତାଙ୍କରି ମୁଖ୍ୟ ପେଶା ରୂପେ ଗ୍ରହଣ କରି ଛେଳି ମନ୍ଦାକୁ ଅଧିକରୁ ଅଧିକ ବଢ଼ାଇ ଭଲ ରୋଜଗାର କରିବେ ।

ଜିଲ୍ଲାରେ ଏହି ଯୋଜନା ୧୯୮୧-୮୨ ରେ ଆରମ୍ଭ ହୋଇଥିଲା ମାତ୍ର । ସେହି ବର୍ଷ ତିଳ ପେଣ୍ଡିଆ ଭଳି ଆହୁରି ୭୫୦ ଜଣଙ୍କୁ ଏହିଭଳି ସୁବିଧା ଯୋଗାଇ ଦିଆଯାଇଥିଲା ବେଳେ ତାହା ୧୯୮୪-୮୫ ଶେଷ ବେଳକୁ ବୃଦ୍ଧି ପାଇ ୭୬,୭୬୬ ରେ ପହଞ୍ଚି ପାରିଥିଲା । ପୁଣି ୧୯୮୫-୮୬ ବର୍ଷ ମଧ୍ୟରେ ୧୬,୮୦୦ ହିତାଧିକାରୀଙ୍କୁ ଥଇଥାନର ଲକ୍ଷ୍ୟ ରଖାଯାଇଥିବା ବେଳେ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ୧୭,୯୧୮ ଜଣ ହିତାଧିକାରୀଙ୍କୁ ଥଇଥାନ କରିବାରେ ସକ୍ଷମ ହୋଇପାରିଛି ।

ପରିଶ୍ରମ କରି ଯେଉଁ ଗରିବ ବିଚରା ସନ୍ତାନ ସନ୍ତତିଙ୍କୁ ଦୁଇବେଳି ମୁଠାଏ ଖାଦ୍ୟ ଦେବା ସମ୍ଭବପର ହେଉ ନଥିଲା, କେବଳ ଦରିଦ୍ର ପଞ୍ଚାକ୍ଷର 'କ'ଣ କରିବା' ଜପ କରି କରି ଦିନ ଯାଉଥିଲା, ସେମାନଙ୍କ ପାଇଁ ଏହି ଅର୍ଥନୈତିକ ଥଇଥାନ ଯୋଜନା ନିଶ୍ଚିତ ଭାବେ ଏକ ଆଶୀର୍ବାଦ । ସେହି ଆଶୀର୍ବାଦ ଫଳବତୀ ହୁଏ ପେଣ୍ଡିଆଙ୍କ ଭଳି ମନୋବଳ, ନିଷ୍ଠା ଓ ପରିଶ୍ରମ ଯଦି କରାଯାଇପାରେ ।

## ସୂର୍ଯ୍ୟୋଦୟ ଗୁହାଳଘରେ

ଶ୍ରୀ ପ୍ରଭାତ କୁମାର ସାହୁ

ଆଜିକାଲି ବଂଶୀଧର ଖୁବ୍ ନିଦ ଯାଉଛନ୍ତି ରାତ୍ରିର କୋଳରେ । କେଉଁ ମଣିଷ ବା ଜୀବନରେ ସ୍ୱପ୍ନ ନ ଦେଖେ ? ସେ ମଧ୍ୟ ସାରା ରାତ୍ରି ଘମାଘୋଟ ଲଢେଇ କରନ୍ତି ସ୍ୱପ୍ନମାନଙ୍କ ସାଥିରେ । ଏଇ ଯୁଦ୍ଧ ଭିତରେ ପ୍ରତିଦିନ ସିନ୍ଦୂରା ଫାଟେ । ବଂଶୀଧର ତଥାପି ସକାଳୁ ଉଠନ୍ତି ଏକ କ୍ଲାନ୍ତି ବିହୀନ ଯୋଦ୍ଧାପରି ଏବଂ ମାଡ଼ି ଚାଲନ୍ତି ତାଙ୍କର ଗୁହାଳ ଘରକୁ ଯେଉଁଠି ସେ ବାନ୍ଧିଥା'ନ୍ତି ଅନେକ ସ୍ୱପ୍ନ ଆଉ ସ୍ୱପ୍ନମୟୀ କାଳୀ; ସମସ୍ତେ ଯୁଦ୍ଧବନ୍ଦୀ ।

ବାସ୍ତବିକ୍, ବଂଶୀଧର ଏକ ସ୍ୱପ୍ନ ପୁରୁଷ । କେଉଁ ଏକ ଦୂର ରାଜ୍ୟର ରାଜାଙ୍କର ଏକମାତ୍ର ଅପରୂପା ଲାବଣ୍ୟମୟୀ କନ୍ୟା ନେଇ ତ ସମସ୍ତେ ପ୍ରଣୟ ସ୍ୱପ୍ନରେ ଧନୀ ହୋଇପାରନ୍ତି । କିନ୍ତୁ ଅନିଆଗଦାରୁ କେତେଜଣ ଅବା ତାଙ୍କପରି ସ୍ୱପ୍ନ ଫୁଲ ତୋଳି ପାରନ୍ତି ?

ଉଷାକାଳୀନ ଜାଲୁଖୁ ଜାଲୁଖୁ ଫିକା ଅନ୍ଧାରରେ ଗୁହାଳକୁ ବଂଶୀଙ୍କର ଆଗମନ ଦେଖି ସମସ୍ତେ ଉଠିପଡ଼ି ଗୋଡ଼କୁ ସଳଖି ଦେହକୁ ଲମ୍ବେଇ ଅଳସ ଭାଙ୍ଗିଲାବେଳେ କାଳୀ ସେମିତି ଶୋଇରହି ପାକୁଳି ଚଳାଉଥିଲା । କାଳୀ ଏବେ ବୟସର ବୋଝରେ ଭାରାକ୍ରାନ୍ତ । ବଂଶୀଧର ପଶୁମାନଙ୍କ ମେଳେଇ ପହିରା ଧରି ପଶିଯାଉ ଯାଉ ଭାବୁଥିଲେ କାଳୀକୁ ବୋଧେ ଏଥର କି ବାର ହେଲା ।

ଅନେକ ଦିନ ତଳେ କାଳୀର ବି ଯୌବନ ଥିଲା । ଖେଳୁଆଡ଼ ମନୋବୃତ୍ତି ତାର ପ୍ରଚଣ୍ଡ ଥିଲା । କିନ୍ତୁ ବଂଶୀଧର ଆଜିପରି ସେତେବେଳେ ଏମିତି ଖେଳୁଆଡ଼ ନଥିଲେ । କେଉଁ ଦିଗରେ କିଛି ଗୋଟାଏ ସାହା ନ ଥିବାର ଏକ ଉଦାସିଆ ପବନ ତାଙ୍କ ମନ ଉପରେ ମାଡ଼ି ଯାଉଥିଲା । ଦେଢ଼ ଏକର ଜମି ଆଉ କାଳୀ ଓ ବଉଳି ନାମକ ଦୁଇଟି ପଶୁଙ୍କୁ ନେଇ ସେ ଅବା ସେତେବେଳେ କେମିତି ତାଙ୍କର ଆଠଜଣିଆ କୁଟୁମ୍ବ ଚଳାନ୍ତେ । ଯେତେ ପରିଶ୍ରମ କଲେ ବି ଜମିର ଫସଲ ବର୍ଷକର ଅଧା ବି ଯାଏନା । କାଳୀର ପାଏ କ୍ଷୀର ଛୁଆଙ୍କୁ ନ ଦେଇ ବିକି ତିରିଶିଟା ପଇସା ପାଆନ୍ତି । ଏତେ କଷ୍ଟ ଭିତରେ ଆଖିକୁ ସ୍ୱପ୍ନମାନେ ଆସନ୍ତେ ବା କିପରି ?

କାଳୀର ଦେହରେ ହାତ ବୁଲାଇ ବଂଶୀ ଭାବୁଥିଲେ, ଯା ପାଖରେ ଏତେ ସ୍ୱପ୍ନ ଥିଲା କେଉଁଠି । ଏକାଅଶୀ ସାଲର ଶୀତ ସକାଳେ ଗୋଟିଏ ଦୁଧିଆରଙ୍ଗର ଜିପ୍‌ଟାରେ କେତେଜଣ ବାବୁ ଆସିଥିଲେ । ଗାଁ ଦାଣ୍ଡର ଛୁଆମାନଙ୍କ ଛଡ଼ା କିଏ ଜଣେ ମଧ୍ୟ ସେମାନଙ୍କୁ ସେଦିନ ସ୍ୱାଗତ ଜଣାଇ ନଥିଲେ ନିଜ ନିଜର ଉଚ୍ଚ ପିଣ୍ଡାରୁ ଓହ୍ଲାଇ । ଘରଘର ବୁଲିଲେ ସେମାନେ । ବୁଝିଥିଲେ ଗାଈଗୋରୁ ଏବଂ କ୍ଷୀର କଥା । କଥାଏଟା ଖୁବ୍ ଶୀଘ୍ର ପ୍ରଘଟ ହୋଇଗଲା । ଗାଁରେ କ୍ଷୀର ସମିତି ହେବ ।

ସଭା ହେଲା ଦିନେ । ସେମାନେ ସବୁ କହିଲେ । ଅନେକ ଶୁଣିଲେ ତ କେହି କେହି ମଧ୍ୟ ବ୍ୟଙ୍ଗାତ୍ମକ ଟିପ୍ପଣୀ ଦେବାକୁ ପଛାଇ ନଥିଲେ । ତେବେ, ଶେଷରେ ଗାଆଁବାଲା ସମିତି କରିବା ପାଇଁ ସମ୍ମତି ଦେଲେ । ସଭା ସରିଲା । ବଂଶୀଧର ସବୁ ନୀରବରେ ଶୁଣିଥିଲେ ମଧ୍ୟ ତାଙ୍କ ମନରେ ଏଇ ସହରୀ ବାବୁମାନେ ଆଶାର ସୂରୁଯ ନୁଆଇଁ ପାରି ନ ଥିଲେ । ଗାଈ ତ ସମିତି ଲୋନ୍‌ରେ ଦେଇ ପାରିବ ନାହିଁ । ତେବେ, ନିଜର କଷ୍ଟାର୍ଜିତ ଧନକୁ ଏଗାର ଟଙ୍କାଦେଇ କାହିଁକି ସେ ଏଇ କାଳୀ ଓ ବଉଳିକୁ ନେଇ ସମିତିରେ ପଶିବେ ? ଫାଇଦା କଅଣ ? ପୁନଶ୍ଚ, କ୍ଷୀର ପାଇଁ ଭଲ ପଇସା, ଡାକ୍ତର, ଔଷଧ, ଘାସ, ଦାନା, କୃତ୍ରିମ ପ୍ରଜନନ ଆଦି ବାବୁମାନଙ୍କର କେତେକ କଥା ତାଙ୍କର ଅବିଶ୍ୱାସ ହୋଇଥିଲେ ମଧ୍ୟ ମନରେ ଆନ୍ଦୋଳିତ ହୋଇଥିଲା । ଅସ୍ଥିର ଚିତ୍ତରେ ସେ ସିଦ୍ଧାନ୍ତ କିଛି ମଧ୍ୟ ନେଇ ପାରି ନଥିଲେ ।

ସଙ୍ଗଠନ କାହାରିକୁ ଅପେକ୍ଷା କରେ ନାହିଁ । ସମିତି ବଂଶୀଙ୍କ ବିନା ଗଢ଼ା ହୋଇଗଲା । ବାବୁମାନେ ଯାହା କହିଥିଲେ ସେ ଆଖିରେ ସବୁ

ଦେଖୁଥିଲେ । ଲୋକମାନେ ନିତି ଦୁଇବେଳା ଦୁଧ ଦେଇ ପଇସା ନେଲେ । ଗାଡ଼ି ଆସି କ୍ଷୀର ନେଇଗଲା । ତାପରେ ଗାଡ଼ି ଆସି ପାଉଁଡର ନେଲେ । [illegible] ଗାଈଙ୍କୁ ବିକ୍ରି କରିଗଲା । ସମିତିରୁ କେତେ ଦୂରରେ ଖଣ୍ଡ ଖଣ୍ଡ ଗୋଡ଼ୁବାଲା ଆସିଲା । ସେ ଦାନା ଖାଇବାରେ ଗାଈଙ୍କର କି ଆନନ୍ଦ ମଲା ଘାସ ପୁଷ୍ଟ ପାଇଁ ମହାମାରି ରକ୍ଷା ହେଲା । ଲୋକମାନେ ମାଠଣାରେ ଘୁରୁଥାନ୍ତି କି ବୁଲିବାରେ ସମିତି ଦେଖିବା ପାଇଁ । କେତେ ନୂଆ ନୂଆ କଥା ନିତି ଘଟିବାରେ ଲାଗିଲା ।

କାଳିଆ ଗାଁର ପୁଅ 'ସଂପାଦକ' ହୋଇଛି । ସହରୀବାବୁଙ୍କୁ ସିଏ ଅବିଶ୍ୱାସ, ହେଲେ ଗାଁ ପୁଅକୁ ତ ନୁହେଁ । ବଂଶୀଧର ସମ୍ଭାଳି ପାରିଲେ ନାହିଁ । ପରଦିନ ବିଳମ୍ବରେ ଭାଇର ପାଖରୁ କ୍ଷୀର ନେଇ ସମିତିରେ ପହଞ୍ଚିଲେ ।

"ବାପା କାଳିଆ, ପାଏ [illegible] ଗିଲାସରେ ଅଣିବାକୁ ଲାଜ ଲାଗୁଛି" ସେ ସରମ ମିଶା ସ୍ୱରରେ କହିଲେ ।

ଟଙ୍କା ବାଛୁରୀ ଦେଇଁଲେଣି । ଗାଆଁ ମୁଣ୍ଡରେ ସମିତି ପାଇଁ ସରକାର କୋଠାଟିଏ ବନାଇ ଦେଇଛନ୍ତି । ଆଉ ନିଜ ପାଇଁ.... ?

ବଂଶୀଧରଙ୍କର ଗୁହାଳ ପୋଛା ଏ ଭାବନା ଭିତରେ କେତେବେଳେ ସରିଯାଇଥିଲା । ପହଁରାଛାଡ଼ି ସେ ମୁଣ୍ଡ ଉଠାଇ ଚାହିଁଲେ । ବଉଳିର ବିହି ପରେ ଜାନ୍ୟୁକୁ ମିଶାଇ ଏବେ ଆଠଟି ଜନ୍ତୁ ହେଲେଣି । କାଳିଆ ଗୁହାଳ କାନ୍ଥରେ ସବୁ ବାଛୁରୀଙ୍କର ଜାତକ ଲେଖିଦେଇଛି । ବଂଶୀଧର ସବାଙ୍କର ଫରଦ୍ ଆଖିଥରେ ପଢ଼ିବାକୁ ଲାଗିଲେ ।

ପଦ୍ମା ଗାଈ ବଂଶୀଧର ଶୁକ ଓ ବାଉଟୀକୁ ଲକ୍ଷ୍ୟକରି ଭାବିଲେ, ଦୁହିଁଙ୍କର ବୋଧେ ୫ ମାସର ଗର୍ଭ ହେଲାଣି । ଆଉ ଗୁରିଟା ମାସରେ ପୁଣି ଦୁଇଟା ବାଛୁରୀ ! ଗୁହାଳ ତୋଳିବାକୁ ପଡ଼ିବ । ସବୁ ବାଛୁରୀ ସେ ମାଈ ହେଉଛନ୍ତି । କେଜାଣି ତାଙ୍କର ଭାଗ୍ୟ କି କାଳିଆର ହାତ ସୁନା !



ଲଳିତ ଭିତରୁ ଖୁଣ୍ଟିଆଏ ଦପପାଦିରେ କହିଲେ, "ବୁଝିଲୁ ବଇଁଶୀ, ତୋ ପାଖରୁ କ୍ଷୀର ସମସ୍ତଙ୍କୁ ଦେ । ଆମେ ଏକାଠି ନ ହେଲେ, ଏ ସଂଘ କେମିତିକା ଚଳିବ ? ଧନାଗଡ଼ିଆ, ପାଏ, ପଞ୍ଚ ଭିତର, ବାଉରୀ ବ୍ରାହ୍ମଣ ଏ ସବୁର ଭିନ୍ନତା ନାହିଁ । ସ୍ଥାନରେ ଏକାଠି ହେଲେ ଯାଇ ସମିତିର ଭଲ ଓ ଆମର ମଙ୍ଗଳ ।"

ବଂଶୀଧରର ମନ୍ଦୁମାନଙ୍କୁ କାଳିଆ କହିଲା, "ବଂଶୀକକା, ଦରବା । କ୍ଷୀର [illegible] ଦେଖୁ ପଡ଼ଲା ଲୁଚି ପିବ ।"


ବଂଶୀଧର ପାଏ କ୍ଷୀରର ଦାମ ଛଅଟିଏ ପଇସା ପଡ଼ିଲା । ଯେତେ [illegible] ସରସା ଥିଲା ପିଠ ଓ ହେଲା [illegible] କହିଲେ, "କାଳିଆ, ମୋ କାଳ [illegible] ଠିକ୍ ଠିକ୍ ଦେଉଛୁ । ଗୋଡ଼ [illegible] କହିଲା, "ପେଟୁପାଇଁ ପରା ମୁଁ [illegible] ଏମିତି ନ ଦେବି ଦେଖ ।"

[illegible] ସମିତିର [illegible]

ବାଡ଼ିପଟେ ଖୁଣ୍ଟିଆଏ କ୍ଷେତକୁ ଯାଉଯାଉ ବଂଶୀକୁ ଏମିତି ଅବସ୍ଥାରେ ଦେଖି ଚାଳ ପକାଇଲେ, "ବଇଁଶୀ, କଅଣ ଭାବୁଛୁ । ତୁଇ ଏକା ଭାଗ୍ୟବାନ୍ । ଗୁହାଳରେ କାହାର ପନ୍ଦର ହଜାର ଟଙ୍କା ସମ୍ପତ୍ତି ଅଛି ? ଦେଖେ ଭଲ କରି । ଗୋଟାଏ କଅଣ ବସେଇଛୁ । ଆଉ ଟାଣାଏ ମନରେ ପଦ୍ମ ଆରଦର୍ଶିକୁ ବସାଇଛୁ ।"

ବଂଶୀଧର ମୁରକି ହସା ଦେଇ ଶୁଣିଲେ ସମିତି ଘରେ ଘଣ୍ଟ ବାଜିଲାଣି । ବେଳ ଉଣ୍ଡୁର ହେଲାଣି । ଗାଈ ଦାନା ଖାଇବେ । ପୁଣି ଦୁହିଁ ପାରରେ ଦେଖି ଆଶୀର୍ବାଦ କାମନାପୂର୍ବକ ପ୍ରଣତି ଜଣାଉଥିଲେ । ଗଲାଜିଣିକୁ ତାଙ୍କର ଏ ଗୋବର ପାଣି କରିବା ପାଇଁ ଗୁହାଳ ଭିତରକୁ ପଶି ଆସୁଥିଲେ ।

ସୁଚନା ପରିଷ୍କରଣା ସହକାରୀ,
ପୁରୀ ଜିଲ୍ଲା ଦୁଗ୍ଧ ଉତ୍ପାଦକ ସଂଘ
ଭୁବନେଶ୍ୱର



## ଅଭୟ ମନର ପ୍ରଶ୍ନବାଚୀ

ମାହାଙ୍ଗା ବ୍ଲକର ଅଭୟ ଜଣେ ଗରିବ ଲୋକ । ଭିଟାମାଟି ବ୍ୟତୀତ ଆଉ ତା'ର କିଛି ନାହିଁ । ନିଜର ଝାଟିମାଟି ଘରେ ଗୋଟିଏ ଛୋଟ ଡେକରାଟି ଦୋକାନ କରି ମା' ପୁଅ ଦୁହେଁଜଣ ଯାକ ଏକପ୍ରକାର ଚଳିଯାନ୍ତି । ବାପାଙ୍କର ମୃତ୍ୟୁପରେ ଅଭୟର ଭାଇମାନେ ତାକୁ ପରକରି ଦେଲେ । କ'ଣ କରିବ, ପ୍ରଶ୍ନବାଚୀ ତା'ର ମନରେ । ୧୯୮୨ରେ ସେ ସରକାରଙ୍କର ଇ:ଆର:ଆର:ପି: ଯୋଜନାରେ ଅନ୍ତର୍ଭୁକ୍ତ ହେଲା ଏବଂ ଏ ଯୋଜନା ମାଧ୍ୟମରେ ତାକୁ ଏକ ଦୁହାଁଳିଆ ଗାଈ ମିଳିଲା । ଏଥିରେ ଅଭୟର ଖୁସି କହିଲେ ନସରେ । ତାପରେ ଅଭୟ ଲାଗିଲା ଗାଈର ସେବାରେ । ଦିନକୁ ୧୦ ଲିଟର କ୍ଷୀର ତାକୁ ମିଳିଲା ଯାହାର ମୂଲ୍ୟ ୩୦ ଟଙ୍କା । ତନ୍ମଧ୍ୟରୁ ଗାଈ ବାବଦରେ ୧୫ ଟଙ୍କା ଖର୍ଚ୍ଚ କରି ବଳକା ଅର୍ଥରେ ସେ ନିଜେ ଚଳିଗଲା । ତା'ପରେ ଅଭୟ ଆଉ ଦିନମୂଲିଆ କାମକୁ ପସନ୍ଦ କଲା ନାହିଁ । ଦୁଃଖର ବିଷୟ, ଗାଈର ୨ ଗୋଟି ବାଛୁରୀ କ୍ରମାଗତ ମୃତ୍ୟୁ ମୁଖରେ ପଡ଼ିଲେ । ମାତ୍ର ଏବେ ୭ ମାସ ହେବ ଗାଈ ପୁଣି ଛୁଆ ଜନ୍ମ କରିଛି । ଗାଈରୁ ମିଳୁଥିବା ଟଙ୍କାରେ ଅଭୟ ତା'ର ପୁରୁଣା ଦୋକାନଟିକୁ ଉନ୍ନତ କରି ସେଥିରୁ ମଧ୍ୟ ଲାଭ ପାଉଛନ୍ତି । ବ୍ୟାଙ୍କର ଋଣ ପରିଶୋଧ କରିବା ସଙ୍ଗେ ସଙ୍ଗେ ଅଭୟ ଦୋକାନ କଥା ବୁଝିବା ପାଇଁ ସାଇକେଲ ଖଣ୍ଡିଏ କରିଛି ଏବଂ ୧୨ ଗୁଣ୍ଠ ଜମି ଭାଗକୁ ଗ୍ରହଣ କରି ସେଥିରୁ ମଧ୍ୟ ଫସଲ ଆମଦାନୀ କରି ପାରୁଛି । ବର୍ତ୍ତମାନ ତା'ର ଖୁସି ବାଛୁରୀ କେବେ ଛୁଆ ଜନ୍ମ କରିବ । ଅଭୟ ବର୍ତ୍ତମାନ ସାହି ପଡ଼ିଶାରେ ଜଣେ ଆଦର୍ଶ ବ୍ୟକ୍ତି । ରାଜ୍ୟ ସରକାରଙ୍କ ଯୋଜନା ମାଧ୍ୟମରେ ଅଭୟର ପରିବର୍ତ୍ତନ ଅନ୍ୟମାନଙ୍କୁ ବିଶେଷ ପ୍ରଭାବିତ କରିଛି ।


## କୁକୁଡ଼ା ଅଣ୍ଡା ଓ ଗାଈ କ୍ଷୀର

ଅନୁଗୁଳ ସବ୍‌ଡିଭିଜନ୍ ଅନ୍ତର୍ଗତ କଣ୍ଡରା ଗ୍ରାମର ଶ୍ରୀ ବିଜୟ କୁମାର ଦାସ ଜଣେ ଶିକ୍ଷିତ ଯୁବକ । ସେ ବି.ଏ. ପାଶ୍ କଲା ପରେ କୌଣସି ଉପଯୁକ୍ତ ଚାକିରି ନପାଇ ଢେଙ୍କାନାଳ ଜିଲା ଶିଳ୍ପକେନ୍ଦ୍ରର କୁକୁଡ଼ା ପାଳନ ପାଇଁ ୨୫ ହଜାର ଟଙ୍କା ଋଣ ନେଲେ ଏବଂ ଦୁଇଧାଡ଼ିରେ ୯୬ ବର୍ଗଫୁଟ ବିଶିଷ୍ଟ ୮ ଟି କୋଠରୀ ନିର୍ମାଣ କରିଛନ୍ତି । ପରିଦର୍ଶକ ଓ କର୍ମସ୍ଥଳୀ ଯିବା ଆସିବା ପାଇଁ ମଝିରେ ଦୁଇ ଫୁଟରେ ରାସ୍ତା ରଖିଛନ୍ତି । ଦୁଇମହଲା ଟ୍ରେଟାୟାର ସିଷ୍ଟମରେ ଉପରକୋଠରୀର ତଳେ କାଠ ପଟାଖା ନିବୁଜ ଭାବରେ ଖଞ୍ଜାଯାଇଛି । ଉପର ଘରର ଛାତ ନଡ଼ା ଛପର ଯୁକ୍ତ । କାନ୍ଥ ଓ ଚଟାଣ ପକ୍କା ସିମେଣ୍ଟ ନିର୍ମିତ । ଦୁଇଟି କୋଠରୀରେ ୨୦୦ ଅଣ୍ଡାଦିଆ କୁକୁଡ଼ା ଅଛନ୍ତି ଏବଂ ଆଉ ୪ ଟି କୋଠରୀରେ ପ୍ରତ୍ୟେକରେ ୧୦୦ ଲେଖାଏଁ ୨ ମାସର, ଦେଢ଼ମାସର, ଏକମାସର ଓ ୧୫ ଦିନର ମାଂସଳ କୁକୁଡ଼ା ରଖିଛନ୍ତି । ସେ ପାଳିତ କୁକୁଡ଼ାଙ୍କୁ ପୂର୍ବରୁ ହିନ୍ଦୁସ୍ଥାନ ଲିଭର ଓ ଗୁଣ୍ଡତଦାନା ଦେଉଥିଲେ । ବିଶେଷ ସୁବିଧା ପାଇଁ ଏବେ ସରକାରଙ୍କ ଅନୁଗୁଳ ଦାନା ମିଶ୍ରଣ କେନ୍ଦ୍ରରୁ ଦାନା ଆଣୁଛନ୍ତି । ନଭେମ୍ବର ୮୬ରେ ହାରାହାରି ଶତକଡ଼ା ୮୦ ଭାଗରେ ଅଣ୍ଡା ମିଳିଛି । ଦୁଇମାସରେ ମାଂସଳ କୁକୁଡ଼ାମାନେ ୧,୩୦୦ ଗ୍ରାମ୍‌ରୁ ୧,୫୦୦ ଗ୍ରାମ୍ ଓଜନ ବିଶିଷ୍ଟ ହେଉଛନ୍ତି । ଶ୍ରୀ ଦାସ ୧୦୦ ଟି ଅଣ୍ଡାକୁ ୬୫ ଟଙ୍କାରେ ଓ ମାଂସଳ କୁକୁଡ଼ା କିଲୋ ୨୨ ଟଙ୍କାରେ ବିକ୍ରୀ କରୁଛନ୍ତି । ଅନୁଗୁଳ ନେଇଗଲେ ସେଠି ୨୪ ଟଙ୍କା ଦରରେ ମଧ୍ୟ ବିକ୍ରୀ କରନ୍ତି । ଶ୍ରୀ ଦାସ ଅଣ୍ଡାଦିଆ କୁକୁଡ଼ା ଛିଆଁ ଅନୁଗୁଳସ୍ଥ ରାଜ୍ୟ କୁକୁଡ଼ା ଫାର୍ମରୁ ଏବଂ ମାଂସଳ କୁକୁଡ଼ା ଛିଆଁ କଳିଙ୍ଗ ହାଚେରୀ ଭୁବନେଶ୍ୱରରୁ ଆଣନ୍ତି ।

ଋଣ ଟଙ୍କାରେ ଗୋଟିଏ ଓ ନିଜ ହାତରୁ ଆଉ ଗୋଟିଏ, ଏପରି ୨ ଟି ଶଙ୍କର ଜର୍ସିଗାଈ କିଣିଛନ୍ତି । ଆଉ ଗୋଟିଏ ଶଙ୍କର ସିଂଧିଗାଈ ମଧ୍ୟ କିଣିଛନ୍ତି । ଜର୍ସି ଦୁଇଟି ୭ ଓ ୮ ଲିଟର ଲେଖାଏଁ କ୍ଷୀର ଦେଉଛନ୍ତି ଏବଂ ସିଂଧି ମିଶାଟି ଦୈନିକ ୪ ଲିଟର ଦେଉଛି । କ୍ଷୀର ଲିଟର ୪ ଟଙ୍କାରେ ବିକ୍ରୀ କରନ୍ତି । ଆଉ ଦୁଇବର୍ଷ ମଧ୍ୟରେ ସେ ସବୁ ଋଣ ଶୁଝି ଏଇ କୁକୁଡ଼ା ଓ ଗାଈ ଫାର୍ମରୁ ମାସିକ ୩ ହଜାର ଟଙ୍କା ନିଟ୍ ଲାଭ ପାଇପାରିବେ ବୋଲି ଶ୍ରୀ ଦାସ ଆଶା କରିଛନ୍ତି ।

ଯଦି ନାରୀମାନେ ଉନ୍ନିତ ହେବେ, ତେବେ ସେମାନଙ୍କର ସନ୍ତାନଗଣ ନିଜର ମହତ୍ କର୍ମଦ୍ୱାରା ଦେଶର ମୁଖ ଉଜ୍ଜ୍ୱଳ କରିବେ— ତେବେ ଯାଇ ଏ ଭୂମିରେ ସଂସ୍କୃତି, ଜ୍ଞାନ, ଶକ୍ତି, ନିଷ୍ଠା ଜାଗ୍ରତ ହେବ ।


ବିବେକାନନ୍ଦ




# International ASIA AWARD

**The most coveted international award given in Asian countries**

# ଓ.ଟି.ଏମ୍. ବିଶ୍ୱ ଦରବାରରେ ସମ୍ମାନିତ



## Orissa Textile Mills Limited. Choudwar, Cuttack.

## Seventh International ASIA AWARD

ଓଡ଼ିଶା ଟେକ୍ସଟାଇଲ୍ ମିଲ୍ସ ଲିଃ, ଓଡ଼ିଶାର ଏକ ପ୍ରମୁଖ ଶିଳ୍ପାନୁଷ୍ଠାନ ହିସାବରେ ୧୯୪୬ ମସିହାରେ ଜନ୍ମଲାଭ କରି ୧୯୫୦ ମସିହାରେ ଉତ୍ପାଦନ ଆରମ୍ଭ କରିଥିଲା । ଏହି ସଂସ୍ଥା ଅନେକ ଉତ୍ଥାନ ପତନ ମଧ୍ୟ ଦେଇ ଗତିକରି ଶେଷରେ ଆର୍ଥିକ ଅନଟନ ଯୋଗୁଁ ୨୯-୪-୧୯୮୧ ତାରିଖ ଦିନ ବନ୍ଦ ହୋଇ ଯାଇଥିଲା । କ୍ରମେ ଓଡ଼ିଶା ସରକାର, ଅର୍ଥ ଲଗାଣ ସଂସ୍ଥା ତଥା ଭାରତ ସରକାରଙ୍କ ଆର୍ଥିକ ସାହାଯ୍ୟ ବଳରେ ୨୮-୧୧-୧୯୮୧ ତାରିଖ ଦିନ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ଦ୍ୱାରା ପୁନର୍ବାର ଖୋଲାଯାଇଥିଲା । ଆଇ. ଆର. ସି. ଆଇ. (IRCI), ଏଲ୍ଲାହାବାଦ ବ୍ୟାଙ୍କ, ଆଇ. ଡ଼ି. ବି. ଆଇ. (IDBI), ଆଇ. ସି. ଆଇ. ସି. ଆଇ. (I. C. I. C. I.), ଓଡ଼ିଶା ସରକାର ତଥା ଦୁଇଜଣ ନିରପେକ୍ଷ ବ୍ୟକ୍ତିଙ୍କ ସମ୍ମିଳିତ ତଥ୍ୟ ଅନୁସାରେ ଓ. ଟି. ଏମ୍. ଏକ ଲାଭଜନକ ସଂସ୍ଥା ନୁହେଁ ବୋଲି ସ୍ୱଷ୍ଟ ମତ ଲିଖିତ ଭାବରେ ପ୍ରକାଶ କରିଥିଲେ । ଏସବୁ ସତ୍ତ୍ୱେ ମାନବିକତା ତଥା ସାମାଜିକ ଓ ଅର୍ଥନୈତିକ ଦୃଷ୍ଟିକୋଣରୁ ଏହି ରୁଗ୍ଣ ସଂସ୍ଥାକୁ ଓଡ଼ିଶା ସରକାର ପୁନର୍ବାର ଖୋଲିଥିଲେ ।

ନୂତନ ପରିଚାଳନା କର୍ତ୍ତୃପକ୍ଷଙ୍କ ଦ୍ୱାରା ମିଲ୍ ପୁନଃ ଖୋଲାଯିବା ପରେ ଜାନୁୟାରୀ ୧୯୮୨ ମସିହାରେ ଏକ ସୀମିତ ସମୟ ମଧ୍ୟରେ ଆଶାତୀତ ଉତ୍ପାଦନ ତଥା ୧୯୮୨-୮୩ ମସିହାରେ ଆର୍ଥିକ ଲାଭ ଅର୍ଜ୍ଜନ କରିପାରିଥିଲା । ପରବର୍ତ୍ତୀ ବର୍ଷଗୁଡ଼ିକରେ ଯେତେବେଳେ କି ବୟନ ଶିଳ୍ପ ଏକ ଭୟଙ୍କର କଳ୍ପନାତୀତ ପଶ୍ଚାତ୍‌ଗମନ କରୁଥିଲା ଏବଂ ସର୍ବଭାରତୀୟ ସ୍ତରରେ ବହୁ ପ୍ରତିଷ୍ଠିତ ବୟନ ଶିଳ୍ପସଂସ୍ଥା ବନ୍ଦ ହୋଇଯାଇଥିଲା, ଏହି ମିଲ୍ ସେହି ପଶ୍ଚାତ୍‌ଗମନର ସମ୍ମୁଖୀନ ହୋଇ ମଧ୍ୟ ସାର୍ଥକତାର ସହ ପରିସ୍ଥିତିର ମୁକାବିଲା କରିଥିଲା ।

ଏହି ମିଲ୍ ତାହାର ଆଧୁନିକୀକରଣପାଇଁ ଛଅ କୋଟି ଟଙ୍କା ବିନିଯୋଗ କରିଅଛି । ବିଗତ ଛଅ ବର୍ଷ ମଧ୍ୟରେ ଏହି ମିଲ୍ ଧର୍ମଘଟ କାରଣରୁ ମିନିଟିଏ ସୁଦ୍ଧା ବନ୍ଦ ହୋଇନାହିଁ, ବରଂ ଏକ ସୁନ୍ଦର ସୌହାର୍ଦ୍ଦ୍ୟପୂର୍ଣ୍ଣ ଶ୍ରମିକ ସଂପର୍କ ରକ୍ଷା କରାଯାଇଅଛି ।

ନଭେମ୍ବର ୧୯୮୧ ମସିହାରେ ଏହି ମିଲ୍ ବିଧିବଦ୍ଧ ଭାବେ ପୁନଃ ଖୋଲାଯିବାପରେ ଉକ୍ତ ମଧ୍ୟରେ ଛଅଟି ବର୍ଷ ଅତିବାହିତ ହୋଇଯାଇଅଛି । ଏହା ନିର୍ଦ୍ଦ୍ୱନ୍ଦରେ ପ୍ରମାଣିତ କରି ଦେଇ ପାରିଛି ଯେ, ଏହାର ଅନ୍ତର୍ନିହିତ ପ୍ରତିରୋଧ ଶକ୍ତି ବଳରେ ବୟନ ଶିଳ୍ପରେ ଦେଖା ଦେଇଥିବା ଘାତ ପ୍ରତିଘାତ ସତ୍ତ୍ୱେ ମିଲ୍ ସନ୍ତୋଷଜନକ ଭାବରେ ଗତି କରି ଚାଲିଛି । ଏହି ମିଲ୍ ବୈଷୟିକ କୁଶଳତାର ମାନକୁ ଉଚ୍ଚ ସ୍ତରରେ ରଖି ତା'ର ଉତ୍ପାଦନ ଶକ୍ତିକୁ ଯଥାଯଥ ବିନିଯୋଗ କରିବାରେ ସଫଳତା ଅର୍ଜ୍ଜନ କରିପାରିଛି । ଏହା ଯଥାକ୍ରମେ ଅର୍ଥ ବିନିଯୋଗକାରୀ ସଂସ୍ଥା ତଥା 'ଏଟିରା' ଅହମଦାବାଦ ଟେକ୍ସଟାଇଲ ଇଣ୍ଡଷ୍ଟ୍ରିଜ ରିସର୍ଚ୍ଚ ଏସୋସିଏସନ ଆଦି ସଂସ୍ଥାମାନଙ୍କ ଦ୍ୱାରା ଉଚ୍ଚ ପ୍ରଶଂସିତ ହୋଇ ପାରିଛି ।


ଏହି ମିଲ୍ ଠିକ୍ ସମୟରେ ଯନ୍ତ୍ରପାତିର ଆଧୁନିକୀକରଣ କରି ଗତି ପଥ ବଦଳାଇ ମିଶ୍ରିତ ପଲିଷ୍ଟର ଏବଂ ଉନ୍ନତ ଧରଣର ସୂତା ଲୁଗା ଉତ୍ପାଦନ କରିପାରିଅଛି । ଉଚ୍ଚ ଗୁଣାତ୍ମକ ମାନ ରକ୍ଷା କରି କ୍ରେତାଙ୍କ ପାଖରେ ଆଦୃତ ହୋଇପାରିଅଛି । ଏହି ଅଞ୍ଚଳ ଏବଂ ଶ୍ରମିକ ଉଭୟଙ୍କ ପାଇଁ ଅନେକଗୁଡ଼ିଏ ମଙ୍ଗଳପୂର୍ଣ୍ଣ କାର୍ଯ୍ୟକ୍ରମ ପ୍ରଚଳନ କରାଯାଇଅଛି । ଏହି ମିଲ୍ ବହୁ ପରିମାଣର ଛପା ଲୁଗା ରୁଷିଆକୁ ରପ୍ତାନୀ କରୁଅଛି ।

ଏହି ମିଲ୍ ଖୋଲିବା ପରେ ଏହାର ଅଭୂତପୂର୍ବ ସାଫଲ୍ୟତାକୁ ବିଚାରକୁ ନେଇ ସପ୍ତମ ଆନ୍ତର୍ଜାତିକ ଏସିଆ ପୁରସ୍କାର ବିଚାରକ ମଣ୍ଡଳୀ, ଏଡ଼ିଟୋରିଆଲ୍ ଅଫିସ୍ (Editorial Office) ଏବଂ ଟ୍ରେଡ୍ ଲିଡରସ୍ କ୍ଲବ (Trade Leaders Club) ସହଯୋଗରେ ଓଡ଼ିଶା ଟେକ୍ସଟାଇଲ୍ ମିଲ୍ସକୁ ଗୁଣାତ୍ମକ-ମାନର ଉତ୍ପାଦନ ଏବଂ ବୟନଶିଳ୍ପ ସଂସ୍ଥାମାନଙ୍କ ମଧ୍ୟରେ ସପ୍ତମ ଆନ୍ତର୍ଜାତିକ ଏସିଆ ପୁରସ୍କାର ପାଇବା ପାଇଁ ମନୋନୀତ କରିଅଛନ୍ତି ।

ଏହି ପୁରସ୍କାର ଚେମ୍ବର ଅଫ୍ କମର୍ସ, ଆନ୍ତର୍ଜାତିକ ସଂସ୍ଥା, ବିଭିନ୍ନ ପତ୍ରିକା ମାଧ୍ୟମ ସଂସ୍ଥା ତଥା ଶିଳ୍ପପ୍ରତିଷ୍ଠାନର ବିଶେଷଜ୍ଞ-ମାନଙ୍କ ଦ୍ୱାରା ପର୍ଯ୍ୟବେକ୍ଷଣ ବିବରଣୀ ଉପରେ ପର୍ଯ୍ୟବେସିତ ।

ଏହି ପୁରସ୍କାର ଚଳିତ ବର୍ଷ ଫେବୃୟାରୀ ୧୬ ତାରିଖ ଦିନ ଇଣ୍ଡୋନେସିଆର ଜାକର୍ତ୍ତାଠାରେ ପ୍ରଦାନ କରାଯିବ । ଆନ୍ତର୍ଜାତିକ କ୍ଷେତ୍ରରେ ଏପରି ଏକ ବିରଳ ସୁଯୋଗ ତଥା ସମ୍ମାନାସ୍ପଦ ପୁରସ୍କାରର ଅଧିକାରୀ ହେବା ଏହି ମିଲ୍ ତଥା ରାଜ୍ୟ ପାଇଁ ପ୍ରକୃତରେ ଏକ ଗର୍ବ ଓ ଗୌରବର ବିଷୟ ।

ଓଡ଼ିଶା ଟେକ୍ସଟାଇଲ୍ ମିଲ୍ସ ଏହି ଆନ୍ତର୍ଜାତିକ ସମ୍ମାନାସ୍ପଦ ପୁରସ୍କାର ପାଇବାରେ ଓଡ଼ିଶା ତଥା ଭାରତରେ ପ୍ରଥମ ବୟନ ଶିଳ୍ପସଂସ୍ଥା ଅଟେ ।



## ମଜୁରୀ ବୃଦ୍ଧି ପାଇଁ ପରାମର୍ଶ

ରାଜ୍ୟ ସର୍ବନିମ୍ନ ମଜୁରୀ ପରାମର୍ଶଦାତା ବୋର୍ଡର ୧୩ତମ ବୈଠକ ଶ୍ରମ ଓ ନିଯୋଜନ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ଭୂପାଳ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ବୈଠକରେ ଉଦ୍‌ବୋଧନ ଦେଇ ଶ୍ରୀ ମହାପାତ୍ର କହିଲେ ଯେ ରାଜ୍ୟର ଶ୍ରମିକମାନଙ୍କୁ ସାମାଜିକ ନ୍ୟାୟ ଦେବାକୁ ସରକାର ଅତ୍ୟନ୍ତ ଆଗ୍ରହୀ । ବିଭିନ୍ନ ରାଜ୍ୟର ଶ୍ରମିକମାନଙ୍କ ମଜୁରୀ ହାରକୁ ଅଣି ଆଗରେ ରଖି ସରକାର ୨୮ଟି ତାଲିକାଭୁକ୍ତ ନିଯୋଜନରେ ଦିନ ମଜୁରୀରେ ନିଯୁକ୍ତ ସମସ୍ତ ଶ୍ରେଣୀର ଶ୍ରମିକମାନଙ୍କ ପାଇଁ ସର୍ବନିମ୍ନ ମଜୁରୀ ହାର ବୃଦ୍ଧି ପ୍ରସ୍ତାବ ଏହି ବୈଠକର ସୁପାରିଶ ପାଇଁ ଉପସ୍ଥାପିତ କରିଥିଲେ ବୋଲି ସେ ପ୍ରକାଶ କରିଥିଲେ । ପୂର୍ବରୁ ମଧ୍ୟ ୧୯୮୬ ଜୁନର ୧୫ ତାରିଖ ଠାରୁ କୃଷି ଶ୍ରମିକଙ୍କ ସମେତ ରାଜ୍ୟର ୩୭ଟି ନିଯୋଜନରେ ନିଯୁକ୍ତ ଅଣ-ଦକ୍ଷ ଶ୍ରମିକମାନଙ୍କ ମଜୁରୀ ୧୦ ଟଙ୍କାକୁ ବୃଦ୍ଧି କରାଯାଇଥିଲା । ବିଭିନ୍ନ କାର୍ଯ୍ୟରେ ନିଯୁକ୍ତ ଠିକା ଶ୍ରମିକମାନଙ୍କ ମଜୁରୀ ବୃଦ୍ଧି ପାଇଁ ସରକାର ଆବଶ୍ୟକ ପଦକ୍ଷେପ ଗ୍ରହଣ କରିଛନ୍ତି ଓ ଏହା ସଥାଶୀଘ୍ର ବିଷୟର ଆଲୋଚନା କରାଯାଇ ନିଷ୍ପତ୍ତି ନିଆଯିବ ବୋଲି ଶ୍ରମ ମନ୍ତ୍ରୀ ପ୍ରକାଶ କରିଥିଲେ । ଉପସ୍ଥିତ ସଦସ୍ୟମାନେ ସୁଚିନ୍ତିତ ପରାମର୍ଶ ଦେବାକୁ ଶ୍ରୀ ମହାପାତ୍ର ବୈଠକରେ ଆହ୍ୱାନ କରିଥିଲେ ।

ବୈଠକରେ ନିଯୁକ୍ତିଦାତା ଏବଂ ଶ୍ରମିକଙ୍କ ପ୍ରତିନିଧିମାନେ ଆଲୋଚନାରେ ଅଂଶ ଗ୍ରହଣ କରି ତାଲିକାଭୁକ୍ତ ୨୮ଟି ନିଯୋଜନରେ ନିଯୁକ୍ତ ଶ୍ରମିକଙ୍କ ସର୍ବନିମ୍ନ ମଜୁରୀ ବୃଦ୍ଧି ସଂପର୍କରେ ମତବ୍ୟକ୍ତ କରିଥିଲେ । ସେଥିମଧ୍ୟରୁ ୧୮ଟି ନିଯୋଜନରେ ଅଣ-ଦକ୍ଷ ଶ୍ରମିକଙ୍କ ସର୍ବନିମ୍ନ ଦୈନିକ ମଜୁରୀ ୧୦ ଟଙ୍କାକୁ ବୃଦ୍ଧି କରିବା ଅଲଗା ଅର୍ଦ୍ଧ-ଦକ୍ଷ, ଦକ୍ଷ, ଅତି ଦକ୍ଷ ଏବଂ କିରାଣୀ ଓ ତତ୍ତ୍ୱାବଧାରକ ଶ୍ରେଣୀର ଶ୍ରମିକଙ୍କ ସର୍ବନିମ୍ନ ମଜୁରୀ ବୃଦ୍ଧି କରିବାକୁ ପରାମର୍ଶ ଦିଆଯାଇଛି. ସେଗୁଡ଼ିକ ହେଲେ ... ଓ ... ମଜୁରୀ ଶିଳ୍ପ, ... ଓ ହୋସିଆରୀ

ଶିଳ୍ପ, ସରକାରୀ ମଟର ପରିବହନ ସଂସ୍ଥା, ବନ୍ଧବାନ୍ଧ, ଜଳସେଚନ ପ୍ରକଳ୍ପ, ପୋଖରୀ ଓ କୂପ ଖନନ ଇତ୍ୟାଦିର ନିର୍ମାଣ ଓ ରକ୍ଷଣାବେକ୍ଷଣ, ରାସାୟନିକ ଶିଳ୍ପ ରାସ୍ତା ଓ କୋଠାବାଡ଼ି ନିର୍ମାଣ ଓ ରକ୍ଷଣାବେକ୍ଷଣ, ପଥର ଭଙ୍ଗା, ତେଲକଳ, ହୋଟେଲ ଓ ରେଷ୍ଟୁରାଣ୍ଟ, ଦୋକାନ, କୁଟୀର ଓ ଗ୍ରାମ୍ୟ ଶିଳ୍ପ ବ୍ୟତୀତ ଧାତବ ଶିଳ୍ପ, ୫୦ ଜଣରୁ କମ୍ କାମ କରୁଥିବା କ୍ଷୁଦ୍ର ଇଞ୍ଜିନିୟରିଂ ସଂସ୍ଥା, କାଠ ବ୍ୟବସାୟ, ଗଛ ଓ କାଠ କାଟିବା ସମେତ ବେସରକାରୀ ମଟର ପରିବହନ, ବିଡ଼ି ବଳିବା ସହିତ ତମାଖୁ ସଂସ୍ଥା, ଡିଷ୍ଟିଲିଆରୀ, କେନ୍ଦୁପତ୍ର ସଂଗ୍ରହ, ରିଫ୍ରାକ୍‌ଟୋରୀ ଶିଳ୍ପ, ଟାଇଲ ଇଟା ପ୍ରସ୍ତୁତ ଶିଳ୍ପ, ଶାଳମଞ୍ଜି ସଂଗ୍ରହ, ସିନେମା ଶିଳ୍ପ, ବାଉଁଶ ଜଙ୍ଗଲ ସଂସ୍ଥା, ଛାପାଖାନା, ଚାଉଳ, ଡାଲି ଓ ଅଟାକଳ, ସେରାମିକ୍ ଓ ପୋଟରୀ ଶିଳ୍ପ, ଗଛ ଓ କାଠକଟା ବ୍ୟତୀତ କାଠ ବ୍ୟବସାୟ, କରତ କଳ ଏବଂ ଲୁଣ ଶିଳ୍ପ ।

## କଳାହାଣ୍ଡି ଜିଲ୍ଲା ପାଇଁ ବ୍ୟାପକ କାର୍ଯ୍ୟକ୍ରମ

କଳାହାଣ୍ଡି ଜିଲ୍ଲାର ବିଭିନ୍ନ ଅଭାବ ଅସୁବିଧା ଦୂର କରିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଏକ ବ୍ୟାପକ କାର୍ଯ୍ୟକ୍ରମ ଗ୍ରହଣ କରାଯାଇଛି । ଜିଲ୍ଲାର ବିଭିନ୍ନ କ୍ଷେତ୍ରରେ ଏହି କାର୍ଯ୍ୟକ୍ରମ ତ୍ୱରାନ୍ୱିତ ଭାବରେ କାର୍ଯ୍ୟକାରୀ କରାଯାଉଛି ।

ଗତ ନଭେମ୍ବର ମାସ ୭ ତାରିଖରୁ ୯ ତାରିଖ ପର୍ଯ୍ୟନ୍ତ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ କଳାହାଣ୍ଡି ଜିଲ୍ଲାର ବିଭିନ୍ନ ଅଞ୍ଚଳ ଗସ୍ତ କରି ସ୍ଥାନୀୟ ସମସ୍ୟାଗୁଡ଼ିକର ଏକ ସମୀକ୍ଷା କରିଥିଲେ । ସମୀକ୍ଷା ପରେ ସେହିସବୁ ସମସ୍ୟାର ଆଶୁ ସମାଧାନ ପାଇଁ ସଂପୃକ୍ତ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ । ତଦନୁସାରେ ଆର : ଏଲ : ଇ : ଜି : ପି : କାର୍ଯ୍ୟକ୍ରମ ଜରିଆରେ ୧୬ଟି ରାସ୍ତାଘାଟର ଉନ୍ନତି ବିଧାନ ପାଇଁ ପୂର୍ବରୁ ମଂଜୁର କରାଯାଇଥିବା ଅର୍ଥ ଅପେକ୍ଷା ଅଧିକା ୫୦ ଲକ୍ଷ ୧୮ ହଜାର ଟଙ୍କା ମଞ୍ଜୁର କରାଯାଇଛି ଏବଂ ଏଥିପାଇଁ

ଦାମ ବଦଳରେ ଖାଦ୍ୟ ଶସ୍ୟ ଆକାରରେ ୧,୦୧୭ ମେଟ୍ରିକ୍ ଟନ୍ ଖାଦ୍ୟ ଶସ୍ୟ ଯୋଗାଇ ଦିଆଯାଇଛି । ଏହି କାର୍ଯ୍ୟକ୍ରମ ଜରିଆରେ ୭୭ ଲକ୍ଷ ୨୭ ହଜାର ଟଙ୍କା ବ୍ୟୟରେ ୧୯୮୭-୮୮ ମସିହାରେ ସ୍ୱତନ୍ତ୍ର ଭାବେ ନଡ଼ିଗଡ଼-ବିଶ୍ୱନାଥପୁର ରାସ୍ତା ନିର୍ମାଣ କାର୍ଯ୍ୟ ହାତକୁ ନିଆଯିବାର ପ୍ରସ୍ତାବ ରହିଛି ।

ମୁଖ୍ୟମନ୍ତ୍ରୀଙ୍କର କଳାହାଣ୍ଡି ଗସ୍ତପରେ ଜାତୀୟ ଗ୍ରାମ୍ୟ ନିଯୁକ୍ତି କାର୍ଯ୍ୟକ୍ରମ ଜରିଆରେ ଜିଲ୍ଲାର ବିଭିନ୍ନ ଅଞ୍ଚଳର ନିର୍ମାଣ କାର୍ଯ୍ୟପାଇଁ ୪୨ ଲକ୍ଷ ଟଙ୍କା ଓ ଖାଦ୍ୟଶସ୍ୟ ଯୋଗାଇ ଦିଆଯାଇଛି । ଓଡ଼ିଶା ସେତୁ ନିଗମ ପକ୍ଷରୁ ଖଡ଼ିଆଳ-ନୂଆପଡ଼ା ରାସ୍ତାରେ ଥିବା ୬ଟି ସେତୁ ମଧ୍ୟରୁ ୧୯୮୭ ମାର୍ଚ୍ଚ ସୁଦ୍ଧା ୫ଟି ସେତୁ ନିର୍ମାଣ କାର୍ଯ୍ୟ ସଂପୂର୍ଣ୍ଣ ହେବ । କଳାହାଣ୍ଡି ଜିଲ୍ଲା ଓ ଅନ୍ୟାନ୍ୟ ଜିଲ୍ଲାରେ କେନ୍ଦ୍ରୀୟ ଯୋଜନା ହିସାବରେ ବ୍ୟାପକ ଭାବେ ସୋୟାବିନ୍ ଚାଷ କରାଯିବ ଓ ଏଥିପାଇଁ ୨୩ ଲକ୍ଷ ଟଙ୍କା ମଞ୍ଜୁର କରାଯାଇଛି । ଉଚ୍ଚସ୍ତରୀୟ ସମୀକ୍ଷା ସମୟରେ ଜଳ ଅମଳ ପ୍ରକଳ୍ପ ଉପରେ ମୁଖ୍ୟମନ୍ତ୍ରୀ ବିଶେଷ ଗୁରୁତ୍ୱ ଆରୋପ କରିଥିଲେ । ଏହି ଯୋଜନାକୁ ଅଧିକ ତ୍ୱରାନ୍ୱିତ କରିବା ପାଇଁ ଜିଲ୍ଲାସ୍ତରୀୟ ମୃତ୍ତିକା ସଂରକ୍ଷଣ ଅଧିକାରୀମାନଙ୍କୁ ଅଧିକ ଆର୍ଥିକ କ୍ଷମତା ଦେବାପାଇଁ ସମୀକ୍ଷା ସମୟରେ ନିଷ୍ପତ୍ତି ନିଆଯାଇଥିଲା । ସେହି ଅନୁସାରେ ରାଜ୍ୟ ମନ୍ତ୍ରିମଣ୍ଡଳର ନିଷ୍ପତ୍ତି ନିଆଯାଇ ସରକାରୀ ନିର୍ଦ୍ଦେଶ ଦିଆଯାଇଛି ।

କଳାହାଣ୍ଡି ଜିଲ୍ଲାରେ ଖାଦ୍ୟଶସ୍ୟ ସଂଗ୍ରହବେଳେ ଭାରତୀୟ ଖାଦ୍ୟ ନିଗମ ଚାଷୀମାନଙ୍କୁ ସେମାନଙ୍କର ପ୍ରାପ୍ୟ ନଗଦ ଟଙ୍କା ଆକାରରେ ନଦେଇ ଚେକ୍ ଆକାରରେ ଦେଉଥିବାରୁ ଚାଷୀ-ମାନଙ୍କୁ ଅସୁବିଧା ହେଉଥିବା କଥା ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟିକୁ ଆସିଥିଲା । ଭାରତୀୟ ଖାଦ୍ୟ ନିଗମ କର୍ତ୍ତୃପକ୍ଷ ଓ କେନ୍ଦ୍ର ସରକାରଙ୍କ ସହିତ ଆଲୋଚନା କରାଯାଇ ଚାଷୀମାନଙ୍କୁ ସେମାନଙ୍କଠାରୁ କ୍ରୟ କରାଯାଉଥିବା ଧାନ ଓ ଚାଉଳର ମୂଲ୍ୟ ନଗଦ ଟଙ୍କା ଆକାରରେ ଦେବାର ନିଷ୍ପତ୍ତି ଗ୍ରହଣ କରାଯାଇଛି ।

ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ରାଜ୍ୟ ସରକାର ଶ୍ରମଭିତ୍ତିକ କାର୍ଯ୍ୟ ପାଇଁ ୫୫ ଲକ୍ଷ ଟଙ୍କା ଓ ଆଡ଼ିବନ୍ଧ ନିର୍ମାଣ ପାଇଁ ୩ ଲକ୍ଷ ଟଙ୍କା ମଂଜୁର କରିଛନ୍ତି । ଏହାଛଡ଼ା ଅଭାବଗ୍ରସ୍ତ ଅଞ୍ଚଳରେ ଅଧିକା ୨୬ ହଜାର ଲୋକଙ୍କ ପାଇଁ ମାଗଣା ଭୋଜନର ବ୍ୟବସ୍ଥା କରାଯାଇଛି । ଜିଲ୍ଲାରେ ଥିବା ବିଭିନ୍ନ କ୍ଷୁଦ୍ର ଜଳସେଚନ ଯୋଜନାର ପୁନରୁଦ୍ଧାର ପାଇଁ ୨୭ ଲକ୍ଷ ଟଙ୍କା ମଞ୍ଜୁର କରାଯାଇଛି । ଜିଲ୍ଲାରେ ଚଳିତ ବର୍ଷ ୫୬୧ ଗୋଟି ନଳକୂପ ସ୍ଥାପନ କରାଯିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି ଓ ଏହି କାର୍ଯ୍ୟ ଚାଲୁ ରହିଛି । ରାଜସ୍ୱ ବିଭାଗ ଏତଦ୍‌ବ୍ୟତୀତ ଆବଶ୍ୟକ ସ୍ଥଳେ ନଳକୂପ ସ୍ଥାପନ କରିବା ନିମନ୍ତେ ସ୍ୱତନ୍ତ୍ର ଭାବେ ୨୫ ଲକ୍ଷ ଟଙ୍କା ମଞ୍ଜୁର କରିଛନ୍ତି । ଜିଲ୍ଲାର ସମନ୍ୱୟ ବ୍ୟାଙ୍କଗୁଡ଼ିକୁ ଋଣଦାନ ଦିଗରୁ ଓ ବ୍ୟାପକ ଅର୍ଥ ଲଗାଣ କରିବା ନିମନ୍ତେ ୧ କୋଟି ଟଙ୍କାର ଋଣ ସରକାରଙ୍କ ତରଫରୁ ଦିଆ-ଯାଇଅଛି । ଏହି ଋଣ ପରିମାଣକୁ ଛାଡ଼ି ମୁଖ୍ୟମନ୍ତ୍ରୀଙ୍କର ଗସ୍ତପରେ ଜିଲ୍ଲାର ଉନ୍ନୟନ କାର୍ଯ୍ୟ ତଥା ବର୍ତ୍ତମାନର ମରୁଡ଼ି ପରିସ୍ଥିତିକୁ ମୁକାବିଲା କରିବା ନିମନ୍ତେ ୨୨୫ ଲକ୍ଷ ଟଙ୍କା ମଞ୍ଜୁର କରାଯାଇଛି ।

# ଲାଞ୍ଜିଆ ସଉରା ଆଦିବାସୀ ଉନ୍ନୟନ ଯୋଜନା

ଗଞ୍ଜାମ ଜିଲ୍ଲା ଗୁମ୍‌ମା ବ୍ଲକର ସାରଙ୍ଗ ଓ ଅଜୟଗଡ଼ା ଦଇଟି ଗ୍ରାମପଞ୍ଚାୟତକୁ ନେଇ ଗଠିତ ଲାଞ୍ଜିଆ ସଉରା ଆଦିବାସୀ ଉନ୍ନୟନ ଯୋଜନାରେ ଗତ ମାର୍ଚ୍ଚ ମାସ ଶେଷ ସୁଦ୍ଧା ୫୬ ଲକ୍ଷ ୮୦ ହଜାର ଟଙ୍କା ବ୍ୟୟ କରାଯାଇଛି । ଗତ ୬ ବର୍ଷ ମଧ୍ୟରେ ଲାଞ୍ଜିଆ ସଉରା ଆଦିବାସୀ ଅଧ୍ୟୁଷିତ ୨୧ଟି ଗ୍ରାମରେ କୃଷି ଉନ୍ନତି ଓ ଫଳଚାଷ ପ୍ରସାର ଦିଗରେ ୨୪ ଲକ୍ଷ ୪୦ ହଜାର ଟଙ୍କା ବ୍ୟୟ କରାଯାଇ ୩୧୫ ଏକର ପାହାଡ଼ିଆ ଗଡ଼ାଣି ଜମିକୁ ଉନ୍ନତ କରାଯିବା ସଙ୍ଗେ ସଙ୍ଗେ ୨୦୧ ଜଣ ଚାଷୀଙ୍କୁ ବଳଦ ଓ ଲଙ୍ଗଳ ଏବଂ ୭୩୫ ଜଣଙ୍କୁ କୃଷି ଯନ୍ତ୍ରପାତି ଯୋଗାଇ ଦିଆଯାଇଛି । ଏଠାରେ ଜଳବାୟୁ ଅପେକ୍ଷାକୃତ ଥଣ୍ଡା ଥିବାରୁ ଫଳଚାଷ ପାଇଁ ଅନୁକୂଳ ହୋଇଛି । ଫଳ ଉଦ୍ୟାନ ବିଭାଗ ପକ୍ଷରୁ ଏଠାରେ ୨୩୮୭ ଏକର ଜମିରେ କାଜୁବାଦାମ, ୧୧୬୯ ଏକର ଜମିରେ ମିଠା କମଳାଲେମ୍ବୁ ଚାଷ କରାଯାଇଛି । ଆଦିବାସୀ ଚାଷୀମାନେ ମଧ୍ୟ ସେମାନଙ୍କ ବାସଗୃହ ସଂଲଗ୍ନ ଜମିରେ ପଣସ, ସପୁରୀ,ପିଜୁଳି, ସପେଟା, ଆମ୍ବ, ଲିମ୍ବୁ, ନଡ଼ିଆ ପ୍ରଭୃତି ଗଛଗଛା ଲଗାଇଛନ୍ତି ।

ଲାଞ୍ଜିଆ ସଉରାମାନେ ବାସ କରୁଥିବା ଅଞ୍ଚଳରେ ୧୨୨୦ ଏକର ଚାଷୋପଯୋଗୀ ଜମି ରହିଛି । ଏହା ବ୍ୟତୀତ ଆଦିବାସୀମାନେ ପାହାଡ଼ ଉପରେ ୫୬୦୦ ଏକର ପରିମିତ ଜମିରେ ପୋଡୁଚାଷ କରି ମାଣ୍ଡିଆ, ବାଜରା, ମକା, ହରଡ଼, ମୁଗ, ଅଳସି, ସୋରିଷ ପ୍ରଭୃତି ଚାଷ କରିଆସୁଛନ୍ତି । କୃଷି ଉନ୍ନତି ପାଇଁ ପ୍ରତିଥର ଖରିଫ୍ ଓ ରବି ଚାଷ ସମୟରେ ୮୦୦ରୁ ୯୦୦ଟି ଆଦିବାସୀ ପରିବାରକୁ ଉନ୍ନତ ବିହନ ଓ ସାର ସାହାଯ୍ୟ ପ୍ରଦାନ କରାଯାଉଛି ।

ପାରଳାଖେମୁଣ୍ଡିଠାରୁ ୩୮ କି : ମି: ଦୂର ସାରଙ୍ଗଠାରେ ଏହି ଆଦିବାସୀ ଉନ୍ନୟନ ଯୋଜନାର ସଦର ମହକୁମା ଅବସ୍ଥିତ । ପ୍ରତି ପଞ୍ଚାୟତରେ ଗ୍ରାମ୍ୟ କୃଷି କର୍ମଚାରୀ ଓ ପଶୁପାଳନ ସହାୟକ ଅବସ୍ଥାପିତ ହୋଇଛନ୍ତି । ଚାଷୀମାନଙ୍କୁ କୃଷି, ଉନ୍ନତି ଓ ସୁଲଭ ମୂଲ୍ୟରେ ଅତ୍ୟାବଶ୍ୟକୀୟ ଖାଦ୍ୟ ପଦାର୍ଥ ଇତ୍ୟାଦି ଯୋଗାଇବା ପାଇଁ ଦୁଇଟି ସମବାୟ ସମିତି କାର୍ଯ୍ୟ କରୁଛି । ସ୍ୱାସ୍ଥ୍ୟସେବା ବ୍ୟବସ୍ଥା ସହିତ ୯ଟି ପ୍ରାଥମିକ ବିଦ୍ୟାଳୟ, ଗୋଟିଏ ଆବାସିକ ସେବାଶ୍ରମ ଓ ସାରଙ୍ଗଠାରେ ଏକ ହାଇସ୍କୁଲ ପ୍ରତିଷ୍ଠିତ ହୋଇଛି । ୧୮ଟି ଗ୍ରାମରେ କୃଷିଭିତ୍ତିକ ସାକ୍ଷର କେନ୍ଦ୍ରରେ ପୁରୁଷ ଓ ମହିଳା-ମାନଙ୍କୁ ଶିକ୍ଷା ପ୍ରଦାନ କରାଯାଉଛି ।

ଲାଞ୍ଜିଆ ସଉରାମାନଙ୍କୁ ଉନ୍ନତ କୃଷି ଓ ଫଳଚାଷ ବିଷୟରେ ଉନ୍ନୟନ ସଂସ୍ଥା ତରଫରୁ ଆବଶ୍ୟକ ଅନୁଯାୟୀ ତାଲିମ ବ୍ୟବସ୍ଥା କରାଯାଉଛି । ପ୍ରତି ବର୍ଷ ପଞ୍ଚାୟତରେ ୮୩ ଜଣ ଚାଷୀଙ୍କୁ ତାଲିମ ଦିଆଯାଉଛି । ଏହି ଆଦିବାସୀମାନେ ମଧ୍ୟ ଜଙ୍ଗଲରୁ ଆମ୍ବ, ପଣସ, ଖଜୁରୀ, ତେନ୍ତୁଳି, ମହୁଲ, କରଞ୍ଜ ପ୍ରଭୃତି ସଂଗ୍ରହ କରି ଚଳନ୍ତି ।

ଗମନାଗମନର ଉନ୍ନତି ନିମନ୍ତେ ୧୫ କି: ମି ଦୀର୍ଘ ସାରଙ୍ଗ–ଅଳସପଦା ରାସ୍ତା ପାଇଁ ୨ ଲକ୍ଷ ୫ ହଜାର ଟଙ୍କା ଓ ୧୯ଟି ଗ୍ରାମ୍ୟରାସ୍ତା ନିର୍ମାଣରେ ଏକଲକ୍ଷ ୧୭ ହଜାର ଟଙ୍କା ଉନ୍ନୟନ ସଂସ୍ଥା ପକ୍ଷରୁ ବ୍ୟୟ କରାଯାଇଛି । ଆଦିବାସୀମାନଙ୍କର ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ୧୪ଟି ଚିତ୍ତବିନୋଦନ କେନ୍ଦ୍ର ସ୍ଥାପନ କରାଯାଇଛି ।

---

## ଗଞ୍ଜାମ ଜିଲ୍ଲାର ଚାଷ ଜମିକୁ ଜଳସେଚନ ସୁବିଧା

ଗଞ୍ଜାମ ଜିଲ୍ଲାର ମୋଟ୍ ୪ ଲକ୍ଷ ୫୦ ହଜାର ହେକ୍ଟର ଚାଷୋପଯୋଗୀ ଜମି ମଧ୍ୟରୁ ବିଭିନ୍ନ ସୂତ୍ରରେ ୨ ଲକ୍ଷ ୫୨ ହଜାର ୫୩୯ ହେକ୍ଟର ଜମିକୁ ଜଳସେଚନ ସୁବିଧା ମିଳିପାରିଛି ।

ଜିଲ୍ଲାର ଏକମାତ୍ର ବୃହତ ଜଳସେଚନ ପ୍ରକଳ୍ପ ଜରିଆରେ ୬୧,୨୩୧ ହେକ୍ଟର ଜମିକୁ ଜଳସେଚନ ସୁବିଧା ଥିବା ବେଳେ ୯ ଗୋଟି ମଧ୍ୟମ ଜଳସେଚନ ପ୍ରକଳ୍ପ ଜରିଆରେ ୩୪,୯୦୭ ହେକ୍ଟର ଜମିକୁ ଜଳସେଚନ ସୁବିଧା ମିଳିପାରୁଛି । ଏହି ମଧ୍ୟମ ଜଳସେଚନ ପ୍ରକଳ୍ପଗୁଡ଼ିକ ମଧ୍ୟରେ ହୀରାଧରବାଟୀ, ବାହୁଦା, ବାଘୁଆ (ପ୍ରଥମ ପର୍ଯ୍ୟାୟ), ରାମନଦୀ, ଜୟମଙ୍ଗଳ, ଧନେଇ ପୋଟେଇହାଡ଼, ଖଲିଅ ଏବଂ ବାହା ଅନ୍ତର୍ଭୁକ୍ତ । ଏହା ବ୍ୟତୀତ ୧୫୧୬ଟି କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ମାଧ୍ୟମରେ ୧ ଲକ୍ଷ ୫ ହଜାର ୬୨୧ ହେକ୍ଟର, ୮୮୦ଟି ଉଠା ଜଳସେଚନ ପଏଣ୍ଟ ଜରିଆରେ ୧୩,୦୫୦ ହେକ୍ଟର, ସେଚକୂପ ଜରିଆରେ ୬୩୧୫ ହେକ୍ଟର ଏବଂ ୩୫୫୫ଟି ବିଦ୍ୟୁତ୍‌କରଣ ସେଚକୂପ ଜରିଆରେ ୧୪୨୨ ହେକ୍ଟର ଜମିକୁ ଜଳ ଯୋଗାଣ ସୁବିଧା ରହିଛି । ୬୦ ଏକରରୁ କମ୍ ସେଚ ପ୍ରକଳ୍ପ ଏବଂ ଗ୍ରାମପଞ୍ଚାୟତ ପୁଷ୍କରିଣୀ ଜରିଆରେ ୨୩,୮୬୪ ହେକ୍ଟର ଜମିକୁ ଜଳସେଚନ ସୁବିଧା ମିଳିପାରୁଛି । ଏହିପରି ଜିଲ୍ଲାର ମୋଟ୍ ଚାଷୋପଯୋଗୀ ଜମି ମଧ୍ୟରୁ ଶତକଡ଼ା ୫୨.୬୦ ଭାଗ ଜମିକୁ ଜଳସେଚନ ସୁବିଧା ମିଳିପାରୁଛି ।

## ଲାଠିକଟା ବ୍ଲକରେ ଖରିଫ୍ ଫସଲ

ଚଳିତ ଖରିଫ୍ ଋତୁରେ ସୁନ୍ଦରଗଡ଼ ଜିଲ୍ଲାର ପାନପୋଷ ମହକୁମା ଅନ୍ତର୍ଗତ ଲାଠିକଟା ବ୍ଲକରେ 15,715 ହେକ୍ଟର ଜମିରେ ଖରିଫ୍ ଫସଲ ଚାଷ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିବା ବେଳେ 16,050 ହେକ୍ଟର ଜମିରେ ବିଭିନ୍ନ ଫସଲ ଚାଷ କରାଯାଇଛି ବୋଲି ସଂପ୍ରତି ଏକ ସମୀକ୍ଷାରୁ ପ୍ରକାଶ ପାଇଛି । ପୂର୍ତ୍ତ ଓ ଗୃହ ନିର୍ମାଣ ରାଷ୍ଟ୍ରମନ୍ତ୍ରୀ [illegible] ଶ୍ରୀ ଏହି ବ୍ଲକର ବିଂଶସୂତ୍ରୀ କାର୍ଯ୍ୟକ୍ରମର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିବାବେଳେ ଚଳିତ ଖରିଫ୍ ଓ ରବି ଫସଲର ମଧ୍ୟ ସମୀକ୍ଷା କରିଥିଲେ ।

[illegible] ସେ 11 ହଜାର ହେକ୍ଟର ଜମିରେ [illegible] ଚାଷ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିବା ବେଳେ ମୋଟ୍ 11,502 ହେକ୍ଟର ଜମିରେ ବିଭିନ୍ନ କିସମର ଧାନଚାଷ କରାଯାଇଛି । ସେଥିମଧ୍ୟରୁ 5565 ହେକ୍ଟର ଜମିରେ ଅଧିକ ଅମଳକ୍ଷମ ଧାନ, 5872 ହେକ୍ଟର ଜମିରେ ଉନ୍ନତ ଧାନ ଓ 65 ହେକ୍ଟର ଜମିରେ ସ୍ଥାନୀୟ ଧାନଚାଷ କରାଯାଇଛି । ମକା, ଯଅ, ବାଜରା ଓ ଅନ୍ୟାନ୍ୟ କ୍ଷୁଦ୍ରଶସ୍ୟ ଫସଲ ଚାଷ କରିବାରେ ମଧ୍ୟ ଧାର୍ଯ୍ୟ ଲକ୍ଷ୍ୟକୁ ଅତିକ୍ରମ କରାଯାଇଛି । ଏହିସବୁ ଫସଲ ଚାଷ କରିବା ଲାଗି 665 ହେକ୍ଟର ଜମି ଲକ୍ଷ୍ୟ ଧାର୍ଯ୍ୟ ହୋଇଥିବା ବେଳେ ମୋଟ୍ 863 ହେକ୍ଟର ଜମିରେ ଏହା ଚାଷ କରାଯାଇଛି ।

ବ୍ଲକର 1643 ହେକ୍ଟର ଜମିରେ ଡାଲିଜାତୀୟ ଫସଲ ଚାଷ କରାଯାଇଛି । ତନ୍ମଧ୍ୟରୁ 230 ହେକ୍ଟର ଜମିରେ ହରଡ଼, 675 ହେକ୍ଟର ଜମିରେ ମୁଗ, 635 ହେକ୍ଟର ଜମିରେ ବିରି ଓ 103 ହେକ୍ଟର ଜମିରେ ଅନ୍ୟାନ୍ୟ ଡାଲିଜାତୀୟ ଫସଲ ଚାଷ କରାଯାଇଛି । ସେହିପରି 560 ହେକ୍ଟର ଜମିରେ ଚିନାବାଦାମ, ରାଶି, ଜଡ଼ା ଇତ୍ୟାଦି ଏବଂ 120 ହେକ୍ଟର ଜମିରେ ଅନ୍ୟାନ୍ୟ ତୈଳବୀଜ ଫସଲ ଚାଷ କରାଯାଇଥିବାର ଏହି ସମୀକ୍ଷାରୁ ଜଣାଯାଇଛି । ଦଉଡ଼ି ଫସଲ 79 ହେକ୍ଟର ଜମିରେ ମେସ୍ତା, 140 ହେକ୍ଟର ଜମିରେ ଛଣ, 340 ହେକ୍ଟର ଜମିରେ କନ୍ଦମୂଳ ଓ 550 ହେକ୍ଟର ଜମିରେ ପନିପରିବା ଚାଷ କରାଯାଇଛି ।

ଲଙ୍କାମରିଚ, ହଳଦୀ ଓ ରସୁଣ ଇତ୍ୟାଦି ଫସଲ 133 ହେକ୍ଟର ଜମିରେ ଏବଂ ଏହି ଜାତୀୟ ଅନ୍ୟାନ୍ୟ ଫସଲ 120 ହେକ୍ଟର ଜମିରେ କରାଯାଇଛି । ଅଣ-ଧାନ କୃଷି କାର୍ଯ୍ୟକ୍ରମ ଅନୁଯାୟୀ 345 ହେକ୍ଟର ଜମିରେ ଚିନାବାଦାମ, ମୁଗ, ହରଡ଼, ବିରି ଓ ରାଶି ଇତ୍ୟାଦି ଫସଲ ଚାଷ କରାଯାଇଛି । କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କ ପାଇଁ ସ୍ୱତନ୍ତ୍ର ସାହାଯ୍ୟ ଯୋଜନା ଅନୁଯାୟୀ ଜଣେ ତପଶିଲଭୁକ୍ତଜାତି, ଓ 111 ଜଣ ତପଶିଲଭୁକ୍ତ ସଂପ୍ରଦାୟର ଲୋକଙ୍କ ସମେତ ମୋଟ୍ 131 ଜଣ ଚାଷୀଙ୍କୁ ଚିନାବାଦାମ, ମୁଗ, ବିରି, ହରଡ଼ ଓ ରାଶି ଇତ୍ୟାଦି ବିହନ ପୁଡ଼ିଆ ଯୋଗାଇ ଦିଆଯାଇଛି ।

ଉପରୋକ୍ତ ଫସଲ ଚାଷ କରିବାରେ ଏହି ବ୍ଲକର ଚାଷୀମାନେ 197 ମେଟ୍ରିକ୍‌ଟନ୍ ଯବକ୍ଷାରଜାନ, ପୋଟାସ୍ ଓ ଫସ୍‌ଫେଟ ଇତ୍ୟାଦ ରାସାୟନିକ ସାର ପ୍ରୟୋଗ କରିଥିବା ସମୀକ୍ଷାରୁ ପ୍ରକାଶ ।

---

## ସାମାଜିକ ବନୀକରଣ କାର୍ଯ୍ୟକ୍ରମରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ

ସମ୍ବଲପୁର ସାମାଜିକ ବନୀକରଣ ସଂସ୍ଥା ତରଫରୁ ଚାରାଗଛ ଲଗାଇବା ପାଇଁ ଉକ୍ତ ଅଂଚଳର ସ୍କୁଲ, ମହିଳା ସମିତି, ଯୁବକ ସଂଘ ତଥା ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନକୁ ସଂଶ୍ଳିଷ୍ଟ କରାଯାଇଛି । ଚଳିତ ଆର୍ଥିକ ବର୍ଷରେ ଏହିପରି 41ଟି ଅନୁଷ୍ଠାନ 7 ଲକ୍ଷ 24 ହଜାର ଚାରାଗଛ ଲଗାଇ ପାରିଛନ୍ତି । ଏହା ବ୍ୟତୀତ ଉକ୍ତ ସଂସ୍ଥା ତରଫରୁ 100ଟି ବିଭାଗୀୟ ଚାରା ବଗିଚା (ନର୍ସରୀ) କରାଯିବା ସଂଗେ ସଂଗେ ବିଭିନ୍ନ ସ୍କୁଲ, ଯୁବକ ସଂଘ, ମହିଳା ସମିତି ଓ ଅନ୍ୟାନ୍ୟ

ସ୍ୱେଚ୍ଛାସେବୀ ଅନୁଷ୍ଠାନମାନଙ୍କରେ କରାଯାଉଥିବା 41ଟି ଗ୍ରା ବଗିଚ୍ପାଇଁ ଉତ୍ସାହ ପ୍ରଦାନ କରାଯାଉଛି । ଘରୋଇ ଭାବେ କରାଯାଉଥିବା 3ଟି ଗ୍ରା ବଗିଚ୍ପାଇଁ ମଧ୍ୟ ବୈଷୟିକ ସହାୟତା ଦିଆଯାଉଛି । ଚଳିତ ଆର୍ଥିକ ବର୍ଷରେ ଏହି ସଂସ୍ଥା ତରଫରୁ ଅଦ୍ୟାବଧି ମୋଟ୍ 55 ଲକ୍ଷ 20 ହଜାର ଗ୍ରାଗଛ ପ୍ରସ୍ତୁତ ହୋଇପାରିଲାଣି ବୋଲି ସଂପ୍ରତି ବିଭାଗୀୟ ମନ୍ତ୍ରୀ ଶ୍ରୀ ହରବୁଧର ଭଲ୍କା କରିଥିବା ଏକ ସମୀକ୍ଷାରୁ ପ୍ରକାଶ ।

ଏଠାରେ ଉଲ୍ଲେଖନୀୟ ଯେ ସ୍ୱିଡେନ୍ ଆନ୍ତର୍ଜାତିକ ଉନ୍ନୟନ ସଂସ୍ଥାର ସହାୟତାରେ ରାଜ୍ୟର ଚାରୋଟି ଜିଲ୍ଲା, ଯଥା– ସୁନ୍ଦରଗଡ଼, କଳାହାଣ୍ଡି, କୋରାପୁଟ ଓ ବଲାଂଗୀର ବ୍ୟତୀତ ଓଡ଼ିଶାର ଅନ୍ୟ ୨ଟି ଜିଲ୍ଲାରେ 23 କୋଟି ଟଂକା ବ୍ୟୟରେ ସାମାଜିକ ବନୀକରଣ କାର୍ଯ୍ୟକ୍ରମ କାର୍ଯ୍ୟକାରୀ ହେଉଛି । ଉକ୍ତ କାର୍ଯ୍ୟକ୍ରମ ଅନୁଯାୟୀ ରାଜ୍ୟରେ 5770 ହେକ୍ଟର ଜମିରେ ବୃକ୍ଷ ରୋପଣ କରିବା ସଂଗେ ସଂଗେ ଜଂଗଲ ହ୍ରାସ ପାଉଥିବା 3732 ହେକ୍ଟର ଜମିରେ ପୁନରାୟ ବୃକ୍ଷରୋପଣ କରାଯାଉଛି ଏବଂ ନିଜ ଜମିରେ ବୃକ୍ଷରୋପଣ କରିବା ପାଇଁ 1985-୮୯ରେ ପ୍ରାୟ 70 ଲକ୍ଷ ଗ୍ରା ବିନାମୂଲ୍ୟରେ ସର୍ବସାଧାରଣଙ୍କ ମଧ୍ୟରେ ବିତରଣ କରାଯାଉଛି । ଚଳିତ ଆର୍ଥିକ ବର୍ଷରେ 14 ହଜାର 500 ହେକ୍ଟର ଜମିରେ ବୃକ୍ଷରୋପଣ କରିବା ଏବଂ ବିନା ମୂଲ୍ୟରେ ଏକକୋଟି ଗ୍ରାଗଛ ବଣ୍ଟନ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି ।

---

## ରାଜ୍ୟର ନୂତନ ଅଭୟାରଣ୍ୟ

ବନ୍ୟଜନ୍ତୁଙ୍କ ସୁରକ୍ଷା ନିମନ୍ତେ ରାଜ୍ୟ ସରକାର 14ଟି ଜଙ୍ଗଲ ଅଞ୍ଚଳକୁ ଅଭୟାରଣ୍ୟ ରୂପେ ଘୋଷଣା କରିଛନ୍ତି । ଯେଉଁ ଜଙ୍ଗଲ ଅଞ୍ଚଳଗୁଡ଼ିକରେ ଏହି ଅଭୟାରଣ୍ୟଗୁଡ଼ିକ ସ୍ଥାପିତ ହୋଇଛି, ତନ୍ମଧ୍ୟରେ କଟକ ଜିଲ୍ଲାର ଭିତର କନିକା, ଢେଙ୍କାନାଳ ଜିଲ୍ଲାର ସାତକୋଶିଆ ଗଣ୍ଡ, ମୟୂରଭଞ୍ଜ ଜିଲ୍ଲାର ସିମିଳିପାଳ, ପୁରୀ ଜିଲ୍ଲାର ନନ୍ଦନକାନନ, ବାଉଁସପାଳି, ଚନ୍ଦକା–ଡମପଡ଼ା, ବାଲୁଖଣ୍ଡ (କୋଣାର୍କ), ଫୁଲବାଣୀ ଜିଲ୍ଲାର କୋଠଗଡ଼, ସମ୍ବଲପୁର ଜିଲ୍ଲାର ଖଲାସୁଣୀ ଓ ଦେବ୍ରିଗଡ଼, କଳାହାଣ୍ଡି ଜିଲ୍ଲାର ସୁନାବେଡ଼ା, ବାଲେଶ୍ୱର ଜିଲ୍ଲାର କୁଲଡିହା ଏବଂ ଗଞ୍ଜାମ ଜିଲ୍ଲାର ଲଖେରୀ ଉପତ୍ୟକା ଅନ୍ତର୍ଭୁକ୍ତ ।

ଢେଙ୍କାନାଳ ଜିଲ୍ଲା ସାତକୋଶିଆ ଗଣ୍ଡ, କଟକ ଜିଲ୍ଲାର ଭିତର କନିକା ଅଭୟାରଣ୍ୟକୁ ଜାତୀୟ ପାର୍କ ସ୍ତରକୁ ଉନ୍ନତି କରିବା, ୧୦ଟି ଜଙ୍ଗଲ ଅଞ୍ଚଳକୁ ଅଭୟାରଣ୍ୟ ଭାବେ ଘୋଷଣା କରିବା ସରକାରଙ୍କ ବିଚାରାଧୀନ ରହିଛି । କଟକ ଜିଲ୍ଲା ଗୋହିରାମଠ ଅଞ୍ଚଳକୁ ପ୍ରତ୍ୟେକ ବର୍ଷ ବହୁ ପରିମାଣରେ କଇଁଛ ଅଣ୍ଡା ଦେବାକୁ ଆସୁଥିବାରୁ ଉକ୍ତ ଅଞ୍ଚଳକୁ ଏକ ସାମୁଦ୍ରିକ ଅଭୟାରଣ୍ୟ ରୂପେ ଘୋଷଣା କରାଯିବା ବିଷୟ ମଧ୍ୟ ସରକାରଙ୍କ ବିଚାରାଧୀନ ରହିଛି ।

ଏହା ବ୍ୟତୀତ, ମୟୂରଭଞ୍ଜ ଜିଲ୍ଲାର ସିମିଳିପାଳର ଭିତର ଦିଗକୁ ୮୪୫ ବର୍ଗ କିଲୋମିଟର ଅଞ୍ଚଳକୁ ମଧ୍ୟ ଜାତୀୟ ଉଦ୍ୟାନ ଭାବେ ଘୋଷଣା କରିଛନ୍ତି ।

## ଭଲ କିସମ ଚାଉଳ ସଂଗ୍ରହ

ରାଜ୍ୟର ମୁଖ୍ୟତଃ ସମ୍ବଲପୁର, ବଲାଙ୍ଗୀର, କୋରାପୁଟ, କଳାହାଣ୍ଡି, ବାଲେଶ୍ୱର ଓ ଗଞ୍ଜାମ–ଏହିପରି ୬ଟି ଜିଲ୍ଲାରୁ ଚଳିତ ମାସ ୧୫ ତାରିଖ ସୁଦ୍ଧା ବେସରକାରୀ ମିଲରମାନେ ସମୁଦାୟ ୧ ଲକ୍ଷ ୩୩ ହଜାର ମେଟ୍ରିକ ଟନ ଧାନ କ୍ରୟ କରି ଲେଭି ଆକାରରେ ଭାରତୀୟ ଖାଦ୍ୟ ନିଗମକୁ ୪୦, ୬୦୦ ମେଟ୍ରିକ ଟନ୍ ଚାଉଳ ପୈଠ କରିଛନ୍ତି । ଜାନୁଆରୀ ମାସର ଦ୍ୱିତୀୟ ପକ୍ଷ ଏବଂ ଆସନ୍ତା ମାସରେ ଅଧିକ ପରିମାଣର ଚାଉଳ ସଂଗୃହୀତ ହୋଇପାରିବ ବୋଲି ଆଶା କରାଯାଉଛି । ରାଜ୍ୟ ସରକାରଙ୍କ ପ୍ରରୋଚନା ଫଳରେ ଚାଷୀମାନଙ୍କଠାରୁ ଧାନ କ୍ରୟ କଲାବେଳେ ଯେପରି ନିର୍ଦ୍ଧାରିତ ହାରଠାରୁ କମ୍ ଦରରେ କ୍ରୟ କରାନଯାଏ, ସେଥିପ୍ରତି ଏହି ନିଗମ ଧ୍ୟାନ ଦେଉଛନ୍ତି । ଏହା ବ୍ୟତୀତ ରାଜ୍ୟର ଗ୍ରାମାଞ୍ଚଳରେ ଚାଷୀମାନେ ଯେପରି ଉଚିତ ଦର ପାଆନ୍ତି ସେଥିପାଇଁ ମଧ୍ୟ ବହୁସଂଖ୍ୟକ ନିୟନ୍ତ୍ରିତ ବିକ୍ରୀବଟା କେନ୍ଦ୍ର ଖୋଲାଯାଇଛି ।

ଗତ ବର୍ଷ ନିକୃଷ୍ଟ ଓ ଆର୍ଦ୍ର ଚାଉଳ କ୍ରୟ କରାଯାଇଥିଲା ବୋଲି ବହୁ ସଂଖ୍ୟକ ଅଭିଯୋଗ ମିଳିଥିବାରୁ ଚଳିତ ବର୍ଷ ଯେପରି ଭଲ ଧରଣର ଚାଉଳ ସଂଗୃହୀତ ହୋଇପାରିବ, ସେ ଦିଗରେ ତୀକ୍ଷ୍ଣ ଦୃଷ୍ଟି ରଖାଯାଇଛି । ଓଡ଼ିଶା ମଧ୍ୟରୁ ସଂଗୃହୀତ ହେଉଥିବା ଚାଉଳ ରାଜ୍ୟର ଖାଉଟିମାନଙ୍କ ପାଇଁ ଉଦ୍ଦିଷ୍ଟ ହୋଇଥିବାରୁ ନିମ୍ନମାନର ଚାଉଳ ସଂଗ୍ରହ କରିବା ନେଇ ଯେପରି ଅଭିଯୋଗ ନହୁଏ, ସେଥିପ୍ରତି ସତର୍କତା ଅବଲମ୍ବନ କରାଯାଇଛି । ତଦନୁଯାୟୀ ଭଲ ଚାଉଳ ସଂଗ୍ରହ କରିବା ଏବଂ ନିଗମ ଦ୍ୱାରା ଚାଉଳ ସଂଗ୍ରହ କ୍ଷେତ୍ରରେ ଯେପରି କମ୍ ନହୁଏ, ତାହା ତଦାରଖ କରିବା ପାଇଁ ଯୋଗାଣ ବିଭାଗର ଅଫିସରମାନଙ୍କୁ ବିଭିନ୍ନ ସ୍ଥାନକୁ ପଠାଯାଉଛି । ଏହା ବ୍ୟତୀତ ରାଜ୍ୟ ସରକାର ନୂଆଦିଲ୍ଲୀସ୍ଥ ଖାଦ୍ୟ ନିଗମର ମୁଖ୍ୟ କାର୍ଯ୍ୟାଳୟ ସହିତ ସର୍ବଦା ଯୋଗାଯୋଗ ସ୍ଥାପନ କରି ନିଗମର କ୍ଷେତ୍ର ଅଫିସରମାନଙ୍କର ସଂଗ୍ରହ କାର୍ଯ୍ୟ ସଂପର୍କରେ କଡ଼ାକଡ଼ି ଭାବରେ ସମୀକ୍ଷା କରୁଛନ୍ତି ।

---

## ଚନ୍ଦକା ଶିଳ୍ପ ପ୍ରକଳ୍ପରେ ସିଲେଇ ମେସିନ୍ ସୂତା ଉତ୍ପାଦନ ପ୍ରକଳ୍ପ

ରାଜ୍ୟ ସରକାରଂକ ନୂତନ ଶିଳ୍ପନୀତି ପ୍ରଣୟନ ଫଳରେ ରାଜ୍ୟର ବିଭିନ୍ନ ଅଂଚଳରେ ଛୋଟ-ବଡ଼ ବହୁ ଶିଳ୍ପ ମୁଣ୍ଡ ଟେକିଛି । ଭୁବନେଶ୍ୱର ନିକଟସ୍ଥ ଚଂଦକା ଶିଳ୍ପାଂଚଳରେ ଯେଉଁଗୁଡ଼ିଏ ଶିଳ୍ପ ପ୍ରତିଷ୍ଠା କରାଯାଇଛି, ସେଥିମଧ୍ୟରୁ ପ୍ରିମିୟର ଥ୍ରେଡ୍ସ ପ୍ରାଇଭେଟ ଲିମିଟେଡ଼ ଅନ୍ୟତମ । ୨୦ ଲକ୍ଷ ଟଂକା ବ୍ୟୟ ଅଟକଳରେ ନିର୍ମିତ ଏହି ପ୍ରକଳ୍ପ ପ୍ରତିଷ୍ଠା ପାଇଁ କେଂଦୁଝରର ମହମ୍ମଦ ଉସ୍ମା ଆଇ. ସି. ଆଇ. ସି. ଆଇ. ର ସିନିୟର ଏକ୍ଜିକ୍ୟୁଟିଭ ପଦବୀ ଛାଡ଼ିଥିଲେ । ଏଠାରେ ୨୦ ଜଣ ବ୍ୟକ୍ତିପାଇଁ ନିଯୁକ୍ତି ସୁବିଧା ରହିଛି । ବର୍ତ୍ତମାନ ବିଶ୍ୱରେ ବସ୍ତ୍ରଶିଳ୍ପର ଯେଉଁ ହାରରେ ପ୍ରସାର ଘଟିଛି, ସେହି ଅନୁପାତରେ ଉତ୍କୃଷ୍ଟ ସିଲେଇ ମେସିନ ସୂତା ଉତ୍ପାଦନର ଅଭାବ ବିଷୟରେ ତନ୍ନତନ୍ନ ଚିନ୍ତା କରିବାପରେ

ମହଲର ଭଲ ଏଥିପ୍ରତି ଧ୍ୟାନଦେଲେ । ଚଳିତମାସ ୬ ତାରିଖରେ ଏହି ସ୍ମାରକୀ ଉଦ୍ଘାଟନ ବୋର୍ଡ ପକ୍ଷରୁ ଋଣ ମଂଜୁର କରାଯାଇଛି ।

ରାଜ୍ୟରେ ବୃହତ୍ ଓ ମଧ୍ୟମ ଶିଳ୍ପ ପ୍ରତିଷ୍ଠା ଦିଗରେ ଇପିକଲ୍ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି । ଏହି ସଂସ୍ଥା ଦ୍ୱାରା ଶିଳ୍ପୋଦ୍ୟୋଗୀମାନଙ୍କୁ ଗୋଟିଏ ସ୍ଥାନ ତଳେ ଶିଳ୍ପ ପ୍ରତିଷ୍ଠା ପାଇଁ ଆବଶ୍ୟକ ପଡୁଥିବା ସମସ୍ତ ପ୍ରକାର ସୂଚନା ଯୋଗାଇ ଦେବା ସଂଗେସଂଗେ ଋଣ ମଂଜୁର ମଧ୍ୟ କରାଯାଇଥାଏ । ୧୯୮୬ ମସିହା ସେପ୍ଟେମ୍ବର ମାସ ସୁଦ୍ଧା । ଇପିକଲ୍ ଜରିଆରେ ଯେଉଁସବୁ ପ୍ରକଳ୍ପ ହାତକୁ ନିଆଯାଇଥିଲା, ସେଥିମଧ୍ୟରୁ 113ଟିରୁ ଉତ୍ପାଦନ ଆରମ୍ଭ ହେଲାଣି, ୬୨ଟିର କାର୍ଯ୍ୟ ଆଗେଇ ଚାଲିଛି ଏବଂ 102ଟିର ପ୍ରତିଷ୍ଠା ପାଇଁ ଆନୁସଂଗିକ କାର୍ଯ୍ୟ ଚୂଡ଼ାନ୍ତ ଅବସ୍ଥାରେ ପହଂଚିଛି ।

—

## ଶିଳ୍ପ ବିକାଶ କ୍ଷେତ୍ରରେ କଳାହାଣ୍ଡି ଜିଲ୍ଲା

ଚଳିତ ଆର୍ଥିକ ବର୍ଷର ଗତ ଅକ୍ଟୋବର ମାସ ସୁଦ୍ଧା ଅନ୍ୟାନ୍ୟ ଜିଲ୍ଲା ତୁଳନାରେ କଳାହାଣ୍ଡି ଜିଲ୍ଲାରେ ସର୍ବାଧିକ କୁଟୀର ଶିଳ୍ପ ପ୍ରତିଷ୍ଠିତ ହୋଇପାରିଛି । ଏହି ଜିଲ୍ଲାରେ ଚଳିତ ଆର୍ଥିକ ବର୍ଷ ମଧ୍ୟରେ 3 ହଜାର କୁଟୀର ଶିଳ୍ପ ପ୍ରତିଷ୍ଠା କରାଯିବାର ଲକ୍ଷ୍ୟ ରଖାଯାଇଥିବା ବେଳେ ବର୍ଷର ସାତମାସ ମଧ୍ୟରେ (ଅକ୍ଟୋବର ସୁଦ୍ଧା) 5,134ଟି କୁଟୀର ଶିଳ୍ପ ପ୍ରତିଷ୍ଠା କରାଯାଇଥିବା ଏକ ଉଲ୍ଲେଖଯୋଗ୍ୟ ସାଫଲ୍ୟ । ବର୍ଷ ଶେଷ ବେଳକୁ ଏହି ଜିଲ୍ଲାରେ ଧାର୍ଯ୍ୟଲକ୍ଷ୍ୟର ଦୁଇଗୁଣଠାରୁ ଅଧିକ କୁଟୀରଶିଳ୍ପ ପ୍ରତିଷ୍ଠା ହୋଇପାରିବ ବୋଲି ଆଶା କରାଯାଏ । ଏହାବ୍ୟତୀତ ଜିଲ୍ଲାରେ ଉପରୋକ୍ତ ସମୟ ମଧ୍ୟରେ 21ଟି କ୍ଷୁଦ୍ରଶିଳ୍ପ ମଧ୍ୟ ପ୍ରତିଷ୍ଠା କରାଯାଇ ପାରିଛି । ଉଭୟ ଶିଳ୍ପପାଇଁ ଏକକୋଟି 14 ଲକ୍ଷ 3 ହଜାର ଟଙ୍କା ବିନିଯୋଗ କରାଯାଇଛି ଏବଂ ଏଥିମଧ୍ୟରେ 6,213 ଜଣ ବ୍ୟକ୍ତିଙ୍କ ପାଇଁ କାମ ଯୋଗାଇ ଦିଆଯାଇ ପାରିଛି ।

—

## ଭୁବନେଶ୍ୱରରେ ଯୁବ ଦିବସ ପାଳନ

ଜାତୀୟ ସେବା ସଂସ୍ଥା ପକ୍ଷରୁ ଭୁବନେଶ୍ୱରରେ ଭାରତର ବରପୁତ୍ର ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ଦିବସଟିକୁ 'ଯୁବ ଦିବସ'ରୂପେ ପାଳନ କରାଯାଇଛି । ଏହି ଉପଲକ୍ଷେ ସ୍ଥାନୀୟ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ର ଛାତ୍ରୀଙ୍କ ସମେତ ରମାଦେବୀ, କମଳା ନେହେରୁ ଓ ସତ୍ୟସାଇ ମହିଳା କଲେଜର ଜାତୀୟ ସ୍ୱେଚ୍ଛାସେବୀ ଏବଂ ଏକାମ୍ର କଲେଜ, ବି. ଜେ. ବି. କଲେଜ, ରାଜଧାନୀ କଲେଜ ଓ ଉତ୍କଳ ସଂଗୀତ ମହାବିଦ୍ୟାଳୟର ଛାତ୍ର-ଛାତ୍ରୀମାନେ ନିଜନିଜ କଲେଜର ଏନ.ଏସ୍.ଏସ୍. ଅଫିସରଙ୍କ ସହ ଭୁବନେଶ୍ୱରର ବିଭିନ୍ନ ରାସ୍ତା ପରିକ୍ରମା କରି ଜନସାଧାରଣଙ୍କୁ ଏହି ଦିବସର ତାତ୍ପର୍ଯ୍ୟ ବିଷୟରେ ଦୃଷ୍ଟି-ଆକର୍ଷଣ କରିଥିଲେ । ଏହି ପରିକ୍ରମାରେ ଦିଲ୍ଲୀରୁ ଓଡ଼ିଶାକୁ ଶୁଭେଚ୍ଛା ଭ୍ରମଣରେ ଆସିଥିବା ଏକ ପ୍ରତିନିଧିଦଳ ମଧ୍ୟ ଯୋଗ ଦେଇଥିଲେ ।

କୃଷି ବିହାରଠାରେ ପ୍ରଶିକ୍ଷଣ କାର୍ଯ୍ୟରେ ଯୋଗ ଦେଇଥିବା 30 ଜଣ ଅଧ୍ୟାପକ ଓ ଅଧ୍ୟାପିକା ଏହି ଶୋଭାଯାତ୍ରାର ପରିଚାଳନାରେ ସାହାଯ୍ୟ କରିଥିଲେ । ଉତ୍କଳ ଓ କୃଷି ବିଶ୍ୱବିଦ୍ୟାଳୟ ଓ ଭାରତ ସରକାରଙ୍କ ଆଂଚଳିକ କାର୍ଯ୍ୟ ସେବାସଂସ୍ଥାର ମିଳିତ ଉଦ୍ୟମରେ ଏବଂ ରାମକୃଷ୍ଣ ମିଶନର ସହାୟତାରେ ଏହି ଶୋଭାଯାତ୍ରା କରାଯାଇଥିଲା ।

ସ୍ୱାମୀଜୀଙ୍କ ଜୀବନ ଦର୍ଶନ ଉପରେ ଆଲୋଚନାଚକ୍ର ସହିତ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ଆୟୋଜିତ ହୋଇଥିଲା ।

—

## ଓଡ଼ିଶାରେ ବିଂଶସୂତ୍ରୀ କାର୍ଯ୍ୟକ୍ରମ

ଓଡ଼ିଶାରେ କାର୍ଯ୍ୟ କାରୀ ହେଉଥିବା ବିଂଶସୂତ୍ରୀ କାର୍ଯ୍ୟକ୍ରମ ଅନୁଯାୟୀ ଚଳିତ ଆର୍ଥିକ ବର୍ଷ ପାଇଁ ବିଭିନ୍ନ କ୍ଷେତ୍ରରେ ଯେଉଁସବୁ ଲକ୍ଷ୍ୟଧାର୍ଯ୍ୟ ହୋଇଥିଲା, ତନ୍ମଧ୍ୟରୁ ଗତ ଡିସେମ୍ବର ମାସ ସୁଦ୍ଧା ବହୁକ୍ଷେତ୍ରରେ ଶତକଡା ୫୦ ଭାଗ ଏବଂ ତଦୁର୍ଦ୍ଧ୍ୱ ଲକ୍ଷ୍ୟ ହାସଲ ହୋଇପାରିଛି । ସବୁଠାରୁ ଉଲ୍ଲେଖନୀୟ ସାଫଲ୍ୟ ହାସଲ ହୋଇଛି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଖୋଲିବା କ୍ଷେତ୍ରରେ । ଏଥିପାଇଁ ଚଳିତ ବର୍ଷ ୧୦୦ଟି ସ୍ୱାସ୍ଥ୍ୟକେନ୍ଦ୍ର ଖୋଲିବାକୁ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିବା ସ୍ଥଳେ ଡିସେମ୍ବର ଶେଷସୁଦ୍ଧା ୧୪୭ଟି କେନ୍ଦ୍ର ଖୋଲାଯାଇ ସାରିଲାଣି । ଏହା ଧାର୍ଯ୍ୟ ଲକ୍ଷ୍ୟର ୧୪୭ ଭାଗ । ଶତକଡା ୧୪୩ଭାଗ ଲକ୍ଷ୍ୟ ହାସଲ ହୋଇଛି ଖାଉଟିମାନଙ୍କ ପାଇଁ ନୂତନ ସୁଲଭ ମୂଲ୍ୟ ଦୋକାନ ଖୋଲିବା କ୍ଷେତ୍ରରେ । ଏଥିପାଇଁ ଚଳିତ ବର୍ଷ ୬୦ଟି ଦୋକାନ ଖୋଲିବାକୁ ଧାର୍ଯ୍ୟ ହୋଇଥିବା ସ୍ଥଳେ ସେହି ମାସ ସୁଦ୍ଧା ୮୬ଟି ଦୋକାନ ଖୋଲାଯାଇଛି । ସେହିପରି ଚଳିତ ବର୍ଷ ୨୦ ହଜାର ଦରିଦ୍ର ଲୋକଙ୍କୁ ଘରଡିହ ଯୋଗାଇ ଦେବା ଲାଗି ଲକ୍ଷ୍ୟଧାର୍ଯ୍ୟ ହୋଇଥିବା ସ୍ଥଳେ ୨୨,୪୮୭ ଜଣଙ୍କୁ ଡିହ ଯୋଗାଣ, ୨୬୦୬ ଜଣ ଦରିଦ୍ରଙ୍କୁ ଗୃହ ନିର୍ମାଣ ପାଇଁ ଆର୍ଥିକ ସାହାଯ୍ୟ ପ୍ରଦାନ, ୪୨୬୩ ଜଣ ଗୋତି ଶ୍ରମିକଙ୍କୁ ଥଇଥାନ, ୨୪କୋଟି ବୃକ୍ଷରୋପଣ ପାଇଁ ଲକ୍ଷ୍ୟଧାର୍ଯ୍ୟ ହୋଇଥିବା ସ୍ଥଳେ ୧୯ କୋଟି ୫୬ ଲକ୍ଷରୁ ଅଧିକ ବୃକ୍ଷରୋପଣ କରାଯାଇଛି । ଏହିସବୁ କ୍ଷେତ୍ରରେ ଧାର୍ଯ୍ୟ ହୋଇଥିବା ଲକ୍ଷ୍ୟ ତୁଳନାରେ ଯଥାକ୍ରମେ ଶତକଡା ୧୧୨.୪୪ ଭାଗ, ୬୮.୧୯ ଭାଗ, ୮୭.୩୬ ଭାଗ ଏବଂ ୮୧.୫୧ ଭାଗ ଲକ୍ଷ୍ୟ ପୂରଣ ହୋଇଗଲାଣି ।

ଏହା ବ୍ୟତୀତ ଆର : ଏଲ୍ : ଇ : ଜି : ପି : ଓ ଏନ୍ : ଆର : ଇ : ପି : ଅନୁଯାୟୀ ରାଜ୍ୟର ଗ୍ରାମାଞ୍ଚଳରେ ସର୍ବମୋଟ ୨ କୋଟି ୮୮ ଲକ୍ଷ ଶ୍ରମ ଦିବସ ସୃଷ୍ଟି କରିବାକୁ ଲକ୍ଷ୍ୟଧାର୍ଯ୍ୟ କରାଯାଇଥିବା ସ୍ଥଳେ ସେହି ମାସ ଶେଷସୁଦ୍ଧା ୨ କୋଟି ୨୯ ଲକ୍ଷ ୨୧ ହଜାର ଶ୍ରମ ଦିବସ ସୃଷ୍ଟି କରାଯାଇଛି ।

—

## ଆଇ.ଆର.ଡ଼ି.ପି ଦ୍ୱାରା ପ୍ରଥମ ୪ ମାସରେ

ଚଳିତ ଆର୍ଥିକ ବର୍ଷର ପ୍ରଥମ ୪ ମାସ ମଧ୍ୟରେ ସମନ୍ୱିତ ଗ୍ରାମ୍ୟ ଉନ୍ନୟନ କାର୍ଯ୍ୟକ୍ରମ ଦ୍ୱାରା ରାଜ୍ୟରେ ୮୮୩ ଜଣ ମହିଳାଙ୍କ ସମେତ ମୋଟ୍ ୧୭ ହଜାର ୮୪୪ ଜଣ

ଲୋକ ଉପକୃତ ହୋଇଛନ୍ତି । ଏମାନଙ୍କ ମଧ୍ୟରେ ୩୫୪୫ ଜଣ ତଫସିଲଭୁକ୍ତ ଜାତି ଓ ୫୩୬୭ ଜଣ ତଫସିଲଭୁକ୍ତ ସଂପ୍ରଦାୟର ଲୋକ ଅଛନ୍ତି । ଏହି ସମୟ ମଧ୍ୟରେ ମୟୂରଭଞ୍ଜ ଜିଲାରେ ସର୍ବାଧିକ ୩୨୮୬ ଜଣ ଏବଂ ତା ପରକୁ କଳାହାଣ୍ଡି ଓ ବାଲେଶ୍ୱର ଜିଲ୍ଲାରେ ଯଥାକ୍ରମେ ୨୪୫୩ ଜଣ ଓ ୨୪୬୨ ଜଣ ବ୍ୟକ୍ତି ଉପକୃତ ହୋଇଛନ୍ତି ।

ଗ୍ରାମାଞ୍ଚଳର ଯୁବକମାନଙ୍କୁ ଆତ୍ମନିଯୁକ୍ତି କାର୍ଯ୍ୟକ୍ରମ ଅନୁଯାୟୀ ଏହି ସମୟ ମଧ୍ୟରେ ୪୫୩ ଜଣ ମହିଳାଙ୍କ ସମେତ ୨୨୮୪ ଜଣଙ୍କୁ ବିଭିନ୍ନ ଧନ୍ଦାମୂଳକ ତାଲିମ ଦିଆଯାଇଛି ଏବଂ ସେମାନଙ୍କ ମଧ୍ୟରୁ ୧୩୨ ଜଣ ମହିଳାଙ୍କ ସମେତ ୮୨୩ ଜଣଙ୍କୁ ଋଣଦାନ କରାଯାଇଛି । ଅନ୍ୟମାନଙ୍କ ମଧ୍ୟରେ ୩୨୧ ଜଣ ତଫସିଲଭୁକ୍ତ ଜାତି ଓ ୩୨୦ ଜଣ ତଫସିଲଭୁକ୍ତ ସଂପ୍ରଦାୟର ଲୋକ ଅନ୍ତର୍ଭୁକ୍ତ ।

ବିଶେଷ କୃଷି କାର୍ଯ୍ୟକ୍ରମ ଜରିଆରେ ଏହି ୪ ମାସ ମଧ୍ୟରେ ୬୩୦୪ ଜଣ ଉପକୃତ ହୋଇଛନ୍ତି । ସେମାନଙ୍କ ମଧ୍ୟରୁ [illegible] ଲାଗି ୧୯୪ ଜଣ ଓ ଫଳୋଦ୍ୟାନ ପାଇଁ ୫୮୦ ଜଣଙ୍କୁ ଋଣ ପ୍ରଦାନ କରାଯାଇଛି । ଏହାବ୍ୟତୀତ ୫୬୧୯ ଜଣଙ୍କୁ ହଳବଳଦ ଓ ବଳଦ ଗାଡ଼ି କିଣିବାକୁ ଋଣ ଦିଆଯାଇଛି ।

କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ନିର୍ମାଣ ପାଇଁ ଉଠା ଜଳସେଚନ ପ୍ରକଳ୍ପ ନିର୍ମାଣରେ ୧୪୯୮ ଜଣଙ୍କୁ ସେଚକୂପ ଖନନ ଲାଗି ୧୨୦୭ ଜଣ, ନଳକୂପ ଖନନ ଲାଗି ୧୨୧୦ ଜଣ, ୧୮୪ ଜଣଙ୍କୁ ପାଣିପମ୍ପ କିଣିବା ପାଇଁ ପୁଷ୍କରିଣୀ ଖନନ ପାଇଁ ୪୪ ଜଣଙ୍କୁ ଋଣ ମଞ୍ଜୁର କରାଯାଇଥିବା ବେଳେ ୫ଟି ସାମୂହିକ ସେଚ ପ୍ରକଳ୍ପ ନିର୍ମାଣ ଲାଗି ଆର୍ଥିକ ସାହାଯ୍ୟ ପ୍ରଦାନ କରାଯାଇଛି । ଏହି ଯୋଜନାରେ କୃଷି କାର୍ଯ୍ୟକ୍ରମ ଦ୍ୱାରା ଉପକୃତ ହୋଇଥିବା ଉପରୋକ୍ତ ଲୋକମାନଙ୍କ ମଧ୍ୟରେ ୨୯୬ ଜଣ ତଫସିଲଭୁକ୍ତ ଜାତି, ୧୪୩୫ ଜଣ ତଫସିଲଭୁକ୍ତ ସଂପ୍ରଦାୟର ଲୋକ ଓ ୧୨ ଜଣ ମହିଳା ଅନ୍ତର୍ଭୁକ୍ତ ।

ଅନ୍ୟାନ୍ୟ ଉପଜୀବିକା ଧନ୍ଦାଗୁଡ଼ିକ ମଧ୍ୟରୁ ଦୁଗ୍ଧଜାତ ପଶୁପାଳନ ଲାଗି ୫୨୧ ଜଣ, ଛେଳି ଓ ମେଣ୍ଢା ପାଳନ ପାଇଁ ୧୩୮୯ ଜଣ, ଘୁଷୁରି ପାଳନରେ ୨୦୫ ଜଣ, କୁକୁଡ଼ା ପାଳନରେ ୭୯ ଜଣ, ଏପରି ମୋଟ ୧୯୯୪ ଜଣ ଉପକୃତ ହୋଇଛନ୍ତି । ଏହି ସମୟ ମଧ୍ୟରେ ମାଛଚାଷ ପାଇଁ ୩୧୬ ଜଣଙ୍କୁ ଋଣ ମଞ୍ଜୁର କରାଯାଇଛି ।

ଗ୍ରାମ୍ୟ କାରିଗରି ତଥା ଗ୍ରାମ୍ୟ ଶିଳ୍ପଗୁଡ଼ିକର ଉନ୍ନତି ଲାଗି [illegible] ଏପ୍ରେଲ ମାସଠାରୁ ଜୁଲାଇ ମାସ ଶେଷସୁଦ୍ଧା ୫୮ ଜଣ ମହିଳାଙ୍କ ସମେତ ୧୨୬୫ ଜଣଙ୍କୁ ଋଣ ମଞ୍ଜୁର କରାଯାଇଛି । ଏମାନଙ୍କ ମଧ୍ୟରେ ୩୫୭ ଜଣ ତଫସିଲଭୁକ୍ତ ଜାତି ଓ ୨୩୨ ଜଣ ତଫସିଲଭୁକ୍ତ ସଂପ୍ରଦାୟର ଲୋକ ଅନ୍ତର୍ଭୁକ୍ତ ।

ଏହି ସମୟ ମଧ୍ୟରେ ୫୮୯୮ ଜଣ କ୍ଷୁଦ୍ର ବ୍ୟବସାୟୀଙ୍କୁ ଋଣ [illegible] । ସେମାନଙ୍କ ମଧ୍ୟରୁ ଦୋକାନ [illegible] ଆଦି ୨୬୨ ଜଣ, [illegible] କାମ ପାଇଁ ୩୧୮ ଜଣ, ୫ ଜଣ ଯୋତା ମରାମତି ବ୍ୟବସାୟୀ ଓ ୧୫୪ ଜଣ ରିକ୍ସା ଚାଳକଙ୍କୁ ଋଣ ପ୍ରଦାନ କରାଯାଇଛି । ବଳଦ ଗାଡ଼ି କିଣିବା ପାଇଁ ୨୬୩ ଜଣ ମଧ୍ୟ ଏହି ଯୋଜନା ଦ୍ୱାରା ଉପକୃତ ହୋଇଛନ୍ତି ।

ଏହି ସମୟ ମଧ୍ୟରେ ଆଇ. ଆର. ଡି. ପି. ବାବଦରେ ମିଳିଥିବା ମୋଟ ୨୨ କୋଟି ୬୪ ଲକ୍ଷ ୫୪ ହଜାର ଟଙ୍କାରୁ ଜୁଲାଇ ଶେଷ ପର୍ଯ୍ୟନ୍ତ ୨ କୋଟି ୪୩ ଲକ୍ଷ ୮୭ ହଜାର ଟଙ୍କା ଖର୍ଚ୍ଚ ହୋଇଛି । ସେଥିମଧ୍ୟରୁ ଆଦିବାସୀ ଓ ହରିଜନ ହିତାଧିକାରୀମାନଙ୍କୁ ୧ କୋଟି ୬୯ଲକ୍ଷ ୨୨ ହଜାର ଟଙ୍କା ସବସିଡ଼ି ଆକାରରେ ଦିଆଯାଇଛି । ଉପରୋକ୍ତ ଲୋକମାନଙ୍କୁ ବିଭିନ୍ନ ଧନ୍ଦା ଲାଗି ସମବାୟ ଓ ବ୍ୟବସାୟିକ ବ୍ୟାଙ୍କଗୁଡ଼ିକରୁ ମୋଟ ୨ କୋଟି ୬୧ ଲକ୍ଷ ୪୨ ହଜାର ଟଙ୍କାର ଋଣ ମଞ୍ଜୁର କରାଯାଇଛି ।

---

## କ୍ଷୁଦ୍ର ଓ କୁଟୀର ଶିଳ୍ପ ପ୍ରତିଷ୍ଠା ଉପରେ ଅଧିକ ଗୁରୁତ୍ୱ

ବୃହତ ଓ ମଧ୍ୟମ ଧରଣର ଶିଳ୍ପାନୁଷ୍ଠାନରେ ବିନିଯୋଗ କରାଯାଉଥିବା ଅର୍ଥ ତୁଳନାରେ ଯେତିକି ନିଯୁକ୍ତି ସୁଯୋଗ ସୃଷ୍ଟି କରା ହୋଇଥାଏ, କ୍ଷୁଦ୍ର ଓ କୁଟୀର ଶିଳ୍ପରେ ତାହା ଅପେକ୍ଷା ଅଧିକ ନିଯୁକ୍ତି ସୁବିଧା ମିଳିଥାଏ ଏବଂ ଏଥିପାଇଁ ଆବଶ୍ୟକ କଞ୍ଚାମାଲ ପାଇଁ କମ ପରିବହନ ଖର୍ଚ୍ଚ ତଥା କମ ବିଦ୍ୟୁତ ଶକ୍ତି ଆବଶ୍ୟକତା ପଡୁଥିବାରୁ ରାଜ୍ୟ ସରକାର କ୍ଷୁଦ୍ର ଓ କୁଟୀର ଶିଳ୍ପ ପ୍ରତିଷ୍ଠା ଉପରେ ଅଧିକ ଗୁରୁତ୍ୱ ଦେଉଛନ୍ତି । କ୍ଷୁଦ୍ର ଓ କୁଟୀର ଶିଳ୍ପର ପ୍ରସାର ପାଇଁ ପ୍ରତ୍ୟେକ ଜିଲ୍ଲାରେ ଜିଲ୍ଲା ଶିଳ୍ପ କେନ୍ଦ୍ର ବ୍ୟତୀତ ଭୁବନେଶ୍ୱର ଓ ରାଉରକେଲାଠାରେ ଦୁଇଟି ଅତିରିକ୍ତ ଜିଲ୍ଲା ଶିଳ୍ପ କେନ୍ଦ୍ର ପ୍ରତିଷ୍ଠା କରାଯାଇଛି । ଏହିସବୁ ଶିଳ୍ପ କେନ୍ଦ୍ର ମାଧ୍ୟମରେ ଚଳିତ ବର୍ଷ ମଧ୍ୟରେ ୨୨ ହଜାର କୁଟୀର ଶିଳ୍ପ ଓ ଅଢେଇ ହଜାର କ୍ଷୁଦ୍ର ଶିଳ୍ପ ପ୍ରତିଷ୍ଠା କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିବା ବେଳେ ଚଳିତ ଆର୍ଥିକ ବର୍ଷର ପ୍ରଥମ ୬ ମାସ ମଧ୍ୟରେ ୩୩,୧୬୫ଟି କୁଟୀର ଶିଳ୍ପ ଓ ୬୩୯ଟି କ୍ଷୁଦ୍ରଶିଳ୍ପ ପ୍ରତିଷ୍ଠା କରାଯାଇ ପାରିଛି । ବିଗତ ୪ ବର୍ଷ ଧରି ସର୍ବଭାରତୀୟ ସ୍ତରରେ ଓଡ଼ିଶା କ୍ଷୁଦ୍ର ଓ କୁଟୀର ଶିଳ୍ପ ପ୍ରତିଷ୍ଠା କ୍ଷେତ୍ରରେ ଉଲ୍ଲେଖନୀୟ ସ୍ଥାନ ଅଧିକାର କରିପାରିଛି ।

ଶିଳ୍ପ କ୍ଷେତ୍ରରେ ପଛୁଆ ତଥା ଆଦିବାସୀ ଅଧ୍ୟୁଷିତ କଳାହାଣ୍ଡି ଭଳି ଜିଲ୍ଲାରେ ମଧ୍ୟ ବହୁ କ୍ଷୁଦ୍ର ଓ କୁଟୀର ଶିଳ୍ପ ପ୍ରତିଷ୍ଠା କରାଯାଇ ପାରିଛି । ଚଳିତ ଆର୍ଥିକ ବର୍ଷର ଅକ୍ଟୋବର ମାସ ସୁଦ୍ଧା ଏହି ଜିଲ୍ଲାରେ ୮୬୭ଟି କୁଟୀର ଶିଳ୍ପ ଓ ୪୯ଟି କ୍ଷୁଦ୍ର ଶିଳ୍ପ ପ୍ରତିଷ୍ଠା କରାଯାଇ ସେଥି ମାଧ୍ୟମରେ ୨୦୮୭ ଜଣ ଲୋକଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି କରାଯାଇ ପାରିଛି । ଏହିସବୁ ଶିଳ୍ପ ପ୍ରତିଷ୍ଠା ପାଇଁ ୬୧ ଲକ୍ଷ ୧୨ ହଜାର ଟଙ୍କା ବିନିଯୋଗ କରାଯାଇଛି ।

## ଏକ କୋଟିରୁ ଊର୍ଦ୍ଧ୍ୱ ପଶୁପକ୍ଷୀ ଚିକିତ୍ସିତ

ରାଜ୍ୟରେ ପଶୁ ଚିକିତ୍ସା ଓ ରୋଗ ନିରାକରଣ ସୁବିଧା ଯୋଗାଇ ଦେବା ନିମନ୍ତେ ଗତ ଆର୍ଥିକ ବର୍ଷ ଶେଷ ସୁଦ୍ଧା ମୋଟ ୫୧୪ଟି ପଶୁ ଚିକିତ୍ସାଳୟ ଓ ୨,୮୧୨ଟି ପଶୁ ଚିକିତ୍ସା କେନ୍ଦ୍ର ପ୍ରତିଷ୍ଠା କରାଯାଇଛି । ଉକ୍ତ ସମୟ ମଧ୍ୟରେ ୧କୋଟି ୪ଲକ୍ଷ ୨୬ ହଜାର ୪୪୬ଟି ପଶୁପକ୍ଷୀଙ୍କର ଚିକିତ୍ସା କରାଯାଇଛି । ଏହି ସମୟ ମଧ୍ୟରେ ଜନ୍ମ ହୋଇଥିବା ଅଣ୍ଡିରା ବାଛୁରୀଙ୍କ ସଂଖ୍ୟା ହେଉଛି ୪୪,୧୯୪ ଏବଂ ମାଈ ବାଛୁରୀଙ୍କ ସଂଖ୍ୟା ୫୭,୨୮୪ ବୋଲି ପଶୁପାଳନ ବିଭାଗ ତରଫରୁ ପ୍ରକାଶ ପାଇଥିବା ଏକ ରିପୋର୍ଟରୁ ପ୍ରକାଶ ।

ଏଠାରେ ଉଲ୍ଲେଖନୀୟ ଯେ, ୧୯୮୨ ମସିହାର ପଶୁ ଗଣନା ଅନୁଯାୟୀ ଓଡ଼ିଶାରେ ୧୨.୯୭ ନିୟୁତ ଗୋରୁ, ୧.୩୩ ନିୟୁତ ମଇଁଷି, ୧.୯୮ ନିୟୁତ ମେଣ୍ଢା, ୪.୯୩ ନିୟୁତ ଛେଳି, ୪.୧୦ ନିୟୁତ ଘୁଷୁରୀ ଅଛନ୍ତି ।

—

## ଦୁର୍ବଳଶ୍ରେଣୀର ଲୋକଙ୍କୁ ଆଇନ ସହାୟତ

ଦୁର୍ବଳ ଶ୍ରେଣୀର ଲୋକଙ୍କୁ ଆଇନ ସହାୟତା ପ୍ରଦାନ କାର୍ଯ୍ୟକ୍ରମରେ ଗଞ୍ଜାମ ଜିଲ୍ଲାରେ ଗତ ଷଷ୍ଠ ଯୋଜନା କାଳରେ ମୋଟ ୬୪ ଜଣ ତପଶିଲଭୁକ୍ତ ଜାତି ଓ ଉପଜାତିର ଲୋକଙ୍କୁ ଜମି ଉଚ୍ଛେଦ ମାମଲା ବିରୁଦ୍ଧରେ କୋର୍ଟରେ ଲଢ଼ିବା ପାଇଁ ସରକାରଙ୍କ ତରଫରୁ ୧୮,୫୩୩ ଟଙ୍କା ପ୍ରଦାନ କରାଯାଇଛି । ଏଥିରେ ଉପକୃତ ହୋଇଥିବା ଲୋକମାନଙ୍କ ମଧ୍ୟରୁ ୩୫ଟି ତପଶିଲଭୁକ୍ତ ଜାତିର ଲୋକଙ୍କୁ ୭,୮୦୦ ଟଙ୍କା ଓ ୨୯ଟି ତପଶିଲଭୁକ୍ତ ଉପଜାତିର ଲୋକଙ୍କୁ ୧୦,୭୩୩ ଟଙ୍କା ସହାୟତା ପ୍ରଦାନ କରାଯାଇଛି ।

## ଗୋତି ଶ୍ରମିକ ଥଇ ଥାନ ଯୋଜନା

ରାଜ୍ୟରେ ଗୋତି ଶ୍ରମିକ ଥଇଥାନ ଯୋଜନାରେ ଗତ ଡିସେମ୍ବର ମାସ ଶେଷ ସୁଦ୍ଧା ମୋଟ ୧୧ କୋଟି ୧ ଲକ୍ଷ ୬୩ ହଜାର ଟଙ୍କା ବ୍ୟୟ କରାଯାଇଛି । ଚଳିତ ଆର୍ଥିକ ବର୍ଷର ଡିସେମ୍ବର ଶେଷ ସୁଦ୍ଧା ଖର୍ଚ୍ଚ ହୋଇଥିବା ୧ କୋଟି ୧୧ ଲକ୍ଷ ୨୬ ହଜାର ଟଙ୍କା ମଧ୍ୟ ଅନ୍ତର୍ଭୁକ୍ତ । ଏହି କାର୍ଯ୍ୟକ୍ରମ ଅନୁଯାୟୀ କଟକ ଜିଲ୍ଲାରେ ସର୍ବାଧିକ ଦୁଇକୋଟି ୧ ଲକ୍ଷ ୮୨ ହଜାର ଟଙ୍କା, ତା ପଛକୁ ବଲାଙ୍ଗୀର ଜିଲ୍ଲାରେ ୧ କୋଟି ୫୭ ଲକ୍ଷ ୬୩ ହଜାର ଟଙ୍କା ଓ କୋରାପୁଟ ଜିଲ୍ଲାରେ ୧ କୋଟି ୩୨ ଲକ୍ଷ ୮୬ ହଜାର ଟଙ୍କା ଖର୍ଚ୍ଚ କରାଯାଇଛି । ଅନ୍ୟ ଜିଲ୍ଲା ଗୁଡ଼ିକ ମଧ୍ୟରେ ବାଲେଶ୍ୱର ଜିଲ୍ଲାରେ ୩୨ ଲକ୍ଷ ୫୭ ହଜାର ଟଙ୍କା, ଢେଙ୍କାନାଳ ଜିଲ୍ଲାରେ ୩୯ ଲକ୍ଷ ୨୬ ହଜାର ଟଙ୍କା, ଗଞ୍ଜାମ ଜିଲ୍ଲାରେ ୫୦ ଲକ୍ଷ ୨୫ ହଜାର ଟଙ୍କା, କଳାହାଣ୍ଡି ଜିଲ୍ଲାରେ ୬୩ ହଜାର ୭୨ ହଜାର ଟଙ୍କା, କେନ୍ଦୁଝର ଜିଲ୍ଲାରେ ୫୫ ଲକ୍ଷ ୮୨ ହଜାର ଟଙ୍କା ମୟୂରଭଞ୍ଜ ଜିଲ୍ଲାରେ ୨୪ ଲକ୍ଷ ୫୦ ହଜାର ଟଙ୍କା, ପୁରୀ ଜିଲ୍ଲାରେ ୯୫ ଲକ୍ଷ ୫୯ ହଜାର ଟଙ୍କା, ଫୁଲବାଣୀ ଜିଲ୍ଲାରେ ୬୧ ଲକ୍ଷ ୩ ହଜାର ଟଙ୍କା, ସମ୍ବଲପୁର ଜିଲ୍ଲାରେ ୭ ଲକ୍ଷ ୭୩ ହଜାର ଟଙ୍କା ଓ ସୁନ୍ଦରଗଡ଼ ଜିଲ୍ଲାରେ ୭୪ ଲକ୍ଷ ୭୦ ହଜାର ଟଙ୍କା ବ୍ୟୟ କରାଯାଇଛି ।

ଏଠାରେ ସ୍ମରଣ କରାଇ ଦିଆଯାଇପାରେ ଯେ, ଗୋତି ଶ୍ରମିକ ଥଇଥାନ ଯୋଜନା ଆରମ୍ଭରୁ ନଭେମ୍ବର ଶେଷସୁଦ୍ଧା ରାଜ୍ୟରେ ମୋଟ ୩୨ ହଜାର ୬୭୭ ଜଣ ଗୋତି ଶ୍ରମିକଙ୍କୁ ଥଇଥାନ କରାଯାଇଛି ।

—

## ଅତ୍ୟାଧୁନିକ ହିମିକୃତ ଶୁକ୍ର ଭଣ୍ଡାର

ବଲାଙ୍ଗୀରଠାରେ ତରଳ ଯବକ୍ଷାରଯାନ ଭିତ୍ତିରେ ହିମିକୃତ ଶୁକ୍ର ସଂରକ୍ଷଣ ପାଇଁ ଏକ ତରଳ ଯବକ୍ଷାରଯାନ ତିଆରି ପାଇଁ ଗୋଟିଏ ଅତ୍ୟାଧୁନିକ ପ୍ଲାଣ୍ଟ ଗତ ତା ୨୬-୮-୧୯୮୬ ଦିନ ପ୍ରତିଷ୍ଠା କରାଯାଇ ବର୍ତ୍ତମାନ [illegible] କରାଯାଇଛି । ପଶ୍ଚିମାଞ୍ଚଳ ଜୋନରେ ଏହି ପ୍ରକଳ୍ପ ପ୍ରଥମ କରି ବଲାଙ୍ଗୀରଠାରେ ସ୍ଥାପନ କରାଯାଇଛି । ଏହି ପ୍ଲାଣ୍ଟ ନିର୍ମାଣ ପାଇଁ ପ୍ରାୟ ୧୬ ଲକ୍ଷ ଟଙ୍କା ବିନିଯୋଗ କରାଯାଇଛି । କେନ୍ଦ୍ର ସରକାର ଏବଂ ଓଡ଼ିଶା ସରକାରଙ୍କ ମିଳିତ ସହାୟତାରେ ଏହି ପ୍ଲାଣ୍ଟର ଯନ୍ତ୍ରପାତିସବୁ ହଲାଣ୍ଡଠାରୁ ଅଣାଯାଇ ଅଛି ଏବଂ ଫିଲିପସ୍ ଇଣ୍ଡିଆ ସହାୟତାରେ ଏଠାରେ ସ୍ଥାପନ କରାଯାଇଛି । ବଲାଙ୍ଗୀର ଜିଲ୍ଲା ପଶୁ ଚିକିତ୍ସାଳୟର ଡାକ୍ତର ଶ୍ରୀ ଜୟନ୍ତ କୁମାର ପଟ୍ଟନାୟକ ଏହି ପ୍ଲାଣ୍ଟର ଦାୟିତ୍ୱରେ ବର୍ତ୍ତମାନ ରହିଛନ୍ତି ।

ହିମିକୃତ ଶୁକ୍ର ସଂରକ୍ଷଣ ଯୋଜନାଟି ୧୯୮୩-୮୪ ମସିହାଠାରୁ ଏଠାରେ କାର୍ଯ୍ୟକାରୀ ହେଉଅଛି ଏବଂ ହିମିକୃତ ଶୁକ୍ର ସାହାଯ୍ୟରେ ୫୦ଟି କୃତ୍ରିମ ପ୍ରଜନନ କେନ୍ଦ୍ର ଖୋଲା ଯାଇଛି । ୧୯୮୬-୮୭ ମସିହାରେ ଆହୁରି ୩୫ ଗୋଟି କେନ୍ଦ୍ର ଖୋଲାଯିବାର ଯୋଜନା ରହିଛି ।

ଏହି ଅତ୍ୟାଧୁନିକ ତରଳ ଯବକ୍ଷାରଯାନ ଦ୍ୱାରା ସଂରକ୍ଷଣ କରାଯାଉଥିବା ହିମିକୃତ ଶୁକ୍ର ଏକାଦିକ୍ରମେ ପ୍ରାୟ ୧୦ରୁ ୧୨ ବର୍ଷ ପର୍ଯ୍ୟନ୍ତ ଜୀବିତ ଅବସ୍ଥାରେ ସଂରକ୍ଷଣ କରାଯାଇପାରେ ଏବଂ ଗୋଟିଏ ଗୋଟିଏ କେନ୍ଦ୍ରରେ ୧୦୦୦ ରୁ ୨୦୦୦ ପର୍ଯ୍ୟନ୍ତ ଦେଶୀ ଗାଈଙ୍କୁ କୃତ୍ରିମ ପ୍ରଜନନ କରାଯାଇ ଶଙ୍କର ଜାତୀୟ ଉନ୍ନତ ବାଛୁରୀ ଉତ୍ପନ୍ନ କରାଯାଇ ପାରିବ । ଏହାଦ୍ୱାରା ବଲାଙ୍ଗୀର ଜିଲ୍ଲାରେ ଶଙ୍କର ଜାତୀୟ ଗୋ-ସମ୍ପଦର ଉନ୍ନତି ସାଧନ କରାଯାଇ ପାରିବ । ଉନ୍ନତ ଜାତୀୟ ଷଣ୍ଢମାନଙ୍କର ଶୁକ୍ରସବୁ କଟକ ଏବଂ କଳାହାଣ୍ଡିର ସରକାରୀ ଡାଇରୀ ଫାର୍ମରୁ ସଂଗ୍ରହକରି ଅଣାଯାଇ ଏହି ହିମିକୃତ ଶୁକ୍ର ଭଣ୍ଡାରରେ ସଂରକ୍ଷଣ କରାଯାଉଅଛି । ଏହି ପ୍ଲାଣ୍ଟରେ ଉନ୍ନତ ଜାତୀୟ ହଲଷ୍ଟିନ, ଫିଜିଏନ୍, ଜର୍ସି, ୫୦% ସିନ୍ଧି ଷଣ୍ଢ ଶୁକ୍ର ଏବଂ ମୁରା ମଇଁଷି ଶୁକ୍ର ସଂରକ୍ଷଣ କରାଯାଇଛି । ବଲାଙ୍ଗୀର ଜିଲ୍ଲାରେ ବିଶେଷ କରି ଜର୍ସି ଜାତୀୟ ପ୍ରଜନନ ବହୁ ସଂଖ୍ୟାରେ ସଫଳ ଭାବରେ କାର୍ଯ୍ୟକାରୀ ହେଉଛି । ଦେଶୀ ଗାଈଙ୍କୁ ଜର୍ସି ଶୁକ୍ରଦ୍ୱାରା ପ୍ରଜନନ କରାଯିବା ଫଳରେ ୫୦% ଭାଗ ଶଙ୍କର ଜାତୀୟ ବାଛୁରୀ ଏହି ଜିଲ୍ଲାର ଜଳବାୟୁରେ ଭଲ ବଢ଼ି ପାରିବେ

ଏହି ପ୍ଲାଣ୍ଟ ହେବା ଫଳରେ ଉକ୍ତ ଜିଲ୍ଲାରେ ଶୁକ୍ର ଯୋଗାଣର ଚାହିଦା ପୂରଣ ହୋଇ ବଳକା ଶୁକ୍ର ଓଡ଼ିଶାର ଅନ୍ୟାନ୍ୟ ଜିଲ୍ଲାକୁ ମଧ୍ୟ ବିତରଣ କରାଯାଇ ପାରିବ ।

---

## ନନ୍ଦନ କାନନ ପାଇଁ ମାଷ୍ଟର ପ୍ଲାନ

ନନ୍ଦନକାନନର ସର୍ବାଙ୍ଗୀନ ଉନ୍ନତି କରିବା ଲାଗି ତୁରନ୍ତ ଯୋଜନାବଦ୍ଧ ମାଷ୍ଟର ପ୍ଲାନ ପ୍ରସ୍ତୁତ କରିବାକୁ ଜଙ୍ଗଲ ଓ ପରିବେଶ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ଡମ୍ବରୁଧର ଉଲକା ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ନନ୍ଦନ କାନନଠାରେ ଶ୍ରୀ ଉଲକାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ନନ୍ଦନ କାନନ ଉନ୍ନୟନ ପରିଷଦର ତ୍ରୟୋଦଶ ବୈଠକରେ ନିଷ୍ପତ୍ତି କରାଯାଇଛି ଯେ, ପ୍ରାଣୀ ଉଦ୍ୟାନର ଚତୁଃପାର୍ଶ୍ୱବର୍ତ୍ତୀ ଅଞ୍ଚଳର ବିକାଶ ପାଇଁ ଏହାକୁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଦାୟିତ୍ୱ ଦିଆଯିବ । ପ୍ରାଣୀ ଉଦ୍ୟାନକୁ ସ୍ଥାନୀୟ ଉଦ୍ଭିଦ ଉଦ୍ୟାନ ସହିତ ରଜ୍ଜୁ ରାସ୍ତାରେ (ରୋପ ୱେ) ସଂଯୋଗ କରିବା, ଆଭ୍ୟନ୍ତରୀଣ ରାସ୍ତା ନିର୍ମାଣ, ଜଳ ଯୋଗାଣ, ଅନ୍ୟାନ୍ୟ ଚିଡ଼ିଆଖାନାରୁ ଯେବ୍ରା, ଗଣ୍ଡା, ବଣ ମଣିଷ ପ୍ରଭୃତି ଜୀବଜନ୍ତୁ ସଂଗ୍ରହ କରିବାକୁ ତ୍ୱରାନ୍ୱିତ ପଦକ୍ଷେପ ନେବାପାଇଁ ଶ୍ରୀ ଉଲକା ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ପରାମର୍ଶ ଦେଇଛନ୍ତି । ଏହା ବ୍ୟତୀତ ଦର୍ଶକମାନଙ୍କ ସୁବିଧା ପାଇଁ ନନ୍ଦନ କାନନଠାରେ ଚିକିତ୍ସାଳୟ, ଡାକଘର ଓ ପାଠାଗାର ନିର୍ମାଣ କରିବା ପାଇଁ ଏହି ବୈଠକରେ ନିଷ୍ପତ୍ତି କରାଯାଇଛି । ନନ୍ଦନ କାନନକୁ ଦର୍ଶକମାନଙ୍କ ନିମନ୍ତେ ଅଧିକ ଆକର୍ଷଣୀୟ କରିବା ପାଇଁ ରାଜ୍ୟ ମୁଖ୍ୟ ସ୍ଥପତି, ନନ୍ଦନ କାନନର ନିର୍ଦ୍ଦେଶକ, ଅତିରିକ୍ତ ମୁଖ୍ୟ ବନ୍ୟ ପ୍ରାଣୀ ସଂରକ୍ଷକ, ପର୍ଯ୍ୟଟନ ନିଗମର ପରିଚାଳନା ନିର୍ଦ୍ଦେଶକ ଉଦ୍ଭିଦ ଉଦ୍ୟାନର ପଦସ୍ଥ ଅଫିସରଙ୍କୁ ନେଇ ଏକ ଉଚ୍ଚ ସ୍ତରୀୟ କମିଟି ଗଠନ କରାଯିବ ବୋଲି ଏହି ବୈଠକରେ ନିଷ୍ପତ୍ତି କରାଯାଇଛି । ନନ୍ଦନ କାନନ ନିର୍ମାଣର ୨୫ ବର୍ଷ ହୋଇଥିବାରୁ ଏହାର ରୌପ୍ୟ ଜୁବୁଲି ଉତ୍ସବ ପାଳନ କରିବା ଦିଗରେ ବିଧିବଦ୍ଧ କାର୍ଯ୍ୟକ୍ରମ ପ୍ରସ୍ତୁତ କରିବା ପାଇଁ ଏହି ବୈଠକରେ ମଧ୍ୟ ନିଷ୍ପତ୍ତି କରାଯାଇଛି ।

---

## ଚାଷ ପାଇଁ ସରକାରୀ ଜମି

ରାଜ୍ୟ ସରକାର ଭୂମିହୀନ ଲୋକଙ୍କୁ କୃଷି ନିମନ୍ତେ ସରକାରୀ ପତିତ ଜମି ଯୋଗାଇ ଦେବା ପାଇଁ ବ୍ୟାପକ କାର୍ଯ୍ୟକ୍ରମ ଗ୍ରହଣ କରିଛନ୍ତି । ଉକ୍ତ କାର୍ଯ୍ୟକ୍ରମ ଆରମ୍ଭ ହେବାଠାରୁ ୧୯୮୬ ମସିହା ଶେଷ ସୁଦ୍ଧା ମୋଟ ୧୮ ହଜାର ୪୬୩ଟି ପରିବାରଙ୍କୁ ୪୧ ହଜାର ୬୪୬ ଏକର ଜମି ଚାଷ ପାଇଁ ଯୋଗାଇ ଦିଆଯାଇଛି । ସେଥିମଧ୍ୟରୁ ୭,୪୩୫ଟି ତଫସିଲଭୁକ୍ତ ଜାତିର ପରିବାରଙ୍କୁ ୧୮ ହଜାର ୬୬୮ ଏକର, ୫,୦୬୬ଟି ତଫସିଲଭୁକ୍ତ ଉପଜାତିର ପରିବାରଙ୍କୁ ୧୨ ହଜାର ୮୯୦ ଏକର ଓ ଅନ୍ୟାନ୍ୟ ୫୯୬୨ଟି ପରିବାରଙ୍କୁ ୧୦ ହଜାର ୮୭ ଏକର ଚାଷ ଉପଯୋଗୀ ଜମି ବଣ୍ଟନ କରାଯାଇଛି ।

ଏଠାରେ ଉଲ୍ଲେଖନୀୟ ଯେ, ୧୯୭୪-୭୫ରୁ ରାଜ୍ୟ ସରକାର ଭୂମିହୀନ ପରିବାରଙ୍କୁ କୃଷି ନିମନ୍ତେ ସରକାରୀ ପତିତ ଜମି ଯୋଗାଇ ଦେଉଛନ୍ତି । ଏହି କାର୍ଯ୍ୟକ୍ରମ ଅନୁଯାୟୀ ଗୋଟିଏ ଏକାନ୍ନବର୍ତ୍ତୀ ଭୂମିହୀନ ପରିବାର ଯାହାରକି ଭାଗ କିମ୍ବା ରୟତ ଜମିକୁ ମିଶାଇ ଏକ ଷ୍ଟାଣ୍ଡାର୍ଡ ଏକରରୁ କମ୍ ଥିବ, ଏବଂ ଚାଷ ବ୍ୟତୀତ ଅନ୍ୟ କୌଣସି ଲାଭ ଜନକ ଧନ୍ଦା ନଥିବ, ତାଙ୍କର ଏକ ଷ୍ଟାଣ୍ଡାର୍ଡ ଏକରରୁ ଯେତିକି ଜମି କମ୍ ଥିବ, ତାଙ୍କୁ ସେତିକି ଚାଷ ଜମି ବିନା ସଲାମିରେ ଯୋଗାଇ ଦେବା ପାଇଁ ବ୍ୟବସ୍ଥା ରହିଛି ।

---

## ବାସହୀନଙ୍କୁ ଘରଡ଼ିହ

ବାସହୀନଙ୍କୁ ଘରଡ଼ିହ ବଣ୍ଟନ କାର୍ଯ୍ୟକ୍ରମ ଅନୁଯାୟୀ କଳାହାଣ୍ଡି ଜିଲ୍ଲାରେ ଗତ ୧୯୭୪-୭୫ ମସିହାରୁ ୧୯୮୫ ମସିହା ଡିସେମ୍ବର ଶେଷ ସୁଦ୍ଧା ମୋଟ ୨୯ ହଜାର ୬୦୪ଟି ବାସହୀନ ପରିବାରଙ୍କୁ ଘରଡ଼ିହ ପାଇଁ ଜମି ବଣ୍ଟନ କରାଯାଇଛି । ଉପକୃତ ହୋଇଥିବା ପରିବାରଙ୍କ ମଧ୍ୟରେ ତଫସିଲଭୁକ୍ତ ଜାତିର ୯,୩୧୨ଟି ତଫସିଲଭୁକ୍ତ ଉପଜାତିର ୯,୭୬୫ ଟି ଓ ଅନ୍ୟାନ୍ୟ ଜାତିର ୧୦ ହଜାର ୫୨୭ଟି ପରିବାର ଅନ୍ତର୍ଭୁକ୍ତ ।

ଏଠାରେ ଉଲ୍ଲେଖନୀୟ ଯେ, ସମାଜର ଦୁର୍ବଳ ଶ୍ରେଣୀର ବାସହୀନ ପରିବାରଙ୍କୁ ଘରଡ଼ିହ ବିନା ସଲାମିରେ ୪ ଡେସିମିଲ ପର୍ଯ୍ୟନ୍ତ ସରକାରୀ ପତିତ ଜମି ମାଗଣାରେ ଯୋଗାଇ ଦିଆଯାଉଛି । ଏହି କାର୍ଯ୍ୟକ୍ରମ ୧୯୭୪-୭୫ ମସିହାରୁ କାର୍ଯ୍ୟକାରୀ ହେଉଛି ଏବଂ ଏହା ବିଂଶସୂତ୍ରୀ କାର୍ଯ୍ୟକ୍ରମର ଅନ୍ତର୍ଭୁକ୍ତ ।

---

## କର୍ମଚାରୀ ବୀମା ଯୋଜନାରେ

କର୍ମଚାରୀ ରାଜ୍ୟ ବୀମା ଯୋଜନା ମାଧ୍ୟମରେ କର୍ମଚାରୀ ବୀମା ନିଗମ ପକ୍ଷରୁ ଶିଳ୍ପଶ୍ରମିକ ଏବଂ ତାଙ୍କର ପରିବାରବର୍ଗଙ୍କୁ ଡାକ୍ତରୀ ଚିକିତ୍ସା ଯୋଗାଇ ଦେବା ବ୍ୟତୀତ ଅସୁସ୍ଥତା, ସାମୟିକ ଅକ୍ଷମତା, ସ୍ଥାୟୀ ଅକ୍ଷମତା, ଦୀର୍ଘଦିନ ଧରି ଶାରୀରିକ ଅସୁସ୍ଥତା ହେତୁ ବୀମାଭୁକ୍ତ କର୍ମଚାରୀମାନେ କାର୍ଯ୍ୟ କ୍ଷେତ୍ରରେ ଅନୁପସ୍ଥିତ ରହିଲେ । ଏଥିପାଇଁ ଆର୍ଥିକ ସାହାଯ୍ୟ ଦିଆଯାଇଥାଏ । ଗତ ନଭେମ୍ବର ମାସରେ ଏସବୁ ବାବଦରେ ୮.୯୦ ଲକ୍ଷ ଟଙ୍କା ଆର୍ଥିକ ସାହାଯ୍ୟ ଯୋଗାଇ ଦିଆଯାଇଛି ।

ଦିଆଯାଇଥିବା ଆର୍ଥିକ ସାହାଯ୍ୟ ମଧ୍ୟରେ ଶାରୀରିକ ଅସୁସ୍ଥତା ବାବଦରେ ସର୍ବାଧିକ ୫ ଲକ୍ଷ ୫୦ ହଜାର ୭୧୭ ଟଙ୍କା, ସାମୟିକ ଅକ୍ଷମତା ବାବଦରେ ୧ ଲକ୍ଷ ୪୨ ହଜାର ୪୭୦ ଟଙ୍କା, ସ୍ଥାୟୀ ଅକ୍ଷମତା ବାବଦରେ ୫୬ ହଜାର ୫୭୨ ଟଙ୍କା, ନିର୍ଭରଶୀଳ ସାହାଯ୍ୟ ବାବଦରେ ୪୦ ହଜାର ୭୩୫ ଟଙ୍କା, ଦୀର୍ଘଦିନ ଧରି ଶାରୀରିକ ଅସୁସ୍ଥତା ବାବଦରେ ୪୩ ହଜାର ୮୬୮ ଟଙ୍କା ଏବଂ ପ୍ରସୂତିକାଳୀନ ସାହାଯ୍ୟ ବାବଦରେ ୫୪ ହଜାର ୫୦୦ ଟଙ୍କା ଅନ୍ତର୍ଭୁକ୍ତ ।

ଏଠାରେ ଉଲ୍ଲେଖ କରାଯାଇପାରେ ଯେ, କର୍ମଚାରୀ ବୀମା ଯୋଜନା ଦ୍ୱାରା ରାଜ୍ୟର ପ୍ରାୟ ଦେଢ଼ଲକ୍ଷ ଶିଳ୍ପ ଶ୍ରମିକ ଏବଂ ସେମାନଙ୍କର ପରିବାରବର୍ଗ ଉପକୃତ ହେଉଛନ୍ତି ।

---

## ଅସାଧୁ ବ୍ୟବସାୟୀଙ୍କ ବିରୁଦ୍ଧରେ

ରାଜ୍ୟର ଖାଉଟିମାନଙ୍କର ସ୍ୱାର୍ଥ ପ୍ରତି ଦୃଷ୍ଟିରଖି ବେଆଇନ ଭାବେ ଅତ୍ୟାବଶ୍ୟକୀୟ ଜିନିଷ ମହଜୁଦ କରିବା, ସୁଧଖୋରୀ, ଚୋରାବଜାର ଓ ମୂଲ୍ୟବୃଦ୍ଧିକୁ ରୋକିବା ପାଇଁ ଖାଦ୍ୟ ଓ ଯୋଗାଣ ବିଭାଗର ଏନ୍‌ଫୋର୍ସମେଣ୍ଟ ସ୍କ୍ୱାର୍ଡ ଭିଜିଲାନ୍ସ କର୍ମଚାରୀ ଓ ବିଭିନ୍ନ ଜିଲ୍ଲାର ଯୋଗାଣ ବିଭାଗ କର୍ମଚାରୀମାନେ ବିଭିନ୍ନ ବ୍ୟବସାୟିକ ପ୍ରତିଷ୍ଠାନ ଯାଞ୍ଚକରି ୧୯୮୬ ମସିହାରେ ୨୯ ଲକ୍ଷ ୧୪ ହଜାର ଟଙ୍କା ମୂଲ୍ୟର ଅତ୍ୟାବଶ୍ୟକୀୟ ଜିନିଷ ଜବତ କରିଛନ୍ତି । ଏଥି ମଧ୍ୟରୁ ୨ ଲକ୍ଷ ୧୬ ହଜାର ଟଙ୍କା ମୂଲ୍ୟର ଜିନିଷ ବାଜ୍ୟାପ୍ତି କରାଯାଇଛି ।

ଗତ ବର୍ଷରେ ବିଭିନ୍ନ ସ୍ଥାନରେ ଯାଞ୍ଚ କରାଯିବା ଫଳରେ ୬୪୩ଟି ଘଟଣା ଧରା ପଡ଼ିଥିଲା । ଧରା ପଡ଼ିଥିବା ଅସାଧୁ ବ୍ୟବସାୟୀଙ୍କ ବିରୁଦ୍ଧରେ ୬୩ଟି ମକଦ୍ଦମା ରୁଜୁ କରାଯିବା ସଙ୍ଗେ ସଙ୍ଗେ ୩ ଜଣଙ୍କୁ ଗିରଫ କରାଯାଇଥିଲା । ଅତ୍ୟାବଶ୍ୟକୀୟ ସାମଗ୍ରୀ କାରବାର କରୁଥିବା ୧୩୨ ଜଣ ବ୍ୟବସାୟୀଙ୍କ ଲାଇସେନସ୍ ରଦ୍ଦ ବ୍ୟତୀତ ୭୬ଟି ଲାଇସେନସ୍ ସସ୍‌ପେଣ୍ଡ କରାଯାଇଛି । ଏହାଛଡ଼ା ୧୩୩ଟି ବ୍ୟବସାୟୀଙ୍କ ଅମାନତ ଟଙ୍କା ବାଜ୍ୟାପ୍ତି କରାଯାଇଛି ।

## ଭୂମିହୀନଙ୍କୁ ବଳକା ଜମି

ଭୂ-ସଂସ୍କାର ବ୍ୟବସ୍ଥାରେ ସିଲିଂ ଆଇନ ଅନୁଯାୟୀ ସ୍ୱତ୍ତ୍ୱ ଜମିର ସର୍ବୋଚ୍ଚ ସୀମା ନିର୍ଦ୍ଧାରଣ ଫଳରେ କଳାହାଣ୍ଡି ଜିଲ୍ଲାରେ ଗତ ୧୯୮୬ ନଭେମ୍ବର ମାସ ଶେଷ ସୁଦ୍ଧା ୧୪ ହଜାର ୬୬୮ ଜଣ ଲୋକ ଉପକୃତ ହୋଇଛନ୍ତି । ସେମାନଙ୍କୁ ୨୫ ହଜାର ୯୪୮ ଏକର ସିଲିଂ ବହିର୍ଭୂତ ଜମି ବଣ୍ଟନ କରାଯାଇଛି । ଉପକୃତ ହୋଇଥିବା ଲୋକମାନଙ୍କ ମଧ୍ୟରେ ତପସିଲଭୁକ୍ତ ଜାତିର ୪ ହଜାର ୯୩୧ ଜଣ ଲୋକଙ୍କୁ ୮ ହଜାର ୪୯୯ ଏକର, ତପସିଲଭୁକ୍ତ ଉପଜାତିର ୫୨୯୭ ଜଣ ଲୋକଙ୍କୁ ୯ ହଜାର ୮୯୩ ଏକର ଓ ଅନ୍ୟାନ୍ୟ ଜାତିର ଭୂମିହୀନ ୪,୪୪୦ ଜଣ ଲୋକଙ୍କୁ ୭ ହଜାର ୫୫୬ ଏକର ବଳକା ଜମି ବଣ୍ଟନ କରାଯାଇଛି ।

ଏଠାରେ ଉଲ୍ଲେଖନୀୟ ଯେ ଜଣେ ଭୂମିହୀନ ଲୋକଙ୍କୁ ସର୍ବୋଚ୍ଚ ୦.୭ ଷ୍ଟାଣ୍ଡାର୍ଡ ଏକର ପର୍ଯ୍ୟନ୍ତ ସିଲିଂ ଉଦ୍‌ବୃତ୍ତ ଜମି ଯୋଗାଇ ଦିଆଯିବା ପାଇଁ ଓଡ଼ିଶା ଭୂ-ସଂସ୍କାର ଆଇନରେ ବ୍ୟବସ୍ଥା ରହିଛି ।

## ମହତ୍ ବାଣୀ

* ଭାରତର ଭବିଷ୍ୟତ ଉତ୍ଥାନ ଆମମାନଙ୍କର କାର୍ଯ୍ୟକଳାପ ଉପରେ ନିର୍ଭର କରେ । ଦେଖ, ଭାରତମାତା ଧୀରେ ଧୀରେ ନୟନ ଉନ୍ମୀଳନ କରୁଅଛନ୍ତି । ସେ କିଛିକାଳ ନିଦ୍ରିତାଥିଲେ ମାତ୍ର । ସୁତରାଂ ସଂହତି, ଶକ୍ତି ସଂଗ୍ରହ ଓ ବିଭିନ୍ନ ଇଚ୍ଛାଶକ୍ତିର ସହଯୋଗ ମଧ୍ୟରେ ଭବିଷ୍ୟତ ଭାରତକୁ ମହାନ୍ କରିବାର ସମସ୍ତ ରହସ୍ୟ ନିହିତ । ମୋର ମାନସପଟରେ ସହସା ଭାସି ଉଠି ଋଗ୍‌ବେଦ ସଂହିତାର ସେହି ଅପୂର୍ବ ଶ୍ଲୋକ, "ସଂଗଚ୍ଛଧ୍ୱଂ ସଂବଦଧ୍ୱଂ ସଂବୋ ମନାଂସି ଜାନତାମ୍" ।....ଏକଚିତ୍ତ ହେବାହିଁ ସମାଜ ଗଠନର ରହସ୍ୟ ।....ଏହାହିଁ ମୂଳ ରହସ୍ୟ – ଇଚ୍ଛାଶକ୍ତି ସମୂହର ସଂଗ୍ରହ, ସହଯୋଗ ଓ ଏକକେନ୍ଦ୍ରୀକରଣ ।

* ପବିତ୍ର ହୁଅ ! ସାହସୀ ହୁଅ । ନିଷ୍କପଟ ହୁଅ । କଠୋର ନୈତିକତା, ମୃତ୍ୟୁହୀନ ସାହସିକତା ଅବଲମ୍ବନ କର । ଧର୍ମର ମତବାଦରେ ମନକୁ ଭାରାକ୍ରାନ୍ତ କରନାହିଁ । କାପୁରୁଷମାନେହିଁ ପାପ ଆଚରଣ କରନ୍ତି, ବୀର ପୁରୁଷ କଦାପି ପାପ କରନ୍ତିନାହିଁ, ଏପରିକି ପାପ ଚିନ୍ତା ମଧ୍ୟ କରନ୍ତି-ନାହିଁ ।

[illegible] ସେବା ଓ ଧର୍ମ---ଏ ଦୁଇଟିହିଁ ବିଶେଷ [illegible] ଉଚିତ । 'ଶ୍ରଦ୍ଧା' ବା 'ଆତ୍ମ ବିଶ୍ୱାସ' [illegible] ରଖ ।

[illegible] ମଣିଷ ତିଆରି କର । ମଣିଷ ଦରକାର [illegible] ମଣିଷ କିପରି ବା ତିଆରି ହେବେ ?

ଉଠ, ଜାଗ; ନିଜେ ଜାଗି ଅନ୍ୟ ସମସ୍ତଙ୍କୁ ଜାଗ୍ରତ କରାଅ । ମୃତ୍ୟୁ ପୂର୍ବରୁ ନର ଜନ୍ମ ସାର୍ଥକ କରିଯାଅ । "ଉତ୍ତିଷ୍ଠତ ଜାଗ୍ରତ ପ୍ରାପ୍ୟ ବରାନ୍ ନିବୋଧତ ।"

* ଆଗେଇ ଚାଲ ! ଅନନ୍ତ ଶକ୍ତି, ଅଫୁରନ୍ତ ଉତ୍ସାହ, ଅସୀମ ସାହସ ଓ ଅଶେଷ ଧୈର୍ଯ୍ୟ ଆମର କାମ୍ୟ, ତେବେ-ଯାଇ ଆମେ ମହାନ୍ କାର୍ଯ୍ୟସବୁ ସମ୍ପନ୍ନ କରିପାରିବା ।

* ପ୍ରେମର ଜୟ ସୁନିଶ୍ଚିତ । ତୁମେ କ'ଣ ମଣିଷକୁ ଭଲ ପାଅ ? ଭଗବାନଙ୍କ ଅନ୍ୱେଷଣରେ କେଉଁଆଡେ ଯିବ ? ଦରିଦ୍ର, ଦୁଃଖୀ, ଦୁର୍ବଳ—ଏମାନେ କ'ଣ ତୁମର ଈଶ୍ୱର ନୁହନ୍ତି ? ପ୍ରଥମେ ସେମାନଙ୍କର ପୂଜା କରୁନାହଁ କାହିଁକି ? ଗଙ୍ଗାତୀରରେ ବାସ କରି କୂପ ଖନନର ପ୍ରଚେଷ୍ଟା କାହିଁକି ? ପ୍ରେମର ସର୍ବଶକ୍ତି-ମତ୍ତାରେ ବିଶ୍ୱାସ ରଖ ।

* ଅର୍ଥ, ଯଶ ବା ଅନ୍ୟ କୌଣସି ଅଭିଳାଷ ନରଖି ଯେ କର୍ମ କରନ୍ତି, ସେ ସର୍ବାପେକ୍ଷା ଉତ୍ତମ କର୍ମ କରନ୍ତି ଏବଂ ଯେତେବେଳେ କୌଣସି ବ୍ୟକ୍ତି ଏପରି କରିପାରିବେ, ସେତେବେଳେ ସେ ଜଣେ ବୁଦ୍ଧ ହୋଇଯିବେ ଏବଂ ତାଙ୍କ ଭିତରୁ ଏପରି କର୍ମଶକ୍ତି ଉତ୍ସାରିତ ହେବ, ଯାହା ଜଗତକୁ ରୂପାନ୍ତରିତ କରିଦେବ ।

ବିବେକାନନ୍ଦ



# ସୁନ୍ଦର ଭଗବାନ

ଶ୍ରୀ କିଶୋରୀ ଚରଣ ଦାସ

ସାମାନ୍ୟ ଲେଖକଟିଏ ହୋଇ ମୁଁ ପରମପୁରୁଷ, ରାମକୃଷ୍ଣଙ୍କ ବିଷୟରେ କ'ଣ ଲେଖି ପାରିବି ? କିନ୍ତୁ ମୋତେ ଲେଖିବାକୁ କୁହା ଯାଇଛି ଏବଂ ମୁଁ ବିନା ଦ୍ୱିଧାରେ ରାଜି ହୋଇ ଯାଇଛି । କାହିଁକିନା ମୋର ଲେଖିବାକୁ ମନ ବଳିଛି ।

ତା'ର କାରଣ ମୁଁ କେମିତି କହିବି ? କେବଳ ମୋର ଏତିକି ମନେ ହେଉଛି ଯେ ତାଙ୍କ ବିଷୟରେ କିଛି ଲେଖି ପାରିଲେ ମୋତେ କିଛି ମିଳିଯିବ ପରା, ଯାହାର ମୂଲ୍ୟ ମୁଁ କେବଳ ନିଜକୁ ନିଜେ ଦେଇ ପାରିବି । ହୋଇପାରେ ଯେ ସେଇ ପାଇବାର ଆନନ୍ଦ ବେଶୀକ୍ଷଣ ରହି ପାରିବ ନାହିଁ, କାହିଁକିନା ମୁଁ ସଂସାରୀ । ରାମକୃଷ୍ଣ କହିଲା ପରି, ମଖମଲ ଗଦି ଉପରେ ବସିଲା ଉତ୍ତାରୁ ସେଥିରେ ଗର୍ତ୍ତଟିଏ ରହିଗଲା ପରି ମନେ ହୁଏ, କିନ୍ତୁ ଉଠିଗଲେ ଗଦି ସଜାଡ଼ି ହୋଇଯାଏ । ଯଥା ପୂର୍ବଂ ତଥା ପରଂ । ଭଜନ କୀର୍ତ୍ତନରେ ସଂସାରୀର ଚୈତନ୍ୟ ଠିକ୍ ସେହିପରି । ହେଉ, ସେଇ କ୍ଷଣିକ ଆନନ୍ଦର ସୁଯୋଗକୁ ମୁଁ ଛାଡ଼ିବି କାହିଁକି ?

ଲେଖି ପାରିବି ନାହିଁ ? କିଏ କହିଲା ଲେଖି ପାରିବି ନାହିଁ ? ରାମକୃଷ୍ଣ ଥରେ କହିଲେ ଯେ ମୋର ଭୟ ନାହିଁ, ମାଆ ପଛରୁ ଥାଇ ଦାନା ଠେଲି ଦେଉଛନ୍ତି, ଯେମିତିକି ମୋ ଢିଙ୍କିକୁଟା ଅଟକି ଯିବ ନାହିଁ, ମୁଁ କିଛି ନା କିଛି ସାର କଥା ଶୁଣେଇ ପାରିବି ତୁମକୁ । ରାମକୃଷ୍ଣଙ୍କୁ ସ୍ମରଣ କରୁଛି ପରା, ତାଙ୍କ ମାଆଙ୍କର କରୁଣା କଅଣ ଟିକିଏ ଗଡ଼େଇ ପାରିବ ନାହିଁ ମୋ ଲେଖନୀକୁ ?

କିଛି ନୂଆ କଥା ନ କହିଲେ ବି ମୁଁ ଯତ୍‌କିଞ୍ଚିତ୍ ପାଇବି ଓ ଦେବି ବୋଲି ଆଶା ବାନ୍ଧିଛି । ମୋର ସଂସାରୀ ମୋହମାୟା, ଲେଖକ ପଣିଆର ଅହମିକାରୁ ଛାଟିପିଟି ହୋଇ ପଳେଇ ଯିବି ତୁମ ପାଖକୁ, ସମାନ୍ୟତମ ସତ୍ୟ, ଶିବ ଏବଂ ସୁନ୍ଦରର ଅନୁଭବ ପାଇଁ । ହେଲା ଏବେ ସେଇ କେତୋଟି ମୁହୂର୍ତ୍ତ, ଲେଖନୀ ଗ୍ଳଲିଥିବା ଯାଏଁ ।

ନା, ନା, ମୋତେ କ୍ଷମା କର ଠାକୁର୍ । ମୁଁ ବାସ୍ତବତାର ଲେଖକ ? ମଣିଷ ମନରେ ଥିବା ଯେତେକ କାଳିମା, କଳୁଷ ତା'ର ଆତ୍ମ-ଶଠତାକୁ ପ୍ରକାଶ କରିବାହିଁ ମୋର ଧର୍ମ ବୋଲି ମୁଁ ଭାବି ନେଇଛି । ସେଇ 'ସତ୍ୟ'ର ଊର୍ଦ୍ଧ୍ୱକୁ ମୁଁ ଯାଇ ପାରିବି ନାହିଁ, ମୋତେ ଭୟ ଲାଗୁଛି, କାଳେ ଅଧା ବାଟରେ ମୋର ଡେଣା କଟିଯିବ, ମୁଁ ତଳେ କଚାଡ଼ି ହୋଇ ପଡ଼ିବି । ଶିବର ସ୍ପର୍ଶ ମଧ୍ୟ ବୋଧହୁଏ ମୋ କପାଳରେ ନାହିଁ, କାରଣ ମୁଁ ମୋର ଅଶିବ ଦେହମନର ଅହଂକୁ ସହଜେ ଜାଳି ପୋଡ଼ି ଦେଇ ପାରୁ ନାହିଁ । ଗୁଡ଼ି ହେଲେ ସିନା କଥା ! କିନ୍ତୁ ସୁନ୍ଦର ? ଠାକୁର୍, ମୋତେ ସେମାନେ କଳାକାର କୁହନ୍ତି ପରା, ମୁଁ କଣ ସୁନ୍ଦରର ଅର୍ଥ ଜାଣେ ନାହିଁ ? ଏଇ ନିରଳୁଣା ଦେହମନକୁ ନେଇ ମୁଁ କଣ ତୁମର ସୁନ୍ଦର ଭଗବାନଙ୍କୁ ଥରେ ହେଲେ ଚମ ଆଖିରେ ଦେଖି ପାରିବି ନାହିଁ, ଦେଖା ହେଲେ ଦେଇ ପାରିବି ନାହିଁ ?

ସାତସାନ ପିଲାଟିଏ ହୋଇ କଳା ମେଘ ତଳେ ବଳାକାର ବିହରଣ ଦେଖି ତୁମେ ଯେମିତି ଲୋଟି ପଡ଼ିଥିଲ ଘାସ ଉପରେ, କାନିରେ ବନ୍ଧା ହୋଇଥିବା ମୁଢ଼ିତକ ବିଞ୍ଚି ହୋଇ ଯାଉଥିଲା କେଉଁଠି ବୋଲି କେଉଁଠି ।

ତୁମକୁ ଛଅବର୍ଷ ହୋଇଥିଲା ସେତେବେଳକୁ । କଥାକୁହିଆ ହୋଇଥିଲ, କଥା କଥାକେ ହସୁଥିଲ, ଖେଳୁଥିଲ, ସାଙ୍ଗସାଥୀମାନଙ୍କ ମେଳରେ କେତେ ମଉଜ କରୁଥିଲ । କିନ୍ତୁ ସେଦିନ ତୁମେ ଗାଁ ପଡ଼ିଆରେ ବୁଲୁଥିଲ ଏକୁଟିଆ ହୋଇ । ତଳେ ପୃଥିବୀ, ଉପରେ ଆକାଶ, ମଝିରେ ଗଦାଧର ବୋଲି ଖୁସିବାସିଆ ଶୁକ୍ଳୁବୁକିଆ ପିଲାଟିଏ ମନ ଆନନ୍ଦରେ ଗ୍ଳଲୁଥିଲା ତା' ବାଟରେ, ମୁଢ଼ି ଗୋଟିଏ ଗୋଟିଏ ପାଟିରେ ପକଉଥିଲା, ହୁଏତ ଯାତ୍ରାରୁ ଶିଖିଥିବା ଗୀତ ବୋଲୁଥିଲା ଗୁଣୁଗୁଣୁ ହୋଇ । ଏହି ସମୟରେ ସେ ଆକାଶକୁ ଅନେଇଲା ଆଉ ଦେଖିଲା ଆଷାଢର କଳା ମେଘ ତଳେ କେମିତି ଉଡ଼ି ଯାଉଛନ୍ତି ସେମାନେ, ଧଳା ଧଳା ବଗମାନେ, ହଜିଗଲା ପରି ନୁହେଁ, ଜୀବନର ସୁସ୍ପଷ୍ଟ ଉଚ୍ଚାରଣ କଲା ପରି, ଅତ୍ୟାଶ୍ଚର୍ଯ୍ୟ ସେଇ ଅନୁଭବ ! ଗଦାଧର ତା'କୁ ତା'ର ସାନ ଦେହମନରେ ଧରି ରଖି ପାରିଲା ନାହିଁ, ମୂର୍ଚ୍ଛା ହୋଇ ପଡ଼ିଗଲା ତଳେ । ଏତେଗୁଡ଼ାଏ ଆନନ୍ଦକୁ ସହି ପାରିଲା ନାହିଁ ବିଚରା !

ଭାବଭୋଳା ଠାକୁର୍, ଏତେ ଆନନ୍ଦ ଆସିଲା କେଉଁଠୁ ?

ତୁମେ କହିଲ ଯେ ଧଳା-କଳାର ବିଷମତା ତୁମକୁ ଅଭିଭୂତ କରି ଦେଲା । ସତେକି ବିଷମହିଁ ସୁନ୍ଦର । ତା'ରି ଆକସ୍ମିକ ତୀବ୍ର ସ୍ପର୍ଶହିଁ ତୁମକୁ ଅସହନୀୟ ଉପଲବ୍ଧିରେ ପହଞ୍ଚେଇ ଦେଲା । ସେଇ ତୁମ ଜୀବନର ପ୍ରଥମ ସମାଧି, ଆଧ୍ୟାତ୍ମିକ ଏକ୍ସଟାସି ।

ବିଷମହିଁ ସୁନ୍ଦର । ବିଶେଷତଃ ମୁଁ ନିଜେ ଯେତେବେଳେ ସେଇ ବିନ୍ଦୁକୁରେ ଥାପି ହୋଇଯାଏ । ମୁଁ ଯେତେବେଳେ ବେଳାଭୂମିରେ ବସି ଅସରନ୍ତି ଉଚ୍ଛଳ ତରଙ୍ଗମାନଙ୍କୁ ଦେଖେ, ପର୍ବତର ପାଦଦେଶରେ ବସି ତା'ର ନଭଶ୍ଚୁମ୍ବୀ ଶିଖରକୁ ଦେଖେ, ଅବା ମୋର ଘରକୋଣରେ ବସି ଅସୀମ ଆକାଶର ଅଗଣିତ ତାରାମାନଙ୍କୁ ଦେଖି ଆଖି ବୁଜି ଦିଏ, ଏକ ଅପାର୍ଥିବ ଆନନ୍ଦର ଅନୁଭବ ମିଳିଗଲା ପରି ମନେ ହୁଏ, ସେଠି ମଧ୍ୟ ଏଇ ବିଷମତାର ସ୍ପର୍ଶ । ମୁଁ କେତେ ଛୋଟ ଏବଂ ଏଇ ସୃଷ୍ଟି କେତେ ବିରାଟ, କେତେ ମହାନ୍ ! କିନ୍ତୁ ହାୟ, ମୁଁ ଆଖି ବୁଜି ଦିଏ ସିନା,

କ୍ଷଣକରେ ତରଳେଇ ଦ୍ୟୁଏ ମୋର ସଂସାରକୁ ସେପିଯିବା ପାଇଁ । ଉପଲବ୍ଧିର ଭଗବାନ୍ ଛିଣ୍ଡି କରି ପକେଇ ଯଉଥିବି, ମୋତେ ଛାଡ଼ିଦ୍ବିତି ଦେଇ !

ବିଷମହିଁ ସୁନ୍ଦର । କେବଳ ଇନ୍ଦ୍ରିୟର ଅନୁଭବରେ ନୁହେଁ, ମନର, ବୁଦ୍ଧିର ଅତୀନ୍ଦ୍ରିୟର ଚେତନାରେ । ସେଥିଲୁ ଜୀବନ ପରିସ୍ଥିତି ଦୁଏ, ମୃତ୍ୟୁକୁ ମୁହାଁମୁହିଁ ବୁଝିଲା ପରି, ସେଇଥିଁ କାନ୍ଦେ । ଭଗବାନ, ଏତେ ପାଖକୁ ଆସି ମଧ୍ୟ ଦୂରରେ ଯାଉଛ ମୋ ପାଖରୁ ? ମୁଁ ସେଇ ମିଳନ-ବିରହର ଅନୁଭବୀ ନୁହେଁ କିନା, ତା'ର ଅନୁମାନ କରି ପାରିବି ନାହିଁ ? କିଏ ମୋତେ ସେଇ କାନ୍ଦଣା ବୋଲି କାନ୍ଦି ପାରିବି ନାହିଁ ?

ଠାକୁର୍, ପିଲାଟି ଦିନୁ ଯେଉଁ ବିଷମ-ସୁନ୍ଦରର ସ୍ପର୍ଶରେ ମୂର୍ଚ୍ଛିତ ହୋଇ ପାରିଲ, ତାଙ୍କୁ ଯଥାକ୍ରମେ ଆୟତ୍ତ କରିବା ପାଇଁ କେତେ ସମୟ ଲାଗିଥା ତୁମକୁ ? ତେଣୁ ସେତିକି ଆପଣା ଇଚ୍ଛାରେ କାନ୍ଦିଲ, ପରମ ସୁନ୍ଦରକୁ ପାଇଲ, ଲୀନ ହୋଇଗଲ ତାଙ୍କ ସାଙ୍ଗରେ । କିନ୍ତୁ ଏଇ ହେଉଛି ତୁମର ଅତି ମହାନତା, ଯେ ଫେରି ଆସିଲ । ବାରଂବାର ଫେରି ଆସିଲ, ସ୍ୱଇଚ୍ଛାରେ । ତଦ୍ଭାବନାର ସ୍ୱର୍ଗକୁ ଛାଡ଼ି ଦେଇ ତତ୍ପର ହୋଇ ଉଠିଲ କେବଳ ଆମ ପାଇଁ । ମୋରି ପରି ଅଭାଗାମାନଙ୍କ ପାଇଁ ।

ଆମକୁ ଭଲ ପାଇ ଆମକୁ ଉଠେଇବାକୁ ଚେଷ୍ଟା କଲ, ଆମରି ମାପରେ । ଶିଶୁକୁ ଗୁଳି ଶିଖେଇଲା ପରି ଏବଂ ଆମକୁ ଭୁଲେଇବା ପାଇଁ କହିଲ ଯେ, ଏଇ ତ ହେଲା, ଆଉ କ'ଣ ଦରକାର ? କାଳେ ଆମେ ଶଙ୍କି ଯିବୁ । ଉପଲବ୍ଧି କାହିଁ କେତେ ଦୂରରେ ବୋଲି ପଡ଼ି ରହିଥିବୁ ଆମ ଜମାରେ, ପାଦେ ହେଲେ ବଢ଼ିବୁ ନାହିଁ ଆଗକୁ ।

କହିଲ, ଲୁଣର ପିତୁଳା ହୋଇ ସମୁଦ୍ରରେ ମିଶିବାକୁ ବୁଡ଼ିବା ଉଚିତ, କିନ୍ତୁ ମନେ ରଖିଥାଅ ସେଥିଁ ଆଉ ଫେରି ଆସି ହେବ ନାହିଁ । ପୁଣି କହିଲ— ବ୍ରହ୍ମକୁ ଜାଣିବା ପାଇଁ ଏତେ ମୁଣ୍ଡବଥା କାହିଁକି ? ଯଦି ଗିଲାସେ ପାଣିରେ ଶୋଷ ମେଣ୍ଟିଯାଏ, ପୋଖରୀରେ କେତେ ପାଣି ଅଛି ଜାଣିବା ଦରକାର କଅଣ ? ଅଧ ବୋତଲ ମଦରେ ମାତାଲ ହେଲେ ଗଲା, ଶୁଣ୍ଡିର ଦୋକାନରେ କେତେ ମଦ ଅଛି ତା'ର ହିସାବରୁ କଣ ମିଳିବ ?

ଆମର ଅକ୍ଷମତା, ଭୟ, ଅନିଶ୍ଚୟତାକୁ କେତେ ବୁଝିଥିଲ ତୁମେ ! କେଉଁଠାରେ କେତେ ଆଦରରେ ନାହିଁ ନଥିବା ଉଦାରତା ଦେଖେଇ ଆମକୁ ହାତ ଧରି ଚଳେଇବାକୁ ଚେଷ୍ଟା କଲ । ପୁଣି ବାହାନା କଲ ଯେ ତୁମେ ବି ଆମ ପରି, ଅଳ୍ପକରେ ବୋଧ ହୋଇ ପାରିବ । କହିଲ – ମୁଁ ଚିନି ହେବାକୁ ଚାହେଁ ନାହିଁ, ମୁଁ ଚିନି ଖାଇବାକୁ ଭଲ ପାଏ । ମୋର ଇଚ୍ଛା ହେଉ ନାହିଁ କହିବି ଯେ ମୁଁ ବ୍ରହ୍ମ । ମୁଁ କହୁଛି ତୁମେ ଭଗବାନ୍, ମୁଁ ତୁମର ଦାସ । ତୁମର ନାମ କୀର୍ତ୍ତନ କରିବି, ଏତିକି ମୋର ସାଧ ।

କିନ୍ତୁ ତୁମେ କହିଥିଲ କାହିଁକି ଫେରି ଆସିଲ । କହିଲ, – ମୁଁ ଲୀନ ହୋଇ ରହିପାରି ନାହିଁ । ମୋର ଉନ୍ମୀଳନ ହେଲା । ପୁଣି ଆଖି ଖୋଲିଲି । ଦେଖିଲି ସବୁଥିରେ ଭଗବାନ୍ ପରିବ୍ୟାପ୍ତ । ସମସ୍ତ ଜୀବରେ ବ୍ରହ୍ମର ଲୀଳାଖେଳା, ପ୍ରତିଛବି । ତେଣୁ ଜୀବେ ଦୟା ନୁହେଁ, ଜୀବେ ଶ୍ରଦ୍ଧା, ଜୀବେ ପ୍ରେମ...

କେବେହେଲେ ଭୁଲ୍‌ରେ ସୁଦ୍ଧା କହି ନାହିଁ ଯେ ତୋ ଦେଇ ପାଠ ହେବ ନାହିଁ । ଅପରନ୍ତୁ ସଂସାରୀ 'କ' ଟିଏ ନ ଲେଖୁଣୁ ତାଙ୍କୁ କହିଲ – ବାଃ ! କୃଷ୍ଣ ଆଉ କେତେ ଦୂରରେ କି ? ଏବଂ ଆଶା ଦେଲ ଯେ କାହାରି ପେଟ ଅପୂରା ରହିବ ନାହିଁ । ସରଗଶଶୀକୁ ହାତରେ ଆଣି ଦେଲା ପରି କହିଲ ଯେ ଭଗବାନଙ୍କୁ ପାଇବ, ଏଥିରେ ସନ୍ଦେହ ନାହିଁ । ଉପମା ଦେଲ ଯେ କାଶୀର ଅନ୍ନପୂର୍ଣ୍ଣାଙ୍କ ଘରେ କେହି ଭୋକିଲା ରହେ ନାହିଁ । କିଏ ସକାଳୁ ସକାଳୁ ଖାଇବାକୁ ପାଏ, କାହାର ବେଳ ଗଡ଼ିଯାଏ, ଏବଂ କାହାକୁ ହୁଏତ ସଞ୍ଜ ଯାଏ ଅପେକ୍ଷା କରିବାକୁ ପଡେ ।

ଖାଲି କ'ଣ ଦମ୍ଭ ଦେଇ, ଆଶାରେ ଆଶାରେ ଭସେଇ ଦେଲ ଆମକୁ ? ନା, ଆମ ଦୁଃଖକଷ୍ଟକୁ ଏତେ ନିଜର କରି ନେଲ ଯେ କେଉଁ ଆତତାୟୀର ଚାବୁକ୍ ଆମ ଦେହରେ ପଡ଼ିଲାରୁ ତୁମ ଦେହରେ ବି ଦାଗ ପଡ଼ିଗଲା !

ଠାକୁର୍, ସୁନ୍ଦର ଭଗବାନଙ୍କୁ ଏତେ ସହଜରେ, ସରଳ ସରାଗରେ ପାଇଲା ପରେ ତୁମେ ଆମ ପରି ଭ୍ରଷ୍ଟ, ଭଗ୍ନ, ବାଟ ନ ପାଇ ଧନ୍ଦାହି ହେଉଥିବା ଅସୁନ୍ଦର ମଣିଷ ଭାଇଙ୍କୁ ଆବୁରିଲ କାହିଁକି ? ତୁମେ କଣ ସତରେ ଭାବୁଛ ଯେ ଆମେ ଜଣ ଜଣ ହୋଇ ଆଗରେ କି ପଛରେ ଯାଇ ପାରିବା ସେଠିକି, ତୁମେ ଯେଉଁଠିକି ମନଇଚ୍ଛା ମନ ଖୁସିରେ ଯାଇ ଫେରି ଆସିଛ ଆମ ପାଇଁ, ସେଠିକାର ସଂବାଦ ଶୁଣାଇବା ପାଇଁ ?

ତା' ହେଲେ ମୁଁ କଣ ସତେ ସୁନ୍ଦର ହୋଇ ପାରିବି ?

ତୁମେ କହିଲ, ହଁରେ ଧନ, ଧୟ ଧର୍ । କିନ୍ତୁ ସୁନ୍ଦର ଭଗବାନଙ୍କୁ ଦେଖିବା ପାଇବା ଆଗରୁ ତୁ ପ୍ରଥମେ ତୋର ଅସୁନ୍ଦର ମଣିଷ ଭାଇମାନଙ୍କ ଆଡକୁ ଅନା, ସେମାନେ ହିଁ ତୋର ଦର୍ପଣ । ତାଙ୍କ ମୁହଁରେ ହସ ଆଣି ତାଙ୍କୁ ଟିକିଏ ସୁନ୍ଦର କରି ପାରିବୁ ନାହିଁ ? ପାରିବୁ, ପାରିବୁ । ମନେ ଅଛି ମୁଁ କେମିତି ଦେଓଘରର ମରମର ସାନ୍ତାଳମାନଙ୍କୁ ଖୋଇବି ସୁଖ କରିଚି ବୋଲି ଅଡ଼ି ବସିଲି ? ପିଲାଙ୍କ ପରି କାନ୍ଦିଲି ଯେ ମୋ କଥା ନ ରହିଲେ ମୁଁ ଏଥୁଁ ଟଳିବି ନାହିଁ ? ମନେ ଅଛି ମୁଁ କେମିତି ରାତି ଅଧରେ ସମସ୍ତେ ଶୋଇଥିବା ବେଳେ ମୁଁ ଅଛୁତର ଘରକୁ ଯାଇ ମୋର ମୁଣ୍ଡବାଳ ଲଗେଇ ତା'ର ଘର ଓଳେଇଲି, କାହିଁକିନା ସେ ମୋତେ ମନା କଲା ତା'ର ସେବା କରିବାକୁ ? ମୁଁ କ'ଣ କମ୍ କଣେ କି ?

ଯାହା ବିଷମ, ତାହାହିଁ ସୁନ୍ଦର । ତୁମେ ତାହାର ଗୋପନତମ ଗହନତମ ରହସ୍ୟକୁ ଦେଖିଛ, ଲଭିଛ, ହେଲେ ବାରମ୍ବାର ଫେରି ଆସିଛ ଆମକୁ ଦେଖେଇବା ପାଇଁ, କାନ୍ଦିଛ ଆମକୁ ବୁଝେଇବା ପାଇଁ, ନିଜକୁ କେତେ କଷ୍ଟ ନ ଦେଇଛ ଆମ ପାଇଁ, ଯେମିତିକି ଦିନେ ନା ଦିନେ ଆମେ ତୁମ ସୁନ୍ଦର ଭଗବାନଙ୍କୁ ପାଇ ପାରିବା ।

ସ୍ଥୂଳ ବାସ୍ତବ ସଂସାରର ଲେଖକ ହୋଇ ମୁଁ ତୁମ ଉପରେ କିଛି ଲେଖି ପାରିବି, ସେ ସ୍ପର୍ଦ୍ଧାଭରା ମୋର ନାହିଁ । କିନ୍ତୁ ମୋର ଆଦୌ ସଂଦେହ ନାହିଁ ଯେ ମୁଁ ବି ସେମାନଙ୍କ ମଧ୍ୟରୁ ଜଣେ, ଯାହାଙ୍କ ପାଇଁ ତୁମେ ଏତେ ଭୋଗିଛ । ସେଥିଲାଗି ଆଜି ମୋର ଏତେ ବହପ — ମୁଁ ବି ଦିନେ ସୁନ୍ଦରକୁ ଦେଖିବି, ପାଇବି, ଏ ଜନ୍ମରେ ନ ହେଲା ନାହିଁ । ଆଉ କଣ ସବୁଦିନେ ଖାଲି ଲେଖୁଥିବି, ନ ପାଇବାର ଦୁଃଖରେ କ୍ରୋଧରେ କିଛି ଗୋଟାଏ କହିବି ବୋଲି ?

• ମଣିଷ ଦରକାର, ପ୍ରଥମେ ଦରକାର ମଣିଷ; ତା'ପରେ ଅନ୍ୟସବୁ ଆପେ ହୋଇଯିବ : ବୀର୍ଯ୍ୟବାନ, ତେଜସ୍ୱୀ, ବିଶ୍ୱାସୀ ଓ ଅକପଟ ନିଷ୍ଠାବାନ ଯୁବକ ଆବଶ୍ୟକ । ଏହିପରି ଶହେଜଣ ଯୁବକ ମିଳିଲେ ଜଗତରେ ବିପ୍ଳବ ସାଧିତ ହୋଇ ପାରିବ । ପ୍ରଥମେ ସେମାନଙ୍କର ଜୀବନ ଗଠନ କରିବାକୁ ପଡ଼ିବ ; କେବଳ ତାହା ପରେ କାର୍ଯ୍ୟ ଆଶା କରାଯାଇ ପାରେ ।

ବିବେକାନନ୍ଦ

• ତୁମେମାନେ ଭଗବାନଙ୍କର ସନ୍ତାନ, ଅମୃତ-ସୁଧାର ଅଧିକାରୀ, ପବିତ୍ର ଓ ପୂର୍ଣ୍ଣ । ତୁମେ କେବେହେଲେ କୁହ ନାହିଁ ଯେ, ତୁମେ ଦୁର୍ବଳ । ଉଠ, ସାହସୀ ହୁଅ, ବୀର୍ଯ୍ୟଶାଳୀ ହୁଅ । ସମସ୍ତ ଦାୟିତ୍ୱ ନିଜ ସ୍କନ୍ଧରେ ବହନ କର ଏବଂ ଜାଣିରଖ, ତୁମେ ହିଁ ତୁମ ନିଜର ଭାଗ୍ୟବିଧାତା । ତୁମର ପ୍ରୟୋଜନୀୟ ସମସ୍ତ ଶକ୍ତି ଓ ସହାୟତା ତୁମର ଅନ୍ତର୍ନିହିତ ହୋଇ ରହିଛି ।

ବିବେକାନନ୍ଦ

# ସ୍ୱାମୀ ବିବେକାନନ୍ଦ ଓ ଯୁବ ସମାଜ



ଶ୍ରୀ ସୌରବନ୍ଧୁ କର

ହେ ଭାରତ ! ଏହି ପରାନୁବାଦ, ପରାନୁକରଣ, ପରମୁଖାପେକ୍ଷୀ, ଏହି ଦାସ ସୁଲଭ ଦୁର୍ବଳତା, ଏହି ଘୃଣିତ ଜଘନ୍ୟ ନିଷ୍ଠୁରତା—ଏତିକିମାତ୍ର ସମ୍ବଳରେ ତୁମେ ଉଚ୍ଚାଧିକାର ଲାଭ କରିବ ? ବଜ୍ର ନିର୍ଘୋଷ ବାଣୀରେ ପ୍ରକମ୍ପିତ ଭାରତର ଆକୁମାରୀ ହିମାଚଳଠାରୁ କନ୍ୟାକୁମାରୀ ପର୍ଯ୍ୟନ୍ତ । ସେ ବାଣୀ ବାରମ୍ବାର ନିର୍ଘୋଷିତ ହୋଇ ଆହ୍ୱାନ କରି କହିଛି "ଭୁଲନାହିଁ, ନୀଚ ଜାତି, ମୂର୍ଖ, ଦରିଦ୍ର, ଅଜ୍ଞ, ମୋଚି, ମେହେନ୍ତର ତୁମର ରକ୍ତ, ତୁମର ଭାଇ, ହେ ବୀର ! ସାହାସ ଅବଲମ୍ବନ କର । ସଦର୍ପେ କହ—ମୁଁ ଭାରତବାସୀ, ଭାରତବାସୀ ମୋର ଭାଇ, କହ-ମୂର୍ଖ ଭାରତବାସୀ, ଦରିଦ୍ର ଭାରତବାସୀ, ବ୍ରାହ୍ମଣ ଭାରତବାସୀ, ଚଣ୍ଡାଳ ଭାରତବାସୀ ମୋର ଭାଇ ।"

ଅର୍ଜ୍ଜୁନକୁ ଆହ୍ୱାନ କରି ଶ୍ରୀକୃଷ୍ଣ କହିଛନ୍ତି, ହେ ଅର୍ଜ୍ଜୁନ ! ତୁମେ ତୁଚ୍ଛ ହୃଦୟର ଦୁର୍ବଳତାକୁ ତ୍ୟାଗ କରି ଯୁଦ୍ଧ ପାଇଁ କୃତ ନିଶ୍ଚୟ ହୋଇ ଉଠ ।

"କ୍ଷୁଦ୍ରଂ ହୃଦୟ ଦୌର୍ବଲ୍ୟଂ ତ୍ୟକ୍ତ୍ୱୋତ୍ତିଷ୍ଠ ପରନ୍ତପ"

ହେ ସ୍ୱାମୀଜୀଙ୍କର ସନ୍ତାନ ଗଣ, ହେ ଯୁବ ସଂପ୍ରଦାୟ ! ସ୍ୱାମୀଜୀଙ୍କର ସେହି ଆହ୍ୱାନକୁ ଗ୍ରହଣ କରି ଦୀପ୍ତକଣ୍ଠରେ ଘୋଷଣା କରି ହୃଦୟର ଦୁର୍ବଳତାକୁ ତ୍ୟାଗ କର ଏବଂ ଭାରତର କଲ୍ୟାଣ ପାଇଁ ନିଜକୁ ଉତ୍ସର୍ଗ କର । ସ୍ୱାମୀଜୀ ତାରୁଣ୍ୟର ପ୍ରତୀକ, ଯୁବ ସମାଜର ଆଦର୍ଶ ପୁରୁଷ ! ବର୍ତ୍ତମାନର ସମାଜରେ ବାସ କରୁଥିବା ମଣିଷ ହୀନ ବୀର୍ଯ୍ୟ । ବର୍ତ୍ତିବାର ତା ଆଗରେ ଅଗଣନ ସମସ୍ୟା । ସେ ଦାସ । ବର୍ତ୍ତିବାର ବିଭିନ୍ନ ଉପାୟ ଓ ପ୍ରକ୍ରିୟା ମଧ୍ୟରେ ସେ ବନ୍ଦୀ । ଯୁବକ ଆଗରେ ସିନେମା ହିରୋ ଅମିତାଭ ବଚନ, କ୍ରିକେଟ ଖେଳାଳୀ ସୁନିଲ ଗାଭାସ୍କର । ରାଜନୈତିକ ନେତାଠାରୁ ଆରମ୍ଭ କରି ବହୁ ବିଶ୍ୱର ବ୍ୟକ୍ତି ଓ ବିଶ୍ୱରଧାରାରେ ସେ ଉଦ୍‌ଭ୍ରାନ୍ତ । କାହାକୁ ଗ୍ରହଣ କରି ନିଜ ଜୀବନକୁ ଠିକ୍ ବାଟରେ ଚଳାଇବ ଓ ଠିକ୍ ବାଟଟି କେଉଁଟି ତାହା ତାର ବିଶ୍ୱରରେ ବାହାରେ । ଫଳତଃ ବିଭ୍ରାନ୍ତ ଯୁବ ସମାଜ । ଗ୍ରାହମ୍ ଗ୍ରୀନ୍‌ଙ୍କ ଭାଷାରେ, "a burnt out case."

ଏହି ତରୁଣ ଯୁବ ସଂପ୍ରଦାୟ ଯଦି ସମୟକ୍ରମେ ନିଜ ମନକୁ ପ୍ରଶ୍ନ କରେ, କିଏ ତାର ପ୍ରକୃତ ଆଦର୍ଶ—କାହାକୁ ନେଇ ଗଢିବ ସେ ଜୀବନଧାରା, ତେବେ ସମାଜର ବିଭିନ୍ନ ଠାବରେ ଦେଖାଦେଇଥିବା ଆଦର୍ଶ ମଣିଷମାନଙ୍କ ତାଲିକା କ୍ରମେ ବାଦ ପଡ଼ିଯିବ କାରଣ ଋତୁ ବଦଳିବା ପରି ସେହି ମଣିଷମାନେ ସେମାନଙ୍କର ଆଦର୍ଶକୁ ବଦଳାଇ ଦେଇଥିବେ । ସେମାନଙ୍କ ନିକଟରେ ତେଣୁ ଦେଖାଦେବେ ଦଳ ଦଳ ନୀତିହୀନ ମଣିଷ ଯେଉଁମାନେ କେବଳ ନିଜର ଡିଣ୍ଡିମପିଟି, ନିଜର ବଡ଼ପଣ ଦେଖାଇ, ଆଦର୍ଶର ଖତୁରୀରେ ଭରପୂର ହୋଇ ଯୁବମାନସକୁ କରିଛନ୍ତି ଉଦ୍‌ଭ୍ରାନ୍ତ ଓ ପଥଭ୍ରଷ୍ଟ ।

ଜୋନାଥନ୍‌ସିଲ୍ ତାଙ୍କର 'ଦି ଫେଟ୍ ଅଫ୍ ଦି ଆର୍ଥ' ପୁସ୍ତକରେ କହିଛନ୍ତି, ଆମ ସମ୍ମୁଖରେ ବର୍ତ୍ତମାନ ଦୁଇଟି ରାସ୍ତା, ଗୋଟିଏ ମୃତ୍ୟୁ ଦିଗରେ ଯିବା ବେଳେ ଅନ୍ୟଟି ବଞ୍ଚିବାକୁ ନେଇ । ଯଦି ଆମେ ପ୍ରଥମ ରାସ୍ତାଟିକୁ ବାଛିବା ଏବଂ ଯାହାକିଛି ଚିରନ୍ତନ ସତ୍ୟ, ତା ଠାରୁ ଦୂରେଇ ଯିବା—ତେବେ ଆମେ ହେବା ମୃତ୍ୟୁର ନିକଟବର୍ତ୍ତୀ ଏବଂ ଯାହା କିଛି କରିବା ସେଥିରେ ଥିବା ଜୀବନ ସହିତ ବନ୍ଧନ ଦୁର୍ବଳ ହୋଇଯିବ, ଆମର ଚିନ୍ତାଧାରା, ଦୃଷ୍ଟିକୋଣ ହେବ ସୀମିତ ଏବଂ ଆମର ମନୋବଳ ଯେଉଁ ନୂତନ ସୃଷ୍ଟି ଗଠନ କରିବାକୁ ଇଚ୍ଛା କରୁଛି ଏପରି ଏକ ଦୁର୍ବଳ ଭିତ୍ତିଭୂମି ଉପରେ ତାହା ମୂଲ୍ୟହୀନ ହୋଇ ପଡ଼ିବ ଏବଂ ଆମେ ଆଗେଇବା ପରିସମାପ୍ତି ଆଡ଼କୁ ।

ଅପର ପକ୍ଷରେ ଯଦି ଆମେ ନିଜର ପତନକୁ ପ୍ରତ୍ୟାଖ୍ୟାନ କରୁ ଏବଂ ବଞ୍ଚିବାର ପ୍ରଚେଷ୍ଟାକୁ ବଳବତୀ କରୁ—ଯଦି ଆମେ ନିଜକୁ ଉପରକୁ ଉଠାଇବାକୁ ପ୍ରଯତ୍ନ କରୁ, ତେବେ ଆମର ଦୃଷ୍ଟିକୋଣ ଅଧିକ ଉନ୍ନତ ଓ ଗତିଶୀଳ ହେବ ଏବଂ ଜୀବନର ମୂଲ୍ୟବୋଧକୁ ମଧ୍ୟ ଗୁରୁତ୍ୱ ସହକାରେ ଚିନ୍ତା କରାଯାଇ ପାରିବ ଏବଂ ସମୟ ଆସିବ ଯେତେବେଳେ ଆମେ ଉପରୋକ୍ତ ଦୁଇଟିରୁ ଶେଷୋକ୍ତକୁ ହିଁ ଗ୍ରହଣ କରି ସେ ଅନୁସାରେ କାର୍ଯ୍ୟ କରିବା । ଫଳରେ ପରମାଣୁ ଯୁଦ୍ଧର ଭୟଙ୍କର ଚିନ୍ତା ଦୂରୀଭୂତ ହେବ ।

ଯୁବମାନସକୁ ବର୍ତ୍ତମାନର ଶିଥିଳତାରୁ ଉଦ୍ଧାର କରି, ତା ଆଗରେ ମୂଲ୍ୟବୋଧର ପ୍ରକୃତ ଚିତ୍ର, ତାର ପ୍ରକୃତ Hero

ହିଁ, ଯାହାକୁ ସେ ନିଜର ପ୍ରିୟ ହୋଇ, ଆଦର୍ଶ ବୋଲି ନେବ, ତାହାହିଁ ବର୍ତ୍ତମାନର ବିସ୍ମୟ । ମିଷ୍ଟର ଥୋମାସ ଆଲେନ୍, ଜଣେ ତରୁଣ ଷଟ ଯୁବକ ସ୍ୱାମୀ ବିବେକାନନ୍ଦଙ୍କୁ ୧୯୦୦ ଖ୍ରୀଷ୍ଟାବ୍ଦରେ କାଲିଫର୍ଣ୍ଣିଆର ୟୁନିଟାରିଆନ୍ ଚର୍ଚ୍ଚଠାରେ ଶୁଣି ସାରିବାପରେ କହିଥିଲେ "Here is a man who knows what he is talking about. He is not repeating what some other person told him. He is not relating what he thinks. he is telling what he knows..........He is not a man, he is a God.......... To me he was a wonder and I followed him to any of the Bay citico where he spoke."

ଆଲେନଙ୍କର ଏହା କହିବା ଅର୍ଥ କେବଳ ସ୍ୱାମୀ ବିବେକାନନ୍ଦ ହିଁ ସେହି ଦିବ୍ୟଦ୍ରଷ୍ଟା ଅମୃତାନ ପୁରୁଷ ଯେ କେବଳ ନିଜର ବାକ୍ୟରେ ନୁହେଁ କର୍ମରେ, ସିଦ୍ଧିରେ ପ୍ରମାଣ କରିଛନ୍ତି, ଯାହା କହିଛନ୍ତି । ସେ ହିଁ ବର୍ତ୍ତମାନର ଯୁବ ସମାଜର ଆଦର୍ଶ । ସେ ହିଁ ତାରୁଣ୍ୟର Hero ! ସେହି କେବଳ ଦେଖାଇ ପାରିବେ ଉଦ୍‌ଭ୍ରାନ୍ତ, ପଥହରା, ଦିଗହରା ଯୁବକକୁ ପ୍ରକୃତ ରାସ୍ତା, ସେ ହିଁ ।

"Lead Kindly Light '
Lead Thou me on."

ତେଣୁ ସିଷ୍ଟର ନିବେଦିତା ନିଜ ଜୀବନରେ ଗ୍ରହଣ କରିଥିଲେ ବ୍ରତ । ଭାରତର ସମାଜ ମୋର ଶିଶୁ ଶଯ୍ୟା, ଭାରତର ମୃତ୍ତିକା ମୋର ସ୍ୱର୍ଗ, ମୋର ଯୌବନର ଉପବନ, ଭାରତର କଲ୍ୟାଣ ମୋର କଲ୍ୟାଣ" । ସେଇଥିପାଇଁ ସେ କହିଥିଲେ, "It was his character to which I had thins done abeisance."

ତେଣୁ ସିନା ସେହି ପରମପୁରୁଷ ଶ୍ରୀ ରାମକୃଷ୍ଣ କହିଥିଲେ, "ମୁଁ ବିଶ୍ୱର ଭରେ ନରେନ୍ଦ୍ର ହିଁ ଅମୃତର ପ୍ରତୀକ ।"

ଆଧୁନିକ ମଣିଷ ଆତ୍ମାର ଅନୁସନ୍ଧାନରେ ବ୍ୟସ୍ତ । ପ୍ରସିଦ୍ଧ ମନସ୍ତତ୍ତ୍ୱବିତ୍ କାର୍ଲ ଜୁଙ୍ଗ କହିଛନ୍ତି, "ଆମେ ଯେତେବେଳେ ଯୁବକ, ଆମର ମନ ବାହ୍ୟ ଚିନ୍ତାରେ ବ୍ୟସ୍ତ । ଆମେ ଏହି ପୃଥିବୀକୁ ଜୟ କରିବାକୁ ଇଚ୍ଛା କରୁ । ଏ ପୃଥିବୀରେ ମୋଟେ କିଛି କରି ଦେଖାଇବାର ଇଚ୍ଛା ଆମ ମନରେ ଆସେ । ଯାହାକୁ କୁହାଯାଏ "ଆଡଭେଞ୍ଚର" । ଯୁବକ ଯୁବତୀ ତରୁଣ ବୟସରେ ଶିକ୍ଷାପ୍ରାପ୍ତ ହୋଇ, ଲୋକମାନଙ୍କର ଭଲକରି, ଗଢିବାପରେ କିଛି ସୃଷ୍ଟି କରିବାକୁ ଇଚ୍ଛା କରନ୍ତି । ମାତ୍ର ଲକ୍ଷ୍ୟ ହାସଲ କରିବାର ଅର୍ଥ ନୁହେଁ ଆମେ କିଛି ପାଇବା । ତେଣୁ ମନରେ ସ୍ୱତଃ ପ୍ରଶ୍ନ ଆସେ—ଆମେ ପାଇଛୁ କ'ଣ ? ସବୁରେ କ'ଣ ପାଇଛୁ ? ନିଜର ପ୍ରକୃତିଗତ ଗୁଣକୁ କ'ଣ ଜାଣିଛୁ ? ଏହା କାର୍ଲଜୁଙ୍ଗ କହନ୍ତି ସଂସ୍କୃତି । ମଣିଷ ମନ ଭିତରର ସଂସ୍କୃତି, ଆତ୍ମାର ସଂସ୍କୃତି । ଯୁବ ସମାଜ ବର୍ତ୍ତମାନ କିଛି ପାଇବାର, କିଛି ହାସଲ କରିବାର ବାସ୍ତବତା ମଧ୍ୟରେ ନିଜ ନିଜକରେ ନିଜେ କ୍ଷୁବ୍ଧ । ମଣିଷର ମନ ବିଜ୍ଞାନମ୍ କଳିତ ହୋଇ ବା ହତୋତ୍ସର୍ଗ ମଧ୍ୟରେ ଗତି କରୁଛି । ବିଜ୍ଞାନର ସଫଳତା ମଣିଷ ମନରେ ଆଣି ଦେଇଛି ଅବାଞ୍ଛନୀୟ ଭୌତିକ ସୁଖ, ମାତ୍ର ଏହି ଭୌତିକ ସୁଖ ମଣିଷକୁ କେବଳ ଚିନ୍ତା ଆଣି ଦେଇଛି, ବାସ୍ତବ ଶୃଙ୍ଖଳରେ ରଖିଛନ୍ତି, ତାର ଚେତନାର ସୀମା ପର୍ଯ୍ୟନ୍ତ ବ୍ୟାପ୍ତ ହୋଇ ତାକୁ ନିଃଶେଷ କରି ଦେବାକୁ ବସିଛି । ଗୁରିଆଡ଼େ କେବଳ ଶୁଭୁଛି ଖାଁ ଖାଁ, ଅଭାବ–ଅଭାବ । ସତ୍ୟ ଶିବ ସୁନ୍ଦରର ଅନୁସନ୍ଧାନ ସହିତ । ବିଖ୍ୟାତ ଐତିହାସିକ ଆରନଲ୍ଡ଼ ଜେ. ଟୟନବି କହିଛନ୍ତି, "Today when the saviours with the sword like modern war-mongers and saviours with the pen, like modern socio-political philosophers have brought the world to the verge of a nuclear disaster, men have no other alternative but to turn to the saviour as son of God..........Ramakrishna—Vivekananda for finding the only way of survival."

"ତେଣୁ କେବଳ ଯୁବ ସମାଜର ଆଦର୍ଶ ସ୍ୱାମୀଜୀ ନୁହଁନ୍ତି, ବରଂ ସେ ହେଉଛନ୍ତି ସମଗ୍ର ବିଶ୍ୱର, ସମଗ୍ର ମଣିଷ ସମାଜର ଆଦର୍ଶ । କାରଣ ବର୍ତ୍ତମାନ ମଣିଷ ସମାଜ ଆବଶ୍ୟକ କରେ ମୁକ୍ତି ଓ ନିର୍ଭୀକତା, ସମସ୍ତ ଝଡ଼ଝଞ୍ଜା ମଧ୍ୟରେ ପରମାଣୁ ଯୁଦ୍ଧର ଅନିଶ୍ଚିତତା ମଧ୍ୟରେ, ମାନସିକ ଉଦ୍‌ଭ୍ରାନ୍ତି ମଧ୍ୟରେ ଆମେ ମୁକ୍ତ ହେବା ଉଚିତ । ହୃଦୟର କ୍ଷୁଦ୍ରତ୍ୱ, ଷଣ୍ଡତ୍ୱ ଓ ଦୁର୍ବଳତାକୁ ତ୍ୟାଗ କରିବାକୁ ହେବ । ମାତ୍ର ହୃଦୟ ସବୁବେଳେ ଭୟାର୍ତ୍ତ, ଉଦ୍‌ବିଗ୍ନ । କାରଣ କେବଳ ଜଣେ ଆତ୍ମଜ୍ଞାନ ମଣିଷ ଭୟଶୂନ୍ୟ । ଜଣେ ଭୟଶୂନ୍ୟ ମଣିଷ ଅନ୍ୟମାନଙ୍କ ପାଇଁ ଭୟ ଦୂର କରିବାର କେନ୍ଦ୍ର ବିନ୍ଦୁ ହୁଏ । ଜଣେ ବୁଦ୍ଧ, ଶଙ୍କର ଓ ବିବେକାନନ୍ଦ ଭୟ ରହିତ କାରଣ ସେମାନେ ଆତ୍ମଜ୍ଞାନ ସିଦ୍ଧ ।

ତେଣୁ ଜୋସେଫାଇନ୍ ମାକ୍‌ଲିଅଡ୍ କହିଛନ୍ତି, "I feel that Swamiji is a Rock for us to stand upon..........a steadiness under one's feet for experiments !" ସ୍ୱାମୀଜୀ ଯୁବ ସଂପ୍ରଦାୟକୁ ଆହ୍ୱାନ ଦେଇ କହିଛନ୍ତି, "ଏହି ଜୀବନରେ ହେଉ ବା ଅନ୍ୟ କୌଣସି ଜୀବନରେ ହେଉ ଦୁର୍ବଳର ସ୍ଥାନ ନାହିଁ, ଦୁର୍ବଳତା ହିଁ ଦାସତ୍ୱ ଆଣେ । ଦୁର୍ବଳତା ସବୁ ପ୍ରକାର ଶାରିରୀକ ଓ ମାନସିକ ଦୁଃଖର କାରଣ । ଦୁର୍ବଳତା ହିଁ ମୃତ୍ୟୁ । ଜୀବନର ଚରମ ସତ୍ୟ ହେଉଛି ଶକ୍ତି ହିଁ ଜୀବନ, ଦୁର୍ବଳତା ହିଁ ମୃତ୍ୟୁ । ଶକ୍ତି ହିଁ ସୁଖ ଓ ଆନନ୍ଦ, ଶକ୍ତି ଅନନ୍ତ ଓ ଅବିନଶ୍ୱର ଜୀବନ, ଦୁର୍ବଳତା ହିଁ ଅବିରାମ ଦୁଃଖ ଓ ଉଦ୍‌ବେଗର କାରଣ, ଦୁର୍ବଳତା ହିଁ ମୃତ୍ୟୁ ।" ପୁଣି ସ୍ୱାମୀଜୀ ସମସ୍ତଙ୍କୁ ଶିକ୍ଷା ଦେବାକୁ କହିଛନ୍ତି, "ଲୋକ ପିଲାଦିନରୁ ଶିକ୍ଷା ପାଏ ଯେ ସେ ଦୁର୍ବଳ ଓ ପାପୀ । ଜଗତ୍ ଏତଦ୍ରୂପ ଶିକ୍ଷା ଦ୍ୱାରା ଦିନକୁ ଦିନ ଦୁର୍ବଳରୁ ଦୁର୍ବଳତର ହୋଇଛି । ସେମାନଙ୍କୁ ଶିଖାଅ ଯେ, ସେମାନେ ସମସ୍ତେ ହିଁ ସେହି ଅମୃତର ସନ୍ତାନ—ଏପରିକି ଯେଉଁମାନଙ୍କ ଭିତରେ ଆତ୍ମାର ପ୍ରକାଶ ଅତ୍ୟନ୍ତ କ୍ଷୀଣ, ସେମାନଙ୍କୁ ମଧ୍ୟ ତାହା ଶିଖାଅ । ବାଲ୍ୟକାଳରୁ ହିଁ ସେମାନଙ୍କ ମସ୍ତିଷ୍କରେ ଏହିଭଳି ଚିନ୍ତା ପ୍ରବେଶ କରୁ, ଯାହା ସେମାନଙ୍କୁ ଯଥାର୍ଥ ସାହାଯ୍ୟ କରିବ, ଯାହା ସେମାନଙ୍କୁ ସବଳ କରିବ, ଯାହାଦ୍ୱାରା ସେମାନଙ୍କର ଯଥାର୍ଥ ହିତ ସାଧନ ହେବ । ଦୁର୍ବଳତା ଓ ଅବସାଦ ଦାୟକ ଚିନ୍ତା ଯେପରି ସେମାନଙ୍କ ମସ୍ତିଷ୍କରେ ପ୍ରବେଶ ନକରେ । ସଚ୍ଚିନ୍ତାରୂପକ ସ୍ରୋତରେ ନିଜକୁ ଭସାଇ ଦିଅ । ନିଜ ମନକୁ ସର୍ବଦା କହ "ସୋଽହଂ, ସୋଽହଂ", ଅର୍ଥାତ୍ ମୁଁ ସେହି । ମୁଁ ସେହି ।"

ତେଣୁ ସିନା ପାଇଥିଲେ ବିଖ୍ୟାତ ସାହିତ୍ୟିକ ଟଲଷ୍ଟୟ ବିବେକାନନ୍ଦଙ୍କ ବାଣୀ ଭିତରେ ମଣିଷର ସର୍ବଶ୍ରେଷ୍ଠ ଚିନ୍ତା । ପ୍ରଫେସର ଉଇଲିୟମ୍ ଜେମସ୍ ତାଙ୍କ ଗୁରୁଙ୍କର ବାର୍ତ୍ତାରେ ପାଇଥିଲେ, " "highest expressions of monistic vedanta " । ଭାରତ ସ୍ୱାଧୀନତା ସଂଗ୍ରାମର ଅଗଣିତ ସାଥି ଓ ସାରଥି ଗାନ୍ଧୀ, ରାଜାଜୀ, ସୁଭାଷ ଚନ୍ଦ୍ରଙ୍କଠାରୁ ଫାଶି ଖୁଣ୍ଟରେ ଚଢିଥିବା ଭଗତ ସିଂ ଓ ଅନ୍ୟାନ୍ୟ ମଣିଷମାନଙ୍କ ନିକଟରେ ସ୍ୱାମୀ ବିବେକାନନ୍ଦ ଥିଲେ ଅଗ୍ରଣୀ ସ୍ୱାଧୀନତାପ୍ରେମୀ ଯୋଦ୍ଧା ଏବଂ ଆଦର୍ଶ ଚରିତ୍ରର ପୁରୁଷ । ତେଣୁ ସିନା ସୁଭାଷ ଚନ୍ଦ୍ର କହିଥିଲେ, "ଯଦି ସେ ବଞ୍ଚିଥାନ୍ତେ, ତେବେ ମୁଁ ତାଙ୍କ ପାଦଯୁଗଳ ନିକଟରେ ବସିଥାନ୍ତି ।" ସ୍ୱପ୍ନଦ୍ରଷ୍ଟା ନେହେରୁ ତାଙ୍କର ସ୍ୱପ୍ନକୁ ସାକାର କରି ଏକ ତରୁଣ ଭାରତ ଦେଖିବାକୁ କହିଥିଲେ " ତାଙ୍କର ବାର୍ତ୍ତା ନିତ୍ୟନୂତନ । Thay are fresh even though you read them now." ତେଣୁ ସିନା ସେ ସିଦ୍ଧିମାନ ପ୍ରାପ୍ତ ମୃତ୍ୟୁର ଠିକ୍ ଦୁଇମାସ ପୂର୍ବରୁ କହିଥିଲେ, " "The spiritual impact that has come here to Belur will last fifteen hundred years—and this will be a great university, Donot think I imagine it. I see it." ତାହାହିଁ ସତ୍ୟ, ସେହି ବିରାଟ ବିଶ୍ୱବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ହେ ବରେଣ୍ୟ ସ୍ୱାମୀଜୀ, ତୁମେହିଁ କେବଳ ; ଆମ୍ଭେମାନେ ତୁମର ସନ୍ତାନ । ତରୁଣ ଯୁବକ ଦଳ । ତୁମେ ହିଁ ଆମର ଏକମାତ୍ର ଆଦର୍ଶ............ତୁମେ ହିଁ ଆମର ଆଲୋକ................ ତୁମେ ଅତୀତ, ଭବିଷ୍ୟତ ଓ ବର୍ତ୍ତମାନର । ତୁମେ କେବଳ ହିଁ ଯୁବମାନସକୁ ଆନ୍ଦୋଳିତ କରି ପାରିବ, ମନ୍ଥିତ କରି ପାରିବ, ନିରତାରେ ଢେଉ ସୃଷ୍ଟି କରି ସ୍ଥିରତା ଆଣି ପାରିବ ଏବଂ ଦୃପ୍ତ କଣ୍ଠରେ ଆହ୍ୱାନ ଦେଇ କହି ପାରିବ, "ଉତ୍ତିଷ୍ଠତ, ଜାଗ୍ରତ, ପ୍ରାପ୍ୟବରାନ୍ ନିବୋଧତ", ତବ ଦିବସରେ ଉଦ୍‌ଭ୍ରାନ୍ତ, ଦିଗହରା ଯୁବ ସମାଜର ସାଷ୍ଟାଙ୍ଗ ପ୍ରଣିପାତ ସ୍ୱୀକାର କର ।

କାନାରା ବ୍ୟାଙ୍କ, ଭୁବନେଶ୍ୱର


# ଉତ୍କଳ ପ୍ରସଙ୍ଗ ଓ ଓଡ଼ିଶା ରିଭ୍ୟୁ ବିକ୍ରୟ ପାଇଁ ଏଜେଣ୍ଟ ଆବଶ୍ୟକ

ସୂଚନା ଓ ଲୋକ ସଂପର୍କ ବିଭାଗ, ଓଡ଼ିଶା ସରକାର, ଭୁବନେଶ୍ୱର ତରଫରୁ ପ୍ରତି ମାସରେ ଉତ୍କଳ ପ୍ରସଙ୍ଗ ଓ ଓଡ଼ିଶା ରିଭ୍ୟୁ ପ୍ରକାଶ ପାଇ ଆସୁଅଛି । ଉକ୍ତ ପତ୍ରିକା ଦ୍ୱୟ ଓଡ଼ିଶାବାସୀଙ୍କର ଅତି ପରିଚିତ । ଏହାର ବହୁଳ ପ୍ରସାର ନିମନ୍ତେ ଏଜେଣ୍ଟ ନିଯୁକ୍ତି କରିବା ଦରକାର ପଡୁଛି । ଏଜେଣ୍ଟମାନେ ଶତକଡ଼ା ୨୫ କମିଶନ ପାଇବେ ଓ ସରକାରଙ୍କ ସାଙ୍ଗରେ ଏକ ଚୁକ୍ତିପତ୍ର ସ୍ୱାକ୍ଷର କରିବେ । ୧୨୫ ଟଙ୍କା ଅମାନତ ଦେବାକୁ ହେବ । ପତ୍ରିକାର ମୂଲ୍ୟରୁ ଶତକଡ଼ା ୨୫ ବାଦ ଦେଇ ପୁରା ଟଙ୍କା ଦାଖଲ କରି ଉକ୍ତ ବିଭାଗର କେନ୍ଦ୍ରୀୟ ଭଣ୍ଡାରରୁ ପତ୍ରିକା ପାଇ ପାରିବେ । ଆବଶ୍ୟକତାକୁ ଦୃଷ୍ଟିରେ ରଖି ପତ୍ରିକା ନେବାକୁ ହେବ କାରଣ ବିକ୍ରି ନ ହୋଇ ପାରିବା ପତ୍ରିକା ଫେରସ୍ତ ନିଆ ଯିବ ନାହିଁ । ସବିଶେଷ ବିବରଣୀ ପାଇଁ ଉପ-ନିର୍ଦ୍ଦେଶକ ତଥା ଉପଶାସନ ସଚିବ, ସୂଚନା ଓ ଲୋକ ସଂପର୍କ ବିଭାଗ, ଭୁବନେଶ୍ୱର–୭୫୧୦୦୧ ସଙ୍ଗେ ସାକ୍ଷାତ କରନ୍ତୁ ।

**ଫଣୀ ଭୂଷଣ ଦାସ**
ନିର୍ଦ୍ଦେଶକ ତଥା ଅତିରିକ୍ତ ଶାସନ ସଚିବ
ସୂଚନା ଓ ଲୋକ ସଂପର୍କ ବିଭାଗ

# ସ୍ତନ୍ୟପାୟୀ ପ୍ରାଣୀମାନଙ୍କର ଅବଦାନ

ଅଧ୍ୟାପକ ପ୍ରଫୁଲ୍ଲ କୁମାର ମହାନ୍ତି

ପୃଥିବୀ ଉପରିସ୍ଥ ଉଦ୍ଭିଦ ଓ ପ୍ରାଣୀ ସମୂହହିଁ ପ୍ରକୃତି । ମନୁଷ୍ୟ ଏହି ପ୍ରକୃତିର ସର୍ବୋତ୍କୃଷ୍ଟ ପ୍ରାଣୀ ଯେ କି ଉଦ୍ଭିଦ ଓ ପ୍ରାଣୀମାନଙ୍କ ଉପରେ ସଂପୂର୍ଣ୍ଣ ଭାବରେ ନିର୍ଭରଶୀଳ । ଏପରିକି ଉଦ୍ଭିଦ ଓ ପ୍ରାଣୀ ଭିନ୍ନ ଭିନ୍ନ ବଂଚିବା ଅସମ୍ଭବ ଅର୍ଥାତ୍ ଉଦ୍ଭିଦ ବିନା ପ୍ରାଣୀ ବା ପ୍ରାଣୀ ବ୍ୟତିରେକେ ଉଦ୍ଭିଦମାନଙ୍କର ସତ୍ତା ଅସମ୍ଭବ । ଆଶ୍ଚର୍ଯ୍ୟର କଥା ଆମର ଏ ବିସ୍ମୟପୂର୍ଣ୍ଣ ଜଗତରେ ବିଭିନ୍ନ ପ୍ରକାର ପ୍ରାଣୀ ଦୃଷ୍ଟିଗୋଚର ହୁଅନ୍ତି । ଛୋଟ ହେଉ ବା ବଡ଼ ହେଉ ପ୍ରାଣୀମାନେ ମନୁଷ୍ୟର ଉପକାରରେ ଆସିଥାଆନ୍ତି । ସେଥିପାଇଁ ବହୁ ପ୍ରାଚୀନ କାଳରୁ ପ୍ରାଣୀ ପୂଜା ପ୍ରଚଳିତ ହୋଇ ଆସୁଅଛି । ତାହାର କାରଣ କେବଳ ହିଁ ପ୍ରାଣୀମାନଙ୍କର ଉପକାର । ପୃଥିବୀ ଉପରେ ଯେତେ ପ୍ରାଣୀ ଦେଖାଯାଉଛନ୍ତି ସେମାନଙ୍କ ମଧ୍ୟରେ ସ୍ତନ୍ୟପାୟୀ ପ୍ରାଣୀମାନଙ୍କର ଅବଦାନ ବଡ଼ ଗୁରୁତ୍ୱପୂର୍ଣ୍ଣ ।

ତେବେ ସ୍ତନ୍ୟପାୟୀ କଣ ? ଯେଉଁ ପ୍ରାଣୀ ସ୍ତନରୁ କ୍ଷୀର ପାନକରି ବଢ଼ନ୍ତି ସେମାନେ ସ୍ତନ୍ୟପାୟୀ ଭାବରେ ପରିଚିତ । ମାଆ ପେଟରୁ ଜନ୍ମହେବା ମାତ୍ରେ ସ୍ତନ ପାନ ସେମାନଙ୍କର ଗୋଟିଏ ମୁଖ୍ୟ ଲକ୍ଷଣ । ମନୁଷ୍ୟ, ଗାଈ, ଛେଳି, ବାଘ, ହାତୀ, ମୂଷା, ତିମିମାଛ ଓ ଉଡ଼ନ୍ତା ବାଦୁଡ଼ି ଆଦି ସମସ୍ତେ ସ୍ତନ୍ୟପାୟୀ ଶ୍ରେଣୀରେ ଅନ୍ତର୍ଭୁକ୍ତ । ତିନୋଟି ଗୁଣରେ ଏମାନଙ୍କୁ ବାହ୍ୟାକୃତିରୁ ଜଣାଯାଏ । ସେଗୁଡ଼ିକ ହେଲା – ଦେହ ଉପରିସ୍ଥ ଲୋମ, ବାହ୍ୟ କର୍ଣ୍ଣ ଓ ସ୍ତନ । ବର୍ତ୍ତମାନ କେତେକ ନିର୍ଦ୍ଦିଷ୍ଟ ସ୍ତନ୍ୟପାୟୀ ପ୍ରାଣୀମାନଙ୍କର ଭୂମିକା ସଂପର୍କରେ ଆଲୋଚନା କରାଯାଉ ।

ପ୍ରଥମେ ଦେଖାଯାଉ କସ୍ତୁରୀମୃଗ (Musk deer) । ଏହା ଏକ କ୍ଷୁଦ୍ର ହରିଣ । ଉଚ୍ଚତା ପ୍ରାୟ ୨୦ ଇଞ୍ଚ । କାଶ୍ମୀର, ନେପାଳ ଓ ସିକିମ୍ ଇତ୍ୟାଦି ସ୍ଥାନ ଏମାନଙ୍କର ବିଭୂତି ଏବଂ ଘାସ, ପତ୍ର ଓ ଫୁଲ ଇତ୍ୟାଦି ଏମାନଙ୍କର ଆହାର । ଏମାନଙ୍କର ବିଶେଷତ୍ୱ ହେଉଛି ଦେହରେ ଥିବା କସ୍ତୁରୀଗ୍ରନ୍ଥି (Musk gland) । ଏହି ଗ୍ରନ୍ଥିରୁ କସ୍ତୁରୀ ନାମକ ଏକ ସୁଗନ୍ଧ ମୂଲ୍ୟବାନ ବସ୍ତୁ ସଂଗ୍ରହ କରାଯାଇଥାଏ । ଏ ଗ୍ରନ୍ଥିକ କସ୍ତୁରୀର ବିକ୍ରୟ ମୂଲ୍ୟ ଗ୍ରାମକୁ ପ୍ରାୟ ୨୫ ଡଲାରରୁ ଅଧିକ । ବିଦେଶରେ ବେଲୁଜିସ୍ତାନ ଅଞ୍ଚଳର କସ୍ତୁରୀ ମୃଗର କସ୍ତୁରୀ ସବୁଠାରୁ ମୂଲ୍ୟବାନ । ସୁଗନ୍ଧ ଦ୍ରବ୍ୟ ବ୍ୟତୀତ ଔଷଧ ଭାବରେ ଏହା ମଧ୍ୟ ବ୍ୟବହୃତ ହୋଇଥାଏ । ଭାରତରେ ପ୍ରାୟ ୧୪୮ ପ୍ରକାର କବିରାଜୀ ଔଷଧ କସ୍ତୁରୀରୁ ପ୍ରସ୍ତୁତ କରାଯାଇଥାଏ । ଉପଦଂଶ, ହୃଦରୋଗ ତଥା ମୃଗୀ ରୋଗ ପାଇଁ ଏହା ଏକ ଅବ୍ୟର୍ଥ ଔଷଧ । ଆନ୍ତର୍ଜାତିକ ବଜାରରେ ଏହାର ମୂଲ୍ୟ କିଲୋ ପ୍ରତି ୫୦,୦୦୦ ଡଲାର ।

ତା'ପରେ ଦେଖିବା ପଶୁରାଜ । ଅବଶ୍ୟ ସିଂହକୁ ପଶୁରାଜ କୁହାଗଲେ ବି ପ୍ରାଣୀବିଜ୍ଞାନବିତ୍ E.P.Gee ଙ୍କ ମତରେ ପଶୁରାଜ ହେଉଛି ଗଣ୍ଡା । ଏହା ୪ର୍ଥ ବୃହତ୍ତମ ସ୍ଥଳଚର ସ୍ତନ୍ୟପାୟୀ । ଲମ୍ବରେ ପ୍ରାୟ ୧୧ଫୁଟ ଓ ଉଚ୍ଚତା ୫ଫୁଟ ୮ ଇଞ୍ଚ । ପୃଥିବୀରେ ଦେଖାଯାଉଥିବା ୫ ପ୍ରକାର ଗଣ୍ଡା ମଧ୍ୟରୁ ଦୁଇ ପ୍ରକାର ଆଫ୍ରିକାରେ ଓ ୩ ପ୍ରକାର ଏସିଆରେ ଦେଖା ଯାଆନ୍ତି । ଏସିଆରେ ଦେଖାଯାଉଥିବା ଗଣ୍ଡାଗୁଡ଼ିକ ଭାରତରେ ମଧ୍ୟ ଦୃଷ୍ଟିଗୋଚର ହୋଇଥାଏ । ବାହ୍ୟାକୃତି ମଧ୍ୟରେ ଗଣ୍ଡାର ବିଶେଷତ୍ୱ ହେଉଛି ଶିଙ୍ଗ (Horn) ଯାହାର କି ଅନେକ ଔଷଧଗୁଣ ରହିଛି । ପୂର୍ବ ଏସିଆରେ ଆଗ କାଳରେ ଏକ ବିଶ୍ୱାସ ଥିଲା ଯେ ଗଣ୍ଡା ଶିଙ୍ଗରେ ନିର୍ମିତ ପାନପାତ୍ରରେ ପାନୀୟ ପରଷିଲେ, ସେଥିରେ ଥିବା ବିଷଯୋଗୁ ପାତ୍ର ଫାଳ ହୋଇଯିବ । ସେଥିପାଇଁ ରାଜପ୍ରାସାଦମାନଙ୍କରେ ଗଣ୍ଡା ଶିଙ୍ଗ ନିର୍ମିତ ପାନପାତ୍ର ବ୍ୟବହାର ହେଉଥିଲା । ଗଣ୍ଡାର ଗୋଟିଏ ଶିଙ୍ଗର ମୂଲ୍ୟ ବର୍ତ୍ତମାନ ୩୦,୦୦୦ ଡଲାରରୁ ଅଧିକ । ବର୍ତ୍ତମାନ ଦେଖାଯାଇଛି ଯେ ଗଣ୍ଡାର ପରିସ୍ରା (Urine) ଆଜମା ରୋଗର ଏକମାତ୍ର ଔଷଧ ।

ବଜ୍ରକାପ୍ତା (Pangolin) କଥା ସମସ୍ତେ ଶୁଣିଥିବେ । ଏମାନେ ଆଫ୍ରିକା, ଭାରତ, ମାଳୟ, ଚୀନ୍ ଇତ୍ୟାଦି ଦେଶରେ ବାସ କରନ୍ତି । ଲମ୍ବରେ ପ୍ରାୟ ୨ ୧/୨ ଫୁଟ ଓ ଉଚ୍ଚତା ୧ ୧/୨ ଫୁଟ । ଦେହସାରା ମୋଟାମୋଟା କାତିରେ ଆବୃତ ହୋଇଥିବାରୁ ଏହା ପ୍ରାଣୀଜଗତର ଏକ ବିସ୍ମୟ । ଶତ୍ରୁ ମୁଖରୁ ନିଜକୁ ରକ୍ଷା କରିବା ପାଇଁ ନିଜେ ନିଜ ଦେହକୁ କୁଣ୍ଡଳ ଆକାର କରି ପଡ଼ିଥାଏ । ଏମାନଙ୍କର କାତି ଅର୍ଶରୋଗ ପାଇଁ ଲାଗିଥାଏ ବୋଲି ଅନେକ ଦିନରୁ ବିଶ୍ୱାସ ରହିଛି ।

ଜଳଚର ସ୍ତନ୍ୟପାୟୀ ଆଉ ଏକ ଆଶ୍ଚର୍ଯ୍ୟ । ସେଇମାନେ ହେଉଛନ୍ତି ତିମିମାଛ (Whales) ଓ ଶିଶୁମାର (Dolphins) । ପ୍ରକୃତରେ ଏମାନେ ମାଛ ନୁହଁନ୍ତି; ହେଉଛନ୍ତି ସ୍ତନ୍ୟପାୟୀ । ଏମାନଙ୍କର ଚର୍ମତଳେ ମୋଟା ଚର୍ବି (Blubber) ଥିବାରୁ ଦେହ ମଧ୍ୟସ୍ଥ ତାପ ନିୟନ୍ତ୍ରିତ ହୋଇଥାଏ ଓ ଏତଦ୍ବ୍ୟତୀତ ଚର୍ବି ମଧ୍ୟ ପାଣିରେ ଭାରସାମ୍ୟରେ ସାହାଯ୍ୟ କରିଥାଏ । ଜୀବଜଗତରେ ଏହା ସବୁଠାରୁ ବୃହତ୍ତମ ଜୀବ । ବଞ୍ଚନ୍ତି ପ୍ରାୟ ୫୦ ବର୍ଷ । ଏମାନେ ଖୁବ୍ ଚତୁର, ସାଧୁ ତଥା ଅତିଥି ପରାୟଣ ଏବଂ ବଂଧୁପ୍ରିୟ ମଧ୍ୟ । ଏମାନଙ୍କର ଚର୍ବି ବହୁତ କାର୍ଯ୍ୟରେ ବ୍ୟବହୃତ ହୋଇଥାଏ । ଜାପାନୀମାନେ ଏ ତେଲକୁ ଜମିରେ ଅନିଷ୍ଟକାରୀ କୀଟମାନଙ୍କୁ ମାରିବା ପାଇଁ ବ୍ୟବହାର କରୁଛନ୍ତି । ଏହା ବ୍ୟତୀତ

ଜାପାନୀମାନେ ମଧ୍ୟ ଜଲ୍, ନାଇଲନ୍, ସାର, ଜିଲାଟିନ୍ ଇତ୍ୟାଦି ମଧ୍ୟ ପ୍ରତିର୍ବିରୁ ପ୍ରସ୍ତୁତ କରୁଛନ୍ତି । ଏହାର ଯକୃତ୍ (Liver)ରୁ ପ୍ରଚୁର ପରିମାଣରେ ଜୀବସାର 'କ' (vitamin-A) ମିଳିଥାଏ ।

ତା'ପରେ ଶାଳିଆପତନି ଓ କଟାଶ ଆଦି ରାତ୍ରିଚର ପ୍ରାଣୀମାନଙ୍କୁ ଅନେକ ଦେଖି ନଥିଲେ ମଧ୍ୟ ଶୁଣିଥିବେ ନିଶ୍ଚୟ । ଭାରତ ତଥା ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ଏମାନେ ଦେଖାଯାଆନ୍ତି । ଜଙ୍ଗଲ, ମନୁଷ୍ୟ ବାସସ୍ଥାନ ବା କ୍ଷେତ ଏମାନଙ୍କ ବାସସ୍ଥଳୀ । ଲମ୍ବ ପ୍ରାୟ ୩ ଫୁଟରୁ ଅଧିକ ଓ ଓଜନ ୩-୪ କି:ଗ୍ରା: । ଏମାନେ ଯେଉଁ ରାସ୍ତାଦେଇ ଯାତାୟତ କରନ୍ତି, ଅନେକ ସମୟ ପର୍ଯ୍ୟନ୍ତ ସେଠାରେ ଏକ ପ୍ରକାର ଗନ୍ଧ ରହିଯାଏ – ତେଣୁ ସେମାନେ ପରସ୍ପରଙ୍କୁ ଚିହ୍ନିବା ସମ୍ଭବପର ହୋଇଥାଏ । ଆତ୍ମରକ୍ଷା ପାଇଁ କୌଣସି ଉପାୟ ନଥିଲେ ଏମାନଙ୍କ ବଂଶର କେତେକ ଦେହରୁ ଏକ ପ୍ରକାର ଉଦ୍‌ବାୟୀ (volatile) ହଳଦିଆ ପଦାର୍ଥ ନିସୃତ କରି ଶତ୍ରୁ ଉପରକୁ ନିକ୍ଷେପ କରିଥାଆନ୍ତି । ଏମାନେ ଗୁଣ୍ଡୁଚି ମୂଷାମାନଙ୍କୁ ଆହାର କରିବା ଫଳରେ ନଡ଼ିଆ ତଥା ଅନ୍ୟାନ୍ୟ ଫଳ ଗଛର ବିଶେଷ କ୍ଷତି ଘଟି ନଥାଏ । ଏମାନଙ୍କ ଗନ୍ଧଗ୍ରନ୍ଥିରୁ ସଂଗୃହୀତ ଗନ୍ଧଦ୍ରବ୍ୟ ବିଭିନ୍ନ ପ୍ରକାର ସୁବାସ ଅତର ପ୍ରସ୍ତୁତିରେ ଲାଗିଥାଏ । ଏହା ବ୍ୟତୀତ ମଳଦ୍ୱାର ନିକଟସ୍ଥ ଏହି ଗ୍ରନ୍ଥିରୁ ଗନ୍ଧକୁ ସଂଗ୍ରହ କରି ଏକ ପ୍ରକାର ତୈଳ ପ୍ରସ୍ତୁତ କରାଯାଏ । ଯାହାକି ଅନେକ ପ୍ରକାର ଚର୍ମ ରୋଗରେ ବ୍ୟବହୃତ ହୋଇଥାଏ ।

ଆଉ ହାତୀ ଅତି ଜଣାଶୁଣା । ଏମାନେ ଲମ୍ବରେ ପ୍ରାୟ ୮ ୧/୨ଫୁଟରୁ ୯ ୧/୨ ଫୁଟ ଓ ଉଚ୍ଚତା ପ୍ରାୟ ୮ରୁ ୧୦ ଫୁଟ ପର୍ଯ୍ୟନ୍ତ ହୋଇଥାଏ । ସ୍ଥଳଚର ପ୍ରାଣୀମାନଙ୍କ ମଧ୍ୟରେ ହାତୀ ସବୁଠାରୁ ବୃହତ୍ତମ । ସମଗ୍ର ପୃଥିବୀରେ ଦୁଇଟି ଜାତିର ହାତୀ ଦେଖାଯାଆନ୍ତି – ଗୋଟିଏ ହେଲା ଭାରତୀୟ ଓ ଆଉ ଗୋଟିଏ ହେଲା ଆଫ୍ରିକୀୟ । ହାତୀ ଶକ୍ତିଶାଳୀ ଯୋଗୁଁ ଭାରବାହୀ ପଶୁ ହିସାବରେ ବ୍ୟବହାର କରାଯାଇଥାଏ । ମାତ୍ର ଆଶ୍ଚର୍ଯ୍ୟର ବିଷୟ ଯେ ବର୍ମାର ଲୋକମାନେ ହାତୀମାଂସ ଖାଉଥାଆନ୍ତି । ହାତୀ ଗୋଡ଼ର ଚମଡାରେ ବସିବା ଗଦି ତିଆରି କରାଯାଏ, ଦାନ୍ତରେ ଗହଣା ଓ ଅନେକ ବ୍ୟବହାର୍ଯ୍ୟ ସୌଖିନ ଦ୍ରବ୍ୟ ମଧ୍ୟ ପ୍ରସ୍ତୁତ ହୋଇଥାଏ । ଦିଲ୍ଲୀ, ମୁର୍ଶିଦାବାଦ, ମହୀଶୂର ଓ ତ୍ରିବାଙ୍କୋରର ହାତୀ ଦାନ୍ତକାମ ପୃଥିବୀ ପ୍ରସିଦ୍ଧ ।

ଏସବୁ ମୁଖ୍ୟ ସ୍ତନ୍ୟପାୟୀମାନଙ୍କ ବ୍ୟତୀତ ଆହୁରି ଅନେକ ସ୍ତନ୍ୟପାୟୀ ଅଛନ୍ତି ଯେଉଁମାନେ ଆମକୁ ପରୋକ୍ଷରେ ସାହାଯ୍ୟ କରନ୍ତି । ପ୍ରାଣୀଜଗତ୍ ଏପରି ସୃଷ୍ଟି ହୋଇଛି ଯେ ଗୋଟିଏକୁ ବାଦ ଦେଲେ ବା ଗୋଟିଏ ଶ୍ରେଣୀ ପ୍ରାଣୀକୁ ଲୋପ କରିଦେଲେ ଅନ୍ୟ ଶ୍ରେଣୀର ପ୍ରାଣୀ ବଞ୍ଚିବା କଷ୍ଟ । ସେଥିପାଇଁ ପ୍ରତ୍ୟେକ ପ୍ରାଣୀ ପରସ୍ପର ଉପରେ ନିର୍ଭରଶୀଳ ଭାବରେ ରହି ଜୀବସଂତୁଳନକୁ ଠିକ୍ ରଖିଛନ୍ତି । କୌଣସି ପ୍ରାଣୀକୁ ମାରିଦେଲେ ଅସୁବିଧା ହେବ ବୋଲି ପୁରାକାଳରୁ ବିଭିନ୍ନ ପ୍ରାଣୀମାନଙ୍କୁ ଠାକୁର ଠାକୁରାଣୀଙ୍କ ବାହନ ରୂପେ ଅବସ୍ଥାପିତ କରିଛନ୍ତି ।

ଏବେ ମନୁଷ୍ୟ ସହରାଞ୍ଚଳର ଉନ୍ନତିକରି ଜଙ୍ଗଲ କ୍ଷୟକରି ଜୀବ ଶିକାର ଦିଗରେ ଆପ୍ରାଣ ଚେଷ୍ଟିତ । ମନୁଷ୍ୟ ପ୍ରାଣୀଜଗତ ବା ପରିବେଶର ଏକ ମୁଖ୍ୟ ଅଂଗ । ସେ ଯଦି ଅଜ୍ଞତାବଶତଃ ଏପରି ପ୍ରାଣୀମାନଙ୍କୁ ଲୋପ କରିବାକୁ ବସେ ବା ହତ୍ୟା କରି ଗ୍ରଲେ ତେବେ ପ୍ରାଣୀମାନେ ଆଉ କିଛି ବର୍ଷପରେ ହୁଏତ ଲୋକଲୋଚନକୁ ଆସି ନପାରେ । ଅବଶ୍ୟ ହତ୍ୟା ଫଳରେ ଏବଂ ଜଙ୍ଗଲ ସଫାକରିବା ଯୋଗୁ ଅନେକ ପ୍ରାଣୀ ଆଉ ନାହାନ୍ତି । ତେଣୁ ଲୋପପାଇବା ପୂର୍ବରୁ ଆମ ସରକାର ଜଙ୍ଗଲ ବିଭାଗର ଉନ୍ନତି କରିବା ସଙ୍ଗେ ସଙ୍ଗେ ଜୀବଜନ୍ତୁମାନଙ୍କର ଉପଯୁକ୍ତ ସୁରକ୍ଷା ଓ ସଂରକ୍ଷଣ ଦିଗରେ ବର୍ତ୍ତମାନ ସୁଚିନ୍ତିତ । ବର୍ତ୍ତମାନ ଉପଯୁକ୍ତ ନିୟମ ପ୍ରଣୟନ ଯୋଗୁ ଅନେକ ପ୍ରାଣୀକୁ ମାରିବା ନିଷେଧ ବୋଲି ଘୋଷଣା କରାଯାଇଛି ।

ଏହାକୁ ଲକ୍ଷ୍ୟ ରଖି ଜୀବହତ୍ୟା ବନ୍ଦକରି ସେମାନଙ୍କ ବଂଶକୁ ରକ୍ଷା କରିବା ସଙ୍ଗେ ସଙ୍ଗେ ସେମାନଙ୍କ ବଂଶର ଅଭିବୃଦ୍ଧି ଦିଗରେ ଆଲୋକପାତ କରିବା ଏକାନ୍ତ ବାଞ୍ଛନୀୟ । ପ୍ରାଣୀମାନେ ଯାହାହେଲେ ବି ଆମର ଉପକାର କରନ୍ତୁ ବା ନାହିଁ ଜୀବଜଗତରେ ଜୀବସଂତୁଳନ ଠିକ୍ ରଖିବାରେ ଗୁରୁତ୍ୱସ୍ଥାନ ଅଧିକାର କରିଛନ୍ତି । ସେଥିରୁ ସ୍ପଷ୍ଟ ଅନୁମେୟ ଯେ ମନୁଷ୍ୟମାନଙ୍କ ପ୍ରତି ତାଙ୍କର ଅବଦାନ ବଡ ମହତ୍ତ୍ୱପୂର୍ଣ୍ଣ । ବାସ୍ତବିକ ସେମାନଙ୍କୁ ପୂଜାକରିବା ହି ଥିଲା ଉଲ୍ଲେଖଯୋଗ୍ୟ । ତେଣୁ ମନୁଷ୍ୟ ଯେହେତୁ ପରିବେଶ ବା ପାରିପାର୍ଶ୍ୱର ଏକ ଅଂଗ ବା ପାରିପାର୍ଶ୍ୱର ଏକ କ୍ଷୁଦ୍ରଅଂଶ ବିଶେଷ ସେ ନିଜେ ନିଜର ଚତୁଃପାର୍ଶ୍ୱକୁ ଠିକ୍‌ରଖିବା ଏକାନ୍ତ ବିଧେୟ । ଏହାଦ୍ୱାରା ନିଜେ ଠିକ୍ ରହିବା ସଙ୍ଗେ ସଙ୍ଗେ ନିଜ ବାତାବରଣକୁ ଠିକ୍ ରଖି ପାରିବ ।

ସ୍ନାତକୋତ୍ତର ପ୍ରାଣୀବିଜ୍ଞାନ ବିଭାଗ ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାର
ଭୁବନେଶ୍ୱର-୭୫୧୦୦୪ ।





# ଓଡ଼ିଶାର ବନ୍ୟପ୍ରାଣୀ

ଶ୍ରୀ ଶରତ କୁମାର ମିଶ୍ର

ଆରଣ୍ୟକ ସୌନ୍ଦର୍ଯ୍ୟ ବିମଣ୍ଡିତ ଉତ୍କଳ ଭୂମି ଏକଦା ଥିଲା ବନ୍ୟଜନ୍ତୁଙ୍କର ବିହାର ସ୍ଥଳୀ । କେବଳ ଫଳ ପୁଷ୍ପଭରା ବୃକ୍ଷରାଜି ଦ୍ୱାରା ଯେ ଅରଣ୍ୟର ସୌନ୍ଦର୍ଯ୍ୟ ବୃଦ୍ଧି ପାଇଥାଏ ଏହା ପ୍ରତ୍ୟେକ ଅସ୍ୱୀକାର କରିବେ । ଅରଣ୍ୟର ପ୍ରକୃତ ସୌଷ୍ଠବତା ତଥା ସୌନ୍ଦର୍ଯ୍ୟ ବୃଦ୍ଧି ସେଥିରେ ନିର୍ଭୟରେ ବିଚରଣ କରୁଥିବା ବିରାଟ ତୃଣଭୋଜୀ ଓ ମାଂସାଶୀ ପ୍ରାଣୀ ସମୂହ ଓ ସେମାନଙ୍କର କ୍ରୀଡ଼ା କୌତୁକ ଦ୍ୱାରା । କିନ୍ତୁ ନାହିଁ ଆଜି ପୂର୍ବକାଳର ସେହି ଘଞ୍ଚ ଅରଣ୍ୟ କିମ୍ବା ସେଥିରେ ନିର୍ଭୟରେ ଭ୍ରମଣ କରୁଥିବା ପ୍ରାଣୀ ଓ ପଶୁପକ୍ଷୀ ସମୂହ । ଭାରତ ସମଗ୍ର ପୃଥିବୀରେ ଦୁଇଭାଗ ସ୍ଥଳଭାଗ ଅଧିକାର କରୁଥିଲେ ମଧ୍ୟ ସମଗ୍ର ପୃଥିବୀର ଶତକଡା ପାଞ୍ଚଭାଗ ପ୍ରାଣୀ ଜଗତ ଏଠାରେ ବାସ କରନ୍ତି । କାରଣ ପୃଥିବୀରେ ଦେଖାଯାଉଥିବା ୨,୫୦,୦୦୦ ପ୍ରକାର ଜୀବ ଜଗତ ମଧ୍ୟରୁ ୧୫,୦୦୦ ପ୍ରକାର ଜୀବ, ୧,୫୦,୦୦୦ ପ୍ରକାର ପ୍ରାଣୀଜଗତ ମଧ୍ୟରୁ ୭୫,୦୦୦ ପ୍ରକାର ପ୍ରାଣୀ କେବଳ ଭାରତବର୍ଷରେ ଦେଖାଯାନ୍ତି । ଏହାଛଡ଼ା ୨,୧୦୦ ପ୍ରକାର ପକ୍ଷୀ ମଧ୍ୟ ଭାରତ ଭୂଖଣ୍ଡରେ ଦେଖାଯାଇଥାନ୍ତି । ଆଜିର ଅରଣ୍ୟକୁ ଲକ୍ଷ୍ୟ କଲେ ଦେଖାଯିବ ଯେ, ଜୀବ ଜଗତ ଓ ପ୍ରାଣୀ ଜଗତ କିପରି ଭାବରେ ହ୍ରାସ ପାଉଛି । କାରଣ ଭାରତର ଶତକଡା ୧୦ ଭାଗ ପ୍ରାଣୀ ବର୍ତ୍ତମାନ ନିଶ୍ଚିହ୍ନ ହେବା ପଥରେ ।

ମାତ୍ର ଜଙ୍ଗଲର ହ୍ରାସ ଫଳରେ ଜନ୍ତୁମାନଙ୍କର ସଂଖ୍ୟା ଯେ ଅନେକ ପରିମାଣରେ ହ୍ରାସ ହୋଇଛି, ଏଥିରେ ସନ୍ଦେହ ନାହିଁ । ଜଙ୍ଗଲର ଆକାର ଶତକଡା ୫୦ ଭାଗ ସଂକୁଚିତ ହେବା ସଙ୍ଗେ ସଙ୍ଗେ ଉପସ୍ଥିତ ଜଙ୍ଗଲଗୁଡ଼ିକ ମଧ୍ୟ ପ୍ରାକୃତିକ ସ୍ନିଗ୍ଧତା ବିହୀନ ଓ ରୁକ୍ଷ ହୋଇ ପଡ଼ିବା ଫଳରେ ଜନ୍ତୁମାନଙ୍କର ସଂଖ୍ୟା ମଧ୍ୟ ଶତକଡା ୭୫ ଭାଗ କମିଯାଇଛି । ଯାହାଫଳରେ ଆଜି ବାଘ, ହାତୀ, କଲରାପତରିଆ ବାଘ, କୃଷ୍ଣସାର ଇତ୍ୟାଦି ଗଣିହେଲା ଭଳି ସଂଖ୍ୟାରେ ହୋଇପଡ଼ିଛି । କାରଣ ଆଗକାଳରେ ଗୋଟିଏ ଗୋଟିଏ ଶିକାରୀ ଯେତିକି ବାଘ, ହରିଣ, ଗଣ୍ଡା, [illegible] ଓ ବିଭିନ୍ନ ପ୍ରକାର ପକ୍ଷୀ ଶିକାର କରିପାରୁଥିଲେ ଆଜି ସେତିକି ସମସ୍ତ ଭାରତବର୍ଷରେ ଦେଖାଯିବା ସମ୍ଭବ ହେଉନାହିଁ । ଗତ ୮୦ ବର୍ଷ [illegible] ୨୫ ନିୟୁତ ହେକ୍ଟର ଭୂମି ଜଙ୍ଗଲ Mangrove Forest [illegible] କେବଳ ୧୯୫୧ ରୁ ୧୯୭୨ ମଧ୍ୟରେ ୩.୪ ନିୟୁତ [illegible] ଜଙ୍ଗଲ, କୃଷି ଜମି, ରାସ୍ତା ଓ ଶିଳ୍ପ ଗଠନରେ ନଷ୍ଟ [illegible] ଏକମାତ୍ର କାରଣ କହିଲେ ଅତ୍ୟୁକ୍ତି [illegible]

ଜୀବଜନ୍ତୁଙ୍କର ହ୍ରାସ ଦ୍ୱାରା ଯେ କେବଳ ଜଙ୍ଗଲର ସୌନ୍ଦର୍ଯ୍ୟ କ୍ଷୁର୍ଣ୍ଣ ହେଉଛି ତାହା ନୁହେଁ, ସ୍ୱାଭାବିକ ଜୀବନଯାତ୍ରା ମଧ୍ୟରେ ଜୀବଜନ୍ତୁଙ୍କର ଆବଶ୍ୟକତା କେତେ ଯେ ଅଧିକ ଆଉ ତାହାର ଅଭାବ ସମସ୍ତେ କେତେ ପରିମାଣରେ ଉପଲବ୍ଧି କରିପାରୁଛନ୍ତି ତାହା ନିଶ୍ଚୟ ଅନୁଭବ କରିପାରୁଥିବେ । ଅତୀତ ସହିତ ବର୍ତ୍ତମାନକୁ ଯଦି ତୁଳନା କରାଯାଏ ତାହେଲେ ଜଣାଯାଏ ସତେ ଯେପରି କର୍ପୂର ଉଡ଼ି ଯାଇଛି ଓ ପଡ଼ି ରହିଛି କନା ।

ପ୍ରାକୃତିକ ସୌନ୍ଦର୍ଯ୍ୟ ମଧ୍ୟରେ ଜୀବଜନ୍ତୁମାନଙ୍କର ସ୍ୱାଚ୍ଛନ୍ଦ୍ୟ ବିହାର ଦିନେ କବି, ଭାବୁକ ଓ ଲେଖକମାନଙ୍କ ମଧ୍ୟରେ ଭାବାନ୍ତର ସୃଷ୍ଟି କରିପାରୁଥିଲା, ଆଜି ତା'ର ଦୟନୀୟ ଅବସ୍ଥା ଦେଖିଲେ ମନୁଷ୍ୟର କ୍ରୁର, ନିଷ୍ଠୁର ପ୍ରକୃତି ଉପରେ ଘୃଣା ଆସିଯାଏ । ଯେଉଁଠାରେ ଦିନେ ଘଞ୍ଚ ଅରଣ୍ୟ ମଧ୍ୟରେ ସିଂହ, ବ୍ୟାଘ୍ର, ହସ୍ତୀ, ଅରଣା ମଇଁଷି, ଅନ୍ୟାନ୍ୟ ପଶୁପକ୍ଷୀ ଓ ସରିସୃପମାନଙ୍କର ପ୍ରାଚୁର୍ଯ୍ୟ ଦେଖିବାକୁ ମିଳୁଥିଲା ଆଜି ସେଠାରେ ସାମାନ୍ୟ ଶୃଗାଳଟିଏ ଦେଖିବା ମଧ୍ୟ ସ୍ୱପ୍ନ ହୋଇ ଉଠୁଛି । କେବଳ ଆଧୁନିକ ଯୁଗରେ ନୁହେଁ, କେଉଁ ପୌରାଣିକ ଯୁଗରୁ ବନ୍ୟଜନ୍ତୁମାନେ ସେମାନଙ୍କର ଶ୍ରେଷ୍ଠତ୍ୱ ପ୍ରତିପାଦିତ କରି ଆସୁଅଛନ୍ତି । ଆବଶ୍ୟକତା ଦୃଷ୍ଟିରୁ ବନ୍ୟଜନ୍ତୁମାନେ ଯେତିକି ଉପାଦେୟ, ପୌରାଣିକ ଦିଗରୁ ଦୃଷ୍ଟିପାତ କଲେ ସେମାନେ ସେତିକି ଭକ୍ତିଯୋଗ୍ୟ । ଶକ୍ତିଦାୟିନୀ ଦୁର୍ଗା ପଶୁରାଜ ସିଂହ ଉପରେ, କାର୍ତ୍ତିକ, ମୟୂର ବାହନରେ, ବିଷ୍ଣୁ ଗରୁଡ଼ ବାହନରେ, ଯମରାଜ ମହିଷ ବାହନରେ, ବାଗ୍‌ଦେବୀ ସରସ୍ୱତୀ ହଂସ ବାହନରେ, ଧନଦାୟିନୀ ଲକ୍ଷ୍ମୀ ପେଚା ଓ ହସ୍ତୀ ମଧ୍ୟରେ ଚିହ୍ନେ କରିଥାନ୍ତି । ମହାଦେବଙ୍କ ଗଳାରେ ସର୍ପର ଆସନ ସର୍ବଦା ପରିଲକ୍ଷିତ ହୋଇଥାଏ ।ଏ ସବୁ ଦୃଷ୍ଟିରୁ ପୌରାଣିକ ଯୁଗରେ ପଶୁପକ୍ଷୀମାନଙ୍କ ପ୍ରତି ଦେବାଦେବୀଙ୍କର ଆଗ୍ରହ ସହଜରେ ଅନୁମେୟ ।

ଏହା ବ୍ୟତୀତ ଗଛଟିଏ ଯେପରି ମାନବ ସମାଜର ଜୀବ ପରିପୁଷ୍ଟ କରିଥାଏ ଅଙ୍ଗାରକାମ୍ଳ ଗ୍ରହଣ କରି ଓ ଅମ୍ଳଜାନ ତ୍ୟାଗ କରି ଠିକ୍ ସେହିପରି ପ୍ରତ୍ୟେକ ପଶୁପକ୍ଷୀଙ୍କର ଭୂମିକା ମାନବ ସେବା ଦିଗରେ ମଧ୍ୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ବିଶେଷକରି ପ୍ରାକୃତିକ ଖାଦ୍ୟରେ ପ୍ରତିପାଳିତ ହେଉଥିବା ଏହି ବନ୍ୟପ୍ରାଣୀଙ୍କର ପ୍ରତ୍ୟେକ ଅଂଶ ମଧ୍ୟ ମାନବ ସମାଜର ହିତରେ ବ୍ୟବହୃତ ହୋଇଥାଏ । ଯଥା ଗଣ୍ଡାର ମାଂସ, ମୁଣ୍ଡ ଓ ଖଡ୍ଗ, କୃଷ୍ଣସାର, କସ୍ତୁରୀମୃଗ, କୁମ୍ଭୀର ଛାଲ ଓ ତେଲ, ମୃଗ, ସମ୍ବର, ଗୟଳ ଓ ସିଂହ ଇତ୍ୟାଦିର ମୂଲ୍ୟ ଦେଶ ବିଦେଶରେ କିଛି କମ୍ ନୁହେଁ ।

ଏପରିକି ଏ ବନ୍ୟଶ୍ୱାନ ଦ୍ୱାରା ପଥଭ୍ରାନ୍ତ ପଥିକ ପଥପ୍ରାପ୍ତ ହୋଇଥାଏ । ପେଚା ଦିନକୁ ୫୦୦ ମୂଷା, ଫ୍ଲେମିଂଗୋ ନିଜ ଓଜନର ପୋକ ଖାଇ କି ଉପକାର ନ କରନ୍ତି ? ତେଣୁ ବିଗ୍ରହହୀନ ଶିକାରପ୍ରିୟ ତଥା ମନୁଷ୍ୟର ମାନସିକତାହୀନ କର୍ମଯୋଗୁଁ ଯଦି ଏହି ବନ୍ୟ ଜନ୍ତୁମାନେ କାଳକ୍ରମେ ଲୋପପାଇବାକୁ ବସିବେ ତେବେ ମନୁଷ୍ୟ ଥରେ ଯେଉଁ ପଶୁସଂପଦ ହରାଇ ବସିବ ତାହା ଆଉ କୌଣସି ପ୍ରକାରେ ପାଇବା କିମ୍ବା ସୃଷ୍ଟି କରିବା ଅସମ୍ଭବ ହୋଇପଡ଼ିବ । ଯଥା ଚିତାବାଘ, Pink headed Duck ଆଉ ଦେଖିବାକୁ ମିଳୁନାହିଁ । ଏହି କାରଣରୁ ଏହାର ସଂରକ୍ଷଣ ଆବଶ୍ୟକତା ଆଜି ଅତ୍ୟନ୍ତ ଜରୁରୀ ହୋଇପଡ଼ିଛି ।

କିନ୍ତୁ ସ୍ରଷ୍ଟା ହିଁ ତ ସୃଷ୍ଟିକର୍ତ୍ତା । ଯେଉଁ ଧ୍ୱଂସକୁ ମନୁଷ୍ୟ ଆଜି ନିଜେ ଆହ୍ୱାନ କରିଛି ତାହାର ସୃଷ୍ଟିସେ ଚାହିଁଲେ ନିଶ୍ଚୟ କରିପାରିବ ।

ଦଣ୍ଡିବା ଶକ୍ତି ଯାର ଥାଇ,
ସେ ପୁଣି କ୍ଷମା ଆଚରଇ ।

ତେଣୁ ଏହି ଯେଉଁ କ୍ଷୟ ଘଟୁଛି, ବା ଯେଉଁ ପ୍ରାଣୀ ଆଜି ନିଶ୍ଚିହ୍ନ ହେବା ଉପରେ, ସେମାନଙ୍କର ରକ୍ଷଣାବେକ୍ଷଣ ଓ ଉନ୍ନତି କିପରି କରାଯାଇପାରିବ ତାହାର ଚେଷ୍ଟା ଆଜି ଡେରିରେ ହେଲେ ମଧ୍ୟ ଅନୁଭୂତ ହୋଇଛି ।

ପ୍ରାକୃତିକ ପରିବେଶ ମଧ୍ୟରେ ଜୀବଜନ୍ତୁ ବୃଦ୍ଧିକରି ଲୋପ ପାଇଯାଇଥିବା ଜୀବଜନ୍ତୁଙ୍କର ପୁନରୁଦ୍ଧାର କରିବା ପାଇଁ ଆଜି ସମସ୍ତେ ଚେଷ୍ଟିତ । ତେଣୁ ସୃଷ୍ଟି କରାଯାଉଛି Biosphere Reserve, National Park (ଜାତୀୟ ଉଦ୍ୟାନ), Sanctuary (ଅଭୟାରଣ୍ୟ), Project Tiger (ବ୍ୟାଘ୍ର ସଂସ୍ଥାନ) ଓ ପ୍ରାଣୀ ଉଦ୍ୟାନ (Zoological Park) ଏହା ଯେ କେବଳ ବନ୍ୟ ପ୍ରାଣୀଙ୍କ ନିମନ୍ତେ ଉଦ୍ଦିଷ୍ଟ ତାହା ନୁହେଁ । ଏହା ସମଗ୍ର ପ୍ରାଣୀ ଜଗତ ତଥା ବିଭିନ୍ନ ବୃକ୍ଷଲତା, ଗୁଳ୍ମ, ବୁଦା, ପୋକଯୋକ, ସରୀସୃପ, ପ୍ରାଣୀ, ପଶୁପକ୍ଷୀ, ଫଳ, ପୁଷ୍ପ ଓ ସର୍ବୋପରି ପ୍ରାକୃତିକ ସୌନ୍ଦର୍ଯ୍ୟ ପାଇଁ ଉଦ୍ଦିଷ୍ଟ ।

ଏଥିନିମିତ୍ତ ପ୍ରାଦେଶିକ ସ୍ତରରେ ଓଡ଼ିଶାର ବନ ବିଭାଗ ଅଧୀନରେ ବନ୍ୟଜନ୍ତୁ ସଂରକ୍ଷଣ ବିଭାଗ ଏକ ସ୍ୱତନ୍ତ୍ର ସଂସ୍ଥା ରୂପେ ପରିଚାଳିତ ହେଉଛି ୧୯୭୬ ମସିହାରୁ । ଏଥିପାଇଁ ଜଣେ ପୂର୍ଣ୍ଣ ସମୟ ଅତିରିକ୍ତ ମୁଖ୍ୟ ବନ ସଂରକ୍ଷକ (ବନ୍ୟପ୍ରାଣୀ) Addl. C.C.F, ଜଣେ କ୍ଷେତ୍ର ପରିଚାଳକ (Field Director) ୬ ଜଣ ବନ୍ୟପ୍ରାଣୀ ଖଣ୍ଡୀୟ ଅଧିକାରୀ (D.F.O. (Wild life)) ପଦ ସୃଷ୍ଟି କରାଯାଇଛି । ଅନ୍ୟାନ୍ୟ ନିମ୍ନପଦସ୍ଥ କର୍ମଚାରୀ ନିଯୁକ୍ତି ପାଇଅଛନ୍ତି ।

ପୃଥିବୀ ସ୍ତରରେ World W.L. Fund ଗଠିତ ହେବା ପରେ ଭାରତରେ I.B.W.L ଗଠିତ ହେଲା / ୧୯୫୨ ମସିହାରେ ଦ୍ୱିତୀୟ ମହାସମର ପରେ ପରେ । ତାପରେ ଜିଆଇ ହୋଇପଡ଼ିଲା National Park ଓ Sanctuary, I.B.W.L ପ୍ରସ୍ତାବ ଅନୁଯାୟୀ ୧୯୭୨ ରେ ସର୍ବ ଭାରତୀୟ ସ୍ତରରେ ପ୍ରକାଶ ପାଇଲା Wildlife Protection Act 1972. ତଦନୁଯାୟୀ ବର୍ତ୍ତମାନ ସୁଦ୍ଧା ଭାରତରେ ୫୩ଟି National Park ଓ ୨୪୭ଟି ଅଭୟାରଣ୍ୟ ସୃଷ୍ଟି ହେଲା ଯେଉଁମାନଙ୍କର କ୍ଷେତ୍ରଫଳ ୯୦,୦୦୦ ବର୍ଗକିଲୋମିଟର ଏବଂ ଏହା ସମଗ୍ର ଭାରତବର୍ଷର ଶତକଡା ୩ ଭାଗ ଓ ଜଙ୍ଗଲର ଶତକଡା ୧୨ ଭାଗ । ସେଥିପାଇଁ ଖର୍ଚ୍ଚ ହେଲା ୫ମ ପଞ୍ଚବାର୍ଷିକ ଯୋଜନାରେ ୧୮.୪ କୋଟି ଓ ୬ଷ୍ଠ ପଞ୍ଚବାର୍ଷିକ ଯୋଜନାରେ ୪୦ କୋଟି ଟଙ୍କା ।

ସେହିପରି ଓଡ଼ିଶାରେ ଗଠିତ ହେଲା State Wildlife Advisory Board ଓ ପ୍ରକାଶ ପାଇଲା Wildlife Protection Rules ୧୯୭୪ ମସିହାରେ । ସରକାରୀ ଓ ବେସରକାରୀ ବ୍ୟକ୍ତିଙ୍କୁ ନେଇ ଗଢା ହୋଇଥିବା S.W.A. Board ସରକାରଙ୍କୁ ପ୍ରସ୍ତାବ ଦେଲେ National Park, Sanctuary ଓ Project Tiger ନିମିତ୍ତ । ଫଳରେ ବର୍ତ୍ତମାନ ସୁଦ୍ଧା ଓଡ଼ିଶାରେ ନିୟମିତ ଭାବେ ଗୋଟିଏ National Park (୮୪୫.୧୦ ବର୍ଗ କି:ମି: କ୍ଷେତ୍ରଫଳ ବିଶିଷ୍ଟ) ୧୪ଟି ଅଭୟାରଣ୍ୟ (୪୯୯୫.୧୦ ବର୍ଗ କି:ମି: କ୍ଷେତ୍ରଫଳ ବିଶିଷ୍ଟ) ସୃଷ୍ଟି ହୋଇଛି । ଏହି ସୃଷ୍ଟି ହୋଇଥିବା ଜାତୀୟ ଉଦ୍ୟାନ ଓ ଅଭୟାରଣ୍ୟର କ୍ଷେତ୍ରଫଳ ମିଶି ୫୮୪୦୫.୧୦ ବର୍ଗ କି:ମି: ଓ ଏହା ସମଗ୍ର ଓଡ଼ିଶାର ଭୌଗୋଳିକ କ୍ଷେତ୍ରଫଳର ଶତକଡା ୩.୭୪ ଭାଗ ଏବଂ ଜଙ୍ଗଲ କ୍ଷେତ୍ରଫଳର ଶତକଡା ୯.୭୩ ମାତ୍ର । ଏହା ବ୍ୟତୀତ ପ୍ରସ୍ତାବିତ ୮ ଗୋଟି ଅଭୟାରଣ୍ୟର ଆୟତନ ୨,୧୭୭ ବର୍ଗ କି:ମି: ଏବଂ ଏହା ଯୋଗ ହେବା ପରେ ତାହାର ଆୟତନ ବୃଦ୍ଧି ହେବ ଯଥାକ୍ରମେ ଶତକଡା ୫.୧୪ ଓ ୧୨.୩୬ ଭାଗକୁ ।

ଏହା ବ୍ୟତୀତ ୩ ପ୍ରକାରର ୩ ଗୋଟି କୁମ୍ଭୀର ଗବେଷଣା କେନ୍ଦ୍ର ଡାଙ୍ଗମାଳ, ଟିକରାପଡା, ଓ ରାମତୀର୍ଥଠାରେ ପ୍ରତିଷ୍ଠିତ କରାଯାଇଛି । ଗୋଟିଏ କଇଁଛ ଗବେଷଣା କେନ୍ଦ୍ର ଗହିରମଥା ଓ ନୂଆନଈ ଠାରେ, ନନ୍ଦନକାନନରେ ପ୍ରାଣୀ ଉଦ୍ୟାନ, ସିଂହସଫାରୀ, ମୃଗ ସଫାରୀ, ଚନ୍ଦକାରେ ଗଜବିହାର ଓ କପିଳାସ, ମୋତିଝରଣ, ହରିଶଙ୍କର ଓ କୁଆଁରିଆଠାରେ ୪ଗୋଟି ମୃଗବିହାର ସୃଷ୍ଟି ହୋଇଅଛି । ଆଉମଧ୍ୟ ଅନ୍ୟାନ୍ୟ ଅଭୟାରଣ୍ୟ ସହିତ ତିନିଗୋଟି ମୃଗବିହାର ପ୍ରତିଷ୍ଠା କରାଯିବାର ପ୍ରସ୍ତାବ ରହିଛି ।ଏଥିନିମିତ୍ତ ଗତ ୬ଷ୍ଠ ପଞ୍ଚବାର୍ଷିକ ଯୋଜନାରେ ୪,୬୩,୪୩,୯୩୫ ଟଙ୍କା ଖର୍ଚ୍ଚ ହୋଇଥିବାସ୍ଥଳେ ୭ମ ପଞ୍ଚବାର୍ଷିକ ଯୋଜନାରେ ୧୭,୬୫,୦୦୦ ଟଙ୍କା ଖର୍ଚ୍ଚ କରିବାର ପ୍ରସ୍ତାବ କରାଯାଇଛି । ଚଳିତ ୮୫-୮୬ ବର୍ଷ ପାଇଁ ରାଜ୍ୟ ସରକାର ୭୦ ଲକ୍ଷ ଓ କେନ୍ଦ୍ର ସରକାର ୨୭ ଲକ୍ଷ ଟଙ୍କା ଦେବା ପାଇଁ ସ୍ୱୀକୃତି ପ୍ରଦାନ କରିଛନ୍ତି । ମାତ୍ର ଏ ଖର୍ଚ୍ଚ ସମୁଦାୟ ଜଙ୍ଗଲ ବିଭାଗ ବ୍ୟୟର ମାତ୍ର ଶତକଡା ୧୨ ଅଂଶ ।

ଆମମାନଙ୍କର ଜ୍ଞାନ ବନ୍ୟଜନ୍ତୁ ବିଷୟରେ ସୀମିତ, ତେଣୁ ଏହାର ବିଶେଷ ତଥ୍ୟ ସଂଗ୍ରହ ପାଇଁ ଅନେକ ପ୍ରକାର ବ୍ୟବସ୍ଥା କରାଯାଇଛି । ଗବେଷଣା କେନ୍ଦ୍ରରେ ଅଭିଜ୍ଞ ବ୍ୟକ୍ତିଙ୍କୁ ନିଯୁକ୍ତି ଦେଇ ନୂତନ ତଥ୍ୟର ଆଦାନ ପ୍ରଦାନ ଦେଶ ବିଦେଶ ସହିତ କରାଯାଉଛି । ଏ ସମ୍ବନ୍ଧରେ ଜ୍ଞାନ ବିସ୍ତାର ପାଇଁ ସ୍କୁଲ, କଲେଜ ମାଧ୍ୟମରେ, ଚଳଚିତ୍ର ମାଧ୍ୟମରେ କାଗଜ ଓ ପତ୍ରିକା ସାହାଯ୍ୟରେ ପ୍ରତ୍ୟେକ ଲୋକଙ୍କୁ ଅବିଦିତ କରାଯାଉଛି । ବର୍ତ୍ତମାନ ବାଘ, ହାତୀ ଗଣିବା ଓ ଚଢେଇମାନଙ୍କର ଗତିବିଧି ଲକ୍ଷ୍ୟକରିବା ମନୁଷ୍ୟ ପକ୍ଷରେ ସମ୍ଭବ ହୋଇପାରିଛି । ଗତ ୧୯୭୯ ହାତୀ ଗଣନା ଅନୁଯାୟୀ ଓଡ଼ିଶାର ୨,୦୪୪ଟି ହାତୀ ଓ ୧୯୮୪ ଗଣନା ଅନୁଯାୟୀ ୨୦୧ ଟି ବାଘ ଓଡ଼ିଶାରେ ଅଛନ୍ତି । Bombay Natural History Society ଦ୍ୱାରା ୧୯୮୪ରେ ଚିଲିକାରେ ପକ୍ଷୀଦ୍ୱାରାଲକ୍ଷ୍ୟ କରାଯାଇଛି ଯେ ଏଠାରେ ୮୪ ପ୍ରକାର ସ୍ଥାନୀୟ ପକ୍ଷୀ ଓ ୧୪ ପ୍ରକାର ବିଦେଶୀ ପକ୍ଷୀ ଦେଖାଯାଇଥାନ୍ତି । ଏମାନଙ୍କ ମଧ୍ୟରୁ ଅନେକ ସୁଦୂର ସାଇବେରିଆ ୬,୦୮୦ କିଲୋମିଟର ଦୂରରୁ ମଧ୍ୟ ଆସିଥାନ୍ତି । ଆମର ନନ୍ଦନକାନନରେ ମଧ୍ୟ ଘଡ଼ିଆଳ ଛୁଆ, ଚିତ୍ରୁଆବାଘ ଛୁଆ ଓ ଧଳା ବାଘ କୃତ୍ରିମ ବେଡ ମଧ୍ୟରେ ଜନ୍ମଦେବା କମ୍ ବାହାଦୁରୀ ନୁହେଁ । ତେଣୁ ପରିବେଶ ସୃଷ୍ଟି କଲେ ଅନେକ କିଛି ସମ୍ଭବ ମଧ୍ୟ ହୋଇପାରିବ । ସମସ୍ତେ ଏହାର ଉପାଦେୟତା ଉପଲବ୍ଧି କରି ଉତ୍ତରୋତ୍ତର ଉନ୍ନତିରେ ସାହାଯ୍ୟ କରିବା ଉଚିତ୍ ।

ଆଜି ଏହି ପ୍ରାଣୀ ଜଗତର ବିଲୋପର କାରଣ ହେଉଛି ଜଙ୍ଗଲ ବିନିଷ୍ଟର କାରଣ । ମାନବ ସମାଜର ଜନସଂଖ୍ୟା ବୃଦ୍ଧି, ଜମିହୀନଙ୍କ ପାଇଁ ସ୍ଥାନ, ସ୍ଥାନ ଉପଯୋଗୀ ଜମିର ସୃଷ୍ଟି, ଶିଳ୍ପ ସଂସ୍ଥାର ଅଭିବୃଦ୍ଧି, ଜଳବିଦ୍ୟୁତ୍ ତଥା କୃଷି ଉପଯୋଗୀ ଜଳଭଣ୍ଡାର ସୃଷ୍ଟି, ଶରଣାର୍ଥୀମାନଙ୍କ ଥଇଥାନ, ଶିଳ୍ପ ପାଇଁ ଗଢି ଉଠୁଥିବା ଛୋଟ ବଡ ସହର, କେନାଲ ଓ ସର୍ବୋପରି ଖଣିଜ ସଂପଦର ସଂଗ୍ରହ, ଉଭୟ ବନ୍ୟସଂପଦ ଓ ବନ୍ୟପ୍ରାଣୀ ବିଲୋପର

ପ୍ରଧାନ କାରଣ । ଭାରତରେ ୧୯୫୧ ରୁ ୧୯୭୨ ମଧ୍ୟରେ ୩.୪ ନିୟୁତ ହେକ୍ଟର ଜଙ୍ଗଲ କେବଳ, ସ୍ବଷ୍ଣଭୂମି, ରାସ୍ତା ଓ ଶିଳ୍ପ ପାଇଁ ନଷ୍ଟ ହୋଇ କ୍ଷତିଗ୍ରସ୍ତ ହେଉଥିଲେ ମଧ୍ୟ ଛାଣି ନ ଛାଣିଲା ପରି, ଶୁଣି ନଶୁଣିଲା ପରି ଓ ଦେଖି ନଦେଖିଲା ପରି ଅତି ନିଷ୍ଠୁର ଭାବରେ ଏହାର ବିଲୋପ ସାଧନ କରିବା ପାଇଁ ପଶ୍ଚାତ୍‌ପଦ ହେଉନାହାନ୍ତି ।

ଆଜି ଏହି ଯେଉଁ ଅହିଂସାଭାବ ଆମ ମଧ୍ୟରେ ଜାଗ୍ରତ ହେଉଛି ସେହି ଉଦ୍ଦେଶ୍ୟରେ ଆସନ୍ତୁ ଆମେ ସମସ୍ତେ ଜାତିଭେଦ ଭୁଲି ସମଷ୍ଟିଗତ ଭାବରେ କି ଛାତ୍ର, କି କର୍ମଚାରୀ, କି କୃଷକ, କି ରାଜନୈତିକ ସମସ୍ତେ ଏହି ଶପଥ ନେବା ଯେ ଯେଉଁ ନିରୀହ ପ୍ରାଣୀ କାହାର କ୍ଷତି କରିବା ପରିବର୍ତ୍ତେ ମନୁଷ୍ୟର ଉପକାର ସାଧନ କରିଥାଏ ଓ ଯାହାର ବଂଶବୃଦ୍ଧି ଓ ଲାଳନପାଳନ କେବଳ ଭଗବାନଙ୍କ ଉପରେ ଓ ଏହି ବିଶ୍ବଦ୍ବାରରେ ଓ ଯାହାର ତିଷ୍ଠି ରହିବାର ହକ୍ ଦାବୀ ଥିଲେ ମଧ୍ୟ ପ୍ରକାଶ କରିବା ଶକ୍ତିହୀନ ସେହି କୋମଳମତି ପ୍ରାଣୀମାନଙ୍କର ଉନ୍ନତି ପଥରେ ସମସ୍ତେ ଲାଗିପଡ଼ିବା ଓ ଆମର ଅଗକାଳରେ ଦେଖାଯାଉଥିବା ସମସ୍ତ ଜୀବଜନ୍ତୁ ଫେରାଇ ଆଣିବା । ତାହାହେଲେ ଯାଇ ଆମେ ଜାଣିବା ଆମେ ଆମର ମନୁଷ୍ୟ ଜୀବନ ସାର୍ଥକ କରିଛୁ । ସେଥିନିମିତ୍ତ ଆଜି ଏମାନଙ୍କର ସୁରକ୍ଷା ନିତାନ୍ତ ଆବଶ୍ୟକ ।

ସରକାରୀ ବନ ସଂରକ୍ଷକ
ଭୁବନେଶ୍ୱର ।

● ଉଠ ଏବଂ ତୁମର ମନୁଷ୍ୟତ୍ୱ ପ୍ରଦର୍ଶନ କର,..........କିନ୍ତୁ ପ୍ରଭୁତ୍ୱ–ସୂତ୍ରରେ ନୁହେଁ, କୁସଂସ୍କାରାଚ୍ଛନ୍ନ ଜନିତ ବ୍ୟାଧିଗ୍ରସ୍ତ ଅହଙ୍କାର ଦ୍ୱାରା ନୁହେଁ, ପ୍ରାଚ୍ୟ ଓ ପାଶ୍ଚାତ୍ୟର ଅପକ୍ୱଜ୍ଞାନର ପରାକ୍ରମତାରେ ନୁହେଁ–କେବଳ ମାତ୍ର ସେବକ ଭାବରେ ।

ବିବେକାନନ୍ଦ

● ସ୍ୱତନ୍ତ୍ର ସୁବିଧା ଭୋଗ କରିବାର ଚିନ୍ତା ମନୁଷ୍ୟ-ଜୀବନର କଳଙ୍କ ସ୍ୱରୂପ । ..........ସ୍ୱାଧିକାରର ଧାରା ଯେତେବେଳେ ଭାଙ୍ଗିଯାଏ, ସେତେବେଳେ ଜାତୀୟ ଜୀବନରେ ଦେଖାଦିଏ ଅଧିକତର ଦ୍ୟୁତି ଓ ପ୍ରଗତି । ..........ସ୍ୱାଧିକାର ଆଦୌ କାହାରି ପାଇଁ ନୁହେଁ ।

ବିବେକାନନ୍ଦ



'ନାସରେ' ଖୋର୍ଷିନ ରହେଥା ସଙ୍ଗିନୀ



# ସ୍ୱାମୀଜୀଙ୍କ ସଂପର୍କରେ ସେମାନେ....



ଆଜି (୧୯୨୩ ମସିହା) ସ୍ୱାମୀ ବିବେକାନନ୍ଦଙ୍କ ଜନ୍ମୋତ୍ସବ ଦିବସ ପାଳିତ ହେଉଅଛି । ଏହି ଉପଲକ୍ଷେ ମୁଁ ସ୍ୱାମୀଜୀଙ୍କ ପୁଣ୍ୟ ସ୍ମୃତି ପ୍ରତି ମୋର ଶ୍ରଦ୍ଧା ଓ ସମ୍ମାନ ନିବେଦନ କରିବାକୁ ଏଠାକୁ (ବେଲୁଡ଼ ମଠ) ଆସିଅଛି । ତାଙ୍କର ରଚନାବଳୀ ମୁଁ ଅଭିନିବେଶ ସହକାରେ ଅଧ୍ୟୟନ କରିବାପରେ ମୋର ସ୍ୱଦେଶ ପ୍ରେମ ସହସ୍ର ଗୁଣ ବର୍ଦ୍ଧିତ ହୋଇଅଛି । ଏହି ସ୍ଥାନ ସ୍ୱାମୀ ବିବେକାନନ୍ଦଙ୍କର କର୍ମକ୍ଷେତ୍ର ଏବଂ ଏଠାରେ ସେ ଦେହରକ୍ଷା କରିଥିଲେ । ସମବେତ ଯୁବକଗଣଙ୍କୁ ମୋର ଅନୁରୋଧ ଯେ ସେମାନେ ଏହି ସ୍ଥାନର ମାହାତ୍ମ୍ୟଦ୍ୱାରା ଅନୁପ୍ରାଣିତ ହୋଇଯାଆନ୍ତୁ, ରିକ୍ତହାତେ ଯାଆନ୍ତୁ ନାହିଁ ।

—ମହାତ୍ମା ଗାନ୍ଧୀ

ଗୁରୁଦେବ (ଶ୍ରୀ ରାମକୃଷ୍ଣ)ଙ୍କ ଦ୍ୱାରା ବୀର-ହୃଦୟ ସ୍ୱାମୀ ବିବେକାନନ୍ଦ ଯେତେବେଳେ ସମଗ୍ର ପୃଥିବୀକୁ ଦୁଇବାହୁରେ ଧାରଣ କରି ତହିଁରେ ଏକ ଯୁଗାନ୍ତର ଆଣିବା ସକାଶେ ଯୋଗ୍ୟ ବୋଲି ବିବେଚିତ ହୋଇଥିଲେ ଏବଂ ସେହି ଉଦ୍ଦେଶ୍ୟରେ ଅଭିଯାନରେ ବାହାରିଥିଲେ, ସେତେବେଳେ ଏହା ସମଗ୍ର ଜଗତରେ ପ୍ରଥମରେ ସ୍ପଷ୍ଟ ସୂଚିତ ହେଲା ଯେ ଭାରତ ଜାଗ୍ରତ ରହିଅଛି । କେବଳ ଯେ ଜୀବିତ ରହିବ ତା ନୁହେଁ, ଜଗତକୁ ଜୟ କରିବ ।

ଯଦି କେହି ମହାଶକ୍ତିମାନ ପୁରୁଷ ବିଦ୍ୟମାନ ଥିଲେ ତେବେ ସେ ହେଉଛନ୍ତି ସ୍ୱାମୀ ବିବେକାନନ୍ଦ—ପୁରୁଷସିଂହ । ଆମ୍ଭେମାନେ ପ୍ରତ୍ୟକ୍ଷ କରୁଅଛୁ ଯେ ତାଙ୍କର ପ୍ରଭାବ ଅଦ୍ୟାବଧି ବ୍ୟାପକ ଭାବରେ କ୍ରିୟାଶୀଳ । ତାହା କି ପ୍ରକାରେ ଏବଂ କେଉଁଠାରେ କାର୍ଯ୍ୟ କରୁଅଛି ସମ୍ୟକ୍ ଭାବରେ ଆମ୍ଭମାନଙ୍କୁ ଜଣାନାହିଁ । ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ରୂପାୟିତ ହୋଇନାହିଁ । ଏହି ମହାନ, ଶକ୍ତିଶାଳୀ, ସ୍ୱତଃସ୍ଫୂର୍ତ୍ତ, ଉଚ୍ଛ୍ୱସିତ ପ୍ରଭାବ ଭାରତ ଆତ୍ମାକୁ ଉଦ୍ଦୀପିତ କରିଅଛି । ଜଗତ୍‌ବାସୀ ଅବଲୋକନ କରନ୍ତୁ । ବିବେକାନନ୍ଦ ଦେଶ ଜନନୀ ଓ ତାଙ୍କର ସନ୍ତାନଗଣଙ୍କ ହୃଦୟରେ ଅଦ୍ୟାପି ବିଦ୍ୟମାନ ।

—ଶ୍ରୀ ଅରବିନ୍ଦ

ବିବେକାନନ୍ଦ କହିଛନ୍ତି ଯେ ପ୍ରତ୍ୟେକ ମନୁଷ୍ୟ ସତ୍ତାରେ ବ୍ରହ୍ମଶକ୍ତି ବିଦ୍ୟମାନ ଏବଂ ନାରାୟଣ ଦରିଦ୍ର ଓ ବଞ୍ଚିତ ରୂପରେ ଆମ୍ଭମାନଙ୍କର ସେବା ପ୍ରତ୍ୟାଶା କରୁଅଛନ୍ତି । କି ଅପୂର୍ବ ବାଣୀ ! ଏହା ମାନବର ଚେତନା ରାଜ୍ୟରେ ତାହାର ସ୍ୱାର୍ଥର କ୍ଷୁଦ୍ରତା ଓ ବନ୍ଧନରୁ ଅନନ୍ତ ମୁକ୍ତିର ପଥକୁ ଆଲୋକିତ କରୁଅଛି । ଏହା କୌଣସି ବିଶେଷ ଆଚରଣ ବିଧିର ନୈତିକ ନିର୍ଦ୍ଦେଶ ନୁହେଁ, ଆମ୍ଭମାନଙ୍କର ଆଚରଣକୁ ଶୃଙ୍ଖଳିତ କରିବା ଉଦ୍ଦେଶ୍ୟରେ ଏହା କୌଣସି ସଂକୀର୍ଣ୍ଣ ବିଧାନ ନୁହେଁ । ଏହି ବାଣୀରେ ଅସ୍ପୃଶ୍ୟତା ପ୍ରଥାର ବିରୋଧ ନିହିତ ରହିଅଛି ।

ଏହି ବିରୋଧ କୌଣସି ରାଜନୈତିକ ପ୍ରୟୋଜନ ଉପରେ ପ୍ରତିଷ୍ଠିତ ନୁହେଁ, ମାତ୍ର ଏହି ବାଣୀ ଓ ମନୁଷ୍ୟର ମାନବିକତା ପ୍ରତି ଅପମାନ ପରସ୍ପର ବିରୋଧୀ, କାରଣ ଅସ୍ପୃଶ୍ୟତା ପ୍ରଥା ଦ୍ୱାରା ଆମ୍ଭେମାନେ ପ୍ରତ୍ୟେକ ନିଜକୁ ନିଜେ ଅପମାନିତ କରିଅଛୁ ।

ବିବେକାନନ୍ଦଙ୍କର ଏହି ବାଣୀ ପୂର୍ଣ୍ଣ-ମାନବିକତାରେ ଜାଗ୍ରତ ହେବାପାଇଁ ଏକ ଆହ୍ୱାନ । ଏହା ଦେଶର ଯୁବକବୃନ୍ଦଙ୍କ କର୍ମ, ତ୍ୟାଗ ଓ ଆତ୍ମୋତ୍ସର୍ଗ ମଧ୍ୟ ଦେଇ ବିଭିନ୍ନ ପଥରେ ମୁକ୍ତି ଅଭିମୁଖରେ ପରିଚାଳିତ କରିଅଛି ।

—ରବୀନ୍ଦ୍ର ନାଥ ଠାକୁର

ଭଗିନୀ ନିବେଦିତା ମୁଁ ବିବେକାନନ୍ଦଙ୍କ ବିଷୟରେ କେଉଁମାନେ ଲେଖିଥିଲେ, ସେମାନେ ତାଙ୍କର ଗଭୀରତା ମାପି ପାରିଥିଲେ । ବୁଝି ପାରିଥିଲେ କିମ୍ବା ତାଙ୍କର ଗଭୀରତା ମାପି ପାରିଥିଲେ । ଏପରି କି ଯେଉଁମାନେ ତାଙ୍କ ସହିତ ଘନିଷ୍ଠଭାବେ ସଂପୃକ୍ତ ଥିବାର ସୁଯୋଗ ଲାଭ କରିଥିଲେ, ସେମାନଙ୍କ ମଧ୍ୟରୁ ମାତ୍ର ଅଳ୍ପ କେତେକ ଏହା କରିପାରିଥିଲେ । ତାଙ୍କର ବ୍ୟକ୍ତିତ୍ୱ ଖୁବ୍ ଉଚ୍ଚକୋଟୀର, ଅଗାଧ ଓ ବହୁମୁଖୀ ଏବଂ ତାଙ୍କର ଶିକ୍ଷା ଓ ଲେଖାଠାରୁ ସ୍ୱତନ୍ତ୍ର ଏହି ବ୍ୟକ୍ତିତ୍ୱ ହିଁ ଦେଶବାସୀଙ୍କ ଉପରେ ଅପୂର୍ବ ପ୍ରଭାବ ବିସ୍ତାର କରିବାର ମୂଳ କାରଣ । ସ୍ୱାମୀ ବିବେକାନନ୍ଦ ତାଙ୍କ ତ୍ୟାଗରେ ଦ୍ୱିଧାହୀନ, କର୍ମରେ ଅବିଶ୍ରାନ୍ତ, ପ୍ରେମରେ ଉଦାର, ଜ୍ଞାନରେ ଅଗାଧ ଓ ବହୁମୁଖୀ, ଭାବୋଚ୍ଛ୍ୱାସମୟ ଆଘାତ ଦେବାରେ ନିର୍ମମ, ତଥାପି ଶିଶୁବତ୍ ସରଳ । ଆମମାନଙ୍କର ଦୁନିଆରେ ଏକ ଦୁର୍ଲଭ ପୁରୁଷ ।

ସ୍ୱାମୀଜୀ ଜଣେ ପୂର୍ଣ୍ଣ ବୀର୍ଯ୍ୟବାନ ପୁରୁଷଥିଲେ ଏବଂ ତାଙ୍କର ସମଗ୍ର ସତ୍ତାରେ ସେ ଜଣେ ଯୋଦ୍ଧାଥିଲେ, ଫଳତଃ ସେ ଶକ୍ତି ଉପାସକ ଥିଲେ ଏବଂ ତାଙ୍କର ଦେଶବାସୀଙ୍କର ଉନ୍ନୟନ ପାଇଁ ବେଦାନ୍ତର ଏକ ବ୍ୟବହାରିକ ବ୍ୟାଖ୍ୟା ପ୍ରଦାନ କରିଥିଲେ 'ଶକ୍ତି' ଶକ୍ତି ହେଉଛି ଉପନିଷଦର କଥା–ଏହାହିଁ ଥିଲା ତାଙ୍କର ନିରବଚ୍ଛିନ୍ନ ଘୋଷଣା । ସେ ଚରିତ୍ର ଗଠନ ଉପରେ ସର୍ବାଧିକ ଗୁରୁତ୍ୱ ଅର୍ପଣ କରୁଥିଲେ ।

ମୁଁ ଘଣ୍ଟା ଘଣ୍ଟା ଧରି କହିପାରେ ମାତ୍ର ଏହି ମହାତ୍ମାଙ୍କ ପ୍ରତି ସାମାନ୍ୟ ଶ୍ରଦ୍ଧା ଜ୍ଞାପନ କରିବା ନିମିତ୍ତ ଅସମର୍ଥ ହେବି । ସେ ଏତେ ବିରାଟ, ଅସୀମ ଏତେ ବହୁମୁଖୀ, ସତ୍ୟ ସହିତ ପ୍ରତ୍ୟକ୍ଷ ଉପଲବ୍ଧି ସମନ୍ୱିତ ଉଚ୍ଚତମ ଆଧ୍ୟାତ୍ମିକ ସ୍ତରର ସେ ଏକ ଯୋଗୀ ଥିଲେ । ସେହି ସମୟରେ ତାଙ୍କର ସ୍ୱଦେଶ ଏବଂ ମାନବଜାତିର ନୈତିକ ଓ ଆଧ୍ୟାତ୍ମିକ ଉନ୍ନୟନ ପାଇଁ ସମଗ୍ର ଜୀବନ ଉତ୍ସର୍ଗ କରିଥିଲେ–ଏହିପରି ଭାବରେ ମୁଁ ତାଙ୍କର ବର୍ଣ୍ଣନା କରିପାରେ । ସେ ଜୀବିତ ଥିଲେ ମୁଁ ତାଙ୍କର ପଦତଳେ ବସିଥାଆନ୍ତି । ଯଦି ମୋର ଭୁଲ ନହୁଏ, ଆଧୁନିକ ଭାରତ ତାଙ୍କର ସୃଷ୍ଟି ।

— ସୁଭାଷଚନ୍ଦ୍ର ବୋଷ

ବିବେକାନନ୍ଦ ଭାରତ ବର୍ଷରେ ହିନ୍ଦୁ ଧର୍ମକୁ ରକ୍ଷା କରିଥିଲେ ଏବଂ ସେଥିପାଇଁ ସେ ଉନବିଂଶ ଶତାବ୍ଦୀରେ ଜନ୍ମଗ୍ରହଣ କରିଥିଲେ ଏବଂ ଭଗବାନ୍ ଶ୍ରୀ ରାମକୃଷ୍ଣଙ୍କ ଦ୍ୱାରା ସୁଗଠିତ ହୋଇଥିଲେ । ମାଡ୍ରାସ ସମୁଦ୍ର କୂଳର କାର୍ନାନ ପ୍ରସାଦରେ ମୁଁ ଯେତେବେଳେ ଆଇନ-ଛାତ୍ର ହିସାବରେ ବାସ କରୁଥିଲି । ସ୍ୱାମୀ ବିବେକାନନ୍ଦ ଜଗତ୍ ବିଖ୍ୟାତ ହୋଇ ୧୮୯୬ ମସିହାରେ ଚିକାଗୋରୁ ଆସି ମାଡ୍ରାସରେ ପହଞ୍ଚିଲେ । ସେ ବାଟିକା ପ୍ରାସାଦରେ ଏକମାତ୍ର ରହିଥିଲେ ଏବଂ ମୁଁ ସେହି ଦିନଗୁଡ଼ିକୁ ଗର୍ବ ଓ ଆନନ୍ଦଭରରେ ସ୍ମରଣ କରୁଛି । 'ପ୍ରବୁଦ୍ଧ ଭାରତ' ସେତିକିବେଳେ ଆରମ୍ଭ ହୋଇଥିଲା ଏବଂ [illegible] ସ୍ୱାମୀଜୀଙ୍କର ବକ୍ତୃତା ଶୁଣି ଚମତ୍କୃତ ହୋଇଥିଲି । ଆଜିକୁ ଭଳି ହିନ୍ଦୁଧର୍ମ ଉପରକୁ ପ୍ରତି [illegible]

ସେ ନଥିଲେ ଆମେ ଆମ ଧର୍ମକୁ ହରାଇ ଥାନ୍ତେ ଏବଂ ସ୍ୱାଧୀନତା ଲାଭକରି ପାରି ନଥାନ୍ତେ । ଆମେ ସେଥିପାଇଁ ସ୍ୱାମୀ ବିବେକାନନ୍ଦଙ୍କ ନିକଟରେ ଋଣୀ । ତାଙ୍କର ବିଶ୍ୱାସ, ସାହସ ଏବଂ ଜ୍ଞାନ ସର୍ବଦା ଆମକୁ ପ୍ରେରଣା ଦେଉଥାଉ ଯଦ୍ୱାରା ଆମେ ତାଙ୍କଠାରୁ ଯେଉଁ ସଂପଦ ଆହରଣ କରିଛୁ ତାହାର ସୁରକ୍ଷା କରିପାରିବୁ ।

ଚକ୍ରବର୍ତ୍ତୀ ରାଜଗୋପାଳାଚାରୀ

ବିବେକାନନ୍ଦଙ୍କର ସଙ୍ଗଠନଶୀଳ ପ୍ରତିଭା ଦୁଇଟି ଶବ୍ଦରେ କୁହାଯାଇପାରେ, ସମତ୍ୱ ଓ ସଂଶ୍ଳେଷଣ । ସେ ଆତ୍ମାର ସମସ୍ତ ପଥକୁ ଗ୍ରହଣ କରିଥିଲେ, ସମଗ୍ର ଭାବରେ ଯୋଗ ଚତୁଷ୍ଟୟ, ତ୍ୟାଗ ଓ ସେବା, କଳା ଓ ବିଜ୍ଞାନ, ଧର୍ମ ଓ କର୍ମ, ପରମ ଆଧ୍ୟାତ୍ମିକ କର୍ମରୁ ଚରମ ବ୍ୟବହାରିକ କର୍ମ ପର୍ଯ୍ୟନ୍ତ ଅବଲମ୍ବନ କରିଥିଲେ । ସେ ଯେଉଁସବୁ ମାର୍ଗର ଶିକ୍ଷା ଦେଉଥିଲେ ସେ ସବୁର ପ୍ରତ୍ୟେକର ସୀମା ଅଛି କିନ୍ତୁ ସେ ନିଜେ ସେ ସମସ୍ତ ମଧ୍ୟ ଦେଇ ଗତି କରୁଥିଲେ । ସମସ୍ତଙ୍କୁ ଗ୍ରହଣ କରିଥିଲେ, ଚାରୋଟି ଘୋଡା ଟାଣୁଥିବା ରଥଭଳି । ସେ ସତ୍ୟର ମାର୍ଗ ଚତୁଷ୍ଟୟର ଲଗାମକୁ ଧରିରଖିଥିଲେ ଏବଂ ଏକ ସଙ୍ଗରେ ସେ ସମସ୍ତ ମାର୍ଗରେ ଏକତ୍ର ଆଡ଼କୁ ଅଗ୍ରଗତି କରୁଥିଲେ । ସେ ସମସ୍ତ ମାନବିକ ଶକ୍ତିର ସମନ୍ୱୟର ପ୍ରତୀକ ।

ରାମକୃଷ୍ଣଙ୍କର ସମନ୍ୱୟକାରୀ ବ୍ୟକ୍ତିତ୍ୱରେ ଏହାର ଉପଲବ୍ଧି ସେ ସ୍ୱଚକ୍ଷୁରେ ଯଦି ଦେଖିନଥାନ୍ତେ, ତେବେ ସେ ତାଙ୍କର ସଦସଦ ବିଚାରଶୀଳ ତୀକ୍ଷ୍ଣ ବୁଦ୍ଧିଦ୍ୱାରା ସେ ଏହି ସମାଧାନର ଆବିଷ୍କାର କରି ପାରି ନଥାନ୍ତେ । ସେହି ଦେବତୁଲ୍ୟ ଗୁରୁ ଜୀବନର ସମସ୍ତ ପ୍ରକାର ବୈଷମ୍ୟକୁ ସହଜ ଭାବରେ ମହାବ୍ୟୋମର ସଙ୍ଗୀତ-ଲହରୀର ସୁମଧୁର ଓ ସୁସମୃଦ୍ଧ ସମନ୍ୱୟରେ ପରିଣତ କରି ଦେଉଥିଲେ । ତେଣୁ ଏହି ମହାନ୍ ଶିଷ୍ୟଙ୍କର କାର୍ଯ୍ୟ ଓ ଚିନ୍ତା ରାମକୃଷ୍ଣଙ୍କର ଧର୍ମଧ୍ୱଜା ତଳେ ସଂପାଦିତ ହୋଇଥିଲା ।

ଏହି ସମନ୍ୱୟ ଜଣେ ବିଶିଷ୍ଟ ଅଧିକାରୀଙ୍କ ଜୀବନରେ ସମ୍ଭବ ହୋଇଥିଲା ଏବଂ କେତେକ ନିର୍ବାଚିତ ବ୍ୟକ୍ତି ମଧ୍ୟ ଏହାର ଅଧିକାରୀ ହୋଇଥିଲେ । ବିବେକାନନ୍ଦ ଚାହିଁଥିଲେ ଏହା ସମଗ୍ର ଭାରତ ତଥା ବିଶ୍ୱରେ ପ୍ରସାର ଲାଭକରୁ ।

ଏହିଠାରେ ରହିଛି ତାଙ୍କର ସାହସ ଏବଂ ମୌଳିକତା, ସେ ଗୋଟିଏ ହେଲେ ନୂଆକଥା ସୃଷ୍ଟି କରି ନଥାଇପାରନ୍ତି; ସେ ପ୍ରକୃତରେ ଭାରତର ଗର୍ଭଜାତ ସନ୍ତାନ, ସେହି ଅକ୍ଳାନ୍ତ ପିମ୍ପୁଡ଼ିରାଣୀ ଯୁଗ ଯୁଗ ଧରି ଯେଉଁ ଡିମ୍ବଗୁଡ଼ିକ ପ୍ରସବ କରିଥିଲେ ସେଥିମଧ୍ୟରୁ ଜଣେ ; କିନ୍ତୁ ତାଙ୍କର ବିଭିନ୍ନ ପିମ୍ପୁଡ଼ିମାନଙ୍କୁ ଏକତ୍ରିତ ହୋଇ ଗୋଟିଏ ହୁଙ୍କା ସୃଷ୍ଟି କରିଥିଲା । ରାମକୃଷ୍ଣଙ୍କ ମଧ୍ୟରେ ସମନ୍ୱୟ ସାଧିତ ନ ହେବା ପର୍ଯ୍ୟନ୍ତ ସେମାନଙ୍କର ବିଭିନ୍ନ ଚିନ୍ତାଧାରା ପରସ୍ପର-ବିରୋଧୀବୋଧ ହେଉଥିଲା । ସେମାନଙ୍କର ଭଗବତ ପରିକଳ୍ପନାର ଅନ୍ତର୍ଗତ ହୋଇଥିବାର ରହସ୍ୟ ବିବେକାନନ୍ଦଙ୍କ ନିକଟରେ ଉଦ୍‌ଘାଟିତ ହୋଇଥିଲା ଏବଂ ସେ ଏହି ସୁବର୍ଣ୍ଣ ସମନ୍ୱୟର ଭିତ୍ତି ଉପରେ

ମାନବଜାତିର ମହାନଗରୀ ନିର୍ମାଣ କରିବାପାଇଁ ଡାହାଣି- ଥିଲେ କିନ୍ତୁ ତାଙ୍କୁ କେବଳ ଏହି ନଗରୀକୁ ନିର୍ମାଣ କରିବାର ପଡ଼ି ନ ଥିଲା, ମାତ୍ର ତାହାର ଅଧିବାସୀଙ୍କୁ ... ମଧ୍ୟ ନିର୍ମାଣ କରିବାକୁ ପଡ଼ିଥିଲା ।

ସ୍ୱଳ୍ପକାଳସ୍ଥାୟୀ ଜୀବନ ମଧ୍ୟରେ ଏହି ଶିଳ୍ପୀ ତାଙ୍କର କାର୍ଯ୍ୟ ସଂପାଦନ କରିଥିଲେ । ସେ ବିରାଟ ଭାରତବର୍ଷରେ ମାନବ–କଲ୍ୟାଣ ନିମିତ୍ତ ଏକ ଶକ୍ତିଶାଳୀ ଶଳାକା ପ୍ରତିନିବିଷ୍ଟ କରିଥିଲେ । କୌଣସି ଶକ୍ତି ଏହାକୁ ଦୂରୀଭୂତ କରି ପାରିବନାହିଁ ।

ରାମକୃଷ୍ଣଙ୍କ ଦେହରକ୍ଷାର ୬ ବର୍ଷ ପରେ ତାଙ୍କର ମହାନ୍ ଶିଷ୍ୟ ଦେହତ୍ୟାଗ କରିଥିଲେ, ଏହି କେତୋଟି ବର୍ଷ ଅଗ୍ନିଯୁଗ ସ୍ୱରୂପ ଥିଲା । ଯେତେବେଳେ ବୀର ବିବେକାନନ୍ଦଙ୍କ ଦେହ ଚିତା ଉପରେ ଶାୟିତ ହୋଇଥିଲା, ସେତେବେଳେ ତାଙ୍କର ବୟସ ଊନଚାଳିଶରୁ କମ୍ ଥିଲା, କିନ୍ତୁ ସେହି ଚିତାଗ୍ନିର ଶିଖା ଆଜି ସୁଦ୍ଧା ପ୍ରଜ୍ୱଳିତ ରହିଅଛି । ପୁରାକାଳର ଫିନିକ୍ସ ପରି ତାଙ୍କର ଚିତାଭସ୍ମରୁ ମାୟା-ପକ୍ଷୀ-ରୂପୀ ଭାରତର ବିବେକ ଏବଂ ତାହାର ଐକ୍ୟ ଓ ମହତୀ ବାଣୀରେ ବିଶ୍ୱାସ ନୂଆକରି ପ୍ରକଟିତ ହୋଇଅଛି, ତାଙ୍କର ପୁରାତନ ଜାତିର ଭାବସ୍ପନ୍ଦନ ଆତ୍ମା ବୈଦିକ ଯୁଗରୁ ଏହି ବାଣୀର ଚିନ୍ତାରେ ତନ୍ମୟ ହୋଇ ରହିଅଛି ଏବଂ ମାନବଜାତି ନିକଟରେ ଏହିବାଣୀ ପ୍ରଚାରର ଦାୟିତ୍ୱ ମଧ୍ୟ ରହିଅଛି ।

**ରୋମାଁ ରୋଲାଁ**

ଅତୀତର ଭିତ୍ତି ଏବଂ ଭାରତର ଗୌରବମୟ ଐତିହ୍ୟ ଉପରେ ଦଣ୍ଡାୟମାନ ହୋଇ ସ୍ୱାମୀ ବିବେକାନନ୍ଦ ଜୀବନର ସମସ୍ୟା ସମାଧାନରେ ଥିଲେ ଆଧୁନିକ ମନୋଭାବାପନ୍ନ ଏବଂ ଭାରତର ଅତୀତ ଓ ବର୍ତ୍ତମାନ ମଧ୍ୟରେ ଏକ ସେତୁ ସଦୃଶ, ଥିଲେ.......... । ସେ ଥିଲେ ଚମତ୍କାର ଆକୃତି ବିଶିଷ୍ଟ ପ୍ରଭାବଶାଳୀ, ସ୍ଥିତଧୀ ଓ ମହିମାନ୍ୱିତ, ଆତ୍ମବିଶ୍ୱାସୀ ଓ ନିଜର କାର୍ଯ୍ୟ ବିଷୟରେ ପ୍ରତ୍ୟୟବାନ ଏବଂ ସକ୍ରିୟ ଓ ତେଜୋମୟ ଶକ୍ତି ସମନ୍ୱିତ ଏବଂ ଭାରତକୁ ଅଗ୍ରଗାମୀ କରିବା ପାଇଁ ଅତ୍ୟୁତ୍ସାହୀ । ବିବେକାନନ୍ଦ ଅବସନ୍ନ ଓ ଅଧୋଗତ ହିନ୍ଦୁ ମାନସରେ ଏକ ଶକ୍ତି ବର୍ଦ୍ଧକ ସୁଧା ରୂପରେ ଆସିଥିଲେ ଏବଂ ଏହାକୁ ଆତ୍ମ-ବିଶ୍ୱାସ ଦେଇଥିଲେ ଏବଂ ଅତୀତ ସହିତ ସଂଯୋଗ ସ୍ଥାପନ କରିଥିଲେ ।

ସେ ଭାରତୀୟ ଚିନ୍ତାଧାରାରେ ନୂତନ ଆନ୍ଦୋଳନ ସୃଷ୍ଟି କରିଥିଲେ । ଇଂରାଜୀ ସାହିତ୍ୟରୁ ଜ୍ଞାନ ସଂପଦ ଆହରଣ କରିଥିଲେ ସୁଦ୍ଧା, ତାଙ୍କର ମନ ଭାରତର ପ୍ରାଚୀନ ମୁନିଋଷି ଓ ମହାପୁରୁଷମାନଙ୍କ ଦ୍ୱାରା ଅନୁପ୍ରାଣିତ ହୋଇଥିଲା ଏବଂ ତାଙ୍କର ଚିନ୍ତାଧାରା ଓ କାର୍ଯ୍ୟକଳାପ ଶୈଶବ କାଳରେ ଅର୍ଜିତ ଭାରତୀୟ ପୌରାଣିକ ଇତିବୃତ୍ତ ଓ ଐତିହ୍ୟ ଦ୍ୱାରା ପ୍ରଭାବିତ ହୋଇଥିଲା ।

ସେ ଆମ୍ଭମାନଙ୍କୁ ଏପରି କିଛି ଦାନ କରିଥିଲେ ଯାହାକି ଆମ୍ଭମାନଙ୍କ ମଧ୍ୟରେ ଐତିହ୍ୟର ଗର୍ବ ଆଣି ଦେଇଥିଲା । ସେ ଆମ୍ଭମାନଙ୍କର ମଧ୍ୟ ଦୋଷ ଦେଖାଇବାରେ ଦ୍ୱିଧା କରି ନ ଥିଲେ । ସେ ଆମ୍ଭମାନଙ୍କର ଦୋଷ ଦୁର୍ବଳତା ଓ ବିଫଳତାର କଥା ଗୋପନ ରଖିବାକୁ ଇଚ୍ଛା କରି ନ ଥିଲେ । ଅବିବେଚ୍ୟ, ତାଙ୍କ ... ଏପରି କରିବା ଉଚିତ ହୋଇ ନଥାଉ ଯେହେତୁ ଆମ୍ଭମାନଙ୍କୁ ଏହିସବୁ ଦୋଷ ତ୍ରୁଟି ସଂଶୋଧନ କରିବାକୁ ହେବ । ତେଣୁ ସେ ଏ ସମସ୍ତ କଥାର ଉଲ୍ଲେଖ କରିଥିଲେ । ସମୟ ସମୟରେ ସେ ଆମ୍ଭମାନଙ୍କୁ କଠୋର ଆଘାତ ଦିଅନ୍ତି, କିନ୍ତୁ ବେଳେବେଳେ ସେଇସବୁ ମହାନ୍ ତତ୍ତ୍ୱ ଭାରତର ବୈଶିଷ୍ଟ୍ୟ ଏବଂ ଯାହା ଏହାର ଅଧଃପତିତ ଯୁଗରେ କିଛିଅଂଶରେ ଏହାର ମହତ୍ତ୍ୱ ବଜାୟ ରଖିଥିଲା, ତାହା ସେ ଦର୍ଶାଇଥିଲେ ।

ତେଣୁ ସ୍ୱାମୀଜୀ ଯାହାସବୁ ଲେଖିଛନ୍ତି ଏବଂ କହିଛନ୍ତି, ତାହା ଗୁରୁତ୍ୱପୂର୍ଣ୍ଣ ଓ ନିଶ୍ଚୟ ଆମ୍ଭମାନଙ୍କୁ ଆକୃଷ୍ଟ କରିବ ଏବଂ ବହୁକାଳ ପାଇଁ ଆମ୍ଭମାନଙ୍କୁ ପ୍ରଭାବିତ କରିବ । ସାଧାରଣ ଭାବରେ ସେ ଜଣେ ରାଜନୀତିଜ୍ଞ ନ ଥିଲେ, ତଥାପି ମୋ ମତରେ ସେ ଭାରତର ଆଧୁନିକ ଜାତୀୟ ଆନ୍ଦୋଳନର ଜଣେ ମହାନ୍ ପ୍ରତିଷ୍ଠାତା ଥିଲେ । କିନ୍ତୁ ପରବର୍ତ୍ତୀ କାଳରେ ଉକ୍ତ ଆନ୍ଦୋଳନରେ ଅତ୍ୟଧିକ ସକ୍ରିୟ ଅଂଶ ଗ୍ରହଣ କରିଥିବା ବିରାଟ ଜନତା ସ୍ୱାମୀ ବିବେକାନନ୍ଦଙ୍କଠାରୁ ଅନୁପ୍ରେରଣା ଲାଭ କରିଥିଲେ । ପ୍ରତ୍ୟକ୍ଷ ଭାବରେ ସେ ଆଧୁନିକ ଭାରତକୁ ବିଶେଷ ଭାବରେ ପ୍ରଭାବିତ କରିଛନ୍ତି ଏବଂ ମୁଁ ଭାବୁଛି ଆମ୍ଭମାନଙ୍କର ଯୁବ ସଂପ୍ରଦାୟ ସ୍ୱାମୀ ବିବେକାନନ୍ଦଙ୍କଠାରୁ ନିର୍ଗତ ଏହି ଜ୍ଞାନ ନିର୍ଝରର ତେଜ ଓ ତପଃଶକ୍ତିର ସଯୋଗ ନେବ ।

........ଶ୍ରୀରାମକୃଷ୍ଣ ପରମହଂସ, ସ୍ୱାମୀ ବିବେକାନନ୍ଦ ଓ ମହାତ୍ମା ଗାନ୍ଧୀଙ୍କ ପରି ମନିଷୀମାନେ ହେଉଛନ୍ତି ବିରାଟ ଐକ୍ୟବଦ୍ଧ, ଶକ୍ତି, ବିରାଟ ସଙ୍ଗଠନକାରୀ ବିଶ୍ୱ ପ୍ରତିଭା । କେବଳ ସେମାନଙ୍କର ଉପଦେଶ ନୁହେଁ, ସେମାନଙ୍କର ବିଶ୍ୱ ପ୍ରତି ଆତ୍ମିମୁଖ୍ୟ ଏବଂ ପୃଥିବୀ ଉପରେ ସେମାନଙ୍କର ପ୍ରତ୍ୟକ୍ଷ ଏବଂ ପରୋକ୍ଷ ପ୍ରଭାବ ଆମ୍ଭମାନଙ୍କ ପାଇଁ ଅତ୍ୟନ୍ତ ମୂଲ୍ୟବାନ ।

**ପଣ୍ଡିତ ଜବାହରଲାଲ ନେହେରୁ**

କେବଳ ଆମ ଦେଶର ଇତିହାସରେ ନୁହେଁ ପୃଥିବୀର ଇତିହାସରେ ବର୍ତ୍ତମାନ ଆମେ ଏକ ସଙ୍କଟମୟ ସମୟର ସମ୍ମୁଖୀନ ହୋଇଛେ । ଅନେକ ଲୋକ ଭାବୁଛନ୍ତି ଆମେ ବର୍ତ୍ତମାନ ଏକ ଅନ୍ଧକାରମୟ ମୃତ୍ୟୁ ଗହ୍ୱର ପାର୍ଶ୍ୱରେ ଛିଡ଼ା ହୋଇଛେ । ମୂଲ୍ୟବୋଧର ବିକୃତି, ଯୋଗ୍ୟତାର ମାନ ହ୍ରାସ, ବ୍ୟାପକ ପଳାୟନ ପନ୍ଥୀ ମନୋବୃତ୍ତି ଏବଂ ଗଣ ଉନ୍ମାଦନା ଆମକୁ ଗ୍ରାସ କରିଛି । ଲୋକମାନେ ଏହା ଚିନ୍ତା କରି ନୈରାଶ୍ୟ, ହତାଶ ଏବଂ ଅସହାୟତାରେ ମ୍ରିୟମାଣ ହୋଇପଡୁଛନ୍ତି । ଆମ ସମ୍ମୁଖରେ କେବଳ ଏହାହିଁ ଅଛି । ମନୁଷ୍ୟର ନିଜର ଆତ୍ମ ଅବିଶ୍ୱାସହିଁ ମନୁଷ୍ୟର ମର୍ଯ୍ୟାଦା ପ୍ରତି ଅବଜ୍ଞା । ଏହା ହେଉଛି ମାନବ ପ୍ରକୃତିର ଅପମାନ । ପୃଥିବୀରେ ଯାହା କିଛି ବିରାଟ ପରିବର୍ତ୍ତନ ହୋଇଛି ତାହା କେବଳ ମଣିଷ ପ୍ରକୃତି ଫଳରେ ହିଁ ସମ୍ଭବ ହୋଇଛି । ବିବେକାନନ୍ଦ ଆମକୁ ଯଦି କିଛି ଆହ୍ୱାନ ଦେଇ ଥାଆନ୍ତି ତାହା ହେଉଛି ଆମେ ଆମର ଆଧ୍ୟାତ୍ମିକ ସଂପଦରେ ଆସ୍ଥାବାନ ହେବା ।

.........ମନୁଷ୍ୟ ଜାତିପ୍ରତି ଅଧ୍ୟାତ୍ମ ସଂପଦ ଅଛି । ତାହାର ଅନୁସନ୍ଧାନରେ ଅବହେଳା ନୁହେଁ ଏବଂ ଆମେ ସମ୍ପୂର୍ଣ୍ଣ ହୋଇଥିବା ଘୋର ସଙ୍କଟ ଏବଂ ନିଦାରୁଣ ଅସମତାକୁ ଦୂର କରି ଦେଇ ପାରିବୁ । ଆମେ ଆଶା ହରାଇବା ଉଚିତ ନୁହେଁ । ସେ ଦୁଃଖକୁ ଜୟ କରିବା ପାଇଁ ଆମକୁ ମାନସିକ ବଳ ଦେଇଛନ୍ତି, ସେ ଆମକୁ ହତାଶାରେ ଆଶା ଦେଇଛନ୍ତି, ସେ ଆମକୁ ବିପଦରେ ସାହସ ଦେଇଛନ୍ତି । ସେ ଆମକୁ କହିଛନ୍ତି : କେବଳ ମାତ୍ର ବାହ୍ୟ ଆବରଣ ଦେଖି ଭୁଲ ନାହିଁ ।

ଯଉରର ଅନ୍ତରତମ ପ୍ରଦେଶରେ ପ୍ରବେଶ କଲେ ଦେଖିବ ଯେ ସେହି ବୈଚିତ୍ର ମଧ୍ୟରେ ଜଗତର ଗୋଟିଏ ଉଦ୍ଦେଶ୍ୟ ଅଛି । ତୁମେ ସେହି ଲକ୍ଷ୍ୟ ସହିତ ସହଯୋଗ କରି ତାହା ହାସଲ କରିବା ପାଇଁ ପ୍ରୟାସ କରିବା ଉଚିତ ।

ସର୍ବପଲ୍ଲୀ ରାଧାକୃଷ୍ଣନ୍

ଏହା ସନ୍ଦେହଜନକ ଯଦି କେହି ହିନ୍ଦୁ ସ୍ୱାମୀ ବିବେକାନନ୍ଦଙ୍କ ର ନାମ ଜାଣିନଥାଏ । ଊନବିଂଶ ଶତାବ୍ଦୀରେ ଜଡ଼ ବିଜ୍ଞାନର ଅତ୍ୟଧିକ ପ୍ରଗତି ହୋଇଥିଲା । ଏଭଳି ପରିସ୍ଥିତିରେ ହଜାର ହଜାର ବର୍ଷ ଧରି ଭାରତରେ ପ୍ରଚଳିତ ଆଧ୍ୟାତ୍ମିକ ବିଜ୍ଞାନକୁ ସୁନ୍ଦର ଭାବରେ ପରିବେଷଣ କରି ଏବଂ ତଦ୍ୱାରା ପାଶ୍ଚାତ୍ୟ ଦେଶର ବିଦ୍ୱାନମାନଙ୍କ ମଧ୍ୟରେ ଭାରତ ପ୍ରତି ସଶ୍ରଦ୍ଧ ଦୃଷ୍ଟି ଓ ସମ୍ମାନ ଜାଗ୍ରତ କରିବା ଏବଂ ତତ୍ ସଙ୍ଗେ ସଙ୍ଗେ ଆଧ୍ୟାତ୍ମିକ ବିଜ୍ଞାନର ଜନନୀ ଭାରତ ପ୍ରତି ସହାନୁଭୂତି ସଂପନ୍ନ ଦୃଷ୍ଟିଭଙ୍ଗୀ ସୃଷ୍ଟି କରିବା ଅତିମାନୁଷିକ ଶକ୍ତି ବଳରେ ହିଁ ସମ୍ଭବ । ଇଂରାଜୀ ଶିକ୍ଷା ଫଳରେ ଜଡ଼ ବିଜ୍ଞାନର ବନ୍ୟା ଏଭଳି ଭାବରେ ପ୍ରବାହିତ ହେଲା ଯେ ତାହା ପ୍ରତିରୋଧ କରି ଗତିପଥ ପରିବର୍ତ୍ତନ କରିବା ପାଇଁ ଅତ୍ୟଧିକ ସାହସ ଏବଂ ଅତ୍ୟଧିକ ପ୍ରଭାବ ଆବଶ୍ୟକତା ଥିଲା । ଏହି ଘଟଣା ବିରୁଦ୍ଧରେ ଛିଡ଼ା ହେବାପାଇଁ ଏବଂ ଏହାର ଦିଗ ପରିବର୍ତ୍ତନ କରିବା ପାଇଁ ସ୍ୱାମୀ ବିବେକାନନ୍ଦଙ୍କ ପୂର୍ବରୁ ବ୍ରହ୍ମବିଦ୍ୟା ସମିତି ଏହି କାର୍ଯ୍ୟ ଆରମ୍ଭ କରିଥିଲା କିନ୍ତୁ ଏହା ନିର୍ଦ୍ଦ୍ୱନ୍ଦରେ କୁହାଯାଇପାରେ ଯେ ସ୍ୱାମୀ ବିବେକାନନ୍ଦ ସର୍ବ ପ୍ରଥମେ ହିନ୍ଦୁ ଧର୍ମର ବୈଜୟନ୍ତୀ ପାଶ୍ଚାତ୍ୟ ଦେଶର ଜଡ଼ ବିଜ୍ଞାନ ବିରୁଦ୍ଧରେ ଉଡ଼ାଇ ଥିଲେ । .........ସ୍ୱାମୀ ବିବେକାନନ୍ଦ ନିଜ ଉପରେ ଏହି ବିରାଟ ଭାର ବହନ କରି ହିନ୍ଦୁ ଧର୍ମର ଗୌରବ ଭାରତ ବାହାରେ ବିଭିନ୍ନ ଦେଶରେ ସ୍ଥାପନ କରିଥିଲେ ଏବଂ ସେ ଏହା ତାଙ୍କର ପାଣ୍ଡିତ୍ୟ ବାଗ୍ମିତା ଉତ୍ସାହ, ଏବଂ ଅଲୌକିକ ଶକ୍ତି ବଳରେ ଏହାର ଦୃଢ଼ ଭିତ୍ତି ସ୍ଥାପନ କରିପାରିଥିଲେ । ଦ୍ୱାଦଶ ଶତାବ୍ଦୀ ପୂର୍ବରୁ ଶଙ୍କରାଚାର୍ଯ୍ୟ ହେଉଛନ୍ତି ସେହି ବିରାଟ ବ୍ୟକ୍ତିତ୍ୱ, ଯେ କେବଳ ଆମ ଧର୍ମର ପବିତ୍ରତା ବିଷୟରେ କହି ନଥିଲେ, ସେ କେବଳ କଥାରେ ଏହି ଧର୍ମ ଆମର ଶକ୍ତି ଓ ସଂପଦ ବୋଲି କହି ନଥିଲେ, ସେ କେବଳ କଥାରେ ଏହା ହେଉଛି ଆମର ପବିତ୍ର କର୍ତ୍ତବ୍ୟ ଓ ଏହି ଧର୍ମକୁ ପୃଥିବୀର ସର୍ବତ୍ର ପ୍ରଚାର କରିବା ଉଚିତ ବୋଲି କହି ନ ଥିଲେ ବରଂ ଏହାକୁ କାର୍ଯ୍ୟରେ ପରିଣତ କରିଥିଲେ । ସ୍ୱାମୀ ବିବେକାନନ୍ଦ ସେହି ଭଳି ଏକ ମହାନ ବ୍ୟକ୍ତି– ଯେ ଊନବିଂଶ ଶତାବ୍ଦୀର ଶେଷାର୍ଦ୍ଧରେ ଆବିର୍ଭୂତ ହୋଇଥିଲେ ।

ବାଳ ଗଙ୍ଗାଧର ତିଳକ

ଧନ୍ୟ ସେ ଦେଶ ଯେଉଁଠାରେ ସେ ଜନ୍ମ ଗ୍ରହଣ କରିଥିଲେ: ଧନ୍ୟ ସେମାନେ ଯେଉଁମାନେ ସେ ସମୟରେ ଏ ପୃଥିବୀରେ ଜୀବନ ଧାରଣ କରିଥିଲେ ଏବଂ ଧନ୍ୟ–ବାର ବାର ଧନ୍ୟ ସେହି ଅଳ୍ପ କେତୋଟି ଲୋକ ଯେଉଁମାନେ ତାଙ୍କ ର ପାଦ ତଳରେ ବସିବାର ସୁଯୋଗ ପାଇଥିଲେ ।

ଭଗିନୀ କ୍ରିଷ୍ଟିନ୍

ଏକ ପ୍ରଭାବଶାଳୀ ମୂର୍ତ୍ତି, ପୀତାଭ ଅଙ୍ଗବାସ, ଚିକାଗୋର ଘନ ବାଷ୍ପ ମଣ୍ଡଳ ମଧ୍ୟରେ ଭାରତର ସୂର୍ଯ୍ୟ ଭଳି ଦେଦୀପ୍ୟମାନ । ଉନ୍ନତ ମସ୍ତକ, ଅନ୍ତର୍ଭେଦୀ ନୟନ, ସ୍ଫୁରିତାଧର, ଦ୍ରୁତ ଅଙ୍ଗସଞ୍ଚାଳନ– ଏହି ହେଲା ସ୍ୱାମୀଜୀଙ୍କ ପ୍ରତି ମୋର ପ୍ରଥମ ଧାରଣା । .......... ........ତାଙ୍କୁ ଦେଖିଲେ ସନ୍ନ୍ୟାସୀ ଅପେକ୍ଷା ବରଂ ଏକ ଯୋଦ୍ଧା ବୋଲି ପ୍ରଥମ ଧାରଣା ହେବ । ............ସେ ଭାରତବାଣୀ ବହନ କରି ଆଣିଥିଲେ, ତାହାରି ପାଇଁ ପ୍ରଚାର କରିଥିଲେ ଏବଂ ଏହି ଅଗ୍ରଦୂତ ଯେଉଁ ମହିମା ମଣ୍ଡିତ ରାଜ୍ୟରୁ ଆସିଥିଲେ ତାହାର ଗୌରବ ସ୍ମୃତିପଟରେ ଜାଗ୍ରତ ରଖିଥିଲେ । ଉଦ୍ଦେଶ୍ୟ–ସମୃଦ୍ଧ, ବୀର୍ଯ୍ୟବାନ୍, ସାମର୍ଥ୍ୟ ଯୁକ୍ତ ସ୍ୱାମୀ ବିବେକାନନ୍ଦ ମାନବ ସମାଜରେ ଜଣେ ମନୁଷ୍ୟ ଭଳି ନିଜକୁ ବଜାୟ ରଖି ଛିଡ଼ା ହୋଇ ପାରିଥିଲେ ।

ବକ୍ତୃତା ମଞ୍ଚ ଉପରେ ତାଙ୍କର ଅନ୍ୟ ଦିଗଟି ପ୍ରକାଶିତ ହୋଇ ପଡ଼ିଥିଲା । ମନ୍ତ୍ରମୁଗ୍ଧବତ୍ ବିରାଟ ଜନତା ତାଙ୍କର ଭାଷଣରେ ଅଭିନିବିଷ୍ଟ ହୋଇଥିଲେ, ଗୋଟିଏ ହେଲେ ପଦ ଛାଡ଼ି ନ ଥିଲେ, ଗୋଟିଏ ହେଲେ ସ୍ୱର ପ୍ରବାହ ବାଦ ଦେଇ ନଥିଲେ ! ବିଶାଳ ସଭା ଗୃହରୁ ବାହାରି ଆସିଲା ବେଳେ ଜଣେ କହିଲେ, "ସେ ଲୋକଟି ଧର୍ମଭାବ ରହିତ ! ଏବଂ ଆମ୍ଭେମାନେ ତାଙ୍କ ଦେଶକୁ ଧର୍ମଯାଜକ ପଠାଉଁ ! ସେମାନେ ଆମ୍ଭମାନଙ୍କ ନିକଟକୁ ଧର୍ମଯାଜକ ପଠାଇବା ଅଧିକ ଯୁକ୍ତି ସଙ୍ଗତ ।"

ଆନି ବେଶାନ୍ତ

ସେ ଆମ୍ଭମାନଙ୍କୁ ଶିକ୍ଷା ଦେଇଥିଲେ । " ପ୍ରତ୍ୟେକଙ୍କ ମଧ୍ୟରେ ସେହି ଏକ ଆତ୍ମା ବିଦ୍ୟମାନ । ଯଦି ଆପଣମାନେ ଏ କଥା ବିଶ୍ୱାସ କରନ୍ତି, ତେବେ ସମସ୍ତଙ୍କ ପ୍ରତି ଭ୍ରାତୃଭାବ ପୋଷଣ କରିବା ଏବଂ ମାନବ ଜାତିର ସେବା କରିବା ବିଧେୟ ।"........ ସେ ଆମ୍ଭମାନଙ୍କୁ ଦରିଦ୍ର ନାରାୟଣଙ୍କର ସେବା, ସେମାନଙ୍କର ଉନ୍ନତି ଏବଂ ଶିକ୍ଷା ପାଇଁ ଆତ୍ମୋତ୍ସର୍ଗ କରିବା ବିଷୟରେ ଉପଦେଶ ଦେଇଥିଲେ । 'ଦରିଦ୍ର ନାରାୟଣ' ଶବ୍ଦଟି ବିବେକାନନ୍ଦ ସୃଷ୍ଟି କରିଥିଲେ ଏବଂ ଗାନ୍ଧିଜୀ ଏହାକୁ ଲୋକପ୍ରିୟ କରିଥିଲେ ।

ଆଚାର୍ଯ୍ୟ ବିନୋବା ଭାବେ

ମନୁଷ୍ୟ ହେଉ ବା ପଶୁ ହେଉ, ଏପରି ନୀଚ ବା ହୀନ ଜୀବ କେହି ନ ଥିଲେ ଯାହାକୁ ସେ ଅଭିବାଦନ ଜଣାଉ ନ ଥିଲେ । ତାଙ୍କର ଆବେଦନ କେବଳ ଦରିଦ୍ର ବା ନୀଚ ପାଇଁ ନ ଥିଲା, ମାତ୍ର ରାଜା ମହାରାଜା, ପୃଥିବୀର ଶକ୍ତିଶାଳୀ ଶାସକ ମଣ୍ଡଳୀ, ପାଣ୍ଡିତ୍ୟ, ସମ୍ପଦ, କଳା ଓ ବିଜ୍ଞାନର ଅଧିନାୟକ ମାନେ ଧର୍ମ ଓ ଚିନ୍ତା ରାଜ୍ୟର ନେତାମାନେ, ବିରାଟ ଧୀ-ଶକ୍ତିଶାଳୀ ଦାର୍ଶନିକ ଏବଂ କବିମାନଙ୍କ ପ୍ରତି ମଧ୍ୟ

ଥିଲା । ବିବେକାନନ୍ଦ ଭାବ ଜଗତର ଉଚ୍ଚ ସ୍ତରକୁ ବୋହିନେଉ ଦେଉଥିଲେ । ମହାନ ଆଗ୍ରହୀମାନେ ଭକ୍ତି ସହକାରେ ତାଙ୍କର ପଦତଳେ ନତ ମସ୍ତକ ହେଉଥିଲେ । ସାଧାରଣ ଲୋକେ ତାଙ୍କର ପୋଷାକର ପ୍ରାନ୍ତକୁ ଭକ୍ତି ସହକାରେ ଚୁମ୍ବନ କରିବା ପାଇଁ ତାଙ୍କୁ ଅନୁସରଣ କରୁଥିଲେ । ବିବେକାନନ୍ଦଙ୍କ ଭଳି ଜୀବନକାଳ ମଧ୍ୟରେ ଏପରି ଭକ୍ତି ଶ୍ରଦ୍ଧା ଲାଭ କରିବା ବ୍ୟକ୍ତି ଆଉ ଜଣେ କେହି ନାହାନ୍ତି ।

ଡା଼ଃ ଏମ୍. ଏଇଚ. ଇଓଗାନ

ସ୍ୱାମୀ ବିବେକାନନ୍ଦଙ୍କ ଜୀବନ ତଥା ବାଣୀ ଓ ରଚନା ସଙ୍ଗେ ଏବଂ ରାମକୃଷ୍ଣ ମିଶନ ସହିତ ପରିଚୟର ବିଶେଷ ସୌଭାଗ୍ୟ ମୁଁ ଲାଭ କରିଛି । ମୁଁ ଯେତେବେଳେ ଖୁବ୍ ଛୋଟ ଥିଲି ସେତେବେଳେ ଏହାର ସୂତ୍ରପାତ ଘଟିଥିଲା । ମୋର ପିତାମାତା ଉଭୟଙ୍କର ବିଶେଷ କରି ମୋ ମାଆଙ୍କର ମିଶନ ସହିତ ଅତି ଘନିଷ୍ଠ ସମ୍ପର୍କ ଥିଲା । ଆହୁରି ମଧ୍ୟ ମୁଁ ଏହାର ସତ୍ୟକରି କହିପାରେ ଯେ ସ୍ୱାମୀ ବିବେକାନନ୍ଦଙ୍କ ବାଣୀ ଆମର ସମଗ୍ର ପରିବାରକୁ ଆମର ରାଜନୈତିକ କାର୍ଯ୍ୟରେ ଓ ଆମର ଦୈନନ୍ଦିନ ଜୀବନରେ ପ୍ରେରଣା ଦେଇଛି ।

ସ୍ୱାମୀ ବିବେକାନନ୍ଦଙ୍କ ବାଣୀ ଓ ରଚନାର ପ୍ରତ୍ୟେକ ପୃଷ୍ଠା, ତାଙ୍କର ପ୍ରତ୍ୟେକ ଉକ୍ତି ଆମକୁ ପ୍ରେରଣା ଦାନକରେ । ......ସ୍ୱାମୀଜୀ ଆମକୁ ଶିଖାଇଛନ୍ତି ଯେ ଆମେ ପ୍ରକୃତରେ ଏକ ମହାନ୍ ସଂସ୍କୃତି ଏବଂ ଏକ ମହାନ୍ ଐତିହ୍ୟର ଉତ୍ତରାଧିକାରୀ.. .........ବିବେକାନନ୍ଦଙ୍କ ମଧ୍ୟରେ ବିଜ୍ଞାନ ଚେତନା ଏବଂ ଅଧ୍ୟାତ୍ମ ଚେତନାର ଯେଉଁ ସୁନ୍ଦର ସମନ୍ୱୟ ହୋଇଥିଲା, ସେଥିରୁ ଆମେ ସମଷ୍ଟି ମୁକ୍ତି ଅର୍ଥାତ ସର୍ବସାଧାରଣଙ୍କର ଉନ୍ନୟନର ଧାରଣା ଗ୍ରହଣ କରିବା ଉଚିତ । ......ସ୍ୱାମୀ ବିବେକାନନ୍ଦଙ୍କର ଚିନ୍ତା ଶକ୍ତି ଏବଂ ବିବେଚନା ଶକ୍ତି ଅସୀମ ଥିଲା । ତାଙ୍କର ବିରାଟତ୍ୱ କିନ୍ତୁ କେବଳ ସେଥିରେ ଆବଦ୍ଧ ନ ଥିଲା । ସମଗ୍ର ଭାରତବର୍ଷ ତତ୍ ସଙ୍ଗେ ସମଗ୍ର ପୃଥିବୀର କଲ୍ୟାଣ ପାଇଁ ସେ ସର୍ବଦା କିଛି କରିବାକୁ ଜ୍ୱଳନ୍ତ ବାସନାରେ ଅସ୍ଥିର ହେଉଥିଲେ.................ସ୍ୱାମୀ ବିବେକାନନ୍ଦ ଏବଂ ଆମ [illegible] ପ୍ରଧାନ ସଂସ୍କାରକ-ମାନଙ୍କର ପାଦତଳେ ବସି ଓ ଶିକ୍ଷିତ ମଧ୍ୟ ଥିଲୁ । କିନ୍ତୁ ସେମାନେ ତାହାକୁ ଉପେକ୍ଷା କରିନାହାନ୍ତି । ସେମାନଙ୍କର ଦୃଷ୍ଟିଥିଲା ଊର୍ଦ୍ଧ୍ୱରେ—ଆଲୋକ ଅଭିମୁଖେ । ସ୍ୱାମୀଜୀ ଏବଂ ତାଙ୍କର ସେହି ଦୃଷ୍ଟି ଭଙ୍ଗୀରୁ ଆମେ ଦିଗଦର୍ଶନ ପାଇବା । ଫଳରେ ଆମେ ଅତୀତକୁ ବୁଝିପାରିବା ଏବଂ ଆଲୋକ ପଥ ଅନୁସରଣ କରି ଭବିଷ୍ୟତ ଅଭିମୁଖେ ଅଗ୍ରସର ହୋଇପାରିବା ।

ଶ୍ରୀମତୀ ଇନ୍ଦିରା ଗାନ୍ଧୀ

“ ଅନ୍ୟ ଲୋକଙ୍କପରି ରାମକୃଷ୍ଣଙ୍କର ବେଶଭୂଷା ନଥିଲା, ଅଳଙ୍କାର ନଥିଲା । ଯାହା ଥିଲା ତାହା ତାଙ୍କ ଜୀବନର ଅତଳ ଗଭୀରକୁ ଗୋପନ ନ ରଖି ପ୍ରକାଶ କରି ଦେଉଥିଲା । ...... ତାଙ୍କ ମଧ୍ୟ ଦେଇ ଭଗବାନ ପରିସ୍ଫୁଟ ହେଉଥିଲେ, କାରଣ ସେ ଯେତେବେଳେ କଥା କହୁଥିଲେ, ସେତେବେଳେ ସେ ଭଗବାନଙ୍କ-ଠାରେ ନିମଗ୍ନ ହୋଇଯାଉଥିଲେ । ...... .. ସେ ଦୁଃଖର ସନ୍ଧାନ କରୁଥିଲେ, ଦୁଃଖକୁ ନିଜମଧ୍ୟରେ ଗ୍ରହଣ କରିନେଉଥିଲେ । କିନ୍ତୁ ଦୁଃଖ ତାଙ୍କମଧ୍ୟରେ ବିଲୁପ୍ତ ହୋଇଯାଉଥିଲା । ତାଙ୍କ କ୍ଷେତ୍ରରେ ବିଷର୍ଣ୍ଣ, ବିରୂପ, ବିରସ କିଛି କାନ୍ଦି ପାରୁନଥିଲା । ସେ ଥିଲେ ମନୁଷ୍ୟର ମହାନ୍ ଶୁଦ୍ଧିଦାତା । .......... ତାଙ୍କର ଥିଲା ଆଧ୍ୟାତ୍ମିକ ଅଭିଜ୍ଞତାର ଅତୁଳନୀୟ ସମ୍ପଦ, ତୁଳନା ଓ ଉପମାର ଅଫୁରନ୍ତ ଭଣ୍ଡାର, ଲକ୍ଷ୍ୟ କରିବାର ଅତୁଳନୀୟ ଶକ୍ତି, ସରସ ସହାସ୍ୟ ରସିକତା, ସମସ୍ତଙ୍କ ପ୍ରତି ସମାନ ସହାନୁଭୂତି ଏବଂ ଅବିରାମ ଅନର୍ଗଳ ଜ୍ଞାନ । ........ ଜଣେ ଶିଷ୍ୟ ରାମକୃଷ୍ଣଙ୍କୁ ପଚାରିଥିଲେ, ଆପଣ ଏତେ ଜ୍ଞାନର ଅଧିକାରୀ କିପରି ହେଲେ ? ରାମକୃଷ୍ଣ ଉତ୍ତରରେ କହିଲେ, ମୁଁ ପଢ଼ିନାହିଁ, ପଣ୍ଡିତ ବ୍ୟକ୍ତିମାନଙ୍କ ମୁହଁରୁ ଶୁଣିଛି । ମୁଁ ସେମାନଙ୍କର ଜ୍ଞାନରୁ ହାର ରଚନା କରି ଗଳାରେ ପିନ୍ଧିଛି ଏବଂ ମାଆଙ୍କ ଚରଣରେ ଏହି ମାଳା ଅର୍ଘ୍ୟରୂପେ ଅର୍ପଣ କରିଛି । ..........ରାମକୃଷ୍ଣଙ୍କ ଶରୀରପଟେ ଖେଳି ବୁଲୁଥିଲା ଆନନ୍ଦ ଓ ମୁକ୍ତିର ମଳୟାନୀଳ ।”

ରୋମାଁ ରୋଲାଁ

## ମହତ୍ ବାଣୀ

• ତୁମେସବୁ କାମରେ ଲାଗିଯାଅ, ଦେଖିବ ଏତେ ପ୍ରବଳ ଶକ୍ତି ତୁମର ହେବ ଯେ, ତୁମେ ତାହା ସମ୍ଭାଳି ପାରିବ ନାହିଁ । ପରାର୍ଥେ ଏତେ ଟିକିଏ କାମ କଲେ ଭିତରର ଶକ୍ତି ଜାଗି ଉଠେ, ପରପାଇଁ ସାମାନ୍ୟ ମାତ୍ର ଭାବିଲେ କ୍ରମେ ହୃଦୟରେ ସିଂହବଳର ସଞ୍ଚାର ହୁଏ । ତୁମମାନଙ୍କୁ ମୁଁ ଏତେ ଭଲପାଏ, କିନ୍ତୁ ଇଚ୍ଛା ହୁଏ, ତୁମେ ସବୁ ପରପାଇଁ ଖଟି ଖଟି ମରିଯାଅ—ମୁଁ ଦେଖି ଖୁସି ହୁଏ ।

• ଗାଆଁକୁ ଗାଆଁ, ଘରକୁ ଘର ପହଞ୍ଚିଯାଅ; ମାନବର, ଜଗତର କଲ୍ୟାଣ କର । ଅନ୍ୟମାନଙ୍କର ମୁକ୍ତି ହାସଲ ପାଇଁ ନିଜେ ନର୍କକୁ ଯାଅ । ଆରେ, ମୃତ୍ୟୁ ଯେତେବେଳେ ଅନିବାର୍ଯ୍ୟ, ସେତେବେଳେ ମାଟିଗୋଡ଼ି ପରି ମରିବା ଅପେକ୍ଷା ବୀର ପରି ମରିବା କ'ଣ ଭଲନୁହେଁ ? ..........ଦହଳି ଲାଗି ନଷ୍ଟ ହୋଇ-ଯିବା ଅପେକ୍ଷା ଖଟି ଖଟି କ୍ଷୟ ହୋଇଯିବା ଭଲ—ବିଶେଷତଃ ଅପରର ସାମାନ୍ୟତମ କଲ୍ୟାଣ ଲାଗି ସଂଗ୍ରାମ କରି କରି ମରିଯିବା ଭଲ ।

• ଆଗେଇ ଯାଅ, ଆଗେଇ ଯାଅ । ଶେଷ ନିଃଶ୍ୱାସ ପର୍ଯ୍ୟନ୍ତ ଗରିବ, ପଦଦଳିତଙ୍କ ପ୍ରତି ସହାନୁଭୂତିଶୀଳ ହେବା—ଏହାହିଁ ଆମମାନଙ୍କର ମୂଳମନ୍ତ୍ର । ବୀରହୃଦୟ ଯୁବକବୃନ୍ଦ, ଆଗେଇ ଯାଅ ! ଭଗବାନଙ୍କଠାରେ ବିଶ୍ୱାସ ରଖ । ଚାଲାକିର ଆବ-ଶ୍ୟକତା ନାହିଁ, ଚାଲାକି ଦ୍ୱାରା କୌଣସି କିଛି ହୁଏ ନାହିଁ । ଦୁଃଖୀ-ମାନଙ୍କର ବ୍ୟଥା ଅନୁଭବ କର ଏବଂ ଭଗବାନଙ୍କ ନିକଟରେ ସାହାଯ୍ୟ ପାର୍ଥନା କର—ସାହାଯ୍ୟ ଆସିବ ହିଁ ଆସିବ ।

ବିବେକାନନ୍ଦ

# ଉତ୍କଳ ପ୍ରସଙ୍ଗ ଓ ଓଡ଼ିଶା ରିଭ୍ୟୁ ପାଇଁ ଲେଖା ଆବଶ୍ୟକ

ଓଡ଼ିଶା ରାଜ୍ୟ ସରକାରଙ୍କ ଆନୁକୂଲ୍ୟରେ ପ୍ରକାଶ ପାଉଥିବା ଦୁଇଟି ପତ୍ରିକା 'ଉତ୍କଳ ପ୍ରସଙ୍ଗ' ଓ 'ଓଡ଼ିଶା ରିଭ୍ୟୁ' ପାଇଁ ଲବ୍ଧ ପ୍ରତିଷ୍ଠିତ ଲେଖକ, ଗବେଷଣାକାରୀ ଓ ଗ୍ରନ୍ଥାକାରମାନଙ୍କଠାରୁ ଉଭୟ ଇଂରାଜୀ ଓ ଓଡ଼ିଆ ଭାଷାରେ ରାଜ୍ୟର ବିଭିନ୍ନ କ୍ଷେତ୍ର ଅର୍ଥାତ୍ ପ୍ରାଚ୍ୟବିଦ୍ୟା, ଐତିହାସିକ ଘଟଣାବଳୀ ସହିତ ଓଡ଼ିଶାର ପ୍ରସଙ୍ଗ, ଓଡ଼ିଶାର ଜଙ୍ଗଲ ତଥା ବନ୍ୟପ୍ରାଣୀ ସମ୍ପଦ, ନୃତତ୍ତ୍ୱ, ପରମ୍ପରା ଓ ଆଚାରବିଧି, ସଂସ୍କୃତି, ଶିକ୍ଷା, କୃଷି, ଶିଳ୍ପ ଉନ୍ନୟନ, ଗ୍ରାମାଞ୍ଚଳ ଉନ୍ନୟନ ଓ ପରିକଳ୍ପନା, ବ୍ୟବସାୟ, ବାଣିଜ୍ୟ, ସାମାଜିକ ଓ ଅର୍ଥନୈତିକ ପ୍ରଗତି, ମନସ୍ତତ୍ତ୍ୱ, ଶାସନ ପଦ୍ଧତି ପର୍ଯ୍ୟଟନ ପୀଠସ୍ଥଳୀ, ପରିବେଶ ସମ୍ପର୍କୀୟ ତଥ୍ୟ, ପର୍ଯ୍ୟଟନ, ବନ୍ୟପ୍ରାଣୀ, ପ୍ରତ୍ନତତ୍ତ୍ୱ ଓ ବିଂଶସୂତ୍ରୀ କାର୍ଯ୍ୟକ୍ରମ ରୂପରେଖ ପ୍ରଭୃତି ସମ୍ପର୍କରେ ଲେଖାମାନ ସଂଗ୍ରହ କରାଯାଉଛି । ସମ୍ପାଦନା ଓ ମୁଦ୍ରଣ କାର୍ଯ୍ୟର ସୁବିଧା ନିମନ୍ତେ ଲେଖକମାନେ ଫୁଲସ୍କେପ୍ କାଗଜର ଗୋଟିଏ ପୃଷ୍ଠାରେ ଯଥେଷ୍ଟ ମାର୍ଜିନ୍ ରଖି ସେମାନଙ୍କ ଲେଖାରୁ ସୁନ୍ଦର ଅକ୍ଷର ବା ଟାଇପ୍ କରି ତହିଁର ଦୁଇକିତା ନକଲ ପଠାଇବା ଆବଶ୍ୟକ । ପ୍ରକାଶନ ଯୋଗ୍ୟ ଲେଖାଗୁଡ଼ିକ ଲାଗି ଲେଖକମାନଙ୍କୁ ପାରିତୋଷିକ ଦିଆଯିବ ଓ ପ୍ରକାଶନ ଉପଯୋଗୀ ନ ହେବା ଲେଖାଗୁଡ଼ିକୁ ଲେଖକମାନଙ୍କୁ ଫେରସ୍ତ ଦିଆଯିବ । ଲେଖାଗୁଡ଼ିକ 'ଉତ୍କଳ ପ୍ରସଙ୍ଗ' ଓ 'ଓଡ଼ିଶା ରିଭ୍ୟୁ'ର ସମ୍ପାଦକ, ସୂଚନା ଓ ଲୋକସମ୍ପର୍କ ବିଭାଗ ଓଡ଼ିଶା, ଭୁବନେଶ୍ୱର 751001 ଙ୍କ ଠିକଣାରେ ପଠାଇବାକୁ ଅନୁରୋଧ ।

ନିର୍ଦ୍ଦେଶକ, ସୂଚନା ଓ ଲୋକ ସମ୍ପର୍କ
ଓଡ଼ିଶା, ଭୁବନେଶ୍ୱର

OGP—MP-VI—(I.&P.R.) 75—6,000—24-2-87



ଓଡ଼ିଶାରେ ଡେନ୍‌ମାର୍କ ପ୍ରଧାନମନ୍ତ୍ରୀଙ୍କୁ ସମ୍ବର୍ଦ୍ଧନା .




—Licensed to post without Pre-Payment









ଉତ୍କଳ ପ୍ରସଙ୍ଗ
ଉତ୍କଳ ଦିବସ ବିଶେଷାଙ୍କ